ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ଅକ୍ଟୋବର ୨୦୨୪ ସଂସ୍କରଣ



କଥା ଓ କାହାଣୀ
ପଦ୍ୟ ଓ କବିତା
ହାସ୍ୟ ଓ ବ୍ୟଙ୍ଗ
ଇତିହାସ ଓ ପ୍ରବନ୍ଧ
ଅନୁବାଦ ସାହିତ୍ୟ
ସମ୍ବଲପୁରୀ ଲେଖା
ଶିଶୁ କଥା
ଏବଂ
ଆହୁରି ଅନେକ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା

 Magazine Downloaded from https://www.aahwaan.com

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା



ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା - ସମ୍ପାଦକ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍

ଫ୍ଲାଟ୍ ସଂ: ୨୦୨, ଚିଦାନନ୍ଦ ଆବାସ, ବୀମା ନଗର, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ : ୯୦୪ ୦୯୮ ୫୪୬୩ | ଇମେଲ୍ : aahwaan@gmail.com

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସାର୍ବଜନୀନ ସ୍ପଷ୍ଟୀକରଣ

'ଆହ୍ୱାନ' ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ । ଲେଖା ପ୍ରକାଶନର ଅଧିକାର ସମ୍ପାଦକଙ୍କ ବିଚାର ଅଧୀନ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।




**ଶାରଦୀୟ ପୂଜୋତ୍ସବ ଉପଲକ୍ଷେ ଆହ୍ୱାନ ଓଡ଼ିଆ ପରିବାରର ସମସ୍ତ ସଦସ୍ୟଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା...**

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସୂଚୀପତ୍ର


| | | |
|---|---|---|
| ସମ୍ପାଦକୀୟ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୧୧ |
| ଜାଭିଏର୍ସ ଇନ୍‌ଷ୍ଟିଟ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟର୍ ବାର୍ଷିକ ଉତ୍କର୍ଷ ସମ୍ମିଳନୀ | | ୩୧ |
| **ପୋଡ଼କାଷ୍ଟ ବିଭାଗ** | | **୩୫** |
| **ଗଳ୍ପ ବିଭାଗ** | | **୪୨** |
| ଅନେକ କଳାଛାଇ - ୨୦ | ଅଶୋକ ବିଶ୍ୱାଳ | ୪୩ |
| ନଷ୍ଟ ଲୋକର ଗତି | ଅଭୟ କୁଣ୍ଡ | ୫୫ |
| ଶ୍ରାଦ୍ଧ | ସିଦ୍ଧେଶ୍ୱର ତ୍ରିପାଠୀ | ୫୮ |
| ବୁଢ଼ା ବାପା, ବୁଢ଼ୀ ମାଆ | ଶୁଭାଙ୍ଗି ମଧୁସ୍ମିତା ବସ୍ତିଆ | ୬୧ |
| ମୋ ଗାଁ ଆକାଶ | ସୁନନ୍ଦା ମହାନ୍ତି | ୬୪ |
| ତୁମରି ଅପେକ୍ଷାରେ | ଅନନ୍ତ କୁମାର | ୬୭ |
| ଅନାମିକା ପ୍ରେମିକା | ବିରଞ୍ଚି ନାରାୟଣ ମିଶ୍ର | ୬୯ |
| ମାନିକ୍ ରାୟତାଙ୍କ୍ | ସୁଧାଂଶୁ ଶେଖର ଦ୍ୱିବେଦୀ | ୮୭ |
| କୋମା | ହେମନ୍ତ ସାହୁ | ୯୩ |
| ସ୍ୱାର୍ଥପର | ବୀଣା ନାୟକ | ୯୬ |
| କୃଷ୍ଣା | ବିନୟ ମହାପାତ୍ର | ୧୦୫ |
| ବାଲଟି | ସିଦ୍ଧେଶ୍ୱର ତ୍ରିପାଠୀ | ୧୨୫ |


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କବିତା ବିଭାଗ ୧୨୭


| | | |
|---|---|---|
| ସମ୍ପର୍କ | ଶିବନାରାୟଣ ଦାସ | ୧୨୮ |
| ଶରତର ଚିହ୍ନ | କିରନ୍ ସ୍ୱାଇଁ | ୧୩୨ |
| ବର୍ଷାକୁ ପ୍ରଶ୍ନଟିଏ | ଦିବ୍ୟଜ୍ୟୋତି ପଟ୍ଟନାୟକ | ୧୩୩ |
| ଆମ ଗାଁରେ ଆଉ ନାହିଁ | ନିତ୍ୟ ରଞ୍ଜନ ନନ୍ଦ | ୧୩୪ |
| ନୂଆ ଲେଖା | ନରେଶ ବେହେରା | ୧୩୮ |
| ମା ମଝିଘରିଆଣୀ | ପ୍ରଦୀପ ଜିଲିକାରା | ୧୩୯ |
| ଅବ୍ୟକ୍ତ କୋହ | ସନାତନ ଦାସ | ୧୪୧ |
| ନନ୍ଦ ଯଶୋଦା | ଅଲେଖ ମେହେର | ୧୪୩ |
| ଅବହେଳିତ ସଂସ୍କୃତି | ସୁହଂସ ଭୋଇ | ୧୪୪ |
| ଶରତର ମହୋଲ୍ଲାସ | ମନୋରଞ୍ଜନ ସୁରୁଜାଳ | ୧୪୫ |
| ଶହୀଦ୍ - ପାଞ୍ଚଟି ସ୍କେଚ୍ | ସୁଜିତ୍ କୁମାର ମିଶ୍ର | ୧୪୭ |
| କୁଆଡ଼େ ଗଲା ସେ ପିଲାଦିନ | ନୀଳମଣି ଚାନ୍ଦ | ୧୪୯ |
| ମୋ ଗୁରୁ | ଜୟନ୍ତ ଦାସ ପ୍ରଫୁଲ | ୧୫୦ |
| ଦୁଇ ଧାରା | ଅଶୁତୋଷ ମେହେର | ୧୫୨ |
| ଦୁର୍ଗା ପୂଜା | ବାସନ୍ତୀ ଲତା ଜେନା | ୧୫୩ |
| ଚାଲିଛି ଯେତିକି ବାଟ | ନିରଞ୍ଜନ ସାହୁ | ୧୫୫ |
| ପ୍ରୀତି | ଶିଲ୍ପାଲିପି ବେହେରା | ୧୫୬ |


Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com


| | | |
|---|---|---|
| ତୁମ ବିନା | ନନ୍ଦିତା ବଢ଼ାଇ | ୧୫୭ |
| ପ୍ରକୃତି | ପ୍ରଶାନ୍ତ ବ୍ରହ୍ମା | ୧୫୮ |
| ଆହେ ମଣିମା | ସିଦ୍ଧେଶ୍ୱର ତ୍ରିପାଠୀ | ୧୬୦ |
| ପ୍ରେୟସୀ ଜହ୍ନ | ଚନ୍ଦ୍ରକାନ୍ତ ଜେନା | ୧୬୧ |
| ଆଜିର ଜରୂରୀ ଟିକେ ଅଲଗା | ଜୟଶ୍ରୀ କ୍ରାନ୍ତି ପୂରବି ସାହୁ | ୧୬୩ |
| ତୁମପାଇଁ ଅନୁରାଗ | ଦିବାକର ନାୟକ | ୧୬୪ |
| ପିଆଜ | ସରୋଜ କୁମାର ସାହୁ | ୧୬୫ |
| ବର୍ଷା ପଣତ | କୀର୍ତ୍ତନ ସାହୁ | ୧୬୬ |
| ଏମିତି ଭାଇ ଜଗତେ ନାହିଁ | ଗଣେଶ ରାଉତ | ୧୬୭ |
| ଗାନ୍ଧୀଙ୍କୁ ଖୋଜୁଛି ଭାରତ ଭୂଇଁ | ଏଲିନା ଜେନା | ୧୬୮ |
| ସମୟ ବଦଳେ ନା ମଣିଷ | ଡଃ ନାରାୟଣ ଚନ୍ଦ୍ର ସେନାପତି | ୧୭୦ |
| | ସ୍ୱାଗତିକା ସାହୁ | ୧୭୨ |
| | ଦେବେନ୍ଦ୍ର ନାୟକ | ୧୭୫ |
| | ରମେଶ ଟାକ୍ରୀ | ୧୭୬ |
| | ସଂଯୁକ୍ତା ସାହୁ | ୧୭୭ |
| | ଭାସ୍କର ରାଉତ | ୧୭୮ |
| | ସନ୍ତୋଷ କୁମାର ସାହୁ | ୧୭୯ |
| | ପ୍ରଜ୍ଞାଲୀନ ସାହୁ | ୧୮୧ |


Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com


| | | |
|---|---|---|
| | ଛବିରାଣୀ ପତି | ୧୮୨ |
| | କଳ୍ପନା ବିନ୍ଧାଣୀ | ୧୮୪ |
| | ପଙ୍କଜିନୀ ଉପାଧ୍ୟାୟ | ୧୮୫ |
| | ନୂତନ କୁମାର ବେହେରା | ୧୮୭ |
| | ଲତା ବେହେରା | ୧୮୯ |
| | ବୀଣା ସାହୁ | ୧୯୧ |
| | ବିଦ୍ୟୁତପ୍ରଭା ମିଶ୍ର | ୧୯୨ |
| | ନିବେଦିତା ପଣ୍ଡା | ୧୯୩ |
| | ସୁନିତା ମହାନ୍ତି | ୧୯୫ |
| | ନଳିନୀ ପ୍ରଭା ମିଶ୍ର | ୧୯୭ |
| | ପ୍ରଜ୍ଞା ମହାପାତ୍ର | ୧୯୯ |
| | ରଶ୍ମିତା ରାଉତ | ୨୦୦ |
| | କଳ୍ପନା ରାୟ | ୨୦୧ |
| | ଅନୁପମା ବିଶ୍ୱାଳ | ୨୦୩ |
| ତଥାପି ମୋ ଗାଁ ହସୁଛି | ସୀମାଞ୍ଚଳ ପଣ୍ଡା | ୨୦୪ |
| ଅବ୍ୟକ୍ତ ବେଦନା | ଏଲିନା ପାଣିଗ୍ରାହୀ | ୨୦୬ |
| ଆଜି ବି ଖୋଜୁଛି ମୋ ମନ ତୁମକୁ | ସସ୍ମିତା ପଣ୍ଡା | ୨୦୮ |
| | ଶୁଭଲକ୍ଷ୍ମୀ ସେଠୀ | ୨୧୦ |


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com


| | | |
|---|---|---|
| ଆଗନ୍ତୁକ | ରଞ୍ଜିତା ଦାଶ | ୨୧୨ |
| ଯଶୋଦାଙ୍କ ଶୋକୋକ୍ତି | କୁଳମଣି ବାରିକ | ୨୧୫ |
| ଦୁଃଖୀ ଜନ ବନ୍ଧୁ | ନଳିନୀ ଦାଶ | ୨୧୭ |
| ରାଜରାସ୍ତାରେ ଜୀବନ | ସ୍ୱାଗତ ମିଶ୍ର | ୨୧୮ |
| ପିଏଚଡ଼ି | ନିହାର ରଞ୍ଜନ ସାବତ | ୨୨୧ |
| ହୃଦୟ | ହାସ୍ୟମୟୀ ରାଜ | ୨୨୨ |
| ଶ୍ମଶାନର ସରଳାର୍ଥ | ଶଙ୍କର ବିଶ୍ୱାଳ | ୨୨୪ |
| ମୋ କୋରାପୁଟ | ବୈଶାଖୀ ଦୀପ | ୨୨୭ |
| ମୂର୍ତ୍ତି | କବିତା ମେହେର | ୨୨୮ |
| ଲଘୁ ଯନ୍ତ୍ରଣା | ରୋହିତ କୁମାର ବାଡ଼ତ୍ୟା | ୨୨୯ |
| ବାକିଖିଆ | ବିନୟ ମିଶ୍ର | ୨୩୦ |
| ଲେଖିକା | ସୀମାରାଣୀ ଦାସ | ୨୩୧ |
| ବୋଉ ମଲା ପରେ | ଶିଶିର କୁମାର ପଣ୍ଡା | ୨୩୩ |
| ଅର୍ଥ | ଆକୁଳାନନ୍ଦ ପୃଷ୍ଟି | ୨୩୪ |
| ଚାହିଁଥିଲି ତୁମ ବାଟ | ତାରା ପ୍ରସାଦ ଜେନା | ୨୩୫ |
| କାଶତଣ୍ଡୀ | ସନ୍ଦୀପ ଶେଖର ଜେନା | ୨୩୭ |
| କର୍ମଯୋଗ | ଅମୃତନାରାୟଣ ଶତପଥୀ | ୨୩୮ |
| ଗୁଣ ଚିହ୍ନେ ଗୁଣିଆ | ବିଶ୍ୱରଞ୍ଜନ ମହାନ୍ତି | ୨୩୯ |


Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com


| | | |
|---|---|---|
| ମାତୃପୂଜା | ଦଣ୍ଡାସି ପ୍ରଧାନ | ୨୪୧ |
| ବୁଢ଼ାରଜା ଦଶହରା | ସଞ୍ଜୟ ନାଏକ | ୨୪୩ |
| **ପ୍ରବନ୍ଧ ବିଭାଗ** | | **୨୪୪** |
| ମା ଦୁର୍ଗା : ଏକ ଅନନ୍ୟ ପ୍ରେରଣା | ସ୍ୱାତିଶ୍ରୀ ପଣ୍ଡିତ | ୨୪୫ |
| ସ୍କ୍ରବ ଟାଇଫସ୍ ରୋଗ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୨୪୭ |
| ବିପ୍ଲବୀ ଭଗତ ସିଂହ | ଅକ୍ଷୟ କୁମାର ରାଉତ | ୨୫୦ |
| ଆତଙ୍କବାଦୀଙ୍କ ସମୂହ ବିନାଶ ଅପରିହାର୍ଯ୍ୟ | ଆଶୁତୋଷ ନାୟକ | ୨୫୫ |
| ବାସ୍ତବ ଉପଲବ୍ଧି | ଡଃ ଆର୍ଯ୍ୟକୁମାରୀ ପ୍ରଜ୍ଞା ପାରମିତା | ୨୬୦ |
| ଅନ୍ତରାଷ୍ଟ୍ରୀୟ ବୃଦ୍ଧଜନ ଦିବସ | ସଞ୍ଜୀବ କୁମାର ଦାସ | ୨୬୩ |
| ଅନେକ ସମସ୍ୟାର ସମାଧାନ : ଗାନ୍ଧୀ ବିଚାର | ପ୍ରଭାସ କୁମାର ମହାପାତ୍ର | ୨୬୬ |
| **ବିଶେଷ ସୂଚନା** | | **୨୭୩** |


ଆହ୍ୱାନ ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଇଚ୍ଛୁକ ବନ୍ଧୁମାନେ, ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର କିମ୍ବା ମୋବାଇଲରେ ଟାଇପ୍ କରି ଆମ ଇମେଲ୍ ଠିକଣାରେ ପଠାଇ ପାରିବେ । ଛବି, ହାତଲେଖା କିମ୍ବା ଅତ୍ୟଧିକ ବ୍ୟାକରଣତ୍ରୁଟି ଥିବା ଲେଖାକୁ ଗ୍ରହଣ କରାଯିବ ନାହିଁ । ଅଧିକ ସହାୟତା ପାଇଁ ଆମ ହ୍ୱାଟ୍ସଆପ୍ ନମ୍ବର ୯୦୪୦୯୮୫୪୬୩ରେ ଯୋଗାଯୋଗ କରି ପାରିବେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସମ୍ପାଦକୀୟ



ନମସ୍କାର

ଆହ୍ୱାନ ଇ-ପତ୍ରିକାର ଶାରଦୀୟ ସଂସ୍କରଣ ସହିତ ମୁଁ ଉପସ୍ଥିତ । ପ୍ରତିବର୍ଷ ଏହି ସମୟରେ ଓଡ଼ିଶାର ବାତାବରଣ ଉତ୍ସବମୁଖର ହୋଇ ଉଠେ ଏବଂ ଏହା ସହିତ ସାହିତ୍ୟ ଜଗତରେ ମଧ୍ୟ ଅନେକ ଉତ୍ସାହ ଓ ଉଦ୍ଦୀପନା ଦେଖିବାକୁ ମିଳିଥାଏ । ସାଧାରଣତଃ ସାହିତ୍ୟ ପତ୍ରିକାମାନଙ୍କର ବିଶେଷ ସଂସ୍କରଣମାନ ଏହି ସମୟରେ ପ୍ରକାଶିତ ହେଉଥିବାର ଦେଖିବାକୁ ମିଳେ । ବର୍ଷ ପରେ ବର୍ଷ ଓଡ଼ିଆ ପାଠକମାନଙ୍କ ଅନିଚ୍ଛା ହେତୁ ଧିରେ ଧିରେ ଶାରଦୀୟ ସଂସ୍କରଣମାନଙ୍କ ସଂଖ୍ୟା କମ ହେବାକୁ ଲାଗିଛି । ଚଳିତ ବର୍ଷ ସୋସିଆଲ୍ ମିଡ଼ିଆରେ ଜଣେ ବନ୍ଧୁ ପ୍ରଶ୍ନ ଉପସ୍ଥାପନ କରି କହିଥିଲେ ଯେ ଯଦି ପୂଜା ସଂସ୍କରଣ ଗୁଡ଼ିକର ଦରଦାମ କମ ହୁଅନ୍ତା ତା ହେଲେ ଅନେକେ ସେ ସବୁକୁ କିଣି ପଢ଼ିବାକୁ ଇଚ୍ଛା ଦେଖାଇଥାନ୍ତେ । ସେ କହିବାର ଅର୍ଥ ଅନେକ ହୋଇପାରେ । ସେମିତିରେ ବି ଯେଉଁ ରାଜ୍ୟର ଅଶୀ ପ୍ରତିଶତରୁ ଅଧିକ ଲୋକ ସରକାରଙ୍କ ଦୟାରେ ଚଳନ୍ତି, ପାଞ୍ଚଟଙ୍କିଆ ଆହାର ଓ ଟଙ୍କିକିଆ ଚାଉଳ କିଣନ୍ତି ସେମାନେ ସାହିତ୍ୟ ପତ୍ରିକା କିଣିବାର ସ୍ପୃହା ଦେଖାଇବେ କାହିଁକି । ଦ୍ୱିତୀୟତଃ ଯେଉଁ କିଛି ମୁଷ୍ଟିମେୟ ମଧ୍ୟମବର୍ଗ ରହିଛନ୍ତି, ଯେଉଁମାନେ ସ୍ୱେଚ୍ଛାରେ ପତ୍ରପତ୍ରିକା କ୍ରୟ କରୁଛନ୍ତି ସେମାନେ ମଧ୍ୟ ବଜାରରେ ହୁ ହୁ ହୋଇ ବଢୁଥିବା ଦରଦାମକୁ ଦେଖି ସାହିତ୍ୟ ପତ୍ରିକା ପାଇଁ ସ୍ପୃହା ଦେଖାଇବା ଅସମ୍ଭବ ହୋଇ ପଡୁଛି । ଆଉ ରହିଲେ ସ୍ୱଚ୍ଛଳ ବର୍ଗ, ଯେଉଁମାନେ ଚାହିଁଲେ ପତ୍ରପତ୍ରିକା କିଣି ପାରିବେ, ସେମାନଙ୍କ ପୃଷ୍ଠପୋଷକତା ହେତୁ ହିଁ ପତ୍ରପତ୍ରିକା ଚାଲୁଛି ବୋଲି କହି ହେବ । ସେ ଯା ହେଉ, ଲୋକମାନେ ଯେ ସାହିତ୍ୟ ପାଇଁ ପତ୍ରପତ୍ରିକା କିଣିବାକୁ ଚାହାନ୍ତି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନାହିଁ, ତାହା ସେହି ପୋଷ୍ଟରୁ ସ୍ପଷ୍ଟ ଭାବରେ ଜାଣି ହେଉଥିଲା । କାରଣ ଯଦି ଇଚ୍ଛା ଥାଏ ତା ହେଲେ ଉପାୟ ଆପେ ଆପେ ଆସିଯାଏ । କିନ୍ତୁ କାହାକୁ ଆକ୍ଷେପ କରିବା ବା ସମାଲୋଚନା କରିବା ପୂର୍ବରୁ ଆମେ ଧ୍ୟାନ ଦେବା ଯେ ସେ ଏହିଭଳି ପୋଷ୍ଟ ଟିଏ କାହିଁକି କରିଛନ୍ତି । କଣ ସତରେ ପୂଜା ପତ୍ରିକା ସବୁ ଏତେ ଅଧିକ ଦାମ ହୋଇ ଯାଇଛି ?

ସତ କଥା ହେଉଛି, ବଜାରରେ ଖୁଚୁରା ଦର ବହୁତ ବୃଦ୍ଧି ପାଇଛି, ଏହା କେବଳ ଖାଉଟି ସାମଗ୍ରୀ ନୁହେଁ ବରଂ କାଗଜ, କାଳି ଇତ୍ୟାଦିରେ ମଧ୍ୟ ଦୃଶ୍ୟମାନ ହେଉଛି । ଯଦି ଜଣେ ପ୍ରକାଶକ ପୁସ୍ତକଟିଏ ପ୍ରକାଶନ କରୁଛନ୍ତି ସେ ନିଶ୍ଚୟ ଏହି ଦରଦାମ ବୃଦ୍ଧିର ଶୀକାର ହୋଇଥିବେ ତେଣୁ ସେ ଉଚ୍ଚ ଦରରେ ନିଜ ପତ୍ରିକାକୁ ବିକ୍ରୟ କରିବାକୁ ବାଧ୍ୟ ହୋଇଥିବେ । ହେଲେ ଯୁଗ ସହ ତାଳ ଦେଇ ଅନେକ ଇ-ପତ୍ରିକା ମଧ୍ୟ ପ୍ରକାଶିତ ହେଉଛି । ଯାହା ସଂପୂର୍ଣ୍ଣତଃ ନିଃଶୁଳ୍କ ଉପଲବ୍ଧ ହେଉଛି । ପାଠକ ଗୋଷ୍ଠୀ ଚାହିଁଲେ ଏହି ସବୁ ପତ୍ରପତ୍ରିକାର ଆନନ୍ଦ ବି ନେଇ ପାରିବେ ।

ଦୀର୍ଘ ଉଣେଇଶି ବର୍ଷ ଧରି ନିରବଚ୍ଛିନ୍ନ ଭାବରେ ଆହ୍ୱାନ ଇ-ପତ୍ରିକା ପ୍ରକାଶିତ ହୋଇ ଆସୁଛି । ଆଶ୍ଚର୍ଯ୍ୟର କଥା ସାମାଜିକ ମାଧ୍ୟମରେ କେହି ଜଣେ ମଧ୍ୟ ଉକ୍ତ ବ୍ୟକ୍ତିଙ୍କୁ ଇ-ପତ୍ରିକା ମାନଙ୍କ ବିଷୟରେ ଜଣାଇ ନଥିଲେ । ସେ ଯା'ହେଉ । ଗରୀବ ଦେଶର ଲୋକ ଆମେ । ଆମର ଭାବନା ଓ ଖଣିଜ ସମ୍ପଦ ଅଜସ୍ର ହେଲେ ସୁଦ୍ଧା ଆମେ ଗରୀବ । ଦୀର୍ଘ ତିନି ଦଶନ୍ଧି ଭିତରେ ଓଡ଼ିଆରେ କୌଣସି ଆଖି ଦୃଶିଆ ଉନ୍ନତିମୂଳକ କାର୍ଯ୍ୟ ହୋଇନାହିଁ । କୌଣସି କଳ କାରଖାନା ସ୍ଥାପନ ହୋଇନାହିଁ । ଆମର ଯୁବପୀଢ଼ି ଏବେ ସୁଧା ଚାକିରୀ ଓ ବେଉସା ପାଇଁ ଅନ୍ୟ ରାଜ୍ୟ ଓ ବିଦେଶ ଉପରେ ନିର୍ଭର କରିବାକୁ ବାଧ୍ୟ ହେଉଛନ୍ତି । ତେଣୁ ଏଠାରେ ପତ୍ରପତ୍ରିକା ପ୍ରକାଶନ ଯେ ଏକ ଲାଭଜନକ ବ୍ୟାପାର ବୋଲି କହିବା ନିରର୍ଥକ । ଯଦି କୌଣସି ପ୍ରକାଶକ ପତ୍ରିକା ପ୍ରକାଶନ କରୁଛନ୍ତି ତା ହେଲେ ସେ ସମ୍ପୂର୍ଣ୍ଣତଃ ନିଜର ଇଚ୍ଛାଶକ୍ତି ଯୋଗୁଁ ହି ଏହା କରିବାକୁ ସକ୍ଷମ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହେଉଛନ୍ତି । କିମ୍ବା ସାହିତ୍ୟିକ ମାନଙ୍କ ସହାୟତାରେ ପତ୍ରିକାଟିଏ ଛାପିବାର ପ୍ରଚେଷ୍ଟା କରୁଛନ୍ତି । କିଛି କିଛି ଅନୁଦାନ ଓ ଅବଦାନ ଦେଇ ପତ୍ରିକା ପ୍ରକାଶନ କରିବା ବି ସମ୍ଭବ ହୋଇ ପାରୁଛି ।

ଭାରତର ଏକ ପ୍ରମୁଖ ଶାସ୍ତ୍ରୀୟ ଭାଷା ଭାବରେ ପ୍ରସିଦ୍ଧ ଓଡ଼ିଆ ଭାଷାରେ ପ୍ରକାଶିତ ପତ୍ରପତ୍ରିକାର ଚାହିଦା କମ ହେବା ଅତ୍ୟନ୍ତ ଦୁଃଖର ବିଷୟ । ଆଶା କରୁଛି ଏହି ଅଭାବକୁ ଆହ୍ୱାନ ଭଳି ଅନେକ ଇ-ପତ୍ରିକା ଅଚିରେ ପୂରଣ କରିବେ । ଆମ ଭାଷା ଓ ସାହିତ୍ୟର ଉନ୍ନତି ପାଇଁ ସମସ୍ତେ ଏକତ୍ରିତ ହୋଇ କାମ କରିଲେ ନିଶ୍ଚୟ ଆମେ ଆମ ଭବିଷ୍ୟତର ପୀଢ଼ିମାନଙ୍କୁ ସାହିତ୍ୟପ୍ରେମରେ ଓତପ୍ରୋତ ଭାବରେ ଜଡ଼ିତ କରାଇ ପାରିବା ।

ଗତ ମାସର କିଛି ଘଟଣା ଯାହା ଜନମାନସକୁ ଆନ୍ଦୋଳିତ କରିଥିଲା, ସେ ବିଷୟରେ ସମ୍ୟକ ଚର୍ଚ୍ଚା କରିବା ।

ବିଗତ ଦିନରେ ମହାରାଷ୍ଟ୍ର ରାଜ୍ୟର ପୁନେ ସହରରେ ଏକ ବହୁରାଷ୍ଟ୍ରୀୟ କମ୍ପାନୀରେ କାମ କରୁଥିବା ଜନୈକା ମହିଳା କର୍ମଚାରୀ ହଠାତ୍ ମୃତ୍ୟୁବରଣ କରିଲେ । ଏହିଭଳି ଅସ୍ୱାଭାବିକ ମୃତ୍ୟୁର ଅନେକ କାରଣ ଥାଇ ପାରେ, ହେଲେ ଏହି କ୍ଷେତ୍ରରେ ଶୁଣିବାକୁ ମିଳିଲା ଯେ ଅତ୍ୟଧିକ କାର୍ଯ୍ୟଭାର ଚାପରେ ସେ ମୃତ୍ୟୁବରଣ କରିଛନ୍ତି । ଏହିଭଳି ବି ହୋଇପାରେ ବୋଲି ଆମେ ଛାତ୍ରଛାତ୍ରୀ ଥିବା ସମୟରେ ପାଠରେ ପଢିଥିଲୁ, ହେଲେ କେବେ ଦେଖିବାକୁ ପାଇନଥିଲୁ । ସେ ଯା'ହେଉ, ମହିଳା ବା କହିବା ଉଚିତ ହେବ କନ୍ୟା ଜଣକ ସ୍ୱଳ୍ପବୟସ୍କା ଥିଲେ ଏବଂ ଅଳ୍ପ କେଇମାସ ହିଁ ସେ ସେହି କମ୍ପାନୀରେ କାମ କରିଥିଲେ । ମୂଳତଃ କେରଳ ରାଜ୍ୟର ବାସିନ୍ଦା ଆନ୍ନା ସେବାସ୍ତିଆନ୍ ପେରୟିଲ୍ ଜଣେ ୨୬ ବର୍ଷ ବୟସ୍କା କର୍ମଚାରୀ ଥିଲେ । କୁହାଯାଉଛି ଯେ କମ୍ପାନୀର ଅତ୍ୟଧିକ କାମର ଚାପରେ ସେ ଅସହ୍ୟ ହୋଇ ହୃଦଘାତରେ ପ୍ରାଣ ହରାଇଲେ । ଶୁଣାଯାଉଛି ଯେଉଁ କମ୍ପାନୀରେ ସେ କାମ କରୁଥିଲେ ସେଇ କମ୍ପାନୀ ଭାରତରେ ୨୦୦୭ ମସିହାରେ କାମ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କରୁଥିବା ସତ୍ତ୍ୱେ ଲେବର ବିଭାଗରେ ରେଜିଷ୍ଟ୍ରେସନ ପାଇଁ ଫେବୃଆରୀ ୨୦୨୪ ମସିହାରେ ଆବେଦନ କରିଥିଲେ ଏବଂ ତାହା ସେମାନଙ୍କୁ ଦିଆଯାଇ ନଥିଲା । ଆନ୍ନାଙ୍କ ମାଆଙ୍କ କହିବା ଅନୁସାରେ କମ୍ପାନୀରେ କାମର ବୋଝ ଅତ୍ୟଧିକ ଥିଲା ଏବଂ ଏଥିପାଇଁ ତାଙ୍କୁ ସପ୍ତାହାନ୍ତରେ ମଧ୍ୟ ବିଳମ୍ବିତ ରାତି ପର୍ଯ୍ୟନ୍ତ କାମ ଦିଆଯାଉଥିଲା । ତେଣୁ ତାଙ୍କର ହୃଦଘାତରେ ମୃତ୍ୟୁ ହୋଇଗଲା ।

ଯଦି କମ୍ପାନୀରେ ଏତେ ମାତ୍ରାରେ କାମର ଚାପ ଥିଲା ତା ହେଲେ ଆନ୍ନା କମ୍ପାନୀ ଛାଡ଼ିଦେଲେ ନାହିଁ କାହିଁକି ? ଯଦିଓ ଆନ୍ନାଙ୍କ ମୃତ୍ୟୁର କାରଣ କମ୍ପାନୀର ନୀତିନିୟମ ଏଥିରେ ଦ୍ୱିମତ ନାହିଁ, କିନ୍ତୁ କମ୍ପାନୀ ତରଫରୁ ଦିଆଯାଇଥିବା ସ୍ପଷ୍ଟୀକରଣରେ କୁହାଯାଉଛି ଯେ କମ୍ପାନୀର ଦେଶବ୍ୟାପୀ ଅନେକ ଅଫିସରେ ଅନ୍ୟୁନ ଏକ ଲକ୍ଷରୁ ଅଧିକ କର୍ମଚାରୀ କାମ କରୁଛନ୍ତି ଏବଂ କମ୍ପାନୀ ପ୍ରତ୍ୟେକ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ବିଷୟରେ ସଚେତନ ଅଛନ୍ତି । ଏହା ଗୋଟିଏ ବିରଳ ଘଟଣା, ଯେଉଁଠି ଜଣେ କର୍ମଚାରୀ କାମର ବୋଝ ସମ୍ଭାଳି ନ ପାରି ମୃତ୍ୟୁବରଣ କରିଛନ୍ତି । ଅବଶ୍ୟ ମୃତ୍ୟୁର ଅନେକ କାରଣ ଥାଇ ପାରେ କିମ୍ବା ସେ କମ୍ପାନୀରେ କାମ କରିବା ପୂର୍ବରୁ ହିଁ ତାଙ୍କର ହୃଦୟ ଦୁର୍ବଳ ଥାଇ ପାରେ, ସେ ସବୁ ତଦନ୍ତର ଅଂଶ ଏବଂ ସେ ବିଷୟରେ ଆମେ କୌଣସି ମତ ଦେବା ଉଚିତ ହେବ ନାହିଁ । କଥା ହେଉଛି, ବର୍ତ୍ତମାନର ଦ୍ରୁତ ଗତିଶୀଳ ଯୁଗରେ ପ୍ରତ୍ୟେକ ଅନୁଷ୍ଠାନ ସ୍ୱଳ୍ପ ସମୟରେ ଅଧିକ କାମ କରିବାକୁ ଇଚ୍ଛା ପ୍ରକଟ କରୁଛନ୍ତି । ଏଥିପାଇଁ ପ୍ରାୟତଃ ଅନେକ କମ୍ପାନୀ କର୍ମଚାରୀ ମାନସିକ ଚାପଗ୍ରସ୍ତ ରହୁଛନ୍ତି । ଏହା ଉପରେ ପୁଣି କାମରୁ ଛଟେଇ କରି ଦିଆଯିବାର ଆଶଂକା ଅନେକଙ୍କୁ ଅଧିକ ଚାପଗ୍ରସ୍ତ କରି ଦେଉଛି ।

ଯୁଗ ବଦଳୁଛି, ଯୁଗ ସହ ତାଳ ଦେଇ ଆମ ପିଲାମାନେ ନୂଆ ଜଗତ ପାଇଁ ନିଜକୁ ପ୍ରସ୍ତୁତ କରି ସାରିଲେଣି । ଆମେ ଚାକିରୀ କରିବା ସମୟରେ କେଇ ଶହରୁ କେଇ ହଜାର ଦରମା ପାଉଥିଲୁ, ଏବେ ପିଲାମାନେ ଛଅ ଅଙ୍କରୁ କମ ଦରମାରେ କାମ କରିଲେ ଏହାକୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନିଜର ଅପମାନ ବୋଲି ଧରି ନେଉଛନ୍ତି । ଅଧିକରୁ ଅଧିକ ଆୟ କରିବାର ଏକ ଅସୁସ୍ଥ ପରମ୍ପରା ସୃଷ୍ଟି ହୋଇ ସାରିଛି । ଏଥିପାଇଁ କେବଳ ପିଲାମାନଙ୍କୁ ହିଁ ଦାୟୀ କରି ହେବ ନାହିଁ । ବସ୍ତୁତଃ ବାପାମା' ମାନେ ମଧ୍ୟ ଏଥିପାଇଁ ଦାୟୀ । ପିଲାଦିନରୁ ହିଁ ଆମେ ନିଜ ପିଲାଙ୍କୁ ଭଲ ସ୍କୁଲ କଲେଜରେ ପଢ଼ାଇ ସେମାନଙ୍କୁ ଏଭଳି ପ୍ରସ୍ତୁତ କରୁଛୁ ଯେ ସେମାନେ ଯେତେବେଳେ ନିଜର ଶିକ୍ଷାଦୀକ୍ଷା ସମାପନ କରିବେ ସେତେବେଳକୁ ସେମାନେ ଅଧିକ ଦାମର ଦରମା ପାଇ ପାରିବେ । କିଛି ପିତାମାତାଙ୍କ ପାଇଁ ଏହା ସ୍ୱପ୍ନ ଭଳି । ଭାରତରେ ବହୁ ରାଷ୍ଟ୍ରୀୟ କମ୍ପାନୀମାନଙ୍କ ଉପସ୍ଥିତି ଏହି ପରିସ୍ଥିତିକୁ ଆହୁରି ଜଟିଳ କରି ଦେଇଛି । ଶିକ୍ଷା ସମାପନ ପରେ ପ୍ରାୟତଃ ଅଧିକାଂଶ ପରିବାରର ପିଲାମାନେ ଏବେ ନିଜ ସହର ବା ରାଜ୍ୟରେ ନ ରହି ବାଙ୍ଗାଲୋର, ପୁନେ, ହାଇଦ୍ରାବାଦ, ଅହମଦାବାଦ୍ ଆଦି ସ୍ଥାନକୁ ପଳାଇବାକୁ ଇଚ୍ଛା ପ୍ରକଟ କରୁଛନ୍ତି । ସେଠାରେ ଭଲ ମୋଟା ଅଙ୍କର ଦରମା ପାଇବା ଏବଂ ସ୍ୱଚ୍ଛନ୍ଦ ଜୀବନଯାପନ କରିବାର ମୋହ ସେମାନଙ୍କୁ ଘରଠାରୁ ଦୂରେଇ ଦେଉଛି ।

ପିଲାଦିନୁ ଆମେ ନିଜ ପିଲାଙ୍କୁ ଭଲ ଶିକ୍ଷା ସିନା ଦେଇ ପାରିଲେ ହେଲେ ଜୀବନରେ ଆସୁଥିବା ମାନସିକ ଚାପର ସମ୍ମୁଖୀନ ହେବାଭଳି ଜ୍ଞାନ ଦେବାକୁ ଭୁଲିଗଲେ, କିମ୍ବା ଏଭଳି ବି କହି ପାରିବା ଯେ ସେ ସବୁ ବିଷୟକୁ ପିଲାଙ୍କୁ ଶିଖାଇବାକୁ ସମୟ ପାଇଲେନି କିମ୍ବା ଇଚ୍ଛା କଲେନି । ପିଲାମାନେ ଛୋଟ ବେଳୁ ହିଁ ବାହାରେ ରହୁଥିବା ପରିବାରର ସଦସ୍ୟ କିମ୍ବା ବନ୍ଧୁମାନଙ୍କ ଭାଇ ଭଉଣୀମାନଙ୍କୁ ଦେଖି ସେମାନଙ୍କ ପଦାଙ୍କ ଅନୁସରଣ କରିବାକୁ ଲାଗିଗଲେ । ସେମାନେ ନିଜ ପରିବାରକୁ ଏତେ ଗୁରୁତ୍ୱ ଦେଲେ ନାହିଁ । ପରିବାର ବ୍ୟବସ୍ଥା ସେମିତିରେ ବି ଅଶୀ ଓ ନବେ ଦଶକ ପରେ ଦୁର୍ବଳ ହେବାରେ ଲାଗିଥିଲା । ଯୌଥ ପରିବାର ଉହ୍ୟ ହୋଇ ଏବେ ନ୍ୟୁକ୍ଲିୟାର୍ ବା ଏକକ ପରିବାର ଦେଖିବାକୁ ମିଳୁଛି । କେବଳ ବାପା ମାଆ ଓ ପିଲାମାନେ । ଅଧିକାଂଶ ପରିବାରରେ କେବଳ ଜଣେ ବା ଅତି ଅଧିକରେ ଦୁଇଜଣ ସନ୍ତାନ । ସେମାନେ ପରସ୍ପର ସହ ସମୟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କମ ବିତାନ୍ତି ଅଧିକ ସମୟ ଭବିଷ୍ୟତ ମୋହରେ ଧାଇଁବାରେ ବ୍ୟସ୍ତ ରହୁଛନ୍ତି ।

ବର୍ତ୍ତମାନ ଆମେ ଏହି ମାମଲା ଦେଖିବା ପରେ ଆମକୁ ଧ୍ୟାନ ଦେଇ ଦେଖିବାକୁ ଏବଂ  ବୁଝିବାକୁ ପଡ଼ିବ, କେଉଁ ସବୁ କାରଣରୁ ଆମ ପିଲାମାନେ ଚାପଗ୍ରସ୍ତ ହୋଇ ପଡୁଛନ୍ତି ।

ପ୍ରଥମତଃ ନିଜର ବନ୍ଧୁମାନଙ୍କ ଦ୍ୱାରା ହିଁ ମାନସିକ ଚାପ ସୃଷ୍ଟି ହେଉଛି । ଯଦି କେହି ବନ୍ଧୁ ପାଠ ପଢ଼ା ହେଉ ଅବା ଚାକିରୀରେ ଉନ୍ନତି କରୁଛି ତା ହେଲେ ତାହାର ଚାପ ଅନ୍ୟମାନଙ୍କ ଉପରେ ପଡ଼େ । ଏକାଠି ପାଠ ପଢୁଥିବା ବା ଚାକିରୀ କରୁଥିବା ବନ୍ଧୁଜଣଙ୍କର ପଦୋନ୍ନତି ହେଲେ ପିଲାମାନେ ସ୍ୱତଃ ଚିନ୍ତିତ ହୋଇ ଯାଆନ୍ତି ଏବଂ ଏହାକୁ ନିଜର ବିଫଳତା ବୋଲି ମଧ୍ୟ ଧରି ନିଅନ୍ତି ।

ଦ୍ୱିତୀୟତଃ ସମାଜ କାରଣ, ସମାଜ ଚାହେଁ ଆପଣ ସବୁବେଳେ ସଫଳ ହୁଅନ୍ତୁ । ଯଦି ଆପଣ ବିଫଳ ତା ହେଲେ କିଛି ଲୋକ ଆପଣଙ୍କୁ ଅପମାନିତ କରିବାକୁ ମଧ୍ୟ ପଛାନ୍ତି ନାହିଁ । ଏହା ଅତ୍ୟନ୍ତ ଭୟଙ୍କର ବିଷୟ । ସବୁବେଳେ ଲୋକମାନେ ଆପଣଙ୍କୁ ଅନ୍ୟମାନଙ୍କ ସହ ତୁଳନା କରିବେ ଏବଂ ଏଥିପାଇଁ ପିଲାମାନଙ୍କୁ ମାନସିକ ଚାପ ହେବ ହିଁ ହେବ ।

ତୃତୀୟତଃ ସବୁଠାରୁ ଅଧିକ ଚାପ ଘରୁ ହିଁ ହୋଇଥାଏ । ପିତାମାତା ଅଧିକ ଆଶା ରଖିଲେ ସେଇ ଚାପ ପିଲାମାନଙ୍କ ଉପରେ ପ୍ରତିଫଳିତ ହୁଏ । ପିତାମାତା କେବଳ ନିଜର ଫାଇଦା ଦେଖିବା ଫଳରେ ଅଧିକ ଭଲ କରିବାର ଚାପ ପିଲାଙ୍କ ଉପରେ ପଡୁଛି । କିଛି ପିତାମାତା ନିଜ ଜୀବନରେ ବିଫଳ ହୋଇଥିବା ଯୋଗୁଁ ସେମାନେ ନିଜ ପିଲାଙ୍କ ଉପରେ ନିଜ ସ୍ୱପ୍ନର ବୋଝ ପକାଇ ଦେଉଛନ୍ତି । ଯାହା ପିଲାଙ୍କୁ ଚାପଗ୍ରସ୍ତ କରୁଛି । ଜନ୍ମ ପରେ ହିଁ କିଛି ପିତାମାତା ନିଜ ପିଲାଙ୍କୁ ଡାକ୍ତର ବା ଇଞ୍ଜିନିୟର୍ କରିବା ସ୍ୱପ୍ନ ନେଇ ପିଲାଙ୍କୁ ଶିକ୍ଷାଦାନ କରନ୍ତି ଏବଂ ଏଥିରେ ସେମାନଙ୍କ ଶିକ୍ଷକମାନେ ମଧ୍ୟ ଉଣା ଅଧିକେ ପିଲାଙ୍କୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଚାପ ଦିଅନ୍ତି । ଉଭୟ ପକ୍ଷରୁ ଚାପଗ୍ରସ୍ତ ପିଲା ବେଳେ ବେଳେ ଅତ୍ୟଧିକ ଚାପ ସହ୍ୟ କରି ପାରନ୍ତି ନାହିଁ ।

ଅନେକ ପରିବାରରେ ପିଲାମାନଙ୍କ ଭଲମନ୍ଦ ବୁଝିବା ପରିବର୍ତ୍ତେ କଥା କଥାକେ ଗାଳିଗୁଲଜ କରାଯାଏ ଏବଂ ବାରମ୍ବାର ସେମାନଙ୍କୁ କେବଳ ଭଲ ପଢ଼ିବା ଏବଂ ଅଧିକ ଅଙ୍କ ରଖିବା ପାଇଁ ବାଧ୍ୟ କରାଯାଏ, ବସ୍ତୁତଃ ପିଲାମାନଙ୍କୁ ରୋବୋଟ୍ ଭଳି ଗଢ଼ି ତୋଳିବା ଅନେକ ପିତାମାତାଙ୍କ ଲକ୍ଷ୍ୟ ହୋଇଥାଏ ।

ଟିଭି ଓ ସୋସିଆଲ୍ ମିଡ଼ିଆରେ ଅନ୍ୟ ପିଲାମାନେ କରୁଥିବା କାର୍ଯ୍ୟକ୍ରମ ସବୁ ଦେଖି ସେମାନଙ୍କୁ ପ୍ରଶଂସା କରୁଥିବା ସ୍ଥଳରେ ନିଜ ପିଲାଙ୍କୁ କିନ୍ତୁ ଖେଳକୁଦ, ନାଚ ଗୀତ ଆଦି ପ୍ରତି ବିମୁଖ କରାଇବାକୁ ସବୁବେଳେ ଚେଷ୍ଟା କରାଯାଏ । ନିଜ ପିଲାଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ପ୍ରଚେଷ୍ଟା ନ କରି କେବଳ ପାଠବହି ଓ ବିଦ୍ୟା ଅଧ୍ୟୟନରେ ସଫଳତାକୁ ହିଁ ସବୁ କିଛି ବୋଲି ସେମାନଙ୍କୁ ବାରମ୍ବାର କୁହାଯାଏ ।

ଅନେକ ପିତାମାତା ପିଲାଙ୍କୁ ବୁଝିବା ପରିବର୍ତ୍ତେ ସେମାନଙ୍କୁ ଅନ୍ୟମାନଙ୍କ ସହ ତୁଳନା କରନ୍ତି ଯାହା ଆଦୌ କରିବା ଉଚିତ ନୁହେଁ । ସଫଳ ହୋଇଥିବା ପିଲାଙ୍କ ସହ ନିଜ ପିଲାର ତୂଳନା କରିବା ଦ୍ୱାରା ପିଲାମାନେ ଭଲ କରିବା ଅପେକ୍ଷା ଅଧିକ ଚାପଗ୍ରସ୍ତ ହୁଅନ୍ତି ।

ଆଜିକାଲି ପିଲାମାନେ ବ୍ରାଣ୍ଡ କୁ ନେଇ ବେଶ ସଚେତନ । ଦାମ ଯାହା ବି ହେଉ ନା କାହିଁକି କେବଳ ପ୍ରସିଦ୍ଧ ବ୍ରାଣ୍ଡର ଜିନିଷ ହିଁ ବ୍ୟବହାର କରିବାକୁ ଇଚ୍ଛା ସେମାନଙ୍କୁ ଉଚ୍ଛାକାଂକ୍ଷୀ କରିଦେଉଛି । ଏଇ କିଛି ଦିନତଳେ ଆଇ ଫୋନର ନୁଆ ଭର୍ସନ୍ ଆସିବା ପରେ ଏହାକୁ କ୍ରୟ କରିବାପାଇଁ ଯୁବପୀଢ଼ି ଭିତରେ ଏତେ ବ୍ୟାକୁଳତା ଦେଖାଯାଇଥିଲା, ଯେ କିଛି ବ୍ୟକ୍ତି ଏଥିପାଇଁ ଏକୋଇଶି ଘଣ୍ଟା ପର୍ଯ୍ୟନ୍ତ ଧାଡ଼ିରେ ରହି ଅପେକ୍ଷା କରିଥିଲେ । ଏହିଭଳି ପାଗଳାମୀ ଏହି ପୀଢ଼ି ପାଇଁ ବିପଦଜନକ । ହେଲେ ବ୍ରାଣ୍ଡ ସମର୍ଥିତ ପଦାର୍ଥ କ୍ରୟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କରିବାପାଇଁ ଆବଶ୍ୟକ ହୁଏ ବହୁତ ଅର୍ଥ ଆଉ ଏହି ଅର୍ଥର ଅଭାବ ସେମାନଙ୍କୁ ଚାପଗ୍ରସ୍ତ କରିବାକୁ ଯଥେଷ୍ଟ । କହିବା ବାହୁଲ୍ୟ ଯେ ଭାରତରେ ପ୍ରତି ଶହେ ଜଣ ଆଇ ଫୋନ୍ ଗ୍ରାହକଙ୍କ ମଧ୍ୟରେ ସତୁରୀ ଜଣ ଋଣ କରି ଏହି ଫୋନକୁ କିଣନ୍ତି । ଏହିଭଳି ପୀଢ଼ି ସାମାନ୍ୟ ଅର୍ଥାଭାବକୁ କିଭଳି ଗ୍ରହଣ କରିବ ? ଏହିଭଳି ପରିସ୍ଥିତି କେବେ ସୃଷ୍ଟି ହେବ ବୋଲି ଆମେ କିମ୍ବା ଆମ ପିତାମାତା ଭାବିନଥିଲେ । ଏହିଭଳି ପରିସ୍ଥିତିକୁ ସମ୍ମୁଖୀନ ହେବାପାଇଁ କଣ କରିବା ଉଚିତ ହେବ ତାହା ମଧ୍ୟ ଆମକୁ ଶିଖାଇ ନଥିଲେ ।

ଶେଷରେ, ବିଫଳତାର ଭୟ ଅନେକ ପିଲାଙ୍କୁ ଅତ୍ୟଧିକ ଚାପଗ୍ରସ୍ତ କରାଏ । ବିଗତ ଦିନମାନଙ୍କରେ ଆପଣ ରାଜସ୍ଥାନର କୋଟା ସହରରେ ଥିବା ଅନେକ କୋଚିଙ୍ଗ୍ ସେଣ୍ଟରରେ ପିଲାମାନେ ଆତ୍ମହତ୍ୟା କରିବା ଘଟଣା ଏହା ହିଁ ତ ଦର୍ଶାଉଛି । ପ୍ରତିଯୋଗିତାମୂଳକ ପରୀକ୍ଷା ମାନଙ୍କରେ ଅତ୍ୟଧିକ ଅଙ୍କ ପାଇବାର ମୋହ ଆଜିର ପୀଢ଼ିକୁ ଅଧିକ ଜିଦଖୋର୍ କରି ଗଢ଼ି ତୋଳୁଛି । ପିତାମାନଙ୍କ ପ୍ରରୋଚନାରେ ସେମାନେ ଅଧିକ ଅର୍ଥ ବ୍ୟୟକରି ଅନେକ କୋଚିଂ ସେଣ୍ଟରରେ ଯୋଗ ଦେଉଛନ୍ତି ସିନା ହେଲେ ସେଠାରେ ଅଧିକ ଅଙ୍କ ପାଇବାର ପ୍ରତିଯୋଗିତା ସେମାନଙ୍କୁ ମାନସିକ ଭାବରେ ଚାପଗ୍ରସ୍ତ କରି ଦେଉଛି । ଏହି ସବୁ ଅନୁଷ୍ଠାନରେ ପଢୁଥିବା ଅଗଣିତ ଛାତ୍ରଛାତ୍ରୀ ବିଫଳ ହେଉଥିବା ବେଳେ କେବଳ ମୁଷ୍ଟିମେୟ ଛାତ୍ରଛାତ୍ରୀ ହିଁ ସଫଳ ହେଉଛନ୍ତି । ବିଫଳ ହେଉଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ଏହିଭଳି ଘଟଣା ଆଜୀବନ ଦୁଃଖଦାୟକ ହୋଇ ରହିଯାଉଛି । ଯାହା ସେମାନଙ୍କୁ ଅନ୍ୟ କ୍ଷେତ୍ରରେ ମଧ୍ୟ ସଫଳତା ଆଣି ଦେବାରେ ସକ୍ଷମ ହେଉନାହିଁ । ବିଫଳତାକୁ ସହଜରେ ଗ୍ରହଣ କରିବାକୁ ଆମକୁ ଆମ ସମାଜ ଓ ପରିବାର ଶିଖାଇ ନାହାନ୍ତି । ବିଫଳ ବ୍ୟକ୍ତିକୁ କେହି ଭଲ ପାଆନ୍ତି ନାହିଁ ।

ସ୍ୱଳ୍ପ ବୟସରେ ହିଁ ଯଦି ବ୍ୟକ୍ତିଙ୍କୁ ବିଫଳତା ମିଳେ ତାହେଲେ ସେ ଏହି ଘଟଣାରୁ ଅନେକ ଶିକ୍ଷା ଗ୍ରହଣ କରି ଭବିଷ୍ୟତକୁ ସୁଧାରି ପାରେ, କିନ୍ତୁ ଚାକିରୀ ଏବଂ ଉଚ୍ଚଶିକ୍ଷା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବେଳକୁ ବ୍ୟକ୍ତିମାନେ ବିଫଳତାକୁ ସହଜରେ ଗ୍ରହଣ କରି ପାରନ୍ତି ନାହିଁ । କାରଣ ବିଫଳତା ସମୟରେ ନା ପରିବାର ନା ସମାଜ କେହି ବି ସାହାଯ୍ୟ କରନ୍ତି ନାହିଁ । ତେଣୁ ମଧ୍ୟ ବ୍ୟକ୍ତିଙ୍କ ଉପରେ ଅତ୍ୟଧିକ ମାନସିକ ଚାପ ରହେ ।

ମାନସିକ ଚାପ ଅନେକ ରୋଗର କାରଣ ହୋଇପାରେ । ସାମାନ୍ୟ ଦୁର୍ବଳତାରୁ ଆରମ୍ଭ କରି ହୃଦଘାତ ଏବଂ ମସ୍ତିଷ୍କ ବିକୃତି ପର୍ଯ୍ୟନ୍ତ ଅନେକ ଘଟଣା ଦେଖା ଦେଇପାରେ । ତେଣୁ ଆମକୁ ନିଜ ପିଲାଙ୍କୁ ମାନସିକ ଚାପ ସହ କେମିତି ବଞ୍ଚିବାକୁ ହୁଏ ତାହା ଶିଖାଇବାକୁ ହେବ । ସେମାନଙ୍କୁ ପରିବାର ବ୍ୟବସ୍ଥାରେ ଭଲମନ୍ଦ, ସୁଖ ଦୁଃଖ ଆଦିରେ ପରିବାର କିଭଳି ସମ୍ମୁଖୀନ ହୁଏ ତାହା ଜଣାଇବାକୁ ହେବ । ନହେଲେ ଆମେ କେବଳ ଟଙ୍କା ଆୟ କରୁଥିବା ରୋବୋଟ୍ ସୃଷ୍ଟି କରି ଚାଲୁଥିବା ଯେଉଁମାନେ ସାମାନ୍ୟ ବିଫଳତାରେ ନିଜର ମାନସିକ ସ୍ଥିରତା ହରାଇ ପ୍ରାଣ ହରାଇବା ପର୍ଯ୍ୟନ୍ତ ବିପର୍ଯ୍ୟୟର ସମ୍ମୁଖୀନ ହେଉଥିବେ ।

ବିଗତ ଦିନରେ ମହାରାଷ୍ଟ୍ର ରାଜ୍ୟର ପୁନେ ସହରରେ ଏକ ବହୁରାଷ୍ଟ୍ରୀୟ କମ୍ପାନୀରେ କାମ କରୁଥିବା ଜନୈକା ମହିଳା କର୍ମଚାରୀ ହଠାତ୍ ମୃତ୍ୟୁବରଣ କରିଲେ । ଏହିଭଳି ଅସ୍ୱାଭାବିକ ମୃତ୍ୟୁର ଅନେକ କାରଣ ଥାଇ ପାରେ, ହେଲେ ଏହି କ୍ଷେତ୍ରରେ ଶୁଣିବାକୁ ମିଳିଲା ଯେ ଅତ୍ୟଧିକ କାର୍ଯ୍ୟଭାର ଚାପରେ ସେ ମୃତ୍ୟୁବରଣ କରିଛନ୍ତି । ଏହିଭଳି ବି ହୋଇପାରେ ବୋଲି ଆମେ ଛାତ୍ରଛାତ୍ରୀ ଥିବା ସମୟରେ ପାଠରେ ପଢିଥିଲୁ, ହେଲେ କେବେ ଦେଖିବାକୁ ପାଇନଥିଲୁ । ସେ ଯା'ହେଉ, ମହିଳା ବା କହିବା ଉଚିତ ହେବ କନ୍ୟା ଜଣକ ସ୍ୱଳ୍ପବୟସ୍କା ଥିଲେ ଏବଂ ଅଳ୍ପ କେଇମାସ ହିଁ ସେ ସେହି କମ୍ପାନୀରେ କାମ କରିଥିଲେ । ମୂଳତଃ କେରଳ ରାଜ୍ୟର ବାସିନ୍ଦା ଆନ୍ନା ସେବାସ୍ତିଆନ୍ ପେରୟିଲ୍ ଜଣେ ୨୬ ବର୍ଷ ବୟସ୍କା କର୍ମଚାରୀ ଥିଲେ । କୁହାଯାଉଛି ଯେ କମ୍ପାନୀର ଅତ୍ୟଧିକ କାମର ଚାପରେ ସେ ଅସହ୍ୟ ହୋଇ ହୃଦଘାତରେ ପ୍ରାଣ ହରାଇଲେ । ଶୁଣାଯାଉଛି ଯେଉଁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କମ୍ପାନୀରେ ସେ କାମ କରୁଥିଲେ ସେଇ କମ୍ପାନୀ ଭାରତରେ ୨୦୦୭ ମସିହାରେ କାମ କରୁଥିବା ସତ୍ତ୍ୱେ ଲେବର ବିଭାଗରେ ରେଜିଷ୍ଟ୍ରେସନ ପାଇଁ ଫେବୃଆରୀ ୨୦୨୪ ମସିହାରେ ଆବେଦନ କରିଥିଲେ ଏବଂ ତାହା ସେମାନଙ୍କୁ ଦିଆଯାଇ ନଥିଲା । ଆନ୍ନାଙ୍କ ମାଆଙ୍କ କହିବା ଅନୁସାରେ କମ୍ପାନୀରେ କାମର ବୋଝ ଅତ୍ୟଧିକ ଥିଲା ଏବଂ ଏଥିପାଇଁ ତାଙ୍କୁ ସପ୍ତାହାନ୍ତରେ ମଧ୍ୟ ବିଳମ୍ବିତ ରାତି ପର୍ଯ୍ୟନ୍ତ କାମ ଦିଆଯାଉଥିଲା । ତେଣୁ ତାଙ୍କର ହୃଦଘାତରେ ମୃତ୍ୟୁ ହୋଇଗଲା ।

ଯଦି କମ୍ପାନୀରେ ଏତେ ମାତ୍ରାରେ କାମର ଚାପ ଥିଲା ତା ହେଲେ ଆନ୍ନା କମ୍ପାନୀ ଛାଡ଼ିଦେଲେ ନାହିଁ କାହିଁକି ? ଯଦିଓ ଆନ୍ନାଙ୍କ ମୃତ୍ୟୁର କାରଣ କମ୍ପାନୀର ନୀତିନିୟମ ଏଥିରେ ଦ୍ୱିମତ ନାହିଁ, କିନ୍ତୁ କମ୍ପାନୀ ତରଫରୁ ଦିଆଯାଇଥିବା ସ୍ପଷ୍ଟୀକରଣରେ କୁହାଯାଉଛି ଯେ କମ୍ପାନୀର ଦେଶବ୍ୟାପୀ ଅନେକ ଅଫିସରେ ଅନ୍ୟୁନ ଏକ ଲକ୍ଷରୁ ଅଧିକ କର୍ମଚାରୀ କାମ କରୁଛନ୍ତି ଏବଂ କମ୍ପାନୀ ପ୍ରତ୍ୟେକ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ବିଷୟରେ ସଚେତନ ଅଛନ୍ତି । ଏହା ଗୋଟିଏ ବିରଳ ଘଟଣା, ଯେଉଁଠି ଜଣେ କର୍ମଚାରୀ କାମର ବୋଝ ସମ୍ଭାଳି ନ ପାରି ମୃତ୍ୟୁବରଣ କରିଛନ୍ତି । ଅବଶ୍ୟ ମୃତ୍ୟୁର ଅନେକ କାରଣ ଥାଇ ପାରେ କିମ୍ବା ସେ କମ୍ପାନୀରେ କାମ କରିବା ପୂର୍ବରୁ ହିଁ ତାଙ୍କର ହୃଦୟ ଦୁର୍ବଳ ଥାଇ ପାରେ, ସେ ସବୁ ତଦନ୍ତର ଅଂଶ ଏବଂ ସେ ବିଷୟରେ ଆମେ କୌଣସି ମତ ଦେବା ଉଚିତ ହେବ ନାହିଁ । କଥା ହେଉଛି, ବର୍ତ୍ତମାନର ଦ୍ରୁତ ଗତିଶୀଳ ଯୁଗରେ ପ୍ରତ୍ୟେକ ଅନୁଷ୍ଠାନ ସ୍ୱଳ୍ପ ସମୟରେ ଅଧିକ କାମ କରିବାକୁ ଇଚ୍ଛା ପ୍ରକଟ କରୁଛନ୍ତି । ଏଥିପାଇଁ ପ୍ରାୟତଃ ଅନେକ କମ୍ପାନୀ କର୍ମଚାରୀ ମାନସିକ ଚାପଗ୍ରସ୍ତ ରହୁଛନ୍ତି । ଏହା ଉପରେ ପୁଣି କାମରୁ ଛଟେଇ କରି ଦିଆଯିବାର ଆଶଂକା ଅନେକଙ୍କୁ ଅଧିକ ଚାପଗ୍ରସ୍ତ କରି ଦେଉଛି ।

ଯୁଗ ବଦଳୁଛି, ଯୁଗ ସହ ତାଳ ଦେଇ ଆମ ପିଲାମାନେ ନୂଆ ଜଗତ ପାଇଁ ନିଜକୁ ପ୍ରସ୍ତୁତ କରି ସାରିଲେଣି । ଆମେ ଚାକିରୀ କରିବା ସମୟରେ କେଇ ଶହରୁ କେଇ ହଜାର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦରମା ପାଉଥିଲୁ, ଏବେ ପିଲାମାନେ ଛଅ ଅଙ୍କରୁ କମ ଦରମାରେ କାମ କରିଲେ ଏହାକୁ ନିଜର ଅପମାନ ବୋଲି ଧରି ନେଉଛନ୍ତି । ଅଧିକରୁ ଅଧିକ ଆୟ କରିବାର ଏକ ଅସୁସ୍ଥ ପରମ୍ପରା ସୃଷ୍ଟି ହୋଇ ସାରିଛି । ଏଥିପାଇଁ କେବଳ ପିଲାମାନଙ୍କୁ ହିଁ ଦାୟୀ କରି ହେବ ନାହିଁ । ବସ୍ତୁତଃ ବାପାମା' ମାନେ ମଧ୍ୟ ଏଥିପାଇଁ ଦାୟୀ । ପିଲାଦିନରୁ ହିଁ ଆମେ ନିଜ ପିଲାଙ୍କୁ ଭଲ ସ୍କୁଲ କଲେଜରେ ପଢ଼ାଇ ସେମାନଙ୍କୁ ଏଭଳି ପ୍ରସ୍ତୁତ କରୁଛୁ ଯେ ସେମାନେ ଯେତେବେଳେ ନିଜର ଶିକ୍ଷାଦୀକ୍ଷା ସମାପନ କରିବେ ସେତେବେଳକୁ ସେମାନେ ଅଧିକ ଦାମର ଦରମା ପାଇ ପାରିବେ । କିଛି ପିତାମାତାଙ୍କ ପାଇଁ ଏହା ସ୍ୱପ୍ନ ଭଳି । ଭାରତରେ ବହୁ ରାଷ୍ଟ୍ରୀୟ କମ୍ପାନୀମାନଙ୍କ ଉପସ୍ଥିତି ଏହି ପରିସ୍ଥିତିକୁ ଆହୁରି ଜଟିଳ କରି ଦେଇଛି । ଶିକ୍ଷା ସମାପନ ପରେ ପ୍ରାୟତଃ ଅଧିକାଂଶ ପରିବାରର ପିଲାମାନେ ଏବେ ନିଜ ସହର ବା ରାଜ୍ୟରେ ନ ରହି ବାଙ୍ଗାଲୋର, ପୁନେ, ହାଇଦ୍ରାବାଦ, ଅହମଦାବାଦ୍ ଆଦି ସ୍ଥାନକୁ ପଳାଇବାକୁ ଇଚ୍ଛା ପ୍ରକଟ କରୁଛନ୍ତି । ସେଠାରେ ଭଲ ମୋଟା ଅଙ୍କର ଦରମା ପାଇବା ଏବଂ ସ୍ୱଚ୍ଛନ୍ଦ ଜୀବନଯାପନ କରିବାର ମୋହ ସେମାନଙ୍କୁ ଘରଠାରୁ ଦୂରେଇ ଦେଉଛି ।

ପିଲାଦିନୁ ଆମେ ନିଜ ପିଲାଙ୍କୁ ଭଲ ଶିକ୍ଷା ସିନା ଦେଇ ପାରିଲେ ହେଲେ ଜୀବନରେ ଆସୁଥିବା ମାନସିକ ଚାପର ସମ୍ମୁଖୀନ ହେବାଭଳି ଜ୍ଞାନ ଦେବାକୁ ଭୁଲିଗଲେ, କିମ୍ବା ଏଭଳି ବି କହି ପାରିବା ଯେ ସେ ସବୁ ବିଷୟକୁ ପିଲାଙ୍କୁ ଶିଖାଇବାକୁ ସମୟ ପାଇଲେନି କିମ୍ବା ଇଚ୍ଛା କଲେନି । ପିଲାମାନେ ଛୋଟ ବେଳୁ ହିଁ ବାହାରେ ରହୁଥିବା ପରିବାରର ସଦସ୍ୟ କିମ୍ବା ବନ୍ଧୁମାନଙ୍କ ଭାଇ ଭଉଣୀମାନଙ୍କୁ ଦେଖି ସେମାନଙ୍କ ପଦାଙ୍କ ଅନୁସରଣ କରିବାକୁ ଲାଗିଗଲେ । ସେମାନେ ନିଜ ପରିବାରକୁ ଏତେ ଗୁରୁତ୍ୱ ଦେଲେ ନାହିଁ । ପରିବାର ବ୍ୟବସ୍ଥା ସେମିତିରେ ବି ଅଶୀ ଓ ନବେ ଦଶକ ପରେ ଦୁର୍ବଳ ହେବାରେ ଲାଗିଥିଲା । ଯୌଥ ପରିବାର ଉହ୍ୟ ହୋଇ ଏବେ ନ୍ୟୁକ୍ଲିୟାର୍ ବା ଏକକ ପରିବାର ଦେଖିବାକୁ ମିଳୁଛି । କେବଳ ବାପା ମାଆ ଓ ପିଲାମାନେ । ଅଧିକାଂଶ ପରିବାରରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କେବଳ ଜଣେ ବା ଅତି ଅଧିକରେ ଦୁଇଜଣ ସନ୍ତାନ । ସେମାନେ ପରସ୍ପର ସହ ସମୟ କମ ବିତାନ୍ତି ଅଧିକ ସମୟ ଭବିଷ୍ୟତ ମୋହରେ ଧାଇଁବାରେ ବ୍ୟସ୍ତ ରହୁଛନ୍ତି ।

ବର୍ତ୍ତମାନ ଆମେ ଏହି ମାମଲା ଦେଖିବା ପରେ ଆମକୁ ଧ୍ୟାନ ଦେଇ ଦେଖିବାକୁ ଏବଂ ବୁଝିବାକୁ ପଡ଼ିବ, କେଉଁ ସବୁ କାରଣରୁ ଆମ ପିଲାମାନେ ଚାପଗ୍ରସ୍ତ ହୋଇ ପଡୁଛନ୍ତି ।

ପ୍ରଥମତଃ ନିଜର ବନ୍ଧୁମାନଙ୍କ ଦ୍ୱାରା ହିଁ ମାନସିକ ଚାପ ସୃଷ୍ଟି ହେଉଛି । ଯଦି କେହି ବନ୍ଧୁ ପାଠ ପଢ଼ା ହେଉ ଅବା ଚାକିରୀରେ ଉନ୍ନତି କରୁଛି ତା ହେଲେ ତାହାର ଚାପ ଅନ୍ୟମାନଙ୍କ ଉପରେ ପଡ଼େ । ଏକାଠି ପାଠ ପଢୁଥିବା ବା ଚାକିରୀ କରୁଥିବା ବନ୍ଧୁଜଣଙ୍କର ପଦୋନ୍ନତି ହେଲେ ପିଲାମାନେ ସ୍ୱତଃ ଚିନ୍ତିତ ହୋଇ ଯାଆନ୍ତି ଏବଂ ଏହାକୁ ନିଜର ବିଫଳତା ବୋଲି ମଧ୍ୟ ଧରି ନିଅନ୍ତି ।

ଦ୍ୱିତୀୟତଃ ସମାଜ କାରଣ, ସମାଜ ଚାହେଁ ଆପଣ ସବୁବେଳେ ସଫଳ ହୁଅନ୍ତୁ । ଯଦି ଆପଣ ବିଫଳ ତା ହେଲେ କିଛି ଲୋକ ଆପଣଙ୍କୁ ଅପମାନିତ କରିବାକୁ ମଧ୍ୟ ପଛାନ୍ତି ନାହିଁ । ଏହା ଅତ୍ୟନ୍ତ ଭୟଙ୍କର ବିଷୟ । ସବୁବେଳେ ଲୋକମାନେ ଆପଣଙ୍କୁ ଅନ୍ୟମାନଙ୍କ ସହ ତୁଳନା କରିବେ ଏବଂ ଏଥିପାଇଁ ପିଲାମାନଙ୍କୁ ମାନସିକ ଚାପ ହେବ ହିଁ ହେବ ।

ତୃତୀୟତଃ ସବୁଠାରୁ ଅଧିକ ଚାପ ଘରୁ ହିଁ ହୋଇଥାଏ । ପିତାମାତା ଅଧିକ ଆଶା ରଖିଲେ ସେଇ ଚାପ ପିଲାମାନଙ୍କ ଉପରେ ପ୍ରତିଫଳିତ ହୁଏ । ପିତାମାତା କେବଳ ନିଜର ଫାଇଦା ଦେଖିବା ଫଳରେ ଅଧିକ ଭଲ କରିବାର ଚାପ ପିଲାଙ୍କ ଉପରେ ପଡୁଛି । କିଛି ପିତାମାତା ନିଜ ଜୀବନରେ ବିଫଳ ହୋଇଥିବା ଯୋଗୁଁ ସେମାନେ ନିଜ ପିଲାଙ୍କ ଉପରେ ନିଜ ସ୍ୱପ୍ନର ବୋଝ ପକାଇ ଦେଉଛନ୍ତି । ଯାହା ପିଲାଙ୍କୁ ଚାପଗ୍ରସ୍ତ କରୁଛି । ଜନ୍ମ ପରେ ହିଁ କିଛି ପିତାମାତା ନିଜ ପିଲାଙ୍କୁ ଡାକ୍ତର ବା ଇଞ୍ଜିନିୟର୍ କରିବା ସ୍ୱପ୍ନ ନେଇ ପିଲାଙ୍କୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶିକ୍ଷାଦାନ କରନ୍ତି ଏବଂ ଏଥିରେ ସେମାନଙ୍କ ଶିକ୍ଷକମାନେ ମଧ୍ୟ ଉଣା ଅଧିକେ ପିଲାଙ୍କୁ ଚାପ ଦିଅନ୍ତି । ଉଭୟ ପକ୍ଷରୁ ଚାପଗ୍ରସ୍ତ ପିଲା ବେଳେ ବେଳେ ଅତ୍ୟଧିକ ଚାପ ସହ୍ୟ କରି ପାରନ୍ତି ନାହିଁ ।

ଅନେକ ପରିବାରରେ ପିଲାମାନଙ୍କ ଭଲମନ୍ଦ ବୁଝିବା ପରିବର୍ତ୍ତେ କଥା କଥାକେ ଗାଳିଗୁଲଜ କରାଯାଏ ଏବଂ ବାରମ୍ବାର ସେମାନଙ୍କୁ କେବଳ ଭଲ ପଢ଼ିବା ଏବଂ ଅଧିକ ଅଙ୍କ ରଖିବା ପାଇଁ ବାଧ୍ୟ କରାଯାଏ, ବସ୍ତୁତଃ ପିଲାମାନଙ୍କୁ ରୋବୋଟ୍ ଭଳି ଗଢ଼ି ତୋଳିବା ଅନେକ ପିତାମାତାଙ୍କ ଲକ୍ଷ୍ୟ ହୋଇଥାଏ ।

ଟିଭି ଓ ସୋସିଆଲ୍ ମିଡ଼ିଆରେ ଅନ୍ୟ ପିଲାମାନେ କରୁଥିବା କାର୍ଯ୍ୟକ୍ରମ ସବୁ ଦେଖି ସେମାନଙ୍କୁ ପ୍ରଶଂସା କରୁଥିବା ସ୍ଥଳରେ ନିଜ ପିଲାଙ୍କୁ କିନ୍ତୁ ଖେଳକୁଦ, ନାଚ ଗୀତ ଆଦି ପ୍ରତି ବିମୁଖ କରାଇବାକୁ ସବୁବେଳେ ଚେଷ୍ଟା କରାଯାଏ । ନିଜ ପିଲାଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ପ୍ରଚେଷ୍ଟା ନ କରି କେବଳ ପାଠବହି ଓ ବିଦ୍ୟା ଅଧ୍ୟୟନରେ ସଫଳତାକୁ ହିଁ ସବୁ କିଛି ବୋଲି ସେମାନଙ୍କୁ ବାରମ୍ବାର କୁହାଯାଏ ।

ଅନେକ ପିତାମାତା ପିଲାଙ୍କୁ ବୁଝିବା ପରିବର୍ତ୍ତେ ସେମାନଙ୍କୁ ଅନ୍ୟମାନଙ୍କ ସହ ତୁଳନା କରନ୍ତି ଯାହା ଆଦୌ କରିବା ଉଚିତ ନୁହେଁ । ସଫଳ ହୋଇଥିବା ପିଲାଙ୍କ ସହ ନିଜ ପିଲାର ତୂଳନା କରିବା ଦ୍ୱାରା ପିଲାମାନେ ଭଲ କରିବା ଅପେକ୍ଷା ଅଧିକ ଚାପଗ୍ରସ୍ତ ହୁଅନ୍ତି ।

ଆଜିକାଲି ପିଲାମାନେ ବ୍ରାଣ୍ଡ କୁ ନେଇ ବେଶ ସଚେତନ । ଦାମ ଯାହା ବି ହେଉ ନା କାହିଁକି କେବଳ ପ୍ରସିଦ୍ଧ ବ୍ରାଣ୍ଡର ଜିନିଷ ହିଁ ବ୍ୟବହାର କରିବାକୁ ଇଚ୍ଛା ସେମାନଙ୍କୁ ଉଚ୍ଚାକାଂକ୍ଷୀ କରିଦେଉଛି । ଏଇ କିଛି ଦିନତଳେ ଆଇ ଫୋନର ନୁଆ ଭର୍ସନ୍ ଆସିବା ପରେ ଏହାକୁ କ୍ରୟ କରିବାପାଇଁ ଯୁବପୀଢ଼ି ଭିତରେ ଏତେ ବ୍ୟାକୁଳତା ଦେଖାଯାଇଥିଲା, ଯେ କିଛି ବ୍ୟକ୍ତି ଏଥିପାଇଁ ଏକୋଇଶି ଘଣ୍ଟା ପର୍ଯ୍ୟନ୍ତ ଧାଡ଼ିରେ ରହି ଅପେକ୍ଷା କରିଥିଲେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏହିଭଳି ପାଗଳାମୀ ଏହି ପୀଢ଼ି ପାଇଁ ବିପଦଜନକ । ହେଲେ ବ୍ରାଣ୍ଡ ସମର୍ଥିତ ପଦାର୍ଥ କ୍ରୟ କରିବାପାଇଁ ଆବଶ୍ୟକ ହୁଏ ବହୁତ ଅର୍ଥ ଆଉ ଏହି ଅର୍ଥର ଅଭାବ ସେମାନଙ୍କୁ ଚାପଗ୍ରସ୍ତ କରିବାକୁ ଯଥେଷ୍ଟ । କହିବା ବାହୁଲ୍ୟ ଯେ ଭାରତରେ ପ୍ରତି ଶହେ ଜଣ ଆଇ ଫୋନ୍ ଗ୍ରାହକଙ୍କ ମଧ୍ୟରେ ସତୁରୀ ଜଣ ଋଣ କରି ଏହି ଫୋନକୁ କିଣନ୍ତି । ଏହିଭଳି ପୀଢ଼ି ସାମାନ୍ୟ ଅର୍ଥାଭାବକୁ କିଭଳି ଗ୍ରହଣ କରିବ ? ଏହିଭଳି ପରିସ୍ଥିତି କେବେ ସୃଷ୍ଟି ହେବ ବୋଲି ଆମେ କିମ୍ବା ଆମ ପିତାମାତା ଭାବିନଥିଲେ । ଏହିଭଳି ପରିସ୍ଥିତିକୁ ସମ୍ମୁଖୀନ ହେବାପାଇଁ କଣ କରିବା ଉଚିତ ହେବ ତାହା ମଧ୍ୟ ଆମକୁ ଶିଖାଇ ନଥିଲେ ।

ଶେଷରେ, ବିଫଳତାର ଭୟ ଅନେକ ପିଲାଙ୍କୁ ଅତ୍ୟଧିକ ଚାପଗ୍ରସ୍ତ କରାଏ । ବିଗତ ଦିନମାନଙ୍କରେ ଆପଣ ରାଜସ୍ଥାନର କୋଟା ସହରରେ ଥିବା ଅନେକ କୋଚିଙ୍ଗ୍ ସେଣ୍ଟରରେ ପିଲାମାନେ ଆତ୍ମହତ୍ୟା କରିବା ଘଟଣା ଏହା ହିଁ ତ ଦର୍ଶାଉଛି । ପ୍ରତିଯୋଗିତାମୂଳକ ପରୀକ୍ଷା ମାନଙ୍କରେ ଅତ୍ୟଧିକ ଅଙ୍କ ପାଇବାର ମୋହ ଆଜିର ପୀଢ଼ିକୁ ଅଧିକ ଜିଦଖୋର୍ କରି ଗଢ଼ି ତୋଳୁଛି । ପିତାମାନଙ୍କ ପ୍ରରୋଚନାରେ ସେମାନେ ଅଧିକ ଅର୍ଥ ବ୍ୟୟକରି ଅନେକ କୋଚିଂ ସେଣ୍ଟରରେ ଯୋଗ ଦେଉଛନ୍ତି ସିନା ହେଲେ ସେଠାରେ ଅଧିକ ଅଙ୍କ ପାଇବାର ପ୍ରତିଯୋଗିତା ସେମାନଙ୍କୁ ମାନସିକ ଭାବରେ ଚାପଗ୍ରସ୍ତ କରି ଦେଉଛି । ଏହି ସବୁ ଅନୁଷ୍ଠାନରେ ପଢୁଥିବା ଅଗଣିତ ଛାତ୍ରଛାତ୍ରୀ ବିଫଳ ହେଉଥିବା ବେଳେ କେବଳ ମୁଷ୍ଟିମେୟ ଛାତ୍ରଛାତ୍ରୀ ହିଁ ସଫଳ ହେଉଛନ୍ତି । ବିଫଳ ହେଉଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ଏହିଭଳି ଘଟଣା ଆଜୀବନ ଦୁଃଖଦାୟକ ହୋଇ ରହିଯାଉଛି । ଯାହା ସେମାନଙ୍କୁ ଅନ୍ୟ କ୍ଷେତ୍ରରେ ମଧ୍ୟ ସଫଳତା ଆଣି ଦେବାରେ ସକ୍ଷମ ହେଉନାହିଁ । ବିଫଳତାକୁ ସହଜରେ ଗ୍ରହଣ କରିବାକୁ ଆମକୁ ଆମ ସମାଜ ଓ ପରିବାର ଶିଖାଇ ନାହାନ୍ତି । ବିଫଳ ବ୍ୟକ୍ତିକୁ କେହି ଭଲ ପାଆନ୍ତି ନାହିଁ ।

ସ୍ୱଳ୍ପ ବୟସରେ ହିଁ ଯଦି ବ୍ୟକ୍ତିଙ୍କୁ ବିଫଳତା ମିଳେ ତାହେଲେ ସେ ଏହି ଘଟଣାରୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅନେକ ଶିକ୍ଷା ଗ୍ରହଣ କରି ଭବିଷ୍ୟତକୁ ସୁଧାରି ପାରେ, କିନ୍ତୁ ଚାକିରୀ ଏବଂ ଉଚ୍ଚଶିକ୍ଷା ବେଳକୁ ବ୍ୟକ୍ତିମାନେ ବିଫଳତାକୁ ସହଜରେ ଗ୍ରହଣ କରି ପାରନ୍ତି ନାହିଁ । କାରଣ ବିଫଳତା ସମୟରେ ନା ପରିବାର ନା ସମାଜ କେହି ବି ସାହାଯ୍ୟ କରନ୍ତି ନାହିଁ । ତେଣୁ ମଧ୍ୟ ବ୍ୟକ୍ତିଙ୍କ ଉପରେ ଅତ୍ୟଧିକ ମାନସିକ ଚାପ ରହେ ।

ମାନସିକ ଚାପ ଅନେକ ରୋଗର କାରଣ ହୋଇପାରେ । ସାମାନ୍ୟ ଦୁର୍ବଳତାରୁ ଆରମ୍ଭ କରି ହୃଦଘାତ ଏବଂ ମସ୍ତିଷ୍କ ବିକୃତି ପର୍ଯ୍ୟନ୍ତ ଅନେକ ଘଟଣା ଦେଖା ଦେଇପାରେ । ତେଣୁ ଆମକୁ ନିଜ ପିଲାଙ୍କୁ ମାନସିକ ଚାପ ସହ କେମିତି ବଞ୍ଚିବାକୁ ହୁଏ ତାହା ଶିଖାଇବାକୁ ହେବ । ସେମାନଙ୍କୁ ପରିବାର ବ୍ୟବସ୍ଥାରେ ଭଲମନ୍ଦ, ସୁଖ ଦୁଃଖ ଆଦିରେ ପରିବାର କିଭଳି ସମ୍ମୁଖୀନ ହୁଏ ତାହା ଜଣାଇବାକୁ ହେବ । ନହେଲେ ଆମେ କେବଳ ଟଙ୍କା ଆୟ କରୁଥିବା ରୋବୋଟ୍ ସୃଷ୍ଟି କରି ଚାଲୁଥିବା ଯେଉଁମାନେ ସାମାନ୍ୟ ବିଫଳତାରେ ନିଜର ମାନସିକ ସ୍ଥିରତା ହରାଇ ପ୍ରାଣ ହରାଇବା ପର୍ଯ୍ୟନ୍ତ ବିପର୍ଯ୍ୟୟର ସମ୍ମୁଖୀନ ହେଉଥିବେ ।

ଯେତେବେଳେ ଭାରତ ବିକାଶ ହେଉଥିଲା, ବିଗତ ଶତାବ୍ଦୀର ଅଶୀ ଓ ନବେ ଦଶକରେ କର୍ଣ୍ଣାଟକର ତତ୍କାଳୀନ ବାଙ୍ଗାଲୋର ସହରରେ ଅନେକ ବହୁ ରାଷ୍ଟ୍ରୀୟ କମ୍ପାନୀ ନିଜ ନିଜର କାର୍ଯ୍ୟାଳୟ ଖୋଲିବା ପାଇଁ ତତ୍ପରତା ଦେଖାଇଥିଲେ । ଏହାର ଅନେକ କାରଣ ଥିଲା, ସେଥିମଧ୍ୟରୁ ଗୋଟିଏ ଥିଲା ସେଇ ସ୍ଥାନର ପାଣିପାଗ, ଯାହା ଲୋକଙ୍କୁ ସୁହାଉଥିଲା । ବର୍ଷ ତମାମ ଥଣ୍ଡା ପାଣିପାଗ ଥିବା ହେତୁ କମ୍ପ୍ୟୁଟର ଓ ସୁଚନା ପ୍ରଦ୍ୟୋଗିକୀ ପାଇଁ ଏହି ତାପମାତ୍ରା ସୁହାଇବା ହେତୁ ଦେଖୁ ଦେଖୁ ସେଠାରେ ଅଗଣିତ ନୁଆ ନୁଆ କାର୍ଯ୍ୟାଳୟ ଖୋଲିଗଲା ଏବଂ ଏହି ସବୁ କାର୍ଯ୍ୟାଳୟରେ କାମ କରିବା ପାଇଁ ସମଗ୍ର ଦେଶରୁ ଲୋକମାନଙ୍କ ଆଗମନ ହେବାକୁ ଲାଗିଲା । ମୂଳତଃ କନ୍ନଡ଼ ଭାଷାଭାଷୀ ଏହି ସହର ହଠାତ୍ ବହୁଭାଷୀୟ ସମାଜରେ ପରିଣତ ହୋଇଗଲା । ଏହାର ଲାଭ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କର୍ଣ୍ଣାଟକ ରାଜ୍ୟ ଓ ଏହାର ବାସିନ୍ଦାମାନେ ହିଁ ପାଇଲେ । ସେହି ଉଦ୍ୟୋଗକ୍ରାନ୍ତି ଧିରେ ଧିରେ ଦେଶରେ ବ୍ୟାପୀବାକୁ ଲାଗିଲା, ବାଙ୍ଗାଲୋର ଭଳି ପୁନେ, ମୁମ୍ବାଇ, ଅହମଦାବାଦ୍, ଗୁଡ୍‌ଗାଓଁ ଆଦି ସ୍ଥାନରେ ମଧ୍ୟ ବହୁରାଷ୍ଟ୍ରୀୟ କମ୍ପାନୀମାନେ ନିଜ ନିଜ କାର୍ଯ୍ୟାଳୟ ଖୋଲିଲେ । ଏହାଫଳରେ ଭାରତୀୟ ସମାଜରେ ସୁସ୍ଥ ସହବସ୍ଥାନର ଏକ ଅଭୂତପୂର୍ବ ସମନ୍ୱୟ ଦେଖାଦେଲା ।

ଏବେ ଆପଣ ଯେକୌଣସି ରାଜ୍ୟକୁ ଯାଆନ୍ତୁ ସେଠାରେ ସ୍ଥାନୀୟ ଅଧିବାସୀଙ୍କ ବ୍ୟତିରେକ ବାହାର ରାଜ୍ୟରୁ ଆସି ରହୁଥିବା ଏବଂ କର୍ମସଂସ୍ଥାନ ପାଉଥିବା ଅନେକ ବ୍ୟକ୍ତିଙ୍କୁ ଦେଖିବାକୁ ପାଇବେ । କିଛି ଲୋକ ନିଜ ରାଜ୍ୟରୁ ସମ୍ପୂର୍ଣ୍ଣ ଭାବେ ଭିଟାମାଟି ଛାଡ଼ିଦେଇ ଭଲ ଜୀବନ ପ୍ରଣାଳୀ ମୋହର ଏହିଭଳି ବଡ଼ ବଡ଼ ସହରମାନଙ୍କରେ ଘର କିଣି ରହିଲେଣି । ବାଙ୍ଗାଲୋର ସହରରେ ଦୁଇଲକ୍ଷରୁ ଅଧିକ ଓଡ଼ିଆ ଲୋକ ରହୁଥିବା କଥା ଶୁଣିବାକୁ ମିଳୁଛି । ସେମାନଙ୍କ ଚାହିଦା ପୂରଣ ପାଇଁ ସେଠାରେ ଓଡ଼ିଆ ହୋଟେଲ୍, ମେସ୍, ସମେତ ମନ୍ଦିର ଓ ଅନ୍ୟାନ୍ୟ ଅନୁଷ୍ଠାନମାନ ବି ଗଢ଼ି ଉଠିଛି ।

ଏହା ଯେ କେବଳ ବାଙ୍ଗାଲୋରରେ ହୋଇଛି ତାହା ନୁହେଁ, ଏହିଭଳି ଅବସ୍ଥା ଦେଶର ସମସ୍ତ ବିଶାଳ ନଗରମାନଙ୍କରେ ଦେଖିବାକୁ ମିଳୁଛି ।

ଭାରତର ସବୁଠାରୁ ବଡ଼ ବ୍ୟବସାୟିକ କେନ୍ଦ୍ର ମୁମ୍ବାଇରେ ଉତ୍ତର ଭାରତୀୟ ଲୋକଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧିପାଉଥିବା ବେଳେ ଅତୀତରେ ଏବଂ ସାଂପ୍ରତିକ ସମୟରେ ମଧ୍ୟ ସେମାନଙ୍କୁ ନେଇ ଅନେକ ସମସ୍ୟା ଦେଖା ଦେଇଛି । ସ୍ଥାନୀୟ ନେତୃବୃନ୍ଦ ସେମାନଙ୍କ ଅନୁପ୍ରବେଶକୁ ବନ୍ଦ କରାଯିବା ଆବଶ୍ୟକ ବୋଲି ଦାବୀ କରିଛନ୍ତି । କୁହାଯାଉଛି ଯେ ସେମାନଙ୍କ ଯୋଗୁଁ ସ୍ଥାନୀୟ ଅଧିବାସୀମାନେ କର୍ମସଂସ୍ଥାନ ପାଇ ପାରୁନାହାନ୍ତି । ଭଲ ଜୀବନଶୈଳୀର ମୋହରେ ଯେଉଁମାନେ ଦିଲ୍ଲୀ ଓ ମୁମ୍ବାଇ ଭଳି ସହର ମୁହାଁ ହେଉଛନ୍ତି ସେମାନେ ସ୍ୱଳ୍ପ ବେତନରେ ମଧ୍ୟ କାମ କରିବାକୁ ମନସ୍ଥ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କରୁଛନ୍ତି, ଯାହା ଫଳରେ ସ୍ଥାନୀୟ ଉଦ୍ୟମମାନଙ୍କରେ ସେମାନଙ୍କ ସଂଖ୍ୟା ବୃଦ୍ଧି ପାଇବାକୁ ଲାଗିଛି । ତେଣୁ ମୁମ୍ବାଇ ଭଳି ସହରରେ ଅନେକ ସମୟରେ ବିହାରୀ ଓ ଉତ୍ତର ଭାରତୀୟ ଲୋକଙ୍କ ଉପରେ ଆକ୍ରମଣ ଭଳି ଘଟଣା ଘଟୁଥିବା ଦେଖିବା ଓ ଶୁଣିବାକୁ ମିଳୁଛି । ପ୍ରତ୍ୟେକ ରାଜ୍ୟ ସରକାର ନିଜ ରାଜ୍ୟର ବେକାରୀ ସମସ୍ୟା ପାଇଁ ଯେତେବେଳ ଯାଏଁ ସଠିକ କୌଣସି ପଦକ୍ଷେପ ନିଅନ୍ତି ନାହିଁ, ସେତେବେଳ ଯାଏଁ ଏହି ଦାଦନ ସମସ୍ୟା ରହିବ ହିଁ ରହିବ । ଓଡ଼ିଶା ବିଗତ ଅନେକ ଦଶନ୍ଧିରୁ ଏହି ଦାଦନ ସମସ୍ୟା ସହ ଜୁଝୁଛି ।

ଯେଉଁ କିଛି ରାଜ୍ୟ ଲୋକଙ୍କୁ କର୍ମନିଯୁକ୍ତି ଦେବାକୁ ସକ୍ଷମ ହେଉଛନ୍ତି ସେଇ ସବୁ ରାଜ୍ୟକୁ ଅନ୍ୟ ରାଜ୍ୟମାନଙ୍କରୁ ଲୋକଙ୍କ ଆଗମନ ବଢ଼ିବାକୁ ଲାଗିଛି । ଏହିଭଳି ସମୟରେ କର୍ଣ୍ଣାଟକରେ ହଠାତ ସ୍ଥାନୀୟ କିଛି ବ୍ୟକ୍ତି ଏକ ଅଭିନବ ଘୋଷଣା କରିଛନ୍ତି । ସେମାନେ କହୁଛନ୍ତି ଯେ କର୍ଣ୍ଣାଟକରେ ରହିବାକୁ ହେଲେ କନ୍ନଡ଼ ଭାଷାରେ କହିବାକୁ ହେବ । ଏହିଭଳି ସେମାନେ କରିବା ପଛରେ କିଛି ସ୍ୱାର୍ଥ ନିଶ୍ଚୟ ରହିଛି ଆଉ ସେଇଟା ହେଉଛି ନିଜ ମାତୃଭାଷାର ରକ୍ଷା । ବାଙ୍ଗାଲୋର ବା ବେଙ୍ଗାଲୁରୁ ସହରରେ ଏତେ ରାଜ୍ୟରୁ ଲୋକ ଆସି ରହିଲେଣି ଯେ ଏବେ ସେଠାକାର କୌଣସି ନିର୍ଦ୍ଦିଷ୍ଟ ଭାଷା ରହିଥିବା ଭଳି ମନେ ହେଉନାହିଁ । ଗ୍ରାମାଞ୍ଚଳରେ ହୁଏତ କନ୍ନଡ଼ ଭାଷା ଶୁଣାଯାଉଥିବ କିନ୍ତୁ ବେଙ୍ଗାଲୁରୁ ସହରରେ ଅଧିକାଂଶ ଲୋକ ଇଂରାଜୀ ହିନ୍ଦୀ କିମ୍ବା ନିଜର ମାତୃଭାଷାରେ କଥା ହେଉଥିବା ଦେଖିବାକୁ ମିଳେ । ଆପଣ ଯଦି କୌଣସି ମଲ୍ ବା ସପିଂ ଏରିଆକୁ ଯାଆନ୍ତି ସେଇଠି ଆପଣଙ୍କୁ ଓଡ଼ିଆ କହୁଥିବା ଅନେକ କର୍ମଚାରୀ ମିଳିବେ । ତେଣୁ ଏହାର ପ୍ରଭାବ କନ୍ନଡ଼ ଭାଷାଭାଷୀଙ୍କ ଉପରେ ପଡୁଛି । ସେମାନେ ଚାହୁଁଛନ୍ତି ଯେ ସେମାନଙ୍କ ମାତୃଭାଷାର ଅବମାନନା ନ ହେଉ । ସେମାନଙ୍କ ଏଭଳି ଚାହିଁବାର କୌଣସି ଦୋଷ ନାହିଁ । ସମସ୍ତେ ଚାହାନ୍ତି ନିଜ ମାତୃଭାଷାର ଟେକ ରହୁ ।

କିନ୍ତୁ ଏହି ଆନ୍ଦୋଳନ ଗମ୍ଭୀର ରୂପ ନେବାକୁ ଲାଗିଲା । ଅନେକ ସ୍ଥାନରେ ଅଣ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କନ୍ନଡ଼ ବ୍ୟକ୍ତିମାନଙ୍କ ଉପରେ ଆକ୍ରମଣ ବି ହେବାର ଘଟଣା ସାମନାକୁ ଆସିବା ପରେ ଏହି ବିଷୟକୁ ନେଇ ଚର୍ଚ୍ଚା କରିବା ଆବଶ୍ୟକ ହୋଇ ପଡ଼ିଛି ।

କଥା ହେଉଛି, ଯଦି ବେଙ୍ଗାଲୁରୁ ସହର ବା କର୍ଣ୍ଣାଟକରେ ଅନ୍ୟ ରାଜ୍ୟ ଓ ଭାଷାଭାଷୀ ଲୋକ ରହୁଛନ୍ତି, ସେମାନେ ସେଠାକାର ଉଦ୍ୟୋଗ ମାନଙ୍କରେ କାମ କରୁଛନ୍ତି ଯାହା ଫଳରେ ରାଜ୍ୟର ଅର୍ଥନୈତିକ ବିକାଶ ହେଉଛି, ଏଥିରେ ଦ୍ୱିମତ ନାହିଁ । ସେହି ଲୋକମାନଙ୍କ ଯୋଗୁଁ ହିଁ ତ ରାଜ୍ୟର ବିକାଶ ସମ୍ଭବ ହୋଇଛି । ତେଣୁ ହଠାତ୍ ସେମାନଙ୍କୁ ଏବେ କନ୍ନଡ଼ ଭାଷା ଶିଖିବା ପାଇଁ ବାଧ୍ୟ କରିବା ଅନୁଚିତ । ଏହିଭଳି ଭାବନା ଯଦି ରହିଥିଲା ତା ହେଲେ କର୍ଣ୍ଣାଟକରେ ଶିଳ୍ପ ବା କାର୍ଯ୍ୟାଳୟ ଖୋଲୁଥିବା ସଂସ୍ଥାମାନଙ୍କୁ ପ୍ରଥମରୁ ହିଁ ଜଣାଇ ଦେବାର ଥିଲା ଯେ ଅଣ କନ୍ନଡ଼ କର୍ମଚାରୀ ନିଯୁକ୍ତି କରନ୍ତୁ ନାହିଁ । ସେମିତି ହୋଇଥିଲା ହୁଏତ ବେଙ୍ଗାଲୁରୁର ସାଂପ୍ରତିକ ଛବି ଭିନ୍ନ ହୋଇଥାନ୍ତା । କିନ୍ତୁ ଉଦ୍ୟୋଗ ସବୁ ସ୍ଥାପନ ହୋଇ ସାରିବା ପରେ, ସେହି ଉଦ୍ୟୋଗ ମାନଙ୍କରୁ ଲାଭ ପାଇବା ପରେ ଏବେ ସେଠାରେ କାମ କରୁଥିବା କର୍ମଚାରୀଙ୍କୁ କନ୍ନଡ ଭାଷା ଶିଖିବା ପାଇଁ ବାଧ୍ୟ କରିବା କାହିଁକି କେଜାଣି ସମ୍ପୂର୍ଣ୍ଣତଃ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ମନେ ହୁଏ ।

ଏହିଭଳି ଆନ୍ଦୋଳନକୁ ରାଜ୍ୟ ସରକାର ଆପୋଷ ବୁଝାମଣା ମାଧ୍ୟମରେ ଶାନ୍ତ କରିବା ଉଚିତ । ଏହାର ଦୂରଗାମୀ ପରିଣାମ ଭୟଙ୍କର ହୋଇ ପାରେ । ଏହା ଆଞ୍ଚଳିକ ବୈଷମ୍ୟତା ସୃଷ୍ଟି କରିବ ଏବଂ ଏଥିପାଇଁ ଦେଶ ଭିତରେ ରାଜ୍ୟ ରାଜ୍ୟ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହେବ । ଯେଉଁମାନେ ଅନେକ ବର୍ଷରୁ ବେଙ୍ଗାଲୁରୁରେ ନିଜର ବସତି ସ୍ଥାପନ କରି ସାରିଛନ୍ତି ସେମାନେ ଏବେ କରିବେ କଣ ? ନିଜର କର୍ମସଂସ୍ଥାନକୁ ଆଖି ଆଗରେ ରଖି ଯେଉଁମାନେ ନିଜ ସନ୍ତାନ ମାନଙ୍କ ଭବିଷ୍ୟତ ଏଠାରେ ଦେଖୁଛନ୍ତି ସେମାନେ ଏହିଭଳି ଆନ୍ଦୋଳନ ଦ୍ୱାରା ନିରୁତ୍ସାହିତ ହେବେ ନିଶ୍ଚୟ । ତେଣୁ ଏହିଭଳି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆନ୍ଦୋଳନର କୌଣସି ଯଥାର୍ଥତା ନାହିଁ । ସୂଚନା ପ୍ରଦ୍ୟୋଗିକୀ ସଂସ୍ଥାନର ବ୍ୟାପକତା ହେତୁ ଏବେ ସମଗ୍ର ବିଶ୍ୱ ଗୋଟିଏ ପରିବାର ହୋଇ ସାରିଲାଣି । ମୁହୂର୍ତ୍ତକରେ ଆମେ ସୁଦୂର ଆମେରିକାରେ ରହୁଥିବା ଆମ ବନ୍ଧୁମାନଙ୍କ ସହ କଥା ହୋଇ ପାରୁଛେ, ସେମାନଙ୍କୁ ଦେଖି ପାରୁଛେ । ସମଗ୍ର ବିଶ୍ୱ କେବଳ ଗୋଟିଏ ଭାଷା ଓ ଭାବନାର ରଜ୍ଜୁରେ ବାନ୍ଧି ହେଉଥିବା ବେଳେ ଏହିଭଳି ଆନ୍ଦୋଳନ ତାହା ପୁଣି ବେଙ୍ଗାଲୁରୁ ଭଳି ସହରରେ ବିଶ୍ୱରେ ଭାରତର ଛବିକୁ ଧୂମିଳ କରିବାରେ ସହାୟକ ହେବ । ତେଣୁ ଏହି ଭଳି କୁଚକ୍ରାନ୍ତ କରୁଥିବା ବ୍ୟକ୍ତି ଓ ରାଜନୈତିକ ସଂଗଠନମାନେ ନିଜ ରାଜ୍ୟ ତଥା ଦେଶର ସମ୍ମାନଙ୍କୁ ଆଖି ଆଗରେ ରଖି ଏହିଭଳି କାମ କରିବାରୁ ବିରତ ରହିବା ଉଚିତ ।

ବିଗତ ସପ୍ତାହରେ ଭାରତର ଦୁଇ ପ୍ରମୁଖ ରାଜ୍ୟରେ ବିଧାନସଭା ନିର୍ବାଚନର ଫଳାଫଳ ପ୍ରକାଶିତ ହେଲା ଏବଂ ଏଥିରେ ହରିଆନାରେ ସମସ୍ତଙ୍କ କଳ୍ପନାଜଳ୍ପନାକୁ ମିଥ୍ୟା ପ୍ରମାଣିତ କରି ଭାରତୀୟ ଜନତା ପାର୍ଟି ତୃତୀୟ ଥରପାଇଁ ସରକାର ଗଠନ କରିବାକୁ ସୁଯୋଗ ପାଇଲେ । ଏହି ନିର୍ବାଚନ ସମୟରୁ ହିଁ କୁହାଯାଉଥିଲା ଯେ ଦୁଇ ଦୁଇଥର ଶାସନ କରୁଥିବା ଭାଜପା ଚଳିତ ନିର୍ବାଚନ ପରେ ଆଉ ଆସିବ ନାହିଁ । ଏବଂ ନିର୍ବାଚନର ଭୋଟ ଗଣତି ହେଉଥିବା ଦିନ ମଧ୍ୟ ପୂର୍ବାହ୍ନରେ ସେହିଭଳି ଦେଖାଯାଉଥିଲା । ହେଲେ ଅପରାହ୍ନ ହେଉ ହେଉ ଦୃଶ୍ୟପଟ ପରିବର୍ତ୍ତନ ହୋଇଗଲା । କଂଗ୍ରେସ ଦଳର ସବୁ ଆଶା ଆକାଂକ୍ଷାକୁ ତଳିତିଳାନ୍ତ କରି ଭାଜପା ସଂଖ୍ୟା ଗରିଷ୍ଠତା ପ୍ରାପ୍ତ କରିଥିଲା ।

ଜମ୍ମୁ କଶ୍ମୀରରେ ନିର୍ବାଚନରେ ଭାଜପାକୁ ଆଶାତୀତ ସଫଳତା ମିଳିନାହିଁ । କାଶ୍ମୀରରେ ଅନେକ ଉନ୍ନତିମୂଳକ କାର୍ଯ୍ୟ କରିଥିବା କେନ୍ଦ୍ର ସରକାର ଆଶାୟୀ ଥିଲେ ଯେ ଏହି ନିର୍ବାଚନରେ ସେମାନେ ନିର୍ଣ୍ଣାୟକ ଫଳ ପାଇବେ କିନ୍ତୁ ଦୁର୍ଭାଗ୍ୟର ବିଷୟ କାଶ୍ମୀରରେ ଗୋଟିଏ ହେଲେ ଆସନ ଜିତିବାକୁ ସଫଳ ହୋଇନଥିଲେ । ଅବଶ୍ୟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏହିଭଳି ଫଳାଫଳ ହେବ ବୋଲି ଆଗରୁ କୁହାଯାଉଥିଲା । କିନ୍ତୁ ହରିଆନାର ନିର୍ବାଚନ ଫଳାଫଳ ସମସ୍ତଙ୍କୁ ଆଚମ୍ବିତ କରିଥିଲା । ଶୁଣାଯାଉଛି ଯେ ଏହି ନିର୍ବାଚନରେ ବିଜୟୀ ହେବାର ସୁନିଶ୍ଚିତ ବୋଲି ମନେ କରି କଂଗ୍ରେସ ଦଳ ତରଫରୁ ସକାଳୁ ହିଁ ମିଠା ବଣ୍ଟା ହୋଇ ସାରିଥିଲା ଏବଂ ଅନେକ ସ୍ଥାନରେ ପଟୁଆର କରିବା ପାଇଁ ବାଜା ବାଜେଣୀ ଇତ୍ୟାଦି ଭଡ଼ା ଦିଆଯାଇଥିଲା । ନିର୍ବାଚନ ରଣାଙ୍ଗନ ପାଇଁ ଭବିଷ୍ୟବାଣୀ କରୁଥିବା କିଛି ମହାନ ବୁଦ୍ଧିଜୀବି ମଧ୍ୟ ଏହି ଫଳାଫଳ ଦେଖି ଆଶ୍ଚର୍ଯ୍ୟ ହୋଇ ପଡ଼ିଥିଲେ ।

ଗତ ସପ୍ତାହରେ ଯେଉଁ ଘଟଣା ସମସ୍ତ ଦେଶକୁ ସ୍ତବ୍ଧ କରିଦେଇଥିଲା ତାହା ଥିଲା ଭାରତର ବିଖ୍ୟାତ ଶିଳ୍ପପତି ରତନ ଟାଟାଙ୍କ ନିଧନ । ୮୬ ବର୍ଷ ବୟସ୍କ ଶ୍ରୀ ଟାଟା ସ୍ୱାସ୍ଥ୍ୟ ଅବନତି ହେବା ପରେ ମୁମ୍ବାଇ ସ୍ଥିତ ବ୍ରିଚକ୍ୟାଣ୍ଡି ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ ଏବଂ ସେଠାରେ ସେ ନିଜର ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । ତାଙ୍କର ନିଧନରେ ଦେଶ ଜଣେ ମହାନ ଶିଳ୍ପପତି ସମେତ ବଦାନ୍ୟ ବ୍ୟକ୍ତିଙ୍କୁ ହରାଇଛି । ଶ୍ରୀ ଟାଟା ଅନେକ ସାମାଜିକ କାର୍ଯ୍ୟରେ ଅର୍ଥ ବିନିଯୋଗ କରିବା ଦେଖାଯାଏ । ସାଧାରଣ ଜନତାଙ୍କ ପାଇଁ ସେ ଭାରତର ସବୁଠାରୁ ଶସ୍ତା ନାନୋ କାର୍ ଉତ୍ପାଦ କରାଇଥିଲେ । ନିଜ ଆୟର ଅଧିକାଂଶ ଅଂଶ ସେ ଲୋକକଲ୍ୟାଣ କାର୍ଯ୍ୟକ୍ରମ ପାଇଁ ଦାନ କରୁଥିଲେ । ୨୮ ଡିସେମ୍ବର ୧୯୩୭ ମସିହାରେ ଜନ୍ମ ଗ୍ରହଣ କରିଥିବା ରତନ ଟାଟା, ଟାଟା ସମୂହର ଚେୟାରମ୍ୟାନ ଭାବରେ ୧୯୯୧ ରୁ ୨୦୧୨ ଏବଂ ପୁଣି ୨୦୧୫ରୁ ୨୦୧୭ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ । ତାଙ୍କର ନେତୃତ୍ୱରେ ଟାଟା ସମୂହର ବ୍ୟବସାୟିକ ଉନ୍ନତି ଚାଳିଶି ଗୁଣ ହୋଇ ପାରିଥିଲା । ଭାରତ ସରକାରଙ୍କ ସର୍ବୋଚ୍ଚ ନାଗରିକ ସମ୍ମାନ ପଦ୍ମ ଭୁଷଣ ଏବଂ ପଦ୍ମ ବିଭୂଷଣ ଦ୍ୱାରା ସେ ସମ୍ମାନିତ ଥିଲେ ।

ଆଜୀବନ ଅବିବାହିତ ରହିଥିବା ରତନ ଟାଟା ୨୦୧୧ ମସିହାରେ ଗୋଟିଏ ସଭାରେ କହିଥିଲେ ଯେ ସେ ଜୀବନରେ ଚାରିଥର ବିବାହ ହେବା ପର୍ଯ୍ୟନ୍ତ ଯାଇଥିଲେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସୁଦ୍ଧା କୌଣସି ନା କୌଣସି କାରଣରୁ ବିବାହ କରି ପାରିନଥିଲେ । ସେ ନିଜ ଜୀବନକାଳରେ ଚାଳିଶି ଗୋଟି ନୂଆ ବ୍ୟବସାୟ ସ୍ଥାପନ କରି ସଫଳତାର ସହ ତାହା ଚଳାଇଥିଲେ । ତାଙ୍କର ନିଧନ ଦେଶପାଇଁ ଏକ ଅପୂରଣୀୟ କ୍ଷତି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଭଗବାନ ଶ୍ରୀ ରତନ ଟାଟାଙ୍କ ଆତ୍ମାକୁ ସଦଗତି ପ୍ରଦାନ କରନ୍ତୁ ।

ଆସନ୍ତୁ ବର୍ତ୍ତମାନ ଆନନ୍ଦ ନେବା ଆହ୍ୱାନ ଇ-ପତ୍ରିକାର ଶାରଦୀୟ ପୂଜା ସଂସ୍କରଣର । ଯଦି ଆପଣଙ୍କୁ ଏହା ଭଲ ଲାଗେ ତା ହେଲେ ନିଜ ବନ୍ଧୁମାନଙ୍କ ସହ ଏହାକୁ ଶେୟାର ନିଶ୍ଚୟ କରିବେ । ଯଦି ଅର୍ଥାଭାବରୁ କେହି ପତ୍ରପତ୍ରିକା କିଣିବା ପାଇଁ ଅକ୍ଷମ ହେଉଥାନ୍ତି ସେମାନଙ୍କୁ ଏହି ପତ୍ରିକା ନିଶ୍ଚୟ ପଠାଇବେ ।

ମା ଦୁର୍ଗା ସମସ୍ତଙ୍କୁ ଆଶୀର୍ବାଦ କରନ୍ତୁ ।

ଧନ୍ୟବାଦ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା-ସମ୍ପାଦକ, ଆହ୍ୱାନ ଇ-ପତ୍ରିକା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

## XIM Bhubaneswar Hosts Business Excellence Summit, 2024

୩୭ ବର୍ଷର ସମୃଦ୍ଧ ପରମ୍ପରା ପାଳନ କରି ଜାଭିୟର୍ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ, ଭୁବନେଶ୍ୱର ୧୪ ସେପ୍ଟେମ୍ବରରୁ ୧୫ ସେପ୍ଟେମ୍ବର ୨୦୨୪ ପର୍ଯ୍ୟନ୍ତ ବାର୍ଷିକ ବ୍ୟବସାୟ ଉତ୍କର୍ଷ ସମ୍ମିଳନୀର ଷଷ୍ଠ ସଂସ୍କରଣର ଆୟୋଜନ କରିଛନ୍ତି । ଚଳିତବର୍ଷର ଶିଖର ସମ୍ମିଳନୀ ପାଇଁ ବିଷୟବସ୍ତୁ ରହିଥିଲା "ସମ୍ଭାବନାକୁ ପୁନଃ ନିର୍ଣ୍ଣୟ କରିବା" । (Redefining Possibilities)

ଏହି କାର୍ଯ୍ୟକ୍ରମରେ ଉପକୁଳପତି ପ୍ରଫେସର ଫ୍ର। ଆଣ୍ଟୋନି ଆର ଉଭାରୀ, ଏସ୍ୱେଜ, ଡେପୁଟି ରେଜିଷ୍ଟ୍ରାର ତଥା ମୁଖ୍ୟ ଆର୍ଥିକ ଅଧିକାରୀ ଫ୍ର। ଭି ଆରୋକିଆ ଦାସ, ଏସ୍ ଜେ, ଆସୋସିଏଟ୍ ଡିନ୍ - କ୍ୟାରିଅର ଏଡ୍ଭାଇଜରି ସର୍ଭିସେସ୍, ପ୍ରଫେସର ଫ୍ରାନ୍ସିସ୍ ଥୋମାସ୍ କାଷ୍ଟେଲିନୋ, ପ୍ରଫେସର ଡି.ଭି. ରମଣା ଏବଂ ମାନ୍ୟବର ମୁଖ୍ୟବକ୍ତା, ମେର୍ସର ଅଧ୍ୟକ୍ଷ, ଶ୍ରୀ ସିଦ୍ଧାର୍ଥ ଗୁପ୍ତା ପ୍ରମୁଖ ଯୋଗଦାନ କରିଥିଲେ ।

ଫ୍ର। ଆଣ୍ଟୋନି ଆର ଉଭାରୀ, ଏସ୍ ଜେ, ଦୀପ ପ୍ରଜ୍ୱଳନ କରି ବ୍ୟବସାୟ ଉତ୍କର୍ଷ ସମ୍ମିଳନୀ- ୨୦୨୪ ର ଉଦଘାଟନ କରିଥିଲେ । ଛାତ୍ର କାର୍ଯ୍ୟନିର୍ବାହୀ ପରିଷଦର ସାଧାରଣ ସମ୍ପାଦକ ସ୍ୱୟଂଦୀପ ଦାସ୍ ଏହି କାର୍ଯ୍ୟକ୍ରମର ବିଷୟବସ୍ତୁ ଉପସ୍ଥାପନ କରିଥିଲେ ।

ଶ୍ରୀ ସିଦ୍ଧାର୍ଥ ଗୁପ୍ତା, XIM ଭୁବନେଶ୍ୱରର ସମ୍ମାନିତ ପୂର୍ବତନ ଛାତ୍ର, ପୁନଃ ନିର୍ଣ୍ଣୟ ସମ୍ଭାବନା ଉପରେ ଏକ ପ୍ରେରଣାଦାୟକ ବାର୍ତ୍ତା ପ୍ରଦାନ କଲେ । ସେ କର୍ପୋରେଟ୍ ପୁଞ୍ଜିବାଦର ସଂଘର୍ଷ ଏବଂ ଭାରତର କମ୍ ବ୍ୟୟ ହାର ଉପରେ କହିଥିଲେ ଏବଂ ଦର୍ଶକଙ୍କୁ ସ୍ଥିତାବସ୍ଥା ବାହାରେ ଚିନ୍ତା କରିବାକୁ ଅନୁରୋଧ କରିଥିଲେ । ତାଙ୍କ ବ୍ୟକ୍ତିଗତ ଯାତ୍ରାରୁ ଚିତ୍ର ଆଙ୍କି, ସେ COVID, AI ଏବଂ ସ୍ଥିରତା ଭଳି ବ୍ୟାଘାତକୁ କିଭଳି ଉଦ୍ଭାବନା ଦ୍ୱାରା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସମ୍ମୁଖୀନ କରିପାରିବା ତାହା ଉପରେ ଗୁରୁତ୍ୱାରୋପ କରିଥିଲେ ।

ଶ୍ରୀ ଶୁଭଙ୍କର ପଟ୍ଟନାୟକ, ନିର୍ଦ୍ଦେଶକ ତଥା ବିଡ୍ ମ୍ୟାନେଜମେଣ୍ଟ, ଏଏନ୍‌ଜି ଭାରତ, ସାପ୍, ଏହି ପରିବର୍ତ୍ତନ ଗୁଡ଼ିକ ଉଭୟ ସମାନତା ଏବଂ ପାର୍ଥକ୍ୟ ଦର୍ଶାଇ ସମୟ ସହିତ ଟେକ୍ନୋଲୋଜି କିପରି ବଦଳିଛି ସେ ବିଷୟରେ କହିଥିଲେ । ଆଜିର ଦୁନିଆରେ ନେତୃତ୍ୱ ଗୁଣର ଗୁରୁତ୍ୱ ଉପରେ ସେ ଗୁରୁତ୍ୱାରୋପ କରିଥିଲେ, ଯାହା AI କାରଣରୁ କ୍ରମାଗତ ଭାବରେ ବିକଶିତ ହେଉଛି । ସେ ଛାତ୍ରମାନଙ୍କୁ ଶିଖିବାକୁ ଏବଂ ଆଗ୍ରହୀ ରହିବାକୁ ଉତ୍ସାହିତ କରିଥିଲେ ।

ରାଜେନ ମିଶ୍ର, ନିର୍ଦ୍ଦେଶକ, ଟେକ୍ ଆଧୁନିକୀକରଣ, ଗ୍ରାଣ୍ଟ ଥର୍ନଟନ୍, ଇଣ୍ଡସ, XIM ଭୁବନେଶ୍ୱରର ସମ୍ମାନିତ ଆଲୁମନସ୍, କର୍ପୋରେଟ୍ ଦୁନିଆରେ ଉନ୍ନତି ପାଇଁ ଆବଶ୍ୟକ ଦକ୍ଷତା ଉପରେ ଗୁରୁତ୍ୱ ଦେଇ ଏକ ପରିଚାଳନା ଛାତ୍ରଙ୍କ ଜୀବନ ଉପରେ ମୂଲ୍ୟବାନ ଜ୍ଞାନ ବାଣ୍ଟିଥିଲେ । ଶ୍ରୀ ମିଶ୍ର ଛାତ୍ରମାନଙ୍କୁ ଉତ୍ସାହିତ କରୁଥିବା ବିଷୟଗୁଡିକୁ ଅନୁସନ୍ଧାନ କରିବାକୁ ଏବଂ ସେମାନଙ୍କ ମଧ୍ୟରେ ଗଭୀର ଭାବରେ ବୁଡ଼ିବାକୁ ଉତ୍ସାହିତ କରିଥିଲେ । "ଟେକ୍ନୋଲୋଜି ଟେକ୍ ନିର୍ମାଣ ବିଷୟରେ ନୁହେଁ; କିନ୍ତୁ ମୁଁ କଣ କରୁଛି ଏବଂ ମୁଁ କାହିଁକି କରୁଛି ତାହା ବୁଝିବା ବିଷୟରେ ।"

ଶ୍ରୀ ଅମିତ ତାଲଗେରି, ସି ଆର୍ ଓ, ଆକ୍ସିସ୍ ବ୍ୟାଙ୍କ, 'ସମ୍ଭାବନାକୁ ପୁନଃନିର୍ଦ୍ଧାରଣ' କରିବାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ସେ ବର୍ତ୍ତମାନର ବ୍ୟାଙ୍କିଙ୍ଗ୍ ଦୃଶ୍ୟ ଏବଂ ଡିଜିଟାଲ୍ ବ୍ୟାଙ୍କିଙ୍ଗ୍ ପନ୍ଥା ଠାରୁ ଏହା କିପରି ବଦଳିଛି ସେ ବିଷୟରେ ଆଲୋଚନା କରିଥିଲେ । ଶ୍ରୀ ତାଲଗେରି ପାଞ୍ଚଟି ଦକ୍ଷତା ବିଷୟରେ କହିଥିଲେ ଯାହା ପ୍ରତ୍ୟେକ ଛାତ୍ରଙ୍କର ଡୋମେନ୍ ନିର୍ବିଶେଷରେ ରହିବା ଆବଶ୍ୟକ- ଡାଟା, ଆନାଲିଟିକ୍ସ, ଟେକ୍ନୋଲୋଜି, ଭିୟୁସିଏ ଏବଂ କର୍ପୋରେଟ୍ ଶିଷ୍ଟାଚାର । ସେ ସ୍ପଷ୍ଟ କରିଥିଲେ, "ବ୍ୟବସାୟ କରିବାର ଉପାୟ ସ୍ଥିରତା, ସହନଶୀଳତା ଏବଂ ଦୀର୍ଘ ମିଆଦି ଲକ୍ଷ୍ୟ ଆଡକୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗତି କରୁଛି ।"

ଶ୍ରୀ ରିଷି କୁମାର ବର୍ମା, ଲାରସେନ୍ ଏବଂ ଟୁବ୍ରୋ ମେଟ୍ରୋ ରେଳ ହାଇଦ୍ରାବାଦ ଲିମିଟେଡ୍ ର ମୁଖ୍ୟ ମାର୍କେଟିଂ ଅଫିସର, XIM ଭୁବନେଶ୍ୱରର ଜଣେ ସମ୍ମାନିତ ପୂର୍ବତନ ଛାତ୍ର । ସେ ଐରଟେଲ ସହିତ ଜଡିତ ଥିବା ସମୟରେ ଟେଲିକମ ଇଣ୍ଡଷ୍ଟ୍ରିରେ ଉଲ୍ଲେଖନୀୟ ପରିବର୍ତ୍ତନ ଦେଖିବାକୁ ପାଇଥିଲେ ଏବଂ କିଭଳି ଗ୍ରାହକ ମାନେ ପ୍ରତ୍ୟାଗମନ କଲ ପାଇଁ ଲାଗୁଥିବା ଉଚ୍ଚ ଦରରୁ କିଭଳି ନୂଆ ହ୍ୟାଣ୍ଡସେଟକୁ ସ୍ଥାନନ୍ତାରିତ ହେଇଥିଲେ ଏହା ଉପରେ ଆଲୋକପାତ କରିଥିଲେ ।

ବଜାଜ ହାଉସିଂ ଫାଇନାନ୍ସ ଲିମିଟେଡର ମୁଖ୍ୟ ନିଯୁକ୍ତି ଅଧିକାରୀ ଶ୍ରୀମତୀ ସାୟନ୍ତନି ଦତ୍ତା ତାଙ୍କ ଯାତ୍ରା ପାଇଁ ଗଭୀର କୃତଜ୍ଞତା ଜଣାଇ ଛାତ୍ରମାନଙ୍କୁ ବଡ଼ ସ୍ୱପ୍ନ ଦେଖିବା ଏବଂ ସୀମା ବିନା ଉଚ୍ଚାଭିଳାଷକୁ ଗ୍ରହଣ କରିବାକୁ ଅନୁରୋଧ କରିଥିଲେ । ନିଜ ଅନୁଭୂତି ଉପରେ ପ୍ରତିଫଳିତ କରି ଶ୍ରୀମତୀ ଦତ୍ତା ଛାତ୍ରମାନଙ୍କୁ ସେମାନଙ୍କ ଦିନ ଉପଭୋଗ କରିବାକୁ ପରାମର୍ଶ ଦେଇଥିଲେ, ଯେ ପର୍ଯ୍ୟନ୍ତ ସେମାନେ କଲେଜରୁ ବାହାରିବା ଏବଂ ବାସ୍ତବ ଦୁନିଆରେ ଉନ୍ନତି ନ କରିବା ପର୍ଯ୍ୟନ୍ତ ସେମାନେ ଅନୁଭବ କରିବେ ନାହିଁ । ସେ ଏକ ୟୁନିଫାଏଡ୍ ବ୍ରାଣ୍ଡ ଭିଜନର ଗୁରୁତ୍ୱ ଉପରେ ପର୍ଯ୍ୟାଲୋଚନ କରିଥିଲେ ଯାହା ନିବେଶକ ଓ ଗ୍ରହକଙ୍କୁ ଏକ ନୂଆ ଦିଗରେ ଯିବାପାଇଁ ପଥ ପ୍ରଦର୍ଶନ କରାଇଥିଲେ ।

ଶ୍ରୀମତୀ ଇନା ଖୁରାନା, ସି ପି ଓ, କେ ଆଇ ଇ, ସ୍କୋୟାର ଆନାଲିଟିକ୍ସ, ତାଙ୍କ ଆଲମା ମ୍ୟାଟର୍ XIM, ଭୁବନେଶ୍ୱରକୁ "ଶିକ୍ଷାର ମନ୍ଦିର" ବୋଲି କହିଥିଲେ । ଶ୍ରୀମତୀ ଖୁରାନା ବ୍ୟକ୍ତିଗତ ଭାବରେ ଅନୁସରଣ କରୁଥିବା ଏକ ଉଦ୍ଧୃତି ସହିତ ଶିକ୍ଷଣ ପ୍ରକ୍ରିୟାରେ ଛାତ୍ରଛାତ୍ରୀମାନେ ସମ୍ମୁଖୀନ କରୁଥିବା ଅନିଶ୍ଚିତତା ଏବଂ ଭୟକୁ ସମ୍ବୋଧିତ କରିଥିଲେ ।

ତାଙ୍କ କହିବାନୁସାରେ, ଆଜିର କର୍ପୋରେଟ୍ ଦୁନିଆ ପାଇଁ ଏକ ପ୍ରମୁଖ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆବଶ୍ୟକତା ହେଉଛି ପକେଟ୍ ସ୍କିଲ୍ । ତାଙ୍କ ବକ୍ତବ୍ୟର ଏହା ମୁଖ୍ୟ ବିନ୍ଦୁ ଥିଲା ଯେ ଏହାକୁ ଅଭ୍ୟାସ କରିବା ଜାରି ରଖିବା ଯେ ପର୍ଯ୍ୟନ୍ତ ଆପଣ ଏଥିରେ ବହୁତ ଭଲ ନ ହୁଅନ୍ତି ।

ସିଏ ଏହା କହିଥିଲେ କି ଏକ ଶକ୍ତିଶାଳୀ ବ୍ରାଣ୍ଡ ସୃଷ୍ଟି କରିବାକୁ ଉପାୟ ହେଲା ସର୍ବଦା ସଂଗଠନକୁ ଏକୀକୃତ ବାର୍ତ୍ତା ମନେ ରଖିବା ଏବଂ ଗ୍ରାହକଙ୍କ ଅସନ୍ତୋଷକୁ ସମାଧାନ କରିବା ।

ଫୋନପେ ର ସି ପି ଓ, ଶ୍ରୀମତୀ ମନମିତ ସନ୍ଧୁ ମଧ୍ୟ XIM ଭୁବନେଶ୍ୱରର ଜଣେ ସମ୍ମାନିତ ଆଲୁମନସ୍ ଯିଏ କି ଫୋନ୍ ପେ କୁ ଯାଉଥିବା ତାଙ୍କ ବୃତ୍ତିଗତ ଯାତ୍ରାର ମୁଖ୍ୟ ଆକର୍ଷଣ ବିଷୟରେ ଆଲୋଚନା କରିଥିଲେ । ପ୍ରକ୍ରିୟାରେ ବିଶ୍ୱାସ କରିବା ଉପରେସେ ଗୁରୁତ୍ୱାରୋପ କରିଥିଲେ ।

ଏହା ପରେ ଏକ ପ୍ରଶ୍ନୋତ୍ତର ଅଧିବେଶନ ଆୟୋଜିତ ହୋଇଥିଲା ଯେଉଁଥିରେ ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରଶ୍ନ ପଚାରି ନିଜ କୌତୁହଳର ସମାଧାନ କରିଥିଲେ । ଅନ୍ତର୍ନିହିତ ଅଧିବେଶନ ପ୍ରଫେସର ସୌମ୍ୟ ସରକାରଙ୍କ ଏକ ଭାବପ୍ରବଣ ପ୍ରତିଫଳନ ସହିତ ସମାପ୍ତ ହେଲା ଏବଂ ପରେ ବ୍ୟବସାୟ ଉତ୍କର୍ଷ ସମ୍ମିଳନୀ ଟିମ ତରଫରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା ।

**ଜାଭିଏର୍ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟର ଏହି ବାର୍ଷିକ କାର୍ଯ୍ୟକ୍ରମକୁ ପ୍ରତିବର୍ଷ ଭଳି, ଚଳିତ ବର୍ଷ ମଧ୍ୟ, ଆହ୍ୱାନ ଇ-ପତ୍ରିକା ମେଡ଼ିଆ ପାର୍ଟନର୍ ଭାବରେ ସହଯୋଗ କରିଥିଲେ ।**

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପୋଡ଼କାଷ୍ଟ


ଗତ ମାସରେ ଆହ୍ୱାନ ଇ-ପତ୍ରିକାରେ ପ୍ରକାଶିତ କିଛି ଗଳ୍ପ ଆମ ପୋଡ଼କାଷ୍ଟରେ ପ୍ରକାଶିତ ହୋଇଛି । ପ୍ରତ୍ୟେକ ମାସରେ ପ୍ରକାଶିତ ଗଳ୍ପ ଓ ପ୍ରବନ୍ଧ ମଧ୍ୟରୁ ଶ୍ରେଷ୍ଠ ବିବେଚିତ କିଛି ଆଲେଖ୍ୟକୁ ଆମ ପୋଡ଼ କାଷ୍ଟରେ ସ୍ଥାନ ଦିଆଯିବ ।

ଆହ୍ୱାନ ଓଡ଼ିଆ ଇ-ପତ୍ରିକା ଆନୁକୂଲ୍ୟରେ ପ୍ରକାଶିତ ହେଉଛି Odia Podcast Original, ପୋଡ଼କାଷ୍ଟ ଚାନେଲ୍ । ଏଥିରେ ଓଡ଼ିଆ ଭାଷାରେ, ଗଳ୍ପ, କବିତା, ପ୍ରବନ୍ଧ ସମେତ ଅନେକ ବିଷୟରେ କାର୍ଯ୍ୟକ୍ରମମାନ ଉପସ୍ଥାପନ କରାଯାଇଛି । ଆମ ପୋଡ଼କାଷ୍ଟ ପ୍ରସାରଣ ଆମାଜନ୍, ଆପଲ୍, ସ୍ପଟିଫାଇ ଇତ୍ୟାଦି ସମସ୍ତ ପୋଡ଼କାଷ୍ଟ ଡାରେକ୍ଟରୀ ମାନଙ୍କରେ ଦେଖିବାକୁ ମିଳେ ।

ଏହା ଆପଣ ଆମର ୟୁଟ୍ୟୁବ୍ ଚାନେଲରେ ମଧ୍ୟ ଶୁଣିପାରିବେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com



ଲୋଭୀ ଡାକ୍ତର - ୩

ସଂଧ୍ୟାରେ କ୍ଲିନିକରୁ ଫୋନ୍ ଆସିଲାଣି । ଡାକ୍ତର ବାବୁ ବସି ଟିଭି ଦେଖୁଥାନ୍ତି । ରତ୍ନା କହିଲେ, କ୍ଲିନିକ୍ ଯିବନି କି ? ବାରମ୍ବାର ଫୋନ୍ ଆସୁଛି । ସାର୍ କହିଲେ, ହଁ ଯିବି । ଟିକେ ବିଳମ୍ବରେ କ୍ଲିନିକ୍ ବାହାରିଲେ । ଆଜି କ୍ଲିନିକ୍ ଯିବାକୁ ଆଦୌ ମନ ନଥିଲା । ଦିନବେଳେ ଅଧିକ କର୍ମବ୍ୟସ୍ତତାରୁ ହାଲିଆ ବି ବେଶୀ ଲାଗୁଥିଲା । ହେଲେ ତେଣେ କ୍ଲିନିକରେ ରୋଗୀମାନଙ୍କ ଲିଷ୍ଟ ହେଇ ଯାଇଛି ।

କ୍ଲିନିକରେ ଯାଇ ଶୀଘ୍ର ଶୀଘ୍ର ରୋଗୀଙ୍କୁ ପରାମର୍ଶ ଦେଇ ସେ ଜଣ ଜଣ କରି ରୋଗୀଙ୍କୁ ବିଦାୟ କରୁଥାନ୍ତି ଏଇ ସମୟରେ ଜଣେ ମହିଳା ରୋଗୀ ଆସି ପହଞ୍ଚିଲେ । କୌଣସି ଏକ ଧାର୍ମିକ ସଂସ୍ଥାର ପୋଷାକ ପିନ୍ଧିଥାନ୍ତି । ନିଜର ସ୍ୱାସ୍ଥ୍ୟ ଜନିତ ସମସ୍ୟା ବିଷୟରେ ଚର୍ଚ୍ଚା କରିବା ପରେ ପରାମର୍ଶ ଚିଠା ନେଇ ଚାଲିଗଲେ । କାଉଣ୍ଟରରେ ଔଷଧ କିଣୁଥିବା ବେଳେ କହିଲେ, ବାବୁ, ଏଇ ଚିଠାରେ ସାରଙ୍କ ନମ୍ବରଟା ଟିକେ ଲେଖି ଦିଅ । ଯଦି ରାତିରେ ଅଧିକ କିଛି ଖରାପ ଲାଗିଲା ତା ହେଲେ ସିଧା ସାରଙ୍କ ସହ ପରାମର୍ଶ କରି ପାରିବି । ପିଲାଟି ପରାମର୍ଶ ଚିଠାରେ ନିମ୍ନରେ ଦିଆଯାଇଥିବା ଦୁଇଟା ନମ୍ବର ଦେଖେଇ କହିଲେ, କୌଣସି ଅସୁବିଧା ହେଲେ ଏଇ ନମ୍ବରରେ ଫୋନ୍ କରିବେ ଆମେ ହେଲ୍ପ କରିଦେବୁ ।

ସେ କହିଲେ, ତୁମେ କଣ ବୁଝିବ ? ଡାକ୍ତରଙ୍କ ସହ କଥା ହେଲେ ସିନା ସେ ବୁଝିବେ । ପିଲାଟି କହିଲା, ଆଜ୍ଞା ଆମ କ୍ଲିନିକରେ ଯେତେ ସବୁ ରୋଗୀ ଆସନ୍ତି ସମସ୍ତେ ଏଇ ନମ୍ବରରେ ହିଁ ପରାମର୍ଶ କରନ୍ତି । ସାରଙ୍କ ପର୍ସନାଲ୍ ନମ୍ବର କାହାକୁ ଦିଆଯାଏ ନାହିଁ । ମହିଳା ଜଣକ ଔଷଧ ଧରି ପୁଣିଥରେ କ୍ଲିନିକ୍ ଭିତରକୁ ଆସି ସାରଙ୍କୁ କହିଲେ, ସାର୍ ଆପଣଙ୍କ ନମ୍ବରଟା ଏଇ ଚିଠାରେ ଲେଖି ଦିଅନ୍ତୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସାର୍ ସେଇ ମହିଳା ଜଣଙ୍କୁ ଚାହିଁଲେ ଆଉ କହିଲେ, ତଳେ ଦୁଇଟା ନମ୍ବର ଦିଆଯାଇଛି, ସେଥିରେ ଆପଣ ପରାମର୍ଶ ପାଇଁ କଥା ହୋଇ ପାରିବେ । ମହିଳା ଜଣଙ୍କର କିନ୍ତୁ ଏକା ଜିଦ୍ ଆପଣଙ୍କ ନମ୍ବର ହିଁ ଦରକାର । ସାର୍ କହିଲେ, ସେଇ ନମ୍ବରରେ ଆପଣ କଥା ହୋଇପାରିବେ, ଯଦି ଅଧିକ ଅସୁବିଧା ଥାଏ ତାହେଲେ ଆମ ପିଲାମାନେ ମୋତେ ଫୋନ୍ କରି ଜଣାଇବେ ।

ମହିଳା ଜଣକ ବର୍ତ୍ତମାନ ଟିକେ ଉତ୍ତ୍ୟକ୍ତ ହୋଇ କହିଲେ, ତା ହେଲେ କ୍ଲିନିକ୍ କାହିଁକି କରିଛନ୍ତି ? ଖାଲି ରୋଗୀ ଦେଖି ପଇସା ଜମା କରିବା ପାଇଁ । ଯଦି ରୋଗୀଙ୍କ ଦାୟିତ୍ୱ ନେବାକୁ ଇଛା ନାହିଁ ତା ହେଲେ ଏ ସବୁ କାହିଁକି ?

ସାରଙ୍କ ସଂଧ୍ୟାରୁ ମୁଣ୍ଡ ବ୍ୟଥା ହେଉଥିବା ବେଳେ ଏହିଭଳି ପରିସ୍ଥିତି ପାଇଁ ସେ ଆଦୌ ପ୍ରସ୍ତୁତ ହୋଇନଥିଲେ । ତଥାପି ଧିର ସ୍ୱରରେ କହିଲା, ଆଜ୍ଞା ଏଇ କ୍ଲିନିକରେ ବସିଥିବା ପର୍ଯ୍ୟନ୍ତ ମୁଁ ଜଣେ ଡାକ୍ତର । ଏହାପରେ ମୋର ନିଜର ବ୍ୟକ୍ତିଗତ ଜୀବନ ଅଛି । ମୁଁ ଯଦି ମୋ ନିଜ ମୋବାଇଲ୍ ନମ୍ବର ସମସ୍ତଙ୍କୁ ଦେବି ତା ହେଲେ ମୋତେ କୌଣସି ସମୟରେ ବି କେହି ବସେଇ ଉଠେଇ ଦେବେନି । ତେଣୁ ମୁଁ ମୋ ନମ୍ବର କାହାକୁ ଦିଏ ନାହିଁ । ଯଦି ଆପଣଙ୍କୁ କିଛି ଅସୁବିଧା ହୁଏ ତା ହେଲେ ଯେଉଁ ନମ୍ବର ଦିଆଯାଇଛି ସେଇ ନମ୍ବରରେ କଲ୍ କରନ୍ତୁ ।

ଏଇ ସମୟରେ କ୍ଲିନିକ୍ ଭିତରେ ଓ ବାହାରେ ଏକ କୃତ୍ରିମ ଗହଳି ଆରମ୍ଭ ହୋଇ ସାରିଥିଲା । କାଉଣ୍ଟରରେ ବସିଥିବା ପିଲା ବି ଦଉଡ଼ି ଆସିଲା ହେଲେ ଜଣେ ମହିଳା ଉଚ୍ଚ ସ୍ୱରରେ କହୁଥିବାରୁ କେହି ପ୍ରତିବାଦ କରିବାକୁ ସାହାସ କରୁନଥିଲେ । କିଛି କିଛି ରୋଗୀ ମହିଳାଙ୍କ ସମର୍ଥନ କରୁଥିବା ବେଳେ ଅପେକ୍ଷାରତ ରୋଗୀମାନେ ଏହି ପରିସ୍ଥିତିରେ ନିଜକୁ ଅସହାୟ ମନେ କରି ବିରକ୍ତ ବି ହେଉଥିଲେ । ଅପେକ୍ଷା କରିଥିବା ଜଣେ ରୋଗୀ ସେହି ମହିଳାଙ୍କୁ କହିଲେ, ଯଦି ଆପଣଙ୍କୁ ଅସୁବିଧା ହୁଏ ତ ସେଥିପାଇଁ ତ ଦୁଇଟା ନମ୍ବର ଦିଆଯାଇଛି, ସେଇ ନମ୍ବରରେ କଥା ହୁଅନ୍ତୁ । ମହିଳା ଜଣକ କହିଲେ, ଯଦି ବେଶୀ ଅସୁବିଧା ହୁଏ ତା ହେଲେ କିଏ ପିଠିରେ ପଡ଼ିବ ? ଏହି କଥା କହୁଥିବା ସମୟରେ ବାହାରୁ ଆସୁଥିବା ଜଣେ ଭଦ୍ରବ୍ୟକ୍ତି କହିଲେ ଅତି ଅଧିକ ଅସୁବିଧା ହେଲେ ୧୦୮କୁ ଫୋନ୍ କରିବେ ଆଉ ଆଂବୁଲାନ୍ସରେ ବସି ହସ୍ପିଟାଲ୍ ଯିବେ । ଫୋନ୍ କରିଦେଲେ କଣ ଡାକ୍ତରବାବୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆପଣଙ୍କ ଘରକୁ ଯାଇ ଚିକିତ୍ସା କରିବେ କି? ଏଇ କଥା ଶୁଣିବା ପରେ ମହିଳା ଜଣକ ନିରବ ହୋଇଗଲେ ।

କ୍ଲିନିକ୍ ଭିତରୁ ବାହାରକୁ ଯାଉ ଯାଉ ଗୁଣୁ ଗୁଣୁ ହୋଇ କହି ହେଉଥିଲେ, ସବୁ ଡାକ୍ତର ଲୋଭୀ । ଖାଲି ଟଙ୍କା ଅର୍ଜିବା ପାଇଁ କ୍ଲିନିକ୍ କରି ବସିଛନ୍ତି ।

+==============================================+

ଲୋଭୀ ଡାକ୍ତର - ୪

ସକାଳୁ ସକାଳୁ କ୍ଲିନିକରେ ପ୍ରବେଶ କରିବା ବେଳକୁ କିଛି ରୋଗୀ ଅପେକ୍ଷା କରିଥାନ୍ତି । ସାର୍ ନିଜ ଚାମ୍ବରକୁ ପଶିଗଲେ ଆଉ ଚେୟାର୍ ସାମନାରେ କାନ୍ଥରେ ରଖାଯାଇଥିବା ଭଗବାନଙ୍କ ଫଟୋ ସମ୍ମୁଖରେ ଧୁପବତୀ ଜଳାଇବା ପରେ ରୋଗୀଙ୍କୁ ଭିତରକୁ ଆସିବାକୁ ଇଙ୍ଗିତ କରିଲେ ।

ଜଣେ ଭଦ୍ରବ୍ୟକ୍ତି ପ୍ରଥମେ ଆସିଲେ । ସାର୍ ତାଙ୍କୁ ବସିବା ପାଇଁ କହିଦେଇ ପଚାରିଲେ, କୁହନ୍ତୁ କଣ ଅସୁବିଧା ହେଉଛି । ସେ କହିଲେ, ଅସୁବିଧା କିଛି ନାହିଁ ସାର୍ । ଖାଲି ବିପିଟା ଟିକେ ମାପିଦେବା ପାଇଁ ଆସିଥିଲି । ସାର୍ କହିଲେ ତା ହେଲେ ଆପଣ ଆମ କାଉଣ୍ଟରରେ ମେସିନ୍ ଥିଲା ସେଇଠି ମାପି ଦେଇ ଚାଲି ଯାଇଥାନ୍ତେ, ତୁଚ୍ଛାଟାରେ ଏତେ ଅପେକ୍ଷା କରିବା ଆବଶ୍ୟକ ନଥିଲା । ସେ କହିଲେ, ନା ସାର୍, ମେସିନରେ ମାପିବା ଆଉ ଜଣେ ଡାକ୍ତର ମାପିବା ଭିତରେ ଫରକ୍ ରହିଛି ନା ।

ସାର ତାଙ୍କ ହାତରେ ବିପି ମେସିନ ଲଗେଇ ଦେଇ ବିପି ପରୀକ୍ଷା କରି କହିଲେ, ଆପଣଙ୍କ ବିପି ଅଧିକ ଅଛି । ସେ କହିଲେ, ଓଃ ସେଇଥିପାଇଁ ମୁଣ୍ଡଟା ଟିକେ ଭାରି ଭାରି ଲାଗୁଛି ବୋଧହୁଏ । କେତେ ଅଛି ସାର୍ ? ସାର୍ କହିଲେ ୧୬୦ ବାଇ ୧୦୦ । ସେ ଚିନ୍ତିତ ହୋଇ କହିଲେ, ଓଃ ଏତେ ବଢ଼ିଗଲା । ଗତଥର ତ ୧୫୦ ଥିଲା । ସାର୍ କହିଲେ, ଔଷଧ ଲେଖିଦେଉଛି ଖାଆନ୍ତୁ, ଠିକ୍ ହେଇଯିବ । ସେତେବେଳେ ସେ ତରତର ହୋଇ କହିଲେ, ନା ସାର୍, ଔଷଧର ଆବଶ୍ୟକତା ନାହିଁ । ମୁଁ ଔଷଧ ଖାଉଛି । ହଉ ସାର୍ ମୁଁ ଆସୁଛି । ସେ ଚାଲିଗଲେ ।

ଏହି ଘଟଣାରେ ତିନିଦିନ ପରେ ପୁଣିଥରେ ସେହି ରୋଗୀଙ୍କ ଆବିର୍ଭାବ ହେଲା । ପୁଣି ସେଇ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗୋଟିଏ ଅନୁରୋଧ ବିପିଟା ଟିକେ ମାପି ଦିଅନ୍ତୁ । ପୁଣି ସେଇ ଅଧିକ ଆସିବା ପରେ ସାର୍ କହିଲେ, ଔଷଧ ଲେଖି ଦେଉଛି ଖାଇ ଦିଅନ୍ତୁ ଭଲ ହେଇଯିବେ । ସେ ଚିନ୍ତିତ ଲାଗୁଥିଲେ କିନ୍ତୁ ଔଷଧ ପାଇଁ ମନା କରିଦେଇ ଚାଲିଗଲେ । ଏହାପରେ ଏହିଟା ଗୋଟିଏ ରୀତିମତ ଘଟଣା ହୋଇଗଲା । ପ୍ରାୟ ସପ୍ତାହରେ ଦୁଇଥର ସେ ଆସନ୍ତି କେବଳ ବିପି ମାପନ୍ତି, ବଢ଼ି ଯାଇଛି କହିଲେ ଚିନ୍ତିତ ହୋଇ ଚାଲି ଯାଆନ୍ତି । ଭଲ ପୋଷାକ ପିନ୍ଧିଥିବା ଆଉ ଶିକ୍ଷିତ ଲାଗୁଥିବା ବ୍ୟକ୍ତି ଜଣକ ରୋଗପାଇଁ ଔଷଧ ନେବାକୁ ନାହିଁ, ଖାଲି ସବୁବେଳେ ବିପି ମାପିବାକୁ ଆସୁଛନ୍ତି । କିନ୍ତୁ ଏହାର କୌଣସି ପରିବର୍ତ୍ତନ ହେଲା ନାହିଁ । ପୁଣିଥରେ ସେହି ବାବୁଙ୍କ ଆବିର୍ଭାବ ହେଲା । ଏଥର ସାର୍ ବିରକ୍ତ ହୋଇ କହିଲେ, ଯଦି ଆପଣଙ୍କୁ ଏତେ ଥର ବିପି ମାପିବାକୁ ପଡୁଛି ତା ହେଲେ ଘରେ ଗୋଟିଏ ମେସିନ୍ ରଖି ଦେଉନାହାନ୍ତି । ଆପଣଙ୍କୁ ନିତି ଏତେ ବାଟ ଆସିବାକୁ ପଡିବ ନାହିଁ କି ଅପେକ୍ଷା କରିବାକୁ ପଡିବ ନାହିଁ । ସେ ପୁଣି ସେଇ ଗୋଟିଏ କଥା କହିଲେ, ସାର୍, ଜଣେ ଡାକ୍ତର ମାପିବେ କହିଲେ ସେଇଟା ପୁରା ଠିକ୍ ଆସିବ । ମେସିନ୍ ଠିକ କାମ କରେନି ବୋଲି ମୋ ପୁଅ କହୁଥିଲା ।

ସାର୍ କହିଲେ, ପୁଅକୁ କହନ୍ତୁ ଆପଣଙ୍କୁ ନେଇ କୌଣସି ଭଲ ହସ୍ପିଟାଲରେ ସବୁ ପରୀକ୍ଷାନିରୀକ୍ଷା କରି ଦେଖାଇ ଆଣିବ । ମୋତେ ଲାଗୁଛି ଆପଣଙ୍କ ଔଷଧ କାମ କରୁନି । ନହେଲେ ସବୁବେଳେ ଅଧିକ ବିପି ରହୁଛି କେମିତି ?

ବାବୁ ଜଣକ ଚିନ୍ତାରେ ପଡ଼ିଗଲେ । କହିଲେ, ସାର୍ ପୁଅ ରହୁଛି ବାଙ୍ଗାଲୋରରେ, ସଫ୍ଟୱେରରେ ଅଛି ତ । ଏଠି ଆମେ ବୁଢ଼ାବୁଢ଼ୀ ଦି ଜଣ । ସାର୍ କହିଲେ, ତ ଭଲ କଥା ଆପଣ ବାଙ୍ଗାଲୋର ଚାଲିଯାଆନ୍ତୁ, ସେଇଠି ବହୁତ ଭଲ ଭଲ କର୍ପୋରେଟ୍ ହସ୍ପିଟାଲ୍ ଅଛି, ଦେଖେଇ ଦେଇ ଆସିବେ । ବାବୁ କହିଲେ, ହଁ ପ୍ରସ୍ତାବ ଭଲ ଯେ, ପୁଅ ଭାରି ବ୍ୟସ୍ତ । ତା ଚାକିରୀରେ ସମୟ ଆଦୌ ମିଳୁନି । କାହିଁକି ତାକୁ କଷ୍ଟ ଦେବି । ସେଇଥିପାଇଁ ଯାଉନି । ସାର୍ କହିଲେ, ଦେଖନ୍ତୁ ମୁଁ ଯେତେଥର ଆପଣଙ୍କ ବିପି ଚେକ୍ କରିଛି ମୋତେ ସବୁଥର ଅଧିକ ହିଁ ଦେଖାଯାଉଛି । ମୋତେ ଲାଗୁଛି ଆପଣ କୋଉ ଔଷଧ ଖାଉଛନ୍ତି କେଜାଣି ତାହା କିନ୍ତୁ କାମ କରୁନି । ଯଦି କହିବେ ଭଲ ଔଷଧ ଲେଖିଦେବି, ନହେଲେ ଏଇ ବାରମ୍ବାର ବିପି ମାପି କିଛି ଲାଭ ନାହିଁ । ସେତେବେଳେ ସେ ନିଜ ପକେଟରୁ କିଛି ଔଷଧ ବାହାର କରି ଦେଖାଇ କହିଲେ, ଏଇ ସବୁ ଔଷଧ ମୁଁ ଖାଉଛି । ବାବୁ କହିଲେ, ସାର୍ ମୁଁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସାମଲ ଡାକ୍ତରଙ୍କୁ ଦେଖଉଛି । ସେ ମୋତେ ରେଗୁଲାର୍ ଚେକିଂ କରି ଔଷଧ ଦେଉଛନ୍ତି । ସେ ହିଁ କହିଥିଲେ ଯେ ରେଗୁଲାର୍ ବିପି ଚେକ୍ କରୁଥିବେ ବୋଲି ତେଣୁ ଆପଣଙ୍କ ପାଖକୁ ଆସୁଛି । ଏଇ ଔଷଧ କଣ ଖରାପ ?

ସାରଙ୍କୁ ସେତେବେଳେ ମନକୁ ମନ ବହୁତ ରାଗ ଲାଗୁଥିଲା । ଅର୍ଥାତ ଏଇ ଲୋକ ସହରକୁ ଯାଇ ବଡ଼ ଡାକ୍ତରଙ୍କୁ ପାଞ୍ଚଶ' ହଜାର ଦେଇ ଦେହ ଦେଖେଇ ଆସିବେ, ଆଉ ଏଇଠି ମାଗଣାରେ ବିପି ମାପିବା ପାଇଁ ଆସିବେ । ବିରକ୍ତ ହୋଇ କହିଲେ, ସେମିତି ହେଲେ ଆପଣ ସାରଙ୍କ ପାଖକୁ ଯାଇ ବିପି ମାପିବେ, କିଏ ଜାଣିଛି ତାଙ୍କର ମେସିନ୍ କିଛି ଅଲଗା ଥିବ । ବ୍ୟକ୍ତି ଜଣକ ହସିଦେଇ କହିଲେ, କି କଥା କହୁଛନ୍ତି ଆଜ୍ଞା । ବିପି ମେସିନ ସବୁ ସମାନ, ମୁଁ କଣ ଦେଖିନି । ଇଞ୍ଜିନିୟର୍ ଥିଲି ଆଜ୍ଞା, ଏବେ ରିଟାୟାର୍ କରିଛି । ସାର୍ କିନ୍ତୁ ବିରକ୍ତ ହୋଇ ସାରିଥିଲେ । ନିତିନିତି ବିପି ମାପିବାକୁ ଆସିବା ଏଇ ଲୋକଟା ଅନ୍ୟୁନ ଦଶ ମିନିଟ୍ ସମୟ ଖାଇ ଯାଉଛି । ଅନ୍ୟ ରୋଗୀଙ୍କୁ ଅପେକ୍ଷା କରିବାକୁ ପଡୁଛି । ତେଣୁ ସାର୍ ନିଷ୍ପତ୍ତି ନେଲେ, ଏଥର ଯିଏ ବିପି ମାପିବାକୁ ଆସିବ ସେ ବି ଟୋକେନ୍ କରି ଆସିବ । ଯଦି ଖାଲି ବିପି ମାପିବାର ଅଛି ତା ହେଲେ କାଉଣ୍ଟରରେ ବିପି ମେସିନ୍ ଅଛି, ସେଇଠି ମାପିଦେଇ ଯିବ । ଆଉ ଯଦି ସାରଙ୍କ ପାଖରେ ହିଁ ବିପି ମାପିବାର ଅଛି, ତାହେଲେ ଫିଜ୍ ଦେବ । ସେହି ମତେ ନିୟମ କରି ଦିଆଗଲା ଏବଂ କ୍ଲିନିକରେ ସେଥିପାଇଁ ଲିଖିତ ନୋଟିସ୍ ଛାପି ଦିଆଗଲା ।

କିଛିଦିନ ପରେ ସେଇ ବାବୁ ଜଣକ ପୁଣିଥରେ ଆସିବା ପରେ କାଉଣ୍ଟରରେ ବସିଥିବା ପିଲା କହିଲା ସାର୍ ଆପଣଙ୍କ ନାଁ ଏଇଠି ଲେଖେଇ ସାରଙ୍କ ଫିଜ୍ ଦେଇ ଭିତରକୁ ଯାଆନ୍ତୁ । ବାବୁ ହସିଦେଇ କହିଲେ, ଆରେ ନା ନା ମୋର ଦେହ ଦେଖେଇବାର ନାହିଁ, ଖାଲି ଟିକେ ବିପି ମାପିବାର ଥିଲା । ପିଲାଟି କହିଲା, ଠିକ୍ ଅଛି, ଏଇଠି ବସନ୍ତୁ ମୁଁ ବିପି ଦେଖିଦେବି । ବାବୁ କହିଲେ, ଆରେ ତୁ ପିଲାଲୋକ ତୁ କଣ ଦେଖିବୁ ? ସେଇ କାମ ଡାକ୍ତରଙ୍କର ନା । ପିଲାଟି କହିଲା, ମେସିନରେ ତ ବିପି ଦେଖିବାର ଅଛି, ଡାକ୍ତର ହୁଅନ୍ତୁ କି କିଏ ହେଉ, କଣ ଫରକ୍ ପଡୁଛି ? ବାବୁ କହିଲେ, ଆହା ତୁ ବୁଝିବୁନି । ଜଣେ ଡାକ୍ତରଙ୍କ ସହ କଥା ହେଲେ ପରାମର୍ଶ କଲେ ମନକୁ ଭଲ ଲାଗେ । ଆଉ ତୁ ଏଇ ମେସିନ୍ ଖଞ୍ଜିଦେଇ ବିପି ମାପିଦେଇ କହିବୁ କେତେ ଅଛି, ମୁଁ କଣ ମେସିନ୍ ଘରେ ରଖି ପାରିବିନି ? ନା ଦେଖି ପାରିବିନି ? ଡାକ୍ତରଙ୍କ ପାଖରେ ମାପିଲେ ପଦେ ଅଧେ କଥା ହେଲେ ମନ ଭଲ ଲାଗେ ନା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପିଲାଟି କହିଲା, ବାସ୍, ସେଇ ପଦେ ଅଧେ କଥା ହେବାପାଇଁ ସମୟ ବି ଲାଗେ ଆଉ ସେଇ ସମୟରେ ସାର୍ ଅନ୍ୟ ରୋଗୀଙ୍କୁ ନ ଦେଖି ଆପଣଙ୍କୁ ଦେଖନ୍ତି, ତେଣୁ ସେଥିପାଇଁ ଏବେ ନୂଆ ନିୟମ ହୋଇଛି, ଭିତରକୁ ଯିବାକୁ ହେଲେ ଆଗ ଏଠାରେ ନାଁ ଲେଖେଇବେ ଆଉ ଫିଜ୍ ଦେଇ ଭିତରକୁ ଯିବେ ।

ଏଇ କଥା ଶୁଣିବା ପରେ ବାବୁ ହଠାତ୍ ରାଗିଗଲେ । କହିଲେ, କି କଥା ? ସାମାନ୍ୟ ବିପି ଟିକେ ମାପିବା ପାଇଁ ମଧ୍ୟ ଆମକୁ ଫିଜ୍ ଦେବାକୁ ପଡିବ ? ଭଲ କାମ କରିବାର ଯୁଗ ବିତିଗଲା ନା କଣ ? ଏତେ ଅନ୍ୟାୟ କଣ ପାଇଁ? କଣ ଡାକ୍ତର ବୋଲି ସାର୍ଟିଫିକେଟ୍ ଟେ ପାଇଛନ୍ତି ବୋଲି ଆମକୁ ଝୁଣିବେ ? ଏଇ କଥା କହୁଥିବା ସମୟରେ ସାର୍ କ୍ଲିନିକ୍ ଭିତରକୁ ଆସୁଥିଲେ କହିଲେ, ନାଇଁ ଆଜ୍ଞା ଆପଣଙ୍କୁ ଝୁଣିବା ପାଇଁ ନୁହଁ, କିନ୍ତୁ ଆପଣଙ୍କ ପାଇଁ ଯେଉଁ ସମୟ ଦେବାକୁ ହେଉଛି ତାହାର ମୂଲ୍ୟ ତ ଦେବାକୁ ପଡିବ ନା କଣ କହୁଛନ୍ତି । ଆପଣ ଯେତେବେଳେ ସାମଲ୍ ସାରଙ୍କୁ ଦେଖା କରିବାକୁ ଯାଉଛନ୍ତି ସେ ଆପଣଙ୍କୁ ମାଗଣାରେ ହିଁ ଦେଖୁଛନ୍ତି କି? ବାବୁ ନିରବ ହୋଇଗଲେ, କିନ୍ତୁ ସାର୍ ଭିତରକୁ ଚାଲିଗଲା ପରେ ଗୁଣୁଗୁଣୁ ହୋଇ କହିଲେ, ଡାକ୍ତର ହେଇଗଲେ ସବୁ ଲୋଭୀ ହୋଇ ଯାଉଛନ୍ତି, ସେଇଠିକି ଗଲେ ପାଞ୍ଚଶ ଦେବାକୁ ହଉଥିଲା ଏବେ ଏଇଠେ ବି ଦେବାକୁ ପଡ଼ିବ... ହୁଁ... ସବୁ ଶଳା ସମାନ । ଖାଲି ପଇସା ପଇସା ହଉଛନ୍ତି... ହଇଓ ଏତେ ଲୋଭ କାହିଁକି ? ଲୋଭୀ ଡାକ୍ତର....

Listen to Odia Podcast Original at https://youtube.com/@drjyotiprasad

# ଗାଳ୍ପ ବିଭାଗ

ଯଦି ଆପଣ ଏହି ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଚାହୁଁଛନ୍ତି, ତା ହେଲେ ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର ଦ୍ୱାରା ଟାଇପ୍ କରନ୍ତୁ ଏବଂ ସେହି ଆଲେଖ୍ୟକୁ ଆମ ନିକଟକୁ ଇମେଲ୍ ଦ୍ୱାରା ପ୍ରେରଣ କରନ୍ତୁ । ଓଡ଼ିଆରେ ଆପଣ ଯେକୌଣସି ସଫଟ୍‌ୱେରରେ ଟାଇପ୍ କରି ପଠାଇ ପାରିବେ । ଧାରାବାହିକ କାହାଣୀ ପାଇଁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲ୍ କରି ଏକାଥରେ ପଠାଇବେ । ପ୍ରତ୍ୟେକ ଲେଖା ସହ ନିଜ ଛବି ଓ ଠିକଣା ଲେଖି ପଠାନ୍ତୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଅନେକ କଳାଛାଇ - ୨୦

ଅଶୋକ ବିଶ୍ୱାଳ



## ଉପସାଗରର ଲାଲ ତରଙ୍ଗ-୨

ଲାଲ ଆକାଶ, ଶେର ଅଲ୍ଲୀ ପାଇଁ ଲାଲ ଆକାଶ । ଆକାଶର ରଙ୍ଗ ପାଣିରେ ମିଶିଯିବା ଦରକାର । ଦେଖୁନ ଆକାଶରୁ ରଙ୍ଗ ପାଣିକୁ ଝରିଆସୁଛି । ସଂନ୍ଧ୍ୟାରେ ସମୁଦ୍ର କୂଳରେ ଆକାଶ ଗାଢ ଲାଲ ହୋଇଉଠେ । ନାରଙ୍ଗୀ ରଙ୍ଗ, କମଳା ରଙ୍ଗ ଏମିତି ଲାଲ ରଙ୍ଗର ଅନେକ ପ୍ରକାର । ପାଣିରେ ବଉଦର, ଆକାଶର ପ୍ରତିଫଳନ ତ ଥାଏ । – ସେ କହୁଥିଲା । ଅବିନାଶ ମଧ୍ୟ ସନ୍ଧ୍ୟାର ଲାଲ ଆକାଶ ଦେଖି ଆତ୍ମବିସ୍ମୃତ ହୋଇଯାଉଥିଲା । ଆଣ୍ଡାମାନରେ ଆକାଶ ଏତେ  ପ୍ରକାରର ଲାଲ ରଙ୍ଗ ଧାରଣ କରିପାରେ ନଦେଖିଲେ ବିଶ୍ୱାସ ହେବନି । ଏକ ନିର୍ମଳ ଆକାଶରେ ଲାଲ ରଙ୍ଗର ଅସଂଖ୍ୟ କମ୍ବିନେସନ ବା ମିଶ୍ରଣ ତିଆରି ହୋଇଯାଏ ।

ଅବିନାଶ ଆକାଶକୁ କିଛି ସମୟ ଅନାଇ ରହିଲା । ନିଜ ଭିତରେ ସେ ମଧ୍ୟ ତରଙ୍ଗର ଉଚ୍ଛ୍ୱାସ ଅନୁଭବ କରୁଥିଲା । ଭିତରେ ସୂର୍ଯ୍ୟ ଉଠୁଥିଲା, ଆକାଶ ଧିରେ ଖୋଲୁଥିଲା ଆଉ ମଝି ଆକାଶରେ ସୂର୍ଯ୍ୟ ଉଇଁଥିଲା । ସମୁଦ୍ରର ଗାଢ ନୀଳ କଳା ଜଳ ରଙ୍ଗରେ ଝଲମଲ କରୁଥିଲା । ଅବିନାଶ ଏବେ ସେ ସନ୍ଧ୍ୟାର ପ୍ରକୃତ ରଙ୍ଗକୁ ଅନୁଭବ କରୁଥିଲା । ସେ ଲୋକଟି ମଧ୍ୟ ଆକାଶକୁ ଅନାଇ ରହିଥିଲା । ବେଳ ଗଡିଯାଉଛି ଜଣା ପଡୁନଥିଲା । ସମୁଦ୍ର କୂଳଟା ତ ଏମିତି । ବେଳ ଗଡିଯାଏ, ଜଣା ପଡେନ, ମନ ବି ଥକେନି ।

ବର୍ଷ ବର୍ଷ କରି ଦୀର୍ଘ ଚଉଦ ବର୍ଷ କଟିଗଲା । ପ୍ରତିଦିନ ମୁଁ ସନ୍ଧ୍ୟାର ଲାଲ ରଙ୍ଗକୁ ହୃଦୟ ଭିତରକୁ ଆଣିଛି । ପାଣି ଧାରରେ ବସି ପାହାଡ ଗଢିଛି । ପ୍ରତିଦିନ  ସବୁ ପ୍ରକାର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପାହାଡ, କଳା ପାହାଡ, ଲାଲ ପାହାଡ, ଧଳା ପାହାଡମାନ ଗଢିଛି । ଗୋଟାଏ ପାହାଡରୁ ଆଉ ଏକ ପାହାଡକୁ ରାସ୍ତା ଲମ୍ବି ଯାଇଛି । ତଥାପି ମୁଁ ପାଣି କୂଳରେ ବସି ପାହାଡମାନ ଗଢିଚାଲିଛି । ପାଣି କୂଳରେ ବସି ପାଣିକୁ ଗୋଡ ବଢେଇ ମୁଁ ପାଣିକୁ ଚହଲାଏ, ପାହାଡ ତିଆରି କରେ ଆଉ ସେ ପାହାଡି ରାସ୍ତାରେ ଚାଲେ । କେତେବେଳେ ହେଲେ ତ ରାସ୍ତା ତ ସରିବ । କିନ୍ତୁ ରାସ୍ତା ସରେନି । ମୋ ଉପତ୍ୟକା ଆସେନି । ଚାରିପାଖେ ଏ ପାହାଡମାନ ଥିବ ଆଉ ତା' ଭିତରେ ବସିରହିଥିବ ଏକ ଉପତ୍ୟକା, କୁଳୁକୁଳୁ କରି ପାଣି ବୋହିଯାଉଥିବ । ସେ ପାଣିରେ ମୁଁ ଗୋଡ ବୁଡାଇଥିବି । ପକ୍ଷୀମାନେ ଗୀତ ଗାଉଥିବେ । ଏକ ସୁନ୍ଦର ଉପତ୍ୟକା ହୋଇଥିବ ।- ଅବିନାଶ ଲୋକଟିର କଥାରେ ଯେମିତି ଭାସିଯାଉଥିଲା ।

ଉପତ୍ୟକା ଆସୁନି, ଆଉ ମୁଁ ପାହାଡ ଗଢି ଗଢି, ଚାଲିଚାଲି ଥକି ଯାଉଛି । ଆଃ, ଏକଦମ ଥକିଯାଉଛି।- ସେ କହିଲା । ତା'ର ମୁଣ୍ଡ ତଳୁଆ ହୋଇଯାଇଥିଲା । ନାକରୁ ସାମାନ୍ୟ ଖର ନିଶ୍ୱାସ ଆସୁଥିଲା । ସେ କିଛି ସମୟ ମୁଣ୍ଡ ସେମିତି ତଳକୁ କରି ବସି ରହିଲା । ନିଜକୁ ପ୍ରକୃତିସ୍ଥ କରୁଥିଲା ।

ତା'ପରେ ଆକାଶ ଲାଲ ରହିଲା । ଲାଲ ଆକାଶରୁ ମନ୍ଦା ମନ୍ଦା ମେଘ ପାଣିକୁ ଝରିଆସୁଥିଲା । ଆଉ କଳା ବା ଧଳା ପର୍ବତର ଆବଶ୍ୟକ ନାହିଁ, କେବଳ ଲାଲ ପର୍ବତ । ମୁଁ ପାଣିରେ ଗୋଡ ବୁଡାଇ ସେହି ଲାଲ ପର୍ବତମାନଙ୍କୁ ଚାହିଁ ରହିଥିବି ।- ସେ ହଠାତ୍ ଦୃଢ ସ୍ୱରରେ କହିଲା ।

ଅବିନାଶ କିଛି କହିଲାନି । ଲୋକଟି କ'ଣ କହୁଛି କୁହୁ । ଆଣ୍ଡାମାନରେ ବହୁ ସ୍ୱାଭାବିକ ଲୋକଙ୍କୁ ପାଇବନି ବୋଲି ସେ ଜାଣୁଥିଲା । ଏମିତି ଅଜଣା ଆଉ ଅଶୁଣା ଜାଗାରେ ବହୁ ଜିନିଷ ଅସାଧାରଣ ହୋଇଥିବ । କିଛି ମଣିଷ ନିଶ୍ଚେ ଭିନ୍ନ ଥିବେ । ସେ ଲୋକମାନଙ୍କୁ ଦେଖି ଏକ ନୂଆ ମଣିଷ ଖୋଜିବ । ଅଜଣା ମଣିଷ ଖୋଜିବାପାଇଁ ତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏତେ ଦୂର ଭୂମିକୁ ଧାଇଁ ଆସିଛି । ତା' ମନ ଭିତରେ କିଏ କୁହେ ତୁମେ କ'ଣପାଇଁ ଦୌଡିଚାଲିଛ ଅବିନାଶ, ଆଉ ଏ ଖୋଜିବାର ଅର୍ଥ ବି କ'ଣ? ସବୁ ଦିନେ ଧୂଳିରେ ମିଶିଯିବ ଆଉ ତୁମେ ସତରେ ପହଞ୍ଚିବ ବା କେଉଁଠି ? କିନ୍ତୁ ତା'କୁ କିଏ ଭିଡୁଥିଲା ଆଉ ସେ ନିଜ ଅଜାଣତରେ ସେ ଜାଗାକୁ ଟାଣି ହୋଇଯାଉଥିଲା ।

ଆକାଶକୁ ଦେଖୁଦେଖୁ ଏମିତି ବହୁ ବର୍ଷ ବିତିଗଲା । କିଛି ନିୟମ ପରିବର୍ତ୍ତନ ହୋଇଛି । କେଉଁ ଶେଷ ସୀମାନ୍ତରୁ ଆସି ମୁଁ କଳାପାଣିରେ ସଜା କାଟୁଥିଲି । ଆଉ ଆଶା ଥିଲା ସଜା କାଟିଲା ପରେ ମୁଁ ମୋ ଉପତ୍ୟକାକୁ ଫେରିଯାଇଥାନ୍ତି । କିନ୍ତୁ ସେ ବେଳ ଅସିଲାନି ଆଉ ମୁଁ ବ୍ୟସ୍ତ ହୋଇଯାଉଥିଲି, ଭାଙ୍ଗି ଯାଉଥିଲି । ଇଂରେଜମାନେ ନିଜ ନିୟମର ବାରବାର ପରିବର୍ତ୍ତନ କରୁଥିଲେ । ସେମାନେ, ସେମାନେ.. ।-ଲୋକଟି ସକେଇ ହେଲ। ।

ଅବିନାଶ ତା'ର ସ୍ୱରର ଗଭୀରତା ଭିତରୁ ଏକ ନିସହାୟତା ଦେଖିପାରୁଥିଲା । ଏକ ବାଲୁକା ଭିତରେ ହଜିଯାଉଥିବା ନିସହାୟତା, ତପ୍ତ ବାଲିରେ ଛଟପଟ ହେଉଥିବା ଆଶା, ଘୂର୍ଣିଝଡ ଭିତରେ ନିଜ ସ୍ଥାନ ଜାଣିପାରୁନାହିଁ । ତା'ପରେ ଧିରେ ସେ ବାଲୁକାରେ ମିଳେଇ ଯାଉଛି, ଅସ୍ତିତ୍ୱ ସଂମ୍ପୂର୍ଣ ହଜିଯାଉଛି । ତା'ପରେ ବାଲିର ପାହାଡ ଜମା ହୋଇଛି । କିଛି ନିର୍ଦ୍ଦିଷ୍ଟ ଜଣାପଡୁନି ।

ଭାଇସରୟ ଲର୍ଡ ମାୟୋ ଭାବୁଥିଲେ ଯେ କଇଦୀମାନେ ଆଣ୍ଡାମାନରେ ସେମାନଙ୍କ ଜୀବନ ବିତାନ୍ତୁ, ପେଟାଲ ସେଟଲମେଣ୍ଟ ସଫଳ ହେଉ । ଲୋକମାନେ ଦ୍ୱୀପରୁ ଆଉ ଫେରିବେନି । ସେ ଏମିତି ନିୟମ କେମିତି କରିପାରନ୍ତି ? ଏହା ସଂମ୍ପୂର୍ଣ ଭାବେ ଅନ୍ୟାୟ । - ସେ ପୁଣି ସକେଇ ହେଲା ।

ଆଚ୍ଛା, କହିବ ଜୀବନର ସବୁଠାରୁ ମୂଲ୍ୟବାନ ରତ୍ନ କ'ଣ?- ତା'ପରେ ସେ ପଚାରିଲା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଚକ୍ଷୁ ମୂଲ୍ୟବାନ, ହାତ ପାଦ ମଧ୍ୟ ମୂଲ୍ୟବାନ, ହୃତପିଣ୍ଡ ବା ଲିଭର ଅତି ମୂଲ୍ୟବାନ । ଦେହର ପ୍ରତିଟି ଉପାଦାନ ମୂଲ୍ୟବାନ। କାହାର ଅନୁପସ୍ଥିତିରେ ଅନ୍ୟ ବହୁ କିଛି ଅପୂର୍ଣ ଲାଗେ, କିଛି ସୁଚାରୁ ରୂପେ ଚାଲେନା ।-ଅବିନାଶ କହିଲା ।

ସବୁ ଅଙ୍ଗଠାରୁ ବଡ଼ ହେଉଛି ଜୀବନ । ଆଉ ଲର୍ଡ ମାୟୋଙ୍କ ଆଦେଶ ମୋଠାରୁ ଜୀବନ ଛଡାଇ ନେଉଥିଲା । ମୋ ପରିବାର, ମୋ ବନ୍ଧୁମାନେ ଯେଉଁମାନେ ମୋ ଜୀବନର ଏକ ଏକ ବଡ଼ ଅଂଶ, ସେମାନଙ୍କୁ ମୁଁ ଆଉ ଦେଖି ପାରିବିନି, ମୋ ଉପତ୍ୟକାକୁ ଆଉ ଫେରିପାରିବିନି ।– ସେ ଏତିକି କହି ପୁଣି ଟିକେ ସକେଇ ହେଲା । ଅବିନାଶକୁ ତା' ଦୁଃଖ ଛୁଉଁଥିଲା । ସତେ ଜୀବନରେ ଯଦି ବନ୍ଧୁ ବାନ୍ଧବ ନଥିବେ, କେତେ ବ୍ୟର୍ଥ ତ ଜୀବନ ।

ଜାଣିଛ ଆଶାକୁ, ଏହା ଏକ ନରମ ପର ଥିବା ପକ୍ଷୀ । ସେ ଜୀବନ ରୂପକ ଗଛରେ ବସିରହେ ଆଉ ସେଇଠୁ ମଧୁର ସ୍ୱରରେ ଗୀତ ଗାଉଥାଏ । କେବେ ତା' ଗୀତ ବନ୍ଦ ହୁଏନାହିଁ । ବାହାରେ ପ୍ରବଳ ବାତ୍ୟା ବୋହୁଥାଏ, କିନ୍ତୁ ସେଇ ଛୋଟ ପକ୍ଷୀ ଆମକୁ ଉଷୁମ ତ ଦିଏ । ଶୀତରେ ଥରଥର ହେଉଥିବା ପୃଥିବୀ ଆଉ ଅଜଣା ସମୁଦ୍ରର କୂଳ । କିନ୍ତୁ କିଏ ବସିଥାଏ ହୃଦୟରେ ? ସେଇ ଛୋଟ ପକ୍ଷୀ ଆଶା । ତା' ଡେଣାର ଝଡାରେ ମୋ ଭିତରେ ନୂଆ ଉନ୍ମାଦନା ଖେଳିଯାଉଥାଏ ।

ଜୀବନ ହେଉଛି ଏକ ଥକା ପଥ । ଟିକେ ଅଟକିଯିବାପାଇଁ । ଆମ ସମସ୍ତଙ୍କର ଯାତ୍ରା ଭିନ୍ନ । ଜୀବନ ହେଉଛି ପ୍ରାଣ ଆବେଗର ଚଲାପଥ । ସେ ରାସ୍ତାରେ ବିଶ୍ୱାସ ଆଉ ସ୍ୱପ୍ନ ଫୁଲ ହୋଇ ଫୁଟିଥାଏ । ମଧୁର ସୁଗନ୍ଧ । ରାସ୍ତାରେ ଯଦି ଫୁଲ ତ ଫୁଟେନି, ସେ ଜାଗା ମରୁମୟ ନୁହେଁ କି ?- ଲୋକଟା କହିଲା । ତା' କଥା ଏବେ ଦୃଢ ଲାଗୁଥିଲା । ଅବିନାଶ କିଛି କହିଲାନି । ଆଶା ନିଶ୍ଚୟ ଏକ ନରମ ପକ୍ଷୀ ହୃଦୟରେ, ସବୁବେଳେ ଫଡଫଡ କରୁଥିବ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେଇଥିପାଇଁ ମୋ ଜୀବନକୁ ଚିରଦିନ ପାଇଁ କୁସୁମିତ କରିଦେବାପାଇଁ ଚାହୁଁଥିଲି । ଆଉ ସୁଯୋଗ ବି ଆସିଥିଲା ।  ମୋ ଆକାଶ ସେତେବେଳକୁ ଲାଲ ହୋଇଯାଇଥିଲା । ଆଉ ପାଖରେ ଏକ ବଡ଼ ଛୁରା ବି ଥିଲା ।  ତେଣୁ ପ୍ରତୀକ୍ଷା କ'ଣ ପାଇଁ ? ଠିକ ସମୟକୁ, ସୁଯୋଗ ଚାଲିକରି ଆସି ମୋ କତିରେ ପହଞ୍ଚିଲା ।  ଲର୍ଡ ମାୟୋ ଆଣ୍ଡାମାନ ଦ୍ୱୀପ ପରିଦର୍ଶନରେ ଆସିଥିଲେ ।  ମାଉଣ୍ଟ ହାରିଏଟ ତଳେ ଥିଲା ଆଜିର ପାଣିଘାଟ ଜେଟି, ସେତେବେଳର ହୋପଟାଉନ ଜେଟି, ଚାଥାମ ଦ୍ୱୀପର ଠିକ ବିପରୀତରେ ।  ସେଠାରୁ ମାୟୋ  ଫେବୃୟାରୀ ୮ ତାରିଖ, ୧୮୭୨ ମସିହାରେ ମାଉଣ୍ଟ ହାରିଏଟ ପରିଦର୍ଶନରେ ଗଲେ ।  ପର୍ବତର ଶିଖରରୁ ଦ୍ୱୀପର ସୌନ୍ଦର୍ଯ୍ୟ ଦେଖୁଦେଖୁ ସମୟ ସଂନ୍ଧ୍ୟା ହୋଇଗଲା । ତାଙ୍କର ସେଠାରୁ ଫେରି ରସ ଦ୍ୱୀପ ଯିବାର ଥିଲା ।- ସେ କିଛି ଐତିହାସିକ  ଘଟଣାର ବର୍ଣ୍ଣନା ଦେଉଥିଲା ।  ବର୍ଣ୍ଣନା ଦେଲାବେଳେ ସମୁଦ୍ରରେ ପାଣି ନାଚୁଥିଲା ଆଉ ଧିରେ କଳା ହୋଇଯାଉଥିଲା ।

ଜାଣିଛ ତ, ମୁଁ ବାହେବି ବିଦ୍ରୋହୀର ମହାନ ପଠାଣ କଇଦୀ ମହମ୍ମଦ ଶେର ଅଲ୍ଲୀ । ମୁଁ ଏକ ଘୋଡା ଚଢ଼ି ବୁଲୁଥିବା ପଠାଣ ।  ଆଉ ତୁମେ ଏ ବିଦ୍ରୋହ କଥା ଜାଣିଛ ? ଜାଣିନଥିବ ।  ମୋତେ ତୁମେ କେବଳ ମୋ କଇଦୀ ରୂପ ଦେଖି ଚିହ୍ନୁଛ ।  ମୋତେ ଏକ ହତ୍ୟାକାରୀ ବୋଲି ଚିହ୍ନି ରହିଯାଅନି ।  କ୍ରୋଧରେ ଦିନେ ମୁଁ ଏକ ପରିଚିତକୁ ମାରିଦେଇଥିଲି ।  କିନ୍ତୁ ମୁଁ ସବୁବେଳେ ମୋ ଚିହ୍ନ ଛାଡିଯାଏ ।- ସେ ଅତି ଦୃଢ ସ୍ୱରରେ କହୁଥିଲା ।  ସେ ସ୍ୱରର ଦୃଢତା ତଳେ ଆଉ କିଛି ସ୍ୱର ନଥିଲା ।  ସନ୍ଧ୍ୟା ଏବେ କଳରବହୀନ, ନିଃଶବ୍ଦ ହେଉଥିଲା ।

ଏକ ଦୃଢ ପଠାଣ, ଯିଏ ନିଜ ଲକ୍ଷ୍ୟରୁ ଚ୍ୟୁତ ହୁଏନାହିଁ ।- ଅବିନାଶ ମନକୁ ମନ କହିଲା । ସେ କଥା ତା' ଅଜାଣତରେ ତା' ତୁଣ୍ଡକୁ ଆସିଯାଇଥିଲା ।

ଆମେ ୱାହେବି ବିଦ୍ରୋହୀମାନେ ସାମୟିକ ଭାବେ ହାରିଯାଇପାରୁ, କିନ୍ତୁ ଲକ୍ଷ୍ୟରୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଚ୍ୟୁତ ହେଉନାହୁଁ । ଆଉ ଏହା ଥିଲା ଆମର ଇଂରେଜ ଶାସନ ବିରୁଦ୍ଧରେ ଜିହାଦ, ଧର୍ମ ଯୁଦ୍ଧ । ସେଇଠି ନିଜର କିଛି ବର୍ଣ୍ଣନା ନାହିଁ । ଧର୍ମ ରକ୍ଷା ପାଇଁ ଜିହାଦ ବା ଆତ୍ମ ବଳୀଦାନ । ମୋ ଆଶା ପାଇଁ ଆତ୍ମ ବଳୀଦାନ । ଏହାଥିଲା ଇସଲାମର ଶୁଦ୍ଧତା ପାଇଁ ପ୍ରଚେଷ୍ଟା । ବହୁ ଯୁଗର ମଇଳା ଧର୍ମ ଭିତରକୁ ଆସିଯାଇଛି ଆଉ ତା'କୁ ଛାଣି ବାହାର କରିବା ଦରକାର । ମୋର ଫେରିଯିବା ଦରକାର । ଆମର ବିଦ୍ରୋହ ଥିଲା ଇଂରେଜ ଶାସନ ବିରୁଦ୍ଧରେ । ଏଇଠି ମୁଁ ଅଟକି ନପାରେ ।- ସେ କହୁଥିଲା ।

ତୁମର ବିଦ୍ରୋହ ଆଉ ବିଶ୍ୱାସ । ତୁମେ ନିଜର ଧର୍ମକୁ ପ୍ରବର୍ତ୍ତନ କରିବାକୁ ଚାହୁଁଥିଲ । ଅନ୍ୟମାନେ ବି ଅଛନ୍ତି । ଶାସକଙ୍କ ବିରୁଦ୍ଧରେ ଜିହାଦ । କିନ୍ତୁ ଅନ୍ୟଠାରେ ? ମୁଁ ତୁମର ବହୁ କଥା ମନରେ ମାନୁନାହିଁ ।-ଅବିନାଶ କଣ୍ଠକୁ ଚିପିଚିପି କରି କହୁଥିଲା ।

ତୁମେ ନମାନ । କିନ୍ତୁ ମୁଁ ମୋ ବିଶ୍ୱାସରେ ଦୃଢଥିଲି । ଅବଶ୍ୟ ବ୍ରିଟିଶମାନେ ଆମ ଆନ୍ଦୋଳନକୁ ବହୁ ଅଂଶରେ କାବୁ କରିନେଇଥିଲେ, କିନ୍ତୁ ମୋ ଭିତରେ ଜଳୁଥିବା ବହ୍ନିକୁ ଲିଭାଇ ପାରି ନଥିଲେ । ଏ ଲମ୍ବା ବନ୍ଦୀତ୍ୱ ମୋତେ ଲକ୍ଷ୍ୟରୁ କକ୍ଷଚ୍ୟୁତ କରାଉଥିଲା । ତେଣୁ ମୁଁ ପ୍ରତିଶୋଧ ନେଲି । ସେଇଟା ଅତି ଆବଶ୍ୟକ ଥିଲା । – ସେ ଏକଦମ ହଲୁନଥିବା ସ୍ୱରରେ କହିଲା । ଅତି ଦମ୍ଭ ଲୋକ ହୋଇଥିବ ଶେର ଅଲ୍ଲୀ । ଅବିନାଶ କିଛି କହିପାରିଲାନି ।

ତୁମ ଆଗରେ ସମୟ ଚକ୍ର ଗଡିଯାଏ ।– ଲୋକଟି କହିଲା ଆଉ ତା'ପରେ ଏକଦମ ଚୁପହୋଇ ବହୁସମୟ ବସିଗଲା ।

ଅବିନାଶ ସେମିତି ଠିଆହୋଇ ରହିଲା । ଲୋକଟି ପଥର ହୋଇଗଲା ନା କ'ଣ ? ଆଉ ପଦିଏ ଶବ୍ଦ ନାହିଁ । ପଥରରୁ ତାରକାର ଦ୍ୟୁତି ମଧ୍ୟ ଆସୁନି । ସାମାନ୍ୟ ପ୍ରତିଫଳନ ହେବା କଥା । ଅବିନାଶ ଏଣେ ତେଣେ ଅନାଇଲା । ମୁହଁ ସଂଜ ହୋଇଆସୁଛି । ଭଲକରି ଆଉ ବାରି ହେଉନି । ସେ ସେଇଠି ଠିଆ ହୋଇ ରହିବ ନା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଫେରିଯିବ କିଛି ସ୍ଥିର କରିପାରୁନଥିଲା । ଯଦି ଲୋକଟି କଥା ନକହୁଛି ନକହୁ । ସେ ଫେରି ଆଗକୁ ଗୋଡ ବଢାଇଲା । କେତେ ଆଉ କାବ୍ୟିକ ବର୍ଣ୍ଣନା ବା କାହାର ହତାଶାର ବାଣୀମାନ ଶୁଣିଥାଆନ୍ତା ? ଯଦିଓ ତା' ଗୋଡ ଆଗେଇ ଯାଉଥିଲା ତଥାପି କିଛି ଟାଣି ଧରିଲା ।

ଘଟଣାଟା ସ୍ପଷ୍ଟ ଜାଣିପାରିବ ।- ତା' ଭିତରେ କିଏ କହିଲା ସତେ ଯେମିତି ସେ ଜାଗାରେ ତା'କୁ ଟାଣି ଧରୁଛି । ସେ ଲୋକଟିର ପାଖକୁ ଫେରିଗଲା । ସେମିତି ସେ ପଥର ଭଳି ବସି ରହିଥିଲା । ସତରେ ପଥର ପାଲଟିଗଲା ନା କ'ଣ ? ଅବିନାଶ ତା'କୁ ଛୁଇଁଦେଲା । ତା' ଦେହରେ ଏକ ବରଫର ଶୀତଳତା ଖେଳିଗଲା ଆଉ ଏକ ତଡିତ୍ର ପ୍ରବାହ । ସବୁ ବନ୍ଧ ଭାଙ୍ଗିଯାଉଛି । ଆଉ ଲୋକଟି ଏଇଠି ଧିରେ ଛାଇ ହୋଇ ମିଳେଇଗଲା, ସ୍ୱଷ୍ଟ ଦୃଶ୍ୟ ଯେମିତି ଅଭିନୀତ ହୋଇଗଲା ।

୧୮୭୨ ମସିହା, ଆଣ୍ଡାମାନ ଦ୍ୱୀପର ସୁପରିଟେନଡେଣ୍ଟ ଜେନେରାଲ ଷ୍ଟିଓ୍ୟାର୍ଟ ଭାଇସରୟ ଅଫ ଇଣ୍ଡିଆ ଲର୍ଡ ମାୟୋଙ୍କୁ ପେନାଲ ସେଟଲମେଣ୍ଟ ଦେଖିବାପାଇଁ ଆମନ୍ତ୍ରଣ କଲେ । ଫେବୃୟାରୀ ୮ ତାରିଖ, ୧୮୭୨ ମସିହା, ଭାଇସରୟ ଏଚ. ଏମ.ଏସ. ଫ୍ରିଗେଟ ଗ୍ଲାସଗୋରେ ବସି ଆଣ୍ଡାମାନ ପହଞ୍ଚିଲେ । ସେ ସମୟରେ ପେନାଲ ସେଟଲମେଣ୍ଟରେ କାମ ବେଶ ଜୋରରେ ଆଗେଇଥାଏ ଆଉ କଇଦୀମାନେ ପରିଶ୍ରମ କରି ପେନାଲ ସେଟଲମେଣ୍ଟ ତିଆରି କରୁଥାନ୍ତି । ଭାଇସରୟଙ୍କ ନିରାପତ୍ତା ପାଇଁ ଉପଯୁକ୍ତ ପଦକ୍ଷେପ ନିଆଯାଇଥାଏ ଆଉ କଇଦୀମାନେ କାମ କରୁଥିବା ସ୍ଥାନ ତଥା ରହିବା ସ୍ଥାନ ଭାଇପର ଆଉ ରସ ଦ୍ୱୀପକୁ ସୁରକ୍ଷା ବଳୟ ଭିତରେ ରଖାଯାଇଥାଏ । କେଉଁଠାରୁ କିଛି ବିପଦର ଆଶଙ୍କା ନଥାଏ ।

ଲର୍ଡ ମାୟୋ ମାଉଣ୍ଟ ହାରିଏଟ ପରିଦର୍ଶନରେ ବାହାରିଲେ । ଅପରାହ୍ନ ସମୟ । ସଂନ୍ଧ୍ୟାକାଳରେ ମାଉଣ୍ଟ ହାରିଏଟରୁ ସମୁଦ୍ରର ଦୃଶ୍ୟ ଚମତ୍କାର ଦିଶେ । କେଉଁ ଦୂର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସୀମାରେଖାରେ ହାଭେଲକ ଦ୍ୱୀପ( ନୂଆ ନାମ ସ୍ୱରାଜ ଦ୍ୱୀପ) ଅପୂର୍ବ ଲାଗୁଥିଲା, ଆଉ ସିଧାରେ ରସ ଆଇଲାଣ୍ଡ( ନୂଆ ନାମ ନେତାଜୀ ସୁବାସ ଚନ୍ଦ୍ର ବୋଷ ଦ୍ୱୀପ), ଏକ ଛୋଟ ଗୋଲ ଚେପଟା ଥାଳିଆ ଭଳି ଥିଲା, ଆଉ ଚିର ସବୁଜିମା ସବୁଆଡେ ଭରିଯାଇଥିଲା । ସେ ଭିତରେ ସୂର୍ଯ୍ୟାସ୍ତର ଦୃଶ୍ୟ ଅତି ମନୋହର । ଭାଇସରୟ ସୂର୍ଯ୍ୟାସ୍ତର ଦୃଶ୍ୟ ଦେଖି ବେଶ ଆମୋଦିତ ହେଉଥିଲେ । ତାଙ୍କୁ ଲାଗୁଥିଲା ଏପରି ସୁନ୍ଦର ଦୃଶ୍ୟ ସେ କେବେ ଦେଖିନାହାନ୍ତି ।

ହଠାତ୍ ଯେମିତି ଏକ ବିଜୁଳି ମାରିବା ପରି ଝଲକ ଆସିଲା ଆଉ କିଛି ଶବ୍ଦ ଲେଖି ହୋଇଗଲା – 'ନିୟତି' । ଅବିନାଶ କିଛି ବୁଝିପାରିଲାନି । ସେ ସେମିତି ଆକାଶକୁ ଅନାଇ ରହିଲା ଆଉ ଆଗରେ ଦୃଶ୍ୟ ପ୍ରଦର୍ଶିତ ହେଉଥିଲା ।

ଶେର ଅଲ୍ଲୀ ପଞ୍ଜାବ ମାଉଣ୍ଟେଡ ପୁଲିସର ପୂର୍ବତନ କର୍ମଚାରୀ । ପେଶୱାରରେ ହତ୍ୟା ପାଇଁ ତା'କୁ ଦୋଷୀ ପ୍ରମାଣିତ କରାଯାଇଥିଲା ଓ ମୃତ୍ୟୁଦଣ୍ଡ ମିଳିଥିଲା । କିନ୍ତୁ ତାହା ପରେ ଦେଶାନ୍ତର ଦଣ୍ଡରେ ପରିଣତ ହେଲା । ଆଉ ତା'କୁ ଆଣ୍ଡାମାନ ପଠାଇ ଦିଆଗଲା । ଯାହାହେଉ ଆଣ୍ଡାମାନରେ ତା'ର ବ୍ୟବହାର ଭଲହେଲା ଆଉ ତା'କୁ ଅଧିକାରୀମାନେ ଟିକେଟ-ଅଫ-ଲିଭ ହିସାବରେ ହୋପଟାଉନ ଠାରେ ନିଯୁକ୍ତ ଦେଲେ, କିନ୍ତୁ ସଜା ଶେଷ ହେବା ପରେ ମଧ୍ୟ ତା'କୁ ତା' ଦେଶକୁପଠାଇଦିଆଗଲା ନାହିଁ । ଏଇଠି ରହିବ, ପେନାଲ ସେଟଲମେଣ୍ଟ ସଫଳ ହେବ ।

କିନ୍ତୁ ଶେରଅଲ୍ଲୀ ଓ୍ୟାହେବୀ ବିଚାରଧାରରେ ବହୁତ ପ୍ରଭାବିତ ହୋଇଥିଲା ଆଉ ଏକ ଉଚ୍ଚ ପଦାଧିକାରୀ ଶ୍ୱେତାଙ୍ଗଙ୍କୁ ହତ୍ୟା କରିବାପାଇଁ ସୁଯୋଗ ଖୋଜୁଥିଲା । ସେଦିନ ସେ ଉଭୟ ଭାଇସରୟ ଆଉ ସୁପରିଟେନଡେଣ୍ଟ ଦୁହିଁଙ୍କୁ ଏକା ସମୟରେ ମାରିବାକୁ ଚାହୁଁଥିଲା । ଭାଇସରୟ ଆଣ୍ଡାମାନ ଆସିବାରୁ ତା'କୁ ଏକ ସୁବର୍ଣ୍ଣ ସୁଯୋଗ ମିଳିଗଲା । ସେ ରସ ଦ୍ୱୀପରେ ଭାଇସରୟଙ୍କୁ ହତ୍ୟା କରିବାକୁ ଚାହୁଁଥିଲା କିନ୍ତୁ ତା'କୁ ସେ ଦ୍ୱୀପ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯିବାକୁ ଅନୁମତି ମିଳିଲାନି । ତେଣୁ ସେ ହୋପ ଟାଉନଠାରେ ନିଜ କାମରେ ରହିଲା । ଆଉ ତା' ଇଚ୍ଛା ପୂର୍ଣ କରିବାପାଇଁ ଭାଗ୍ୟ ସହାୟ ହେଲା । ସେ ସୁଯୋଗ ଅପେକ୍ଷାରେ ହୋପଟାଉନ ଜେଟ୍ଟୀ ପାଖରେ ଅନାଇ ରହିଲା ।

ଏଣେ ସଂନ୍ଧ୍ୟା ହୋଇଆସିଲା ଆଉ ଭାଇସରୟ ମଶାଲଧାରୀଙ୍କ ସହ ତଳକୁ ଓହ୍ଲାଉଥିଲେ । ଲେଡି ମାୟୋ ନିଜର ସ୍ୱାମୀଙ୍କ ପାଇଁ ବୋଟରେ ଥାଇ କୂଳ ସମୁଦ୍ରରେ ଅପେକ୍ଷା କରି ରହିଥିଲେ । ଜଙ୍ଗଲିଆ ଅନ୍ଧାରକୁ ମଶାଲ ଆଲୁଅ ଦୂର କରିପାରୁନଥିଲା । ଲର୍ଡ ମାୟୋ ଜେଟି ପାଖାପାଖି ପାଣିରେ ଥାଆନ୍ତି ଆଉ ଶେର ଅଲ୍ଲୀକୁ ବହୁତ ବଡ଼ ସୁଯୋଗ ମିଳିଗଲା । ସେ ବିଦ୍ୟୁତ ବେଗରେ କିଏ କିଛି ବୁଝିବା ଆଗରୁ ଛୁଟି ଆସିଲା ଆଉ ଭାଇସରୟଙ୍କ ପିଠିରେ ଜୋରରେ ଛୁରାଘାତ କଲା । ପର ମୁହୂର୍ତ୍ତରେ ତା' ଉପରେ ବାରଜଣ ସୁରକ୍ଷାକର୍ମୀ କୁଦି ପଡିଲେ, ଏକ ଇଂରେଜ ଅଫିସର ତା'କୁ କାବୁକଲା ।

ଏତିକି ଭିତରେ ମଶାଲଗୁଡା ପ୍ରାୟ ଲିଭି ଯାଇଥିଲା । ଦୁକୁଦୁକୁ ଆଲୁଅରେ କିଛି ଭଲକରି ଜାଣି ହେଉନଥିଲା । ଲର୍ଡ ମାୟୋ ନିଜକୁ ଠିଆକରିବା ପାଇଁ ଚେଷ୍ଟା କରୁଥିଲେ । ତାଙ୍କ ପ୍ରାଇଭେଟ ସେକ୍ରେଟାରୀ ତାଙ୍କ ପାଖରେ ଥିଲେ । ସେ ତାଙ୍କୁ କହିଲେ - ସେମାନେ ମୋତେ ଆଘାତ କରିଛନ୍ତି । ମୋତେ ଲାଗୁଛି ମୋର ବେଶି କିଛି ହୋଇନି ।

ମଶାଲଧାରୀମାନେ ମଶାଲ ତୁରନ୍ତ ଜଳାଇଲେ, ସବୁଠାରେ ଧୂଆଁ ଭରିଥିଲା । ସେ ଭିତରେ ଭାଇସରୟ ଟଳମଟଳ ହେଉଥିଲେ । ସେ ଏକ କାଠ ତକ୍ତା ଉପରେ ବସି ପଡିଲେ, ତାଙ୍କ ଗୋଡ ପାଣିକୁ ଝୁଲୁଥିଲା । ଲୋକମାନେ ତାଙ୍କୁ ଉଠାଉଥିଲେ । ତାଙ୍କ କୋଟ ପଛପଟେ ବଡ଼ ମନ୍ଦାଏ ରକ୍ତ ଲାଗିଥିଲା । ଭାଇସରୟ ବହୁତ ଆଘାତ ପାଇଛନ୍ତି । ସେ ଲୋକମାନଙ୍କୁ ଅନାଇଲେ,- ମୋ ମୁଣ୍ଡକୁ ଉଠାଅ ।- ଏହା ଭାଇସରୟଙ୍କର ଶେଷ ଶବ୍ଦ ଥିଲା ।

ଅବିନାଶ ଏଡେବଡ ଘଟଣା ଦେଖି ସ୍ତବ୍ଧ ହୋଇଗଲା । ଭାଇସରୟଙ୍କ ଭଳି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅତିପ୍ରଭାବଶାଳୀ ବ୍ୟକ୍ତିଙ୍କୁ ହତ୍ୟା କରିବା କିଛି ସାମାନ୍ୟ ଘଟଣା ନଥିଲା । ସଂମ୍ପୂର୍ଣ ଇଂରେଜ ଶାସନକୁ ସ୍ତବ୍ଧ କରିଦେବା ଭଳି ଘଟଣା । ଅବିନାଶର ହାତ ଲୋକଟିର ଦେହରୁ ମନକୁ ମନ ଛାଡିଗଲା ଅବିନାଶ ଲୋକଟିକୁ ଏକ ଛାଇ ରୂପରେ ତା' ଆଗରେ ଦେଖିବାକୁ ପାଇଲା ।

ଜାଣିଛ ଛୁରାଟା ଠିକ ହୃତପିଣ୍ଡରେ ବଡ଼ କଣାଟାଏ କରିଦେଇଥିଲା ଆଉ ରକ୍ତ ପିଚ୍‌ପିଚ୍ କରି ବାହାରିଆସିଥିଲା । ବେଶ ଜୋରରେ ରକ୍ତ ଛିଟିକି ପଡିଥିଲା । ମୋ ଦେହରେ ରକ୍ତ ଲାଗିଥିଲା, ମୋ ଶୀତଳ ପଡିଯାଉଥିବା ଶରୀରରେ ଲାଲ ଗରମ ରକ୍ତର ଉଷୁମ ଲାଗିଥିଲା । ସେଇଟା ମୋ ପାଇଁ ସବୁଠାରୁ ବଡ଼ ଆତ୍ମ ସନ୍ତୋଷ ଥିଲା । ମୋ ହୃଦୟରେ ଜଳୁଥିବା ବହ୍ନି ନିର୍ବାପିତ ହେଲା ଲାଲ ସମୁଦ୍ରର କୂଳରେ, ଲାଲ ରକ୍ତର ସ୍ନାନରେ । ସେତେବେଳେ ଲହଡିମାନ ମୋ ଉପରେ ଜୋରରେ ଭାଙ୍ଗି ପଡୁଥିଲା । ମୋ ଆଶାର ପକ୍ଷୀ ଆକାଶରେ ଡେଣା ଝାଡି ଉଡୁଥିଲା ।

ମୋ କାମ ପୂର୍ଣ ହେଲା ।– ଶେର ଅଲ୍ଲୀର ଶେଷ ଶବ୍ଦ ଅବିନାଶକୁ ଲାଗୁଥିଲା ଯେମିତି ଲହଡି ସହ କେଉଁ ଦୂର ଦ୍ୱୀପରୁ ଭାସି ଆସୁଛି । ପକ୍ଷୀମାନଙ୍କ ସହ ସେ ଶବ୍ଦମାନ କେଉଁଠାକୁ ପୁଣି ଚାଲିଯିବ ।

ଅବିନାଶ କିଛି କହିପାରିଲାନି । ସେ ଆଗକୁ କଥା ଲୋକଟାର ମୁହଁରୁ ଶୁଣିବାକୁ ଚାହୁଁଥିଲା ।

ମୋତେ ଭାଇସରୟଙ୍କ ମୃତ ଶରୀର ପାଖକୁ ଅଣାଗଲା । ମୁଁ ମୁଣ୍ଡକୁ ମୋଟେ ତଳକୁ କରିନଥିଲି । ମୁଁ କିଛି ଭୁଲ କାମ କରିନି । ଫରେନ ସେକ୍ରେଟାରୀ କ୍ୟାପଟେନ ଅଟଚିସନ ମୋତେ ପଚାରିଲେ- କ'ଣ ପାଇଁ ଲର୍ଡ ମାୟୋଙ୍କୁ ହତ୍ୟା କଲ ?

ଖୁଦା ହୁକୁମ ଦିୟା (ଖୁଦା ଆଦେଶ ଦେଲେ) ।- ମୁଁ ଟିକିଏ ନଭାବି କହିଥିଲି ।

ସେମାନେ ମୋ ସହଯୋଗୀମାନଙ୍କ ଉପରେ ବହୁ ପ୍ରଶ୍ନ କରିଥିଲେ । କିନ୍ତୁ ମୋର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କେହି ସହଯୋଗୀ ନଥିଲେ । କାହାକୁ କି ଉପଦେଶ ଦିଅନ୍ତି, କି ଉତ୍ତର ଅଧିକା ଦିଅନ୍ତି । ମୋର କାହା ଉପରେ କିଛି କହିବାକୁ ନଥିଲା ।

ଖୁଦା କେବଳ ଆଦେଶ ଦିଅନ୍ତି, ତାଙ୍କର ନିର୍ଦ୍ଦେଶ ମାନିବା ମୋର କର୍ତ୍ତବ୍ୟ । ସହଯୋଗୀର ଆବଶ୍ୟକ ନାହିଁ । ମୋ ସାଙ୍ଗରେ କେହି ନାହାନ୍ତି, ଖୁଦା କେବଳ ମୋର ସାଥି ।- ଏହି ଉତ୍ତର ମୁଁ ସେଦିନ ଦେଇଥିଲି ।

ପରଦିନ ସକାଳେ ମୋତେ ବିଚାରାଳୟକୁ ଅଣାଗଲା, ନିଜ ପାଇଁ ବିନତି କରିବାକୁ କୁହାଗଲା । ବିଚାରାଳୟରେ ଇଂରେଜ ଅଫିସରଗଣ, ସୈନ୍ୟମାନେ ନିଜ ନିଜର ଚକଚକିଆ କୋଟ ପିନ୍ଧି ଅସ୍ତ୍ରଶସ୍ତ୍ର ସହ ଠିଆ ହୋଇଥିଲେ । ସେମାନେ ମୋତେ କାଟି ଟିକଟିକ କରିଦେବାକୁ ଭାବୁଥିବେ । କିନ୍ତୁ ନିୟମବଦ୍ଧ ଲୋକ, କିଛି ସେମାନେ କରିବେନି । ଏକ ବିଚାର ହେବ । ସେମାନେ ମୋ ମନକଥା, ମୋ ଭାବଧାରା ବୁଝିପାରିବେନିି । ସେମାନଙ୍କର ନିଜ ନ୍ୟାୟାଳୟ, ସେମାନଙ୍କୁ କହି କିଛି ଲାଭ ନାହିଁ । ଆଉ ମୁଁ ଦୃ୍ଢ଼ ଭାବେ କହିଲି- ମୁଁ ହିଁ ମାରିଛି ।

ମୋତେ ତା'ପରେ ପୋର୍ଟ ବ୍ଲେଆରରେ ଚିଫ କମିଶନର ଦୋଷୀ ସାବ୍ୟସ୍ତ କଲେ ଆଉ ମୋତେ ମୃତ୍ୟୁ ପର୍ଯ୍ୟନ୍ତ ଫାଶୀ ଦଣ୍ଡ ମିଳିଲା । ବେଙ୍ଗଲ ହାଇକୋର୍ଟ ସେ ଦଣ୍ଡକୁ କାୟମ ରଖିଲେ ।

ଜାଣିଛ, ଏକ ଅତି ସାଧାରଣ କଇଦୀର ଭଲ ମନ୍ଦର ଖବର ଖବରକାଗଜରେ ବାହାରିଲା, ତା' ପୁଣି ମୁଖ୍ୟ ପୃଷ୍ଠାରେ । ଲେଖାଥିଲା 'ମାର୍ଚ୍ଚ ୧୧ତାରିଖ, ୧୮୭୨ ମସିହାରେ ପଠାଣ କଇଦୀ ଶେର ଅଲ୍ଲୀକୁ ଭାଇପର ଦ୍ୱୀପରେ ଫାଶୀ' । - ଲୋକଟି କହିଲା । ବଡ଼ ଲହଡିରେ ପାଣି ଛିଟକୁଥିଲା । କେଇ ମନ୍ଦା ପାଣି ପଥର ଭଳି ବସିଥିବା ଲୋକଟି ଉପରେ ପଡିଲା । ପଥରଟି ଚକଚକ କରି ଉଠିଲା । ପଥରରେ ଆଲୋକ ଅଛି । ଏଇ ଆଲୋକ ଖୋଜିବାପାଇଁ ତ ଅବିନାଶ ତଳକୁ ଓହ୍ଲାଇ ଆସିଥିଲା । ଅବିନାଶ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଚାରିଆଡକୁ ଅନାଇଲା । କୂଳରେ ଏମିତି ଆଉ କିଛି ପଥର ମୁଣ୍ଡ ଟେକିଥିଲା । ଜୋର ଲହଡି ଯୋଗୁ ପାଣି ଉପରକୁ ଛିଟିକି ପଡୁଛି ଆଉ ପଥରମାନ ଅଗରୁ ଚମକି ଉଠୁଛି । ତାରା ଆଲୁଅ ପଥରମାନଙ୍କ ଶିରରେ ଯେମିତି ଲାଗିଛି । ଶେର ଅଲ୍ଲୀର ସ୍ୱର ତା' ଆଗରୁ ମିଳେଇ ଯାଇଥିଲା । ଏବେ ବଡ଼ ଲହଡିର ଭାଙ୍ଗିବାର ଗର୍ଜ୍ଜନ ଥିଲା । ଆକାଶରେ ମେଘ ଘୋଟିଆସିଲା

ଅଜଣା ବ୍ୟକ୍ତି ଏକ ଛାୟା । ସମୁଦ୍ର କୂଳରେ ବସି ପାଣିରେ ଗୋଡ ହଲାଉଥାଏ ।- ତା' ଭିତରେ କିଏ କହିଲା ।

ନା, ଅଜଣା ବ୍ୟକ୍ତି ଏକ ମଣିଷ ।- ପୁଣି ତା' ଭିତରେ କିଏ ଘୋଷଣା କରୁଥିଲା ।

ମଣିଷ ହେଲେ ପାଦ ଛାପ ଥିବ । ମଣିଷରୁ ଛାୟା ସୃଷ୍ଟି ହୁଏ । ଏକ ଚଳନ୍ତା ଛାୟା ।

ସମୁଦ କୂଳରେ କେତେ କଳା ପଥର ପଡିଛି । ସବୁଥିରେ କଣ କିଛି ଛାୟା ବା ମଣିଷର ଛାପ ଥିବ ?- ତା' ଭିତରେ ପ୍ରଶ୍ନ ତିଆରି ହେଲା ।

ଜାଣିହେଉନି ।ଅନ୍ଧାର ହୋଇଯାଇଛି । ଏତେ ପଥର ଭିତରୁ ଆଉ କିଛି ଖୋଜି ହେବନି ।- ସେ ନିଜକୁ ନିଜେ ଉତ୍ତର ଦେଲା । ପରେ ପଥର ତିଆରି କିଛି ସ୍ମାରକୀରୁ ସେ ସୂତ୍ର ଖୋଜିନେବ । ସବୁ କିଛି ଭଲଭାବେ ଲେଖା ହୋଇଥିବ ।

କ୍ରମଶଃ. . .

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ନଷ୍ଟ ଲୋକର ଗତି

ଅଭୟ କୁଣ୍ଡ



ଅନେକ ବର୍ଷ ତଳର କଥା । ଉଜ୍ଜୟିନୀର ସମ୍ରାଟ ଥିଲେ ବିକ୍ରମାଦିତ୍ୟ । ଧନ, ମାନ, ମର୍ଯ୍ୟାଦା କେଉଁଥିରେ ଊଣା ନଥିଲେ ସେ । ପାତ୍ର ମନ୍ତ୍ରୀ ଅମାତ୍ୟ ଗଣଙ୍କ ସହ ନବରତ୍ନ ପଣ୍ଡିତମଣ୍ଡଳୀ ତାଙ୍କ ରାଜସଭା ମଣ୍ଡନ କରିଥିଲେ । ସୁଶାସକ ଭାବରେ ତାଙ୍କର ବହୁତ ଖ୍ୟାତି ଥିଲା । ରାଜ୍ୟ ଶାସନ ରାଜ୍ୟ ଜୟ ବାଦ୍ ଅନ୍ୟ ସମୟ ସାହିତ୍ୟ ଚର୍ଚ୍ଚାରେ ସେ ସମୟ କାଟୁଥିଲେ । ଏକଦା ରାଜସଭା ବସିଥାଏ ଓ ସାହିତ୍ୟ ଆଲୋଚନା ଚାଲିଥାଏ । ମୁଖ୍ୟ ଆକର୍ଷଣ ଥାଆନ୍ତି ମହାକବି କାଳିଦାସ । ହଠାତ୍ ଝଡ ପରି ଜଣେ ଆଗନ୍ତୁକ ସଭାସ୍ଥଳରେ ଆବିର୍ଭାବ ହେଲେ ଓ ଉତ୍ତର ଦିଅ ଉତ୍ତର ଦିଅ ବୋଲି ଚିତ୍କାର କଲେ । ସମ୍ରାଟ ଆଗନ୍ତୁକଙ୍କୁ ପ୍ରଶ୍ନ ପଚାରିବାରୁ କହିଲେ । ଆଗନ୍ତୁକ କହିଲେ 'ନଷ୍ଟ ଲୋକର ଗତି କେଉଁଆଡେ ?' କୋଳାହଳ ଥମିଗଲା । ସମ୍ରାଟ ନବରତ୍ନ ପଣ୍ଡିତମାନଙ୍କୁ ଉତ୍ତର ଦେବାକୁ କହିଲେ ।

ପଣ୍ଡିତମାନେ ପରସ୍ପର ମୁହଁକୁ ଚାହିଁ ଆଲୋଚନା କଲେ ମାତ୍ର ସଠିକ୍ ଉତ୍ତର ପାଇଲେ ନାହିଁ । ଆଗନ୍ତୁକ ପୁଣି ଚିତ୍କାର କରି ଉତ୍ତର ମାଗିଲେ । ସମ୍ରାଟ ମଧ୍ୟ ପଣ୍ଡିତମାନଙ୍କୁ ଠିକ୍ ଉତ୍ତର ଦେବାକୁ ନିର୍ଦ୍ଦେଶ ଦେଲେ ମାତ୍ର ଉତ୍ତର ମିଳିଲା ନାହିଁ । ଆଗନ୍ତୁକ ମୁଖ ବିକୃତ କରି ତାଚ୍ଛଲ୍ୟ କଲା ଓ ପଣ୍ଡିତମାନଙ୍କ ପାଣ୍ଡିତ୍ୟକୁ ସନ୍ଦେହ କଲା । ଏଥର କାଳିଦାସ ଠିଆ ହେଲେ ଓ ଆଗନ୍ତୁକଙ୍କୁ ନମ୍ର ଭାବରେ ତିନିଦିନ ପରେ ଆସ ଉତ୍ତର ପାଇବ କହିଲେ । ଆଗନ୍ତୁକ ଫେରିଗଲେ ଓ ସଭା ସାଙ୍ଗ ହେଲା । ତିନିଦିନ ପରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯଥା ସମୟରେ ରାଜା ମନ୍ତ୍ରୀ ଓ ଅମାତ୍ୟଗଣ ସମସ୍ତେ ଉପସ୍ଥିତ ହେଲେ । କାଳିଦାସଙ୍କ ବ୍ୟତୀତ ଆଠଜଣ ପଣ୍ଡିତ ମଧ୍ୟ ଉପସ୍ଥିତ ହେଲେ । କାଳିଦାସଙ୍କୁ ସମସ୍ତେ ଅପେକ୍ଷା କରିଥାନ୍ତି । ଆଗନ୍ତୁକ ମଧ୍ୟ ପହଞ୍ଚି ଏଣୁତେଣୁ କଥା କହୁଥାଏ । ବିରକ୍ତି ପ୍ରକାଶ କରୁଥାଏ । ହଠାତ୍ ଗୋଟିଏ ଛେଳିର ବୋବାଳି ଶୁଭିଲା । ସମସ୍ତେ ସେ ଆଡ଼କୁ ଚାହିଁଲେ । ଦେଖାଗଲା ଜଣେ ଛେଳିଟିଏ ପଘାରେ ବାନ୍ଧି ଟାଣି ଟାଣି ଆଣୁଛି । ନିକଟକୁ ଆସିବାକୁ ଜଣାଗଲା ସେ ଚନ୍ଦନ ଚର୍ଚ୍ଚିତ ଉପବିତଧାରୀ ବ୍ରାହ୍ମଣ ଲୋକ । କିନ୍ତୁ ତାର ଟଳମଳ ଅବସ୍ଥା ଦେଖି ଜଣାଗଲା ସେ ସୁରାସାର ପାନ କରିଛି ଓ ହାତରେ ଏକ ଛୁରୀ ମଧ୍ୟ ଧରିଛି । ଉପସ୍ଥିତ କେତେ ଜଣ ତାକୁ ଘେରିଯାଇ ପଚାରିଲେ ବ୍ରାହ୍ମଣ ମହାଶୟ ଆପଣ ଏ ଘୃଣ୍ୟ କାର୍ଯ୍ୟ କରିଛନ୍ତି ? ବ୍ରାହ୍ମଣ କହିଲା ମାଂସ ଖାଇବାକୁ ଅନେକ ଦିନରୁ ଇଛା ଥିଲା ଆଉ ମଦ ନିଶା ତା ସାଙ୍ଗକୁ ଜମିବ । ଘୋର ଅନ୍ୟାୟ ଘୋର ଅନ୍ୟାୟ । ଏଥର ବ୍ରାହ୍ମଣ କହିଲା ମଦମାଂସ ଖାଇଲେ କଣ ଅନ୍ୟାୟ । ରାଜା କହିଲେ ଏ ଛେଳି କେଉଁଠୁ ଆଣିଲ ।

ବ୍ରାହ୍ମଣ କହିଲା ଗାଁ ମୁଣ୍ଡରେ ଥିବା ଘରୁ କିଛି ଟଙ୍କା ଓ ଏ ଛେଳି ଚୋରି କରିଛି । ଏ ଛୁରୀ କାହିଁକି ଧରିଛ ? ବ୍ରାହ୍ମଣ କହିଲା ଏ ଛୁରୀ ଦେଖାଇ ଅନ୍ୟକୁ ଭୟଭୀତ ଦେଖାଇବାକୁ ଓ ଏ ଛେଳିକୁ ମାରିବାକୁ ଏ ଛୁରୀ ଦରକାର । ଘୋର ଅନ୍ୟାୟ କଠିନ ଦଣ୍ଡ ମିଳୁ ବୋଲି ସମସ୍ତେ କହିଲେ । ଦୁଇ ଜଣ ସୈନ୍ୟ ତାଙ୍କୁ ଧରିନେଲେ । ବ୍ରାହ୍ମଣ କହିଲା ମତେ ମାର ନାହିଁ ମୋର ଶେଷ ଇଛା ମୁଁ ଆଜି ମଦ ମାଂସ ଖାଇବି ଓ କିଛି ଅର୍ଥ ଦେଇ ନଗରର ଶ୍ରେଷ୍ଠ ସୁନ୍ଦରୀ ବେଶ୍ୟାପୁରରେ ଆଜି ରାତି କଟାଇବି । ମତେ ଛାଡ଼ିଦିଅ । ଏହା ଶୁଣି ଲୋକମାନେ ହଟ୍ଟଗୋଳ କରି କହିଲେ ଏହାକୁ ଫାଶୀ ଦିଅନ୍ତୁ ମହାରାଜା ଏ ଲୋକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନର୍କକୁ ଯାଉ । ହଠାତ୍ ବ୍ରାହ୍ମଣ ରୂପି କାଳିଦାସ ନିଜ ଛଦ୍ମବେଶ ଖୋଲିଦେଲେ । ସମସ୍ତେ ଆଶ୍ଚର୍ଯ୍ୟ ହେଲେ କହିଲେ ଆପଣ ଏ କଣ କରୁଥିଲେ ? କାଳିଦାସ କହିଲେ ମୁଁ ନଷ୍ଟ ହେବାକୁ ଯାଉଥିଲି ଅର୍ଥାତ୍ ବ୍ରାହ୍ମଣ ହୋଇ ଚୋରି କରିବ, ଜୀବ ହତ୍ୟା କରିବ, ସୁରା ପାନ କରିବ, ମାଂସ ଖାଇବ ଓ ବେଶ୍ୟା ସହ ରାତି କଟାଇବ । ଏପରି କାର୍ଯ୍ୟ ଯିଏ କରିବ ସେ ନଷ୍ଟ ହେବ ହିଁ ହେବ । ନର୍କକୁ ଯିବ ହିଁ ଯିବ । ସମସ୍ତେ ବୁଝିଗଲେ ନଷ୍ଟ ଲୋକର ଗତି କେଉଁଆଡ । ଧନ୍ୟ କାଳିଦାସ ।

ସହକାରୀ ଶିକ୍ଷକ
ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ
ପଡ଼ିଆଭଙ୍ଗା ତାଳଚେର ଅନୁଗୋଳ
ଫୋନ - ୯୫୫୬୯୮୯୭୨୩

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଶ୍ରାଦ୍ଧ

ସିଦ୍ଧେଶ୍ୱର ତ୍ରିପାଠୀ



ସବୁବର୍ଷ ପରି ଏବର୍ଷ ବି ମୁଁ ମହାଳୟା ଦିନ ସ୍ନାନ ଶୌଚ ସାରି ମଠା ପିନ୍ଧି ଚନ୍ଦନ ସିନ୍ଦୁର ଲଗେଇ ଟିକେ ଭୋଜନ କରିଦେଇ କୁଶ ପାତ୍ରୀ ସାଥିରେ ନେଇ ବାହାରି ପଡିଲି ଶ୍ରାଦ୍ଧ ପକେଇବାକୁ । ସକାଳ ସାତରୁ ଯାଇ ଭାଗବତ ଟୁଙ୍ଗି ବାରଣ୍ଡାରେ ବସି ପଡ଼ିଲି ସାଙ୍ଗରେ ସାନଭାଇ ଶିବାଜୀ । ଏତେ ଜଜମାନ ବଡ଼ ଭାଇନାଙ୍କ ତାଗିଦ ସମସ୍ତଙ୍କ ଘରେ ଶ୍ରାଦ୍ଧ ପକେଇ ଆସିବ । ଆଠ ସାଢ଼େ ଆଠ ଯାଏଁ କେହି ଡାକିଲେନି ମଟର ସାଇକେଲରେ ସବୁ ସାଇ ଟିକେ ଘାଇଁ ଘାଇଁ ହୋଇ ହର୍ଣ୍ଣ ବଜେଇ ବୁଲି ଆସିଲୁ । ଲୋକ ଯେମିତି ଜାଣିବେ ଭାଇନା ଆସିଲେ ବୋଲି ।

ଟିକିଏ ପରେ ଗୋଟିଏ ପରେ ଗୋଟିଏ ଲୋକ ଡାକି ନେଇଗଲେ ଭାଇନା ଇଆଡ଼େ ଆସନ୍ତୁ ଇଆଡ଼େ ଆସନ୍ତୁ । ଗାଡି ଦିଇଟା ବାରିକ ଘରଦୁଆରେ ଥୋଇ ଦେଇ ଆମେ ଚାଲିଲୁ । ଶ୍ରାଦ୍ଧ ଶେଷକୁ କିଏ ଲେମ୍ବୁ ପାଣି ଦେଉଥାଏ କିଏ ଦହି ପାଣି । କିଏ ମେଞ୍ଚାଏ ଫଳ ମୂଳ ଆଣି ଦେଲାବେଳକୁ ଆମେ ସେଥିରୁ ଖଣ୍ଡେ ପାଟିରେ ଲଗେଇ ଦେଇ ପୁଣି ଆରପଟ ଘରେ ପହଞ୍ଚି ଯାଉ । ଦକ୍ଷିଣା ଏବେ ଦେଇଦିଅ ସଞ୍ଜକୁ ଆସିଲେ ଆମେ ସବୁ ଘରୁ ସଞ୍ଜା ନେବୁ ।

ଏମିତି ଯାଉଯାଉ ଜଣେ ଲୋକଙ୍କ ଫାଟକ ଡେଇଁ ମୁଁ ଅଗଣା ଭିତରକୁ ପହଞ୍ଚିଗଲି । ଆସ ଆସ ଶ୍ରାଦ୍ଧ ପଡିବ ଡାକିଲି । କେହି ଆଉ ବସିବା ଜାଗାରୁ ଉଠିଲେନି କି ମୋତେ ଗୋଡ଼ ଧୋଇବାକୁ କହିଲେନି କି ପ୍ରଣାମ କଲେନି । ମୋର ମନେ ପଡିଗଲା ବିଗତ ବର୍ଷ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପରି ଦିଚାରି ବର୍ଷ ତଳର କଥା । ସାହୁ ବାବୁ କେତେ ହସଖୁସିଆ ଲୋକ । ମୋତେ କୁହନ୍ତି ଟିକି ଭାଇନା ଆଜି ଯାହା ଆଣିବ ତମର ଅଧା ମୋର ଅଧା । କିନ୍ତୁ ଏବର୍ଷ ସମସ୍ତେ ନିରବ । ଆସ ଆସ ମୋର ଏଇ ପଦେ ଦିପଦ ଡାକ ଶୁଣିଲା ପରେ ସେଇ ଭଦ୍ର ବ୍ୟକ୍ତି ତାଙ୍କ ସ୍ତ୍ରୀ ଆଉ ଦଶ ବର୍ଷର ନାତି ଟୋକା ସମସ୍ତଙ୍କ ଆଖିରେ ଲୁହ ଚାଲି ଆସିଲା । ସେତିକି ବେଳକୁ ଆରପଟ ଘରୁ ବାହାରି ଆସିଲେ ତାଙ୍କ ବୋହୁ ମଥାରେ ନାହିଁ ସିନ୍ଦୁର ହାତରେ ନାହିଁ ଶଙ୍ଖା ।

ଦି ଚାରି ପଦ କଥା ହଉ ହଉ ଯାହା ଜାଣିଲି ଯୋଉ ଗୋଟିଏ ବୋଲି ପୁଅ ତାଙ୍କର ଗତ ପାଞ୍ଚ ଦିନ ତଳେ ସଡକ ଦୁର୍ଘଟଣା ରେ ପ୍ରାଣ ହରେଇଛି । କ୍ରିୟା କର୍ମ ସରିନି । କଣ କରିବା ଭାଇନା ଭେଣ୍ଡା ପୁଅଟା ଚାଲିଗଲା । ଅଣ ସୁଧିଆ ଯାଇନି ଆଉ ଶ୍ରାଦ୍ଧ କ'ଣ ପଡିବ । ଆମେ ବୁଢ଼ାବୁଢ଼ୀ ଦିଇଟା ତା କାନ୍ଧରେ ଯାଇଥାନ୍ତୁ । ଦେଖ ସେ ଆମ ଆଗରେ ଚାଲିଗଲା । ସେ ଆମକୁ ଶ୍ରାଦ୍ଧ ଦେଇଥାନ୍ତା ହେଲେ ଆଉ ଦି ଚାରି ଦିନ ଗଲେ ଆମ ଆଖି ଆଗରେ ଆମ ପୁଅର ଶ୍ରାଦ୍ଧ ପଡିବ । ରାତିରେ ବ୍ୟବସାୟ ସାରି ଘରକୁ ଫେରୁଥିଲା ଦୂରରୁ ଆସୁଥିବା ଆନ୍ଧ୍ର ଟ୍ରକଟା ପିଟି ଦେଇ ଚାଲିଗଲା । ଆଉ ସେ କଥା କଣ କହିବି ଭାଇନା, ଏଇ କଥା କହୁ କହୁ ସାହୁ ବାବୁ ଜୋରରେ କାନ୍ଦିଲେ । ଇଚ୍ଛା ହେଉଥିଲା ତାଙ୍କ ପାଖକୁ ଯାଇ ତାଙ୍କ ପିଠିରେ ଟିକେ ହାତ ବୁଲେଇ ବୋଧ ଦେବାକୁ । ହେଲେ ମୁଁ ଗୋସେଇଁ ଘର ପୁଅ ଆଜି ପୁଣି ପୁରୋହିତ ସାଜି ଶ୍ରାଦ୍ଧ ପକେଇ ଆସିଛି । ସାହୁ ବାବୁଙ୍କ ପୁଅ ମରିଛି ତାଙ୍କର ଅଣ ସୁଧିଆ । ସାହୁବାବୁଙ୍କୁ ଛୁଇଁଲେ ଲୋକ କଣ କହିବେ । ତାଙ୍କ ପୁଅ ମରିଛି । ମୋ ମଣିଷ ପଣିଆ ଟା ସେଇଠି ମରିଗଲା । ସାହୁ ବାବୁଙ୍କ ପୁଅ ବୟସ କେତେ ଏଇ ପଇଁ ତିରିଶ କି ସଇଁ ତିରିଶ ହବ । ଭାଇନା ଆସନ୍ତୁ ଟିକିଏ ଭୋଜନ କରିକି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯିବେ । ଫଳ ଟିକେ ପୋଡ଼ ଟିକେ ଆଣିଛି ସାହୁ ବାବୁଙ୍କ ପୁଅର କଥା । ଏମିତି ଭାବୁ ଭାବୁ ଶିବାଜୀ ଆସି ପହଁଚିଲା । ଭାଇନା ଭଲ ଲୋକ ତମେ ଏଠି ବସି ଗପୁଛ ଆସ ସିଆଡେ ଆଉ ଆଠ ଦଶ ଘର ବାକି ଅଛି ଶ୍ରାଦ୍ଧ ପଡିବ ।

ସେମାନଙ୍କ ପାଖରୁ ମୁଣ୍ଡ ହଲେଇ ମୁଁ ଫେରି ଆସିଲି । ସେ ଦିନ ଯାଇ କେତେଦିନ ବିତିଲାଣି ହେଲେ ସେ ଶ୍ରାଦ୍ଧ ର ସ୍ମୃତି ମୋ ମନରୁ ଏଯାଏଁ ଲିଭିନି ।

ସିଦ୍ଧେଶ୍ୱର ତ୍ରିପାଠୀ

କୁଣ୍ତିଲୋ ଖୋର୍ଦ୍ଧା



Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବୁଢ଼ା ବାପା, ବୁଢ଼ୀ ମାଆ

ଶୁଭାଙ୍ଗି ମଧୁସ୍ମିତା ବସ୍ତିଆ



ସକାଳୁ ସକାଳୁ ରୀନା ସ୍କୁଲ୍ ଯାଇଥିଲା । ତାଙ୍କ ସ୍କୁଲରେ ଅନେକ ଦିବସ ପାଳନ ହୁଏ ସେମିତି ବରିଷ୍ଠ ନାଗରିକ ଦିବସ ମଧ୍ୟ ପାଳନ ହେଲା । ସବୁଛୁଆ ନିଜନିଜ ଜେଜେ, ଜେଜେମା, ଅଜା, ଆଇଙ୍କ ସଂପର୍କରେ କହିଲେ ରୀନା ମଧ୍ୟ କହିଲା ସେ କେତେ ଭଲପାଏ ତା ବୁଢ଼ା ବାପା ଆଉ ବୁଢ଼ୀ ମା'ଙ୍କୁ । ତା'ର ଏମିତି ଡାକ ଟିକେ ଅଲଗା ଲାଗୁଥିଲା ହେଲେ ସେ ସ୍ନେହରେ ତା ଜେଜେ ଜେଜେମା'ଙ୍କୁ ଏମିତି ସମ୍ବୋଧନ କରେ ପିଲାବେଳୁ । ସେମାନେ ମଧ୍ୟ ଖୁବ୍ ଆଦର କରନ୍ତି ରୀନାକୁ, ସବୁଦିନ ଭଳି ସେଦିନ ମଧ୍ୟ ରୀନା ସନ୍ଧ୍ୟାରେ ବସି ବୁଢ଼ୀ ମା ସହ ଭାଗବତ ଶୁଣୁଥିଲା, ଭାଗବତ ପଢୁଥିଲେ ଜେଜେବାପା ଯେତେ ଯାହା ହେଲେ ବି ଓଡ଼ିଆ ଘର ଆଉ ସହଜେ ସେମାନେ ପୁରୁଣା ଲୋକ ତେଣୁ ଏଥିରେ ନୂଆ କିଛି ନାହିଁ । ହେଲେ ନୂଆ କଥା ହେଲା ରୀନା ଭାଗବତ ବୁଝୁଥିଲା ଶୋଇବାବେଳେ ସବୁଦିନ ରାମାୟଣ, ମହାଭାରତ, ପଞ୍ଚତନ୍ତ୍ର କାହାଣୀ ଆଦି ଅନେକ ରକମର କଥା ଆଉ କାହାଣୀ ଶୁଣି ବୁଢ଼ୀ ମା କୋଳରେ ଶୋଇ ପଡୁଥିଲା । ସେପ୍ଟେମ୍ବର ମାସରେ ପ୍ରବଳ ବର୍ଷା ହେଲା ଆଉ ରୀନାର ଦୁଇ ବୁଢ଼ା ବାପା ଆଉ ବୁଢ଼ୀ ମାଙ୍କ ଦେହ ଅସୁସ୍ଥ ହେଲା ପ୍ରବଳ ଅସୁସ୍ଥ ହେବାରୁ ଏଥର ଦୁହେଁ କିଛି କାର୍ଯ୍ୟ କରି ପାରିଲେନି । ତେଣୁ ରୀନାର ବାପା ମା କିଛିଦିନ ସେବା କରିବା ପରେ ଚିନ୍ତାକଲେ କିଛି ବ୍ୟବସ୍ଥା କରି କୌଣସି ସ୍ଥାନରେ ତାଙ୍କୁ ରଖିବେ । ହଠାତ୍ ଥରେ ରୀନାର ବାପା ବିବେକ ବାବୁ ରାସ୍ତାରେ ଦେଖିଲେ ଫେରିବାବେଳେ ନୂଆ ବୃଦ୍ଧାଶ୍ରମଟିଏ ଆରମ୍ଭ ହୋଇଛି, "ମନ ଖୋଜୁଥାଏ ଯାହା ଦଇବ ଘଟାଏ ତାହା" ଭଳି ତାଙ୍କ ପାଇଁ ଆଉ ତାଙ୍କ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପତ୍ନୀ ଉଷା ଦେବୀଙ୍କ ପାଇଁ ଏହାଠୁ ଖୁସି ଆଉ କଣ ହେଇପାରେ । ସେମାନେ ଯାଇ ତୁରନ୍ତ କଥା ହେଲେ ବୃଦ୍ଧାଶ୍ରମରେ ମା ବାପାଙ୍କୁ ଆଣି ଛାଡ଼ିବାକୁ । ତାହା ହିଁ କଲେ ଦୁଇଦିନ ପରେ ରୀନା ସକାଳୁ ସକାଳୁ ସ୍କୁଲ୍ ଯିବାପରେ ତାର ବୁଢ଼ାବାପା ଆଉ ବୁଢ଼ୀ ମାଙ୍କୁ ଡାକ୍ତର ପାଖକୁ ନେବା ନାମରେ ନେଇ ବୃଦ୍ଧାଶ୍ରମରେ ଛାଡ଼ିଦେଲେ । ରିନା ଖୋଜିବାରୁ ତାକୁ ବୁଝାଇ ଦିଆଗଲା ତାଙ୍କ ଦେହ ଅସୁସ୍ଥ ହେତୁ ସେମାନେ କିଛିଦିନ ଡାକ୍ତରଖାନାରେ ରହିବେ ବୋଲି ସେ ପିଲା ତେଣୁ ବୁଝିଗଲା । କିଛିଦିନ ପରେ ଠିକ୍ ଗତବର୍ଷ ଭଳି ବରିଷ୍ଠ ନାଗରିକ ଦିବସ ଆସିଲା । ଏଥର କିନ୍ତୁ ସ୍କୁଲରେ ନିଆରା ଢଙ୍ଗରେ ପାଳିବାକୁ ନିଷ୍ପତି ନେଲେ ପ୍ରତ୍ୟେକ ପିଲାଙ୍କୁ କୁହାଗଲା ନିଜ ଜେଜେ ଏବଂ ଜେଜେମା'ଙ୍କ ସହ ଫଟୋ ଉଠାଇ ଫଟୋକପି ଏବଂ ତାଙ୍କ ସହ କାଟିଥିବା ସ୍ମରଣୀୟ ମୂହୁର୍ତ୍ତ ବର୍ଣ୍ଣନା କରି ଆଣି ନିଜ ଶିକ୍ଷକଙ୍କୁ ଦେବ। ରୀନା ବହୁତ୍ ଖୁସିରେ ଲେଖିଲା ସବୁ ମିଠା ସ୍ମୃତି ହେଲେ ତାର କିଛି ଫଟୋ ନଥିଲା । ତେଣୁ ସେ ତା ମା ଆଉ ବାପାଙ୍କୁ କହିଲା ମୋର ଫଟୋ ବୁଢ଼ା ବାପା ଆଉ ବୁଢ଼ୀ ମା ସହ ନିହାତି ଦରକାର । ଜିଦ୍ଧି କରିବାରୁ ସେଦିନ ଦୀର୍ଘଦିନ ପରେ ତାକୁ ସାଥୀରେ ନେଇ ସେ ବୃଦ୍ଧାଶ୍ରମରେ ପହଞ୍ଚିଲେ । ଆଉ ରୀନା ସେ ଫାଟକ ଦେଖି ଭିତରକୁ ଯିବା ପୂର୍ବରୁ ହିଁ କାନ୍ଦିକି କହିଲେ ତୁମେ ମାନେ ଭଲ ନୁହେଁ । ଏଠି ସବୁ ବୃଦ୍ଧ ଆଉ ବୃଦ୍ଧା ରୁହନ୍ତି ଯେଉଁମାନଙ୍କର ପିଲା ନଥାନ୍ତି ଆଉ ଯାହାର ପିଲା ଖରାପ ସେମାନେ ରୁହନ୍ତି, ଆମକୁ ସାର୍ ଏଠିକି ବୁଲେଇବାକୁ ଆଣିଥିଲେ ଆଉ କହିଥିଲେ ଯେଉଁମାନେ ଖରାପ ଛୁଆ ସେମାନେ ବାପା ଆଉ ମା'ଙ୍କୁ ଏଠି ଛାଡନ୍ତି । ତା ବାପା ମା ବୁଝାଇବା ଛଳରେ କହିଲେ ନା ମା ସେମିତି କିଛି ନାହିଁ ଏଠି ସବୁ ବୃଦ୍ଧ ଆଉ ବୃଦ୍ଧା ରୁହନ୍ତି ଏ ସ୍ଥାନ ସେମାନଙ୍କ ପାଇଁ ଗଢ଼ା ହେଇଛି । ରୀନା କ୍ରୋଧ ଭରଭର ହେଇ କୁନି ପାଟିରେ କହିଲା ତାହାଲେ ତୁମେ ଦୁଇଜଣ ମଧ୍ୟ ବୁଢ଼ା ବୁଢ଼ୀ ହେଲେ ଏଇଠି ରହିବ ? ? ? ତାପରେ ଦୂରରୁ ରୀନା ଜେଜେ ତାକୁ ଦେଖି ଧାଇଁ ଆସି କୋଳେଇ ନେଲେ ଆଉ କହିଲେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଚାଲ ତୋ ବୁଢୀମା ପାଖକୁ ଯିବା । ରୀନା ସେଇଠୁ ସାଙ୍ଗରେ ବୁଲିଲା ହାତ ଛାଡ଼ିଲାନି ଆଉ ଅଳିକରି ସାଙ୍ଗେ ସାଙ୍ଗେ ବୁଢ଼ାବାପା ବୁଢୀମା'ଙ୍କୁ ଧରି ଘରକୁ ଆସିଲା ପୁରା କାହାଣୀ ଲେଖି ସ୍କୁଲ ରେ ଦେଲା । ତା କାହାଣୀ ସ୍କୁଲରେ ବାର୍ଷିକ ଉତ୍ସବରେ ଶ୍ରେଷ୍ଠ କାହାଣୀ ହେଲା ଆଉ ସମସ୍ତଙ୍କୁ କୁହାଗଲା ସେମାନଙ୍କ ପାଇଁ ଆମେ ମାନେ ଅଛେ ତେଣୁ କେବେ ନିଜ ଜେଜେ, ଜେଜେମା'ଙ୍କୁ ହଇରାଣ କରିବନି ତାଙ୍କୁ ମାନିବ ଭଲପାଇବ କାରଣ ସେମାନେ କିଛିଦିନ ହିଁ ରୁହନ୍ତି ଆମ ପାଖରେ ଆଉ ନିଜ ଜୀବନ ଠୁଁ ବେଶୀ ଭଲ ପାଆନ୍ତି ଆମକୁ । ତେଣୁ ଘରେ ବଡ଼ଙ୍କୁ ଭଲ ପାଆନ୍ତୁ । ଜେଜେ ଜେଜେମାଙ୍କ ସାଥୀରେ ରୁହନ୍ତୁ । କାରଣ ସେମାନଙ୍କ ପାଇଁ ଆମେ......

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମୋ ଗାଁ ଆକାଶ

ସୁନନ୍ଦା ମହାନ୍ତି



ମୋ ଗାଁ ଆକାଶ ଭାରି ନିର୍ମଳ । ସତେ ପଦ୍ମ ପୋଖରୀ ଜଳ । ଦିଲ୍ଲୀରେ ପକ୍ଷୀମାନେ ଶୁଆମାନଙ୍କୁ ଦେଖି ଫେରିବା ପରେ ଏଣିକି ଛାତ ଉପରେ ଶ୍ରୁତି ନିରୀକ୍ଷଣ କରୁଥିଲେ ଶୁଆଙ୍କୁ । କାହିଁକି ନଥିବେ ମୋ ଗାଁରେ ଶୁଆ ? ଦିଲ୍ଲୀ ଭଳି ହୁଏତ ନଥିବେ କିନ୍ତୁ ଥିବେ ନିଶ୍ଚୟର ବିଶ୍ୱାସରେ ଦିନେ ଶୁଆ ଦେଖିଲେ ଶ୍ରୁତି । ହଳଦିବସନ୍ତ, ବଣି, ପାରା କପୋତ, କଜ୍ଜଳପାତି ପରି ଶୁଆଙ୍କ ଉଡାଣରେ, ସ୍ୱରରେ, ଗଛରେ ବସିବାର ଶୈଳୀରେ ସ୍ୱତନ୍ତ୍ରତା ଥିଲା । ସେସବୁ ଅନୁକରଣ କରି ଶୁଆ ଦେଖିବାକୁ ଚାରିଟା ପରେ ନିଶ୍ଚୟ ଛାତକୁ ଆସନ୍ତି ଶ୍ରୁତି । ଠାବ କରି କେବେ ପାଇଯାଆନ୍ତି ତ କେବେ ନପାଇ ମନଦୁଃଖରେ ତଳକୁ ଫେରି ସଞ୍ଜଦୀପ ବସା ଓ ଘରକାମରେ ଲାଗିଯାଆନ୍ତି ।

ଏମିତି ଏମିତି ଜୁନ ଯାଇ ଜୁଲାଇ ଆସିଲା । ଟୋପି ଟୋପି ବର୍ଷା ବାରି ଭିତରେ, ଆଗରେ ଥିବା ତିନିଗୋଟି ଝାଉଁ ଗଛରେ ଶୁଆମାନେ ବାଦୁଡ଼ି ପରି ନା ଓହଳିଲେ ମଧ୍ୟ ସେହିପରି ରହିଥିବାର ଶ୍ରୁତି ଦେଖିବାକୁ ପାଇଲେ । ପୁଅକୁ କହିଲେ ଝିଅକୁ କହିଲେ । ସେମାନେ ଛୁଟିରେ ଘରକୁ ଆସିଲେ ଦେଖେଇ ବି ଦେଲେ । କି ଆନନ୍ଦ ଆମ ଗାଁରେ ଶୁଆ ଅଛନ୍ତି । ବର୍ଷା ଦିନେ ଯେମିତି ଦେଖି ହୁଏ ଅନ୍ୟ ଦିନ ମାନଙ୍କରେ ନିରୀକ୍ଷଣ କରିବାକୁ ହୁଏ । ସହଜେ ଏବେ ଆଖି ବିନ୍ଧୁଛି ଶ୍ରୁତିଙ୍କର । ସ୍ୱାମୀ, ପୁଅ ଝିଅ ସମସ୍ତଙ୍କର ସେହି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗୋଟିଏ କଥା ମୋବାଇଲ ଦେଖେନା, ସେଥିରେ ଲେଖାଲେଖି କରନା ଇତ୍ୟାଦି । ଡାକ୍ତର ପଚାରିଲେ ଆଖି ଖରାପ ହେବାର କାରଣ କଣ ହୋଇପାରେ ବୋଲି ଭାବୁଛନ୍ତି ଶ୍ରୁତି ମ୍ୟାଡାମ ? ଶ୍ରୁତି କହିଲେ ହୁଏତ ମୋବାଇଲରେ ଲେଖାଲେଖି କରିବା ବା ପକ୍ଷୀ ଦେଖିବାକୁ ଯାଇ ତାଙ୍କୁ ନିରୀକ୍ଷଣ କରିବା । ବିଶେଷ କରି ଶୁଆ ଓ ଗଛର ରଙ୍ଗ ଏକାପରି ତ ଅଳ୍ପ ପାର୍ଥକ୍ୟ ଥିବା ଦୁହିଁଙ୍କ ରଙ୍ଗକୁ ଅଲଗା କରି ଶୁଆ ଦେଖିବା ହୁଏତ ଆଖି ଉପରେ ପ୍ରଭାବ ପକାଇ ଥାଇପାରେ । ଡାକ୍ତର ଔଷଧ, ଚଷମା ଇତ୍ୟାଦି ପାଇଁ ପରାମର୍ଶ ଦେଲା ପରେ ଗାଁରେ ସେଦିନ ନିଜ ବାଡ଼ିପଟ ଆମ୍ବ ଗଛରେ ଶୁଆ ବସିଥିବା ଆବିଷ୍କାର କରି ଚମତ୍କୃତ ହେଲେ ଶ୍ରୁତି । ମୋବାଇଲ ଛଡ଼ାଇ ନେଇଥିଲେ ସ୍ୱାମୀ । ଏବେ ଆମ୍ବଗଛ ହଣା ହେବାର ପ୍ରସ୍ତାବରେ ଶ୍ରୁତିଙ୍କ ଦେହ ସାଙ୍ଘାତିକ ତ ସ୍ୱାମୀ କୁହନ୍ତି ମାଆର ଦେହ ଠିକ ଅଛି ମ ତାର ମନ ଜ୍ୱର ହେଇଛି । ପୁଅ ଝିଅ କହନ୍ତି ନା ତୁମେ ଆମ୍ବ ଗଛ କାଟନି । ଶ୍ରୁତିଙ୍କର ବି ଏକା ଜିଦ ଆମ୍ବଗଛ କାଟନି । ଏମିତି ଏମିତିରେ ଆମ୍ବଗଛକୁ କାଟିବାକୁ ଆସି ଲୋକ ଫେରିଯାଉଥିଲେ କିନ୍ତୁ ଶ୍ରୁତିଙ୍କ ଆଖି ସାଙ୍ଗକୁ ମୁଣ୍ଡବିନ୍ଧା, ବାନ୍ତି ଓ ହାତଗୋଡ଼ ଦରଜ ଯୋଗୁଁ ପୁଣି ହସ୍ପିଟାଲ ଯିବାକୁ ପଡିଲା । ପରୀକ୍ଷା ନିରୀକ୍ଷା ପରେ ଜଣାପଡିଲା ଶ୍ରୁତିଙ୍କ ବ୍ରେନ ଷ୍ଟ୍ରୋକ ଲକ୍ଷଣ ଏସବୁ ।

ସେଦିନ ରାତିରେ ଆମ୍ବ ଗଛରେ ହୁଳୁହୁଳା ଚଢେଇଟା ବୋବେଇଲା । ଦିନେ ନୁହେଁ କି ଦି ଦିନ ନୁହଁ ପ୍ରାୟେ ବୋବାଉଥିଲା । ଏସବୁକୁ ଅନ୍ଧବିଶ୍ୱାସ ତଥା ରାତ୍ରୀଚର ପଶୁ ପକ୍ଷୀ ଆଉ ତାଙ୍କ ବୋବାଳି କାରିବେନି ନା କଣ ? କହୁଥିବା ସ୍ୱାମୀ ଅଡ଼ି ବସିଲେ ଗଛ ଯେମିତି ହେଲେ ହାଣିବି । ସେହିଦିନ ରାତିରେ ମୁଣ୍ଡ ବିନ୍ଧା ଜୋର ହୋଇ ଅଚେତ ହୋଇଗଲେ ଶ୍ରୁତି । ସ୍ୱାମୀଙ୍କୁ ଡାକି ବି ପାରିନଥିଲେ । ସକାଳୁ ଆମ୍ବଗଛ କଟାଳିଙ୍କୁ ଡାକିବାକୁ ଯାଉଛି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କହିଲା ବେଳକୁ ଶ୍ରୁତି ଶୁଣୁନଥିଲେ । ଦେହଟା କୋଲାପ୍ସ କରିଯାଇଥିଲା ଶ୍ରୁତିଙ୍କର । ଭୋ ଭୋ କରି ଉଠିଲେ ସ୍ୱାମୀ । ଶ୍ରୁତିଙ୍କ କାମ ସବୁ ସରିଗଲା । ଗଛଟା କିନ୍ତୁ ଆକାଶକୁ ମୁଣ୍ଡ ଟେକି ଠିଆ ହୋଇଥିଲା । ଏଣିକି ସ୍ୱାମୀ ତା ଭିତରେ ଶୁଆ ଠାବ କରିବାରେ ଲାଗିପଡିବା ଦେଖି ପୁଅ ଝିଅ କାନ୍ଦି ଉଠିଥିଲେ ।

ସାକ୍ଷୀଗୋପାଳ

ପୁରୀ

୯୦୪୦୯୭୭୩୨୭

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ତୁମରି ଅପେକ୍ଷାରେ

ଅନନ୍ତ କୁମାର



ମୁଁ ଏକ ମୁକ୍ତ ଆକାଶର ବିହଙ୍ଗ ଥିଲି, ନା ମୋର ଠିକଣା ଥିଲା ନାଁ ମୋର ନିଜର ପରିଚୟ ଥିଲା । ମୁକ୍ତ ଆକାଶରେ ଡେଣା ମେଲି ଚାରିଆଡେ ବୁଲୁଥିଲି । ହେଲେ ତୁମକୁ ପ୍ରଥମ ଦେଖିବା ଦିନଠୁ ମୁଁ ଆଉ ମୁକ୍ତ ଆକାଶର ବିହଙ୍ଗ ହେଇ ନାହିଁ । ତୁମ ହୃଦୟ ପିଞ୍ଜରା ଭିତରେ ବନ୍ଦୀ ହେଇଗଲି । ସେବେ ଠାରୁ ମୋତେ କାହିଁ ତୁମେ ଆପଣାର ଆପଣାର ଲାଗିଲ, ଆଉ ତୁମ ସ୍ନେହ, ସମ୍ପର୍କ ଏତେ ମୋତେ ବାନ୍ଧି ଦେଲା ମୁଁ ଚାହିଁଲେ ବି ମୁକ୍ତ ଆକାଶର ବିହଙ୍ଗ ହେଇ ଉଡି ପାରିଲିନି । ସତରେ ତୁମର ସେ ଛଳ ଛଳ ଆଖି ଆଉ ଲାଜୁଆ ଓଠର ଅକୁହା କଥାକୁ ବେଶ ଭଲ ଭାବେ ମୁଁ ବୁଝି ପାରିଥିଲି ପ୍ରଥମ ଦେଖାରେ ।

ମୁଁ ତୁମ ହୃଦୟ ରାଇଜରେ ଏମିତି ଫଶି ଯାଇଥିଲି ତୁମକୁ କେବଳ ମୋ ସ୍ୱପ୍ନରେ ଦେଖୁଥିଲି କେତେ ବେଳେ ସକାଳର  କୁହୁଡିରେ ତ କେତେ ବେଳେ ଝିପ୍ ଝିପ୍ ବରଷାରେ ଆସୁଥିଲ ସତରେ ତୁମକୁ ପାଇ ମୁଁ ସାରା ସଂସାରକୁ ଭୁଲି ଯାଇଥିଲି । କେବଳ ତୁମ ଲାଜୁଆ ଓଠ ଆଉ ତୁମ କଇଁଫୁଲ ପରି ମୁହଁ ଚାରିଆଡେ ଦେଖାଯାଉଥିଲା । ସେତେବେଳେ ସମୟ ଫୁଟୁଥିଲା ଫୁଲ ହେଇ, ଆଉ ନଦୀ ବି ବହି ଯାଉଥିଲା ସ୍ୱପ୍ନ ନେଇ ଏମିତି ଲାଗୁଥିଲା ଆମେ ଦୁହେଁ ନିତି ବର୍ଷାରେ ଭିଜିଥୁଲେ ଅନ୍ଧାର ରାତିରେ ଗୀତ ଗାଇ । ଏମିତି ଅନେକ ଦିନ ବିତିଗଲା ପରେ ଜାଣିଲି ତୁମେ ମୋତେ ତୁମ ଜୀବନଠାରୁ ବି ଅଧିକ ଭଲ ପାଅ ଆଉ ତୁମେ ମୋ ପାଇଁ ସାତ ଦରିଆ କଣ ଯମ ପାଖରୁ ମୋତେ ଛଡେଇ ଆଣିବ, ତୁମେ ମନ୍ଦିର ଯାଇ ମୋ ପାଇଁ କଣ ମନାସୁ ଥିଲ ମୁଁ ଜାଣେ ନାହିଁ, କିନ୍ତୁ ମୁଁ ମନ୍ଦିର ଯାଇ ଠାକୁରଙ୍କୁ ମାଗୁଥିଲି ତୁମକୁ ପାଇବା ପାଇଁ, କିନ୍ତୁ ମୁଁ ଜାଣି ନଥିଲି ଗୁଡିରୁ ସୂତା ଛିଡିଗଲେ ଗୁଡି ଉଡିଯାଏ ଆଉ କେଉଁ ଅଜଣା ରାଇଜକୁ ଠିକ୍ ଯେମିତି ତମେ ଚାଲିଗଲ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନୂଆ ରୂପ, ନୂଆ ଆଶା ଆଉ ଆକାଂକ୍ଷା ନେଇ କେଉଁ ଏକ ଅଜଣା ରାଇଜକୁ ଠିକଣା ବଦଳାଇ । ଠିକଣା ତୁମର ବଦଳିଗଲା ହେଲେ ଆଜି ବି ମୋ ମନ ତୁମ ମନର ଠିକଣାକୁ ଖୋଜୁଛି, ଆଉ ସେହି ପ୍ରଥମ ଦେଖାର ଲାଜୁଆ ଓଠର ଅକୁହା କଥାକୁ ମୁଁ ସ୍ମୃତି କରି ଝୁରୁଛି, କାହିଁକି ଠିକଣା ବଦଳାଇ ଚାଲିଗଲ ଅନ୍ୟ କେଉଁ ରାଇଜକୁ ?

କାହାକୁ ଭୟ କଲ ତୁମେ, ଏ "ସମାଜକୁ,

ନା ଏ "ସମୟକୁ, କାହିଁକି ଚାଲିଗଲ, ନାଁ ମୋ ଉପରେ ଥିବା ଅଖଣ୍ଡ ବିଶ୍ୱାସକୁ, ଆଜି ପର କରି ଦେଇ ଉଡ଼ି ଚାଲିଗଲ ଅଜଣା ପକ୍ଷୀ ପରି କେଉଁ ଏକ ଅଜଣା ରାଇଜକୁ ତଥାପି ମୁଁ ଶୁଭ ମନାସୁଛି ନିତି ଠାକୁରଙ୍କ ପାଖେ ତୁମେ ଯେଉଁଠି ରୁହ ସୁଖରେ ରୁହ । ମୁଁ ଜାଣି ନ ଥିଲି ତୁମେ ଏମିତି ଛଳନା ଆଉ ପ୍ରତାରଣା କରିବ ବୋଲି ମୋ ସହ ଯଦି ଜାଣିଥାନ୍ତି ମୁଁ ସେମିତି ମୁକ୍ତ ଆକାଶର ବିହଙ୍ଗ ହେଇ ସାରାଜୀବନ ଉଡି ବୁଲିଥାନ୍ତି କେବେ ହେଲେ ତୁମ ସହ ସମ୍ପର୍କର ସେତୁ ବାନ୍ଧି ନ ଥାନ୍ତି ।

ହଁ ଜାଣିଛି ପ୍ରେମ ମାନେ ଯନ୍ତ୍ରଣା ଆଉ ବିବାହ ମାନେ ସ୍ୱାର୍ଥପରତା, ମୁଁ ଯନ୍ତ୍ରଣା ସହି ପାରିବି ହେଲେ ଆଉ କାହାକୁ ବିବାହ କରି ପାରିବିନି । ଜୀବନରେ ତୁମରି ପ୍ରେମର ସ୍ମୃତିକୁ ନେଇ ସାରା ଜୀବନ ଯନ୍ତ୍ରଣା ଭୋଗିବି, ହେଲେ ଆଉ କାହାର ହାତ ଧରି ତୁମ ପରି ସ୍ୱାର୍ଥପର ହେଇ ପାରିବି ନାହିଁ, ହଁ ଏଇଆ ସତ ଯେ ମଣିଷ ଯାହା ଚାହେଁ ତାହା ପାଏନା, କିଛି ପୁରା ହୁଏ କିଛି ବାକି ରହିଯାଏ, ଏଇ ଯେମିତି ମୋ ସ୍ୱପ୍ନ ଅଧୁରା ରହିଗଲା, ପୁରା ହେଲାନି, ସ୍ୱପ୍ନ ପୁରା ନ ହେଉ କିନ୍ତୁ ସାରା ଜୀବନ ତୁମରି ସ୍ମୃତି ନେଇ ତୁମରି ଫେରିବା ବାଟକୁ ଚାହିଁ ରହିବି, ତୁମ ଫେରିବା ବାଟ ଅପେକ୍ଷାରେ ଜୀବନର ସବୁ ପଥକୁ ଆହୁତି ଦେଇ ରହିଲି ତୁମରି ବାଟକୁ ଚାହିଁ ।

କାର୍ଯ୍ୟକାରୀ ସମ୍ପାଦକ
ଜାତୀୟ କବି ଲେଖକ ସଂଗଠନ
ତିହିଡି, ଭଦ୍ରକ
ଯୋଗାଯୋଗ-୮୩୩୯୯୩୯୯୨୯

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଅନାମିକା ପ୍ରେମିକା

ବିରଞ୍ଚି ନାରାୟଣ ମିଶ୍ର



ପ୍ରେମିକାର ନାଁ ମୁଁ ଜାଣିଛି । ସଭିଙ୍କୁ କହିବାର ସାହସ ହେଉନି । କେମିତି କହିପାରିବି ।

ଜୀବନଟି ବି ମୋର ସେମିତି ।

ଜୀବନ ମୋର ଅଜସ୍ର ଅପାସୋରା ସ୍ମୃତିର ଉପହାର । କେବେ କେବେ ଗୋପନ ସ୍ମୃତିର ଶରଶଯ୍ୟା ମୋ ମନ, ପ୍ରାଣ ଓ ଚେତନାକୁ ମତିଥିତ କରେ, ଅବ୍ୟକ୍ତ ବେଦନାରେ ମୁଁ ମ୍ରିୟମାଣ ହୋଇପଡ଼େ । ମୋର ଏହି ଅନ୍ତର୍ଦହନକୁ ଈଶ୍ୱର ଓ ମୁଁ ବ୍ୟତୀତ ଆଉ କିଏ ବା ବୁଝିପାରିବ ? ସ୍ମୃତି ପାଉଁଶ ତଳର ନିଆଁ । ଟିକେ ସହୃଦୟତା, ଚିରୁଟାଏ ସହାନୁଭୂତି ତାକୁ ପ୍ରଜ୍ୱଳିତ କରିପାରେ । ସ୍ରଷ୍ଟା ଯଦି ଆପଣା ଭିତରେ ଏ ଦହନକୁ ସହି ଯେଉଁ ସର୍ଜନା କରେ ତାହା ସ୍ୱର୍ଗୀୟ ଶତଦଳ ସମ ଚିରଅମ୍ଳାନ ଓ କାଳଜୟୀ ହୋଇଯାଏ ।

ତେଣୁ ମୋ ପ୍ରେମିକାର ନାଁ ଟି ଗୋପନ ରଖି ମୋର ଏଇ ଆତ୍ମଲିପି ଲେଖିବାକୁ ଇଚ୍ଛା କଲି । ଦୁଇଟି କରୁଣ ଚରିତ୍ର ଗୋଟିଏ ମୁଁ ଓ ଅନ୍ୟଟି ମୋର ପ୍ରେୟସୀ (ଯାହାର ନାଁ ଲେଖିବାର ସାହସ ମୋ ପାଖେ ନାହିଁ) ପାଠକଙ୍କ ହୃଦୟକୁ କରୁଣ ରସରେ ଦ୍ରବିଭୂତ କରିଦେବ ବୋଲି ମୋର ଆଶା ଓ ବିଶ୍ୱାସ ରଖି ଆରମ୍ଭ କରୁଛି ।

ଆତ୍ମଲିପି ଲେଖିଲା ବେଳେ ବାରମ୍ବାର ପ୍ରେମିକା ଲେଖିବାର ଇଚ୍ଛାକୁ ମୋର ପ୍ରଶମିତ କରିବା ପାଇଁ ଏକ କଳ୍ପନା ନାଁରେ ତାକୁ ମୁଁ ନାମିତ କରି ଆତ୍ମଲିପି ଲେଖିବା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆରମ୍ଭ କଲି । ଧର ମୋ ପ୍ରେମିକାର ନାଁ ଆଞ୍ଜେଲ (ଏପରି ନାଁ ପଛରେ କାରଣ ଯେ ଯଦି ମୁଁ ପ୍ରଚଳିତ ଝିଅମାନଙ୍କ ନାଁ ଟି ଲେଖିଦେଇଥାନ୍ତି କାଳେ ସେଇ ନାଁ ରେ ଥିବା ଝିଅଟି ମନରେ କି ଭାବନା ସୃଷ୍ଟି ହେବ ତା ମୋ କଳ୍ପନା ବାହାରେ ) ଆମ ଦୁହିଁଙ୍କ ଭଲପାଇବା ନିକଟରେ ଆଞ୍ଜେଲ ମୋ ନିକଟରେ ନିଜକୁ ଉତ୍ସର୍ଗ କରିଦେବା ପରେ ପ୍ରତି ମୁହୂର୍ତ୍ତ ପାଲଟି ଯାଇଛି ସବୁଜ ସ୍ୱପ୍ନ ଓ ଗୋଲାପୀ ନିଶାର ମୁହୂର୍ତ୍ତ । ପରସ୍ପର ପ୍ରତି ଆନୁଗତ୍ୟ, ଅନୁରାଗ କ୍ରମେ ନିବିଡ଼ ଭଲ ପାଇବାରେ ପରିଣତ ହୋଇଛି । ତା ସହ ଏକାନ୍ତରେ ବାର୍ତ୍ତାଳାପ କରିବାକୁ ପୁରୀ ସମୁଦ୍ରକୂଳରେ ବୁଲିବା, ହୋଟେଲରେ ଏକାଠି ଭୋଜନ କରିବା ବି ଆମେ କରିଛୁ । ଉଭୟଙ୍କ ଅବାଧ ମିଳାମିଶା ଭିତରେ ସମ୍ପର୍କ ଆମର ପ୍ରେମର ରୂପ ନେଇ ଯାଇ ବିବାହ ପ୍ରସ୍ତାବ ନିଷ୍ପତ୍ତି ଯାଏଁ ଚାଲି ଯାଇଛି । ହେଲେ ଶେଷ ନିଷ୍ପତ୍ତି ନେବା ମୋ ପାଖେ ଅସମ୍ଭବ ହୋଇପଡିଛି । ତାର ଦୁଇଟି ଚିଠି ମୋତେ ମର୍ମାହତ କରିଛି । ମୁଁ କିନ୍ତୁ ନିରୁତ୍ତର । ସମାଜର ରକ୍ଷଣଶୀଳତା, ପରିବାର ଓ ନିଜର ଆତ୍ମସମ୍ମାନ ମୋତେ ନିଷ୍ପତ୍ତି ନେବାରେ ବାଧା ସୃଷ୍ଟି କରିଛି । ମୋର ଦୀର୍ଘ ନୀରବତ୍ତା ଆଞ୍ଜେଲକୁ ଶକ୍ତ ଧକ୍କା ଦେଇଛି । ସ୍ମୃତି ସବୁ ହଜିଗଲା । ହେଲେ ସ୍ମୃତି ହୋଇଗଲା ଅଧିକ ଜୀବନ୍ତ ।

\+ + + + +

ଜୀବନର ପ୍ରଥମ ଚାକିରୀ ମୋର ହୋଇଗଲା କଟକ ସହର ବୋର୍ଡ଼ ଅଫିସରେ. କଟକ ସହର ମୋ ପାଇଁ ଥିଲା ନୂଆ । ବୋର୍ଡ଼ ଅଫିସର ଦୋଳମୁଣ୍ଡାଇଠାରେ ଏକ ଭଡାଘରେ ଟେକ୍ସଟ୍ ବୁକ୍ ସେକ୍ସନରେ ଯୋଗ ଦେଲି । ସେକ୍ସନ ଅଫିସର ଥିଲେ ପ୍ରସନ୍ନ ବାବୁ, ଅନ୍ୟ କର୍ମଚାରୀ ଭିତରେ ଯୋଗୀ ବାବୁ, ଧୁରନ୍ଧର ବାବୁ, ବାଳକୃଷ୍ଣ ବାବୁ, ପୂର୍ଣ୍ଣ ବାବୁ, ରସାନନ୍ଦ ବାବୁ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ ଭିତରେ ଶ୍ୟାମ, ମାୟାଧର ଓ ରମେଶ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଥିଲେ । ସମସ୍ତେ ବହୁତ ଭଲ ଓ ସ୍ନେହି ମଣିଷ ଥିଲେ.ତେଣୁ ମୋତେ ନୂଆ ଚାକିରୀର କିଛି ଭୟ ଲାଗିଲା ନାହିଁ । ପ୍ରସନ୍ନ ବାବୁ ମୋତେ ଆମ ଗାଁ ଓ ପରିବାର ବିଷୟରେ କିଛି ପଚାରି, ବାଳକୃଷ୍ଣ ବାବୁଙ୍କୁ ତାଙ୍କ ମେସରେ ରହିବାର ମୋର ବନ୍ଦୋବସ୍ତ କରିଦେଲେ । ସେତେବେଳେ ଅଫିସ ଟାଇମ୍ ୧୦ଟାରୁ ୪ଟା ପର୍ଯ୍ୟନ୍ତ ଥିଲା । ୪ଟା ପରେ ମୁଁ ବାଳକୃଷ୍ଣ ବାବୁଙ୍କ ସହ ତାଙ୍କ ମେସକୁ ଗଲି । ସେ ମେସରେ ଆଉ ୨ ଜଣ ବି ରହୁଥିଲେ । ମୋତେ ମିଶାଇ ୪ ଜଣ ରହିବୁ । ବଡ଼ ରୁମଟେ ୪ ଟି ଖଟ ପଡି ଆଉ ଟିକେ ଜାଗା ବି ଥିଲା । ବାଳକୃଷ୍ଣ ବାବୁଙ୍କ ଗାଁ ପୁରୀ ଜିଲ୍ଲା ବାଳକାଟୀ ପାଖରେ । ବହୁତ ଭଲ ଲୋକ ପ୍ରଥମ ଦେଖାରୁ ସେ ମୋତେ ଭଲ ଲାଗିଥିଲେ । ତେଣୁ ତାଙ୍କ ପାଖରେ ରହିଲେ ମୋର କିଛି ଅସୁବିଧା ହେବନି ଭାବି ସେଠାରେ ରହିବାକୁ ହଁ କଲି । ମୁଁ କିନ୍ତୁ ସାଙ୍ଗରେ କିଛି ଆଣିନଥିଲି ରହିବି କିପରି । ବାଳକୃଷ୍ଣ ବାବୁଙ୍କୁ କହିଲି ମୁଁ ଆଜି ଭୁବନେଶ୍ୱର ଫେରି ଯାଉଛି କାଲି କଟକ ଆସିଲେ ଶନିବାର ଦିନ ଗାଁକୁ ଯାଇ ମୋର ରହିବା ପାଇଁ ଶେଯ ତକିଆ ବେଡ଼ଶିଟ ଚାଦର ଓ ଚଳିବା ପାଇଁ ସବୁ ଜିନିଷ ସାଙ୍ଗରେ ଧରି ସୋମବାର ଦିନ ଆସିବି । ଏହାକହି ଭୁବନେଶ୍ୱର ଫେରି ଆସିଲି । ଶନିବାର ଦିନ ଅଫିସ ସାରି ଗାଁକୁ ଆସିଲି । ଘରେ ସମସ୍ତେ ଖୁସି କହିଲେ ନସରେ । ମୋ ମନ ବି ଖୁସିରେ କୁଣ୍ଢେମୋଟ ହୋଇଗଲା । ସାନନନା ମୋର ମେସରେ ରହିବା କଥା ଶୁଣି କହିଲେ ତୁ ମେସରେ ନରହି ହାଲୁ ଭାଇନାଙ୍କ ଘରେ ରହିବୁ । ମୁଁ ତୋ ସହ ସୋମବାର ଦିନ କଟକ ଯାଇ ତାଙ୍କ ସହ କଥା ହୋଇ ସେଠାରେ ରହିବାର ଠିକ କରି ଆସିବି । ସୋମବାର ଦିନ ଆମେ କଟକ ଆସିଲୁ ।

ମୁଁ ଅଫିସେ ଗଲି ଓ ନନା ହାଲୁ କକେଇଙ୍କ ଘରକୁ ଗଲେ । ମୁଁ ଅଫିସରେ ପହଞ୍ଚି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବାଳକୃଷ୍ଣ ବାବୁଙ୍କୁ ରହିବା କଥା ସବୁ କହିଲି । ମୋ କଥା ଶୁଣି ସେ ହସିକି କହିଲେ ଭଲ ହେଲା କକେଇଙ୍କ ଘରେ ରହିଲେ ତୁମର କିଛି ଅସୁବିଧା ହେବନି । ଯେତେବେଳେ ଚାହିଁବ ମୋତେ କହିଲେ ମୁଁ ତୁମକୁ ଆମ ମେସରେ ରଖିଦେବି । ସେଦିନ ଅଫିସ କାମ ସାରି ସିଧାଗଲି ହାଲୁ କକେଇଙ୍କ ଘରକୁ । କକେଇଙ୍କ ଘରେ ମୋ ଚାକିରୀ କଥା ଶୁଣି ସମସ୍ତେ ଭାରି ଖୁସି ହେଲେ । କକେଇ କହିଲେ ମୋର ଆଉ ଗୋଟିଏ ଘର ଅଛି । ସେ ଘରକୁ ଆମେ ଟିକେ ପରେ ଯିବୁ । ସେ ଘରେ ଏବେ ବାଜିଆ ଓ ନୃସିଂହ ଅଛନ୍ତି ତୁ ସେଠାରେ ରହିବୁ । ସେଦିନ କକେଇଙ୍କ ଘରେ ନନାଙ୍କ ସହ ରହି ତା ପରଦିନ ମୁଁ ଅଫିସ ଆସିଲି । କକେଇଙ୍କ ନୂଆ ଘର ଆମ ଅଫିସରୁ ଟିକେ ଦୂରରେ ଥିଲା । ମୁଁ ସବୁଦିନ ଭୁବନେଶ୍ୱର କଟକ ବସରେ ମଧୁପଟଣା ଛକରୁ ଅଫିସ ଆସେ । ବାଜିଆ ଭାଇନା ସକାଳୁ ସବୁ କାମ ସାରି ରୋଷେଇ କରନ୍ତି । ମୁଁ ସକାଳେ ଓ ରାତିରେ ତାଙ୍କ ପାଖେ ଖାଏ ।

ଆଞ୍ଜେଲ ସହ ପ୍ରଥମ ଦେଖା

ସବୁଦିନ ସକାଳେ ମୁଁ ଘର ପାଖାପାଖି ବୁଲାବୁଲି କରେ । କିଛିକିଛି ନୂଆ ଲୋକଙ୍କ ସହ ପରିଚୟ ହେଲାଣି । ସେଠାକାର ବାଟଘାଟ ବିଷୟରେ ବି ଜଣାଶୁଣା ହେଲିଣି । କକେଇଙ୍କ ଘର ମୋତେ ଏବେ ଭଲ ଲାଗିଲାଣି । ଆମ ପଡୋଶୀମାନଙ୍କ ସହ ପରିଚୟ ହେଲାଣି । ଆମ ଘରକୁ ୪ କି ୫ ଘର ଛାଡି ଗୋଟିଏ କେରଳି ପରିବାର ରୁହନ୍ତି । ଟିକେ ଥିଲାବାଲା ପରିବାର । ମା,୧୫ - ୧୬ ବର୍ଷର ଝିଅଟିଏ ଓ ଡ୍ରାଇଭର୍ । ଘର କାମ ପାଇଁ ଜଣେ ଆଉ ରୋଷେଇ କରିବା ପାଇଁ ଜଣେ ଏମିତି ଦୁଇ ଜଣ ସ୍ତ୍ରୀ ଲୋକ ସବୁଦିନ ଆସନ୍ତି । ଝିଅଟି କନଭେଣ୍ଟରେ ପଢେ । ବସ୍ ରେ ସବୁଦିନ ସ୍କୁଲ ଯିବା ଆସିବା କରେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମା ଜଣଙ୍କ ଭାରି ନମ୍ର ଓ ସ୍ନେହୀ ସ୍ତ୍ରୀ ଲୋକ ଜଣେ । ତାଙ୍କ ସହ ମୋର ସବୁଦିନ ପ୍ରାୟେ ସକାଳେ ଦେଖାହୁଏ । କକେଇଙ୍କ ଘରେ ଗୋଟେ ପୁରୁଣା ହାରମୋନିୟମ ଥାଏ । ମୁଁ ସବୁଦିନ ସକାଳେ ଓ ଅଫିସରୁ ଫେରି ସନ୍ଧ୍ୟାରେ ହାରମୋନିୟମ ବଜାଏ । ମୁଁ ହାରମୋନିୟମ ସୁନ୍ଦର ବଜାଇପାରେ । ଦିନେ ମୁଁ ବାଟରେ ଯାଉ ଯାଉ ସେଇ କେରଳି ସ୍ତ୍ରୀ ଲୋକଙ୍କ ସହ ଭେଟ ହୋଇଗଲା । ସେ ମୋତେ ରାସ୍ତାରେ ଅଟକାଇ ପଚାରିଲେ ଆପଣଙ୍କର ଏ ଘର କଣ ନିଜର । ଆଗରୁ ତ ମୁଁ ଆପଣଙ୍କୁ ଏଠାରେ ଦେଖିନି । ଆପଣ କଣ କରନ୍ତି ଇତ୍ୟାଦି ଇତ୍ୟାଦି । ମୁଁ ଟିକେ ଆଶ୍ଚର୍ଯ୍ୟ ହୋଇଗଲି କାରଣ ମୁଁ ସ୍ୱପ୍ନରେ ସୁଦ୍ଧା ଭାବିନଥିଲି ଯେ ସ୍ତ୍ରୀ ଲୋକ ଜଣଙ୍କ ଆଗ ମୋ ସହ ରାସ୍ତାରେ କଥା ହୋଇ ଏତେ କଥା ପଚାରିବେ । ତଥାପି ମୁଁ ତାଙ୍କୁ କହିଲି ଯେ ଏ ଘର ମୋ କକେଇଙ୍କର ମୁଁ ବୋର୍ଡ଼ ଅଫିସରେ ଚାକିରୀ ଏବେ ପାଇଲି, କକେଇଙ୍କ ଘର ଖାଲି ଥିବାରୁ ଏଇଠି ରହି ଅଫିସ ଯିବା ଆସିବା କରୁଛି । ସେ ପୁଣି ପଚାରିଲେ ତୁମେ ତ ସୁନ୍ଦର ହାରମୋନିୟମ ବଜାଇ ପାରୁଛ । ମୁଁ ଦୁଇ ଓଳି ଶୁଣେ । ବହୁତ ଭଲ ଲାଗେ । ନମ୍ରତାର ସହ ଟିକେ ହସିଦେଇ ମୁଁ ଘରକୁ ଫେରି ଆସିଲି ।

ଆଜିକାଲି ପ୍ରାୟେ ସବୁଦିନ ମୋର ସେ କେରଳି ସ୍ତ୍ରୀ ଲୋକଙ୍କ ସହ ଦେଖାସାକ୍ଷାତ ହୁଏ । ତାଙ୍କୁ ଦେଖିଲେ ସୁପ୍ରଭାତ ବୋଲି କହି ମୁଁ ଅଫିସ ବାହାରି ଯାଏ । ସେ ବି ହସ ହସ ମୁହଁରେ ସୁପ୍ରଭାତ କହି ଦିଅନ୍ତି । ଆମେ ଦୁହେଁ ଏବେ ଟିକେ ଉଭୟଙ୍କ ପାଖେ ସହଜ ହୋଇଗଲୁଣି । ଉଭୟଙ୍କ ପରିବାର ବିଷୟରେ ଦୁହେଁ କିଛିକିଛି କଥା ହେଲୁଣି । ସ୍ତ୍ରୀ ଲୋକଙ୍କର ନାଁ ଚିତ୍ରଲେଖା ସ୍ୱାମୀଙ୍କ ନାଁ ପ୍ରଶାନ୍ତ ଚୌହାନ, ଝିଅ ନାଁ ଆଞ୍ଜେଲ । ସ୍ତ୍ରୀ ଲୋକ ଜଣଙ୍କ ଟିକେ ଭାବ ପ୍ରବଣତା ହୋଇ କହିଲେ ଆମ ପରିବାର ହିନ୍ଦୁ ଥିଲୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସ୍ୱାମୀଙ୍କର ଅନେକ ଖ୍ରୀଷ୍ଟିଆନ ସାଙ୍ଗ ଥିଲେ । ସେମାନଙ୍କ ପ୍ରରୋଚନାରେ ସେ ଖ୍ରୀଷ୍ଟ ଧର୍ମକୁ ଭଲପାଇବା ଆରମ୍ଭ କରି ଶେଷକୁ ଖ୍ରୀଷ୍ଟ ଧର୍ମାଲମ୍ବୀ ହୋଇଗଲେ । ବିଶପ ଏଙ୍କୁ ବହୁତ ଭଲ ପାଉଥିଲେ । ଶେଷକୁ ଓଡ଼ିଶାରେ ଖ୍ରୀଷ୍ଟ ଧର୍ମର ପ୍ରଚାର କରିବା ପାଇଁ ମୁଖ୍ୟ କରି ଓଡିଶା ପଠାଇ ଦେଲେ । ଆଞ୍ଜେଲ ଏଇ କଟକରେ ହିଁ ଜନ୍ମ ଗ୍ରହଣ କରିଛି । ଓଡିଶା ଆସିବା ଆମର ୧୭ - ୧୮ ବର୍ଷ ହୋଇଗଲାଣି । ଆମେ ପରିବାର ସହ ଅନେକବାର କେରଳ ଯାଇଛୁ । ୧ ବର୍ଷ ତଳେ ଗୋଟେ କାର ଦୁର୍ଘଟଣାରେ ଏଙ୍କର ଦେହାନ୍ତ ହୋଇଗଲା । କଟକରେ ବାକି ଜୀବନ ରହିବାକୁ ଇଛା କରି ଏଠାରେ ଘର କରି ରହିଗଲୁ । ଆଞ୍ଜେଲ କନଭେର୍ଟରେ ଦଶମ ଶ୍ରେଣୀରେ ପଢୁଛି । ଭଲ ପାଠ ପଢୁଛି । ଆପଣଙ୍କ ପରିବାର ବିଷୟରେ କିଛି କୁହନ୍ତୁ । ମୁଁ ମୋ ନାଁ ସହ ମୋ ପରିବାର ବିଷୟରେ ସବୁ କହିଦେଲି । ମୋ ନାଁଟିକୁ ଭଲ ଭାବରେ ସେ ଉଚ୍ଚାରଣ କରିନପାରି କହିଲେ ମୁଁ ଆଣଙ୍କୁ ମିଶ୍ରାଜି ଡାକି ପାରିବି କି ? ମୋତେ ହସ ମାଡିଲା । ମୁଁ କହିଲି ଆପଣଙ୍କ ଇଛା. ଆମେ ତାଙ୍କ ଗେଟ ମୁହଁରେ କଥା ହେଉଥିଲୁ ସେ ମୋତେ ଘର ଭିତରକୁ ଡାକି କଥା ହେବାକୁ କହିଲେ । ମୁଁ ଭିତରକୁ ଯାଇ ସୋଫାରେ ବସିଲି । ଚା ପିଇବାକୁ କହି ରୋଷେଇ ଘରକୁ ଗଲେ । ଘରକୁ ସୁନ୍ଦର ଭାବେ ସଜାଇଛନ୍ତି ଯୀଶୁଙ୍କର ଗୋଟେ ତୈଳ ଚିତ୍ର କାନ୍ଥରେ ଟଙ୍ଗା ହୋଇଛି । ଦୁଇଟି ଚା କପ ଧରି ମୋ ପାଖ ସୋଫା ଉପରେ ବସି ଚା ପିଇବାକୁ ଅନୁରୋଧ କରିଲେ ମୁଁ ପଚାରିଲି ଆଞ୍ଜେଲ ଘରେ ନାହିଁ କି ? ମାମ କହିଲେ ବସ୍ ଫେରିଲା ସମୟରେ ବହୁତ ଡେରିରେ ତାକୁ ଘରେ ଛାଡେ ତେଣୁ ମୁଁ ଡ୍ରାଇଭରକୁ ପଠାଇଛି । କହୁ କହୁ ଆଞ୍ଜେଲ ଆସି ଘରେ ପହଂଚିଗଲା । ମୋତେ ଦେଖି ସେ ଟିକେ ଅପ୍ରସ୍ତୁତ ହୋଇଗଲା । ମାମ ତାକୁ ମୋ ବିଷୟରେ ସବୁକଥା କହି ବୁଝାଇ ଦେଲେ.

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆଞ୍ଜେଲ ମୋତେ ନମସ୍କାର ଜଣାଇ ତା ରୁମକୁ ଚାଲିଗଲା । ମୁଁ କିଛି ସମୟ ପରେ ଘରକୁ ଫେରିଆସିଲି ।

ଦିନେ ଚିତ୍ରା ମାମ ମୋତେ କହିଲେ ଆପଣ ଯଦି କିଛି ମାଇଁଣ୍ଡ କରିବେନି ମୁଁ ଗୋଟିଏ କଥା କହିବି । ମୁଁ କହିଲି କୁହନ୍ତୁ । ସେ କହିଲେ ଆପଣ ଆଞ୍ଜେଲକୁ ହାରମୋନିୟମ ଶିଖାଇବାକୁ ଆସିଲେ ଭଲ ହୁଅନ୍ତା । ତାର ସଙ୍ଗୀତ ପ୍ରତି ଅହେତୁକ ଭଲ ପାଇବା ଅଛି । ସେବି ଆଗରୁ ଏକ ସଙ୍ଗୀତ ସ୍କୁଲରେ ଶିଖୁଥିଲା । ଏହା ଶୁଣି ମୁଁ କିଛି ନ ଭାବି ହଁ କରିଦେଲି ।

ଶନିବାର ଦିନ ସନ୍ଧ୍ୟାରେ ମାମଙ୍କ ଘରକୁ ଗଲି । ଆଞ୍ଜେଲ କହିଲା ଚାଲନ୍ତୁ ଏବେ ମାର୍କେଟ ଯିବା ଗୋଟେ ହାରମୋନିୟମ କିଣିକି ଆଣିବା । ମୁଁ ପ୍ରଥମଥର ମାମଙ୍କ କାରରେ ବସିଲି । କୃଷ୍ଣ ଚିତ୍ରାଳୟକୁ ଯାଇ ସେଠାରୁ ଗୋଟେ ଭଲ ହାରମୋନିୟମ କିଣି ପାଖ ହୋଟେଲରେ ଖାଇ ଘରକୁ ଫେରିଲୁ । ଆଞ୍ଜେଲ ମନ ବହୁତ ଖୁସି ହେଲା । ରବିବାର ଦିନ ସେମାନେ ଚର୍ଚ୍ଚ ବାହାରିଲେ । ମୋତେ ସାଥିରେ ନବାକୁ ଆଞ୍ଜେଲ ବହୁତ କହିଲା । ମୁଁ ମନା କରିବାରୁ ତା ମନଦୁଃଖ ହୋଇଗଲା । ବାଧ୍ୟ ହୋଇ ଜୀବନର ପ୍ରଥମ ଥର ମୁଁ ସେମାନଙ୍କ ସହ ଚର୍ଚ୍ଚ ଗଲି । ବିଶପ ବାଇବେଲ ପଢ଼ିସାରିଲା ପରେ ସମୂହ ପ୍ରାର୍ଥନର ରେକର୍ଡ ବାଜିଲା । ମୁଁ କିଛି ବୁଝିପାରୁ ନଥାଏ ।

ଚୁପଚାପ ଠିଆ ହୋଇ ରହିଥାଏ । କିଛି ସମୟ ସେମାନେ ଚର୍ଚ୍ଚରେ ରହି ଘରକୁ ଫେରିଆସିଲୁ । ବାଟରେ ମାମ କହିଲେ ଆଜି ଆଞ୍ଜେଲର ହରମୋନିୟମ ଶିଖା ଆରମ୍ଭ ହେଉ । ଆପଣ ଆମ ଘରେ ଡିନର୍ କରିବେ । ସନ୍ଧ୍ୟାରେ ସାଙ୍ଗୀତ କ୍ଲାସ୍ ଆରମ୍ଭ ହେଲା । ଆଗରୁ ସାରେଗାମା ସହ ପରିଚିତ ଥିବାରୁ ମୋତେ ଟିକେ ଶିଖାଇବାକୁ ଅସୁବିଧା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହେଲାନି । ସେ ସୁନ୍ଦର ଓ ନିର୍ଭୁଲ ଭାବରେ ବଜାଇ ପାରୁଥିଲା । ତା କଣ୍ଠ ବି ବହୁତ ମଧୁର ଥିଲା । ଏଣିକି ଆଞ୍ଜେଲ ମୋତେ ମିଶ୍ର ଅଙ୍କଲ୍ ଡାକିଲା । ମୁଁ ସବୁଦିନ ଶିଖାଇ ଚାଲିଲି ମୋର ସମୟ ଭଲରେ କଟିଲା । ଆଞ୍ଜେଲ ବି ଖୁସି ହେଲା । ଆଞ୍ଜେଲର ପରୀକ୍ଷା ପାଖେଇ ଆସୁଥିବାରୁ ମୁଁ କହିଲି ଏଣିକି କେବଳ ରବିବାର ଦିନ ମୁଁ ଶିଖାଇବି ତୁମେ ଅନ୍ୟଦିନ ପାଠପଢିବ । ସେଇୟା ହିଁ ହେଲା । ମୁଁ କିନ୍ତୁ ସବୁଦିନ ତାଙ୍କ ଘରକୁ ଯାଏ । ଆଜିକାଲି ଆଞ୍ଜେଲ ମୋ ପାଖେ ଆବଶ୍ୟକତାଠାରୁ ଅଧିକ ଫ୍ରି ହୋଇଗଲାଣି । ବେଳେ ବେଳେ ଟିକେ ଟିକେ ଦୁଷ୍ଟାମୀ କରିବା ଆରମ୍ଭ କଲାଣି ।

ଏବେ ଜାଣିଶୁଣି ହାରମୋନିୟମର ରିଡ ଭୁଲ କରି ଚିପି ବେସୁରା ବଜାଉଛି । ମୁଁ ଟିକେ ମିଛ ରାଗ ଦେଖାଇ ତାର ହାତକୁ ଧରି ପକାଇଲି କହିଲି ଆଜି ଏସବୁ କଣ କରୁଛ ? ? ପ୍ରଥମ ଥର ତାର ସ୍ପର୍ଶ ପାଇଲି । ଆନନ୍ଦରେ ଅଧିର ହୋଇଗଲି । ଘରକୁ ଆସିଲି । ଅନେକ ସମୟ ମନଟା ଅସ୍ଥିର ରହିଲା । ଆଜି କାହିଁକି ନିଛାଟିଆ ଲାଗୁଚି । ଭାବି ଭାବି କେତେବେଳେ ନିଦ ଆସିଯାଇଛି ।

ଦିନେ ଚାରିଟା ବେଳେ ଆଞ୍ଜେଲ ଡକାଇ ପଠାଇଲା । ମୁଁ ତାଙ୍କ ଘରକୁ ଗଲି । ସେ କହିଲା ଆଜି କିଛି ବଜାଇବିନି । ମୋ ସହ ଆପଣ ସନ୍ଧ୍ୟା ଭ୍ରମଣରେ ଯିବେ । ମହାନଦୀ କୂଳ ବିଶେଷ ଦୂରନାହିଁ । ଏବେ ଆଞ୍ଜେଲ କ୍ରମଶଃ ମୋର ନିକଟତର ହେବାକୁ ଲାଗିଲାଣି । ଚାଲି ଚାଲି ଯିବାବେଳେ ଦେହକୁ ଦେହ ବାଜି ଯାଉଛି । ସଙ୍ଗୀତ ବ୍ୟତୀତ ବିଭିନ୍ନ ଅସଂଲଗ୍ନ ଆଳାପ ବି ହେଉଛି । ନଦୀକୂଳେ ବସି ଉଭୟେ ଅନ୍ତରଙ୍ଗ ଆଳାପ କଲୁ । ଗୋଡି ଗୋଟେଇ ପାଣିକୁ ଫୋପାଡ଼ିଲୁ । ସୂର୍ଯ୍ୟାସ୍ତ ହେବା ଉପରେ । ଚାଲି ଚାଲି ଘରକୁ ଫେରିଲୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆଜି ରବିବାର ଆଞ୍ଜେଲର ଅନୁରୋଧରେ ସାରାଦିନ ତା ସହ ରହିବି । ବ୍ରେକଫାଷ୍ଟରୁ ଡିନର ପର୍ଯ୍ୟନ୍ତ । ଉପମା ଚଟଣି ଏବଂ ଚା ପିଇ ଚର୍ଚ୍ଚ ବାହାରିଲୁ । ଆଜି କାହିଁକି ଆଞ୍ଜେଲ ଟିକିଏ ଚିନ୍ତିତ ଜଣା ପଡୁଛି । ମୁହଁରେ ଅସ୍ୱାଭିବିକ ଗାମ୍ଭୀର୍ଯ୍ୟ ବେଶ ବାରି ହେଉଛି । ଖୁବ କମ କଥା କହୁଛି । ମୋତେ ଟିକେ ଭୟ ଲାଗିଲା । ମୋର ଏ ଅବାଧ ମିଳାମିଶାକୁ କାଳେ ସେ ପସନ୍ଦ କରୁ ନଥିବ । କିନ୍ତୁ ସେ ତ ନିଜେ ପ୍ରଶୟ ମୋତେ ଦେଇଛି । ତା ମମିଙ୍କ ଅନୁମତି ନେଇ ଅନେକଥର ସିନେମା ଯିବାକୁ, ବୁଲି ଯିବାକୁ ନିଜ ଆଡୁ ପ୍ରସ୍ତାବ ଦେଇଛି । ତାଙ୍କ ଘରକୁ ଗଲେ ଆମେ ଦିଜଣ ଏକାନ୍ତରେ ରହିବା ପାଇଁ ସହମତି ଦେଇଛି । ମୋତେ ଆଜି ଲାଗିଲା ଆଞ୍ଜେଲର ମମି ଆମର ଏଇ ଅବାଧ ମିଳାମିଶା ବିଷୟରେ ସବୁ ଜାଣିଛନ୍ତି । ତାଙ୍କ ସହମତି ବିନା ଆଞ୍ଜେଲ ଏପରି ଦୁଃସାହସ କେବେ ବି କରିପାରିବ ନାହିଁ । ଭୟ ମୋର ଟିକେ କମ ହେଲାପରି ମୋତେ ଲାଗିଲା ।

ଆଜି ଚର୍ଚ୍ଚରେ ଆକର୍ଷଣୀୟ ସାଜସଜ୍ଜା । ସମୂହ ପ୍ରାର୍ଥନାପରେ ଆମେ ଚର୍ଚ୍ଚରେ ଥିବା କିଛି ଧର୍ମପୁସ୍ତକ ପଢ଼ାରେ ମନନିବେଶ କଲୁ । ତାଙ୍କ ସଂପ୍ରଦାୟର ଏକ ବିବାହ କାର୍ଯ୍ୟରେ ଯୋଗ ଦେଲୁ । ଆଞ୍ଜେଲ ବାରମ୍ବାର ମୋତେ କେମିତି ଲାଗୁଚି ପଚାରୁଛି । ମୁଁ ମୁଣ୍ଡ ହଲେଇ ଉତ୍ତର ଦେଲି । ମିଠା ପ୍ୟାକେଟ ସାଙ୍ଗରେ ଧରି ଘରକୁ ଫେରିଲୁ ।

ଆଜିକାଲି ଆଞ୍ଜେଲ ଖୁବ ସଜେଇ ହେଉଛି । ନୂଆ ନୂଆ ଡ୍ରେସ ପିନ୍ଧୁଚି । ଦାମୀ ପରଫ୍ୟୁମ ବ୍ୟବହାର କରୁଛି । ପ୍ରତିଥର ପଚାରେ କେମିତି ଦେଖାଯାଉଛି ବୋଲି । ମୁଁ ମଧ୍ୟ ତାକୁ ପ୍ରଶଂସା କରେ । କେତେଥର ମୁଁ ପ୍ରଶଂସା କଲାବେଳେ ମୋତେ କୁଣ୍ଢେଇଧରି ତୁମେ ବି ଖୁବ୍ ହ୍ୟାଣ୍ଡସମ କହେ । ତାକୁ ପରୀକ୍ଷା ନିକଟ ହେଲାଣି କହି ଶିକ୍ଷକ ସୁଲଭ ତାଗିଦ କରି ପଢ଼ାରେ ମନନିବେଶ କରିବାକୁ ଉପଦେଶ ଦେଲି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆସନ୍ତା କାଲି ତାର ପରୀକ୍ଷା ଆରମ୍ଭ ହେବ । ସକାଳୁ ସକାଳୁ ଉଠି ନିତ୍ୟକର୍ମ ସାରି ଠାକୁରଙ୍କ ପାଖେ ଆଞ୍ଜେଲର ପରୀକ୍ଷା ପାଇଁ ପ୍ରାର୍ଥନା କରି ଗୋଟେ ପୂର୍ଣ୍ଣ କଳସଟିଏ ଠାକୁରଙ୍କ ଘରେ ରଖି ଆଞ୍ଜେଲ ଘରକୁ ଗଲି । ସମସ୍ତେ ପ୍ରସ୍ତୁତି ହୋଇଥାନ୍ତି । ଆମେ ମିଶି ଗାଡ଼ିରେ ଆଞ୍ଜେଲକୁ ପରୀକ୍ଷା ହଲରେ ଛାଡ଼ିଦେବାକୁ ବାହାରିଲୁ । ବାଟରେ ଚର୍ଚ୍ଚ ଗଲୁ. ଯୀଶୁଙ୍କ ଆଗରେ ମୁଣ୍ଡ ନୁଆଇଁ ପ୍ରାର୍ଥନା କଲୁ । ପରୀକ୍ଷା ହଲରେ ତାକୁ ଛାଡି ମାମଙ୍କ ସହ ପୁଣି ଚର୍ଚ୍ଚକୁ ଫେରି ଚୁପଚାପ ଯୀଶୁଙ୍କ ପାଦ ତଳେ ବସି ରହିଲୁ । ଆଞ୍ଜେଲର ପରୀକ୍ଷା ସରିଲା ପରେ ତା ସହ ଆମେ ଘରକୁ ଫେରିଲୁ । ଏମିତି ପରୀକ୍ଷା ଶେଷଦିନ ପର୍ଯ୍ୟନ୍ତ ଚାଲିଲା । ଆଜି ତାର ପରୀକ୍ଷା ସରିଲା । ମନ ବହୁତ ଖୁସି ତାର । ମମିଙ୍କୁ କହିଲା ଆଜି ସିନେମା ଦେଖିଯିବା ମମିଙ୍କ ସମ୍ମତି ନେଇ ।

ଫାଷ୍ଟ ସୋ ପାଇଁ ଟିକେଟ ବୁକ୍ କରିଦେଲା । ସନ୍ଧ୍ୟା ୫ଟାରେ ଆମେ ଗ୍ରାଣ୍ଡ ସିନେମା ହଲକୁ ବାହାରିଲୁ । ବହୁତ ପୁରୁଣା ହିନ୍ଦୀ ସିନେମା ସୁଜାତା ଆମେ ଦେଖିଲୁ ।

ଆଞ୍ଜେଲକୁ ଦିନେ ପୁରୀ ଯିବା ପାଇଁ କହିଲି । ସେ ବହୁତ ଖୁସି ହୋଇଗଲା । ସେଇଦିନ ରାତିରେ ମମିକୁ ପଚାରି ପୁରୀ ଯିବା କଥା ନିଶ୍ଚିତ ହୋଇଗଲା । ତା ପରଦିନ ପୁରୀ ଯିବାପାଇଁ ମୋତେ କହିଲା । ମୁଁ ମାମଙ୍କୁ କହିଲି ଆଜି ଆମେ ପୁରୀ ଯିବା । ମାମ କହିଲେ ମୋ ଦେହ ଟିକେ ଭଲ ଲାଗୁନି ତୁମେ ଦୁଇଜଣ ଡ୍ରାଇଭର୍ ସହ ପୁରୀ ଯାଅ । ଆମେ ସେଇଦିନ ପୁରୀ ବାହାରିଗଲୁ । ଆଞ୍ଜେଲ ଜିଦ୍ଦି କଲା ପୁରୀ ମନ୍ଦିର ଭିତରକୁ ଯିବା ପାଇଁ । ତାକୁ ସାଙ୍ଗରେ ନେଇ ମୁଁ ମନ୍ଦିର ଭିତରକୁ ଗଲି । ଜଗନ୍ନାଥଙ୍କୁ ଦେଖି ସେ ପ୍ରଣାମ କଲା । ବେଢାଭିତର ସବୁ ଦେବାଦେବୀଙ୍କୁ ଦର୍ଶନ କରି ଆନନ୍ଦ ବଜାରରେ ଅନ୍ନ ମହାପ୍ରସାଦ ଖାଇଲା । ଭିନ୍ନ ସଂପ୍ରଦାୟ ପାଇଁ କିଛି ଆପତ୍ତି କଲାନାହିଁ । ତା'ପରେ ସମୁଦ୍ର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କୂଳ ବୁଲିବାକୁ ଗଲୁ । ସମୁଦ୍ର ଦେଖି ଆନନ୍ଦରେ ବିଭୋର ହୋଇଗଲା । ଆମେ ଏକାନ୍ତରେ ସମୁଦ୍ର କୂଳରେ ବସିଥିବା ବେଳେ ମୋ ପାଖକୁ ଲାଗିଆସି ଚୁପ ହୋଇ କହିଲା ମୁଁ ଅନେକ ଦିନରୁ ଆପଣଙ୍କୁ ଗୋଟେ କଥା କହିବି କହିବି ଭାବି କହି ପାରୁନଥିଲି ଆଜି ଏବେ ମୋ ମନକଥା ଆପଣଙ୍କୁ କହିଦେବି । ମୁଁ କିଛି ଭୟ ଆଶଙ୍କା ମିଶ୍ରିତ ମାନସିକତା ଭିତରେ ତା କଥା ଶୁଣିବାକୁ ଅପେକ୍ଷା କଲି । ସେ କହିଲା ମୁଁ ଆପଣଙ୍କୁ ଭଲ ପାଉଛି, ଲାଇକ୍ କରୁଛି । ଏଣୁ ମୁଁ ଭାବୁଛି ଆପଣ ସବୁଦିନ ମୋ ସାଥିରେ ରୁହନ୍ତୁ । ମୋ ଭିତରଟା ଦୋହଲି ଗଲା । ପାଦ ତଳର ମାଟି ତଳକୁ ତଳକୁ ଯାଉଛି । ସର୍ବାଙ୍ଗରେ ଏକ ପ୍ରକାର କମ୍ପନ ଅନୁଭବ କଲି । ପାଟି ଅଠା ମାରି କଣ୍ଠ ଶୁଖିଯାଉଛି । କି ଉତ୍ତର ଦେବି ? ସେ କହିଲା ମୁଁ ବି ଜାଣେ ତୁମେ ମୋତେ ଭଲପାଅ । କିନ୍ତୁ ତୁମ ଧର୍ମ ଏ ଭିତରେ ଆନ୍ତରାୟ ସୃଷ୍ଟି କରିପାରେ । ଟିକିଏ ବ୍ରଡ଼ ମାଇଣ୍ଡେଡ ହୁଅ । ଆମେ ସମସ୍ତେ ମଣିଷ । ଏକଥା କହିବା ପାଇଁ କିଛି ଦିନ ହେଲା ସାହସ ସଞ୍ଚୟ କରୁଥିଲି । ମୋ ମନଟା ଏବେ ହାଲକା ଲାଗିବ । ସେ ଏବେ ସହଜ ହୋଇ ମୋ ମନଟାକୁ ଭାରାକ୍ରାନ୍ତ କରିଦେଲା ।

ସେ ପୁଣି କହିଲା ଆପଣ ଚିନ୍ତା କରନ୍ତୁ । ନିଷ୍ପତ୍ତି ଆପଣଙ୍କ ଉପରେ ରହିଲା । ଭାବିବା ପାଇଁ ସମୟ ନିଅ । ତୁମ ପରିବାର କଥା ବି ଭାବିବ । ଆଞ୍ଜେଲ ଆଡେ ଚାହିଁ ପାରିଲିନି । ସେ ସଂପୂର୍ଣ୍ଣ ଭିନ୍ନ ଲାଗୁଥିଲା । ଦୁହେଁ ନୀରବରେ ବସି ରହିଲୁ । ଆଞ୍ଜେଲର ବି ଆଉ ପାଟିଖୋଲୁନି । ବିବାହ ବୟସ ତାର ହୋଇନଥିଲେ ବି ଏ ବିଷୟରେ ଜାଣିବା ବୁଦ୍ଧି ତା ପାଖରେ ଅଛି ।

ସେଦିନ ସନ୍ଧ୍ୟାରେ ଆମେ କଟକ ଫେରି ଆସିଲୁ । ତାପର ଦିନ ଅଫିସ ଗଲି । ଚିଠି ପାଇଲି ମୋର ଜୟପୁର ଟ୍ରାନ୍ସଫର ହୋଇଛି । ୫ ଦିନ ଭିତରେ ସେଠି ଜଏନ୍

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କରିବାକୁ କୁହାଯାଇଛି । ମନଟା ମୋର ବହୁତ ଦୁଃଖ ହୋଇଗଲା । ଆଞ୍ଜେଲକୁ ଛାଡି ଚାଲିଯିବାର ଦୁଃଖ ମୋତେ ବେଶୀ ବ୍ୟସ୍ତବିବ୍ରତ କରିଦେଲା । ତଥାପି ମୋତେ ଜୟପୁର ଯିବାକୁ ପଡିବ । ସନ୍ଧ୍ୟାରେ ଘରେ ବାଜିଆ ଭାଇନା ଓ ନୃସିଂହଙ୍କୁ ଏକଥା କହିଲି । ସେମାନେ ମନଦୁଃଖ କରିଲେ । ଟିକେ ଫ୍ରେସ ହୋଇ ଆଞ୍ଜେଲ ଘରକୁ ଗଲି । ମାମ ଓ ଆଞ୍ଜେଲ ବସି କଥା ହେଉଥିଲେ । ମୋତେ ଦେଖି ଆଞ୍ଜେଲ ଖୁସି ହୋଇଗଲା । ମାମ ଚା କରିବା ପାଇଁ ରୋଷେଇ ଘରକୁ ଗଲେ । କିଛି ସମୟ ପରେ ଚା ନେଇ ଆସିଲେ । ଆମେ ସମସ୍ତେ ଚା ପିଇବା ସମୟରେ ମୋର ଜୟପୁର ଟ୍ରାନ୍ସଫର ହେବା କଥା କହିଲି । ସେମାନେ ସ୍ତବ୍ଧ ହୋଇଗଲେ । ପାଟିରୁ ତାଙ୍କର କଥା ବାହାରିଲାନି । ମୋର ଆସନ୍ନ ବିଚ୍ଛେଦରେ ଆଞ୍ଜେଲ ଭାବୁକ ହୋଇପଡୁଛି । ତାର ଆଖି ଛଳଛଳ ହେବା ମୁଁ ଲକ୍ଷ୍ୟ କରିଛି । ଆଞ୍ଜେଲ ତା ପଢାଘରକୁ ଡାକି ଥରେ ଦି ଥର ତା ପ୍ରସ୍ତାବରେ ମୋ ନିଷ୍ପତ୍ତି ଜଣାଇବାକୁ ଅନୁରୋଧ କରିଛି । କହିଲା ମୁଁ ଆଶାୟୀ ହୋଇ ରହିଛି । ମାମ ବି ବହୁତ ଦୁଃଖିତ ହୋଇ ପଡିଲେ । ଆଖି ତାଙ୍କର ବି ଲୁହରେ ଛଳଛଳ ହୋଇଗଲା । ଆଜି ସନ୍ଧ୍ୟାରେ ଟ୍ରେନରେ ଜୟପୁର ଯିବି । ଯଥେଷ୍ଟ ପୂର୍ବରୁ ମୁଁ ମୋର ଆଟାଚିରେ ସବୁ ସଜାଡି ସାରିଲିଣି । ମାମ ଓ ଆଞ୍ଜେଲ ମୋ ସହ ଷ୍ଟେସନ ଯିବେ । ଆଞ୍ଜେଲ ସହ ପଛ ସିଟରେ ବସିବାକୁ କହି ନିଜେ ଆଗରେ ବସିଲେ । ଆଜି ଆଞ୍ଜେଲର ଅନ୍ତିମ ସାନିଧ୍ୟ । ତା ଦେହକୁ ଲାଗି ବସିଲି । ତାର ଉଷ୍ମତାକୁ ଅନୁଭବ କଲି । ସମସ୍ତେ ନୀରବ । ହୃଦୟ କଥା କହିଲେ ଓଠ ନୀରବି ଯାଏ । ଷ୍ଟେସନ ପାଖେଇ ଆସିଲା । ଆଞ୍ଜେଲ ମୋ ହାତ ପାପୁଲିରେ ହାତ ରଖି ମୁଠେଇ ଧରିଲା । ସତେ ଯେମିତି ସ୍ପର୍ଶ ମାଧ୍ୟମରେ ତା ମନକଥା କହି ଦେଉଛି । ଷ୍ଟେସନ ପାଖରେ ଗାଡି ଅଟକିଲା । ଡ୍ରାଇଭର୍ ମୋର ଦୁଇଟି ଆଟାଚି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଧରି ମୋ ସିଟ ତଳେ ରଖିଲା । ଆଞ୍ଜେଲ ମୋ ଖାଦ୍ୟ ଥିବା ବ୍ୟାଗନେଇ ସିଟ ଉପରେ ରଖିଲା । ଟ୍ରେନ ଛାଡ଼ିବା ସମୟ ନିକଟ ହେଲାଣି । ବିଦାୟ ନେଲାବେଳେ ମାମଙ୍କ ଚରଣ ସ୍ପର୍ଶ କରି ମୁଣ୍ଡରେ ଲଗେଇଲି । ତାଙ୍କ ଆଖିରେ ଲୁହ ଦେଖିଲି । ଆଞ୍ଜେଲ ସଂକୋଚକୁ ପଛରେ ପକାଇ ମୋତେ କୁଣ୍ଢେଇ ଧରି କାନ୍ଦିଲା । ମାମ ତାକୁ ମୁକୁଳେଇ ମୋ କପାଳରେ ଚୁମା ଦେଲେ । ହାତ ହଲେଇ ବିଦାୟ ନେଲେ । ଟ୍ରେନ ଛୁକ ଛୁକ ଶବ୍ଦ କରି ଆଗକୁ ଗଡ଼ିବା ଆରମ୍ଭ କଲା । ପଛରେ ରହିଗଲେ ହାଲୁକକେଇଙ୍କ ଘର, ବାଜିଆ ଭାଇନା, ନୃସିଂହ, ମାମ, ଆଞ୍ଜେଲ, ଡ୍ରାଇଭର୍ ଓ ମୋ ପବିତ୍ର ମହାନଦୀ । ସମସ୍ତଙ୍କ ଛବି ମୋ ମାନସ ପଟରେ ଉଦଭାସିତ ହେଲା । ଇତିହାସ ହୋଇଗଲେ ମାମ ଆଉ ଆଞ୍ଜେଲ ।

ଘରେ ବୋଉ ମୋର ବାହାଘର ପାଇଁ ବହୁତ ବ୍ୟସ୍ତ ହେଲାଣି । ଝିଅ ଖୋଜା ଚାଲିଛି । ଆଞ୍ଜେଲର ପ୍ରସ୍ତାବ ବିଷୟରେ ମୁଁ କିଛି କହିନାହିଁ । ମୁଁ ଜାଣେ ଏ ପ୍ରସ୍ତାବରେ କେହି ରାଜି ହେବେ ନାହିଁ । ଗାଁରେ ଅଛୁଆଁ ହୋଇଯିବୁ । ସମ୍ପର୍କୀୟମାନେ ଘୋର ଆପତ୍ତି କରିବେ । ମୁଁ ତ୍ୟଜ୍ୟ ହୋଇଯିବି । ବରଂ ନୀରବ ହୋଇଯିବା ଉଚିତ ହେବ ।

ଆଞ୍ଜେଲର ଟେଲିଗ୍ରାମ ଆସିଛି ଶତକଡା ତେୟାନବେ ନମ୍ବର ରଖି ପାସ କରିଛି । ତୁରନ୍ତ ଟେଲିଗ୍ରାମ ମାଧ୍ୟମରେ ମୁଁ ବଧେଇ ଜଣାଇଲି । ଆଞ୍ଜେଲର ସ୍ମୃତି ମୋତେ ବେଳେବେଳେ ବିବ୍ରତ କରୁଛି ।

ଆଞ୍ଜେଲର ଆଜି ଚିଠି ଆସିଛି । ଚିଠିଟି ଛାତି ପକେଟରେ ରଖିଲି । ଏକାନ୍ତରେ ପଢ଼ିବି ବୋଲି । ମନରେ ବହୁତ ଭୟ । ଚିଠି ଖୋଲିଲି ।

ପ୍ରିୟ ମିଶ୍ର ଅଙ୍କଲ୍

ପ୍ରଣାମ ଜଣାଉଛି । ତୁମଠାରୁ ଚିଠି ପାଇବି ଆଶା କରି ଅନେକ ଦିନ ଅପେକ୍ଷାରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଥିଲି । ତୁମର ଏ ଦୀର୍ଘ ନୀରବତା ମୋତେ କି ପ୍ରକାର ଯନ୍ତ୍ରଣା ଦେଉଛି, ତୁମେ ଭାବି ପାରିବ ନାହିଁ । କାରଣ ଏଠାରେ ଥିଲା ବେଳେ ମୋର ସାକ୍ଷାତ ପାଇଁ, ମୋର ସାନିଧ୍ୟ ପାଇଁ ତୁମର ଉତ୍କଣ୍ଠାକୁ ମୁଁ ଜାଣିପାରୁଥିଲି । ସତରେ ତୁମେ ଜୟପୁର ଯିବା ପରେ ବଦଳି ଗଲଣି ଅଙ୍କଲ୍ । ମୋ ଠାରୁ ବିଦାୟ ନେବାର ଦେଢ଼ ମାସ ହେଲାଣି, ତୁମେ କେମିତି ଏତେ ନିର୍ଦ୍ଦୟ ହୋଇଗଲ । ଥରଟିଏ ବି ଦିପଦ ଲେଖି ଜଣାଇବାକୁ କାହିଁକି ଇଛା ହେଲାନି । ଆମ ଘରେ ଏମିତି ଗୋଟିଏ ଦିନ ନାହିଁ, ଯେଉଁଦିନ ତୁମକଥା ମମି ଏବଂ ମୁଁ ଆଲୋଚନା କରିନାହୁଁ । ହୋଇପାରେ, ତୁମ ପାଇଁ ଏତିକି ସମୟ ସଂକ୍ଷିପ୍ତ । ମୋତେ କିନ୍ତୁ ଏତିକି ସମୟ ଖୁବ୍ ଦୀର୍ଘ ଲାଗୁଚି । ପ୍ରଥମେ ପ୍ରଥମେ ଭାବିଥିଲି, ଆମ ଭଲ ପାଇବାରେ ମମି ସହଯୋଗ କରିବେ ନାହିଁ ଏବଂ ପ୍ରତିବାଦ କରିବେ । ପରେ ପରେ ଜାଣିପାରିଲି, ତାଙ୍କର ଏଥିରେ ଆପତ୍ତି କରିବାର କିଛି ନାହିଁ । ଏକାନ୍ତରେ ତୁମ ସହ କିଛି ସମୟ କଟାଇବା ପାଇଁ ମୋତେ ଛାଡି ଦିଅନ୍ତି । ବିଶ୍ୱାସ କର ମୋର ତୁମ ପାଖରେ ସଙ୍ଗୀତ ଶିଖିବା ଗୋଟିଏ ବାହାନା ମାତ୍ର ଥିଲା । ତୁମେ ଯେଉଁ ଶିକ୍ଷା ମୋତେ ଦେଉଥିଲ, ତୁମ ପାଖରେ କିଛି ଶିଖୁ ନଥିଲି ବରଂ ଅନ୍ୟବେଳେ ଘରେ ତାକୁ ଆୟତ୍ତ କରୁଥିଲି । ତୁମ ସାଥିରେ ଅନ୍ୟ ବିଷୟ ଆଲୋଚନା ନିହାତି ଗୌଣ ମନେ ହେଉଥିଲା । ଅବଶ୍ୟ ତୁମର ଶିକ୍ଷାଦାନ ଯୋଗୁ ସଂଗୀତରେ ମୁଁ ଜଣେ ଉତ୍ତମ ଛାତ୍ରୀ ବିବେଚିତ ହୋଇଛି ।

ଏହା ପଛରେ ତୁମ ଅବଦାନକୁ ନତମସ୍ତକରେ ସ୍ୱୀକାର କରୁଛି । ମୋର କୃତିତ୍ୱର ସମସ୍ତ ଶ୍ରେୟ ତୁମର । କେବଳ ସେତିକି ନୁହେଁ, ତୁମ ଯୋଗୁ ମୋ ଜୀବନର ଦର୍ଶନ ବଦଳି ଯାଇଛି । ତୁମେ ହିଁ ମୋ ଭବିଷ୍ୟତ ଜୀବନର ମାର୍ଗଦର୍ଶକ । ଅନେକ ମୋର ପିଲାଳିଆମୀ ଏବଂ ଦୁଷ୍ଟାମୀଙ୍କୁ ତୁମେ ସହ୍ୟ କରିଛ । ସେଥିପାଇଁ ବେଳେବେଳେ ମୋର ସୀମା ଅତିକ୍ରମ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କରିବାକୁ ଇଚ୍ଛା ହୋଇଯାଏ, ମୋର ଚପଳ ମାନସିକତା ତଥା ବୟସର ଦୋଷ ହେତୁ ମୁଁ କେତେଥର ଅନାବଶ୍ୟକ ତଥା ନିଜେ ଅମୋଦିତ ହେଲା ଭଳି ପ୍ରସଙ୍ଗ ଉପରେ ଆଳାପ କରିଛି । ମହାନଦୀ କୂଳରେ ଅନେକଥର ଅନ୍ତରଙ୍ଗ ଭାବେ ବସିଥିଲା ବେଳେ ଆନମନା ହୋଇ ଯାଉଥିଲି । ପୁରୀ ଯିବା ପରେ ଆଉ ଏଇ ଦେଢ଼ ମାସ ଭିତରେ ମୋର ବୟସ ଖୁବ୍ ବଢ଼ିଯାଇଛି । ସତେ ଯେପରି ମୁଁ ଏକ ଅଭିଜ୍ଞ ମହିଳା ପାଲଟି ଯାଇଛି । ତୁମର ବିବେକ ଏବଂ ମୋର ମନ ବିପରୀତ ଥିଲା । ତୁମର ଓ ମୋର ନିଜର ମନ ଯେବେ ଏକ ହୋଇଗଲା ସେତେବେଳେ ଆମେ ଦୁହେଁ କିଛି ଅବାଟରେ ଯାଇଥିଲେ । ଏବେ ଭାବୁଛି ଈଶ୍ୱରଙ୍କ କୃପାରୁ ଆମେ ସେଥିରୁ ନିବୃତ ହୋଇପାରିଥିଲେ । ତୁମର ମହାନତା ମୋତେ ତୁମ ଆଡକୁ ଟାଣି ନେଉଛି । ମମି ସହ ତୁମ ବିଷୟରେ ଆଲୋଚନା କଲାବେଳେ ଧୀରେ ଧୀରେ ଉଭୟ ଅନୁମାନ କରୁଛୁ ତୁମେ ଦୂରେଇଯାଉଚ । ତୁମ ନୀରବତା ହିଁ ଏହାର ପ୍ରମାଣ । ଏ ଦୂରତାକୁ ଅତିକ୍ରମ କରିବା ଚେଷ୍ଟାରେ ମୁଁ କ୍ଳାନ୍ତ ହୋଇପଡୁଛି । ଆମ ଦୁହିଁଙ୍କ ଭବିଷ୍ୟତ ସ୍ୱପ୍ନ କଥା, ତୁମ ପାଖରେ ବଖାଣି ଦେଇ ମୁଁ ସିନା କିଛି ସମୟ ପାଇଁ ହାଲକା ହୋଇଯାଇଥିଲି । ଏବେ କିନ୍ତୁ ନିଜେ ଭୁଲ କରି ଦେଇଥିବା ଭଳି ଭାବି ଅନୁତପ୍ତ ହେଉଛି । ରାତିରେ ଶୋଇଲା ବେଳେ ଲୁହର ସ୍ପର୍ଶ ମୁଁ ପାଏ । ଅଙ୍କଲ୍  ମୋର ଏ ପ୍ରକାର ଅଭିଳାଷ ତୁମ ପାଖରେ ପ୍ରକାଶ କରିବା ଆଦୌ ଆକସ୍ମିକ ଅଥବା ଅପ୍ରତ୍ୟାଶିତ ନଥିଲା. ବହୁ ସମୟ ପର୍ଯ୍ୟନ୍ତ ଆମର ମିଳାମିଶା ଏବଂ ବ୍ୟବହାରକୁ ଅନୁଧ୍ୟାନ କରି ଓ ମୋର ମନୋଭାବକୁ ବୁଝିପାରି ଅନେକ ଦିନ ଭାବିଲା ପରେ ଏହି ପ୍ରସ୍ତାବ ଦେଇଥିଲି । ସେ ମୁହୂର୍ତ୍ତଟି ଅବିସ୍ମରଣୀୟ । ମୋ ମନ ପକ୍ଷୀ ଭବିଷ୍ୟତ ମାର୍ଗର ଅନେକ ବାଟ ଉଡିଯାଇଥିଲା । ଗୋଟିଏ ମୁହୂର୍ତ୍ତରେ ଗୋଟିଏ ଯୁଗର କଳ୍ପନା କରି ଦେଇଥିଲି । ଏବେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଲାଗୁଚି, ସେ ପକ୍ଷୀ ଯୋଜନ ଯୋଜନ ଦୁରକୁ ଚାଲିଯାଇ କ୍ଳାନ୍ତ ହୋଇ ଆଉ ଫେରି ପାରୁନାହିଁ । ଅଙ୍କଲ୍ ପ୍ଲିଜ ତୁମର ମତାମତ ଜଣେଇ ମୋତେ ଚିନ୍ତାମୁକ୍ତ କର । ଆଦୌ ଭାବିବ ନାହିଁ ଯେ, ତୁମଠୁ ନାସ୍ତିବାଣୀ ଶୁଣି ମୁଁ ଦୁଃଖିତ ହେବି । ଆଶା କରି ଦେଇଥିଲି ତେଣୁ ତୁମ ନକାରାତ୍ମକ ନିଷ୍ପତ୍ତି କିଛିଦିନ ପାଇଁ ମୋଠାରେ ଭାବାନ୍ତର ସୃଷ୍ଟି କରିପାରେ । ପରେ ପରେ ସ୍ୱାଭାବିକ ହେବାକୁ ଚେଷ୍ଟା କରିବି ।

ତୁମ ସ୍ୱାସ୍ଥ୍ୟର ଯତ୍ନ ନେଉଥିବ । ତୁମେ ବିବେକବାନ । ନିଜେ ନିଜର ଦାୟିତ୍ୱ ନେବ । ପ୍ରଭୁ ଯୀଶୁ ତୁମର ମଙ୍ଗଳ କରନ୍ତୁ । ଉଚିତ ମନେକଲେ, ନୀରବତା ଭାଙ୍ଗି ଦିପଦ ଲେଖି ଜଣେଇବ । ବିଗତ ଡିନର ମୋ ଆଚରଣ ଓ ଉଚ୍ଚାରଣ ତୁମ ମନରେ କଷ୍ଟ ଦେଇଥିଲେ, ନିଜ ଗୁଣରେ ମୋତେ କ୍ଷମା କରି ଦିଅ । ସଦା ସୁଖି ରୁହ ।

ଇତି

ତୁମର ଆଞ୍ଜେଲ

ଚିଠି ପଢ଼ିବା ପରେ ଭାବପ୍ରବଣ ହୋଇପଡ଼ିଲି । ଚିଠିରୁ ଆଞ୍ଜେଲର ମାନସିକ ଅବସ୍ଥାକୁ ବୁଝିପାରୁଥିଲି । ତାର ପ୍ରତ୍ୟେକ ବାକ୍ୟ ଶକ୍ତ ପ୍ରହାର ଭଳି ଲାଗିଲା । ପ୍ରକୃତରେ ଏଥିପାଇଁ ମୁଁ ଯୋଗ୍ୟ । ମୋର ବିଶ୍ୱାସ, ଯିଏ ଆଞ୍ଜେଲର ହାତ ଧରିବ ସିଏ ଭାଗ୍ୟବାନ । ଚିଠିର ଉତ୍ତର ଦେବି କି ନାହିଁ, ଏକ ପ୍ରକାର ଦ୍ୱନ୍ଦ୍ୱ ଭିତରେ ବେଶ କିଛି ଦିନ ବିତିଗଲା । ଆଜି ତାର ଆଉ ଏକ ଚିଠି ଆସିଛି । ଚିଠି ଖୋଲି ପଢ଼ିଲି ।

ପ୍ରିୟ ଅଙ୍କଲ

ମୁଁ ଜାଣେ ମୋ ଚିଠି ତୁମକୁ ବିରକ୍ତ କରୁଥିବ । ବିଶ୍ୱାସ କର, ତୁମକୁ ବିରକ୍ତ କରିବାକୁ ଚାହୁଁନି । ତୁମ ଠାରୁ ଉତ୍ତର ପାଇବା ପାଇଁ ଅପେକ୍ଷା କରି ନିରାଶ ହେବା ପରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପୁଣି ଲେଖୁଛି । ହୋଇପାରେ ଏହା ତୁମ ପାଇଁ ମୋର ଶେଷ ଚିଠି । ମୁଁ ଚାହିଁଥିଲେ, ମମିଙ୍କ ସହ ତୁମ ପାଖରେ ପହଞ୍ଚି ତୁମ ସହ ସାକ୍ଷାତ କରିପାରିଥାନ୍ତି । ଇଚ୍ଛା ବି ହେଉଥିଲା ତୁମକୁ ଦେଖିବା ପାଇଁ, କିନ୍ତୁ ଆମ ଧର୍ମର ମଣିଷଙ୍କୁ ତୁମ ସମାଜ ସାହଜରେ ଗ୍ରହଣ ନକରି ପାରନ୍ତି । ପୁଣି ଆମେ ଗଲେ ତୁମ ସାମାଜିକ ପ୍ରତିଷ୍ଠାରେ ମଧ୍ୟ ଆଞ୍ଚ ଆସିପାରେ । ଏସବୁ ଦୃଷ୍ଟିକୁ ଆଖି ଆଗରେ ରଖି ନିଜକୁ ସମ୍ବରଣ କଲି । ଯଦି ଏକ ସପ୍ତାହ ମଧ୍ୟରେ ତୁମର ଉତ୍ତର ନପାଏ, ଧରି ନେବି ତୁମେ ମୋ ପ୍ରସ୍ତବରେ ରାଜି ନୁହଁ । ଅବଶ୍ୟ ମୁଁ ଅନୁମାନ କରି ପାରୁଛି, ତୁମେ ଏଥରକ ବି ନୀରବ ରହିବ । ତଥାପି ଶେଷଥର ପାଇଁ ମୋର ଏହି ଅନୁରୋଧ ଚିଠିକୁ ପଢ଼ି ଚିରି ଫୋପାଡ଼ି ଦେବ । ତୁମେ ଭଲରେ ଥାଅ । ଯୀଶୁଙ୍କ ନିକଟରେ ମୋର ଏତିକି ପ୍ରାର୍ଥନା । ବିଦାୟ ପ୍ରିୟ ମିଶ୍ର ଅଙ୍କଲ ।

ତୁମର କେହି ଜଣେ ଆଞ୍ଜେଲ

ଚିଠିଟି ସଂକ୍ଷିପ୍ତ ତଥାପି ମର୍ମସ୍ପର୍ଶୀ । ମୋର ନୀରବତା ମୋ ନିଷ୍ପତ୍ତି ତା ପାଖେ ପହଞ୍ଚିଯିବ । ଚିଠିଟିକୁ ଚିରି ପବନରେ ଉଡାଇ ଦେଲି । ବିସ୍ମୃତ ନହେଲେ ବି ମଧ୍ୟ ଆଞ୍ଜେଲ ରହିଗଲା ଇତିହାସ ପୃଷ୍ଠାରେ ।

ହଠାତ ବାଜିଆ ଭାଇନାଙ୍କ ଠାରୁ ଚିଠି ପାଇଲି । ଚିଠି ପଢିଲା ପରେ ସତେ ଯେମିତି ମୋ ପାଦତଳର ମାଟି ରସାତଳକୁ ଚାଲିଯାଉଛି । ହେ ଭଗବାନ ! ଏକି ଦାରୁଣ ଦୁଃସମ୍ବାଦ ! ଆଞ୍ଜେଲର ବ୍ରେନ ଷ୍ଟ୍ରୋକ ! ଦୁଇଦିନ ICUରେ ରହି ଶେଷ ନିଶ୍ୱାସ ତ୍ୟାଗ କରିଚି । ମୋର ସର୍ବାଙ୍ଗ ଥରିବାକୁ ଲାଗିଲା । ମୁର୍ଚ୍ଛାଗଲା ଭଳି ଅନୁଭବ କଲି । ଲୁହଧାର ଶୁଖୁ ନାହିଁ । ପ୍ରଭୁ ଯୀଶୁ ! ଏ କଣ କଲ ! କି ଅପରାଧ ସେ କରିଥିଲା ! ଅକାଳରେ ସୃଷ୍ଟିର ଏକ ସୁନ୍ଦର ମଣିଷକୁ ଦଳି ଚକଟି ନିଶ୍ଚିହ୍ନ କରିଦେଲ । ଚିଠିଟିକୁ ମକଚି ଈଶ୍ୱରଙ୍କ ଉପରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରତିଶୋଧ ନେଲି । ପ୍ରତିଦିନର ସବୁକଥା ଭୁଲିଯିବାକୁ ମୁଁ ଚେଷ୍ଟା କରୁଛି । ଯାହା କଥା ଭାବୁଥିଲି ସେ ତ ଆଉ ନାହିଁ । କାହାକଥା ଆଉ ଭାବିବି ? ବେଳେବେଳେ ଭାବନା ଆସିଯାଏ । ମୋ ଅନୁପସ୍ଥିତିରେ ଅତ୍ୟଧିକ ଚିନ୍ତାକରି ତାର ଏ ଅବସ୍ଥା ହେଲାକି ? ଯଦି ହୋଇଥାଏ, ତା ହେଲେ ମୁଁ ତାର ହତ୍ୟାକାରୀ । ପାଗଳ ପ୍ରାୟ ଲାଗୁଚି ।

ଆଜି ପୁଣି ବାଜିଆ ଭାଇନାଙ୍କର ଚିଠି ଆସିଛି । ଖୋଲିବାକୁ ଇଛା ହେଲାନାହିଁ । ତଥାପି ପଢ଼ିଲି । ଆଞ୍ଜେଲକୁ ହରାଇଲା ପରେ ଚିତ୍ରଲେଖା ମାମ କଟକରେ ରହିବାକୁ ଇଛା କଲେନି । ସମସ୍ତ ସମ୍ପତ୍ତି ବିକ୍ରି କରି କେରଳ ଫେରିଗଲେ । ମୋତେ ଏ ସମ୍ବାଦ ଜଣାଇ ଦେବାକୁ କହିଛନ୍ତି ।

ଭାବିଥିଲି ମୋ ଆତ୍ମଲିପି ଏଠାରେ ସଂପୂର୍ଣ୍ଣ କରିବି । ଆଉ ଲେଖିବି ନାହିଁ । ପରୋକ୍ଷ ଭାବେ ମୋ ଆତ୍ମକାହାଣୀ ମାଧ୍ୟମରେ ଯାହାର ସାନିଧ୍ୟର କଳ୍ପନା କରି ଲେଖୁଥିଲି ସେ ଆଜି ନାହିଁ । ମରିଯାଇ ସତେ ଯେମିତି ମୋର ସମସ୍ୟାର ସମାଧାନ କରିଦେଲା । ତାର ମୃତ୍ୟୁରେ ମୁଁ ଅନୁଭବ କଲି, ତାର ନୁହେଁ ମୋର ମୃତ୍ୟୁ ହୋଇଛି । ଠିକ ଅଛି, ପ୍ରତି ମୁହୂର୍ତ୍ତରେ ଜଳିବା ଅପେକ୍ଷା ଗୋଟିଏ ଥରରେ ସବୁ ଜଳିଗଲା ।

ବିରଞ୍ଚି ନାରାୟଣ ମିଶ୍ର

ମଲ୍ଲୀପୁର (ନିଆଳ )

୯୪୩୯୧୧୦୬୩

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମାନିକ୍ ରାୟତାଙ୍ଗ୍

ସୁଧାଂଶୁ ଶେଖର ଦ୍ୱିବେଦୀ



ବହୁଦିନ ତଳେ ମେଘାଳୟର ରାଜଧାନୀ ସିଲନ୍ ରେ ଜଣେ ମହାନ୍ ରାଜା ରାଜୁତି କରୁଥିଲେ । ତାଙ୍କ ରାଜ୍ୟ ଅତ୍ୟନ୍ତ ବିସ୍ତୃତ ଥାଏ । ନିଜର ନ୍ୟାୟପ୍ରିୟତା ଏବଂ ବ୍ୟବସ୍ଥିତ ପ୍ରଶାସନ ହେତୁ ଲୋକପ୍ରିୟତା ଦୂର ଦୂରାନ୍ତ ଯାଏ ବ୍ୟାପିଥାଏ । ତାଙ୍କ ରାଣୀ ମଧ୍ୟ ଅପ୍ସରା ଭଳି ସୁନ୍ଦରୀ ହେବା ସହିତ ନିଜ ସୌନ୍ଦର୍ଯ୍ୟ ନିମନ୍ତେ ପ୍ରସିଦ୍ଧି ଲଭିଥା'ନ୍ତି । ତାଙ୍କ ଶରୀରର ରଙ୍ଗ କଞ୍ଚନ ଭଳି ଝଟକୁଥାଏ । କୋମଳ ଅବୟବ ବିଶିଷ୍ଟ ରାଣୀଙ୍କ ଓଠ ପ୍ରବାଳ ସଦୃଶ ଲାଲ ଦେଖା ଯାଉଥାଏ । ମଥାରେ ଲମ୍ବା, ଘନ କେଶରେ ଆବୃତ ରାଣୀ ଚାଲିବା ବେଳେ ଜଣାଯାଏ ଯେମିତି ବନଦେବୀ ବିଚରଣ କରୁଛନ୍ତି । ରାଜା ଓ ରାଣୀ ନିଜ ରାଜ୍ୟରେ ସୁଖ ପୂର୍ବକ ଜୀବନ ବ୍ୟତୀତ କରୁଥା'ନ୍ତି ।

ଶାସନ ବ୍ୟବସ୍ଥାର ଉତ୍ତରଦାୟିତ୍ୱ ନିମନ୍ତେ ଥରେ ରାଜାଙ୍କୁ ବହୁଦିନ ପାଇଁ ବିଦେଶ ଯିବା ଲାଗି ଆବଶ୍ୟକ ପଡିଲା । ରାଣୀଙ୍କଠାରୁ ବିଦାୟ ନେବା ବେଳେ ତାଙ୍କ ମନ ଦୁଃଖରେ ଭାଙ୍ଗି ପଡୁଥାଏ । ରାଜ୍ୟର ଉନ୍ନତି ନିମନ୍ତେ ରାଜକୀୟ ଦାୟିତ୍ୱ ମନ୍ତ୍ରୀଙ୍କ ହାତରେ ସମର୍ପି ବିଦେଶ ଯାତ୍ରାରେ ବାହାରିଗଲେ ।

ସେ ରାଜ୍ୟରେ ମାନିକ୍ ରାୟତାଙ୍ଗ୍ ନାମକ ଜଣେ ଅତ୍ୟନ୍ତ ଗରିବ ଦୁଃଖି ଯୁବକ ରହୁଥାଏ । କିଛିଦିନ ପୂର୍ବରୁ ତା' ପରିବାର ସଦସ୍ୟ ମହାମାରୀ କାଳରେ କବଳିତ ହୋଇ ମୃତ୍ୟୁକୁ ପ୍ରାପ୍ତ ହୋଇ ସାରିଥାଆନ୍ତି । ବିଚରା ଏକାକୀ ଜୀବନ ବିତେଇବାକୁ ପ୍ରୟାସ କରେ । କେବେ କାହାକୁ ସେ କିଛି କହେନାହିଁ କି କାହାରି ସାହାଯ୍ୟ ସହାନୁଭୂତି ପାଇବାକୁ ଆଶା ରଖେ ନାହିଁ । ସବୁ ସମୟରେ ଚୁପଚାପ୍ ରହେ । ଏଭଳି ନାସ୍ତିକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବ୍ୟବହାର ପାଇଁ ଲୋକମାନେ ତା' ସହିତ କୌଣସି ସମ୍ପର୍କ ରଖିବାକୁ ଇଚ୍ଛା କରନ୍ତି ନାହିଁ । ରାଣୀମାଙ୍କ ଦୁଃଖ ମନରେ ମଇଳା-ଛିଣ୍ଡା ବସ୍ତ୍ର ପିନ୍ଧି ଜଙ୍ଗଲରେ ଏଣେ ତେଣେ ଘୁରିବୁଲେ । କେବେ କିଛି ମିଳଲେ ଖାଏ ନହେଲେ ସେମିତି ଭୋକରେ ରହି ଯାଏ । କିନ୍ତୁ ପ୍ରତିଦିନ ଗଭୀର ରାତି ହେଲେ ସ୍ନାନ ଶୌଚ ସାରି ସ୍ୱଚ୍ଛ ଓ ପରିଷ୍କାର ବସ୍ତ୍ର ପିନ୍ଧି ନିଜର ସୁଖମୟ ସ୍ମୃତିକୁ ମନେ ପକାଇ ପାଖରେ ଥିବା ବଂଶୀରୁ ମିଠା ସ୍ୱର ବାହାର କରେ ଏବଂ ବିଗତ ସ୍ମୃତିରେ ଲୀନ ହୋଇଯାଏ । ଲୋକମାନେ ତା'ର ଏଭଳି ରୂପରେ ଅନଭିଜ୍ଞ ଥାଆନ୍ତି । ତା' କାରଣ ହେଉଛି ଗଭୀର ରାତିରେ ସମସ୍ତେ ନିଘୋଡ଼ ନିଦରେ ଶୋଇଯିବା ପରେ ସେ ଏଭଳି ଅଭ୍ୟାସ କରିଥାଏ । ସକାଳ ହେବା ପୂର୍ବରୁ ପୁଣି ସେଇ ମଇଳା ଛିଣ୍ଡା ବସ୍ତ୍ର ଧାରଣ କରିନିଏ ।

ଦିନେ ରାତିରେ ରାଣୀଙ୍କୁ ବହୁ ସମୟ ଯାଏ ନିଦ ଆସୁ ନଥାଏ । କୌଣସି ପ୍ରକାର ଶୋଇବାପାଇଁ ପ୍ରୟାସ କରୁଥା'ନ୍ତି । ହଠାତ୍ ସେ ଅର୍ଦ୍ଧ ରାତ୍ରିରେ ବଂଶୀର ସୁମଧୁର ସ୍ୱର ଶୁଣି ବିସ୍ମିତ ହେଲେ । ପ୍ରଥମେ ସେ ଏହାକୁ ଭ୍ରମ ବୋଲି ମନେକଲେ କିନ୍ତୁ ଧୀରେ ଧୀରେ ବଂଶୀର ସ୍ୱର ଅଧିକ ତୀବ୍ର ଏବଂ ପରିଷ୍କାର ହେଉଥାଏ । ବଂଶୀର ସ୍ୱରରେ ଅଦୃଶ୍ୟ ପୀଡାର ତରଙ୍ଗକୁ ଅନୁଭବ କରି ପାରୁଥାନ୍ତି ସେ । ରାଣୀ ମହଲର ଝର୍କା ବାଟେ ବଂଶୀର ଅଦୃଶ୍ୟ ସ୍ୱରକୁ ଦିନ ପରେ ଦିନ ଉପଭୋଗ କରି ଚାଲିଲେ । ପ୍ରତିଦିନ ଗଭୀର ରାତିରେ ଉଜାଗର ରହି ବଂଶୀର ମଧୁର ସ୍ୱରକୁ ପ୍ରତୀକ୍ଷା କରନ୍ତି ।

ବଂଶୀର ସ୍ୱର ଏତେ ବେଦନାଭରା ଥିଲା ଯେ ଦିନେ ରାତିରେ ସେ ଆଉ ନିଜକୁ ଆୟତ୍ତରେ ରଖିପାରିଲେ ନାହିଁ । ତାଙ୍କ ପାଦ ଦୁଇଟି ଆପେ ଆପେ ବଂଶୀର ସ୍ୱର ଦିଗକୁ ଆଗେଇଲା । ତାଙ୍କୁ ଅନୁମାନ ହେଉଥାଏ ବଂଶୀର ସ୍ୱର ଆଖପାଖରୁ ଆସୁଛି । ସ୍ୱରକୁ ଅନୁକରଣ କରି ଶେଷରେ ସେ ଏକ ଛୋଟ ଚାଳଘର ନିକଟରେ ପହଞ୍ଚିଲେ । ଘର ଭିତରେ କେହି ଜଣେ ବଂଶୀ ବଜାଇବାରେ ନିମଗ୍ନ ଥାଏ । ରାଣୀମାଙ୍କ ବି ଜାଣି ନଥାଏ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରାଣୀ ଆସି ତା' ଘର ଦ୍ୱାର ନିକଟରେ ଛିଡା ହୋଇଛନ୍ତି । ତା' ଧ୍ୟାନ ଭାଙ୍ଗିବାକୁ ରାଣୀ ଜୋର ଜୋର କବାଟ ଖଟ୍ ଖଟ୍ କଲେ ପରନ୍ତୁ ସେ ବଂଶୀ ବଜେଇବାରେ ଏତେ ତଲ୍ଲୀନ ଥାଏ ଯେ କିଛି ବି ଶବ୍ଦ ସହିତ ପରିଚିତ ହୋଇପାରୁ ନଥାଏ । ଶେଷରେ ରାଣୀ କବାଟକୁ ଖୁବ୍ ଜୋର ଧକ୍କା ମାରି ଖୋଲିଦେଲେ । ମାନିକ୍ ରାୟତାଙ୍ଗ୍ ଆକସ୍ମିକ ଶବ୍ଦରେ ଚମକି ଉଠି ଦ୍ୱାର ନିକଟକୁ ଚାହିଁଲା । ସମ୍ମୁଖରେ ଦିବ୍ୟ ସୁନ୍ଦରୀ ରାଣୀ ଛିଡା ହୋଇଥା'ନ୍ତି । ଲଣ୍ଠନର ସ୍ଫୀତ ଆଲୋକରେ ଦୁହିଁଙ୍କ ଚକ୍ଷୁର ମିଳନ ହେଲା । ପରେ ପରେ ରାଣୀଙ୍କୁ ଚିହ୍ନିପାରି ରାୟତାଙ୍ଗ୍ ଆଖି ନିମିଳିତ କରିନେଲା । କିନ୍ତୁ ରାଣୀ ରାୟତାଙ୍ଗ୍ ର ରୂପ ସୌନ୍ଦର୍ଯ୍ୟରେ ସଂପୂର୍ଣ୍ଣ ମୋହିତ ହୋଇ ସାରିଥାନ୍ତି । ତାଙ୍କ ମର୍ଯ୍ୟାଦାର ସୀମା ଉଲଂଘନ ନହେଉ ସେପାଇଁ ରାୟତାଙ୍ଗ୍ ତାଙ୍କୁ ଫେରିଯିବା ଲାଗି ବିନତି କଲା । ହେଲେ ରାଣୀ ଯୌବନର ଆସକ୍ତିରେ ମତୁଆଲା ହୋଇ ରାୟତାଙ୍ଗ୍ ସାନିଧ୍ୟରେ ପାଗଳୀ ସଦୃଶ ହେଉଥା'ନ୍ତି । ଶେଷରେ ଉପାୟଶୂନ୍ୟ ରାୟତାଙ୍ଗ୍ ରାଣୀଙ୍କ ପ୍ରେମ ଫାଶରେ ବାନ୍ଧିହୋଇ ଜୀବନର ଦୁଃଖ ଅବଶୋଷକୁ ଭୁଲିବାକୁ ଲାଗିଲା । ତା'ପରଠାରୁ ପ୍ରତିଦିନ ଗଭୀର ରାତିରେ ରାଣୀ ରାୟତାଙ୍ଗ୍ ର ସାନିଧ୍ୟ ପାଇବାକୁ ତା' କୁଟୀରକୁ ଆସନ୍ତି । ଦୁହେଁ ରାତି ଶେଷ ହେବାଯାଏ ଦୈହିକ ମିଳନରେ ମଗ୍ନ ରୁହନ୍ତି । ଦୁହିଁଙ୍କର ପ୍ରେମ ସମ୍ପର୍କ ସମ୍ବନ୍ଧରେ କେହି ବି ଜାଣି ନଥା'ନ୍ତି ।

ଅନେକ ଦିନ ବିତିଗଲା । ବିଦେଶରୁ ରାଜାଙ୍କ ଫେରିବାର ସମୟ ପାଖେଇ ଆସୁଥାଏ । ତାଙ୍କ ଫେରିବା ଖୁସିରେ ରାଜ୍ୟର ଜନତା ସ୍ୱାଗତ କରିବାକୁ ପ୍ରସ୍ତୁତ ହେଉଥା'ନ୍ତି । କିନ୍ତୁ ରାଣୀ ରାଜାଙ୍କ ଆସିବା ଖବର ପାଇବାଠାରୁ ଚିନ୍ତାରେ ଚିନ୍ତାରେ ଦିନ ଗଣୁଥା'ନ୍ତି । ଯେଉଁଠି ସମସ୍ତ ଜନତା ଉତ୍କଣ୍ଠାରେ ରାଜାଙ୍କ ସ୍ୱାଗତ ପାଇଁ ବ୍ୟସ୍ତ ହେଉଥା'ନ୍ତି ସେପରି ସ୍ଥଳେ ରାଣୀଙ୍କର ମନ କୋଉଠି ବି ସ୍ଥିର ହେଉ ନଥାଏ । ରାଣୀ ଉଦାସିତ ହେବାର ରହସ୍ୟ ବେଶିଦିନ ଛପି ରହିଲା ନାହିଁ । ନିଆଁକୁ ଅଣ୍ଟିରେ ପୂରେଇ ଆଉ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କେତେଦିନ ରଖିପାରି ଥାଆନ୍ତେ । ଦିନେ ରାଣୀ ଜଣେ ଶିଶୁ ପୁତ୍ରକୁ ଜନ୍ମ ଦେଲେ । ରାଜ ପରିବାର ଏ ଘଟଣାକୁ ଲୁଚେଇ ରଖିଲେ । ରାଣୀ ତଥା ନବଜାତ ପୁତ୍ରକୁ ରାଣୀ ମହଲରେ ବନ୍ଦ କରି ରଖାଗଲା । ତାଙ୍କୁ ଉକ୍ତ ନବଜାତ ପୁତ୍ରର ପିତା ବିଷୟରେ ଯେତେ ପଚାରିଲେ ବି କିଛି ସଠିକ୍ ଉତ୍ତର ମିଳିଲା ନାହିଁ ।

ରାଜା ବିଦେଶରୁ ଫେରି ଉତ୍ସାହିତ ମନରେ ରାଣୀଙ୍କୁ ଦେଖା କରିବାକୁ ମହଲରେ ପହଞ୍ଚିଲେ । କିନ୍ତୁ ରାଣୀ କରିଥିବା ଘୃଣ୍ୟ ଘଟଣା ବିଷୟରେ ଜାଣି ଅତ୍ୟନ୍ତ ଦୁଃଖ ଏବଂ ପୀଡ଼ାରେ ବିବ୍ରତ ହୋଇ ପଡିଲେ । ରାଜ୍ୟର ମର୍ଯ୍ୟାଦାକୁ ଯିଏ କଳଙ୍କିତ କରିଛି ତାକୁ କଠୋର ଦଣ୍ଡ ଦେବେ ବୋଲି ନିର୍ଣ୍ଣୟ ନେଲେ । ଏଥିପାଇଁ ରାଣୀଙ୍କୁ ବାରମ୍ବାର ପଚାରିବା ପରେ ବି ସେ ଶିଶୁର ପିତା କିଏ ଜଣେଇଲେ ନାହିଁ । ଧୀରେ ଧୀରେ ଏ ଘଟଣା ରାଜ୍ୟର ଚାରିଆଡେ ବ୍ୟାପିଗଲା । ରାଜା ଅପରାଧୀକୁ ଧରିବା ପାଇଁ ଏକ ସଭା ଡାକିଲେ । ନିର୍ଦ୍ଧାରିତ ଦିନରେ ରାଜ୍ୟର ସମସ୍ତ ପୁରୁଷ ହାତରେ ଗୋଟିଏ ଲେଖାଏଁ ପାଚିଲା କଦଳୀ ଧରି ସଭାରେ ଉପସ୍ଥିତ ହେବା ଲାଗି ଆଦେଶ ଦେଲେ ।

ରାଜାଙ୍କ ଆଦେଶ ଅନୁସାରେ ରାଜ୍ୟର ସମସ୍ତ ପୁରୁଷ ପାଚିଲା କଦଳୀ ଧରି ସଭାରେ ଉପସ୍ଥିତ ହେଲେ । ଶିଶୁକୁ ଲୋକମାନଙ୍କ ମଝିରେ ଏକ ଚଟେଇ ଉପରେ ଶୋଇ ଦିଆଗଲା । ଜଣେ ପରେ ଜଣେ ସମସ୍ତ ପୁରୁଷ ଶିଶୁ ନିକଟକୁ ଆସି ହାତରେ ଧରିଥିବା ପାଚିଲା କଦଳୀ ବଢ଼େଇଲେ । ମାତ୍ର ଶିଶୁ କୌଣସି ଲୋକର କଦଳୀକୁ ଗ୍ରହଣ କଲା ନାହିଁ । ରାଜା ଚିନ୍ତାରେ ପଡିଗଲେ । ପୁଣିଥରେ ମନ୍ତ୍ରୀଙ୍କ ସହିତ ଆଲୋଚନା କଲେ ଏମିତି କେହି ରହିଗଲା କି ଯିଏ ସଭାରେ ଉପସ୍ଥିତ ହୋଇନାହିଁ । ମନ୍ତ୍ରୀ ମାଣିକ ରାୟତାଙ୍ଗ୍ ବିଷୟରେ ଜଣାଇଲେ । ତା'ର ଅସ୍ୱାଭାବିକ ବ୍ୟବହାର ପାଇଁ ସଭାରେ ଉପସ୍ଥିତ ହେବା ଲାଗି ଯୋଗ୍ୟ ମନେ ନକରି ଡ଼କା ହୋଇନାହିଁ । ରାଜା ନଛୋଡବନ୍ଧା । ମାନିକ୍ ରାୟତାଙ୍ଗ୍ କୁ ସଭାରେ ଉପସ୍ଥିତ ହେବା ଲାଗି ରାଜା ଆଦେଶ ଦେଲେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରାଜାଙ୍କ ଆଦେଶ ପାଇବା କ୍ଷଣି ରାୟତାଙ୍ଗ୍ ହାତରେ ଏକ ପାଚିଲା କଦଳୀ ଧରି ସଭାରେ ଉପସ୍ଥିତ ହେଲା । ଅନ୍ୟ ଲୋକଙ୍କ ଭଳି ସେ ଯେମିତି ଶିଶୁ ନିକଟକୁ ପାଚିଲା କଦଳୀ ଧରି ଯାଇଛି ତା' ମୁହଁ ପ୍ରସନ୍ନତାରେ ଚମକି ଉଠିଲା । ଏହା ଦେଖି ରାଜାଙ୍କ ସମେତ ଉପସ୍ଥିତ ଜନତା ବିସ୍ଫାରିତ ଆଖିରେ ରାୟତାଙ୍ଗ୍ କୁ ଚାହିଁ ରହିଲେ । ରାଜା ରାଗରେ ରକ୍ତ ଚାଉଳ ଚୋବାଉଥାନ୍ତି । ତାଙ୍କ ପରମ ସୁନ୍ଦରୀ ରାଣୀ ଜଣେ ସମାଜ ବହିସ୍କୃତ ଲୋକ ସହିତ ଅବୈଧ ସମ୍ପର୍କ ରଖିଛି ! ସେ କ୍ରୋଧରେ ପାଗଳ ସଦୃଶ ହୋଇ ମନ୍ତ୍ରୀଙ୍କୁ ଆଦେଶ ଦେଲେ-ମାନିକ୍ ରାୟତାଙ୍ଗ୍ କୁ ମହଲ ସମ୍ମୁଖରେ ଥିବା ପାହାଡ଼ ଶିଖରରେ ଜୀବନ୍ତ ଦଗ୍ଧ କରିଦିଅ ।

ମାନିକ୍ ରାୟତାଙ୍ଗ୍ ରାଜାଙ୍କର ସମସ୍ତ ଆଦେଶକୁ ସ୍ୱୀକାର କରିନେଲା । କିନ୍ତୁ ଏତିକି ନିବେଦନ କଲା ନିଜ ଚିତା ନିଜେ ପ୍ରସ୍ତୁତ କରିବ ଏବଂ ବଂଶୀ ଦ୍ୱାରା ଏକ ଶୋକ ଗୀତ ଶୁଣେଇବ । ରାଜା ରାୟତାଙ୍ଗ୍ ର ଅନ୍ତିମ ଇଚ୍ଛା ପୂରଣ ପାଇଁ ଅନୁମତି ଦେଲେ । ତା'ପରଦିନ ସକାଳେ ରାୟତାଙ୍ଗ୍ କାଠ ଏକତ୍ର କରି ରାଜ ଉଆସ ସମ୍ମୁଖରେ ଥିବା ପାହାଡ଼ ଶିଖରକୁ ଯାଇ ନିଜପାଇଁ ବିଶାଳ ଚିତା ତିଆରି କଲା ।

ଚିତା ପ୍ରସ୍ତୁତ କରିସାରି ନିଜ କୁଟୀରକୁ ଆସି ସ୍ନାନ ଶୌଚ ସାରି ସଫା ବସ୍ତ୍ର ପରିଧାନ କରିବା ସହିତ ବଂଶୀ ବଜେଇବା ଅବସ୍ଥାରେ ପାହାଡ଼ର ଶିଖରରେ ଥିବା ଚିତା ନିକଟକୁ ଅଗ୍ରସର ହେଲା । ତା' ବଂଶୀର ମର୍ମସ୍ପର୍ଶୀ ସ୍ୱର ସଭିଙ୍କୁ ମନ୍ତ୍ରମୁଗ୍ଧ କରି ଦେଉଥାଏ । ଲୋକମାନେ ସବୁକିଛି ଭୁଲି ତା' ପଛେ ପଛେ ଚାଲିଥା'ନ୍ତି । ରାୟତାଙ୍ଗ୍ ଚାଲି ଚାଲି ଯାଇ ପାହାଡ଼ ଶିଖରରେ ପହଞ୍ଚି ବିଶାଳ ଚିତା ସମ୍ମୁଖରେ କିଛି କ୍ଷଣ ଛିଡା ହେଲା । ପୁଣି କାଠରେ ଅଗ୍ନି ସଂଯୋଗ କରି ତନ୍ମୟତା ସହକାରେ ଆଉଥରେ ବଂଶୀ ଦ୍ୱାରା ହୃଦୟସ୍ପର୍ଶୀ ସ୍ୱର ବାହାର କଲା । ତା'ପରେ ଚିତାଗ୍ନିକୁ ତିନିଥର ପରିକ୍ରମା କରି ବଂଶୀକୁ ମାଟିରେ ଓଲଟା ପୋତିଦେଲା ଏବଂ ଧୂଊ-ଧୂଊ ହୋଇ ଜଳୁଥିବା ଚିତାକୁ ଡେଇଁ ପଡିଲା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏ ଘଟଣା ଘଟୁଥିବା ବେଳେ ରାଣୀ ପରିଚିତ ବଂଶୀର ମର୍ମସ୍ପର୍ଶୀ ସ୍ୱର ଶୁଣି ପାହାଡ଼ ଉପରକୁ ଦୌଡ଼ିବାକୁ ଲାଗିଲେ । କିନ୍ତୁ ସେ ଶିଖରରେ ପହଞ୍ଚିବା ପୂର୍ବରୁ ମାନିକ୍ ରାୟତାଙ୍ଗ୍ ଚିତାରେ ଝାସ ଦେଇ ସାରିଥାଏ । ରାଣୀ ମଧ୍ୟ ନିଜ କର୍ମ ପାଇଁ ଅନୁତପ୍ତ ଅବସ୍ଥାରେ ସେଇ ଚିତାକୁ ଡେଇଁ ପଡିଲେ । କିଛି କ୍ଷଣ ମଧ୍ୟରେ ଦୁଇଟି ଜୀବନ୍ତ ଶରୀର ଚିତାଗ୍ନିରେ ଜଳିବାକୁ ଲାଗିଲା ।

ରାଜା ଚୁପଚାପ୍ ରାଜ ମହଲର ନିଜ କୋଠରୀରେ ବସି ରାଣୀଙ୍କ ବିଷୟରେ ଭାବୁଥାନ୍ତି । ରାଣୀ ଯେ ପାହାଡ଼ ଉପରକୁ ଯାଇ ଚିତାରେ ଝାସ ଦେଇ ସାରିଲେଣି ସେ ବିଷୟରେ ସେ ଅନଭିଜ୍ଞ ଥାଆନ୍ତି । ରାଣୀ ଯେତେବେଳେ ଚିତାକୁ ଡେଇଁଛନ୍ତି ରାଜାଙ୍କୁ ଏକ ବିଚିତ୍ର ଅନୁଭୂତି ହେଲା । ହଠାତ୍ ରାଣୀ ମହଲରୁ ତାଙ୍କ ପ୍ରିୟ ଓଢଣୀ ଉଡ଼ିଆସି ରାଜାଙ୍କ ଗୋଡ଼ରେ ଗୁଡ଼େଇଗଲା । ରାଜା ରାଣୀଙ୍କ ମହଲରେ ପହଞ୍ଚି ଜାଣିଲେ ସେ ପାହାଡ଼ ଉପରକୁ ଚାଲି ଯାଇଛନ୍ତି । ତୁରନ୍ତ ରାଜା ବି ପାହାଡ଼ ଉପରେ ଯାଇ ପହଞ୍ଚିଲେ । କିନ୍ତୁ ତାଙ୍କ ପହଞ୍ଚିବା ବିଳମ୍ବ ହୋଇ ସାରିଥାଏ । ମାନିକ୍ ରାୟତାଙ୍ଗ୍ ସହିତ ରାଣୀ ମଧ୍ୟ ଗୋଟିଏ ଚିତାରେ ପୋଡି ଭସ୍ମ ହୋଇ ସାରିଥାନ୍ତି ।

ଯେଉଁଠାରେ ଏହି ପ୍ରେମୀ ଯୁଗଳଙ୍କର ଚିତାଗ୍ନି ହୋଇଥିଲା ଏବେବି ସେଠି ବାଉଁଶ ଗଜା ଯୋଡି ଯୋଡି ହୋଇ ଓଲଟା ଉତ୍ପନ୍ନ ହୁଏ । ଏହି ବାଉଁଶ ଗଜା ଉପରକୁ ନ ଉଠି ନିମ୍ନଗାମୀ ହୋଇଥାଏ । ସେଠାକାର ଲୋକମାନଙ୍କର ବିଶ୍ୱାସ ରାୟତାଙ୍ଗ୍ ବଂଶୀରୁ ବାଉଁଶର ଓଲଟା ଗଜା ବାହାରିଥାଏ । ତେବେ ସିଲନ୍ ର ଅଳ୍ପକିଛି ଦୂରରେ ଏକ ପର୍ବତ ଶିଖର ରାୟତାଙ୍ଗ୍ ନାମରେ ଖ୍ୟାତ ।

ବିସି-୭୪,ସଲ୍ଟ ଲେକ୍,କଲକତା-୬୪

ମୋ-୯୬୮୧୩୭୩୫୧୨

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କୋମା

ହେମନ୍ତ ସାହୁ



ସତ୍ୟନାରାୟଣ ବାବୁ ନୂଆ ବର୍ଷ ଅବସରରେ ତାଙ୍କ ଘରେ ଭୋଜି ଆୟୋଜନ କରିଛନ୍ତି । ମଟନ୍ ତରକାରୀ, ମାଂସ, ପାପଡ ଇତ୍ୟାଦି କରାଯାଉଛି । ସତ୍ୟନାରାୟଣ ବାବୁ ଏହି ଆୟୋଜନରେ ତାଙ୍କ ଜ୍ୱାଇଁଙ୍କୁ ମଧ୍ୟ ନିମନ୍ତ୍ରଣ ଦେଇଛନ୍ତି । ନୂଆ ବର୍ଷ ଅବସରରେ ସତ୍ୟବାବୁ ତାଙ୍କ ପତ୍ନୀ, ପୁଅ ସହ ନାଚୁଛନ୍ତି ଓ ମନୋରଞ୍ଜନ କରୁଛନ୍ତି । ଧଳା ମଟର ସାଇକେଲ ଜଣେ ବ୍ୟକ୍ତି ଆସିଛନ୍ତି, ମୁହଁରେ ଦବଙ୍ଗ ଚଷମା ଲାଗିଛନ୍ତି ଯେମିତି ତେଲୁଗୁର କୌଣସି ହିରୋ ଭଳି । ସେ ଆଉ କେହି ନୁହଁ ସତ୍ୟନାରାୟଣ ବାବୁଙ୍କ ଜ୍ୱାଇଁ ପୁଅ । ତାଙ୍କ ନା ହେଲା ରାଘବ । ସମସ୍ତେ ତାଙ୍କୁ ଭୋଜିରେ ସ୍ୱାଗତ କରିଛନ୍ତି ।

ରାଘବ ତାଙ୍କ ଶଶୁର ସତ୍ୟବାବୁଙ୍କ ପାଖକୁ ଯାଇ ପାଦ ଛୁଇଁ ପ୍ରଣାମ କରିଛନ୍ତି । ସେ ସତ୍ୟନାରାୟଣ ବାବୁଙ୍କ ପାଇଁ ଦୁଇଟି ଫୁଲ ଖମ୍ବା (ବିଦେଶୀ ମଦ) ଆଣି ଦେଇଛନ୍ତି । ସତ୍ୟବାବୁ ତାହା ଦେଖି କି ଖୁସ୍ । ରାଘବଙ୍କ ବାପା ରମେଶବାବୁ ମଧ୍ୟ ଏହି ଆୟୋଜନକୁ ଆସିଛନ୍ତି । ରାଘବ ତାଙ୍କ ବାପାଙ୍କୁ ବହୁତ୍ ଭଲ ପାଉଥିଲେ । ସତ୍ୟନାରାୟଣ ବାବୁ ଭୋଜି ଆରମ୍ଭ କରାଇ ରମେଶ ବାବୁ, ରାଘବ ସହ ଘର ଛାତ ଉପରକୁ ମଦ ପିଇବା ପାଇଁ ଯାଇଛନ୍ତି । ରାଘବ ଆଣିଥିବା ଦୁଇ ବିଦେଶୀ ମଦ ବୋତଲ ପିଇ ତିନି ଜଣ ସାରି ଦେଇଛନ୍ତି । ସମସ୍ତଙ୍କୁ ନିଶା ହୋଇ ତରସରରେ ଛାତରୁ ତଳକୁ ଆସିଛନ୍ତି ।

ତଳକୁ ଆସି ରମେଶ ବାବୁ ଓ ସତ୍ୟନାରାୟଣ ବାବୁ ଖଟରେ ଶୋଇ ପଡିଛନ୍ତି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ରାଘବର ସକାଳୁ କାମ ଥିବାରୁ ସେ ଏଇଟା ରାତ୍ର ନଅଟା ହୋଇଲାଣି ଘରକୁ ଯିବାକୁ ବାହାରିଛନ୍ତି । ସମସ୍ତେ ମନା କରୁଛନ୍ତି ଏବେ ସମୟ ହେଲାଣି ସକାଳେ ଉଠିକି ଚାଲି ଯିବେ ବୋଲି କିନ୍ତୁ ସେ କାହାରି କଥାକୁ ନମାନି ଘର ଯିବାକୁ ବାହାରିଛନ୍ତି । ଦବଙ୍ଗ ଚଷମା ପିନ୍ଧି ତାଙ୍କ ଧଳା ମଟର ସାଇକେଲ ଷ୍ଟାର୍ଟ୍ କରି ବାହାରିଛନ୍ତି । ହଠାତ୍ ତାଙ୍କ ଫୋନ୍ ବାଜିଛି, ଉଠାଇଛନ୍ତି -(ଜିଓ ସର୍ଭିସ )-ହେଲୋ ଆପଣ ମିଷ୍ଟର ରାଘବ କହୁଛନ୍ତି କି - ହଁ ଆପଣଙ୍କ ଜିଓ ନମ୍ବରରେ ଦୁଇ ମାସ ହେଲା ରିଚାର୍ଜ ସରି ଯାଇଛି ଶୀଘ୍ର କରିଦେବେ ନହେଲେ ନମ୍ବର ବନ୍ଦ ହେଇଯିବ, ରାଘବ - ହଁ କହି ଫୋନ୍ କାଟି ଦେଇଛନ୍ତି । ରାଘବ ମଦ ନିଶାରେ ମଟର ସାଇକେଲକୁ ରକେଟ ଭଳି ଦ୍ରୁତ ଗତିରେ ଚଳାଇ ଯାଇଛନ୍ତି ।

ସତ୍ୟନାରାୟଣ ବାବୁ ନିଶାରେ ଶୋଇଛନ୍ତି, ହଠାତ୍ ତାଙ୍କ ଫୋନ୍ ବାଜିଛି । ତାଙ୍କ ପତ୍ନୀ ଫୋନ୍ ଉଠାଇଛନ୍ତି, ଅଜଣା ବ୍ୟକ୍ତି - ହେଲୋ ଏହି ଫୋନ୍ ବାଲାଙ୍କୁ ଆପଣ ଜାଣିଛନ୍ତି କି ? (ଏହା ଥିଲା ରାଘବର ଫୋନ୍) ସତ୍ୟବାବୁଙ୍କ ପତ୍ନୀ - ହଁ ଅଜଣା ବ୍ୟକ୍ତି - ତାଙ୍କର ଏଠି ଗାଡ଼ି ଦୁର୍ଘଟଣା ହୋଇଯାଇଛି ଓ ସେ ବହୁତ୍ ସିରିଅସ ଅଛନ୍ତି, ଆମେ ଆମ୍ବୁଲାନ୍ସକୁ ଫୋନ୍ କରି ଦେଇଛୁଁ ଆପଣ ଶୀଘ୍ର ଆସନ୍ତୁ । ସତ୍ୟବାବୁ ଓ ରମେଶ ବାବୁଙ୍କ ନିଶା କମି ଯାଇଛି ଏହା ଶୁଣି କି । ଦୁହେଁ ଦୁର୍ଘଟଣା ସ୍ଥଳକୁ ଆସିଲେ ଦେଖିଲେ ରାଘବର ହାଲତ୍ ବହୁତ୍ ଖରାପ୍ । ଆମ୍ବୁଲାନ୍ସ ଆସିଲା ତାଙ୍କୁ ପାଖର ଡାକ୍ତରଖାନକୁ ନେଲେ କିନ୍ତୁ ଡାକ୍ତର ମନା କରିଦେଲେ ଆଉ ବଡ ମେଡିକାଲ ନେବାକୁ ପରାମର୍ଶ ଦେଲେ । ଗାଡ଼ି ଭଡ଼ା କରି ବଡ଼ ମେଡିକାଲ କଲେଜକୁ ନେଇଛନ୍ତି । ସେଠାକ ଡାକ୍ତର ମାନେ ଆସିଲେ କିଛି ଘଣ୍ଟା ଚେକପ୍ କଲେ । ଡାକ୍ତର ମାନଙ୍କ ଉତ୍ତର ଥିଲା, ଏହି ପେସେଣ୍ଟ ଜଣକ 'କୋମା'କୁ ଚାଲିଯାଇଛି । ସମସ୍ତଙ୍କର ମୁହଁରେ ଦୁଃଖର ବର୍ଷା ଆରମ୍ଭ ହେଲା ଭଳି ଦୃଶ୍ୟମାନ ଦେଖା ଯାଇଛି ।

ପାଞ୍ଚ ବର୍ଷ ଗଲା ପରେ ରାଘବ କୋମାରୁ ବାହାରିଛନ୍ତି, ସାମ୍ନାରେ ତାଙ୍କ ପତ୍ନୀ, ପୁଅ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମାନଙ୍କ ଆଖିରେ ଖୁସିର ଝଲକ ଦେଖିବାକୁ ପାଇଛନ୍ତି କିନ୍ତୁ ରାଘବ ର ଆଖି ଖୋଜୁଛି ତା ବାପାକୁ ଦେଖିବାକୁ ଦେଖିଲା ତାର ବାପାର ଗୋଟେ ଫୋଟୋ କାନ୍ଥରେ ଫୁଲମାଳ ସହିତ ଟଙ୍ଗା ଯାଇଛି । ଜାଣିବାକୁ ପାଇଲା ରମେଶ ବାବୁର ଦୁଇ ବର୍ଷ ପୂର୍ବେ ତାଙ୍କୁ ଭାଳି ଭାଳି ମରିଯାଇଛନ୍ତି । ରାଘବ ମନରେ ପ୍ରାଶ୍ଚତାପ୍ କରି ମଦ ପିଇବାରୁ ଏ ସବୁ ଘଟଣା ହେଇଛି ତେଣୁ ସେ ଶପଥ ନେଲେ ଯେ କେବେ ମଧ୍ୟ ଆଉ ସେ ମଦ, ଧୁମ୍ରପାନ କେବେ ମଧ୍ୟ କରିବେ ନାହିଁ ।

ନିର୍ବିଶେଷରେ ଆଜିକାଲିର ଯୁବପିଢିଙ୍କୁ ଅନୁରୋଧ କି ଧୂମପାନ, ମଦ୍ୟପାନ କରିବାରୁ ତାଙ୍କ ସହ ପରିବାରର ମଧ୍ୟ କ୍ଷତି ଘଟିଥାଏ ତେଣୁ ଏହା କୁବ୍ୟବହାର କରିବା ଆଗରୁ ଥରେ ନିଶ୍ଚିନ୍ତ ଭାବିବେ ।

ରେଗଡା, ଏମ ରାମପୁର, ୭୬୬୧୦୨,
କଳାହାଣ୍ଡି, ଓଡ଼ିଶା
୬୩୭୨୮୨୭୦୩୧

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ସ୍ୱାର୍ଥପର

ବୀଣା ନାୟକ



ରାତି ବାରଟା ବାଜିଲାଣି, ସାରା ସହରଟା ଖାଁ ଖାଁ ଲାଗୁଛି, ଅନିଶା ପଲଙ୍କଟା ଉପରେ ଗଡୁଛି । ଆଖିକୁ ଜମା ନିଦ ହେଉନି ମନରେ ଅନେକ କଥା, ଗରମ ହେତୁ ଛାତରେ ଆଶିଷ ଆଉ ଶୁଭମ ଶୋଇଛନ୍ତି । ନିଷ୍କପଟ ଖୋଲା ହୃଦୟର ମଣିଷ ଆଶିଷ, ଜୀବନରେ କିଛି ବାଟ ସାଥିରେ ଚାଲିଛି ଅନିଶା । କେବେ ଅସୁବିଧାରେ ରଖିନି ଆଶିଷ ଭଲରେ କଟିଛି ତାର ଆଜିଯାଏ, ଦେଢ଼ ବର୍ଷର ଛୁଆଟା ଶୁଭମ ଏ ଯାଏଁ ମାଁର କ୍ଷୀର ଛାଡ଼ିନି । ଆଜି ବିକାଶ ଆସିବ ରାତି ଠିକ ତିନି ଘଣ୍ଟା ସମୟରେ ବୋଲି କହିଛି ତାକୁ । ସବୁ ବନ୍ଧନ ତୁଟାଇ ଦେଇ ଯିବାକୁ ହେବ ଆଉ ଗୋଟିଏ ଦୁନିଆକୁ ଯୋଉଠି କେବଳ ଥିବ ଭଲ ପାଇବାର ମହକ, ନିବିଡ଼ ପ୍ରେମ ବନ୍ଧନ ।

ଅନିଶାର ଅନିଚ୍ଛା ସତ୍ତ୍ୱେ ସେଦିନ ତା ମାଁ ଆଉ ବାପା ମିଶି ଅତି ନିରାଡ଼ମ୍ବରରେ ବାହା କରାଇ ଦେଇଥିଲେ ଆଶିଷ ସହିତ । ଅନିଶା ବାଧ୍ୟ ବାଧକତାରେ ନିଜର ସବୁ ସ୍ୱପ୍ନକୁ ମାରିଦେଇ ଆଶିଷ ସହିତ ଆସିଥିଲା ତା ଘରକୁ ତାର ସହଧର୍ମିଣୀ ହୋଇ ଛୋଟିଆ ସଂସାର, ବହୁତ କଷ୍ଟ ଦେଇଛି ସେ ଆଶିଷକୁ । ତଥାପି ନିରୀହ ମଣିଷଟା କେବେ ବି ତା ଉପରେ ରାଗିନି ତା ବଦଳରେ ଦେଇଛି ଅଧିକ ସ୍ନେହ ନିବିଡ଼ ଭଲପାଇବା । ଯେତେ ଯାହା ହେଲେ ମଧ୍ୟ ବିକାଶକୁ ଭୁଲି ପାରିନି ଅନିଶା । ଅବଶ୍ୟ ତାକୁ ଧୋକା ଦେଇ କୁଆଡେ ଚାଲି ଯାଇଥିଲା । ଦୀର୍ଘ ବର୍ଷ ପରେ ପୁଣି ଫେରି ଆସିଛି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବିକାଶ ଅନେକ ଦୁଃଖ କରିଛି ତୁହାଇ ତୁହାଇ କ୍ଷମା ମାଗିଛି ଆଉ କେବେ ସେମିତି ଭୂଲ କରିବନି କହିଛି ତାବିନା ସେ ଆଉ ବଞ୍ଚି ପାରିବନି ବୋଲି କହିଛି ତେଣୁ ସମସ୍ତ ସମ୍ପର୍କକୁ ପଛରେ ପକାଇ ତାକୁ ଆଜି ହିଁ ଯିବାକୁ ହେବ ତାର ପୁରୁଣା ପ୍ରେମିକ ବିକାଶ ପାଖକୁ । ସମୟ ପାଖେଇ ଆସୁଛି ତାକୁ ସବୁ ପେକ କରିବାକୁ ହେବ । ଆଟାଚି ଟା ଉଠାଇ ଆଣିଲା ଆଲମିରାଟା ଖୋଲି ତାର ଲୁଗା ପଟା ଅତି ଆବଶ୍ୟକ ଜିନିଷ ସବୁ ସାଇତି ଦେଲା ଆଟାଚି ଭିତରେ । ତାପରେ ଲକରଟା ଖୋଲିଲା ସେଥିରେ ଥିବା ତାର ସବୁ ସୁନା ଅଳଙ୍କାରକୁ ପୋଟଳୀ ବାନ୍ଧି ରଖିଲା ଯାହା ଟଙ୍କା ଥିଲା ସବୁ ରଖିନେଲା ଆଟାଚି ଟିକୁ ବନ୍ଦ କରି ରଖିଲା । ଲକର ଆଉ ଆଲମିରାର କବାଟ ମଧ୍ୟ ବନ୍ଦ କରି ନଥିଲା । କାଗଜ ଆଉ କଲମ ଧରି ଚିଠିଟିଏ ଲେଖି ଡ୍ରେସିଙ୍ଗ ଟେବୁଲ ଉପରେ ରଖିଦେଲା । ଘଣ୍ଟାକୁ ଚାହିଁଲା ଦେଖିଲା ଆଉ ପନ୍ଦର ମିନଟ ବାକି ଅଛି ଚାଲିଲା ଛାତ ଉପରକୁ ତୋଫା ଜହ୍ନ ଆଲୁଅରେ ଆଶିଷ ସୁନିଦ୍ରାରେ ଶୋଇଛି ପୁଅ ଶୁଭମ ମଧ୍ୟ ଶୋଇଛି ଅନିଶା ଶୁଭମ ପାଖରେ ବସିଲା ତା ମୁଣ୍ଡରେ ହାତ ଦେଇ ମୁଣ୍ଡରେ ଚୁମାଟିଏ ଦେଲା ସେତେବେଳକୁ ତାର ଆଖି ଛଳ ଛଳ ହେଇଗଲାଣି । ସେଇଠୁ ଉଠିଲା ଧୀର ପାଦରେ ଆସିଲା ତଳକୁ ଗେଟ ପାଖରେ ଠିଆ ହୋଇ ଦେଖିଲା । ଦୂରରୁ ଆସୁଥିବା ଗାଡିର ଆଲୁଅଟା ତା ଘର ସାମନାରେ ପଡ଼ିଲାଣି ବୋଧେ ଆସିଗଲାଣି ବିକାଶ । ଗାଡି ଆସି ଠିଆହେଲା ତା ଘର ଗେଟ ସାମ୍ନାରେ । ଆଜିଯାଏ ଏହି ଘରଟା ତା'ର ଥିଲା ଆଜି ଠାରୁ ଆଉ ତା'ର ହୋଇ ରହିବନି । ଗାଡ଼ିରୁ ଓଲ୍ଲାଇ ଆସିଲା ବିକାଶ ସେତେ ବେଳକୁ ଆଟାଚିଟାକୁ ନେଇ ଆସିଥିଲା ଅନିଶା ବାହାର ଯାଏ ତାକୁ ବିକାଶ ଉଠାଇ ନେଇ ଗାଡି ଭିତରେ ରଖିଦେଲା ଅନିଶା ମଧ୍ୟ ଘରର କବାଟଟାକୁ ଚାପିଦେଇ ଆସିଲା ଗେଟଟାକୁ ବନ୍ଦ କରି ଆସି ଗାଡି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭିତରେ ବସିଗଲା । ଗାଡି ଗଡ଼ିବା ଆଗରୁ ଥରେ ଘରଟାକୁ ଦେଖି ନେଲା ଭାବିଲା ତିନି ବର୍ଷ ହେବ ଏହି ଘରକୁ ସେ ବହୁ ହେଇ ଆସିଥିଲା ଏହି ଘରର ମୁରବି ହୋଇଥିଲା । ଏହିଘର ତାର ଶେଷ ନିଶ୍ୱାସ ଯାଏ ତାକୁ ବାନ୍ଧି ରଖିବାକୁ କଥା ଦେଇଥିଲା ହେଲେ ଆଜି ଅନିଶା ଯେମିତି ତାର ବାହୁ ବନ୍ଧନ ଭିତରୁ ନିଜକୁ ଅଲଗା କରିନେଇଛି । ପ୍ରେମ ସମ୍ପର୍କଟା ଏମିତି ହୋଇଥାଏ ଯାହା ନିଜ ସୁଖ, ଶାନ୍ତି, ସ୍ୱାମୀ, ପୁଅ ଆଉ ଘର ମଧ୍ୟ ପର ପରି ଲାଗୁଛି ସବୁକୁ ପାଦରେ ଆଡି ଦେଇ ଆଜି ତାର ପ୍ରେମିକ ସହ ଚାଲି ଯାଉଛି ।

ଗାଡି ଚାଲିଛି ଆଗକୁ ଆଗକୁ କେହି କାହାକୁ କିଛି କହୁନ ଥାନ୍ତି ଗାଡି ଭିତରେ ଗୋଟିଏ ନୀରବତାର ରାଜୁତି ଚାଲିଛି । ମୁହଁ ଫିଟାଇ ପଚାରିଲା ଅନିଶା "ଆମେ କୋଉଠିକି ଯିବା ।" ବିକାଶ ଟିକିଏ ହସିଦେଇ କହିଲା "ଆମେ ଏବେ ଏମିତି ଜାଗାକୁ ଯିବା ଯୋଉଠି କେହି ନଥିବେ ଥିବ ତୁମେ ଆଉ ମୁଁ ଯୋଉଠି ଆମେ ଗଢ଼ି ତୋଳିବା ଗୋଟିଏ ପ୍ରେମର ମନ୍ଦିର ।" ସେ ଦୁହେଁ ଚାଲିଗଲେ ସେହି ସହର ଠାରୁ ବହୁତ ଦୂରକୁ ସେଠାରେ ଗୋଟିଏ ଘର ଭଡା ନେଇ ରହିଲେ । ବେଳେ ବେଳେ ଅନିଶାର ମନ ଭିତରେ ବିଳପି ଉଠେ ମାତୃତ୍ୱ ଅମାନିଆ ହୃଦୟଟା, ଶୁଭମ କେମିତି ଥିବ ସେ ମାଁକୁ ନିଶ୍ଚୟ ଖୋଜୁଥିବ ହେଲେ ରାତି ହେଲେ ମାଁ ଦେହର ଗନ୍ଧ ନପାଇ ଦରାଣ୍ଡୁଥିବ ଆଶିଷ କଣ ତାକୁ ସେମିତି ମାତୃତ୍ୱ ଦେଇପାରୁଥିବ । ଅନେକ ଦିନ ହେଇଗଲାଣି ଏବେ ସିଏ କେତେ ବଡ ହେଇଯାଇଥିବ । ଆଶିଷ କଣ ଆଉ ଥରେ ବାହା ହେଇଥିବେ ତା ହେଲେ ପୁଅଟା ମୋର ସାବତ ମାଁ ପାଖରେ କେମିତି ଚଳୁଥିବ । ଏମିତି ଅନେକ ଅନେକ କଥାକୁ ଭାବନା ଭିତରେ ଘୁରି ବୁଲୁଥିଲା ।

ବିକାଶ ପ୍ରଥମେ ପ୍ରଥମେ ବହୁତ ସ୍ନେହ ଆଉ ଭଲ ପାଉଥିଲା ଆଜିକାଲି ସେମିତି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆଉ ଭଲ ପାଇବା ଦେଉନି । ଅନିଶା ହାତରେ ଯାହା ଟଙ୍କା ପଇସା ଥିଲା ସେ ସବୁ କେବେଠାରୁ ସରିଗଲାଣି । ଏବେ ସୁନା ଅଳଙ୍କାର ଉପରେ ଆଖି ପକାଇଛି ବିକାଶର ନିଜର ରୋଜଗାର ସେମିତି କିଛି ନାହିଁ । ବସି ଖାଇଲେ ନଇ ବାଲି ସରେ ସେମିତି ପରିସ୍ଥିତି ଆସିଗଲାଣି । ବେଳେ ବେଳେ ବିକାଶ ଅନିଶା ଉପରକୁ ହାତ ଉଠାଇବାକୁ ମଧ୍ୟ ପଛେଇ ନାହିଁ । ଆଜି କାଲି ଅନିଶା ମଧ୍ୟ କାମ କରିବା ପାଇଁ ଯାଉଛି । ବିକାଶ ଏବେ ଅନିଶାର ରୋଜଗାରରେ ଚଳୁଛି । ଏବେ ବହୁତ ପଶ୍ଚାତାପ କରୁଛି ।

ଅନିଶା ନିଜ ପୁଅ ଆଉ ସ୍ୱାମୀକୁ ଛାଡି ଆସିବାର ଫଳ ସେ ଭୋଗ କରୁଛି । ଆଉ ଚାହିଁଲେ ମଧ୍ୟ ସିଏ ଆଶିଷ ପାଖକୁ ଯାଇପାରିବନି କୋଉ ସାହସରେ ସେଠାକୁ ଯିବ ଯାଇ ସେ କଣ ଆଉ ତା ସ୍ତ୍ରୀ ବୋଲି ଦାବି କରିପାରିବ । ଆଶିଷ ଯଦି ଦ୍ୱିତୀୟ ବିବାହ କରିଥିବ ତାହେଲେ ତାର ସ୍ଥାନ କୋଉଠି ନା ସେ ଆଉ କେବେ ହେଲେ ଆଶିଷ ସାମ୍ନାରେ ପଡିବ ନାହିଁ ।

ଆଜିକାଲି ଶୁଣିବାକୁ ପାଉଛି ବିକାଶ ଆଉ କୋଉ ଗୋଟିଏ ବିଧବା ସ୍ତ୍ରୀ ସହିତ ସମ୍ପର୍କ ରଖିଲାଣି । ପଚାରିବାକୁ ମଧ୍ୟ ସାହସ ପାଉନି ଅନିଶାର । ସେ ଘର ଛାଡି ଆସିବାଟା ହିଁ ଭୁଲ କରିଛି । ଯିଏ ଥରେ ଧୋକା ଦେଇଛି ସିଏ ତା ଉପରେ ଏତେଟା ବିଶ୍ୱାସ କରିବାଟା ଠିକ ନଥିଲା । ନା ଆଉ ସହି ହେବନି ଯେତେବେଳେ ଜୀବନର ମୋଡ଼ ବଦଳି ଗଲାଣି ସିଏ ମଧ୍ୟ କିଛି ଗୋଟିଏ କରିବାକୁ ହେବ ।

ଅନିଶାର ସେ ରୂପ ଆଉ ନାହିଁ ମଉଳି ଗଲାଣି । ବୟସ ତୁଳନାରେ ଢେର ବୟସ୍କ ଭଳି ଦେଖା ଗଲାଣି । ଏହି ବିଦେଶ ଜାଗାରେ କେହି ବୋଲି ତାର ସାହା ଭରଷା ନାହିଁ । କେମିତି ବଞ୍ଚିବ ସେ ?

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶୁଭମଟା ତାର ବହୁତ ବଡ ହେଇଯାଇଥିବ ହେଇଟି ପରି ଲାଗୁଛି ପନ୍ଦର ବର୍ଷ ବିତିଗଲାଣି ।

ଅନେକ ବେଦନାକୁ ଛାତି ଭିତରେ ଚାପି ଧରି ତାକୁ ବଞ୍ଚିବାକୁ ପଡୁଛି । ଏବେ ବିକାଶ ଘରକୁ ମଧ୍ୟ ଠିକରେ ଆସୁନି କୋଉଠି ରହୁଛି କଣ କରୁଛି ସେ କଥା ଅନିଶା ଜାଣି ପାରୁନି । ସବୁବେଳେ ପଶ୍ଚାତାପର ଅନଳରେ ନିଜକୁ ଜଳିବାକୁ ପଡୁଛି । ନିଜେ ଏବେ ସିଏ ନିର୍ଣ୍ଣୟ ନେଇଛି ଚାଲିଯିବ । କୁଆଡେ ଯିବ ସେ ବାପା ମାଁଙ୍କ ମୁହଁରେ କଳା ବୋଳିଦେଇ ଆସିଛି ସେମାନଙ୍କ ପାଖକୁ ଯିବ ଏବେ ସେମାନେ କେମିତି ଅଛନ୍ତି ତାଙ୍କର ମଧ୍ୟ କିଛି ଖୋଜଖବର ନାହିଁ ତା ପାଖରେ । ନା ସେ ଯାହା ହେଉ ପଛେ ସେ ଯିବ ନଚେତ ତା ମରିବା ଖବର ମଧ୍ୟ ସେମାନେ ପାଇପାରିବେ ନାହିଁ । ବାପା ମାଁଙ୍କ ପାଖରେ କ୍ଷମା ମାଗିବ ପଛେ ଏଇଠି ରହି ଯନ୍ତ୍ରଣା ଭୋଗ କରିବ ନାହିଁ । ଦୃଢ ନିଷ୍ପତି ନେଇ ସେଠାରୁ ସେ ବାହାରି ଆସିଲା । ରେଳ ଷ୍ଟେସନରେ ପହଞ୍ଚି ଗାଡିର ସମୟ ସାରଣୀ ଦେଖି ନେଲା । ଆଉ ଅଧ ଘଣ୍ଟା ପରେ ତା ଟ୍ରେନଟି ଆସିବ । ଟିକଟ ଘରକୁ ଯାଇ ଖଣ୍ଡିଏ ଯାତ୍ରା ଟିକେଟ ଆଣି ଆସି ବସିଲା ପ୍ଲାଟଫର୍ମର ସେହି ସିମେଣ୍ଟ ଚେୟାରଟା ଉପରେ । ତାକୁ ଲାଗିଲା ତାଜୀବନ ଟା ମଧ୍ୟ ଏହି ଚେୟାର ଭଳି କିଏ ଆସୁଛି ଏଇଠି ବସି ଯେମିତି ଚାଲିଯାନ୍ତି । ସେହିଭଳି ତା ଜୀବନରେ ସେୟା ହିଁ ଘଟିଛି । ଆଜି ସେ ଫେରି ଯାଉଛି ସବୁଦିନ ପାଇଁ ବିକାଶ ଆଉ ଏହି ସହରକୁ ଛାଡି ତା ବାପା ମାଁଙ୍କ ପାଖକୁ । ସେଇଠାକୁ ଗଲାପରେ କଣ ସବୁ ଘଟିବ ସେବିଷୟରେ ମଧ୍ୟ ଚିନ୍ତାରେ ପଡିଯାଇଛି ଅନିଶା । ଯଦି ବାପା ମାଁ ତାକୁ ଗ୍ରହଣ କରିବେନି ତାହେଲେ ସେ କଣ କରିବ । ମନରେ ନିଷ୍ପତି ନେଇସାରିଛି ସେଠାକୁ ଗଲାପରେ ଯାହା ହେବ ଦେଖା ଯିବ । ଟ୍ରେନ ଆସିବାର ସୂଚନା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଡାକବାଜି ଯନ୍ତ୍ରଟା ଚିତ୍କାର କରି କହିଲାଣି । ବିକଟାଳ ଗର୍ଜନ କରି ପଶିଆସିଲା ଟ୍ରେନଟା ଅନିଶା ପଶିଗଲା ତାର ବଗି ଭିତରକୁ ଆରକ୍ଷଣ ହୋଇଥିବା ସିଟରେ ବସିଗଲା ଅନିଶା । ସାମାନ କହିଲେ ଗୋଟିଏ ବ୍ୟାଗ ଭିତରେ ତାର ଅତି ଜରୁରୀ ସାମାନ ସହିତ କିଛି ଲୁଗାପଟା । ଟ୍ରେନ ଚାଲିଲା ବହୁତ ଦିନ ପରେ ସେ ଫେରୁଛି ତା ଅତି ପରିଚିତ ଯୋଉଠି କଟିଛି ତାର ବାଲ୍ୟ ଜୀବନ । ପୁଅ ଶୁଭମ କାହିଁକି ଆଜି ତାର ବେଶି ମନେ ପଡୁଛି । ତାର ସେହି ଗୁଲୁ ଗୁଲିଆ ମୁହଁ ଟା ତା ମାତୃତ୍ୱ ହୃଦୟରେ ଆନ୍ଦୋଳନ କରୁଛି । ସେ ଏବେ କେତେ ବଡ଼ ହେଇଯାଇଥିବ ତାକୁ ସେ ଚିହ୍ନିବ କି ନାହିଁ ସେଇଟା ମଧ୍ୟ ଗୋଟିଏ ପ୍ରଶ୍ନବାଚି ।

ମନରେ ଅନେକ ସ୍ମୃତି ଅନୁଭୂତି କୁ ନେଇ ଭାବିବା ଭିତରେ ତାର ଗନ୍ତବ୍ୟ ସ୍ଥଳରେ ପହଁଞ୍ଚି ଯାଇଛି ଟ୍ରେନଟି । ଗାଡ଼ିରୁ ଓଲ୍ହାଇ ଚାଲିଲା ଷ୍ଟେସନ ବାହାରକୁ ବହୁତ ବଦଳି ଯାଇଛି ତା ସହରଟା ଗୋଟିଏ ଅଟୋରେ ସିଧା ଚାଲିଲା ଘର ଅଭିମୁଖେ । କବାଟରେ ଠକ ଠକ କରିଲା ଭିତରୁ ତା ମାଁ ଆସି କବାଟ ଖୋଲି ଦେଖିଲା ଚିହ୍ନି ପାରିଲାନି ନିଜ ଜନ୍ମ କଲା ଝିଅଟାକୁ । ଚିହ୍ନିବ ବା କେମିତି ସେ କଣ ଆଗର ସେହି ଅନିଶା ଅଛି ଦେଖିବାକୁ ଅତି କାରୁଣ୍ୟ ଦେଖାଯାଉଛି ହଠାତ ପଚାରି ଦେଲା "କାହାକୁ ଖୋଜୁଛ ?" ସେତେବେଳକୁ ଅନିଶାର ଆଖିରୁ ଧାର ଧାର ଲୁହ ବୋହି ଗଲାଣି ତାର ସେହି ଶୁଖିଲା ଗାଲ ଉପର ଦେଇ । ବଡ଼ ଆକୁଳତାରେ ମାଁର ଗୋଡ଼ ଦୁଇଟାକୁ ଧରି ଭୋ ଭୋ ହୋଇ କାନ୍ଦି ଉଠିଲା "ମାଁ ତୁ କଣ ସତରେ ମୋତେ ଚିହ୍ନି ପାରୁନୁ ମୁଁ ପରା ଅନିଶା ?"

"ମାଁ, କିଏ ତୋର ମାଁ କାହିଁ ମୋର ତ କୋଉ ଝିଅ ଥିଲା ଭଳି ମନେ ପଡୁନି ହଁ ହଁ ମୋର ଅତି ସୁନ୍ଦର ଝିଅଟେ ଥିଲା ମୁଁ ତାକୁ ଗୋଟିଏ ଏମିତି ପୁଅଟେ ହାତରେ ଟେକି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦେଇଥିଲି ଯିଏ କି ସିଏ କୋଉ ଦେବତାଠାରୁ ମଧ୍ୟ କମ ନଥିଲା । ଆଉ ମୁଁ ଯୋଉଦିନ ଜାଣିଲି ସେଇ ମୋର ଝିଅଟା ଯୋଉଦିନ ତାର ଦେଢ଼ ବର୍ଷର ଗୁଲୁଗୁଲିଆ ମାଁ କ୍ଷୀର ଛାଡ଼ିନଥିବା ଛୁଆଟାକୁ ଛାଡ଼ିଦେଇ ଗୋଟିଏ ପରପୁରୁଷ ସହିତ ଚାଲି ଯାଇଥିଲା ସେଇ ଦିନୁ ମୋର ଝିଅଟା ମରିଯାଇଛି । ମୋର ଆଉ କୋଉ ଝିଅ ନାହିଁ ।"

ମାଆର ହୃଦୟ ଅତି ସରଳ ଏତିକି କଥା କହିବା ଭିତରେ ମାଆର ଆଖିରୁ ମଧ୍ୟ ବୋହି ଆସିଥିଲା ଅନବରତ ଅଶ୍ରୁର ଧାର । କେତେ କରୁଣ ନଥିଲା ପରିବେଶ, କରୁଣ ତାର ବିଳାପରେ ଅନେକ କାକୁତି ମିନତୀ ଭିତରେ ଅନିଶା ବଖାଣି ଥିଲା ସେ କରିଥିବା ଭୁଲର ପରିଣତି କଣ ଆଉ କେମିତି ଭୋଗିଛି । ମାଁ ମନ କରୁଣାର ସାଗର ଝିଅର ଲକ୍ଷେ ଭୁଲ ଥିଲେ ମଧ୍ୟ କ୍ଷଣକରେ ପାସୋରି ଦେଉଥିବା ଜୀବଟା ହେଲା ମାଁ । କୋଳେଇ ଉଠାଇଲା ଅନିଶାକୁ ଘରକୁ ନେଇ ଛାତିରେ ଜାବୁଡି ଧରି ବହେ କାନ୍ଦିଲେ ମାଁ ଆଉ ଝିଅ । ଧିରେ ଧିରେ ସ୍ୱାଭାବିକ ଅବସ୍ଥାକୁ ଆସିବା ପରେ ଅନେକ କଥା ନିଜ ନିଜ ଭିତରେ ବାଣ୍ଟିଲେ ।

କଥା ଭିତରେ ମାଆକୁ ପଚାରିଲା ଅନିଶା ଶୁଭମ ବିଷୟରେ । ମାଁ କହିଲା "ଶୁଣୁଥିଲି ଶୁଭମ ଭଲ ପାଠ ପଡି ବଡ଼ ଅଫିସର ପରୀକ୍ଷା ପାଇଁ ଲାଗିପଡ଼ିଛି ତାର ଏତେ ସବୁ ସଫଳତାର ପଛରେ ଆଶିଷ ହିଁ ପ୍ରାଣ ପଣେ ଲାଗିଛି ।" ଅନିଶା ଆଉ ସାହସ କରି ପଚାରି ପାରିଲାନି ତା ମାଆକୁ ଯେ ଆଶିଷ କେମିତି ଅଛି ବୋଲି ।

ସମୟ କାହାକୁ ଅପେକ୍ଷା କରେନି ତା ବାଟରେ ସେ ସମୟ ଗଡି ଚାଲିଛି । ମାଆ ହୃଦୟ ପୁଅକୁ ଥରେ ଦେଖିବା ଲୋଭଟା ଅତିଶୟ ବଢ଼ି ଯାଇଥିଲା ତଥାପି କେବେ ସୁଯୋଗ ମିଳିନି ଏଯାଏ । ଦେଖାଯାଉ କେବେ ସେ ସୁଯୋଗ ମିଳୁଛି । ସେଦିନ ଅନିଶା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବସି ଟିଭିରେ ଖବର ଦେଖୁଥିଲା । ଖବର ପଢୁଥିବା ମହାଶୟା ଜଣକ କହିଲେ "ଆଜି IAS ପରୀକ୍ଷାର ଫଳା ଫଳ ଆସି ଯାଇଛି ସେଥିରେ ପ୍ରଥମ ଶ୍ରେଣୀରେ ସବୁଠାରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି ଶୁଭମ, ସେ ତାଙ୍କ ନିଜର ସଫଳତା କାହାଣୀ କହିଛନ୍ତି ଯେ ଏହି ସଫଳତା ପଛରେ ତାଙ୍କ ବାପା ଆଶିଷଙ୍କ ପ୍ରେରଣା ଆଉ ଆଶୀର୍ବାଦ ରହିଛି । ଆହୁରି କହିଛନ୍ତି ତାଙ୍କୁ ତାଙ୍କ ବାପା, ବାପା ଆଉ ମାଆର ସ୍ନେହ ଦେଇ ପାଳି ଏତେ ବଡ଼ ପଦର ଅଧିକାରୀ କରିପାରିଛନ୍ତି ।”

"ଅନିଶାର ଆଖିରେ ଆଖିଏ ଲୁହ ସିଏ ଯଦି ଭୂଲ କରିନଥାନ୍ତା ତାହେଲେ ଆଜି ଶୁଭମ ତାର ନା ଟା ମଧ୍ୟ କହିଥାନ୍ତା । ସେ ଯାହାହେଉ ତାର ପୁଅ ଆଜି ଗୋଟିଏ ଉଚ୍ଚ ପଦସ୍ଥ ଅଫିସର ହେଇ ଯାଇଛି । ଇଛା ହେଉଥିଲା ଏଇ ସଙ୍ଗେ ସଙ୍ଗେ ତା ପାଖକୁ ଯାଇ ତାକୁ କୋଳେଇ ନେଇ ଟିକିଏ ଗେଲ କରି ପକାନ୍ତା । ତାର ଭୂଲ ପାଇଁ ସେ ସେଇଠାକୁ ଯାଇ ପାରିବନି । ତଥାପି ଠାକୁରେ ତାକୁ ଭଲରେ ରଖିଥାନ୍ତୁ ଏତିକି କାମନା କରିଥିଲା ।

ଅନିଶା ଆଉ ତା ମାଆ ଆଜି ଗୋଟିଏ ବାହାଘର ଭୋଜିକୁ ଯିବାକୁ ପ୍ରସ୍ତୁତ ହେଇ ବାହାରି ପଡିଲେ । ବାହାଘର ମଣ୍ଡପରେ ପହଁଞ୍ଚି ଯାଇ ଥିଲେ ସେଠାର ସାଜ ସଜା ବହୁତ ସୁନ୍ଦର ଥିଲା ବହୁତ ବଡ଼ ବଡ଼ ଲୋକ ସେଇଠାକୁ ନିମନ୍ତ୍ରିତ ଅତିଥି ଆସିଥିଲେ । ଶୁଣିବାକୁ ମିଳିଲା ସେଇ କାର୍ଯ୍ୟକ୍ରମକୁ ନୂଆଁରେ ଜଇନ କରିଥିବା IAS ଅଫିସର ଶୁଭମ ମଧ୍ୟ ଆସୁଛନ୍ତି । ଅନିଶାର ମନଟା ଖାଲି ଅଥୟ ହେଉଥିଲା ଆଜି, ଟିକିଏ ଦୂରରେ ରହି ଶୁଭମକୁ ଦେଖି ନେବ ସେଇ ସୁଯୋଗ ଟା ତ ମିଳିଯିବ । ଯଦି ତା ସହିତ ତା ବାପା ଆଶିଷ ଆସିଥିବେ ତାହେଲେ କଥାଟା ଏଇଠି ସରିଲା ନିର୍ଣ୍ଣୟ ନେଲା ତା ଆଗରୁ ସିଏ ସେଠାରୁ ଚାଲିଯିବାଟା ଠିକ ହେବ କିଏ ଜଣେ କହିବାର ଶୁଣିଲା "IAS ସାହେବ କେବଳ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଜଣେ ଆସୁଛନ୍ତି " ଅନିଶା ଟିକିଏ ଆଶ୍ୱସ୍ତି ହେଲା । ଫଙ୍କସନ ହେଉଥିବା ଗେଟ ଆଗରେ ଆସି ଗୋଟିଏ ଗାଡି ଲାଗିଲା ଯାହାର ଆଗରେ ଲେଖା ଥିଲା କଲେକ୍ଟର । ବହୁତ ଲୋକ ଦୌଡ଼ି ଗଲେ ଗାଡି ପାଖକୁ ତାଙ୍କୁ ପାଛୋଟି ଆଣିବାକୁ । ସମସ୍ତଙ୍କୁ ଅଭିବାଦନ ଜଣାଇ ସୁନ୍ଦର ସୁଦର୍ଶନ ଯୁବକ ଠିକ ଆଶିଷଙ୍କ ଭଳି ରୂପ ରଙ୍ଗ ନେଇ ଆସିଗଲେ । ଅନିଶା କେବଳ ସୁଯୋଗକୁ ଅପେକ୍ଷା କରିଥିଲା । ଟିକିଏ ଏକା ହେଲେ ଯାଇ ଦେଖା କରିବ, ସେହି ସୁଯୋଗ ମଧ୍ୟ ଆସିଗଲା ଅନିଶା ନିଜ ମାଆକୁ ନେଇ ଶୁଭମ ପାଖକୁ ଗଲା, ଶୁଭମ ଆଇକୁ ଦେଖି ପ୍ରଣାମ କଲା ଆଉ ପଚାରିଲା "ଆଇ ତୁମେ କେତେବେଳୁ ଆସିଲଣି ଆଉ ସବୁ ଭଲ ତ ?" ଆଇ ଆଖିର ଲୁହକୁ ପୋଛି ଅନିଶାକୁ ଦେଖାଇ କହିଲା "ଶୁଭମ ଇଏ ହେଉଛି ତୋ ମାଆ ।" ଶୁଭମ ସ୍ଥାଣୁ ପାଲଟିଗଲା କିଛି କଥା ମଧ୍ୟ କହିପାରିଲାନି କେବଳ ଚାହିଁ ରହିଲା ଦୁହିଁଙ୍କୁ ନୀରବତାର ରାଜୁତିକୁ ଭାଙ୍ଗି ଅନିଶା କହିଲା "ଥରେ ମୋତେ ମାଆ ବୋଲି ଡାକ ପୁଅ, କଣ ଡାକିବୁନି ଡାକ ମୋତେ ମାଆ ବୋଲି ଡାକ ।" ଶୁଭମ କଣ କହିବ କିଛି ଚିନ୍ତା କରିପାରିଲାନି କେବଳ ଚାହିଁଥିଲା ପୁଣି ଅନିଶା କହିଲା "ମୁଁ ମାନୁଛି ମୁଁ ଭୁଲ କରିଛି ମୁଁ ଜାଣୁଛି ମାଆର ପଣତ କାନି ପାଇଁ ତୁ କେତେ ଖୋଜିଥିବୁ, ମୁଁ ଜାଣୁଛି ତୁ ମାତୃସ୍ନେହର ଅଭାବରେ କେତେ କଷ୍ଟ ପାଇଥିବୁ ସେ ସବୁ ପାଇଁ କେବଳ ମୁଁ ହିଁ ଦାୟୀ ଆଜି କଣ ତୁ ତୋ ମାଆକୁ କ୍ଷମା କରିପାରିବୁନି ?" ଅନିଶା ନିଜର ପଣତ କାନିରେ ଶୁଭମର ମଥାରେ ଫୁଟି ଉଠିଥିବା ଝାଳକୁ ପୋଛି ଦେଉଥିଲା ସେଇ ପଣତ କାନିର ବାସ୍ନାରେ ଶୁଭମର ତନ୍ଦ୍ରା ତୁଟିଗଲା ଆପେ ଆପେ ପାଟିରୁ ବାହାରି ଆସିଲା "ମାଆ "...

ଚନ୍ଦନ ନଗର ୨ୟ ଲେନେ,


ଲାଞ୍ଜିପଲ୍ଲୀ, ବ୍ରହ୍ମପୁର, ଗଞ୍ଜାମ, ୭୬୦୦୦୮

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କୃଷ୍ଣା

ବିନୟ ମହାପାତ୍ର



ସପ୍ତାହାନ୍ତରେ ଶନିବାର, ରବିବାର ଦୁଇଦିନର ଛୁଟି । ପାଞ୍ଚ ଦିନର ଅକ୍ଲାନ୍ତ ପରିଶ୍ରମ ପରେ ଏଇ ଛୁଟି ଦୁଇଦିନ ଭଲ ତ ଲାଗେ, କିନ୍ତୁ ବିଶ୍ରାମ ପୁରା ହେଲା ପରି ଲାଗେନି । ଶନିବାର ସକାଳ ବେଳାଟା ଶୋଇବାରେ ଚାଲିଯାଏ, ଉପର ବେଳାଟା ସପିଙ୍ଗରେ, ସନ୍ଧ୍ୟାରେ ହଷ୍ଟେଲର ନିଜ ରୁମରେ ରେଷ୍ଟନେଇ ପୁରା ଦିନଟି କଟିଯାଏ । ବାକି ବଞ୍ଚିଲା ରବିବାରଟା, ବଡ ଅଳସୁଆ ଲାଗେ, ମନହୁଏ କିଏ ଜଣେ ସାଙ୍ଗରେ ଥାଆନ୍ତା କି ! ଦି'ପହରର ଅଳସ ମୁହୂର୍ତ୍ତରେ ସାଙ୍ଗ ହୋଇ ବାହାରି ଯାଆନ୍ତେ ମୁମ୍ବାଇର ରବିବାସରିୟ ସରସ ରାଜ ରାସ୍ତାରେ । ରାସ୍ତା କଡର ଚଟପଟା ଷ୍ଟ୍ରିଟ୍ ଫୁଡର ମଜାନେଇ, ଝାଲମୁଢି ଖାଉ ଖାଉ ସମୁଦ୍ର କୁଳରେ ଘେରାଏ ବୁଲି ଆସନ୍ତା ।

ବେଳାଭୂମିରେ ପାଣି ମଠାରୁ ଅଳ୍ପ ଦୂରରେ ସେହି ସ୍ୱପ୍ନର ବନ୍ଧୁଟି ସହିତ ବସି, ହାତରେ ହାତ ଛନ୍ଦିଦେଇ ଢେର ସାରା ଗପନ୍ତା । ହେଲେ ଜୀବନଟା ଏତେ ସୁନ୍ଦର ନଥିଲା ତା ପାଇଁ । ନିଜକୁ ଭାରି ଏକୁଟିଆ, ଏକୁଟିଆ, ନିରାଶ, ନିସଙ୍ଗ, ଖାଁ ଖାଁ ଲାଗେ, ତା ପାଇଁ ଜୀବନଟା ପୁରା ନିରସ ଥିଲା । ଆଜି ସକାଳୁ କାହିଁକି କେଜାଣି ଆକାଶର କଥା ବହୁତ ମନେ ପଡୁଥିଲା ତାର । ସେ ଆସନ୍ତା ହେଲେ, ଦି' ଘଣ୍ଟା ପାଇଁ । କିନ୍ତୁ ସିଏ ବା କାହିଁକି ଆସିବ ! ସେ କଣ ତାର ପ୍ରେମିକ ନା ତାର କିଛି ନିବିଡ ସମ୍ପର୍କ ଅଛି ଆକାଶ ସହିତ !

ସେମାନେ କେବଳ ୟୁନିଭରସିଟିରେ ଏକାଠି, ଏକା ସବଜେକ୍ଟ, ଏକା କ୍ଲାସରେ ପଢୁଥିଲେ ବୋଲି କେବଳ ଟିକିଏ ବନ୍ଧୁତା ହୋଇ ଯାଇଥିଲା । ଆକାଶର ପଞ୍ଚାଏ ସାଙ୍ଗମାନଙ୍କ ଭିତରେ କୃଷ୍ଣା କେବଳ ଜଣେ ସାଧାରଣ ବନ୍ଧୁ ଥିଲା । ୟୁନିଭରସିଟିର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବେଷ୍ଟ ଷ୍ଟୁଡେଣ୍ଟ ଥିଲା ସିଏ, ଭଲ ଗୀତଗାଏ, କିଛି କିଛି କବିତା ବି ଲେଖେ, ସେଥିପାଇଁ ସମସ୍ତେ ତାକୁ ବହୁତ ଭଲ ପାଆନ୍ତି । ତା ସହିତ ବନ୍ଧୁତା କରିବାକୁ ମଉକା ଖୋଜନ୍ତି । ୟୁନିଭରସିଟିର ଅଧା ଝିଅ ତା ପଛରେ ପଡି ଯାଇଥିଲେ ।

କାହିଁକି ପଡିବେନି ଯେ, ସିଏ ତ ସେମିତି, କୋଟିକରେ ଗୋଟିଏ ପିଲା ଥିଲା । ପ୍ରାୟ ଛ' ଫୁଟର ଗୋରା ତକ୍ ତକ୍ ଡେଙ୍ଗା ପିଲାଟା, ଫିଲ୍ମ ହିରୋ ପରି ଦିଶେ । ପାଠ ପଢାରେ ଯେମିତି, ଏକ୍ସଟ୍ରା କରିକୁଲାର ଆକ୍ଟିଭିଟିରେ ବି ସେମିତି ବେଷ୍ଟ ଥିଲା । ଷ୍ଟୁଡେଣ୍ଟ ଅଫ୍ ଦ ଇୟରର ଦୁଇ ବର୍ଷରେ ଦୁଇ ଥର ଟ୍ରଫି ଲଗାତାର ଜିତିଥିଲା । ହେଲେ କାହିଁକି କେଜାଣି ଗୋଟିଏ ବି ଝିଅ ତାର ପ୍ରେମ ଜିତି ପାରିଲାନି । ପଦ୍ମ ପତ୍ରରେ ପାଣି ଢଳ ଢଳ ହେଲା ପରି ସେ ସମସ୍ତଙ୍କ ମନରେ ତ ଥିଲା, ହେଲେ କେହି ତାକୁ ଛୁଇଁ ପାରୁ ନଥିଲେ । ସମସ୍ତେ ଭାବୁଥିଲେ ଆକାଶର ବୋଧହୁଏ ଗୋଟିଏ ଗୁମନାମ ପ୍ରେମିକା, କୋଉଠି ନା କୋଉଠି ଲୁଚିକି ରହିଛି । ନହେଲେ ଫଗୁଣର ହୋଲି ଦିନରେ ଗୋପ ବଜାରର ଗଳିରେ, ଗୋପୀ ଗହଳରେ ବୁଲି ବି ଦେହରେ ଟୋପାଏ ରଙ୍ଗ ନଲାଗେବା ବଡ ଅଜବ କଥା ନୁହେଁ ?

କିନ୍ତୁ କୃଷ୍ଣାକୁ ଅନେକ ଥର ଏପରି କାହିଁକି ଲାଗେ, ଆକାଶ ଯେପରି ସବୁବେଳେ ତାର ନିକଟତର ହେବାକୁ ଚେଷ୍ଟା କରୁଥିଲା । ଏମିତି କିଛି ପାଠ ନଥିଲା ଯେଉଁଥିରେ ଆକାଶର କୌଣସି ଡାଉଟ୍ ରହିଯିବ । କ୍ଲାସର ବେଷ୍ଟ ଷ୍ଟୁଡେଣ୍ଟ ଥିଲା ସିଏ, ତଥାପି, ପ୍ରାୟ ଅନେକ ସମୟରେ ନିଜର ଡାଉଟ୍ କ୍ଲିୟର କରିବାକୁ ସେ କୃଷ୍ଣା ପାଖକୁ ଚାଲି ଆସୁଥିଲା, ଏମିତି ଅନେକ ଥର । କୃଷ୍ଣା ବହୁତ କ୍ଲିୟର ଭାବେ ସବୁ ବୁଝାଇ ସାରିଲା ପରେ ବି ଆକାଶ ନବୁଝିବାର ବାହାନା କରି ଆଉ ଥରେ ବୁଝାଇବାକୁ ଅନୁରୋଧ କରୁଥିଲା ।

କୃଷ୍ଣାକୁ କାହିଁକି ଲାଗୁଥିଲା ତା ସହିତ କିଛି ଅଧିକ ସମୟ ବିତେଇବା ପାଇଁ, ଏ ସବୁ ଆକାଶର ବାହାନା ଥିଲା । କୃଷ୍ଣା ଚେଷ୍ଟାକରେ, ଆହୁରି ସରଳ ଭାବେ ପୁଣି ଥରେ ସେହି ପ୍ରଶ୍ନର ଉତ୍ତର ବୁଝେଇ ଦେବାକୁ, କିନ୍ତୁ ତେବେ ବି ଆକାଶକୁ ସବୁ ଅବୁଝା ରହିଯାଏ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏମିତି ବାରମ୍ବାର ହୁଏ । ଦୁଇ ତିନି ଘଣ୍ଟା ସମୟ ଗୋଟିଏ ପ୍ରଶ୍ନର ଉତ୍ତର ବାରମ୍ବାର ବୁଝାଇ ବୁଝାଇ କୃଷ୍ଣାକୁ ବିରକ୍ତ ଲାଗେ, ହେଲେ ସେ ମୁହଁ ଖୋଲି ଆକାଶକୁ କିଛି ବି କହି ପାରେନା । ତାକୁ ଚାଲି ଯିବାକୁ ବି କହି ପାରନା । କାରଣଟା କିନ୍ତୁ କୃଷ୍ଣାକୁ ଜଣା ନଥିଲା, ହୁଏତ ଆକାଶର ସାନ୍ନିଧ୍ୟ ତାକୁବି' ଭଲ ଲାଗୁଥିଲା । ଆକାଶ ଏମିତି ସାମ୍ନାରେ ବସି ତା ମୁହଁକୁ ଚାହିଁ ରହିଥିବ, ବାରମ୍ବାର ଆଖିରେ ଆଖିର ଟକ୍କର ହୋଇ ଯାଉଥିବ ଏବଂ ଉଭୟ ଟିକିଏ ଲିଜମିଶା ହସ, ହସି ଦେଉଥିବେ !

ଏ ସବୁ କଣ ପ୍ରେମ ଥିଲା ? ତେବେ ଆକାଶ କଣ ତାକୁ ହିଁ ପ୍ରେମ କରୁଥିଲା ? ହେଲେ ସେ କେବେ ବି ସେମିତି କିଛି କହିନି, ଏମିତି କିଛି ଇସାରା ବି କେବେ ଦେଇନି । କେମିତି କହିଦେବ କୃଷ୍ଣା, ଯେ ଆକାଶ ତାକୁ ଭଲପାଉଥିଲା ବୋଲି । କୃଷ୍ଣା ବି' ମନେ ମନେ ଆକାଶର ପ୍ରେମରେ ପଡି ଯାଇଥିଲା ଯେମିତି, ହେଲେ...... ହେଲେ, ସେ କେମିତି କହି ଥାଆନ୍ତା ଆକାଶକୁ, ଆଇ ଲଭ ୟୁ ବୋଲି ? କେବଳ ଗୋଟିଏ ଝିଅ ହୋଇ ଆଗୁଆ ପ୍ରେମ ନିବେଦନ କରିଲେ ଲାଜ ଲାଗିବ ବୋଲି ନୁହେଁ, ବରଂ ଆହୁରି ଅନେକ କାରଣ ଥିଲା କୃଷ୍ଣା ପାଖରେ, ସେ ଆକାଶକୁ ଭଲପାଉ ଥିଲେ ବି, ମନର ପ୍ରେମକୁ ମନରେ ଲୁଚାଇ ରଖିବା ପାଇଁ ତା ପାଖରେ ଅଜସ୍ର କାରଣ ଥିଲା । କିନ୍ତୁ ଆକାଶ ଯଦି ଭଲ ପାଉଥିଲା, ତେବେ ସେ କାହିଁକି ନିରବ ଥିଲା ? ତା ପାଖରେ ନିଜର ପ୍ରେମ ପ୍ରକାଶ କରି ନ ପାରିବାର ଏପରି କିଛି ଗୋଟିଏ ବି କାରଣ ଥିଲା ପରି ତ କେବେ ମନେ ହୁଏନା ।

ହଠାତ କବାଟରେ କାହାର ଠକ୍ ଚକ୍ କରିବାର ଶବ୍ଦରେ କୃଷ୍ଣାର ଧ୍ୟାନ ଭାଙ୍ଗିଗଲା, ସେ ବେଡରୁ ଉଠି କବାଟ ଖୋଲି ଯାହା ଦେଖିଲା, ସେଥିରେ ସେ କେମିତି ପ୍ରତିକ୍ରିୟା କରିବ ଭାବିପାରୁ ନଥିଲା । ବଡ ବଡ ଆଖି କରି ଅନେଇ ରହିଥାଏ ଆଗନ୍ତୁକଙ୍କୁ । ବଡ ଅସମଞ୍ଜସ ସ୍ଥିତିରେ ଥିଲା କୃଷ୍ଣା, ତାର ମନ ହେଉଥିଲା ସେ ଧାଇଁଯାଇ ଆଗନ୍ତୁକକୁ ନିଜ ବାହୁ ବନ୍ଧନରେ ଜାବୁଡି ଧରିବ, ତା ଆଲିଙ୍ଗନରେ ନିଜକୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହଜେଇ ଦେବ । ତା ଦେହ ସାଙ୍ଗରେ ତା ଦେହକୁ ମିଶାଇ ଏକ ହୋଇଯିବ ଅବା ତା ମୁହଁକୁ ନିଜର ଦୁଇ ହାତରେ ଜାବୁଡି ଧରି ଚୁମିଯିବ ତାର ମୁହଁ ସାରା । ପୁରା ମୁହଁକୁ ତାର ରଙ୍ଗେଇ ଦେବ ନିଜର ଲିପଷ୍ଟିକ ରଙ୍ଗର ଦାଗରେ । ହେଲେ, ସେମିତି କିଛି ବି କରି ପାରୁ ନଥିଲା ସେ, କିଛି ବି କହି ପାରୁନ ଥିଲା, ଏପରି ଏକ ବିଚିତ୍ର ଅବସ୍ଥା ଥିଲା କୃଷ୍ଣାର। ସେହି ମୁହୁର୍ତ୍ତର ଦୃଶ୍ୟକୁ ଠିକ ଠିକ ଭାବେ ବର୍ଣ୍ଣନା କରିବାକୁ ଶବ୍ଦ ବି ନାହିଁ ଦୁନିଆରେ । କୃଷ୍ଣାର ଏପରି ତଟସ୍ଥ ଅବସ୍ଥା ଦେଖି ଆକାଶ ମୁହଁ ଖୋଲିଲା । କହିଲା "ଆରେ ଏମିତି କଣ ଚାହିଁଛୁ ? ଦିନ ଦି'ପହରରେ ମୁଁ ଭୂତ ନୁହେଁ, ପୁରା ଜିଅନ୍ତା ମଣିଷଟେ ।"

ଯେମିତି ସିନେମାରେ ହୁଏ, ଗୋଟିଏ ଭୟାନକ ଝଡ ସିନ୍ ମଝିରେ ହଠାତ୍ ପଜ୍ କରି ପୁଣି ରିପ୍ଲେ କଲେ ଯେପରି ହୁଏ, ସେପରି ଥିଲା କୃଷ୍ଣାର ରିଆକ୍ସନ, ସତେ ବା ବୁଢି ଅସୁରୁଣୀର ଅଭିଶାପରେ ଅଭିଶପ୍ତ କେଉଁ ଏକ ରାଜ କୁମାରୀର ପଥର ମୂର୍ତ୍ତି, ହଠାତ୍ ଏକ ଅଜଣା ରାଜ କୁମାର ହାତର ଯାଦୁଇ ସ୍ପର୍ଶ ପାଇ ଜୀବନ୍ତ ହୋଇ ଗଲା । ସଦ୍ୟ ହୋସ ଫେରି ପାଇଥିବା କୃଷ୍ଣା, ନିଜର ଖୁସିକୁ ଠିକ୍ ଠିକ୍ ପ୍ରକାଶ କରିପାରୁ ନଥିଲା । ନିଜକୁ ପ୍ରକୃତିସ୍ଥ କରି ବଡ କଷ୍ଟରେ କୃଷ୍ଣା କହିଲା, ଆରେ ଆକାଶ, ତୁ ? ଏମିତି, ଏଇଠି ? ତୁ ପୁରା ଶହେ ବର୍ଷ ବଞ୍ଚିବୁରେ । ତୋରି କଥା ଭାବୁଥିଲି ଏବେ । ଆକାଶ ଟିକିଏ ହସି କହିଲା, ସତରେ ? ମୋର କାହିଁକି ବିଶ୍ୱାସ ହେଉନି, ତୁ ମୋ କଥା ଭାବୁଥିବୁ ବୋଲି । କୃଷ୍ଣା ଟିକିଏ ହସି ଦେଇ, କହିଲା, ଠିକ୍ ଅଛି, ମୁଁ ଗୋଟେ ମିଛେଇ, ଏବେ ଠିକ୍ ତ ? ଆ ଭିତକୁ ଆ, କହି ଚଉକିଟାକୁ ବେଡ ପାଖକୁ ଟାଣିଆଣି, ବସ କହି ନିଜେ ଖଟଟା ଉପରେ ଚକାମଲି କରି ବସିଗଲା ।

: ଚା ପିଇବୁ ନା କୋଲ୍ଡଡ୍ରିଙ୍କ ? କୃଷ୍ଣା ପଚାରିଲା ।

: ଆକାଶ କହିଲା ସ୍ପ୍ରିଣ୍ଟ ଅଛି ?

କୃଷ୍ଣା ଟିକେ ହସିଲା ଏବଂ ଦୁଇଟି ଗ୍ଲାସରେ ସ୍ପ୍ରିଣ୍ଟ ଭରି ନେଇଆସିଲା ଆଉ ପିଉ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପିଉ ପଚାରିଲା, ଆଜି କେମିତି ଦର୍ଶନ ଦେଇଦେଲୁ ?

ଆକାଶ କହିଲା, ମେସରେ ବୋର ହେଉଥିଲି । କିଛି କାମ ନାହିଁ, ସକାଳୁ ଲାପଟପରେ ଫିଲ୍ମ ଦେଖି ଦେଖି ଥକିଗଲି । କେବେଠୁ ଭାବୁଥିଲି ସନ-ଡେ ଦେଖି ଥରେ ତୋ ହଷ୍ଟେଲଟା ଦେଖି ଆସିବାକୁ, କିନ୍ତୁ ଆସି ପାରୁ ନଥିଲି । ଆଜି ସମୟ ଥିଲା, ତେଣୁ ଚାଲି ଆସିଲି । ପ୍ରଥମେ ତୋତେ ଫୋନ କରି ଆସିବି ବୋଲି ଭାବୁଥିଲି, କାଳେ ତୁ ଥିବୁ କି ନଥିବୁ, କିନ୍ତୁ ପରେ ଭାବିଲି ହଠାତ୍ ପହଞ୍ଚି, ତୋତେ ଗୋଟେ ସରପ୍ରାଇଜ୍ ଦେଇଦେବି, ଯଦି ତୁ ମିଳି ନଥାନ୍ତୁ ତେବେ ନିଜେ ଗୋଟେ ସର୍ପ୍ରାଇଜ ନେଇ ଫେରିଯାଇ ଥାଆନ୍ତି । ତୁ କଣ କିଛି କାମ କରୁଥିଲୁ ଏବେ ? ମୁଁ ଏମିତି ଆସି ତୋତେ କିଛି ଡିଷ୍ଟର୍ବ କରୁନି ତ ?

ଆକାଶ ଓଠ ଉପରେ ନିଜର ହାତ ରଖିଦେଇ କୃଷ୍ଣା କହିଲା, ଆରେ, ତୁ କେମିତି କଥା କହୁଛୁ ଆକାଶ ? ତୁ ଆସିଲେ ମୁଁ ଡିଷ୍ଟର୍ବ ହେବି ? ତୁ ଆସିଲୁ, ସେଇଟା ମୋ ପାଇଁ ବଡ ଭାଗ୍ୟର କଥା । କିଛି କାମ ନଥିଲା, ମୁଁ ବି ବସି ବସି ବୋର ହେଉଥିଲି, ଭାବିଲି ଟିକିଏ ଶୋଇ ପଡିବି, ହେଲେ, ବେଡରେ ଯେମିତି ପଡିଲି, କାହିଁକି କେଜାଣି ୟୁନିଭରସିଟି କଥା ସବୁ ମନେ ପଡିଗଲା, ଆଉ ତାରି ଭିତରେ ତୁ । ତୁ ତ ପୁରା ଷ୍ଟୋରିଟାକୁ କଭର କରିଗଲୁ, ଆଉ କିଛି, କିମ୍ବା ଆଉ କାହା କଥା ଭାବିବାକୁ ସମୟ ନଥିଲା । ଯେଉଁ ଆଡକୁ ଦେଖିଲେ କେବଳ ତୁହିଁ ଆଖି ଆଗରେ ଆସୁଥିଲୁ, କହି କୃଷ୍ଣା ଟିକିଏ ଲାଜେଇ ଗଲା ।

ଆକାଶ କହିଲା, କିଛି କାମ ନାହିଁ ଯଦି ରୁମରେ ବସି ବୋର ହେବା ଅପେକ୍ଷା ଚାଲୁନୁ ବାହାରୁ ଟିକେ ବୁଲି ଆସିବା । ମୁମ୍ବାଇ ଆସିବା ଛ' ମାସ ହୋଇ ଗଲାଣି, ତଥାପି କେବେ ସମୁଦ୍ର ଦେଖିବାକୁ ଯାଇନି । କହନ୍ତି ମୁମ୍ବାଇ ବିଚ୍ ବହୁତ ରୋମାଣ୍ଟିକ୍ । ଚାଲ ବିଚ୍ ଆଡୁ ଘେରାଏ ବୁଲି ଆସିବା ।

କୃଷ୍ଣା କହିଲା, କିଛି ସମୟ ଆଗରୁ ମୁଁ ବି ସେଇ କଥା ଭାବୁଥିଲି, ସବୁ ଦିନ ସେଇ ଅଫିସ ଆଉ ହଷ୍ଟେଲ ହୋଇ ହୋଇ ମନ ଭରି ଗଲାଣି । କୁଆଡେ ବାହାରକୁ ଯାଇ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହେଉନି, ନୁଆ ଜାଗା, କେହି ସାଙ୍ଗରେ ନାହାନ୍ତି । ତୁ ଆସିଲୁ ଭଲ ହେଲା, ଚାଲ, ମୁଁ ଦୁଇ ମିନିଟରେ ରେଡି ହୋଇ ଆସୁଛି କହି ବାଥରୁମରେ ପଶିଗଲା କୃଷ୍ଣା ।

x x x x x x

ସଂଧ୍ୟା ହେବାକୁ ତଥାପି ଅନେକ ଡେରିଥାଏ । କିନ୍ତୁ ପଶ୍ଚିମ ଆକାଶରେ ସୂର୍ଯ୍ୟ ତାର ରଙ୍ଗ ବଦଳେଇ ସାରିଲାଣି, ଏବେ ଆଉ ସେ ତେଜ ନାହିଁ, ସେଇ ନାରଙ୍ଗୀ ସୂର୍ଯ୍ୟରେ । ଆକାଶଟା ବି ବିଦାୟୀ ସୂର୍ଯ୍ୟର ରଙ୍ଗରେ ନାଲିଆ ହୋଇ ସାରିଲାଣି, ତା ସହିତ ସମୁଦ୍ରର ଢେଉ ସୂର୍ଯ୍ୟର ନାଲିଆ ରଙ୍ଗକୁ ସମୁଦ୍ର ପାଣିରେ ଯେମିତି ଫେଣ୍ଟି ଚାଲିଥିଲେ । ନୀଳ ସମୁଦ୍ରରେ ନାଲିଆ ନାଲିଆ ଢେଉ ସବୁ କୁଳରେ ପିଟିହୋଇ ପୁଣି ଫେରି ଯାଉ ଥାଆନ୍ତି । ଆକାଶରେ ଘର ବାହୁଡା ପକ୍ଷୀ ସବୁ ବିଚିତ୍ର ଡିଜାଇନ୍ ତିଆରି କରି, ତାଙ୍କର ଲିଡର ପଛରେ 'ଭି'ସେପ୍ ରେ ଉଡି ଯାଉ ଥାଆନ୍ତି । ସବୁ କିଛି ମିଶି, ଏକ ରୋମାଣ୍ଟିକ୍ ପରିବେଶର ସରଞ୍ଜନା ହୋଇ ସାରିଥାଏ ।

ସମୁଦ୍ରର ଲୁଣମିଶା ପବନରେ ସତେ ଯେମିତି ପ୍ରେମର ନିଶା ଫେଣ୍ଟି ହୋଇ ବୋହି ଆସୁଛି । ହେଲେ ଏ ପ୍ରେମର ମହକ, ପାଣି ଠାରୁ ଟିକିଏ ଦୂରରେ ବସିଥିବା ଦୁଇଟି ପ୍ରାଣୀଙ୍କ ମନରେ କିଛି ପ୍ରେମ ସଞ୍ଚାର କରି ପାରିବ, କି ନାହିଁ, ବଡ ସନ୍ଦେହ ହେଉଥିଲା । ମୁମ୍ବାଇ ବିଚ୍ ର ଏଇ ରୋମାଣ୍ଟିକ ପବନ ହୁଏତ ତାର ଚେଷ୍ଟା ତଥାପି ଜାରି ରଖିଥିଲା ।

ନିରବତା ଭାଙ୍ଗି କୃଷ୍ଣା କହିଲା, ସବୁ ଦିନ ସେଇ ଗୋଟାଏ କାମ, ଅଫିସ ଯାଅ, ଦିନ ସାରା କି'ବୋର୍ଡ ସାମ୍ନାରେ ବସି ପ୍ରୋଗ୍ରାମ କୋଡିଙ୍ଗ କର, ସଫ୍ଟୱ୍ୟାର ଡେଭେଲପ କର, ସଂଧ୍ୟାରେ ଥକି ହାରି ଅଫିସରୁ ହଷ୍ଟେଲକୁ ଫେର, କଣ ଟିକେ ଖାଇଦେଇ ଶୋଇପଡ । ସକାଳୁ ଉଠିଲେ ପୁଣି ସେଇ ଏକା ରୁଟିନରେ ବନ୍ଧା ଜୀବନ । ଜୀବନଟା ସତେ ଆଉ ଜୀବନ ପରି ଲାଗୁନି । ଲାଗୁଛି ଯେମିତି କିଏ ଆମ ଭିତରେ କିଛି ପ୍ରୋଗ୍ରାମିଂ କରି ଦେଇଛି, ଏବଂ ଆମ ଜୀବନର ହାର୍ଡଡିସ୍କରେ ଗୋଟାଏ ସଫ୍ଟଓ୍ୱାର ଡାଉନଲୋଡ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କରି ଦେଇଛି । ଆଉ ସେଇ ଗୋଟିଏ ସଫ୍ଟୱେୟାରରେ ବନ୍ଧା ହୋଇଯାଇଛି ଆମ ଜୀବନ । ସଫ୍ଟୱେୟାର ପରି କିବୋର୍ଡର ବଟନ' ଦବେଇ ଦେଲେ ଏଇ ଜୀବନ୍ତ ରୋବଟ୍ ପରି ଆମେ କାମରେ ଲାଗି ଯାଉଛେ ।

ରୋବଟ୍ ଆଉ ଆମ ଭିତରେ କଣ ଫରକ ରହିଗଲା କହିଲୁ ? ସେ ତା'ର ପ୍ରୋଗ୍ରାମ ଅନୁସାରେ ଚାଲୁଛି, ଆଉ ଆମେ, ଆମ ଭିତରେ ଯୋଉ ସଫ୍ଟୱେୟାର ଲୋଡ ହୋଇଛି, ସେ ଯେମିତି ନଚଉଛି ଆମେ ଠିକ୍ ସେମିତି ନାଚି ଚାଲିଛେ । ଗୋଟିଏ ରୁଟିନରେ କାମ କରି ଚାଲିଛେ । ଫରକ୍ ଖାଲି ଏତିକି ରୋବଟ କାମ କରି କରି ଥକି ଯାଉନି, କି ବୋର ହେଉନି । କିନ୍ତୁ ଆମେ ଥକି ବି ଯାଉଛେ, ବୋର ବି ହୋଇ ଯାଉଛେ । ରୋବଟ ବିଜୁଳି ଖାଉଛି, ଆଉ ଆମେ, ଭାତ ଅବା ରୁଟି ।

ଜୀବନଟା ସତରେ ବଡ ବୋରିଂ ହୋଇ ଗଲାଣି ଅକାଶ ! ମନ କିଛି ନୁଆ ଚାହୁଁଛି, କିଛି ଚେଞ୍ଜ ଚାହୁଁଛି । ମନ ହେଉଛି, ପକ୍ଷୀଟିଏ ହୋଇ ଯାଆନ୍ତି କି ଏଇନେ । ଚଢେଇଟେ ପରି ମୋର ଦି'ଟା ଡେଣା ଲାଗି ଯାଆନ୍ତା ! ଏଇ ସାଙ୍ଗ ସାଙ୍ଗେ ଏଇଠୁ ଉଡି ଯାଆନ୍ତି, ଅନନ୍ତ ଗଗନରେ । ଆକାଶର ଖୋଲା ଅଗଣାରେ ଉଡି ବୁଲନ୍ତି, ଏ ମୁଣ୍ଡରୁ ସେ ମୁଣ୍ଡ ଯାଏ, ଯେତେ ବାଟ ଆଖି ପହଞ୍ଚି ପାରୁଛି ସେ ପର୍ଯ୍ୟନ୍ତ । ନଦୀ, ନାଳ ଜଙ୍ଗଲ ପାହାଡ ସମୁଦ୍ର ସବୁରି ଉପର ଦେଇ, ମୋର ଛୋଟ ଛୋଟ ଡେଣା ଝାଡି, ଉଡି ବୁଲନ୍ତି । କେବେ ସୂର୍ଯ୍ୟର ଟାଣ ଖରାରେ, କେବେ ଜହ୍ନର ମିଠା ମିଠା ଜୋଛ୍ନାରେ ଉଡିବାର ଅନନ୍ଦ ନିଅନ୍ତି । ଶିତଳ ପବନର ପ୍ରତିରୋଧକୁ କାଟି, ଆଡି ତେରେଛା ଡେଣା ବୁଲାଇ ନିଜର ସାମର୍ଥ୍ୟ ଦେଖେଇ ଦିଅନ୍ତି । ଗଳା ଫଠାଇ ଚିହ୍ନାର କରନ୍ତି, କେବେ ମିଠା ସ୍ୱରରେ ଗୀତ ଗାଇ ସମସ୍ତଙ୍କୁ ଶୁଣାନ୍ତି । ଆଉ ଯେବେ ଥକି ଯାଆନ୍ତି, ସେତେବେଳେ କେଉଁ ଏକ ଗଛ ଡାଳରେ ଛୋଟିଆ ନୀଡଟିଏ ତିଆରି କରି ଆରାମରେ ଶୋଇ ଯାଆନ୍ତି, ନିଶ୍ଚିନ୍ତ ହୋଇ । କେହି ଉଠାନ୍ତାନି ମୋତେ, ନା' ଆଲାର୍ମ ଘଡି, ନା' ମୋବାଇଲର ରିଙ୍ଗ ଟୋନ୍ । ତୋର କଣ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେମିତି କେବେ ମନ ହୁଏନି ଆକାଶ ? ଏତିକି କହି କୃଷ୍ଣା ଆକାଶର ମୁହଁକୁ ଉତ୍ତର ଶୁଣିବା ଅପେକ୍ଷାରେ ଚାହିଁ ରହିଲା ।

ଆକାଶ ଛୋଟିଆ ହୁଁ ଟିଏ କହି, କୃଷ୍ଣାର ମୁହଁକୁ ସେମିତି ଅନେଇ ରହିଥାଏ, ଯେପରି ସେ କେଉଁ ଅଜଣା ସ୍ୱପ୍ନ ରାଇଜରେ ହଜି ଯାଇଛି । କୃଷ୍ଣାର ଆଖିରେ ଏବେ ବି ଖୁସିର ଏକ ଚମକ ଦିଶି ଯାଉଥାଏ । ସତେ ଯେପରି ସେ ସତ ସତକା ଛୋଟ ଏକ ଚଢେଇର ଡେଣା ନେଇ, ସେ ଏବେ ଏବେ ଅନନ୍ତ ଅନ୍ତରୀକ୍ଷର ଭ୍ରମଣ କରି ଫେରି ଆସିଛି । ତା ଓଠରେ ଏବେ ବି ସେଇ ତୃପ୍ତିର ହସ ଟିକକ ଲାଖି ରହିଥିଲା । ଆକାଶ ନିର୍ନିମେଶ ନୟନରେ କୃଷ୍ଣାର ମୁହଁକୁ ଚାହିଁ ରହିଥାଏ, ଉଭୟ ନିର୍ବାକ, ଜଣେ ଆଉ ଜଣକୁ କେବଳ ସେମିତି ଚାହିଁରହି ଥାଆନ୍ତି । ହଠାତ୍ ଆକାଶକୁ କହୁଣି ମାରି କୃଷ୍ଣା ତାର ସ୍ୱପ୍ନାବିଷ୍ଟ ମନକୁ ଜଗେଇ ଦେଲା ।

କହିଲା, ଏଇ ଆକାଶ, କଣ ଦେଖୁଛୁ ? ମୁଁ କିଛି ପଚାରିଲି ପରା । ଆକାଶ ଟିକିଏ ପ୍ରକୃତିସ୍ଥ ହୋଇ, ହସି ହସି କହିଲା, ପରାଚିଲୁ କେତେବେଳେ, ତୁ ତ ମୋତେ କୋଉ ଗୋଟେ ମଲ୍ଟିପ୍ଲେକ୍ସରେ ପୁରା ତିନି ଘଣ୍ଟାର ରଙ୍ଗୀନ ଫିଲ୍ମଟିଏ ଦେଖେଇ ଦେଲୁ ! ମୁଁ ବି ତୋ ସାଙ୍ଗରେ ସେଇ ସୁନୀଳ ଗଗନରେ ତୋ ପଛେ ପଛେ ଉଡୁଥିଲି ଯେମିତି, ଆଉ ସବୁ ଦୃଶ୍ୟର ମଜା ବି ନେଉଥିଲି । ତୁ ବୋଧେ ମୋତେ ନୋଟିସ କରିନୁ, ମୁଁ କିନ୍ତୁ ତୋ ସାଙ୍ଗରେ ଉଡୁଥିଲି ପରା ! କୃଷ୍ଣା ମିଛ ମିଛକା ରାଗ ଦେଖିଇ କହିଲା, ଧେତ୍, ଏ ମଜାକ୍ ଛାଡ୍, ଆରେ ମୁଁ କହୁଥିଲି ଏଇ ରୁଟିନ ବନ୍ଧା ଜୀବନରୁ ମୁଁ ପୁରା ପୁରି ବୋର ହୋଇ ସାରିଲିଣି । ତୁ ବି କଣ ବୋର ଫିଲ୍ କରୁନୁ ?

ଆକାଶ ଟିକେ ଚୁପରହି କହିଲା, ଠିକ୍ କହୁଛୁ । ଜୀବନଟା ସତରେ ଗୋଟିଏ ରୋବଟ ପରି ହୋଇଗଲାଣି, ସତରେ ଲାଇଫ୍ ଏବେ ବହୁତ ବୋର ଲାଗୁଛି । ହେଲେ କାମ ତ କରିବାକୁ ପଡିବ । ତୁ ଗୋଟେ କାମ କର, କିଛି ଦିନ ଛୁଟି ନେଇ ଭାକେସନରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଚାଲି ଯା, ଦଶ ପନ୍ଦର ଦିନ କୁଆଡେ ବୁଲାବୁଲି କରି ଆସିଲେ ମନ ପୁଣି ଫ୍ରେସ ହୋଇଯିବ । ପୁଣି କିଛିଦିନ ପାଇଁ ଜୀବନ ଆଉ ଥରେ ନୁଆ ରିଚାର୍ଯ ହେଲା ପରି ଲାଗିବ ।

: କୁଆଡେ ଯିବି ? କୃଷ୍ଣା ପଚାରିଲା ।

ଆକାଶ କହିଲା କୁଆଡେ ବି, କିଛି ନହେଲେ ଗାଆଁକୁ ଚାଲିଯା, ବାପା ବୋଉ, ଭାଇ ଭାଉଜଙ୍କ ସାଥିରେ କିଛି ଦିନ ଛୁଟି କଟେଇ ଆସିବୁ, ପାଣି ପବନ ଚେଞ୍ଜ ହୋଇଯିବ, ରେଷ୍ଟ ବି ମିଳିଯିବ । ବହୁତ ଦିନ ହେବ ଗାଆଁକୁ ଯାଇନୁ, ତୋତେ ଦେଖିଲେ ସେମାନେ ବହୁତ ଖୁସି ହୋଇଯିବେ, ଆଉ ତୋତେ ବି ଭଲ ଲାଗିବ । ନହେଲେ ଆଉ ଗୋଟେ କାମ କର, ସିମଲା କି ନୈନତାଲ, ଆରେ ହଁ, ସିକିମ୍, ଏଇ ଖରାଦିନ ପାଇଁ ବେଷ୍ଟ ଡେଷ୍ଟିନେସନ । ସେଠାରେ ପାହାଡ ଜଙ୍ଗଲ ଘାଟି, ନଈ ନାଳ ଆଉ ଥଣ୍ଡା ଥଣ୍ଡା ପବନରେ ତୋତେ ତୋ ଚଢେଇର ଏକ୍ସପେରିଏନ୍ସଟା ନିଶ୍ଚୟ ମିଳିଯିବ, କିନ୍ତୁ ତୋତେ ସମୁଦ୍ର ମିଳିବନି ସେପଟ । ଫେରିଲେ ଏଇଠି ଆଉ ଥରେ ସମୁଦ୍ରକୁ ଦେଖିନେବୁ, ତୋର ଚଢେଇ ଭ୍ରମଣଟା ପୁରା ହୋଇଯିବ । ଏଥର କିନ୍ତୁ କୃଷ୍ଣା ସତରେ ହସିଦେଲା ।

କୃଷ୍ଣା ପଚାରିଲା, ବୁଲିବାକୁ କଣ ଏକୁଟିଆ ଯିବି ? ଏକୁଟିଆ ବୁଲିବା ବଡ ବୋରିଂ ଲାଗିବ, ନୁହେଁ ?

ଆରେ, ତୋତେ ଏକୁଟିଆ ଯିବାକୁ କିଏ କହୁଛି, ତୁ ତୋର କିଛି ସାଙ୍ଗଙ୍କୁ ଏଇ ପ୍ରୋପୋଜାଲ ଦେ, ମୋତେ ଲାଗୁଛି ଏତେ ସୁନ୍ଦର ପ୍ରୋପଜାଲ ଶୁଣି, ଦୁଇ ଚାରି ଜଣ ସାଙ୍ଗ ନିଶ୍ଚୟ ଖୁସି ଖୁସି ତୋ ପ୍ରସ୍ତାବ ଆକସେପ୍ଟ କରିନେବେ । ଯଦି କେହି ନ ମିଳିବେ, ତେବେ, ମୋର ବି ମନ ହେଉଛି କୁଆଡେ ଯାଇ ଘେରାଏ ବୁଲି ଆସିବା ପାଇଁ । ତୋର ଯଦି କିଛି ଆପତ୍ତି ନଥାଏ, ତୁ ଆଉ ମୁଁ ଆମେ ସାଙ୍ଗ ହୋଇ ବୁଲି ଆସିବା ।

: କୃଷ୍ଣା ବଡ ଆଶ୍ଚର୍ଯ୍ୟ ହୋଇ ପଚାରିଲା, ତୋ ସାଙ୍ଗରେ ? ତୁ ମୋ ସାଙ୍ଗରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବୁଲିବାକୁ ଯିବୁ ?

କାହିଁକି ମୋ ସାଙ୍ଗରେ ଗଲେ କଣ ଅସୁବିଧା ଅଛି ? ମୋ ସାଙ୍ଗରେ ବୁଲିଯିବାକୁ ତୋତେ କଣ ଡର ଲାଗୁଛି ? ମୁଁ ଏତେ ଖରାପ ପିଲା ତ ନୁହେଁ ? ମୋ ନାଆ ଶୁଣି ଚମକି ପଡିଲୁ ଯେ ?

କୃଷ୍ଣା ଟିକେ ଲାଜେଇ ଗଲା, କହିଲା ନା' ଚମକୁନି ଯେ, ଆଶ୍ଚର୍ଯ୍ୟ ଲାଗୁଛି, ତୁ ମୋ ସାଙ୍ଗରେ ଭାକେସନରେ ଯିବାକୁ ଚାହୁଁଛୁ ବୋଲି ଶୁଣି ।

ଆକାଶ କହିଲା ଆରେ, ତୁ' ତ ବଡ ଅଜବ ଝିଅଟେ, ମୋତେ ବନ୍ଧୁ ବୋଲି କହୁଛୁ । ଆଉ ଭାକେସନର ଯିବାକୁ କଣ କହିଦେଲି ଯେ ତୁ ଆଶ୍ଚର୍ଯ୍ୟ ହୋଇ ଯାଉଛୁ ! ଆମର ବନ୍ଧୁତା ଆଜିର ତ ନୁହେଁ, କେତେ ପୁରୁଣା, ୟୁନିଭରସିଟି ଦିନରୁ ଏ ଫ୍ରେଣ୍ଡସିପ୍, ଏକା କ୍ଲାସରେ ଆମେ ପଢୁଥିଲେ । ଏଇଟା ଅଲଗା କଥା ଯେ, ଏବେ ମୁମ୍ବାଇ ଆସିଲା ପରେ ଏ ବନ୍ଧୁତା ଆଉ ଟିକିଏ ଘନିଷ୍ଟ ହୋଇ ଯାଇଛି ।

ଆକାଶର କଥା କାଟି କୃଷ୍ଣା କହିଲା, ଆରେ ନାହିଁ, ତୁ ଖରାପ ପିଲା ବୋଲି କହୁନି । ତୁ ମୋ କଥା ବୁଝି ପାରୁନୁ, ମୋ କହିବା କଥା ହେଲା, କୃଷ୍ଣା ଟିକିଏ ଅଟକି ଯାଇ କହିଲା, ଆଜି କାଲିକା ଲୋକେ ଖରାପ । ତୋ ସାଙ୍ଗରେ ବୁଲିବାକୁ ଗଲେ, ଲୋକେ ମୋତେ ତୋର ଗାର୍ଲଫ୍ରେଣ୍ଡ, ଆଉ ତୋତେ ମୋର ବୟଫ୍ରେଣ୍ଟ ବୋଲି ଭାବିନେବେ ।

ଆକାଶ ନିଜର ହସ ଅଟକେଇ ପାରିଲାନି, ହୋ ହୋ ହୋଇ ହସି ଉଠିଲା, କହିଲା କଣ ହୋଇଗଲା ସେଇଠୁ, ଲୋକଙ୍କୁ ଯାହା ଭାବିବାକୁ ମନହେବ ସେ ଭାବିବେ । ଆମେ କିଏ ସେମାନଙ୍କ ଭାବନା ଉପରେ ସେନସର କମିଟି ବସେଇବାକୁ ? ଆରେ ଲୋକେ କଣ ଭାବିବେ, ନଭାବିବେ ସେ କଥାକୁ ମାର ଗୋଲି । ତୁ ଲୋକଙ୍କୁ ମିଛ ଅନ୍ଦାଜ ଲଗାଇ କିଛି ରୋମାଣ୍ଟିକ୍ ଭାବିବାକୁ ମଉକା କାହିଁକି ଦେଉଛୁ, ତୁ ସତ ସତ ମୋର ଗାର୍ଲ ଫ୍ରେଣ୍ଟ ହୋଇ ଯାଉନୁ ? ଲୋକଙ୍କୁ କିଛି ଭାବିବାକୁ ମଉକା ବି ମିଳିବନି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଏଥର କିନ୍ତୁ କୃଷ୍ଣା ଖୁବ୍ ଯୋରରେ ହସି ଉଠିଲା, କହିଲା ମୁଁ ତୋର ଗାର୍ଲ ଫ୍ରେଣ୍ଡ ହୋଇଗଲେ ବୋଧହୁଏ ଦୁନିଆର ଅଧା ଝିଅ ଅକାରଣ ସୁଇସାଇଡ କରିଦେବେ, ଆଉ ଅଧା ପୁଅ ସେନ୍ସଲେସ ହୋଇଯିବେ । ଆକାଶ ପଚାରିଲା କାହିଁକି ? ତୋତେ ଏପରି କାହିଁକି ଲାଗୁଛି ? କୃଷ୍ଣା କହିଲା, ଏମିତି କେବଳ ମୋତେ ଲାଗୁନି, ଏଇଟା ମୋର ବିଶ୍ୱାସ । ତୁ ଜାଣିଛୁ, ମୁଁ ଆଇନାରେ ମୋ ନିଜ ମୁହଁକୁ ସବୁ ଦିନ ସକାଳ ସଞ୍ଜରେ ଦେଖୁଛି, ଥରେ ନୁହେଁ, ଅନେକ ଥର । ଅଫିସରେ ଫ୍ରେସରୁମ ଗଲେ ସବୁବେଳେ ଥରେ ଦୁଇ ଥର ନୁହେଁ, ନିଜ ମୁହଁକୁ ମୁଁ ବାରମ୍ବାର ଦେଖୁଛି । ମୁଁ ଜାଣେ, କେମିତି ଦିଶେ ମୋ ମୁହଁ, ସବୁବେଳେ ସତ କହୁଥିବା ସେ ଆଇନାରେ । ଏଇ ତ ବଡମ୍ବନା, ସୁନାର ଫ୍ରେମରେ ଦର୍ପଣକୁ ଫ୍ରେମିଙ୍ଗ କରି ଦେଲେ ବି ସେ କେବେ ବି ସତ କହିବା ଛାଡି ଦେବନି । ଦର୍ପଣରେ ପ୍ରତିଥର, ମୋତେ ମୋ ରୂପରେ କାଳିକା ମାତାଙ୍କ ଅବତାର ଦିଶି ଯାଆନ୍ତି ।

ଜନ୍ମ ବେଳେ ମୋ ଦେହର କଳା ରଙ୍ଗ ଦେଖି, ବଡ ଶରଧାରେ ବାପା ମୋ ନାଆ ରଖି ଥିଲେ କୃଷ୍ଣା । ଆଉ ତୁ, ଗୋରା ଚିକିଟା ପିଲାଟେ, ହିନ୍ଦି ଫିଲ୍ମର ହିରୋଟେ ପରି ତୋର ଚେହେରା । ତୁ ଚୁଟୁକି ବଜେଇ ଦେଲେ, ସହରର ଶହେଟା ସୁନ୍ଦରୀ ତୋ ଚାରି ପାଖରେ ଚକ୍କର କାଟିବେ । ଆଉ ମୁଁ ଯଦି କାହାକୁ ଭୁଲରେ ଆଖି ମାରିଦେବି ନା, ସେ ଟୋକା ସେଇଠି ବେହୋସ ହୋଇଯିବ, ନହେଲେ ତା ପିଚାରେ ନାଲି ଲଙ୍କାଗୁଣ୍ଡ ଲାଗିଲା ପରି ସେଇଠୁ ଉଠି, ସେ ଡବଲ୍ ସ୍ପିଡରେ ଦଉଡି ପଳେଇବ । ତୋର ମୋର ଜୋଡି, ଚାନ୍ଦ ଆଉ ଚନ୍ଦରକାଣୀ ପରି ଦିଶିବ, କହି କୃଷ୍ଣା ଖୁବ୍ ଜୋରରେ ହସି ଉଠିଲା, ସେ ହସରେ କୃଷ୍ଣାର ହସ କମ୍ ଆଉ କାନ୍ଦ ବେଶି ଶୁଣା ଯାଉଥିଲା । ହସ ବନ୍ଦ କରି କୃଷ୍ଣା କହିଲା, ଛାଡ ସେକଥା, ଆଉ କିଛି ନୁଆକଥା କହ ।

ଆକାଶ କିଛି ସମୟ କୃଷ୍ଣାର ମୁହଁକୁ ଚାହିଁ ରହିଲା, ତା ମୁହଁ ଉପରେ ନିରାଶର ଏକ କଳା ବାଦଲ ତାକୁ ସ୍ପଷ୍ଟ ଦେଖା ଯାଉଥିଲା, ସେ ପୁଣି କହିଲା, ତୋର ମନେ ଅଛି କୃଷ୍ଣା,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆମ ଓଡିଆରେ ସମସ୍ତେ ଗୋଟିଏ ଢଗ କହନ୍ତି, ପିଲା ଦିନେ ବହୁତ ଥର ଶୁଣିଛି ।

କେଉଁ ଢଗ କଥା କହୁଛୁ ତୁ ? କୃଷ୍ଣା ଉତ୍ସୁକତାର ସହିତ ପ୍ରଶ୍ନକଲା ।

ଆକାଶ କହିଲା ଢଗଟି ହେଲା 'ଯିଏ ଯାହାକୁ ରସିଲା, ସିଏ ତାହାକୁ କିଆ ଫୁଲ ପରି ବାସିଲା' । ଆକାଶର ଉତ୍ତର ଶୁଣି କୃଷ୍ଣା ଖୁବ୍ ଯୋରରେ ହସି ଉଠିଲା ।

ନିଜର ହସକୁ ବହୁତ କଷ୍ଟରେ ବନ୍ଦକରି କହିଲା, ତା ମାନେ ତୁ କହୁଛୁ, ମୁଁ ତୋତେ କିଆ ଫୁଲ ପରି ବାସୁଛି ?

କୃଷ୍ଣା ମୁହଁର କଥା ଛଡାଇ ନେଇ ଆକାଶ କହିଲା 'ଯଦି ମୁଁ କହେ ହଁ, ତୁ ମୋତେ, କିଆ ଫୁଲ, ଗୋଲାପ, ମଲ୍ଲୀ, ହେନା ସବୁ ଫୁଲ ପରି ବାସୁଛୁ ବୋଲି, ତୁ କଣ ବିଶ୍ୱାସ କରିବୁ ?'

କୃଷ୍ଣା ତାଚ୍ଛଲ୍ୟ ଭରା ସ୍ୱରରେ ଖୁବ୍ ଜୋରରେ ହୋ ହୋ ହୋଇ ହସି ଉଠିଲା, ଟିକେ ଦମ୍ ନେଇ କହିଲା, ହେଃ, ଟିକେ ରହି ଯା ଆକାଶ, ହାଙ୍ଗା ଆନେ ଦେ । ବୁଝିଲୁ ଆକାଶ, ଜୋକ୍ କରିବାର ଗୋଟାଏ ଲିମିଟ୍ ଥାଏ, ଆଉ ତୋର ଏଇ ଜୋକ୍ ଟା ନା, ଗୋଟାଏ ବହୁତ ବଡ ଜୋକ ହୋଇ ଯାଉଛି । ମୋତେ ପ୍ରେମ କରିବାକୁ କେହି ପସନ୍ଦ କରୁଥିବ ଏକଥା ମୁଁ କେବେ ସ୍ୱପ୍ନରେ ବି କଳ୍ପନା କରିନି । ଏଇଟା ବଡ ଅସମ୍ଭବ କଥା । ଯଦି ଏପରି କେବେ କିଛି ହୁଏ, ତେବେ ସେଇଟା ବୋଧେ ସଂସାରର ଅଷ୍ଟମ ଆଶ୍ଚର୍ଯ୍ୟ ହେବ । ବଡ ନିରାଶ ହୋଇ କୃଷ୍ଣା ଏତକ କହି ତାର ମୁହଁ ବୁଲେଇ ନେଲା ।

ଦେଖ୍ କୃଷ୍ଣା ମୁଁ ଜୋକ ମାରିବା ମୁଡରେ ମୋଟେ ନାହିଁ, କିମ୍ବା ଏଇଟା କିଛି ଜୋକ ନୁହେଁ, ମୁଁ ପୁରା ସିରିୟସ ହୋଇ କହୁଛି, ରିଏଲି ଆଇ ଆମ ଭେରି ସିରିୟସ । ଆକାଶ କୃଷ୍ଣାର ଆଖିରେ ଆଖି ମିଶେଇ କହିଲା ।

ରିଏଲି ? ଆର ୟୁ ? ? ? କୃଷ୍ଣା ଅବିଶ୍ୱାସ ଭରା ସ୍ୱରରେ ପଚାରିଲା ।

ୟେସ, ୟେସ, ଆଇ ଏମ । ବଡ ବିଶ୍ୱାସର ସାଥିରେ ଦୃଢତାର ସହିତ ଜବାବ୍

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦେଲା ଆକାଶ, କହିଲା, ମୋର ଏ ପ୍ରେମ ଆଜିର ନୁହେଁ, ବହୁତ ପୁରୁଣା ମୋ ପ୍ରେମ । ତୋର ମନେ ଅଛି ଆମର ସେଇ ୟୁନିଭରସିଟିର ଦିନ ଗୁଡିକର କଥା ? ଆକାଶ ପଚାରିଲା ।

ହଁ, ମୋର ସବୁ କିଛି ମନେ ଅଛି ଆକାଶ । ବିଶେଷ କରି ତୋର ସବୁ କଥା । କଲେଜରେ କିଏ ଜାଣି ନଥିଲା ତୋତେ, କିଏ ଜାଣି ନଥିଲା ୟୁନିଭରସିଟିର ଅଧା ଝିଅ ତୋରି ପଛରେ ପଡିଥିଲେ ବୋଲି ? ତୋ ସହିତ ପଦିଏ କଥା ହେବାକୁ ମଉକା ଖୋଜୁଥିଲେ ସମସ୍ତେ, ତୋ ପାଖରେ ବସିବାକୁ ଯେପରି କମ୍ପିଟେସନ ଚାଲିଥିଲା ସେମାନଙ୍କ ଭିତରେ । ତୁ କ୍ଲାସ ଭିତରକୁ ଆସୁ ଆସୁ ଝିଅମାନେ କିପରି ନିଜ ପାଖରେ ତୋପାଇଁ ସିଟ୍ ରିଜର୍ଭ ରଖୁଥିଲେ । ତୋତେ ହାତ ଠାରି ଡାକନ୍ତି , ହେଲେ ତୁ ସିଧା ଆସି ମୋ ପାଖ ସିଟରେ ବସି ଯାଉ । ମୋ ପାଖରେ କେହି ବସିବାକୁ ପସନ୍ଦ କରନ୍ତିନି, ତେଣୁ ପ୍ରାୟ ସମୟ ମୋ ପାଖ ସିଟ୍ ଟା ସବୁ ବେଳେ ଖାଲିଥାଏ ।

ଆକାଶ ଛୋଟିଆ ହୁଁ ଟାଏ କହି ଟିକିଏ ରହିଗଲା, ତାପରେ କହିଲା, ତୁ ଏକୁଟିଆ ବସି କାଳେ ଡାଉନ ଫିଲ କରୁଥିବୁ ଏବଂ ତୋତେ କମ୍ଫର୍ଟ ଦେବାପାଇଁ ମୁଁ ତୋ ପାଖରେ ବସୁ ନଥିଲି, ବରଂ ତୋ ପାଖରେ ବସି ମୋତେ ଏକ ଅପୂର୍ବ ଆନନ୍ଦର ଅନୁଭବ ହେଉଥିଲା, ଜାଣିଛୁ ତୋ ସହିତ ପଦିଏ କଥା ହେବାକୁ ତୋ ସହିତ କିଛି ସମୟ ବିତେଇବାକୁ ମୋତେ କେତେ କଷ୍ଟ କରିବାକୁ ପଡୁଥିଲା ? କେତେ ବାହାନା ଖୋଜିବାକୁ ପଡୁଥିଲା ! ଆଉ ଯେତେ ବେଳେ କିଛି ସୁଯୋଗ ମିଳିଯାଏ ମୁଁ ତୁରନ୍ତ ତୋ ପାଖକୁ ଚାଲି ଆସୁଥିଲି । ତୋ ସହିତ ବିତେଇ ଥିବା ପ୍ରତିଟି ମୁହୂର୍ତ୍ତ ମୋ ପାଇଁ ସବୁ ଠାରୁ ମୂଲ୍ୟବାନ ଥିଲା, ଆଜି ବି ସେ ସବୁ ମୋ ସ୍ମୃତିରେ ସେମିତି ତାଜା ହୋଇ ରହିଛି ।

ତୋର ମନେ ଅଛି, ଚିଲିକା ପିକନିକ୍ କଥା ? ନୁଆବର୍ଷ ପାଇଁ ଆମ କ୍ଲାସର ସବୁ ପିଲା ଯାଇଥିଲେ କାଳିଯାଇ । ତୁ ଭଲ ଗୀତ ବୋଲୁ ବୋଲି ସମସ୍ତଙ୍କୁ ଜଣାଥିଲା । ମୁଁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗାଇ ସାରିବା ପରେ ଗୀତଟିଏ ଗାଇବା ପାଇଁ ସମସ୍ତେ ତୋ ପଛରେ ପଡିଯାଇ ଥିଲେ । ଶେଷରେ ତୁ ଗାଇ ଥିଲୁ ଫରିଦା ଖାତୁନଙ୍କର ସେଇ ଫେମସ ଗଜଲଟା "ଆଜ୍ ଜାନେ କି ଜିଦି ନା କରୋ, ୟୁହିଁ ପେହେଲୁ ମେ ବୈଠେ ରହୋ" କେତେ ସୁନ୍ଦର ଶୁଭୁଥିଲା ସେ ଗୀତଟି ତୋ କଣ୍ଠରେ, ମୁଁ ଆଖି ବନ୍ଦକରି ସେ ଗୀତ ଭିତରେ ହଜି ଯାଇଥିଲି, ଭାବୁଥିଲି ସେ ଗୀତଟି ତୁ ମୋରି ପାଇଁ ଗାଉଥିଲୁ ବୋଲି ! ଖୁବ୍ ପ୍ରେମଭରା ମିନତି ଭରି ରହିଥିଲା ସେ ଗୀତଟିରେ । ଆଜି ବି ଅନେକ ସମୟରେ ମୋ କାନରେ ଶୁଭିଯାଏ ତୋ କଣ୍ଠରେ ସେ ଗୀତଟି । ମୋ ମୋବାଇଲରେ ଏବେ ବି ଅଛି ଅରିଜିନାଲ ଗିତଟା, କିନ୍ତୁ ଶୁଣିବାକୁ ମୋର ମନ ହୁଏନା । କାହିଁକି ଜାଣୁ ? ମୋର ମନେହୁଏ ତୋ କଣ୍ଠରେ ସେ ଗୀତଟା ଯେତେ ମଧୂର ଶୁଣା ଯାଉଥିଲା ହୁଏତ ଅରିଜିନାଲ ଗୀତରେ ସେ ଆପଣା-ପଣ ମୋତେ ମିଳିବନି ।

ହଠାତ୍ କୃଷ୍ଣା ଆକାଶର କଥା ମଝିରେ କହିଲା, ହଁ ମୋର ମନେ ଅଛି ସେ ଦିନର ଘଟଣା, ମୁଁ ଗୀତଗାଇ ସାରିଲା ପରେ ସୁଦେଷ୍ଣା କମେଣ୍ଟ କରି କହିଥିଲା, ଆମ ପାଖରେ ସତରେ ଗୋଟିଏ କୋଇଲି ଅଛି । ରଙ୍ଗରେ ଯେମିତି, କଣ୍ଠଟା ବି ସେମିତି କୋକିଳ କଣ୍ଠ । ତା କଥା ଶୁଣି ତୁ ବହୁତ ଚିଡି ଯାଇଥିଲୁ ତା ଉପରେ, ବହୁତ ଗାଳି କରିଥିଲୁ ତାକୁ ଏବଂ ମୋ ପାଖରୁ କ୍ଷମା ମାଗିବା ପାଇଁ ତାକୁ ବାଧ୍ୟ କରିଥିଲୁ, ସମସ୍ତେ ପ୍ରେସର ପକାଇବା ପରେ ସେ ସରି କହିଥିଲା । ଏସବୁ ପରେ ମୋ ମନରେ ତୋ ପ୍ରତି ବହୁତ ସମ୍ମାନ ବଢି ଯାଇଥିଲା, ମୋ ପ୍ରେମ ତୋ ପାଇଁ ଦୁଇଗୁଣା ହୋଇ ଯାଇଥିଲା । କୃଷ୍ଣା ଟିକିଏ ରହିଯାଇ ଆକାଶକୁ ପ୍ରଶ୍ନ କଲା, ଆକାଶ, ତୋତେ ଗୋଟିଏ କଥା ପଚିରିବି, ଖରାପ ଭାବିବୁନି ତ ? ଆକାଶ କେବଳ ମୁଣ୍ଡ ହଲାଇ ନାହିଁ କଲା । କୃଷ୍ଣା କିଛି ସମୟ ଆକାଶର ନିର୍ଲିପ୍ତ ମୁହଁକୁ ନିରେଖି ଦେଖିଲା, ତାପରେ ପଚାରିଲା, ଆକାଶ, ତୁ ମୋତେ କାହିଁକି ଭଲପାଉ ? ତୋର ମୋ ପାଇଁ ଏ ପ୍ରେମ, ମୋତେ ଦୟା ଦେଖାଇ ନୁହେଁ ତ ?

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମୋର ଏଇ କଳା ରୂପ ଭିତରେ ତୁ ଏମିତି କଣ ଦେଖିନେଲୁ ଯେ, ତୁ ମୋ ପ୍ରେମରେ ପଡିଗଲୁ ?

ଆକାଶ ତଥାପି ନିରବ ଥିଲା, ସତେ ଯେପରି ତାର ଆଖି ସମୁଦ୍ରର ଶେଷ ପର୍ଯ୍ୟନ୍ତ ଦେଖୁଥିଲା, ଯେଉଁଠି ଆକାଶ ଆଉ ସମୁଦ୍ର ଏକ ହୋଇ ଯାଇଛନ୍ତି । ସୂର୍ଯ୍ୟ ତେବେ ବି ସେଇଠି ସେମିତି ଝୁଲିବା ଅବସ୍ଥାରେ ଲଟକି ରହିଛି । ଯେପରି ସୂର୍ଯ୍ୟ ବି ଅପେକ୍ଷା କରିଛି, ଆକାଶର ଉତ୍ତର ଶୁଣି ସାରିବା ପରେ ହିଁ ଘରକୁ ବାହୁଡି ଯିବ । ନହେଲେ, ଆକାଶ ତାର ଉତ୍ତରରେ କଣ କହିଲା ବୋଲି ଭାବି ଭାବି ରାତି ସାରା ତାକୁ ନିଦ ଆସିବନି । କୃଷ୍ଣା ବି ଉତ୍ସୁକତାଭରା ନୟନରେ ଆକାଶର ମୁହଁକୁ ଚାହିଁ ରହିଥାଏ । ଆକାଶ ଦୂର ଦିଗବଳୟରୁ ମୁହଁ ଫେରାଇ କୃଷ୍ଣାର ମୁହଁକୁ ଚାହିଁ କହିଲା, ସତରେ କୃଷ୍ଣା, ମୁଁ ବି ବେଳେ ବେଳେ ଭାବେ, ମୁଁ ତୋତେ କାହିଁକି ଭଲପାଏ ? ହେଲେ ସତ କହୁଛି ତାର ଉତ୍ତର ମୁଁ ନିଜେ ବି ଆଜି ଯାଏ ଖୋଜି ପାଇନି ! ଭଲ ପାଇବା ପାଇଁ ସତରେ କଣ କିଛି କାରଣ ଥିବା ନିହାତି ଦରକାର ? ବିନା କାରଣରେ କାହାକୁ କଣ ଭଲପାଇ ହେବନି ? ?

ତା' ଛଡା ତୁ ପଚାରିଲୁନା, ମୁଁ ତୋର କଳା ରୂପରେ କଣ ଦେଖି ତୋ ପ୍ରେମରେ ପଡିଗଲି ବୋଲି ? ଆରେ, କାହାକୁ ଆଖିରେ ଦେଖି କଣ ପ୍ରେମ କରିହୁଏ ? ଆଖି ଉପରେ କଣ ଭରସା ଅଛି ? ଆଜି ଜଣଙ୍କ ରୂପ ଭଲ ଲାଗିଲା ତ କାଲି ଆଉ କାହା ରୂପ ଲାବଣ୍ୟରେ ଆଖି ଅଟକି ଯିବ ! ମନ ଜଣକୁ ଛାଡି ଆଉ ଜଣଙ୍କ ପଛରେ ଧାଇଁବ । ତା ଛଡା ରୂପ ଉପରେ କଣ ଭରସା, ଏଜି ଏ ରୂପ ଅଛି, କାଲି କିଛି ରୋଗ କି ଆକ୍ସିଡେଣ୍ଟ ହୋଇଗଲେ ରୂପ କୁରୂପ ହେବା ପାଇଁ କେତେ ଡେରି ଲାଗିବ ?

ହେଲେ ତୋ ପ୍ରଶ୍ନର ଉତ୍ତର କିନ୍ତୁ ମୋ ପାଖରେ ଅଛି, ତୁ ବିଶ୍ୱାସ କରିପାରିବୁ ତ ? ପିଲାଟି ଦିନରୁ ଦେଖି ଆସିଛି, ଆମ ମନ୍ଦିରରେ ପୂଜା ପାଉଥିବା କଳା ମୁଗୁନି ପଥରର ରାଧା କୃଷ୍ଣଙ୍କର ଜୁଗଳ ମୂର୍ତ୍ତିକୁ, ଜେଜେମା ତାଙ୍କୁ ରାଧାମାଧବ ରୂପରେ ପୂଜାକରେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରତି ଏକାଦଶୀ ଦିନ ସ୍ନାନ କରାଇ ଚୁଆ ଚନ୍ଦନ ଲେପକରେ । କେଉଁ କେତେ ଯୁଗର ପୁରୁଣା ମୂର୍ତ୍ତି ସେଇଟି, ଚୁଆ ଚନ୍ଦନ ଚର୍ଚ୍ଚିତ ହୋଇ ଆହୁରି କଳା ଆଉ ଚିକ୍କଣ ହୋଇ ଯାଇ ଥାଆନ୍ତି । ସେ ଯୁଗଳ ମୂର୍ତ୍ତିରେ ମୁଁ ଯେବେ ରାଧାଙ୍କୁ ଦେଖେ, ତାଙ୍କ ମୁହଁରେ ମୋତେ ଏକ ଅପୂର୍ବ ଜ୍ୟୋତି, ଏକ ଅନନ୍ୟ ଭାବ ଦେଖା ଯାଉଥିଲା । ରାଧାଙ୍କ ଅଧରରେ ସ୍ମିତ ହସ ବହୁତ ସୁନ୍ଦର ମନୋଲୋଭା ଦିଶେ, ଆଉ ସେଇ ଲାସ୍ୟମୟୀ, ହାସ୍ୟମୟୀ ପ୍ରେମମୟୀ ରାଧାଙ୍କ ରୂପ ମୋ ମନକୁ ମୋହି ନେଇଥିଲା ସତେ, ତାଙ୍କର ରୂପ ମୋ ମନ, ମୋ ମସ୍ତିସ୍କ ଆଉ ମୋର ହୃଦୟକୁ ଆବୋରି ରଖିଥିଲା । ରାଧାଙ୍କର ସେ ଅପୂର୍ବ ଲାବଣ୍ୟରେ ମୁଁ ମୋ ଅସ୍ତିତ୍ୱ ସତ୍ତା ଖୋଜୁଥିଲି ।

ଅନେକ ସମୟରେ ମୁଁ ଭାବେ ସତରେ କଣ ଏତେ ସୁନ୍ଦର ମଣିଷ ଏଇ ଦୁନିଆରେ ଥାଆନ୍ତି ? କିନ୍ତୁ ବଡ ଆଶ୍ଚର୍ଯ୍ୟର କଥା, ଯେଉଁ ଦିନ ମୁଁ ତୋତେ ପ୍ରଥମ ଥର ପାଇଁ କଲେଜରେ ଦେଖିଲି, ସେଦିନ ତୋରି ଭିତରେ ମୁଁ ମୋର ସେଇ ପ୍ରେମମୟୀ ରାଧାଙ୍କର ରୂପ ଦେଖିବାକୁ ପାଇଥିଲି, ସେ ଦିନ ମୋ ପ୍ରଶ୍ନର ଉତ୍ତର ମୋତେ ମିଳିଯାଇ ଥିଲା, ହଁ ସତରେ ଏପରି ପ୍ରେମମୟୀ ରାଧା, ମାନବ ଶରୀରେ ବି ମିଳିଯାଏ । ତୋତେ ଦେଖିଲା ପରେ, ଜୀବନ ମୋର ସତରେ ରାଧାମୟ ହୋଇ ଯାଇଥିଲା ସେ ଦିନ । ମୁଁ ତୋ ଭିତରେ କୃଷ୍ଣା ନୁହେଁ ସେଇ ପ୍ରେମମୟୀ ରାଧାଙ୍କୁ ଦେଖୁଥିଲି । ସତ କହିବାକୁ ଗଲେ ମୁଁ ତୋ ଭିତରେ ରାଧାଙ୍କର ସେଇ, ପ୍ରେମ, ସେଇ ରୂପ, ଗୁଣକୁ ସାକାର ରୂପରେ ଦେଖି ପାରୁଥିଲି । ଆଉ ମୁଁ ରାଧାଙ୍କ ରୂପରେ କୃଷ୍ଣାର ପ୍ରେମରେ ପଡି ଯାଇଥିଲି । ଏବେ ମୋତେ କେବଳ ରାଧା ନୁହେଁ ରାଧା କୃଷ୍ଣଙ୍କର ସେଇ ଯୁଗଳ ମୂର୍ତ୍ତି ଖୁବ୍ ଭଲ ଲାଗୁଥିଲା । ମୁଁ ମୋ ନିଜ ଭିତରେ କୃଷ୍ଣ ଆଉ ତୋ ଭିତରେ ମୋର ପ୍ରିୟତମା ରାଧାଙ୍କୁ ଦର୍ଶନ କରୁଥିଲି । ମୁଁ ନିଜକୁ ତୋ ଠାରୁ ଦୂରେଇ ରଖିପାରୁ ନଥିଲି, ଆଉ ମୋ ମନରୁ ହୃଦୟରୁ ତୋତେ ଦୂରେଇ ଦେଇ ପାରୁ ନଥିଲି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହେଲେ ଆକାଶ, ତୁ ଯଦି ମୋତେ ଭଲ ପାଉଥିଲୁ ମୋତେ ଥରଟିଏ ବି କହି ପାରିଲୁନି ? ଟିକିଏ ଇସାରା କରିଥିଲେ ମୁଁ ତୋ ପାଇଁ ମୋ ପ୍ରାଣ ବି ଦେଇ, ଦେଇଥାଆନ୍ତି । ଗୋଟାଏ ଦୀର୍ଘ ନିଶ୍ୱାସ ପକାଇ କୃଷ୍ଣା ଆକାଶକୁ ଚାହିଁ ରହିଲା ।

ଆକାଶ ଗୋଟାଏ ଦୀର୍ଘ ନିଶ୍ୱାସ ଛାଡି କହିଲା, ହଁ କହିପାରି ଥାଆନ୍ତି, କିନ୍ତୁ ଥରେ ନୁହେଁ ଅନେକ ଥର ଚେଷ୍ଟା କରିଛି ତୋତେ ମୋ ମନ କଥା କହିଦେବି ବୋଲି । ଥରେ ଦି' ଥର ପୁରା ପ୍ରସ୍ତୁତ ହୋଇ ମଧ୍ୟ ଯାଇଥିଲି ତୋ ପାଖକୁ, ଭାବି ଥାଏ ଆଜି କହିଦେବି ମୋ ମନ କଥା, ହେଲେ ତୋତେ ଦେଖିଲା ପରେ, ସାହସ ହୁଏନା କହି ଦେବାକୁ, ମନର କଥା ମନରେ ଲୁଚାଇ ରଖି ଫେରିଆସେ ।

: କିନ୍ତୁ କାହିଁକି ଆକାଶ ? କୃଷ୍ଣା ବଡ ବ୍ୟଗ୍ରତାର ସହିତ ପଚାରିଲା ।

ଆକାଶ କହିଲା, ମୁଁ ଜାଣିଛି, ତୁ କେତେ ସ୍ୱାଭିମାନୀ ଝିଅ ଏବଂ ତୁ ତୋର ଦେହର ରଙ୍ଗକୁ ନେଇ କେତେ ସେନସିଟିଭ ଥିଲୁ ସେ ସମୟରେ । ତୋ ଦେହର ରଙ୍ଗ ପାଇଁ ତୋ ମନ ଭିତରେ ଏକ ହୀନଭାବନା, ଇନଫ୍ୟୁରିଟି କମ୍ପ୍ଲେକ୍ସ ଡେଭେଲପ ହୋଇ ଯାଇଥିଲା । ତା ଛଡା ୟୁନିଭରସିଟିର ସେଇ ପରିବେଶରେ ଯଦି ମୁଁ ତୋତେ ମୋ ପ୍ରେମ କଥା କହି ଥାଆନ୍ତି, ତେବେ ହୁଏତ ତୁ ଓଲଟା ରିଆକ୍ଟ କରି ଥାଆନ୍ତୁ । ଭାବି ଥାଆନ୍ତୁ ମୁଁ ତୋତେ ଦୟାକରି ପ୍ରେମ କରୁଛି, ୟୁନିଭରସିଟି ସମୟର ପରିବେଶ ସେପରି ଥିଲା, କେତେ ସୁନ୍ଦରୀ ଝିଅ ମୋ ପାଇଁ ନିଜ ଭିତରେ କମ୍ପିଟେସନ କରୁଥିଲେ, ସେମାନଙ୍କ ସହିତ ନିଜକୁ ତୁଳନା କରି ତୋର ଭାବନା କେତେ ନକାରାତ୍ମକ ହୋଇ ପାରିଥାନ୍ତା, ସେ କଥା ତୁ ନିଜେ କଳ୍ପନା କରି ପାରୁଥିବୁ । ସେଥିପାଇଁ ଠିକ୍ ସମୟକୁ ମୁଁ ଅପେକ୍ଷା କରିଥିଲି । ଆଜି ସେହି ସମୟ ଆସିଛି, ଆଜି ତୁ ମୋର ସମସ୍କନ୍ଧ ପେଷାରେ ଅଛୁ, ଆମେ ଏକା ପାଠ ପଢିଛେ, ଏକା ପ୍ରକାର କାମ କରୁଛେ ଏବଂ ଏକା ପରିମାଣର ରୋଜଗାର କରୁଛେ, ଆମେ ଷ୍ଟାଟସରେ କେହି କାହାଠାରୁ କିଛି କମ୍ ନୁହେଁ । ଏପରି ପରିସ୍ଥିତିରେ ମୋର ପ୍ରେମ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତୋତେ କୌଣସି ଦୃଷ୍ଟିରୁ ଦୟାପରି ଲାଗିବନି ।

କୃଷ୍ଣା ଥରେ ଆକାଶର ମୁହଁକୁ ଚାହିଁଲା ଏବଂ ତଳକୁ ମୁହଁ ପୋତି କହିଲା, ହଁ, ତୁ ବୋଧ ହୁଏ ଠିକ୍ କହୁଛୁ । ସେ ସମୟରେ ମୋର ମାନସିକ ପରିସ୍ଥିତି ଠିକ୍ ସେପରି ଥିଲା । କାରଣ ମୁଁ ବି ମନେ ମନେ ତୋତେ ବହୁତ ଭଲ ପାଉଥିଲି ଏବଂ ତୁ କାଳେ ମୋ ପ୍ରେମକୁ ପ୍ରତ୍ୟାଖାନ କରିଦେବୁ ସେ ଭୟରେ ମୁଁ ତୋତେ ମୋ ଫିଲିଙ୍ଗସ ବିଷୟରେ କେବେ କହିବାକୁ ସାହସ ଜୁଟେଇ ପାରି ନଥିଲି, କିନ୍ତୁ ମୁଁ ତୋତେ ହରେଇ ଦେବାକୁ ବି ଚାହୁଁ ନଥିଲି । ମୋର ଏଇ କମ୍ପ୍ଲେକ୍ସ ଏବଂ ତୋର ପ୍ରତ୍ୟାଖ୍ୟାନର ଭୟ ମୋତେ ଆକାଶକୁ ପ୍ରେମ ନକରିବା ପାଇଁ ବାରମ୍ବାର ଡରାଉ ଥିଲା । ଏ ସବୁ ମିଶି ମୋ ମନଟାକୁ ବହୁତ ଦୁର୍ବଳ କରି ଦେଇଥିଲା ।

ସଙ୍ଗେ ସଙ୍ଗେ ଆକାଶ କହିଲା ସେଇଥି ପାଇଁ ମୁଁ ଉପଯୁକ୍ତ ସମୟର ଅପେକ୍ଷାରେ ରହିଥିଲି । ହେଲେ ସେ ସମୟ ଯେ ଆଜି ଏମିତି ଆସି ଯିବ, ସେ କଥା ମୁଁ କେବେ କଳ୍ପନା କରି ନଥିଲି । ତୁ ଜାଣିଛୁ, ରେଜଲ୍ଟ ବାହାରିବା ପରେ ମୁଁ ସବୁବେଳେ ତୋତେ ପଚାରେ, ଜବ୍ ପାଇଁ ତୁ କେଉଁଠି କେଉଁଠି ଆପ୍ଲାଇ କରୁଛୁ ? ତୁ ଯେଉଁଠି ଆପ୍ଲାଇ କରୁଥିଲୁ ମୁଁ ବି ସେଠାକୁ ଆପ୍ଲାଇ କରୁଥିଲି । ମୋତେ କେତେଟା ଯାଗାରୁ ଅଫର ବି ମିଳି ଯାଇଥିଲା, କିନ୍ତୁ ମୁଁ ଗଲିନି । ଯେଉଁଦିନ ତୁ ମୋତେ କହିଲୁ, ମୁମ୍ବାଇର ଟିସିଏସରୁ ତୋତେ ଅଫର ମିଳିଛି ବୋଲି, ଠିକ୍ ତାର ଦୁଇଦିନ ଆଗରୁ ମୋତେ ମଧ୍ୟ ସେଠାରୁ ଅଫର ମିଳି ସାରିଥିଲା । ଏହା ସହିତ ନଏଡାରୁ ଏବଂ ବାଙ୍ଗାଲୋରରୁ ମଧ୍ୟ ଦୁଇଟି ଅଫର ମିଳିଥିଲା, କିନ୍ତୁ ମୁଁ ମୁମ୍ବାଇ ଜଏନ କଲି, କେବଳ ତୋରି ପାଇଁ ।

କୃଷ୍ଣାର ମୁହଁ ଉପରେ ନିରାଶର ବାଦଲ ଏବେ ବି ସେମିତି ଢାଙ୍କି ହୋଇ ରହିଥାଏ । ନିଜର ସମସ୍ତ ଶକ୍ତିକୁ ଏକାଠି କରି ସେ କହିଲା, ତୁ ଜାଣିଛୁ ଆକାଶ, ତୋ ପାଖରେ ଠିଆ ହେଲେ ମୋତେ ମୋ ନିଜ ଉପରେ ବହୁତ ଘୃଣା ଆସେ, ମୁଁ ଭଗବାନଙ୍କ ଉପରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବହୁତ ଅଭିମାନ କରେ, ପଚାରେ ଆକାଶର ରଙ୍ଗରୁ ଦିଟୋପା ଗୋରାପଣ ମୋ ଦେହର ରଙ୍ଗ ସହିତ ମିଶେଇ ଦେଇଥିଲେ କଣ କ୍ଷତି ହୋଇ ଯାଇଥାନ୍ତା । ଆକାଶର ଗୋରାପଣ ତ କମ୍ ହୋଇ ନଥାନ୍ତା, କିନ୍ତୁ ମୋର କଳାରଙ୍ଗ ଟିକିଏ ତ କମ୍ ହୋଇ ଯାଇ ଥାଆନ୍ତା । ତୋ ସାମ୍ନାରେ ମୋତେ ନିଜକୁ ବହୁତ ହୀନ ଏବଂ ତୁଚ୍ଛ ଲାଗେ ।

ବାମନ ହୋଇ ଚାନ୍ଦକୁ ଆଶା କରିଲା ପରି ମନେହୁଏ । ବଡ ଲାଜ ଲାଗେ ମୋତେ । ଆମ ଦୁଇ ଜଣଙ୍କୁ ସାଥିରେ ଦେଖିଲେ ଲୋକ ଭାବୁଥିବେ ହ୍ୱାଇଟ ପେପର ପାଖରେ ଏଇ ବ୍ଲାକ ପେପରଟିଏ କିଏ ଥୋଇଦେଲା ? ବଡ କଣ୍ଟ୍ରାଷ୍ଟ କଲର କମ୍ବିନେସନ । ଆଉ ପ୍ରେମ କରିବା ପରେ ମୁଁ ଯେତେ ବେଳ ତୋ ମୁହଁକୁ ଦଖିବି, ମୋତେ ବହୁତ ଗିଲ୍ଟି ଫିଲହେବ । ମୋତେ ଲାଗିବ ତୋ ପ୍ରତି ମୁଁ ବଡ ଅନ୍ୟାୟ କରି ଦେଲି । ମୁଁ ମୋ ନିଜକୁ ସବୁ ବେଳେ ଦୋଷୀ ମନେ କରୁଥିବି । ୟୁ ଆର ଦି ବେଷ୍ଟ ଆକାଶ, ଆଣ୍ଡ ୟୁ ଡିଜର୍ଭ ଦ ବେଷ୍ଟ, ଆଉଟ ଅଫ ଦ ବେଷ୍ଟ । ମୁଁ ସେଇ ଭାଗ୍ୟବତୀ ଝିଅ ନୁହେଁ, ଯିଏ ତୋ ପ୍ରେମ ପାଇଁ ଯୋଗ୍ୟ, ଏତିକି କହି କୃଷ୍ଣା ଚୁପ୍ ହୋଇଗଲା ।

ଆକାଶ କୃଷ୍ଣାର ମୁହଁକୁ ଦୁଇ ହାତ ପାପୁଲିରେ ତୋଳିନେଲା, ଲାଜରେ କୃଷ୍ଣାର ଆଖି ବନ୍ଦ ହୋଇ ଆସୁଥିଲା । ଜୀବନରେ ପ୍ରଥମ ଥର ପାଇଁ ଏପରି କେହି ଜଣେ କୃଷ୍ଣାର ଏତେ ପାଖରୁ ତାର ମୁହଁକୁ ନିଜ ହାତରେ ଏତେ ନିବିଡତାର ସହିତ ତୋଳି ଧରିଛି । ଆକାଶ କୃଷ୍ଣାର ମୁହଁକୁ ସେହି ପରି ହାତରେ ତୋଳିଧରି କହିଲା, କୃଷ୍ଣା, ଥରେ ମୋ ମୁହଁକୁ ଚାହାଁ । ଜାଣିଛୁ, ପ୍ରେମରେ ଗୋଟିଏ ବିଚିତ୍ର କଥା ହୁଏ । ପ୍ରେମ କଲା ପରେ ସମସ୍ତେ ନିଜ ମୁହଁ ଦେଖିବା କଥା ଭୁଲି ଯାଆନ୍ତି । କେବଳ ନିଜ ପ୍ରେମୀର ମୁହଁ ଦେଖି ସବୁ କିଛି ଭୁଲି ଯାଆନ୍ତି । ପ୍ରେମୀର ମୁହଁରେ ନିଜର ମୁହଁ, ନିଜ ସଂସାର ଆଉ ଦୁନିଆର ସବୁ କିଛି ଦେଖିପାରନ୍ତି । ଚକୋର ଚାନ୍ଦକୁ ଚାହିଁ ଚାହିଁ ଜୀବନ କଟେଇ ଦିଏ, ସେ କେବେ ନିଜ ମୁହଁ ଦେଖେ ? ପଦ୍ମିନୀ ସୂର୍ଯ୍ୟଙ୍କୁ ଦେଖି ଦେଖି ଝାଉଳି ଯାଏ ସିନା ନିଜ ରୂପ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କଥା କେବେ ଭାବେନା । ରାଧା, କୃଷ୍ଣଙ୍କ ରୂପରେ ଏପରି ମୋହିତ ହୋଇଗଲେ ଯେ ସାରା ସଂସାରର ଲାଜ ମହତ, କୁଳ ମର୍ଯ୍ୟାଦା ସବୁ ଭୁଲିଗଲେ । ତୁ କଣ ମୋ ମୁହଁକୁ ଦେଖି ସେଥିରେ ତୋ ନିଜ ମୁହଁକୁ ଭୂଲି ପାରିବୁନି ?

କୃଷ୍ଣାର ବନ୍ଦ ଆଖିରୁ ଦୁଇ ଧାର ଲୁହ ବୋହି ଆସୁଥିଲା, ଆକାଶ କୃଷ୍ଣାର ମୁହଁକୁ ନିଜ ହାତରୁ ମୁକ୍ତ କରି ଦେଇଥିଲା । କୃଷ୍ଣା ଆଉଜି ଆସିଲା ଆକାଶର ଛାତି ଉପରକୁ, ସେଇଠି ମୁହଁ ରଖି ଛୋଟ ଝିଅଟିଏ ପରି କଇଁ କଇଁ ହୋଇ କାନ୍ଦିଉଠିଲା । ଆଖିର ଲୁହ ତାର ଅମାନିଆ ନଈଟିଏ ପରି ଲୁହ ବୋହି ଚାଲିଥିଲା । କେତେ ଦିନର, ଦିନ ତ ନୁହେଁ, କେତେ ବର୍ଷରୁ, ଯୌବନର ପ୍ରଥମ ଦିନରୁ ଜମାଟ ବାନ୍ଧିଥିବା ସବୁ ଲୁହ ସତେ ଆଜି ଏକା ବେଳେକେ ବୋହି ଯିବାକୁ ଚାହୁଁଛନ୍ତି । ଏଇ ଟିକକ ପ୍ରେମ ପାଇଁ କେତେ ବ୍ୟାକୁଳରେ ସେ ଚାତକ ପରି ଚାହିଁ ରହିଥିଲା କେଉଁ ଏକ ଅଜଣା ଆକାଶର କଳା ବାଦଲକୁ । କିନ୍ତୁ ଆଜି କେବଳ ବାଦଲ ନୁହେଁ, ସେ ସମ୍ପୁର୍ଣ୍ଣ ଆକାଶକୁ ପାଇ ଯାଇଛି ନିଜ ବାହୁ ବନ୍ଧନ ଭିତରେ । ଆକାଶର ବିଶାଳ ଛାତିରେ ମୁହଁ ଗୁଞ୍ଜିଦେଇ ସବୁ ଲୁହ ଅସରା ଶ୍ରାବଣର ବର୍ଷାର ଧାରା ପରି ଢାଳି ଦେଉଛି । ସେ ବୁଝି ପାରୁ ନଥିଲା କେଉଁ ଦୁଃଖରେ ଅବା ଅନେକ ପ୍ରତୀକ୍ଷାର ଅନ୍ତରେ ମିଳିଥିବା ଏଇ ଅସୁମାରୀ ଖୁସିରେ ବୋହି ଯାଉଥିଲେ, ତାର ଆଖିର ସବୁ ଯାକ ଲୁହ ।

ପଟିଆ, ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବାଲ୍‌ଟି

ସିଦ୍ଧେଶ୍ବର ତ୍ରିପାଠୀ



ଆମ ଘରେ ଦି ଚାରିଟା ବାଲ୍ଟି ଥାଏ । ସେଥିରେ ନଳକୁଅରୁ ପାଣି ଆସେ କାରବାର ହୁଏ । ନାନି ବାହାଘର ପାଖେଇ ଆସିଲା ବେଳକୁ ଘରକୁ କେତେ ଲୋକ ଆସିବେ ଏ ପୁରୁଣା ବାଲ୍ଟିରେ କ'ଣ କାମ ଚଳିବ ? ଗୋଟେ ନୂଆ ବାଲ୍ଟି କିଣା ହେଲା । ସେଇ ବାଲ୍ଟିରେ ନାନି ମଙ୍ଗନ ଦିନ ଡାଲମା ବଣ୍ଟା ହେଉଥିଲା । କ'ଣ ହେଲା କେଜାଣି ମଙ୍ଗନ ସରିଲା ବାହାଘର ସରିଲା ନାନି ଘରକୁ ସଜ ଗଲା ନାନି ଭାଇନା ଆସି ଦଶ ମଙ୍ଗଳାକୁ ବୁଲିକି ଗଲା ଯାଏଁ ବି ଆଉ ବାଲ୍ଟି ମିଳିଲାନି ।

କିଏ ସେ ବାଲ୍ଟିଟି ନେଇଗଲା ଯେ ଆଉ ଫେରେଇଲାନି । ଏଇ ଆଲୁମିନିୟମ ବାଲ୍ଟିଟା ମ ଦୁଇଶହ କି ଅଢେଇସ ଟଙ୍କା ପଡିଥିବ । ମୁକ୍ତାପୁର ଗାଁରୁ ତ ଅନେକ କଂସାରି ଆମ ଗାଁକୁ ବାସନ ବିକିବାକୁ ଆସନ୍ତି ତାଙ୍କରି ଭିତରୁ କାହାଠୁ ଗୋଟେ କିଣା ହୋଇଥିବ । ବୋଉ ମନ କିନ୍ତୁ ଭାରି ଦୁଃଖ କେତେ ସୁନ୍ଦର ବାଲ୍ଟି ଟା କୋଉ ଚୋର କି ଚୋରଣୀ ତାକୁ ନେଇଗଲା । ବ୍ରାହ୍ମଣ ଧନ ନେଇକି ଖାଉ ତାକୁ ଭଲ ମଙ୍ଗଳ ହେବ। ମୁଁ ସେତେବେଳେ ଚୌଦୁଆର ନିକଟ ସଫା ଗାଁରେ ଥାଏ । ନନା ସେଠି ଚାକିରୀ କରନ୍ତି ସେ ଗାଁରେ ମୋର ଜନ୍ମ । ମୁଁ ସେ ଗାଁ କୁ ଥରେ ଅଧେ ବୁଲିବାକୁ ଯାଏ । ଏମିତି ନାନି ବାହାଘର ହବାର ଏଇ ପଚିଶି ଦିନ କି ମାସେ ହବ ବୋଉ ଫୋନ କଲା ପୁଅରେ ବାଲ୍ଟି ମିଳିଗଲା । ବୋଉର କେତେ ବଡ଼ ଚିନ୍ତା ଦୂର ହୋଇଗଲା ଯେମିତି ।

ବୁଝୁ ବୁଝୁ କଥାଟା ଏମିତି ବୋଉ ମିଛରେ ସମସ୍ତଙ୍କୁ କହିଲା ଆମେ ଗୋଡା ଲୋକନାଥଙ୍କ ନିକଟରେ ଗୁଆ ନଡ଼ିଆ ବସେଇଛୁ । ସେଇ ଡରରେ ଲୋକଟି (ଯିଏ ବାଲ୍ଟି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନେଇଥିଲା) ରାତି ରାତି ବାଲ୍ଟିଟି ଆଣି ଆମ ପାଇଖାନା କାନ୍ଥ ପାଖରେ ରଖି ଆସିଛି । ତା' ମାନେ ଚୋରଟି ଆମ ଗାଁର ନିଶ୍ଚିତ ଆଉ ସାହି ନିକଟର ବୋଲି ଟିକେ ବି ସନ୍ଦେହ ନଥିଲା । ବୋଉ କହିଲା କେତେ ସାହାସ ତାର ବ୍ରାହ୍ମଣ ଧନ ନେଇକି ସିଏ କେତେଦିନ ରଖିଲା ଆଉ ଗୋଡା ଲୋକନାଥଙ୍କ କଥା ଶୁଣି ଡରରେ ଛେରି ମୁତି ପକେଇଛି, ନହେଲେ ଏତେଦିନ ହେଲା ରଖିଥିଲା ଦଉନଥିଲା କାଲି ରାତି ଅନ୍ଧାରେ ଆଣି ଥୋଇ ଯାଇଛି କେମିତି ।

ବୋଉ କଥା ଶୁଣି ମୋତେ ଭାରି ହସ ଲାଗିଲା । ବୋଉ କହିଲା ହସୁଛୁ କ'ଣ ମ ସିଏ ଗୋଡା ଲୋକନାଥ(ସ୍ଥାନର ନାଁ ଗୋଡା ଶିବଙ୍କ ନାଁ ଲୋକନାଥ) ହଳାହଳ ବିଷ ସେଠି କେତେ ନିୟମ ପ୍ରମାଣ ହୁଏ । କେତେ ପୂଜା ପାଠ ଅଭିଷେକ ଜଳଲାଗି ପୁନିଅଁ ପରବ ପାଳନ ହୁଏ । ଯଦି ଲୋକ ନାଥଙ୍କ କୋଡ଼ି ( ବେଲପତ୍ର ପାଦୁକ) ଛୁଇଁ କିଏ ମିଛ କହିଲା ସିଏତ ଶୁଖି ଶୁଖି ମରିଯିବ । ଆଉ ଚୋରି ହେଲେ ସେଠି ଗୁଆ ନଡିଆ ବସେଇଲେ ଯିଏ ଚୋରି କରିଥିବ ସିଏତ ମରିବ ନିଶ୍ଚୟ ।

ଏ ଦିଅଁ ଦେବତା ଜାତି ଧର୍ମ ପ୍ରଥା ପରମ୍ପରା ପୂଜା ପାର୍ବଣ ଇଏତ ମଣିଷର ଆସ୍ଥା ଆଉ ବିଶ୍ୱାସ ଚଳଣି ଉପରେ ନିର୍ଭର କରେ । ମୁଁ ଆଉ କ'ଣ କହିବି । ସେ ଯାହା ହଉ ବାଲ୍ଟିଟା ମିଳିଗଲା ଆମେ ସମସ୍ତେ ଖୁସି । ଭାରି ହସ ଲାଗିଲା ଯେ ନିଜ ଧନ ବିଦ୍ୟା ଚଳଣି କୁ ନେଇ ଏତେ ଗର୍ବ ଅହଙ୍କାର ଫୁଟାଣି ମାରୁଥିବା ଲୋକ ମାନଙ୍କ ଭିତରେ ବି ଛାର ବାଲ୍ଟି ଚୋରି କରିବାର ମାନସିକତା ରହିଛି । ନାନି ବାହାଘର ଆସି ବାର ବର୍ଷ ହେଲାଣି ନାନୀର ପୁଅକୁ ଦଶ ବର୍ଷ ଚାଲିଲାଣି ହେଲେ ଏବେବି ନନା ବୋଉ ଆଉ ଆମ ଭାଇ ଭଉଣୀଙ୍କ ଭିତରେ ଏଇ କଥା ପଡିଲେ ବୁହେ ହସ ଲାଗେ ଯୋଉ ହସର ଖୋରାକ ଥାଏ ସେଇ ବାଲ୍ଟି ।

କୁଣ୍ଡିଲୋ କେରଙ୍ଗ ଖୋର୍ଦ୍ଧା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କବିତା ବିଭାଗ

ଯଦି ଆପଣ ଏହି ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଚାହୁଁଛନ୍ତି, ତା ହେଲେ ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର ଦ୍ୱାରା ଟାଇପ୍ କରନ୍ତୁ ଏବଂ ସେହି ଆଲେଖ୍ୟକୁ ଆମ ନିକଟକୁ ଇମେଲ୍ ଦ୍ୱାରା ପ୍ରେରଣ କରନ୍ତୁ । ଓଡ଼ିଆରେ ଆପଣ ଯେକୌଣସି ସଫଟ୍‌ୱେରରେ ଟାଇପ୍ କରି ପଠାଇ ପାରିବେ । ଧାରାବାହିକ କାହାଣୀ ପାଇଁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲ୍ କରି ଏକାଥରେ ପଠାଇବେ । ପ୍ରତ୍ୟେକ ଲେଖା ସହ ନିଜ ଛବି ଓ ଠିକଣା ଲେଖି ପଠାନ୍ତୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସମ୍ପର୍କ

ଶିବନାରାୟଣ ଦାସ



ଏମିତି ବି ଦିନଟିଏ ଆସିବ ଜୀବନେ
ଚଲାପଥ ପରେ ଯାହା ନୁହେଁ ଅକସ୍ମାତ,
ଯେତେବେଳେ ମୁଁ ନଥିବି ଆଉ
ନଥିବ ବି ତୁମେ କେବେହେଲେ,
ଦୃଶ୍ୟପଟ ବଦଳିବ ଦିନେ -
ତୁମେ ଜାଣ, ମୁଁ ଜାଣେ,
- ଏକଥା ଯେ ଏକାନ୍ତ ବାସ୍ତବ ।
ନିଶ୍ଚିହ୍ନ ହେବାକୁ ତେବେ
ଏତେ କୁଣ୍ଠା କିଆଁ ?
ସକାଳର ସୂର୍ଯ୍ୟୋଦୟ ପରି
ଦିଶେ ଯାହା ଏତେ ସୁନିଶ୍ଚିତ ।

ଯେତେବେଳେ ସବୁକିଛି
ଛାଡି ଚାଲିଗଲା ପରେ
ଭିଜା ଭିଜା ମାଟିର ସୁଗନ୍ଧ ସାଥେ
ଅନାୟାସେ ମିଶିଗଲା ପରେ
ଘୁରିବୁଲୁଥିବା ଆମେ ଗଗନେ ପବନେ
ଧରି ଆମ ବିଦେହୀ ଶୁନ୍ୟତା,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେତେବେଳେ ରୋମାଂଚିତ ହେଉଥିବା ଅବା
କଷ୍ଟ ପାଉଥିବା ଦେଖି
ପରିତ୍ୟକ୍ତ ସଂସାରର ଆମ
ସୁଖ-ଦୁଃଖ, ହସ-ଅଶ୍ରୁ ଧାରା ।
ଏମିତିଆ ଦିନଟିଏ ଦିନେ ଆସିବ ଜୀବନେ
ଚାହିଁଲେ ବି ଯେବେ
ଆଉ କେବେ
ପୁଣି ଥରେ ଅପହୁଞ୍ଚ ପଛକୁ ଆମରି
ଫେରି ନ ପାରିବା,
ତୁମେ ଆଉ ମୁଁ ଖାଲି
ଏକେ ଅପରକୁ
ଆପଣାର ଶୁନ୍ୟତା ଭିତରେ
ପ୍ରଶମିତ କରି ଚାଲିଥିବା ।

ତୁମରି ଆୟତ ଆଖି ନିରୁପମ ଶ୍ରାବଣୀ ଭିତରେ
କେବେ ଯେ ମୁଁ ବନ୍ଦୀ ହୋଇଥିଲି
ସେ କଥା ତ ମନେ ମୋ ନଥିବ,
ତୁମେ ପୁଣି ଭୁଲିଯାଇଥିବ
ଦେବଦାରୁ-ଲିମ୍ବ ଗଛ ମୂଳେ
ତୁମ ପାଇଁ ମୋହର ସେ
ବିଳମ୍ବିତ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରତୀକ୍ଷାର ଆକୁଳ ମୁହୂର୍ତ୍ତ,
ଏମିତିଆ ଦିନଟିଏ ସତେ ଆସିବ ଜୀବନେ
ବିଗତର ସାଇତା ସ୍ମୃତିରେ ଯେବେ
ମୋହାଚ୍ଛନ୍ନ ହେଉଥିବା ଆମେ
ଭିନ୍ନ ଏକ ଜଗତରେ,
ଆମରି ମୃତ୍ୟୁ ଟପି
କେଜାଣି ଯେ କେତେ ବର୍ଷ ପରେ
ଶତାବ୍ଦୀର କେତୋଟି ସ୍ୱାକ୍ଷରେ ।

ହଠାତ ପୁଣି ଦିନେ
ସେ ବନ୍ଧନ ଛିଡ଼ିଯିବ ଆମ
ଅତୃପ୍ତ ବାସନା ଯେତେ
ପୂର୍ଣ୍ଣ ହେଲାପରେ,
ତୁମେ ଆଉ ମୁଁ ସତେ
ଆଉଥରେ ମରିବା ସେଦିନ
ଆଗ-ପଛ ହୋଇ ଅବା
ଶେଷଥର ପାଇଁ ଏକ ସାଥେ ।
ଏମିତିଆ ଦିନଟିଏ ପୁଣି ଆସିବ ଜୀବନେ,
ପରସ୍ପର ଠାରୁ ଯେବେ ଆମେ
ଅଲଗା ହୋଇବା
ସବୁକିଛି ଭୁଲି ଚିରଦିନେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଚିହ୍ନିବାନି କେ କାହାକୁ
ଆଉ କେଉଁ ପର ଜନମରେ
ଅକସ୍ମାତ ଯଦି ଦେଖା ହୁଏ,
ସମ୍ପର୍କର ଭିନ୍ନ ଭିନ୍ନ
ନବ ପରିଚୟେ
ଭେଟୁଥିବା ବାରମ୍ବାର ଆମେ,
ମୋହମୁକ୍ତ ହେଉଥିବା ଯାଏ
ଜୀବନର ଆଗାମୀ ଦିନରେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଶରତର ଚିହ୍ନ

କିରନ୍ ସ୍ୱାଇଁ



ସଜଳ ଆକାଶରେ

ସୁଦୀର୍ଘ ନିର୍ମଳ ପ୍ରସ୍ତର

ମୁକ୍ତା ମୁକ୍ତା ବରଫର ଟୁକୁଡ଼ା

ମୋ ଗାଁର କାଶତଣ୍ଡି

ଓ ସୂକ୍ଷ୍ମ ସୂକ୍ଷ୍ମ ବାଲିରେଣୁ

ସବୁଠି ସୁନ୍ଦରପଣ ।

ଏଠି ସେଠି ସବୁଠି

ଶରତର ଚିହ୍ନ

ଅନାବନା ଘାସବୁଦା ମଧ୍ୟ

ସରଗର ପାରିଜାତ ପରି

ଚକମକ୍

ସବୁ ଅନ୍ଧାର

ଜ୍ୟୋତ୍ସ୍ନା ବିଭୋର ।

ପୋଖରୀର ନୀଳ ଜଳେ

ପଦ୍ମବନ ଓ

ନାଲି କଇଁର ହସ

ପାଖୁଡ଼ା ମେଲୁଛି ଧୀରେ

ଶରତର ଖିଆଲି ମନରେ ।

ବହିଆପଦର, ବରପାଲି, ବରଗଡ଼

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ବର୍ଷାକୁ ପ୍ରଶ୍ନଟିଏ

ଦିବ୍ୟଜ୍ୟୋତି ପଟ୍ଟନାୟକ



(୧)

ତମେ ଏମିତି ଅବେଳରେ କାହିଁକି ଆସ ବର୍ଷା ? ?
ଏଇ ମଧ୍ୟାହ୍ନରେ........ମଧ୍ୟ ରାତ୍ରରେ..........
ଠିକ ପ୍ରଣୟର ଆରମ୍ଭ ବେଳରେ ।
ତୁମେ ଆସି ଆଖି ଠାର ଦରଜା ସେପାରେ ।।

(୨)

ନିର୍ଜନ ବେଳରେ ନିସ୍ତବ୍ଧ ପ୍ରହରେ
ତୋଳିବାକୁ ଯାଇ ପ୍ରୀତିର କୋଣାର୍କ
ମୁଁ ଯେବେ ଲୋଡୁଥାଇ
ଦୃଢ ଏକ ଆଲିଙ୍ଗନ ।
ଝର୍କା କାଚରେ ଦେଖି
ତବ ଅଙ୍ଗୁଳିର ସ୍ପର୍ଶ
ବିଂଛଣାରୁ ଉଠି ବସି ପତ୍ନୀ ମୋର
ସଜାଡ଼ନ୍ତି କେଶରାଜି, ପରିହିତ ବସନ ।।

ସହ ଉପବିଭାଗ ଅଧିକାରୀ
ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ
ଲୋକସେବା ଭବନ, ଭୁବନେଶ୍ୱର-୭୫୧୦୦୧
ମୋ - ୯୧୧୪୧୯୨୦୨୧

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଆମ ଗାଁରେ ଆଉ ନାହିଁ

ନିତ୍ୟ ରଞ୍ଜନ ନନ୍ଦ



ଆକାଶରେ ଆଉ ଉଡ଼ୁ ନାହିଁ ପକ୍ଷୀ
ବିଲରେ ଦିଶୁନି ମାଛ
ଗାଁ ଗୋହିରୀରେ ବଗ ବସୁନାହିଁ
ଚାରିଆଡ଼େ ଖାଲି ମିଛ ।

ସାରୁ ବୁଦା ମୂଳେ ବେଙ୍ଗ ରାବୁ ନାହିଁ
କୋଇଲି ଗାଉନି ଗୀତ
ଗାଁ ରାସ୍ତା ଆଉ କାଦୁଅ ହେଉନି
ଭିକାରୀ ମାଗୁନି ଭାତ ।

ଗାଁ ଖଳାରେ ବି ବେଙ୍ଗଳା ପଡ଼ୁନି
ଶୁଭୁନି ଶଗଡ଼ ଶବ୍ଦ
ଗୁହାଳରେ ଆଉ ଗାଈ ଦିଶୁନାହିଁ
ନାହାନ୍ତି ଆଉ ବଳଦ ।

ଚୁଲି ରନ୍ଧା ଏବେ ସପନ ହେଲାଣି
ନାହିଁ ବିରିଡାଲି ବାସ୍ନା
ଚୂନା ମାଛ ଆଉ ହାଟରେ ମିଳୁନି
ନାହିଁ ସେ ପୁରୁଣା ଜ୍ୟୋସ୍ନା ।

ଚଉଁରା ମୁରୁଜ ଉଭେଇ ଗଲାଣି
ମଥାରେ ନାହିଁ ସିନ୍ଦୁର
ଋତୁଚକ୍ର ଏବେ ଓଲଟି ଗଲାଣି
ଚାରିଆଡ଼େ ହାହାକାର ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗାଇଆଳ ଟୋକା ଗାଉନାହିଁ ଗୀତ
ନାହିଁ ସେ ଶାରଦ ଧାନ
ଗାଁ ଗଡ଼ିଆରେ କଇଁ ଫୁଟୁନାହିଁ
ଭାଗବତ ଟୁଙ୍ଗୀ ଶୁନ୍ୟ ।

ଗାଁ ଗଣ୍ଡା ହେଲା କୋଠା ମାଳମାଳ
ମଦରେ ହୋଇଲେ ଭୋଳ
ପୋଖରୀରେ ଆଉ ପଦ୍ମ ଫୁଟୁନାହିଁ
ଦିଶୁନାହିଁ ଆଉ ଚାଳ ।

ଗାଁ ବିଲରେ ସେ କ୍ଷେତ ବଢୁନାହିଁ
ଉଡୁ ନାହିଁ ଶଙ୍ଖ ଚିଲ
ଡେଙ୍ଗା ତାଳଗଛ ଉଜୁଡ଼ି ଗଲାଣି
ନାହିଁ ସେ ଶାଗୁଣା ପଲ ।

ଗାଁ ଖଳାରେ ବି ବଦାଡ଼ି ବସୁନି
କାହିଁ ପୂର୍ବ ଓଷାବ୍ରତ
ଚାାଳ ଉପରେ ବି କୁଆ ରାବୁନାହିଁ
ନାହିଁ ସେ ପଖାଳ ଭାତ ।

ବର୍ଷାଦିନେ ଆଉ ନଦୀ ବଢୁନାହିଁ
ନାହିଁ ସେ ପୁରୁଣା ଶୀତ
ବଂଶୀଖଡ଼ା ଏବେ ସପନ ହେଲାଣି
କାହିଁ ସେ ସଇ ସଂଗାତ ।

ଗାଁ ପଡ଼ିଆରେ କନ୍ଦୁକ ପଡୁନି
ନାହିଁ ସେ ସଞ୍ଜ ଗୋଧୂଳି
ଦାଣ୍ଡ ବାରଣ୍ଡାରେ ପ୍ରାର୍ଥନା ଶୁଭୁନି
କାହିଁ ସେ ଘିଅ ଦୀପାଳି ।

ଭଜନ ଜଣାଣ ଆଉ ସଂକୀର୍ତ୍ତନ
ବେସୁରା ସବୁ ହେଲାଣି
ଭାବମୂର୍ତ୍ତି ଏଠି ବଦଳି ଗଲାଣି
ଶାନ୍ତି ଉଭେଇ ଗଲାଣି ।

ଅସୁରୁଣୀ ଗପ କିଏ ବା କହିବ
ଟିଭିରେ ସମସ୍ତେ ବାଇ
ବାଇ ଚଢ଼େଇର ବସା ଦିଶୁନାହିଁ
ସବୁଆଡ଼େ ହାଇଁ ପାଇଁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶାସନଟା ଏବେ ଶ୍ରୀହୀନ ଦିଶୁଛି
ଶାଶୁ ପିନ୍ଧୁଛି ନାଇଟି
ଶାଗ ପଖାଳ ଯେ ଚୁଲିକି ଗଲାଣି
ସମସ୍ତେ ଚାଲିଲେ ବିୟୁଟି ।

ଡାକ ପିଅନ ଟି ଚିଠି ଆଣୁନାହିଁ
ମୋବାଇଲ ହେଲା କାଳ
ବାଟରେ ଘାଟରେ ଡିସ୍କୋଡ୍ୟାନ୍ସ ଚାଲେ
ସଂଗୀତରେ ନାହିଁ ତାଳ ।

ବାରମାସରେ ଯେ ତେରପର୍ବ ଏଠି
ସାତ ସପନ ହେଲାଣି
ସଜ ମାଛରେ ବି ପୋକ ପଡ଼ିଯାଏ
ମାୟାରେ ବାୟା ହେଲେଣି ।

ବିଲରେ କେଉଁଠି ହଳ ଦିଶୁନାହିଁ
ନାହିଁ ସେ ହଳିଆ ଭାଇ
ଘର ପଛପଟେ ଢିଙ୍କି କୁଟୁ ନାହିଁ
ସବୁ ଗଲାଣି ଉଭେଇ ।

ରୋଗ ବ୍ୟାଧି ଏବେ ପ୍ରବଳ ମାତିଛି
ତା'ପାଇଁ ଔଷଧ ନାହିଁ
ଏଡ୍ସ ପ୍ରେସର କ୍ୟାନ୍ସର ଡାଇବେଟିସ୍
ଯାଉଛି ଜୀବନ ନେଇ ।

ନାହିଁ ଚାଟଶାଳୀ ଗାଁ ମୁଣ୍ଡେ ଆଉ
ନାହିଁ ସେ କାଳି କଲମ
ବେତାର ଯନ୍ତ୍ରର ବିଲୋପ ହେଲାଣି
ଯୁବ ବାଣୀ କାର୍ଯ୍ୟକ୍ରମ ।

ଗାଁ ମୁଣ୍ଡେ ଆଉ ବସୁନାହିଁ ହାଟ
ଚାଷୀ ବୁଜୁନାହିଁ ବାଡ଼
ଦଳର ମୁଖିଆ ଶିକ୍ଷା ଦେଉଥିବା
ଦିଶୁନି ବୁଢ଼ା ମାଙ୍କଡ଼ ।

ପୁରାଣ ଶାସ୍ତ୍ରରେ ମନ ବଳୁନାହିଁ
ପାଲା ଯେ ଟାହି ଟାପରା
ଯାତ୍ରା ଦୃଶ୍ୟପଟ୍ଟ ବଦଳି ଗଲାଣି
କଳାରେ କଳଙ୍କ ଭରା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କାଳିଆ ପାଖରେ ମନ ଆଉ ନାହିଁ
ବାବାଜୀ ପଛରେ ବାଇ
ବ୍ରାହ୍ମଣ ପାଠୁଆ ହୋଇଲେ କି ହେବ
ମନ୍ତ୍ର ପାଠ ଜାଣୁ ନାହିଁ ।

ଘାଟତୁଠକୁ ତ ବାରିକ ଆସୁନି
ରଜକ ଦେଉନି ପାଣି
ରାଇଜ ଯାକର ଯେତେକ ନିୟମ
ସବୁ ବଦଳି ଗଲାଣି ।

ଏକାଠି ବସିବା ଏକାଠି ଖାଇବା
ପରିବାର ମଧ୍ୟେ ନାହିଁ
ସୁନ୍ଦର ସମ୍ପର୍କ ଦୂରେଇ ଗଲାଣି
କଳିଯୁଗ ଦ୍ୱାହି ଦେଇ ।

ଜୀବନର ମାନେ ସଂସାର ଜଞ୍ଜାଳ
ସମସ୍ତଙ୍କୁ ଥିଲା ଜଣା
କୃତ୍ରିମ ଜୀବନ ଜୀଇଁବାକୁ ଏଠି
ଲାଗୁଛି ଭାରି ଯନ୍ତ୍ରଣା ।

ଜୀବନଟା ଏଠି ମରୁଭୂମି ଲାଗେ
ମିଛ ମରୀଚିକା ଭଳି
ଦି ଦିନ ଦୁନିଆ ଏହି ସଂସାରକୁ
ତଥାପି ପାରୁନି ଭୁଲି ।

ସବୁଜ ସୁନ୍ଦର ସୁନାର ପୃଥିବୀ
ଚିତ୍ର ବଦଳି ଗଲାଣି
ବିଚିତ୍ର ଦୁନିଆ ଜୀବଜଗତକୁ
ନର୍କକୁ ଠେଲି ଦେଲେଣି ।

ଡ଼ି ଏଲ ଏ - ୧୨
ବୀର ସୁରେନ୍ଦ୍ର ସାଏ ନଗର
ଭୁବନେଶ୍ୱର
ମୋ - ୯୪୩୭୨୧୭୮୪୨୪

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ନୂଆ ଲେଖା

ନରେଶ ବେହେରା



ତୁମ ସାଥେ ଯେବେ ଦେଖାହୁଏ
ମିଠା ବି ପଦ କଥା ହୁଏ
ସେଦିନ ନୂଆ ଲେଖା ହୁଏ ।

ଆଞ୍ଜୁଳେ ଧୂଳିରେ ଯେବେ ଜଗନ୍ନାଥ
ବାଲୁକା କଳାରେ ଶୋଭାପାଏ
ସେଦିନ ନୂଆ ଲେଖା ହୁଏ ।

ଶିଶୁଟିଏ ଯେବେ ମାଁ ବୋଲି ଡାକେ
ମାଁ ର ଜୀବନ ହସେ ଖେଳେ
ସେଦିନ ନୂଆ ଲେଖା ହୁଏ ।
ସେଦିନ ନୂଆ ଲେଖା ହୁଏ ।

ସରକାର ଯେବେ ବଦଳି ଯାଇ
ନୂଆଁ ସରକାର ଗଢ଼ାହୁଏ
ସେଦିନ ନୂଆ ଲେଖା ହୁଏ ।

ଛାତ୍ରଟିଏ ଯେବେ ସ୍କୁଲ୍ କୁ ନଯାଇ
ଗାଆଁ ତୋଟାରେ ଆମ୍ବ ତୋଳେ
ସେଦିନ ନୂଆ ଲେଖା ହୁଏ ।

ମାଁ ଗେହ୍ଲା ପୁଅ ବିଭାହେଇ ଯେବେ
ସ୍ତ୍ରୀର କଥା ମାନିଯାଏ
ସେଦିନ ନୂଆ ଲେଖା ହୁଏ ।

ଚିଠିଟିଏ ଯେବେ ଠିକଣା ନପାଇ
ଲେଖକ ପାଖକୁ ଫେରିଯାଏ
ସେଦିନ ନୂଆ ଲେଖା ହୁଏ ।

ବାବୁସାହି, ଜିଲ୍ଲା - ବୌଦ୍ଧ
ମୋ - ୮୦୧୮୩୮୦୯୪୫

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମା ମଝିଘରିଆଣୀ

ପ୍ରଦୀପ ଜିଲିକାରା



ଶ୍ରୀ ଶ୍ରୀ ଶ୍ରୀ ମା ରାୟଗଡ଼ ନିବାସିନୀ ମଝିଘରିଆଣୀ ଚରଣାମ୍ବୁଜେ...

( ରାଗ - ଚୋଖି )

ରାୟଗଡ଼ ନିବାସିନୀ...   ଚାରୁ ଚନ୍ଦ୍ରମା ହାସିନୀ...

କଷ୍ଟ ଦୂଷଣ ନାଶିନୀ ଅରୁଣାନନା...

ଝଞ୍ଜାବତୀ ନଦୀତଟ...   କଳ୍ପବଟର ନିକଟ....

ଧରିଣ ବିଚିତ୍ର ଘଟ ଦକ ହନନା....

ହୟାସନା କୃପାଣ-କରା...

ବରାଭୟ ବରଦାତ୍ରୀ ସୁଧୀରା-ଧୀରା.......୧.

ବୈଶ୍ୱାନ-ର୍ବିଶାଳ ନେତ୍ର.....  ଶତପତ୍ର ପାତେ ମାତ୍ର...

ଖଣ୍ଡିତ ସର୍ବ ଦୂରିତ କୃପା କଟାକ୍ଷା....

ସୁଧାସ୍ରାବୀ ସୁଧାକର.....  ମୁଖ ମୟୂଖ ନିକର....

ଲୋକ ଲୋକ ମନୋହର ସମର-ଦକ୍ଷା....

ସୁଲୋଳ ରକତ ରସନା....

ଭୁକ୍ତିଦା ମୁକ୍ତିଦା ହର ଅଙ୍କ-ଶୋଭନା.....୨.

କନକ ସୁମ ଶ୍ରବଣ.... ତଟାଳଙ୍କାର ମଣ୍ଡନ....

କଜ୍ଜ୍ୱଳାକ୍ଷ ସୁରଞ୍ଜନ ଶତ୍ରୁ ଦରଦା....

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନାସିକା ନାସା-ଭୂଷଣ... ତମ ଚକ୍ରକୁ ପୂଷଣ...

ଅଜ୍ଞାନ ତମସା ଘୋର କ୍ଷଣ-ମରଦା...

ବକ୍ଷସ୍ଥଳ ଗୁରୁ ସୁମେରୁ....

ଚାରୁ ଦିଶି ରତ୍ନମୟ କନକ ହାରୁ.....୩.

ଦୟାମୟୀ ଦୟାସିନ୍ଧୁ.... ବିପନ୍ନ କରୁଣା ବିନ୍ଦୁ...

ଲେଶକୁ କରିଛି ଆଶ ତ୍ରୟ ଲୋଚନା....

ହର ମୋ ଶୋକ ସନ୍ତାପ.. ମୋ ଦୋଷେ ନ ବହ କୋପ.

ହେରମ୍ବ ଜନନୀ ତାପତ୍ରୟ ମୋଚନା...

ପ୍ରଦୀପ ଗଲା ମା ଶରଣ...

ପ୍ରଦୀପେଶ ପ୍ରଣୟିନୀ ଚାରୁ ଚରଣ....୪.

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଅବ୍ୟକ୍ତ କୋହ

ସନାତନ ଦାସ



ଅନ୍ତର ବେଦନା କେ ବୁଝି ପାରଇ
କହିଦିଅ ମୋତେ ଥରେ,
ଗୁମୁରି କାନ୍ଦୁଛି ମୋ ମନ କପୋତ
ସୁଖ ପାଇଁ ନିତି ଝୁରେ.. ! !

ପର ଜନ କଥା କହୁନି ମୁଁ ଏଠି
ଆପଣା ତ ଦାଉ ସାଧିଲେ,
ମୁଖେ ହସିଦେଇ କୁଟୀଳ ଗୁଣରେ
ପଛେ ଷଡ଼ଯନ୍ତ୍ର ରଚିଲେ.. ! !

କହିହୁଏ ନାହିଁ କି ସହି ହୁଏ ନାହିଁ
ହୃଦୟ ଭିତର କୋହ,
ଆଖି ବୁଜି ଦେଇ ରହିଯିବା କଥା
ତୁଟାଇ ପାରେନି ମୁଁ ମୋହ.. ! !

କହିଲେ ଏଠି କୁଳ କୁଟୁମ୍ବକୁ ଲାଜ
ତାପରେ ଦୁନିଆ ହସିବ,
ନ କହିଲେ କୁଳ ବୁଡ଼ିଯିବ ପରା
ସମାଜକୁ ଡରି ରହିବ.. ! !

କୋହ ଅଗ୍ନି ହୋଇ ଜାଳି ପୋଡ଼ି ଦିଏ
ସଂସାରର ସବୁ ସୁଖ,
ଶାନ୍ତି ଟିକେ ଖୋଜି ଖୋଜି ମୁଁ ଆଜି
ପାଉଛି ପୁଳାଏ ଦୁଃଖ.. ! !

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ତିମିର ଘେରିଚି ମୋ ଚାରିପାଖେ
ପ୍ରଶମିତ ଏଠି ଆଲୋକ ଶିଖା,
ବହୁତ ଜିଇଁଲି ମଣିଷ ଜନମେ
ଏବେ ମାଗୁଚି ମରଣ ଭିକ୍ଷା.. ! !

ଅଭିମାନ କରି କୋହ ମନେ ଧରି
କେତେ ଦିନ ଆଉ ବଞ୍ଚିବି,
ଅବ୍ୟକ୍ତ କୋହ ମୋର ହେଉ ଇତିହାସ
କାହାକୁ କାହିଁକି କହିବି.. ?

ଗ୍ରା/ପୋ - ସଅଁରା
ଭାୟା - ନାଲିବର
ଜଗତସିଂହପୁର
ମୋ -୯୭୭୬୪୧୪୮୦୫

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ନନ୍ଦ ଯଶୋଦା

ଅଲେଖ ମେହେର



ପୁତ୍ର ରୂପେ ପାଇବାକୁ କୃପାମୟ ହରି,
ସତ୍ୟ ଯୁଗେ ମହାଘୋର ତପ ଥିଲେ କରି ।
ବସୁ ଦ୍ରୋଣ ସାଥେ ଧରା,
ବାଞ୍ଛା ପୂର୍ଣ୍ଣ ପାଇଁ କଲେ ସତ୍ୟର ଆଶରା ।
ହୃଦକଥା ଜାଣି ବିଷ୍ଣୁ ହଲାଇଲେ ମଥା ,
ଦେଖାଦେଇ ଅସ୍ତୁ କହି ଦେଇଥିଲେ କଥା ।
ଏବେ ଶୁଣ ଆମ୍ଭ ଗୀର,
ଦ୍ୱାପରେ ନିଶ୍ଚୟ ପାନ କରାଇବ କ୍ଷୀର ।
ବାରବର୍ଷ କାଳ ତୁମ୍ଭ ସମୀପେ ରହିବି,
କଂଶ କେଶୀ ବିନାଶନେ ମଧୁପୁର ଯିବି ।
ଜାଣି ରଖିଥାଅ ମାତା,
ମଙ୍ଗଳ ବିଧାନ ପାଇଁ ଲିହିଛନ୍ତି ଧାତା ।
ଭରତ ଭୂଖଣ୍ଡେ ନାମ ଥିବ ଗୋପପୁର,
ମହୀଭାର ଉଶ୍ୱାସିବି ବିନାଶୀ ଅସୁର ।
ଯୋଗୀ ଜନ ମନ ଜାଣି,
ସ୍ୱର୍ଣ୍ଣାକ୍ଷରେ ଲିହିଯିବି ଭକ୍ତ ବିଭୁ ବାଣୀ ।
ଷୋହଳ ସହସ୍ର ତପି ତହିଁ ଜନମିବେ,
ଆମ୍ଭ ସାଥେ କ୍ରୀଡାକରି ମୋକ୍ଷଲାଭ ହେବେ
ନନ୍ଦ ଯଶୋଦା ରୂପରେ,
ଜନମ ଲଭିବ ହାଦେ ଗଉଡ ଘରରେ ।
କ୍ଷୀର ନିଧି ସାୟୀ ପ୍ରଭୁ ପଦେକରି ଧ୍ୟାନ,
ଧ୍ରୁବ ପ୍ରହଲ୍ଲାଦ ପାର୍ଥ ଅବା ବିଭୀଷଣ ।
ଅହଲ୍ୟା ଦ୍ରୌପଦୀ ନାରୀ,
ଜୀବଚକ୍ରୁ ଅକ୍ଲେଶରେ ହୋଇଗଲେ ପାରି। ।
ସମ୍ଭୂତ ଯେଉଁ ପୟରୁ ଅମର ଜାହ୍ନବୀ,
କୋଟି ଦ୍ୟୁତି ଜିଣା କାୟା ନ୍ୟୁନ ଚନ୍ଦ୍ର ରବି ।
ସେ ପାଦେ ଗଲି ଶରଣ,
ହୀନ ଯାଯାବରକୁ ହେ କରିବ କାରଣ ।

ବରପଦର ଗୋବିନ୍ଦପୁର ବରଗଡ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଅବହେଳିତ ସଂସ୍କୃତି

ସୁହଂସ ଭୋଇ



ଉତ୍କଳ ସଂସ୍କୃତି ପୁରାତନ ଅତି
ରହିଛି ଜଗତେ ଖ୍ୟାତି
ଅତିଥି ସତ୍କାର ଆଚାର ବେଭାର
ପୂଜାପାଠ ବିଧିରୀତି

ଏ କାଳ ସେ କାଳ ଭିତରେ ଅନେକ
ବଦଳି ଗଲାଣି ନୀତି
ଜ୍ୟେଷ୍ଠକୁ ନ ମିଳେ ଶ୍ରେଷ୍ଠ ଅଧିକାର
କନିଷ୍ଠକୁ ସ୍ନେହ ପ୍ରୀତି
ପଶ୍ଚିମ ସଂସ୍କୃତିର ଗତି ବଢୁଛି
କଳିଙ୍ଗର ଅଧୋଗତି

ଭାଗବତ ଟୁଙ୍ଗୀ ଉଜୁଡ଼ି ଗଲାଣି
ଲିଭି ତ ଗଲାଣି ବତୀ
ପ୍ରାତଃକାଳେ ଆଉ ଶୁଭୁନି ସଙ୍ଗୀତ
ଭଜନ ପ୍ରାର୍ଥନା ଗୀତି
ଓଷା ବ୍ରତ ଜାତ କେବଳ ନାମକୁ
ଚିତ୍ତେ ନାହିଁ ତିଳେ ଭକ୍ତି

ରେଶମୀ ବାସର ଆଦର ବଢିଛି
ପଛେ ଲୁଚିଲାଣି ଖଦି
ମାଆ କରୁ ନାହିଁ ପିଠା ପଣା ଘରେ
ଆରିଶା କାକରା ଆଦି
ସୁଆଦ ଭୋଜନେ ଉଦର ଭରୁଛି
ମନକୁ ମିଳୁନି ତୃପ୍ତି

ଚାଟଶାଳୀ ପାଠ ଅବଧାନ ବେତ
ନାହିଁ ଭାଷା ପ୍ରତି ରୁଚି
ବଞ୍ଚିବ କିପରି ଓଡିଆ ସଂସ୍କୃତି
ବୁଝା ପଡୁ ନାହିଁ କିଛି
କହିଲେଣି ସର୍ବେ ସହଜେ ଇଂରାଜୀ
ପାର୍ସୀ ହିନ୍ଦୀ ସରସ୍ୱତୀ

ପହଣ୍ଡି  ବରଗଡ଼

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଶରତର ମହୋଲ୍ଲାସେ

ମନୋରଞ୍ଜନ ସୁରୁଜାଳ



କୁହୁକ ରଚିଲା ପ୍ରାଚୀ ତୁଠେ ଦେଖ
ମାଆର ସିନ୍ଦୁର ଚିତା,
ଦୂର ପରବତ ଦିଶଇ ଯେମିତି
ମୁଦିଲା ଆଖିର ପତା ।
ପକ୍ଷୀକୁଳ ରାବ କିଚିରି ମିଚିରି
ଦେଉଥାନ୍ତି ଧନ୍ୟବାଦ,
ଶୁଭାରମ୍ଭ ଲଗ୍ନ ପକ୍ଷ ମେଲି ଦୂରେ
ନାହିଁ ମନେ ତିଳେ ଖେଦ ।
ସ୍ଥାଣୁ ମେଘ ଖଣ୍ଡ ପୂରୁବ ଦିଗନ୍ତ
କି ସୁନ୍ଦର ଆହା ଦିଶେ ,
ଅଂଶୁମାନ ତେଜ ବିକିରଣେ ସତେ
ଶରତର ମହୋଲ୍ଲାସେ ।
ପଲ୍ଲବିତ ଧରା ସବୁଜ ପ୍ରାନ୍ତର
ଝର କୁଳୁ ନାଦ ତୋଳି,
କାଶଫୁଲ ବେଣୀ ହସଇ ମୁରୁକି
ତା ସାଥେ ଗଙ୍ଗଶିଉଳୀ ।

ଅଳପ ଦିନର ଜୀବନ ଗୀତିକା
ବିଧାତା ଆଶୀଷ ବାଣୀ,
ନଶ୍ୱର ଶରୀର ମୋହ ମାୟା ଘୋର
ଶୁଣାନ୍ତି ଜନ ପରାଣୀ ।
ତମାଳେ ଲତିକା ନିକୁଞ୍ଜେ ଶୋହୁଛି
ଅପରାଜିତାର ଛଟା,
ସେ ଧାନ କିଆରି ସବୁଜିମା ଘେରି
ପିନ୍ଧିଲା କି ପାଟ ମଠା ।
ବାଳ ଭାନୁ ରେଣୁ ପୁଲକିତ ଯେଣୁ
ଶୀହରିତ ତନୁ ମନ,
ପାରିଜାତ ଦେହେ ବିକିରଣ ଯେବେ
ହୃଦୟ ପ୍ରେମେ କମ୍ପନ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କୃଷକ ସଙ୍ଗୀତ ପବନ ସଙ୍ଗତେ
ଭାସି ଆସେ ସାଇଁ ସାଇଁ,
ଶ୍ରମିକ ଶ୍ରବଣେ ପାଏ କି ଆନନ୍ଦ
ବାଲୁଙ୍ଗା ବାଛିଇ ନଇଁ ।
ନଈ ପଠାରର ଚାଖଣ୍ଡ ଜମିରେ
ସାରୁ ଲତା ଧାଡି ଧାଡ଼ି,
ତା ପାଖ ଚାରଣ ଭୂଇଁରେ ଗୋଧନ
ଡାକୁଥାଏ ହମ୍ବା ରଡ଼ି ।
ଶଇଳ ଶିଖର ତଳପ ଶେଜରେ
ଧବମାନ ନିର୍ଝରିଣୀ,
ସଞ୍ଚିତ ଜୀବନ ଧରି ପ୍ରାଣ ବିନ୍ଦୁ
ଜଳାଶୟ ପୁଷ୍କରିଣୀ ।
ବକ ମାନଙ୍କର ଲାଗିଥାଏ ଭିଡ଼
ମୀନ ଧରିବାର ଆଶେ,
ଡେଣା ପ୍ରସାରଣେ ମାଛରଙ୍କା ପକ୍ଷୀ
ଘୁରୁଥାଏ ନୀଳାକାଶେ ।

ମହୋତ୍ସବେ ଚର ଆନନ୍ଦେ ବିଭୋର
ଶତ୍ରୁ ମିତ୍ର ଆଗମନୀ,
ତୃଷା କ୍ଷୁଧା ପାଇଁ ସେ ଅମୃତ ଭୂଇଁ
ପାଲଟଇ ରାଜଧାନୀ ।
ଖାଦ୍ୟ ଖାଦକର ରଚିତ ସଂଘର୍ଷ
ଉପନୀତ ସେଇ ବେଳେ ,
କିଏ କାହା ପାଇଁ ଗଢିଛନ୍ତି ସାଇଁ
କି ଲେଖା କାହା କପାଳେ ।
ପଶ୍ଚିମ ଦିଶରେ ଛାଇ ଆଲୁଅରେ
ପର୍ବତ ଉହାଡ଼େ ରବି,
ମିଶିଯାନ୍ତି ଖରେ ବିଭାବରୀ ପରେ
ମିଳନ ମାଧୁରୀ ଛବି ।

ଅଇଁଲାପାଲି, ଧମା, ସମ୍ବଲପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଶହୀଦ୍ - ପାଞ୍ଚଟି ସ୍କେଚ୍

ସୁଜିତ କୁମାର ମିଶ୍ର



(୧)

ତତଲା ତାଵା ପରି

ଦେହକୁ ତତେଇ

ସ୍ନାନରତ ସେ ଝାଳରେ,

କି ସୁଖ ଅଛି କେଜାଣି

ବୈଶାଖ ତା ପ୍ରିୟ ମାସ

ମନ ପ୍ରାଣ ହୃଦୟରେ ।

(୨)

ଚାଲେ ଉଠେ ଦୌଡେ

ଆହୁରି ଦୌଡେ ସବୁ ଋତୁରେ

ବାଘ ସିଂହ ହାତୀ ପରି,

ଅନନ୍ତ ଦୂରରେ ଜହ୍ନ ତାରାକୁ ଛାଡିଆସି

ସାଉଁଟୁଛି ସେ ତାଠାରୁ ଅଧିକ

ନିଜକୁ ନିଜ ଭିତରେ ଜାଳି ।

(୩)

ଏତ ସବୁ ଦାମୀ ଉପହାର ମିଳିଥିଲା

ଅଳ୍ପ ଆୟୁଷରେ,

ମଣିଲା ଭାଗ୍ୟବାନ ସୀମାନ୍ତର

ଓସାରିଆ ଜାଗାକୁ,

କିଏ କଣ କହିପାରେ ସେ କିନ୍ତୁ ସ୍ୱାର୍ଥୀ

ବାଛିଲା ମାଟି ପାଇଁ ପୂର୍ଣ୍ଣିମାର ତିଥି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

(୪)

ବଗିଚାରେ ଅନେକ ଫୁଲ

ସେ କିନ୍ତୁ ଭିନ୍ନ ବାସନାରେ,

ତାକୁ ଛାଡି ସବୁ ଲାଗିଲେ ଦେବ ପୂଜାରେ,

ସେ କିନ୍ତୁ ଅଟଳ ଅଚଳ ଲାଗିବାକୁ

ଜୀବନ୍ତ  ଆରାଧନାରେ,

ଶେଷରେ ସେଇଆ ହେଲା

ସେ ଶୋଇଲା ତ୍ରିରଙ୍ଗା ତଳେ ।

(୫)

ଏଇ ରକ୍ତ ମାଂସ ଶରୀରରେ

ସେ ହେଲା ଝଡ,

ବହିଲା ସୁନାମି ପରି,

ଅନେକ ଅନୁପ୍ରବେଶକାରୀଙ୍କୁ ମରଣ

ରାସ୍ତା ଦେଖାଇଲାପରେ  ତା ଛାତି ଛୁଇଁଲା

ସବାଶେଷ ଗୁଳି,

ମାଟି ଛାତି ହେଉଥିଲା ବିଦାରି ।

ଜନାର୍ଦ୍ଦନପୁର ଶାସନ

କେନ୍ଦୁଝର

୭୬୮୩୮୬୭୭୪୨



Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କୁଆଡ଼େ ଗଲା ସେ ପିଲାଦିନ

ନୀଳମଣି ଚାନ୍ଦ



କୁଆଡେ ଗଲା ସେ ପିଲାଦିନ
ସମୟ ସ୍ରୋତରେ ଯାଇଛିରେ ଚାଲି
ଛାଡ଼ି ଯାଇଛି ତା ପଦ ଚିହ୍ନ ।

ସତରେ ସେ ଭାରି ଭଲ ଥିଲା
ମିଳୁଥିଲା କେତେ ସେନେହ ଆଦର
କହୁଥିଲେ ସବୁ ସୁନାପିଲା ।

ବୋହୂଚୋରି, ଡୁଡୁ, ବାଲିଘର
ଡାଳମାଙ୍କୁଡିରୁ ଓହଳର ଦୋଳି
ଖେଳିଛିରେ ମୁହିଁ କେତେ ଥର ।

ସଞ୍ଜ ଗଡ଼ିଗଲେ ଆମ ଆଇ
କହୁଥିଲେ ଗପ, ଶୁଣାଉଥିଲେ ସେ
'ଆ ଜହ୍ନ ମାମୁଁ ଗୀତ ଗାଇ ।

ଆଜି ଲାଗେ ସିଏ ଛବି ପରି
ସେ କଥା ଭାବିଲେ ଅତି ଆନନ୍ଦରେ
ଆଖିରୁ ପଡ଼ଇ ଲୁହ ଝରି ।

କୁଆଡ଼େ  ଗଲା ସେ ପିଲାଦିନ
ସ୍ମୃତିପଟରେ ସେ ଆଜି ଉଜ୍ଜୀବିତ
ହୋଇବନାହିଁରେ କେବେ ଲୀନ ।

୨୭, ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର-୨୯, ମୋ:୯୪୮୩୨୦୨୩୫୭

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ମୋ ଗୁରୁ

ଜୟନ୍ତ ଦାସ ପ୍ରଫୁଲ୍ଲ



କେତେ ଯେ ଅଜ୍ଞାନୀ ଜ୍ଞାନ ପାଇଛନ୍ତି
ତୁମରି ଶିକ୍ଷାକୁ ଲଭି,
ବିଜ୍ଞ ଗୁଣୀ ସାଜି ପ୍ରତିଷ୍ଠା ପାଆନ୍ତି
ମନେ ଆଙ୍କି ତୁମ ଛବି ।(୧)

ଶିକ୍ଷା, ଜୀବନେ ପଥ ପଦର୍ଶକ
ଆଦର୍ଶର ଦେବ ସମ,
କୃପା ଥିଲେ ଶିରେ ଅଲୋଡ଼ା ହୁଏ
ଜୀବନେ କୁଚିନ୍ତା ଭ୍ରମ ।(୨)

ନିଜେ ଜଳି ଯାଅ ଦୀପଟିଏ ପରି
ଅନ୍ଧାରକୁ କରି ନାଶ,
ଶିକ୍ଷାର ଆଲୋକ ଜୀବନେ ଜଳାଇ
ହୃଦେ ଗଢ଼ିଯାଅ ବାସ ।(୩)

ଜୀବନ ବୃକ୍ଷର ଉତ୍ତମ ମୃତ୍ତିକା
ସାଜି ଥାଅ ଦୃଢ଼ ହୋଇ,
ତୁମରି ଆଶିଷ ଲଭିବକୁ କେତେ
ଆସନ୍ତି ଦୂରରୁ ଧାଇଁ ।(୪)

କେବେ ତୁମେ ଗୁରୁ କେବେ ତୁମ ବନ୍ଧୁ
କେବେ ସାଜ ତୁମେ ମିତ,
ତୁମ ଶୁଭାଶିଷ କର ଥିଲେ ଶିରେ
ଛୋଟଇ ଶିକ୍ଷାର ସ୍ରୋତ ।(୫)

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କ୍ଷମା, ଦୟା, ପ୍ରେମ ଗୁଣରେ ଗୁଣିତ
କରୁଣାର ପ୍ରତିମୂର୍ତ୍ତି,
ହୃଦୟ ଜିଣିଲେ ଆଶିଷ ବରଷେ
ରଚିଯାଉ କେତେ କୀର୍ତ୍ତି ।(୬)

ଗୁରୁଙ୍କ ସାଥିରେ ଜୀବନର ଯାତ୍ରା
ହୋଇଥାଏ ସଦା ଶ୍ରେଷ୍ଠ,
ଉତ୍ତମ ଗୁରୁ ଟେ ଧରିନେଲା ହାତ
ନ ହେଉ କେବେ ପଥଭ୍ରଷ୍ଟ ।(୭)

ଗୁରୁଙ୍କ ପରବ ନୁହେଁ ଗୋଟେ ଦିନ
ଗୁରୁ ଯେ ପରମ ଦେବ,
ଗୁରୁ ଠାରେ ଚାରି ଧାମ ବି ବରଷେ
ମନେ ଥିଲେ ଭକ୍ତି ଭାବ ।(୮)

ଥାଲସଡା, ବାଲେଶ୍ୱର
ମୋ -୮୪୫୫୮୬୭୨୭୬

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ଦୁଇ ଧାରା

ଆଶୁତୋଷ ମେହେର



## ପ୍ରଥମ ଧାରା------- ଜୀବନ କବିତା

ତୁମ ଛବି ଯେବେ ମୋ ମନରେ ଆସେ
ତୁମର ସଜଳ ଆଖି ,
କହି ଦେଉଥାଏ ଗହନ କଥା ଯେ
ହୃଦୟ ଭିତରେ ଝାଙ୍କି ।।
ମନ ଗୋଟେ ଏକ ଅମାନିଆ ପକ୍ଷୀ
ଡେଇଁ ସୀମା ସରହଦ,
ବାଣ୍ଟି ଚାଲିଥାଏ ଅବାରିତ ଭାବେ
ଜୀବନେ ଭୋଗିଲା ସ୍ୱାଦ ।।
ସୁଖ ଦୁଃଖ ହେଉ  ଲୁହ କାନ୍ଦ ଭରା
ଜୀବନ କବିତା ଧାରା ,
ସୁରେ ସଜା ହୁଏ କଳରବ ସହ
ଭାବର ସଙ୍ଗୀତେ ଭରା ।।

## ଦ୍ୱିତୀୟ ଧାରା-------  ସକାଳ

ସକାଳ ସୂରୁଯ ମୁଠା ମୁଠା କରି
ଜୀବନି ମୁରୁଜ ବୁଣେ ,
ଧୀର ସମୀରଣ ମହକ ଭରା ସେ
ସଦା ହସେ ନିଜ ଗୁଣେ ।।
ଫୁଲ କାହିଁ ଫୁଟେ ହସ ବାଣ୍ଟିବାଣ୍ଟି
ବାସନା ବିତରି ଚାଲେ ,
ପରଜାପତି ର ଡେଣା ସାଥେ ଖେଳ
ପାଖୁଡା ଝୁଲାରେ ଝୁଲେ ।।
ସକାଳ ଜଣାଏ ଦିନ ସାରା ଖେଳ
ଲେଖୁ ଥାଏ ଗୀତି ଗାଥା ,
ସୃଷ୍ଟିକର୍ତ୍ତାଙ୍କର ସୃଷ୍ଟିର ଭିଆଣ
ମେଟାଇ ସକଳ ବ୍ୟଥା ।।

୫୪ ଆର୍ଯ୍ୟପଲ୍ଲୀ
କିଟଛକ, ପଟିଆ,  ଭୁବନେଶ୍ୱର ୭୫୧୦୨୪
ଦୂରଭାଷ ୯୪୩୭୦୮୫୩୯୬

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଦୁର୍ଗା ପୂଜା

ବାସନ୍ତୀ ଲତା ଜେନା



ଶରତ ଋତୁରେ ବିମଳ ଆକାଶେ
ଚାନ୍ଦ ଖେଳେ ତାରା ମେଳେ
ଗଗନ ପବନ ମୁଖରିତ ହୁଏ
ପାର୍ବଣର ମଧୁ କାଳେ ।୧।

ଶେଫାଳି ହସୁଛି ତରୁ ଲତା ଡାଳେ
କାଶତଣ୍ଡୀ ନଦୀ ତୀରେ
ଶୁଭ୍ର ଜୋଛନାର ପଣତ ବିଛାଏ
ଚାନ୍ଦିନୀ ଚାମର ଧରେ ।୨।

ମହିଷା ମର୍ଦ୍ଦିନୀ ଜଗତ ଜନନୀ
ଆଦ୍ୟା ଶକ୍ତି ଦଶଭୁଜା
ସରଗ ଧାମରୁ ମରତେ ଆସନ୍ତି
ଉଡାଇ ବିଜୟ ଧ୍ୱଜା ।୩।

ପାପ ନାଶିନୀ ସେ ଦେବୀ କାତ୍ୟାୟନୀ
ମଙ୍ଗଳମୟୀ ଦାୟିନୀ
ତାଙ୍କ ପୂଜା ପାଇଁ ସର୍ବେ ତତପର
ଚଳ ଚଞ୍ଚଳ ଧରଣୀ ।୪।

ଦୁର୍ଗା ପୂଜା ହୁଏ ମହା ଆଡମ୍ବରେ
ସାଜ ସଜ୍ଜାରେ ତୋରଣ
ମଣ୍ଡପରେ ଦେବୀ ବିରାଜିବେ ଆସି
ମନ ହେଉଛି ଉଚ୍ଛନ ।୫।

ଅଧର୍ମ ଉପରେ ଧର୍ମରେ ବିଜୟ
ଅସତ୍ୟ ଉପରେ ସତ୍ୟ
ବିଘ୍ନ ବିନାଶିନୀ ଆରତ ନାଶିନୀ
ଶକ୍ତି ପ୍ରଦାୟିନୀ ମାତ ।୬।

ନବ ରାତ୍ରି ପୂଜା ହେବ ତୋର ମାତା
ତୋ ସନ୍ତାନ ଅଛି ଚାହିଁ
ପ୍ରତି ଦିନ ତୋର ଭିନ୍ନ ଭିନ୍ନ ରୂପ
ଜଗତର ହିତ ପାଇଁ ।୭।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପ୍ରଥମ ଦିନରେ ଶୈଳ ପୁତ୍ରି ନାମ
ଦ୍ୱିତୀୟ ବ୍ରହ୍ମଚାରିଣୀ
ଚନ୍ଦ୍ରଘଣ୍ଟା ନାମ ତୃତୀୟରେ ତୋର
କୁଷ୍ମଣ୍ଡା ଚତୁର୍ଥେ ପୁଣି ।୮।
ପଞ୍ଚମ ଦିବସେ ନାମ ସ୍କନ୍ଧ ମାତା
ଷଷ୍ଠରେ ତୁ କାତ୍ୟାୟନୀ
ସପ୍ତମରେ ତୁମେ ସାଜ କାଳରାତ୍ରି
ଅଷ୍ଟ ମହାଗୌରୀ ପୁଣି ।୯।
ନବମ ଦିବସେ ହୁଅ ସିଦ୍ଧି ଦାତ୍ରୀ
ଦଶ ମହିଷା ମର୍ଦ୍ଦିନୀ
ଦୁଃଖ ଶୋକ ହରି ଶାନ୍ତି ପ୍ରୀତି ଭାବ
ଢାଳି ଦେଉ ତୁ ଜନନୀ ।୧୦।
ପାଶେ ପାଶେ ରହି ସାହା ହେଉ ଥିବୁ
ପଣତ କାନି ଘୋଡାଇ
ସତ୍ୟ ଧର୍ମ ପଥେ ରାହା ଦେଖାଇବୁ
ବିଶ୍ୱାସ ଭରସା ତୁହି ।୧୧।
ସତ୍ୟ ସନାତନୀ ପାପୀଷ୍ଠ ନାଶିନୀ
ମାଆ କରୁଣା ଦାୟିନୀ
ଧର୍ମର ସ୍ଥାପନା ତୋର ପାଇଁ ମାତା
ତୁହି ଶାନ୍ତି ପ୍ରଦାୟିନୀ ।୧୨।

ଗାନ୍ଧୀନଗର, ପୋଷ୍ଟ / ଜିଲ୍ଲା : ନବରଙ୍ଗପୁର
୮୭୫୮୭୫୫୯୭୯

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଚାଲିଛି ଯେତିକି ବାଟ

ନିରଞ୍ଜନ ସାହୁ



ତୁମ ସହିତରେ ହାତେ ହାତ ଛନ୍ଦି
ଚାଲିଛି ଯେତିକି ବାଟ
ସେତିକି ବାଟର ସାଥି ହୋଇକରି
ତୁମେ ପାରିହେଲ ଘାଟ ।

ଜିତିଗଲା ଯିଏ ପଛକୁ ଫେରିକି
ଚାହିଁବାର ନାହିଁ ଜଣା
ପଛରେ ଯିଏସେ ରହିଗଲା ସିଏ
ହୋଇଗଲା ବାଟବଣା
ବାଟବଣା ଲୋକ ବାଟ ଖୋଜୁଖୋଜୁ
ସମୟ ମାରଇ ଛାଟ ।

ତୁମେ ସିନା ଘାଟ ପାରି ହୋଇଗଲ
ବୁଝିଲନି ପଛକଥା
କାହିଁକି କହୁନ ବୁଝିଥାନ୍ତ ତୁମେ
ଘୁରାଇକି ତୁମ ମଥା
ପୁରୁଣା ପାଠର ଆଲୋଚନା କଲେ
କାଳେ ବସିଥାନ୍ତା ହାଟ ।

ଯେତିକି ବାଟ ମୁଁ ବାଟୋଇ ହୋଇଛି
ତୁମରି ସାଥିରେ ଚାଲି
ଏତିକି ଜାଣିଛି ଶେଷରେ ନିଶ୍ଚୟ
ଭେଟିବି ମୁଁ ମରୁବାଲି
ମରୁଭୂମିରେ ମୁଁ ମରୁଦ୍ୟାନ ଖୋଜି
ତୃଷାରେ କରିବି ନାଟ ।

ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ – ୭୫୯୦୧୬
ମୋ :– ୯୯୩୮୭୪୧୫୮୩

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପ୍ରୀତି

ଶିଲ୍ପାଲିପି ବେହେରା

ମୁଁ ଗୋଟେ ପ୍ରୀତି ଭରା ନଦୀ
ବହୁଥାଏ କେତେ
ପାହାଡ ଜଂଗଲେ....,

ବାଣ୍ଟି ଚାଲେ ଖାଲି
ପ୍ରୀତିର ପରଶ
ନଜାଣି ଦିଗ ମୁଁ ମେଲେ..।

ନେଇ ଯାଏ ଯେଉଁ
ବାଟ କାଟି ମୋତେ
ଜଳଧାରା ତନୁ ମୋର..,

ବାହି ନେଇଚାଲେ
ଯେତେ ସବୁ
ଗ୍ଳାନି ଭାବି ତାକୁ କଂକର..।

ଯେଉଁ ଦେଶେ ଯାଏ
ପ୍ରୀତି ବାଣ୍ଟୁଥାଏ
ନିଜ ପର ନ ଭାବି..,

ଦୁଃଖ ପଙ୍କ ସବୁ
ନେଇଯିବି ସାଥେ
ସୁଖ ଫୁଲ ଖେଳାଇବି..॥

+୩ ଦ୍ୱିତୀୟ ବର୍ଷ ଛାତ୍ରୀ
ସ୍ୱାମୀ ବିବେକାନନ୍ଦ ସ୍ମାରକ ସ୍ୱୟଂଶାସିତ
ମହାବଦ୍ୟାଳୟ ଜଗତସିଂହପୁର
୮୦୯୩୫୨୨୯୨୪

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ତୁମ ବିନା

ନନ୍ଦିତା ବଡ଼ାଇ



ତୁମ ବିନା ଆଜି ଏ ଜୀବନ ବିଷାକ୍ତ

କାହିଁକି କେଜାଣି ?

କ୍ଷଣେ ମଧ୍ୟ ବଞ୍ଚିବା ଅସମ୍ଭବ

ତୁମ ବିନା ଏ କଣ ଗୋଟେ ଜୀଇଁବା ?

ତୁମ ଭାବନାରେ ରହେ ସବୁ ରାତି ଅନିଦ୍ରା

ସତେ ଆଖିରୁ ନିଦ ହଜିଯାଏ ଯେପରି

ଏ ଭାବନରେ ମୁଁ ଛଟପଟ୍

ଲାଗେ ଏପରି ସତେ ଯେପରି

ତୁମେ ଶୀଘ୍ର ଫେରି ଆସନ୍ତ

ଯେବେ ତୁମେ ପାଖେ ଥାଅ

ନା ଜୀବନରେ ଥାଏ କିଛି ଚିନ୍ତା

ନା ଥାଏ କିଛି ବ୍ୟଥା

ମୋ ଦିନ ବେସ୍ ଖୁସି ରେ କାଟିଥାଏ

ତୁମେ ଜାଣ, ତୁମ ବିନା ଏ ଜୀବନ ଅଭିଶପ୍ତ

ତୁମ ବିନା ଏ ପୃଥିବୀ ମୋ ପାଇଁ ଋତୁହୀନ

ତୁମ ବିନା କେବେ ମୋ ଜୀବନରେ

ନା ରହିଛି କେବେ ମଳୟ ପବନ

ନା ରହିଛି ଶେଫାଳୀର ସୁଗନ୍ଧ

ତୁମ ବିନା ମୋ ମନ ଫିକା

କାହିଁକି କେଜାଣି ?

ଏହା ବୋଧେ ମୋ ଭଲପାଇବା

କଦଳୀମୁଣ୍ଡା, ସମ୍ବଲପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପ୍ରକୃତି

ପ୍ରଶାନ୍ତ ବ୍ରହ୍ମା



ନୀଳ ଆକାଶରେ ରୂପେଲି ଜହ୍ନ
ତୋଳି ଆଣନ୍ତି ମୁଁ ତାକୁ
ସବୁଜ ବନ ନୀଳ ପାହାଡ଼
କିଣି ନେଲା ମୋ ମନକୁ ।

ନଦୀର ଜଳ ସମୁଦ୍ର ଢେଉ
ପହଁରି ଯାଆନ୍ତି ମୁହିଁ
ଗାଁ ର ବଣ ବର ଓହଳ
ଖେଳନ୍ତି କି ମୁଁ ଯାଇ ।

କୋଇଲି  କୁହୁ କୁହୁ ନାଦରେ
ମନଟା ଯାଏ ହଜି
ମୟୂର ନାଚେ ବିଭୋର ହୋଇ
ବରଷାରେ ଭିଜି ଭିଜି ।

ପାହାନ୍ତିଆର ଶୀତ କାକର
ଦେହେ ଶିହରଣ ଉଠେ
ମଲ୍ଲି ଫୁଲର ମହକ ସତେ
ତୋଳି ଧରନ୍ତି ମୁଠେ ।

ସାଧବ ବୋହୂର ସେ ନାଲି ରଙ୍ଗ
ଦେଖିବାକୁ ପାଏ ଶୋଭା
ରଙ୍ଗ ବେରଙ୍ଗ ଗୁଞ୍ଜିର ଉଡେ
ଖୁସି ଆସେ ମନେ ଅବା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମଳୟ ସାଥିରେ ପ୍ରଜାପତି  ଆସି
ଉଡେଇ ଦିଅନ୍ତା ମୋତେ
ନୀଳ ପାହାଡ଼ ନାଲି ସୂରୁଜ
ତୋଳି ଧରନ୍ତି କି ହାତେ ।

କୁଳୁ କୁଳୁ ହୋଇ ସେଇ ଝରଣା
ବହି ଯାଉଥିବ ପରା
ଗୀତ ଗାଉଥିବି ମୁଁ ତା ପାଶେ
ସମୟ ନ ଦେବ ଧରା  ।

ପଳାଶପୁର, ଖୋର୍ଦ୍ଧା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଆହେ ମଣିମା

ସିଦ୍ଧେଶ୍ୱର ତ୍ରିପାଠୀ



ଆହେ ମଣିମା
ମୁଁ ଆଜିବି ତୁମ ମାୟାରେ ବିମୋହିତ
ଅଷ୍ଟାଙ୍ଗ ଯୋଗରୁ ଗୋଟିଏବି
ସାଧି ପାରିନି ଏ ଅଙ୍ଗ
ତିନିଗୁଣ ରୁ ମୁଁ ଉଠି ପାରିନି ଊର୍ଦ୍ଧ୍ୱକୁ
ଷଡ଼ରିପୁ ଆସକ୍ତରେ
ଆଜିବି ମଜ୍ଜି ରହିଛି ଏ ମନ

ଏ କ୍ଷଣ ଭଙ୍ଗୁର ଜୀବନକୁ
ଭାବି ନେଇଛି ଚିର ସ୍ଥାୟୀ
ମାଟି ଦେହକୁ ମଣିଛି ସୁଖ
ସାଜି ଚାଲିଛି ମନର ଦାସ

ଆଉ କେତେ ଦିନ
ଆଉ କେତେଦିନ
ମୋତେ ଏମିଜି ରଖିଥିବ ସାଆନ୍ତେ
ଥରେ ଡାକ
ଡାକି ନିଅ ତୁମ
ଆସ୍ଥାନ ଆଡ଼କୁ
ଏ ମୋହରୁ ମୁକୁଳାଇ
ଥରେ  ଚଖାଇ ଦିଅ ମକରନ୍ଦ

ଯୋଉ ମକରନ୍ଦର
କଣିକାଏ ସ୍ପର୍ଶରେ
ଏ ଜୀବନ ହେଇଯିବ
ସତ୍ୟର ଆନୁଗତ୍ୟ
ଶାନ୍ତିର ସ୍ୱାକ୍ଷର
ଭକ୍ତିର ଭାବଧାରା ।

ଖୋର୍ଦ୍ଧା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପ୍ରେୟସୀ ଜହ୍ନ

ଚନ୍ଦ୍ରକାନ୍ତ ଜେନା



ହେ ପ୍ରେୟସୀ ଜହ୍ନ....
ତୁମେ ଶ୍ରଦ୍ଧା, ପ୍ରେମର ଅପୂର୍ବ ବର୍ଣ୍ଣନ,
କି ସ୍ୱର୍ଗୀୟ ରୂପ ତୁମ !
ସେ ସୁନ୍ଦରତାର କରିବି କି ଆକଳନ ?

ହେ ପ୍ରେୟସୀ ଜହ୍ନ......
ସୀମାହୀନ ଗଗନରେ ତୁମେ,
ଘୁରି ବୁଲୁଥିବା ଅପ୍ସରୀ ମନର ମଇନା,
କେବେ ଖିଆଲି ଭାବୁକ ହୃଦୟରେ,
ସତେ ଚିକ୍-ମିକ୍ ରୂପା ଆଇନା ।

ହେ ପ୍ରେୟସୀ ଜହ୍ନ......
ରାତିର ଅମା ଅନ୍ଧକାରେ ତୁମେ,
ଢାଳିଦିଅ ଧରାଧାମେ ତୁମ ନୀଳ ଜୋଛନା,
କଇଁ ସତେ ଲାଜେଇଯାଏ,
ଭୁଲିଯାଏ, ତା ମନର ବେଦନା ।

ହେ ପ୍ରେୟସୀ ଜହ୍ନ....
ପକ୍ଷେ ଛିଡି, ପକ୍ଷେ ବଢ଼,
ହେଲେ କରନା କେବେ ଛଳନା,
କେବେ ଅମାବାସ୍ୟାର ଦୁଃଖେ ଖାଲି,
ପୁନେଇଁରେ ଭର ସେ ପୂର୍ଣ୍ଣତା ।

ହେ ପ୍ରେୟସୀ ଜହ୍ନ.....
କେବେ ଚୋରିକର ନିରବପଣକୁ,
ସହରଟା ଶୋଇଗଲା ପରେ,
ଚେଇଁ ରହେ ତୁମକୁ ଖୋଜିବାରେ !
ତୁମ ସେ ରୂପେଲି ରୂପ ସନ୍ଧାନେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହେ ପ୍ରେୟସୀ ଜହ୍ନ.......
କେବେ ଲୁଚି ଚାହଁ ମେଘ ଆଢୁଆଳେ,
ଉଦାସ ଆଖିରେ ତୁମ,
ପୁଣି ଦୂରେଯାଅ ଆକାଶ ବୁକୁରେ,
ଦେଖି ଏ ମନ ପକ୍ଷୀ ଝୁରେ  !

ହେ ପ୍ରେୟସୀ ଜହ୍ନ......
ତୁମ ଅତ୍ମୀୟତାରେ କର ଆତ୍ମବିଭୋର,
ସେ ଚୋରା ଚାହାଣୀରେ  !
କେବେ କବି ପ୍ରାଣେ ଭର ଉନ୍ମାଦନା,
ତୁମ ଅପରୂପ ସୁନ୍ଦର ଶୋଭାରେ  ।

ହେ ପ୍ରେୟସୀ ଜହ୍ନ......
ଇଚ୍ଛା ହୁଏ ହଜିଯାନ୍ତି  !
ତୁମ ଦେହେ କଳଙ୍କ ଛିଟାରେ,
ଫେର୍ ମଜ୍ଜିଯାନ୍ତି  !
ତୁମ ଶାନ୍ତ, ଶୀତଳତାରେ ।

ହେ ପ୍ରେୟସୀ ଜହ୍ନ......
ଯାଅନାହିଁ ଦୂରେ ଦୂରେ ତୁମେ,
ଉଡ଼ିଯିବି ତୁମରି ବକ୍ଷକୁ  !
କୋଳେଇବି ତୁମ ସେ, କାନ୍ତ,
କୋମଳତାକୁ.....
ଆପଣା ପଣକୁ......
ନିର୍ଭେଜାଲ୍ ଭଲ ପାଇବାକୁ
ହେ ପ୍ରେୟସୀ ଜହ୍ନ ତୁମେ
ହେ ପ୍ରେୟସୀ ଜହ୍ନ....

ପୁରୁଷୋତ୍ତମପୁର, କଟକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଆଜିର ଜରୁରୀ ଟିକେ ଅଲଗା

ଜୟଶ୍ରୀ କ୍ରାନ୍ତି ପୂରବି ସାହୁ



ସଭିଏଁ ଚାହାନ୍ତି ସଫଳତା
ସଂସ୍କାରକୁ କରି ଅଣଦେଖା
ବୋଧେ ସଫଳଠୁ ସଂସ୍କାର
ଟିକେ ଜରୁରୀ ଅଧିକା

ସଭିଏଁ ଦେଖନ୍ତି ସୁନ୍ଦରତା
ଅଣଦେଖାରେ ଥାଏ ସୁସ୍ଥତା
ବୋଧେ ସୁନ୍ଦରତା ଠୁ ସୁସ୍ଥତା
ଟିକେ ଜରୁରୀ ଅଧିକା

ସଭିଏଁ କରିପାରନ୍ତି ପ୍ରଶଂସା
ହେଲେ କଷ୍ଟସାଧ୍ୟରେ ପ୍ରେରଣା
ବୋଧେ ପ୍ରଶଂସା ଠୁ ପ୍ରେରଣା
ଟିକେ ଜରୁରୀ ଅଧିକା

ସଭିଙ୍କ ଆପତ୍ତି ଥାଏ ସମ୍ପତ୍ତି
କହା ଆପତ୍ତି ନାମକୁ ଯେ ଶାନ୍ତି
ବୋଧେ ଶାନ୍ତି ଠୁ ସମ୍ପତ୍ତି
ଆଜି ଟିକେ ଅଧିକା ଜରୁରୀ....

ଠିକଣା - କୁଆଖିଆ , ଯାଜପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ତୁମପାଇଁ ଅନୁରାଗ

ଦିବାକର ନାୟକ



ଆଗୋ ବିନୋଦିନୀ ଦେବି ତୁମକୁ ମୁଁ
ହୃଦୟର ସବୁ ଅନୁରାଗ
ବିନା ପ୍ରତିଦାନେ ଭରିଦେବି ତୁମ
ମନ-ସୁମନରେ ସଉରଭ ।।0।।

ଆକାଶରେ ହୋଇ ଦ୍ୱିତୀୟା ଜହ୍ନ ମୁଁ
ତୁମକୁ ପ୍ରଥମେ ଦେଖାଦେବି
ଆଦ୍ୟ ଆଷାଢ଼ର ବାରି ହୋଇ ତୁମ
ପଦ୍ମ-ଲପନ ଧୋଇଦେବି

ରକତ ଜବାର ରଂଗ ଆଣି ମୁଁ
ତୁମରି ଅଧରେ ଦେବି ମାଖି
ଶତ ମୋନାଲିସା ହସର ଝଲକ
ସେ ଅଧରେ ହେବ ଚିକିମିକି

ଝରା ଶେଫାଳୀର ଗାଲିଚା ହୋଇ ମୁଁ
ଛୁଇଁ ଯିବି ତୁମ ଚାରୁ ପାଦ..
ଆଗୋ ବିନୋଦିନୀ ଦେବି ତୁମକୁ ମୁଁ
ହୃଦୟର ସବୁ ଅନୁରାଗ ।।୧।।

ଜାଣେନା କିଆଁ ମୁଁ ତୁମରି ସେବାକୁ
ମଣେ ଆଜି ଏତେ ଗଉରବ..
ଆଗୋ ବିନୋଦିନୀ ଦେବି ତୁମକୁ ମୁଁ
ହୃଦୟର ସବୁ ଅନୁରାଗ ।।୨।।

ଆକାଶବାଣୀ ଗୀତିକାର
ପାଟପୁର, କନିସି-୭୬୧୦୦୮
ଗୋଳନ୍ଥରା, ଗଞ୍ଜାମ
ମୋ:୯୯୩୮୭୧୯୯୮୧

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପିଆଜ

ସରୋଜ କୁମାର ସାହୁ



ସାରା ବରଷକ ସଭିଁଏ ଲୋଡ଼ନ୍ତି
ସହର ହେଉବା ଗାଉଁଲି ଯେତେ
ତା ବିନା ସୁଆଦ ଲାଗେନି ଆମିଷ
ଗରିବ ଖୋଜଇ ପଖାଳ ଭାତେ ।

ଭୋଜିଭାତ ଅବା ଫୁଟଣ ବାଟଣ
କିଏ କଣ କେବେ ପାରଇ ଭୁଲି
ପିଆଜ ଭିତରେ ଫିକାଟି ସୁଆଦ
ରାଗ ଅଟେ ଭାରି ଯେତକ ନାଲି ।

ମୁଢ଼ି ମିଚର ରେ ଚାଖଣ ରୁଚେନା
ନଥିଲେ ପାଖରେ ଫାଳେ କି ଗୋଟେ
ଶାଗ ହେଉ ଅବା ଯେତକ ପରିବା
ରାନ୍ଧି ହୁଏନାହିଁ ତା ବିନା ମୋତେ ।

ସାଇତା ଚୋପାରେ କରେ ଚକଚକ
ହେଉ ପଛେ ଯେତେ ପାକଳ କଷି
ଯିଏ ବି କାଟିଲେ ଅଧିକା ଦୁଇଟା
ଆଖି ତା ଭରଇ ଲୁହରେ ଭାସି ।

ଛଣା ଛଣି କଥା ଜାଣନ୍ତି ସଭିଁଏ
ପକୁଡ଼ି ବରାରେ ନଥିଲେ ପଡି
ହେଉପଛେ ସ୍ୱାଦ ରୁଚେନ ପାଟିକୁ
ପିଲାଏ ଦିଅନ୍ତି ମୁହଁକୁ ମୋଡି ।

ବଡ଼ିଖଟା ସଙ୍ଗେ ତାର ଅଧା ଭାଗ
ନ ଥିଲେ ଖାଇବା ଆସେନା ମଜା
ଭର୍ତ୍ତା ହେଉ ଅବା ଚଟଣି ସୁଆଦ
ପାଶୋରି ପାଟିକୁ ଦିଅନା ସଜା ।


ଆଠଗଡ଼ କଟକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବର୍ଷା ପଣତ

କୀର୍ତ୍ତନ ସାହୁ



ବର୍ଷାର ଛିଟ ପଣତରେ
ବାନ୍ଧି ହୁଏ
ମୁଠାଏ ସ୍ୱପ୍ନିଳ ମୁହୂର୍ତ୍ତ
ଉଡି ବୁଲନ୍ତି
ରଙ୍ଗୀନ ପ୍ରଜାପତି
ଖସି ପଡନ୍ତି
ତାରା ଫୁଲ ଆକାଶରୁ
କିଆରୀର ସୁନା ଫସଲ
ତା ଅବସ୍ଥିତି
ଜାହିର କରି ବସେ

ଗାଢ଼ କଳା ପଣତ ତ
ଖୋଲି ଦିଏ
ଦୁଃଖର ଦୁଆର
ଝାଡି ଦିଏ ଡେଣା ତାର
ଗଳିଯାଏ
ଝିଙ୍କ କଣ୍ଟା ଦେହରେ
ଅଚାନକ ଖସି ପଡେ
ନିଆଁ ଝୁଲ
ହୃଦୟ କୋରଡରୁ
ଶୁଖିଲାରେ କଇଁଛଟି
ଚୁଘୁରି ଚୁଘୁରି ଚାଲେ
ଜଳାଶୟ ସନ୍ଧାନରେ ।


ମିଶ୍ର କଲୋନୀ, ଶାଳପଡ଼ା, କେନ୍ଦୁଝର,
୯୪୩୮୪୧୪୭୦୧

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଏମିତି ଭାଇ ଜଗତେ ନାହିଁ

ଗଣେଶ ରାଉତ



ମୁଁ ଝୁଣ୍ଟି ପଡିଗଲେ ହସୁ ନାହିଁ ଆଉ
ଚାଲିବା ପାଇଁ ରାସ୍ତା ଦେଉଛି ବତାଇ ।

ଝାଂପି ଖାଉନାହିଁ ଖାଇବା କୁ ମୋର
ତା ଖାଇବା ମୋତେ ଦେଉଛି ବଢାଇ ।

ଖାଇବା ପିନ୍ଧିବାରେ ବାଦ କରୁନାହିଁ
ବୁଝିବାର ଏବେ ଗଲାଣି ଯେ ହୋଇ ।

ଦୁଃଖ କଷ୍ଟକୁ ଛାତିପାତି ସହିଯାଉଛି
ମନ ର ଭାବନା କୁ ନ ପାରେ କହି ।

ବୟସ ର ଚଲାପଥେ ଚାଲୁ ଚାଲୁ
କେବେ ବଦଳି ଯାଇଛି ମୋ ଭାଇ ।

ବିପଦ ସମୟେ ଥିଲେ ମୋ ଭାଇ
ଅସ୍ତ୍ରର ଶସ୍ତ୍ରର କୁ ମୁଁ ତୁଚ୍ଛ ମଣଇ ।

ଭୁଲ ଠିକ୍ ବନ୍ଧୁ ଭଳି ଦେଉଛି କହି
କଳିଯୁଗର ସହଦେବ ମୋ ପାଇଁ ।

ମୁଁ ଶରୀର ହେଲେ ସିଏ ମୋ ଛାଇ
ମୁଦ୍ରାର ଦୁଇ ପାର୍ଶ୍ୱ ଆମେ ଦୁଇ ଭାଇ ।

ମୋ ଖୁସି ପାଇଁ ସେ ସିନ୍ଧୁ ଲଙ୍ଘି ପାରଇ
ଏମିତି ଭାଇ ମୋ ଜଗତେ ନାହିଁ ।

ଗଞ୍ଜାମ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଗାନ୍ଧୀଙ୍କୁ ଖୋଜୁଛି ଭାରତ ଭୂଇଁ

ଏଲିନା ଜେନା



ସତ୍ୟ, ଶାନ୍ତି, ଅହିଂସାର ପୂଜାରୀ
ହେ ବାପୁ ! ପ୍ରଣାମ ଘେନ

ସ୍ୱପ୍ନର ଭାରତ ଆଜି ରଣକ୍ଷେତ୍ର
ଆଉ ନାହିଁ ଭାଇ ଚାରା
ସତ୍ୟ ଯାତ୍ରାର ବିଷମ ପାଚେରୀ
ବେନି ନେତ୍ରେ ଦେଖି ପରା ।

ଅହିଂସାର ବାର୍ତ୍ତା କାନେ ଦେଇଥିଲ
ସ୍ୱାଧୀନତା ପାଇଁ କେତେ,
ହିଂସାର ବହ୍ନି ଜଳୁଛି ତ ଆଜି
ସମୟର ଆତେ ଯାତେ।

ଅବତରୀ ଆସ ପୂଣ୍ୟ ମହାତ୍ମା
ଏ ଧରା ବୁକୁରେ ଥରେ,
ଦେଖିବାକୁ ପରା ତୁମ ସ୍ୱପ୍ନ ଆଜି
ରହିଅଛି ନାରଖାରେ ।

ବିଶ୍ୱାସ ଏଠି ହଜି ତ ଯାଇଛି
ଅବିଶ୍ୱାସେ ପଡେ ହୁରି
କଠୋର ପାଷାଣ ହୃଦୟ ଯେ ଆଜି
ଖେଳନ୍ତି ରକ୍ତରେ ହୋରି ।

ଜଳୁଅଛି ଆଜି ପରିବେଶ ପରା
ହୃଦୟେ ଲାଗିଛି ନିଆଁ ,
ଅର୍ଥହୀନ ଏଠି ଦୁର୍ଲ୍ଲଭ ଜୀବନ
ଚିତ୍ତେ ଉକୁଟେ ଛାନିଆଁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସ୍ନେହ, ଶ୍ରଦ୍ଧା, ପ୍ରେମ ନାହିଁ ମାନେ କିଛି
ଧନ ତ ଏଠି ସବଳ
ଧ୍ୟାନ ଏଠି ରଖେ ମାନ ସମ୍ମାନ
ଅର୍ଥ ରଚେ ଗଣ୍ଡଗୋଳ ।

ମନେପଡେ ଆଜି ତୁମ୍ଭ ମାନଙ୍କର
ଉପଦେଶ ଗାଥା ବାଣୀ,
ଅନୁସରୀ ଯଦି ଜୀବନ ସକଳ
ପାରନ୍ତେ ନିଜେ ସୁଧାରି ।

ଦେଶ ଦେଶ ମଧ୍ୟେ ଲାଗିଛି ରେ ଭାଇ
ହିଂସା ଦ୍ୱେଷ ର ଅନଳ
ରାଜନୀତି ନାମେ ଢେଙ୍ଗୁରା ବାଜୁଛି
ରଣନୀତି କଉଶଳ ।

ଥରେ ନେତା ହେଲେ ଚାଲିଯାଏ ଚିନ୍ତା
ସପ୍ତ ପୁରୁଷ ଦମ୍ଭିଲା
ବସିଖାଇ  ନଇବାଲି ସରେ ନାହିଁ
କେହି ନ ରୁହେ ଭୋକିଲା ।

ତୁମେ ଗଲାପରେ ନେହେରୁ କହିଲେ
ଆଲୁଅ ଯେ ଗଲା ଲିଭି
ଆଜି ତୁମେ ଅଛ ମୂର୍ତ୍ତିରେ, ମୁଦ୍ରାରେ
ଅଛି ତୁମ ସତ ଛବି  !

ଜାଗରେ ଜାଗରେ ଜନତା ସକଳ
ପଣ ରଖି ଏକତାରେ
ଆଉ ନ ରଖିବୁ ରାଜନୀତି ଟେକ
ଅନ୍ୟାୟର ବିରୁଦ୍ଧରେ ।

ଜାତିର ଜନକ ସତ୍ୟର ସାଧକ
ହେ ବାପୁ ! ଆସ ହେ ଥରେ
ସାବରମତୀରୁ ମହାନଦୀ ଯାଏଁ
ହସ ଫେରୁ ଘରେ ଘରେ ।

କାନ୍ଦୁଛି ଦେଶ କାନ୍ଦୁଛି ଜାତି
ତୁମରି ପରଶ ପାଇଁ
ଫେରିଆସି ଗଢ଼ ସୁନାର ଭାରତ
ଖୋଜୁଛି ଭାରତ ଭୂଇଁ ।

ଭୁବନେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସମୟ ବଦଳେ ନା ମଣିଷ

ଡଃ ନାରାୟଣ ଚନ୍ଦ୍ର ସେନାପତି



ସେ ତ ବୁଢ଼ା ଜରଦଗବ ପରି
ଚାହିଁ ରହିଛି କେଉଁ ଆଇମା ଅମଳାରୁ
ଦେଖୁଛି ଶାବକଙ୍କ ଗତି ବିଧି
କହୁଛି ଠକିବନିରେ ମୋତେ
ମୋର କାଣିଚାଏ ବି କରିବନି ନଷ୍ଟ
ମୋତେ ଅଦରକାରୀ ଭାବି ।

ମଣିଷଟା କିନ୍ତୁ ମୋଟା ବୁଦ୍ଧିଆ ହୋଇ
ଆଳସ୍ୟକୁ କରୁଛି ପ୍ରେମ
ଚାକଚକ୍ୟକୁ ଅଙ୍କଶାୟିନୀ କରି
ସମୟକୁ କରୁଛି କେତେ ଅଟ୍ଟହାସ୍ୟ
ଦୁଃଖ ତାକୁ ଜାବୁଡ଼ି ଧରିଲା ବେଳେ କହୁଛି
ଏ ସମୟ ପରା ବଦଳି ଯାଇଛି ।

ମଣିଷର ଚଳଣୀ ଚରିତ୍ର ଯେବେ ବଦଳିଯାଏ
ଆଧୁନିକତା ମାଡ଼ରେ ସଂସ୍କାର କାନ୍ଦି ପକାଏ
ଅଧର୍ମ ମାରୁତିରେ ବେପରୁଆ ଚାଳନା
କ୍ଷତ ବିକ୍ଷତ   କରି ପକାଏ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କେବେ ଭାଗ୍ୟକୁ କେବେ ଭଗବାନଙ୍କୁ ଦୋଷ ଦିଏ ତ
ଆଉ କେବେ ସମୟ ବଦଳି ଯାଇଛି କହି କାନ୍ଦି ପକାଏ ।

ଶ୍ରଦ୍ଧା କଲେ ସମ୍ମାନ ମିଳେ
ପ୍ରେମ କଲେ ଆନ୍ତରିକତା ବଢେ
ଗୁପ୍ତରେ ଏସବୁ ପ୍ରଚାର କରୁଥିବା ସମୟ
କାନ୍ଦି ପକାଏ
ଯେବେ ଦେଖେ ମଣିଷର ତା ପ୍ରତି ହେୟଜ୍ଞାନ ଅସମ୍ମାନ ଆଉ ଅଣଦେଖା,
ମଣିଷର ଏ କୃତଘ୍ନ ବିଶ୍ୱାସଘାତକତା ଆଉ ସ୍ୱାର୍ଥପରତା ତାକୁ ବିଚଳିତ କରେ,
ଆଶାଛଡା ମ୍ରିୟମାଣ ଅନୁତପ୍ତ ମଣିଷକୁ
ସେ ବଲ୍ ବଲ୍ କରି ଚାହେଁ
କହେ .............
ପଢିଲ କି ତୁମ କୃତ କର୍ମର ଇତିହାସ ?
କହିଲ ....... ? କିଏ ବଦଳିଛି ?
ସମୟ ନା ମଣିଷ ????

ଜମ୍ଭରା, କେନ୍ଦୁଝର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସମୟ ବଦଳେ ନା ମଣିଷ

ସ୍ୱାଗତିକା ସାହୁ



କେବେ ଠୁ ମନେ ଅଛି ପଢିଥିବା ସେଇ

ଡାରଉଇନଙ୍କ ମତବାଦ....

ଭୌଗଳିକ ପରିସ୍ଥିତିକୁ ନେଇ

ଗୋଟିଏ ପ୍ରଜାତି ଅନ୍ୟ ଏକ

ପ୍ରଜାତିରେ ପରିବର୍ତ୍ତନ ...

ଆଉ ସମୟାନୁଯାଇ ଜୈବ ବିବର୍ତ୍ତନ

ଏବେ ନିରସ୍ତ୍ର ମଣିଷ କାନ୍ଦରେ ବସିଛି

ଯେଉଁ ଅସହାୟ ସମୟ...

ଫାଶୀ ଖୁଣ୍ଟିରେ ଝୁଲୁଛି

ତା ମଣିଷ ପଣିଆ !!!

ସମୟ ଅନୁସାରେ ସବୁତ ବଦଳା

ମଣିଷ ତା ଭୌତିକ ରୂପ ତା ଅନ୍ତଃରୂପ

ତା ମନୋଭାବ ଆଉ ସମ୍ପର୍କର ଧାର

କେବେ ସାଧାରଣ ମଣିଷଟେ

ପାଇଯାଏ ପଦ ପଦବୀର ଆସନ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅନ୍ୟ ପାଖରେ ଫୁଲମାଳ ପିନ୍ଧି
ଠୋ ଠୋ ହୋଇ ହସ ତା ଅହଙ୍କାର ରୂପ
ଭଲ ପାଇପାବାର ପତ୍ର ଫୁଲ,ଫଳ ସବୁ
କେତେବେଳୁ ଝଡିଯାଇ
ଜଳି ଗଲାଣି ବଦଳା ସମୟର କାଉଁରୀ ସ୍ପର୍ଶରେ
କେବେ କେବେ ନିସହାୟ ହୋଇ
ଶୁଖିଲା ଗଛପରି ଚାହୁଁଥାଏ ଆକାଶଟାକୁ
ଗାଉଥାଏ ସୂର୍ଯ୍ୟାସ୍ତର କରୁଣ ସଙ୍ଗୀତ
ଅନ୍ୟ ପଟେ କରୁଥାଏ କୁହୁଳାଏ ଯୁଦ୍ଧ
ପରିବାରରେ, ସମାଜରେ, ବାଦ ପଡେନି ରାଷ୍ଟ୍ର

ଉଧାରୀ ଜୀବନ ଉଡ଼ାଟିଆ ପରିଚିତିରେ
ନାହିଁ କିଛି ପରିଚୟ ତା'ର
କେବେ ଖୋଜିଥିଲେ ସରଳ ନିରାଡମ୍ବର ଜୀବନ
ସବୁଜ ଅରଣ୍ୟକୁ ବାସସ୍ଥଳୀ...
ଏବେ କିନ୍ତୁ ତା ରୂପ ରଙ୍ଗ ଉଠି ଠିଆ
ଆଧୁନିକତାର ଚାକଚକ୍ୟରେ...
ମସଗୁଲ ତା ବଦଳା ମଣିଷ ପଣିଆ
ଆଦରୁ ଥିବା ମାଁ ଏବେ ଜରାଶ୍ରମେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭୁଲିଛି ମାଁ, ମାତୃଭୂମି....

ବିଶ୍ୱାସ ଘାତକର ବିଷ ବଳୟରେ

ବିଶ୍ୱ ବନ୍ଦିତା ସେ...

ତା ବାସ୍ତବ ଚିତ୍ର ସାହିତ୍ୟରେ ବେଶ୍ ପ୍ରକାଶ୍ୟ

ବେଶ୍ ଚିତ୍ରିତ ଇତିହାସ, ବିଜ୍ଞାନରେ

ଭୂଗୋଳ ପୃଷ୍ଠାର ପ୍ରତି ଧାଡ଼ିରେ

ଏକ ମାର୍ମିକ ପ୍ରତିଲିପି ହୋଇ... ! ! !

ଉମରକୋଟ, ନବରଙ୍ଗପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସମୟ ବଦଳେ ନା ମଣିଷ

ଦେବେନ୍ଦ୍ର ନାୟକ



ହେ ସୃଷ୍ଟିର ଶ୍ରେଷ୍ଠ ଜୀବ ମଣିଷ
ଦେଇ ପାରିବ ଉତ୍ତର
ସୃଷ୍ଟିର ଆରମ୍ଭରୁ ଯେ ଏ ପର୍ଯ୍ୟନ୍ତ
ବଦଳୁଛି କା ଚରିତ୍ର !

କିଏ କହେ ସମୟର ତ ପୁଣି କେ
କହେ ଏହି ମଣିଷର
ସମୟର ଗତି ତ ଅବିରାମ ଅଟେ
ନାହିଁ ବଦଳିବା ତା'ର !

ଏଇ ଅଟେ ବିଚାର ଈଶ୍ୱରଙ୍କର
ସବୁ ଯେ ଖେଳ ତାଙ୍କର
ଏ କଳି କାଳର ମଣିଷ ସୁନ୍ଦର
ଭିନ୍ନ ଭିତର ବାହାର ।

ଚିତ୍ରକୁ ଦେଖି ବୁଝି ହୁଏନା କିଛି
ଭରିଛି ପଞ୍ଚ ବିକାର
ମଣିଷ ବଦଳେ ପରିସ୍ଥିତି ନେଇ
ପରିଚାଳକ ଈଶ୍ୱର ।

ମଣିଷବିନା ଚଳିଯିବ ସମୟ
ନାହିଁ ରକ୍ତମାଂସ ଶରୀର
ବିନା ସମୟରେ ଚଳି ନ ପାରନ୍ତି
ମଣିଷ ଏହି ସୃଷ୍ଟିର !

ମିଟୁଆଣୀ, ଠାକୁରମୁଣ୍ଡା, ମୟୂରଭଞ୍ଜ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସମୟ ବଦଳେ ନା ମଣିଷ

ରମେଶ ଟାକ୍ରୀ



ସମୟର ସ୍ରୋତ   ବହେ ଅବିରତ
 ଦିନ ମାସ ବର୍ଷ ନେଇ
କେବେ ଯେ ଆରମ୍ଭ  କେବେ ଅବା ଶେଷ
 ସହଜେ ଜାଣି ନୁହଁଇ ।୧।

ସମୟର ଗତି   ପ୍ରଖରତା ଅତି
 ବହିଚାଲେ ଅବିରତ
ଥରୁଟିଏ ହେଲେ   ପଛକୁ ଚାହେଁନା
 ଏହି ସମୟର ସ୍ରୋତ ।୨।

ମଣିଷର ଚିନ୍ତା   ଚେତନା କୁ ନେଇ
 ପରିବର୍ତ୍ତନର ଖେଳ
ଭାବନାରେ ରହି   ସେ ଯାହା କରଇ
 ପାଏ ସେ ତାହାର ଫଳ।୩।

ଏ ପ୍ରାଣୀ ଜଗତ   ହୁଏ ଆତଜାତ
 ସମୟ ସୁଅରେ ଭାସି
ସମୟର ତାଳେ   ଏ ପ୍ରକୃତି ଖେଳେ
 ମନ ହୁଏ ଭାରି ଖୁସି ।୪।

ଋତୁ ଆସେ ଯାଏ   ମନ ଚହଲାଏ
 ଭିନ୍ନ ଭିନ୍ନ ରୂପ ନେଇ
ସୁଖଦୁଃଖ ବେଳେ   ମଣିଷ ବଦଳେ
 ସମୟ ବଦଳେ ନାହିଁ।୫।

ଏ ବି ଇ ଓ ତେନ୍ତୁଳିଖୁଣ୍ଟି
ନବରଙ୍ଗପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସମୟ ବଦଳେ ନା ମଣିଷ

ସଂଯୁକ୍ତା ସାହୁ



ପୃଥିବୀ ତ ପ୍ରତି କ୍ଷଣ କ୍ଷଣକେ ଆନ
ବଦଳୁଥାଏ ବର୍ଷ, ମାସ, ଦିନ, ପକ୍ଷ
ପରିବର୍ତ୍ତନ ହେଉଥାଏ ଋତୁର ସମୟ
ମଣିଷ ଏଇ ପୃଥିବୀର ଅମୂଲ୍ୟ ସନ୍ତାନ
ସିଏ ବି ବଦଳୁଥାଏ ପ୍ରତି ମୁହୂର୍ତ୍ତରେ
ତା'ର କ୍ଷୁଦ୍ରକାୟ ଆକୃତି ଭିତରେ
ଭରିଥାଏ ମହାଜୀବନର ପ୍ରତିରୂପ
ଯେଉଁ ଇତିହାସର ରକ୍ତକଣିକାରେ
ଦିନେ ଛୁଟୁଥିଲା ଗୋଟେ ଉଦ୍ଦାମ ଅଶ୍ୱ
ରଚୁଥିଲା ପ୍ରାଣବନ୍ତ ଉଜ୍ଜ୍ୱଳ ଇତିହାସ
କୋମଳ ଆଶ୍ଳେଷର ମମତାବୋଳା ସ୍ପର୍ଶ
ପ୍ରାଣେ ପ୍ରାଣେ ଖେଳାଇ ଦେଉଥିଲା

ପ୍ରଚଣ୍ଡ ବିଶ୍ୱାସର ନୂତନ ସକାଳର
ଏବେ ସବୁଠି ଘେରିଯାଇଛି କାଳରାତ୍ରୀ
ମମତା, ବିଶ୍ୱାସର ଗଳା ଚିପାଚାଲିଛି
ସବୁଠି ଘୃଣା, ଅବିଶ୍ୱାସ , ହିଂସ୍ରକାମନାର
ବିଷାକ୍ତ କୁହୁଡ଼ି ରେଣୁ ରେଣୁ ଧୂଳିକଣାରେ
ବିଶ୍ୱାସ ଘାତକଙ୍କ ଡେଣା ମେଲିଚାଲିଛି
ଭରସା କରିବା ଆଜିକାଲି ହଜିଯାଇଛି
ପରିସ୍ଥିତି ଏବେ ବିଶୃଙ୍ଖଳିତରେ ଭର୍ତ୍ତି
ନିଜ ରକ୍ତ ଆଜି ବିଶ୍ୱାସଘାତକ ସାଜିଛି
ଏଠି କଣ ସମୟ ବଦଳି ଯାଉଛି ?
ମଣିଷ ସମୟକୁ ବଦଳିବାକୁ ବାଧ୍ୟ କରୁଛି
ପରିସ୍ଥିତି, ପରିବର୍ତ୍ତନ ଏସବୁ ତା ହାତରେ ।

ରାହାମା, ଜଗତସିଂହପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସମୟ ବଦଳେ ନା ମଣିଷ

ଭାସ୍କର ରାଉତ



ସୃଷ୍ଟି ଆରମ୍ଭରୁ ନିଜର ସୀମାରୁ
କେବେ ସେ ବଳି ଯାଇନି
ସୀମା ମଧ୍ୟେ ରହି ଗତି କରେ ସେହି
କେଉଁଠାରେ ଅଟକେନି ।
ଋତୁ ଚକ୍ର ତାର ଚିର ସହଚର
ତାହାକୁ କେବେ ଭୁଲିନି
ନିଜ ସାଥେ ନେଇ ଆସୁଥାଏ ସେହି
ବାଟବଣା ସେ ହୁଏନି ।
ଦିନ ରାତି ହାତ ଧରିଚାଲେ ସେତ
ଅବହେଳା ସେ କରେନି
ସମୟ ନିଜର କର୍ତ୍ତବ୍ୟକୁ ତାର
କ୍ଷଣେବି ସେହି ଭୁଲେନି ।
ସମୟଟା କାହିଁ ବଦଳଇ ନାହିଁ
ବଦଳି ଯାଏ ମଣିଷ
ସମୟ ନାମରେ ସ୍ୱାର୍ଥ ସାଧନରେ
ବଳାଏ ନିଜ ମାନସ ।

ନିଜ କର୍ତ୍ତବ୍ୟକୁ ଭୁଲିଣ ତାହାକୁ
ସ୍ୱାର୍ଥ ରକ୍ଷା ଲାଗି ସେହି
କ୍ଷଣିକ ମଧ୍ୟରେ ନିଜର କଥାରେ
ଓଲଟ ପାଲଟ କହି ।
ଭଲ ମନ୍ଦ ଅବା ପାପୀ ପୂଣ୍ୟ କିବା
ବିଚାର ହୀନ ହୋଇଣ
ସ୍ୱାର୍ଥ ସିଦ୍ଧି ପାଇଁ ଆଖି ବୁଜିଦେଇ
କରି ଚାଲେ କର୍ମମାନ ।
ଶ୍ରେଷ୍ଠ ଜୀବ ହୋଇ ନିକୃଷ୍ଟ ସାଜଇ
କାମନା ବାସନା ପାଇଁ
ମଣିଷ ବଦଳେ କାଳର କବଳେ
ପଡ଼ି ଡାକେ ତ୍ରାହି ତ୍ରାହି ।

ଦେବମାୟା ଭବନ, ଶେରଗଡ଼, ଗଞ୍ଜାମ
୯୭୭୬୪୮୬୬୨୮

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସମୟ ବଦଳେ ନା ମଣିଷ

ସନ୍ତୋଷ କୁମାର ସାହୁ



ତିନିଟି ଅକ୍ଷର ସମୟ ନାମଟି
ବଦଳାଏ ପରିସ୍ଥିତି
କେତେବେଳେ ଆସେ କେତେବେଳେ ଫେରେ
ନାହିଁ ତା'ର ରୀତି ଗତି..
ଆଖି ପିଛୁଳାକେ ଘଟଣା ଟା ଘଟେ
ଅଜଣା ସମୟ ଆସି
ଦୋଷୀ ଖସିଯାଏ ନିରୀହ ମଣିଷ
ବିପଦରେ ଯାଏ ଫସି...
କିଛିବି ସମୟ ଜୀବନରେ ଆସେ
ଶୁଭର ସମ୍ଭାର ଧରି
କେବେଯେ ସମୟ ଅଫେରା ପଥରେ
ଆଉ ନ ଆସଇ ଫେରି ...
ସମୟର ବାଖ୍ୟା ନୁଁହେତ ସହଜ
କରିବାକୁ ଉପସ୍ଥାନ
ଅସମ୍ଭବ କାର୍ଯ୍ୟା ସମ୍ଭବ ବି ହୁଏ
ସମୟ ହିଁ ବଳବାନ ....
ବେଳେବେଳେ କିଛି ସମୟ ବି ଆଣେ
ସୁବର୍ଣ୍ଣ ସୁଯୋଗ ଖୋଜି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com


ଦୁଃଖ ଅବସାଦ ପଛରେ ପକେଇ
ଆନନ୍ଦକୁ ଆଣେ ଖୋଜି..
ସମୟ ପରିକା ମଣିଷ ବଦଳେ
ସ୍ଥିତି ପରିସ୍ଥିତି ନେଇ
ସମ୍ରାଟ ଅଶୋକ ବଦଳି ବି ଥିଲେ
ଧର୍ମାଶୋକ ଦିନ ହୋଇ...
ବଦଳେ ମଣିଷ ନିଜ ସ୍ୱାର୍ଥ ପାଇଁ
ହିଂସା ଗର୍ବ ଅହଙ୍କାରେ
ବଦଳେ ମଣିଷ ପରିଶ୍ରମ ବଳେ
ନିଜର ଭାଗ୍ୟ ସୁଧାରେ...
ଉଭୟ ବଦଳେ ନିଜ ନିଜ ପଥେ
ପୂର୍ବରୁ ହୁଏନି ଜାଣି
ସ୍ଥିତି ଗୁଣାବଳି ପରିବର୍ତ୍ତନ କ୍ରମେ
ବଦଳିବ ରୂପ ଠାଣି...
*ସନ୍ତୋଷ କୁମାର ସାହୁ*
*ଗାନ୍ଧୀ ନଗର,କୋରାପୁଟ*

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସମୟ ବଦଳେ ନା ମଣିଷ

ପ୍ରକ୍ଷାଲୀନ ସାହୁ



ବାର କୋଠରିରେ ଅବିରତ ଚାଲେ
ସମୟ ସେ ଘୁରି ଘୁରି
କର୍ମ ତାର ଖାଦ୍ୟ ହସାଏ ଉଦର
ବୁଲାଇ ଜୀବନ ପୁରୀ ।।
ମାଗେନାହିଁ କିଛି ହୀରା ନୀଳା ମୋତି
ମାଗେ ସୁଖ ସ୍ମୃତି ପ୍ରୀତି
ସେଇ ସ୍ମୃତି ପଥେ ହସାଇବ ପ୍ରାଣ
ଦିବା ପରେ ଆଣି ରାତି ।।
ଏତେ ସେବା ପରେ ବାସୁନାହିଁ ସିଏ
ବାସୁଛି ମଣିଷ ଜାତି
ସ୍ୱ ସ୍ୱାର୍ଥ ମୋହ'ର ଅତର ଢାଳିଛି
ଓଠରୁ ଝରାଇ ମୋତି ।।

ସ୍ୱାର୍ଥ ସରିଗଲେ ବାସ୍ନା ଆସେନାହିଁ
ରୂପ ତା' ପରିବର୍ତ୍ତିତ
ସମୟ ସେମିତି ବାର କୋଠରୀରେ
କର୍ମରେ ଡାକଇ ମିତ ।।
ସମୟ ଦେଖୁଛି କେତେ ରୂପ ବେଶ
ଏଇ ମଣିଷ ଜାତିର
ତାର ନାମ ନେଇ ରୂପ ବଦଳାଇ
କଳଙ୍କୀ ସମୟ ପୁର ।।
ତଥାପି ହସୁଛି ସମୟ ତା କର୍ମେ
ପଥ ଗଢିବାକୁ ଧର୍ମେ
ନିର୍ଜୀବ ହୋଇକି ବୁଝିଛି ଅସ୍ତିତ୍ୱ
ସାଇଁ ପରା ହୃଦ ଧାମେ ।।


ଜଗତସିଂହପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସମୟ ବଦଳେ ନା ମଣିଷ

ଛବିରାଣୀ ପତି



ସମୟର ନଈ ଯାଏ ବହି ବହି
ସେଇ ସମୟ ସ୍ରୋତରେ କୁଆଡେ
ଭାସିଯାଏ ମଣିଷ !!
ତେବେ ଏଠି ସମୟ ବଦଳେ
ନାଁ ବଦଳେ ମଣିଷ ???

ସମୟର ଆବର୍ତ୍ତନ ବିବର୍ତ୍ତନ ନାହିଁ
କି ନାହିଁ ଆବିଷ୍କାର ଉଦ୍ଭାବନ
ସମୟ ବି କୌଣସି ପ୍ରଜାତି ର ନୁହେଁ
ସମୟ ଅସ୍ଥିର ପୁଣି ସ୍ଥିତପ୍ରଜ୍ଞ
ସେ ଶୁନ୍ୟ ଶୁନ୍ୟ ମହାଶୁନ୍ୟ ।

ସମୟର କ୍ରୀତଦାସ ମଣିଷ
ସେଠି ଅସହାୟ ସମୟ ନୁହେଁ
ବରଂ ବେଳେବେଳେ ମଣିଷ ଥାଏ
କାହାକୁ ଅପେକ୍ଷା ନକରୁଥିବା ଏ ସମୟ
ଜୀବନର ରାଜପଥ ପରେ ...

ସମୟର ପ୍ରତିକୂଳକୁ ମୋଡ ବଦଳେଇ
ପେଶି ହେବାକୁ କେହି ଚାହେଁ ନାହିଁ
କାରଣ ସମୟ ବଡ ବଳବାନ ,
ଅନିନ୍ଦ୍ୟ କାଳୁ ଅବିରାମେ ଘୁରୁଥିବା
ସମୟର ଚକ କହେ
ତାଳ ଦେଇ ତା ସାଥିରେ ଚାଲିବା ପାଇଁ
ଆଳସ୍ୟ କୁ ଆପଣେଇ
ସମୟ ଚକ୍ରରେ ପଡ଼ି କିନ୍ତୁ
ସମୟର ଅପଚୟ କରି
ସମୟ କୁ ଅଟହାସ୍ୟ କରେ ମଣିଷ
ଭୁଲିଯାଏ ...
ସମୟଟା ଠିକ ବିଗଳିତ ମହମ ପରି
ଅଫେରା ପଥର ପଥିକ ସେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସମୟ ବଦଳି ବାର ଦ୍ୱାହି ଦେଇ

ସମୟର ସୁଯୋଗ ନେଇ

ନିଜକୁ ସୁହାଇଲା ଭଳି

ନିଜ ଚାହିଦା ମୁତାବକ

ହାତମୁଠାରେ ବାନ୍ଧିରଖେ ସମୟକୁ

ନିଜ ଲାଭରେ ଆଗେଇଯାଏ

ଏଇ ସ୍ୱାର୍ଥି ମଣିଷ

ମଧ୍ୟଶାସନ, ବିରିଡ଼ି, ଜଗତସିଂହପୁର ।

ଫୋନ୍ -୯୩୩୭୯୬୦୦୬୦

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସମୟ ବଦଳେ ନା ମଣିଷ

କଳ୍ପନା ବିନ୍ଧାଣୀ



ସମୟ ଏକ ଅଫେରନ୍ତା ନଈ
ଅଦୃଶ୍ୟ ସୁଅରେ ସେତ
ଯାଉଥାଏ ବହି ।
ସେ ସୁଅରେ ଭାସୁଥାଏ ତ
ମଣିଷ ଜୀବନ ନାଟକ ତା
ବଦଳୁଥାଏ କର୍ମେ ହୋଇଣ ବଶ ।
ସମୟ ଭଉଁରୀ ଯେବେ ଟାଣିନିଏ
ଥଳକୂଳ ପାଏନାହିଁ
ସେ ନିଃସ୍ୱ ସାଜିଯାଏ ।
ସମୟ ବଦଳେନା ସେଅଟେ ସତ୍ୟ
ହେଲେ ମଣିଷ ତା କ୍ରୀତଦାସ
ସାଜିଥାଏ ନିତ୍ୟ ।
ଆଜିର ମଣିଷ ହୋଇଅଛି ଜ୍ଞାନୀ
ନିଜ ବୁଦ୍ଧି ବଳ ଦେଇ
ବଢାଏ ସୃଜନୀ ।
ବୋଲାଇ ନିଜକୁ ସିଏ ଭାଗ୍ୟବାନ
ଲିଭାଇ ଦେବକି ସେ ଉକ୍ତି
'ସମୟ ବଡ ବଳବାନ' ।

ସମୟର ଚକ୍ର ଘୁରୁଥାଏ ନିରନ୍ତର
ନୁହେଁ ସେ କାହାରି କିବା
କେହି ନୁହେଁ ତା'ର ।
ଜୀବନ ଯାତ୍ରାରେ ସେ ବାଟ କଢାଏ
କାହାକୁ ହସାଏ ପୁଣି
କାହାକୁ କନ୍ଦାଏ ।
ସମୟ ବଦଳିନି ବଦଳିବ ନାହିଁ
ମଣିଷ ବଦଳି ଯାଏ
ପରିସ୍ଥିତିରେ ଛନ୍ଦିହୋଇ ।
ଅତୀତ ଭବିଷ୍ୟ ପୁଣି ବର୍ତ୍ତମାନ
ସବୁକୁ ଆଖିରେ ରଖି
ହେବା ଚଳମାନ ।


ମୟୂରଭଞ୍ଜ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସମୟ ବଦଳେ ନା ମଣିଷ

ପଙ୍କଜିନୀ ଉପାଧ୍ୟାୟ



ଆଗକୁ ବଢ଼ଇ ସର୍ବଦା ସମୟ
ପଛକୁ ଫେରେନି କେବେ
ଅତୀତ ବୁକୁରେ ସ୍ମୃତି ଫୁଲ ହୋଇ
ଝଡ଼ୁଥାଏ କେବେ କେବେ ।

ବଦଳା ବ୍ୟବସ୍ଥା ଭିନ୍ନ ଏ ମସୁଧା
ପ୍ରୟୋଜନ ଅନୁସାରେ
ପରିସ୍ଥିତି ସହ ବଦଳେ ମାନସ
ନିଜ ନିଜର ସ୍ଥାନରେ ।

ଅବିରାମ ଗତି ସମୟର ସଦା
ଘୁରୁଥାଏ ଚକ ପରି
ଆଗକୁ ଗଡଇ କ୍ରମଶଃ ଗତିରେ
କର୍ତ୍ତବ୍ୟକୁ ଅନୁସରି ।

ଦିନ ମାସ ବର୍ଷ ଆଗେ ଆଗେ ବଢେ
ପଛକୁ ଚାହେଁନି ଫେରି
ସୃଷ୍ଟି କର୍ତ୍ତା ଆଜ୍ଞା କରଇ ପାଳନ
ଭାବନା ବିସ୍ତୃତ କରି ।

ବିଜ୍ଞାନ ପ୍ରଭାବ ବଳେ ବଳିୟାନ
ହୁଏ ମଣିଷ ମାନସ
ସେଇ ଅନୁସାରେ ବଦଳଇ ସିଏ
ଦିଏ ସମୟର ଦୋଷ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କାମନା ବାସନା କରେ ବଶୀଭୂତ

ସ୍ୱାର୍ଥରେ ହୁଅଇ ଅନ୍ଧ

ବଦଳେ ମଣିଷ ନିଜ ଅନୁସାରେ

ସମ୍ପର୍କିତ ଭାବ ବନ୍ଧ ।

ବୟସ ବଢ଼ିଲେ ବଦଳେ ମଣିଷ

ବାଲ୍ୟ ଯୌବନରୁ ଜରା

ପରିବର୍ତ୍ତନର ବିକାଶ ଧାରାରେ

ଛନ୍ଦି ହେଉଥାଏ ପରା ।

ସମୟ ମଣିଷ ମଧ୍ୟେ ପ୍ରଶ୍ନବାଚୀ

କିଏ ସେ ବଦଳେ କୁହ

ବଦଳେ ମଣିଷ ଇଚ୍ଛା ଅନୁସାରେ

ବଦଳେ ନାହିଁ ସମୟ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସମୟ ବଦଳେ ନା ମଣିଷ

ନୂତନ କୁମାର ବେହେରା



ସମୟ କ'ଣ ବଦଳିବ ସେ ଧରାବନ୍ଧା ନୀତିରେ

ଚାଲିଛି ଚାଲିଥିବ ଏମିତି ଅବିରାମ

ତା ପାଖରେ ଏ ମଣିଷ ଦାସ

ଆଜି ଯିଏ ବାହୁବଳ ଧନବଳରେ

ସମୟକୁ ବଦାଲାଇବାକୁ କରେ ଅପଚେଷ୍ଟା

କାଲି ଭୋଗିଲେ ଦୁରବସ୍ଥା ହୁଏ ଅସହାୟ

ଜୀବନର ଦମ୍ଭ ଯାଏ ଭାଙ୍ଗି

ନେହୁରା ହୁଏ ଜୀବନ ବଞ୍ଚାଇବାକୁ

ଥାଇ ଅଜସ୍ର ଧନ ସମ୍ପତ୍ତି ପାଟଲେ ବିଚରା

ଏମିତି ରୋଗରେ ହୁଏ ଆକ୍ରାନ୍ତ

ତାର ଔଷଧ ହିଁ ନ ଥାଏ

ସବୁ ଉଦ୍ୟମ ଫସର ଫାଟେ

ମଳିନ ମୁହଁ ପରଳ ପଡିଥିବା ଆଖିରେ

କେବଳ ମୃତ୍ୟୁକୁ ଦେଖୁଥାଏ

ଅମୃତ ପରି ଖାଦ୍ୟ ଲାଗେ ତାକୁ ବିଷ

ସୁକୋମଳ ବିଛଣାରେ ବି ହୁଏନି ତାକୁ ନିଦ

କଡ଼ ଲେଉଟାଇ ରାତି ବିତାଏ

ଆତ୍ମୀୟ ସ୍ୱଜନ ଆପଣାର ଯେଉଁମାନେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଯାଉଥାନ୍ତି ପାଖରୁ ଦୂରେଇ

ସମୟ ସବୁ ଦେଖୁଥାଏ ନୀରବ ହୋଇ

ସେ ବଦଳେ ନା ବଦଳାଇ ପାରେ ଏ ମଣିଷକୁ

ସମୟ ବି ତ ନିୟତିର ନିୟମରେ

ପରିସ୍ଥିତି ହେଲେ ଜଟିଳ

ସାମୟିକ ବଦଳେ ମଣିଷ କରେ ଅନୁତାପ

ପୁଣି ସୁଧୁରି ଗଲେ ସମସ୍ୟା ରହେ ପୂର୍ବବତ୍

ସମୟ ଦିଏ ଯା ଶିକ୍ଷା କରେ ତାକୁ ଅଣଦେଖା

ଜନ୍ମରୁ ମୃତ୍ୟୁ ଯାଏଁ ମଣିଷ ଭାବେ

ଖେଳୁଛି ସେ ସମୟ ସାଥୀରେ

ଭାବେନା ସେ ...ସେ ଖେଳୁନି ଖେଳୁଛି ସମୟ

ତା' ସହିତ ତାର କର୍ମ ଦେଖି ଦେଉଛି ଫଳ

ସମୟ କହେ ଏ ମଣିଷ ବଦଳୁଛି

ମଣିଷ କହେ ସମୟ ବଦଳୁଛି

ପ୍ରକୃତରେ ଏ ଏକ ଅସମାହିତ ପ୍ରଶ୍ନ

ଯିଏ ନିଜେ ବଦଳେ ସମୟ ତା ପାଇଁ ବଦଳି ଯାଏ

ସମାଜର ରୂପାନ୍ତର ଦେଖି ଦର୍ଶକ କହେ

ସମୟ ବଦଳେ ନାଁ ମଣିଷ... ?

କୋହି, ବାରିପଦା, ମୟୂରଭଞ୍ଜ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସମୟ ବଦଳେ ନା ମଣିଷ

ଲତା ବେହେରା



ମଣିଷର ମନ ଚହଲା ପାଣିଟି
ସହଜେ ଚହଲି ଯାଏ
ଥରେ ଚହଲିଲେ ଏଇତ ଦୁନିଆ
ଝାପ୍ସା ଦେଖା ଯାଇଥାଏ ।

ସମୟ ସ୍ରୋତରେ  ଜୀବନ ପଥରେ
ଲୋଭରେ ଚାଲଇ ସିଏ
ସେଇ ଲୋଭ ପାଇଁ  ଏଇତ ମଣିଷ
ଆଗେ ବଦଳିଣ ଯାଏ ।

ସ୍ୱାର୍ଥ ପାଇଁ ନର ହୁଏ ଅଗ୍ରସର
ସ୍ୱାର୍ଥ ପାଇଁ ଚାଲି ଥାଏ
କହି କି ପାରିବ ଏମିତି କେ ଅଛି
ସ୍ୱାର୍ଥରେ ଯାଇନି ଯିଏ ।

ଯୋଉଠି ସ୍ୱାର୍ଥଟି ରହେ ତ ସେଇଠି
ସମ୍ପର୍କ ବାନ୍ଧଇ ସିଏ
ସ୍ୱାର୍ଥ ସରିଗଲେ ବଦଳି ଯାଇ ସେ
ନାଟକଟି ରଚି ଥାଏ ।

ସ୍ୱାର୍ଥ ସରି ଗଲେ ଦୂରେଇବା ପାଇଁ
ନିଜେ ସେ ବଦଳି ଯାଏ
ନିଜେ ସେ ବଦଳେ ହେଲେ ସେଇ ଦୋଷ
ଅନ୍ୟକୁ ସେ ଲଦି ଦିଏ ।

ସମୟ ରହିଛି ଆଗରୁ ତ ସିଏ
ରହି ଥିବ ଶେଷ ଯାଏ
ହେଲେ ଏ ମଣିଷ ନିଜର ପ୍ରକୃତି
ନା ଛାଡି ପାରି ଥାଏ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସମୟ କହିଲେ ତିନିଗୋଟି କାଳ
ବ୍ରହ୍ମାଣ୍ଡରେ ବୁଝାଯାଏ
ଅତୀତ ଓ ବର୍ତ୍ତମାନ ଭବିଷ୍ୟତ
ତିନି କିଳ ପରା ଇଏ ।

ଚାରି ଗୋଟି ଯୁଗ ଭିତରେ ରହିଛି
ରହିବ ସମୟ ଇଏ
କ୍ଷଣସ୍ଥାୟୀ ଏଇ ମଣିଷ ଜୀବନ
ସ୍ୱାର୍ଥରେ ବଦଳି ଯାଏ ।

ଚଞ୍ଚଳ ମନ ତା ନ ଥାଏ ସ୍ଥିରତା
ସ୍ୱାର୍ଥରେ ପାଗଳ ଥାଏ
ଯୋଉଠି ସେ ସରେ ସେଇ ମୁହୂର୍ତ୍ତରେ
ସେଇଠି ବଦଳି ଯାଏ ।

ଦିନ ରାତି ମିଶି ଚବିଶି ଘଣ୍ଟା ସେ
ପଚିଶି ହୁଏନି ସିଏ
ପଚିଶି ପ୍ରକୃତି ନେଇଣ ମଣିଷ
ନିମିଷେ ବଦଳି ଯାଏ ।

ସ୍ୱାର୍ଥ ଥିଲା ଯାକେ କରେ ସେ ନିଜର
ଲୋକ ଦେଖାଣିଆ ଇଏ
ସରି ଗଲା ପରେ କାହାର ହୁଏନି
ବଡ ବେଇମାନୀ ସିଏ ।

ସମୟ ସାଥିରେ ଚାଲିବାକୁ ପଡେ
ପାଦ ଥାପି ଦିଏ ସିଏ
ହେଲେ  ଏ ମଣିଷ ଏଡେ ମାରାତ୍ମକ
ସେକେଣ୍ଡ ବଦଳି ଯାଏ  ।

ଋତୁ ଚକ୍ର ଅନୁସାରେଟି ସମୟ
ପରିବର୍ତ୍ତନ ଟି ହୁଏ
ହେଲେ ମଣଷ ଏଡେ ସ୍ୱାର୍ଥବାଦୀ
ସ୍ୱାର୍ଥରେ ବଦଳି ଯାଏ ।

ସମୟ ବଦଳେ ନା ମଣିଷ ଏଇଠି
ଯଦି ବା ପଚାରା ଯାଏ
ତାହାହେଲେ କହୁଛି ସମୟଟି ନୁହେଁ
ମଣିଷ ବଦଳି ଥାଏ ।

ଜକା, ଢେଙ୍କାନାଳ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସମୟ ବଦଳେ ନା ମଣିଷ

ବୀଣା ସାହୁ



ଅନିନ୍ଦ୍ୟ କାଳରୁ ସମୟର ଗତି
ଯେମିତି ଚାଲିଛି ସେମିତି ଧରିତ୍ରୀ ।
ନାନା ଦି ରୂପରେ ହୋଇ ଅବତାର
ଏକଇ ଈଶ୍ୱର ଜଗତ ପାଳଇ ।

କାଳର ଉତ୍ପତ୍ତି ଜାଣେ ନାହିଁ କେହି
ଏକ ମହାକାଳ ସର୍ବ ଜ୍ଞାତି
ଋତୁଚକ୍ରର ଯେମନ୍ତେ ଗତିରେ ଚାଲେ
କାଳଚକ୍ରେ ନିହତ ସେପରି ଶକ୍ତି ।

ପରିବର୍ତ୍ତନ ଧାରା ସତ୍ୟ ଯେ ଅଟଇ
କାଳ ଦିନୁ ଦିନ ଅଗ୍ରସର
ଅନ୍ତିମ ସମୟେ କାଳର ବିନାଶ
ନ ସହିପାରିବ ମହି ଯେବେ ପାପ ।

ପୁନଃ ରୂପେ ପାଇ ନୂଆ ଜୀବନକୁ
କାଳ ଆସିବ ସତ୍ୟକୁ ନେଇ

ସମୟ ସ୍ରୋତରେ ଗତି ପଥ ପରିସ୍ଥିତି
ବଦଳିବା ପାଇଁ ବାଧ୍ୟ କରିଥାଇ ।

ସମୟ ରୂପରେ ବଦଳେ ମଣିଷ
କଳି କଳୁଷେ ସଭିଏଁ ଗ୍ରାସିତ
ବାସ୍ତବରେ ସ୍ୱଳ୍ପ କେତୋଟି ଜୀବନ
ମଣିଷ ନାମରେ ଧରି ଦୟା ଧର୍ମ ।

ସମୟ ବଦଳେ ନାଁ ମଣିଷ ବଦଳେ
ଜୀବନ ମୃତ୍ୟୁ ଦୁଇଟି ଦିନ
ନାମ ଦୟା ଧର୍ମ ପ୍ରକୃତ ସତ୍ୟ
ପାନ କଲେ ଜାଣିବ ଅମୃତ ସମାନ ।

ଯାଜପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସମୟ ବଦଳେ ନା ମଣିଷ

ବିଦ୍ୟୁତପ୍ରଭା ମିଶ୍ର



ସମୟ ତ କେବେ ସ୍ଥିର ରୁହେ ନାହିଁ
ସ୍ରୋତ ପରି ତାର ଗତି,
ରହେ ନାହିଁ କାହିଁ ଦଣ୍ଡେ ବା ନିମିଷେ
ଘଣ୍ଟା ମିନିଟ ଦିନ ରାତି ।

ମାନବ ସମାଜ ସଂସ୍କୃତି ସଂସ୍କାର
ପରିବର୍ତ୍ତନର ଧାରା,
ଯୁଗ ପରେ ଯୁଗ ବଦଳି ଯାଅଇ
ବିକାଶ ଧାରରେ ସାରା ।

ମାନବର ରୂପ ବଦଳଇ ନିତି
ବୟସର ଅନୁପାତେ
ଆଜି ଯେ ବାଳକ କାଲି ସେ ଯୁବକ
ବାର୍ଦ୍ଧକ୍ୟ ଶେଷ ଆସନ୍ତେ ।

ମଣିଷର ମନ ସ୍ଥିର ରହେନାହିଁ
ବରଷା ଯୁଆଡେ ଛତା,
ମିଛେ ଦୋଷ ଦିଏ ସମୟର ସିନା
ଭୋଗଇ ନାନା ଅବସ୍ଥା ।

ଲୋଭ ମୋହ ଆଦି ଆକର୍ଷଣେ ପଡି
ମାନବ ଯେ ଛଟପଟ,
ସ୍ୱାର୍ଥ ଚିନ୍ତା କରି ଜୀବନକୁ ସାରି
ଲକ୍ଷ୍ୟରୁ ହୁଏ ବିଚ୍ୟୁତ ।

ପ୍ରଭୁ ପାଦେ ଯଦି ମନଟି ରଖନ୍ତା
ହୁଅନ୍ତା ସେ ସ୍ଥିର ମତି,
ଦୁଃଖ ଆସୁ ଅବା ସୁଖ ଆସୁ ପଛେ
ନଥାନ୍ତା ତାହାର ଭୀତି ।

ଆସିଅଛେ ଦିନେ ଯିବା ନିଶ୍ଚ ଦିନେ
ଏଇତ ଆମ ନିୟତି
ସ୍ଥିତ ପ୍ରଜ୍ଞ ହୋଇ ସମୟ କାଟିବା
ପ୍ରଭୁଙ୍କୁ ହୃଦୟେ ଚିନ୍ତି ।


ବିଦ୍ୟୁତ ପ୍ରଭା ମିଶ୍ର, ଯାଜପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସମୟ ବଦଳେ ନା ମଣିଷ

ନିବେଦିତା ପଣ୍ଡା



ସମୟର ନଈ ଧାବମାନ ହୋଇ
ବହିଯାଏ ଅବିରତ,
ବର୍ତ୍ତମାନ ନାବେ ବସିଥାନ୍ତି ଆମେ
ଧରି ପରିସ୍ଥିତି କାତ ।

ଅତୀତର ସ୍ମୃତି ଭବିଷ୍ୟତ ସ୍ୱପ୍ନ
ମଝିରେ ତ ବର୍ତ୍ତମାନ,
ସମୟର ଏଇ ସାଗର ବେଳାରେ
କ୍ଷଣସ୍ଥାୟୀ ତ ଜୀବନ ।

କେବେ ଆଣିଥାଏ ସୁଖର ଢେଉ ତ
କେବେ ଦୁଃଖର ଉଜାଣୀ,
ହଜିଯାଏ କିଏ ନିମିଷକେ ପୁଣି
ସେକଥା ନହୁଏ ଜାଣି ।

ଅତୀତର ସ୍ମୃତି ମିଠା ଅନୁଭୂତି
ଭାରାକ୍ରାନ୍ତ କରେ ମନ,
ଆଖିର ଲୁହରେ ଆସି ଥାଏ କେବେ
ଆସେ ହୋଇ କେବେ ସ୍ୱପ୍ନ ।

ମନର ଯନ୍ତ୍ରଣା କେବେ ବି ଭରେନା
ଅପୂରଣ ରହିଥାଏ,
ରହି ରହି ପୁଣି ଦଂଶନ କରଇ
ଜୀବନର ଶେଷଯାଏ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅତୀତର ପୃଷ୍ଠା ଜୀବନ୍ତ ରୁହଇ
ହୃଦୟର ପୁସ୍ତକରେ,
ସମୟ ସହିତ ଲେଉଟିଯାଏ ସେ
ଜୀବନ ପ୍ରତିକ୍ଷଣରେ ।

ଜୀବନ ଜାତୀୟ ରାଜପଥ ଦେଇ
ଚିହ୍ନା ବି ଅଚିହ୍ନା ହୁଏ,
ସମୟ ସହିତ ମଣିଷ ବଦଳେ
ପରିଚୟ ବଦଳାଏ ।

ସ୍ରୋତସ୍ୱିନୀ ନଦୀ ଗତି ବଦଳିଲେ
ବଦଳିଯାଏ ତା' ସ୍ରୋତ,
ମଣିଷ ଚଳଣି ଯେବେ ବଦଳଇ
ସଂସ୍କୃତି ବି ପ୍ରଭାବିତ ।

ଜୀବନ ଚଳଣୀ ସଂସ୍କୃତି ସହିତ
ଓତଃପ୍ରୋତରେ ଜଡ଼ିତ,
ସଂସ୍କୃତିକୁ ତାହା କରେ ନିୟନ୍ତ୍ରଣ
କରେ ପୁଣି ସ୍ଥିରୀକୃତ ।

ସମୟ ସହିତ ବଦଳଇ ସବୁ
ସଭ୍ୟତା ସଂସ୍କୃତି ମାନ,
ପୁରାତନ ପ୍ରଥା ପରମ୍ପରା କ୍ରମେ
ହୋଇଥାଏ ବି ବିଲୀନ ।

ରାଉରକେଲା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସମୟ ବଦଳେ ନା ମଣିଷ

ସୁନିତା ମହାନ୍ତି



ସମୟର ଚକ ଘୁରୁଥାଏ ସଦା
ଅବିରାମ ଗତି ତାର
ଦିନ ରାତି ମିଶି ଚବିଶ ଘଣ୍ଟା
ଅପେକ୍ଷା ନାହିଁ ତା କାହାର ।

ସମୟ କେବେ ବଦଳେ ତ ନାହିଁ
ଦିନ, ମାସ, ବର୍ଷ, ଋତୁ
ସୂର୍ଯ୍ୟ, ଚନ୍ଦ୍ର, ତାରା, ଦିନ ସାଥେ ରାତି
ଚାଲିଛି ସମୟ ନୀତି ।

ଜୀବନ ଗଣିତ ଶିଖାଇ ଦେଇଛି
ଚାଲିଥିବା ସାଥେ ତାର
ବଦଳି ନାହିଁ ସେ ବଦଳିବ ନାହିଁ
ପ୍ରକୃତି ଗଢ଼ିଛି କରି ବିଚାର ।

ପ୍ରକୃତି ଦେଇଛି ପାଣି ଓ ପବନ
ଖରା, ଗରମ, ଥଣ୍ଡା ଶୀତ
ଫଳ ପୁଷ୍ପ ଦ୍ୱାରା ଭରା ଏ ଧରିତ୍ରୀ
ସମୟ ସତେ ଆମ ମିତ ।

ମଣିଷ ବଦଳେ ଆଧୁନିକ ତାରେ
ଦିଏ ସମୟର ଦୋଷ
ପାଶ୍ଚାତ୍ୟ ସଭ୍ୟତା ସଂସ୍କାର ସଂସ୍କୃତି
ଭୁଲି ଆଧୁନିକତା ଚାହେଁ ମଣିଷ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶିକ୍ଷା ଓ ବିଜ୍ଞାନ ଅଗ୍ରଗତି ହୋଇ
ସୁଫଳ ପାଇଛି ଜୀବନେ
କିନ୍ତୁ ତାର କରି ସଦୁପଯୋଗ
ଚରିତ୍ର ବଦଳାଏ ଅଜ୍ଞାନେ ।

ସଂସ୍କାର ସଂସ୍କୃତି ଭୁଲି ଏ ମଣିଷ
ଆଧୁନିକତାର ମୋଡ଼ ଧରିଛି
ସମ୍ପର୍କ  ଏଠି ତୁଚ୍ଛ ପୋକ ମାଛି
ସ୍ନେହଁ ଶ୍ରଦ୍ଧା ପ୍ରୀତି ସବୁ ଭୁଲୁଛି  ।

ସମୟ୍ର ର ଦୋଷ ଦେବା ନାହିଁ କେହି
 ନିଜକୁ ନିଜେ ପଚାର  ଥରେ
ସମୟ୍ରର ଧ୍ୱନି ଅବିରାମ କହେ
ଚାଲୁଥା' ସଦା ମୋର ସାଥିରେ  ।

କେନ୍ଦ୍ରାପଡ଼ା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସମୟ ବଦଳେ ନା ମଣିଷ

ନଳିନୀ ପ୍ରଭା ମିଶ୍ର



ସମୟ ଚାଲିଛି ଘଣ୍ଟା କଣ୍ଟା ଦେଇ
  ଅତୀତରୁ ଅଦ୍ୟାବଧି
ବଦଳିଛି କିନ୍ତୁ ପରିବର୍ତ୍ତନ ରେ
  ମଣିଷର ଗତିବିଧି ।

ଅତୀତ ଓ ଆଜି ଭିତରେ ମଣିଷ
  ବଦଳିଛି ବହୁ ଭାବେ
ସଭ୍ୟ ସଭ୍ୟ ବୋଲି ଡିଣ୍ଡିମ
  ବାଜୁଛି ଅମାନବିକତା ଆଗେ ।

ମାତୃ ବତ୍ ପର ଦାରେଷୁ
  ନୀତି ଟି କାହିଁ ଆଜି କେତେ ଦୂରେ
ଧର୍ଷଣ ଶିକାର ହୁଏ ଆଜି
  କନ୍ୟା ମଣିଷ ର ବଳତ୍କାରେ ।

ମଣିଷ ରଚିଛି ଗୀତା, ରାମାୟଣ
  ମଣିଷ ଗଢ଼ିଛି ସେତୁ
ମଣିଷ ବଦଳେ ନିଜତ୍ୱ ହରାଇ
  ନିଜ ଅପରାଧ ହେତୁ ।

ମଣିଷ ଜଳୁଛି ବିଦ୍ରୋହ ନିଆଁ ରେ
  ପାଶେ ରଖି ମାରଣାସ୍ତ୍ର
ବିଜ୍ଞାନର ଜୟ ପରମାଣୁ ଦିଏ
  ପରିବର୍ତ୍ତନର ତଥ୍ୟ ।

ଅଜ୍ଞାନ ଭିତରୁ ଅସଲ ଜ୍ଞାନର
  ଅଶ୍ଳୀଳତା ଆଚରଣ
ବଦଳା ମଣିଷ ଭଣ୍ଡ ତପସ୍ୱୀ
  ରେ ଦେଉଅଛି ଦିବ୍ୟ ଜ୍ଞାନ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସମୟ୍ତ ଚାଲିଛି ତାହାରି ବାଟରେ

ମଣିଷ ଯୁଗୋପଯୋଗୀ

ତ୍ୟାଗର ଜୀବନ ନାହିଁ ମନୋଭାବ

ତ୍ରିତଳ ପ୍ରାସାଦେ ଭୋଗୀ ।

ଆଧୁନିକ ନାମେ ଆଜି ଏ

ସମାଜ ମଣିଷ ବସ୍ତୁବାଦୀ

ଅର୍ଥର ଲାଳସା କ୍ଷମତାର

ମୋହ କରିଛି ମନକୁ ବନ୍ଦୀ ।

ସମୟ୍ତ ବଦଳେ ନା ମଣିଷ

ଏଠି ମନକୁ ପଚାରି ଦେଲେ

ପ୍ରତିଧ୍ୱନି କହେ ବଦଳା ମଣିଷ

ଆଧୁନିକତାର ତୁଲେ ।

ମୁକୁନ୍ଦ ପୁର, ଆସ୍କା, ଗଞ୍ଜାମ

ମୋ-୯୭୭୭୮୮୭୯୪୨



Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସମୟ ବଦଳେ ନା ମଣିଷ

ପ୍ରଜ୍ଞା ମହାପାତ୍ର



ନିଜ କର୍ତ୍ତୁତ୍ୱକୁ ଲୁଚାଇବାକୁ
ଏ ମଣିଷ ତ ମିଛ କହୁଛି,
ସବୁ ନିଜେ କରି ଦୋଷ ଲଦି
କୁହେ ସମୟ ବଦଳି ଯାଇଛି ।
ଯାହାଥିଲା ମାଟି, ପାଣି ପବନର
କାମ ସିଏ ତାହା କରୁଛି,
ଦୂଷିତ କରୁଛି ପରିବେଶ ନିଜେ
ପ୍ରକୃତିକୁ ଦୋଷ ଦେଉଛି ।
ସୂର୍ଯ୍ୟ, ଚନ୍ଦ୍ର, ତାରା, ଦିନ, ରାତି
ଖରା ରୀତିମତେ ନୀତି ହୋଉଛି,
ବିଶ୍ୱ ତାପାୟନ ଏ ମଣିଷ ପାଇଁ
ଋତୁ ପରିବର୍ତ୍ତନ ଘଟୁଛି ।
ବନ୍ୟା, ବାତ୍ୟା, ଭୂମିକମ୍ପ କି ମରୁଡି
ଅଚାନକ ମାଡ଼ି ଆସୁଛି,
ପ୍ରକୃତିର ଏଇ ତାଣ୍ଡବ ଲୀଳାକୁ
ମଣିଷ ହିଁ ନିଜେ ଡାକୁଛି ।
ଗଛ ଥିଲେ ସିନା ଅମ୍ଳଜାନ ଦେବ
ମଣିଷ ତ ଗଛ କାଟୁଛି,
ବାୟୁ ମଣ୍ଡଳରେ ଅମ୍ଳଜାନ ନାହିଁ
ପ୍ରକୃତିକୁ ଦୋଷ ଦେଉଛି ।
ପରବ ପର୍ବାଣୀ, ସଂସ୍କାର, ସଂସ୍କୃତି
ନିଜେ ନିଜେ ଭୂଲି ଯାଉଛି,
ପାଶ୍ଚାତ୍ୟ ସଂସ୍କୃତି ନିଜେ ଆପଣେଇ
ସମୟକୁ ଦାୟୀ କରୁଛି ।
ସବୁ ଭୁଲ୍ ସିଏ ନିଜେ ନିଜେ କରି
ସମାଜକୁ ଦୋଷ ଦଉଛି,
ମଣିଷକୁ ନେଇ ଏ ସମାଜ ଗଢା
ଏକଥା ସେ ଭୂଲି ଯାଉଛି
ଏକଥା ସେ ଭୂଲି ଯାଉଛି ।

ଅଷ୍ଟ୍ରେଲିଆ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସମୟ ବଦଳେ ନା ମଣିଷ

ରଶ୍ମିତା ରାଉତ




ସମୟ ଚକରେ ସଂସାର ରଥଟା
ଘୁରୁଥାଏ ଦିନ ରାତି
କେତେବେଳେ କାହା ସାଥେ ଯୋଡ଼ିଦେବ
କିଏବା ତାହା ଜାଣିଛି ।
ବାନ୍ଧିଦେଇଥାଏ ସମ୍ପର୍କ ଡୋରୀରେ
ହୋଇଯାଏ ଆପଣାର
ଦେଇ ସ୍ନେହ ଶ୍ରଦ୍ଧା ପ୍ରୀତିର ପରଶ
କରି ନିଏ ସେ ନିଜର ।
ଭାବ ଦିଆ ନିଆ ବଢ଼ିଯାଏ ଯେବେ
ଭୁଲିବା ନୁହଁଇ ସହଜ
ସମ୍ପର୍କ ରେ ଫାଟ ପଡ଼ିଯାଏ ଯେବେ
ଭରିଦିଏ ମନେ ବିଷାଦ ।
ମଣିଷ କରେନି ବିଧାତା କରନ୍ତି
ଯାହା ପାଇଁ ଖଞ୍ଜି ଯାହାକୁ
ବାନ୍ଧି ଦେଇଥାନ୍ତି ପ୍ରେମର ଡୋରୀରେ
ଭୁଲି ହେବନି ସେ ଦିନକୁ ।
ଆଖି ଆଗେ ଯଦି ଦେଖିଦିଏ କେବେ
ନିଜ ମନ ମଣିଷକୁ
ଲାଗେ ଅବା ସତେ ସରଗ ର ଚାନ୍ଦ
ଓହ୍ଲାଇ ଅଛି ତା କୋଳକୁ ।
ଏତେ ଭଲ ସତେ ପାଇଥାଏ ସିଏ
ଭୁଲିଯାଏ ପଛ କଥାକୁ
ଅଢେଇ ଦିନର ସମ୍ପର୍କକୁ ନେଇ
ବଢୁଥାଏ ସିଏ ଆଗକୁ ।
ଭୁଲ ବୁଝାମଣା ହୋଇଯାଏ ଯେବେ
ଭୁଲିଯାଏ ପଛ କଥା
ସ୍ନେହ, ପ୍ରେମ ଭରା ପ୍ରୀତିର ବନ୍ଧନ
ରହି ଯାଇଥାଏ ଅଧା ।
ସମୟ ସାଥିରେ ମଣିଷ ବଦଳେ
ସମ୍ପର୍କରେ ହୁଏ ଇତି
ଭୁଲି ଯାଇଥାଏ ଦେଇଥିବା କଥା
ଝୁରି ହେଉଥାଏ ସାଥି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସମୟ ବଦଳେ ନା ମଣିଷ

କଳ୍ପନା ରାୟ



ସମୟ ଚାଲିଛି କାହିଁ କେଉଁ ଯୁଗରୁ
କେବେ ସୀତାଙ୍କୁ ନେଇ ତ କେବେ କୃଷ୍ଣାଙ୍କୁ
କେତେ ବିଜ୍ଞାନ ଇତିହାସ ଗଢିଛି
ମଣ୍ଡିତ ହୋଇଛି ବିଭିନ୍ନତା ମଧ୍ୟରେ ଏକ ହୋଇ
ଯିଏ ରହିଯାଇଛି ତାକୁ ଛାଡି ଆଗେଇଛି

କୃଷ୍ଣାଙ୍କ ସମ୍ମୁଖରେ ଥିଲା ମାତୃ ଆଦେଶ
ସେହିଭଳି ସୀତାଙ୍କ ସମ୍ମୁଖରେ ଯାତ୍ରା ସ୍ୱାମୀଙ୍କର
କୃଷ୍ଣାଙ୍କୁ ପଞ୍ଚପତି ଗ୍ରହଣ କରିବାକୁ ପଡ଼ିଥିଲା
ସୀତାଙ୍କୁ ଚଉଦ ବର୍ଷ ବନକୁ ଯିବାକୁ ପଡିଥିଲା
ଲୋକ ବଦଳିଛି ବୋଲି କ'ଣ କହି ପାରିବା ? ?

ପ୍ରକୃତି କୋଳରେ ବଢୁଥିବା ମଣିଷ
ଉତ୍କୃଷ୍ଟ ଖାଦ୍ୟ ଖାଇ ରହୁଥିଲା ନିରୋଗ
ସମୟ ସ୍ରୋତରେ ଭାସୁଥିବା ମଣିଷ
ଯାହା ଖାଏ ହୋଇଯାଏ ତାକୁ ରୋଗ
ସମୟ ସ୍ରୋତରେ ବଦଳିଛି ମଣିଷ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସମୟ ଆଗରୁ ଚାଲିଥିଲା ବଡ଼ ପାହୁଣ୍ଡରେ
ଏବେ ବି ସେମିତି ଚାଲିଛି ଦିନ ମାସ ବର୍ଷରେ
ମଣିଷ କିନ୍ତୁ ପୁରାତନ ପ୍ରସ୍ତର ଯୁଗରୁ ଇଣ୍ଟରନେଟରେ
ଆବିଷ୍କାର କରି ଚାଲିଛି ଆବଶ୍ୟକତାନୁସାରେ
ମଣିଷ ବଦଳିଛି ବୋଲି ଏଠି କୁହାଯାଇପାରେ

ସମୟ ଆଗରୁ ଯେମିତି ଚାଲିଥିଲା ଏବେ ବି ଚାଲିଛି
ମଣିଷ ବଦଳିଛି ତା'ର ଚାହିଦାକୁ ଦେଖି
ମଣିଷ ତା'ର ସ୍ୱାର୍ଥଜଡ଼ିତ ଇଛାରୁ ବଦଳିଛି
ଚନ୍ଦ୍ରରେ ରହିବା ଇଛାରୁ ଅନବରତ ଚେଷ୍ଟା କରୁଛି
ବନବାସ ଯାଉଥିବା ରାମ ଏବେ ରାମିଆ ପାଲଟିଛି

ସ୍ନେହ ଶ୍ରଦ୍ଧା ପ୍ରୀତି କରୁଣାରୁ ଛାଡି
ସମ୍ପୂର୍ଣ୍ଣ ଆତ୍ମକୈନ୍ଦ୍ରିକ ହୋଇ ପଡ଼ିଛି
ଫଳରେ ଭାଇ, ଭଉଣୀକୁ ମାରୁଛି
ବାପାମାଆଙ୍କୁ ହତ୍ୟା କରି ଜେଲ ଯାଉଛି
ସମୟ ବଦଳିନି ଏଠି ମଣିଷ ବଦଳିଛି

ସହକାରୀ ଶିକ୍ଷୟିତ୍ରୀ,
ଲଇଡା ବାଳିକା ଉଚ୍ଚ ବିଦ୍ୟାଳୟ,
ଲଇଡା, ସମ୍ବଲପୁର ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ସମୟ ବଦଳେ ନା ମଣିଷ

ଅନୁପମା ବିଶ୍ୱାଳ



ଗତି ବଦଳିଲେ ସ୍ରୋତଟି ବଦଳେ
ଚାଲେ ଗତି ଅନୁସରି
ପଡେ କେଉଁଠାରେ ଉଠେ କେଉଁଠାରେ
ହୁଏନି ହିସାବ କରି ।
ସମାଜେ ମଣିଷ ସମୟାନୁସାରେ
ବଦଳାଉଛି ତା ରୂପ
ଭଲ ହୁଏ କେତେ ମନ୍ଦ ହୁଏ କେତେ
ଅଟଇ ତାହା ଅମାପ ।
ପୂର୍ବର ଚଳଣି ବିକାଶଧାରାରେ
ହେଉଛି ପରିବର୍ତ୍ତନ
ଅଜ୍ଞାତ ଥିଲା ଯେ ଯେଉଁ ବିଷୟଟି
ମିଳିଛି ଏବେ ସେ ଜ୍ଞାନ ।
ପ୍ରାଚୀନ ସଭ୍ୟତା ଯେଉଁ ଚଳଣିକୁ
ନେଇଥିଲା ଆପଣେଇ
ନୂତନ ସଭ୍ୟତା ବୁଦ୍ଧି କୌଶଳରେ
ଦେଉଅଛି ବଦଳାଇ ।
ଶିକ୍ଷା ବ୍ୟବସ୍ଥାରେ ସୁଧାର ଆସିଲା
ସବୁ ହୋଇଲେ ସ୍ୱାକ୍ଷର
ନାରୀ ସ୍ୱାଧୀନତା ନାରୀ ଜାଗରଣେ
ଉନ୍ନତ ହେଲା ସଂସ୍କାର ।
ବିଜ୍ଞାନ କରୁଛି ସଭିଙ୍କୁ ସଂଯତ
ହୋଇ ପଥପ୍ରଦର୍ଶକ
ଅନ୍ଧବିଶ୍ୱାସ ବି ଦୂର ହେଉଅଛି
ଦେଉଛି ଶିକ୍ଷା ଆଲୋକ ।
ଗାଆଁରେ ରହୁଛି ସହରର ବାଞ୍ଛା
ତେଣୁ ବଦଳେ ଚଳଣି
ବିଜ୍ଞାନ ଆଶ୍ରିତ ହେଲାଣି ଜଗତ
ମାରନ୍ତି ସଭିଏଁ ଠାଣି ।
ପୂଜା ପାରବଣେ ଉପର ପ୍ରସ୍ତର
ରଙ୍ଗରେ ହୁଏ ସଜେଇ
ଭିତରେ ରହିଛି ସେଇ ଚିନ୍ତନଟି
ପ୍ରଭୁ ବିଶ୍ୱାସରେ ଥାଇ ।


ସମ୍ବଲପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ତଥାପି ମୋ ଗାଆଁ ହସୁଛି

ସୀମାଞ୍ଚଳ ପଣ୍ଡା



ପୁରାତନ ରୀତି ହୋଇନି ତ ଇତି
ପଲ୍ଲୀବାସୀ ମନ ତୋଷୁଛି,
ମଠ ମନ୍ଦିରରେ ପୁନେଇଁ ପର୍ବରେ
ପୂଜା ପାର୍ବଣରେ ହସୁଛି,
ନୀତିରେ ବଦଳା ଆସୁଛି,
ତଥାପି ମୋ ଗାଆଁ ହସୁଛି !

ଶିକ୍ଷା ଦୀକ୍ଷା ନୀତି ହେଲେ ବି ଉନ୍ନତି
ବାଟ ଭୁଲି ହାଟ ବସୁଛି
ବୃତ୍ତି ଅନୁଭୂତି କରିଛି ପ୍ରଗତି
ନୂଆ କଉଶଳ ମିଶୁଛି,
ଚାଷେ କି ନିବେଶ ଖସୁଛି,
ତଥାପି ମୋ ଗାଆଁ ହସୁଛି ।

ଚାଷ ବିଲେ କଳ ଲଙ୍ଗଳ ପ୍ରବଳ
ପଶୁ ବିନା ବଳ କଷୁଛି,
ପଶୁ ଛଡ଼ା ଚଷା ସାଥୀ ହରା ଯେସା
ପଶୁ ସମ୍ପଦକୁ ନାଶୁଛି,
କଳରୁ ଅମଳ ଆସୁଛି,
ତଥାପି ମୋ ଗାଆଁ ହସୁଛି ।

ଗାଆଁ ତୋଟା ବାଡ଼ି ଯାଉଛି ଉଜୁଡ଼ି
ଟାଙ୍ଗରା ପଡ଼ିଆ ଦିଶୁଛି,
ଠାଏଁ ଠାଏଁ ଗଛ ରହିଛି ନିଘଞ୍ଚ
କୁସୁମେ ଉଦ୍ୟାନ ବାସୁଛି,
ଫଳ ଫୁଲ ମନ ତୋଷୁଛି,
ତଥାପି ମୋ ଗାଆଁ ହସୁଛି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗାଧୁଆ ତୁଠରେ ସଞ୍ଜ ସକାଳରେ
ସ୍ନାନ କାଳେ ସଭା ବସୁଛି,
ପରିବାର କଳି ଗାଆଁ ଅରଢଳି
କଥାରେ କୁହୁକ ମିଶୁଛି,
କିଏ କାହା ପାଇଁ ପେଶୁଛି,
ତଥାପି ମୋ ଗାଆଁ ହସୁଛି ।

ଭାଗବତ ଘର ଗାଆଁ ପାଠାଗାର
ସଭା ରୀତିମତ ବସୁଛି,
ଧର୍ମ କଥାମାନ ଭାଗବତ ଜ୍ଞାନ
ଦଳ ବସି ବଳ କଷୁଛି,
କୋଠଘରେ ଗୋଠ ମିଶୁଛି,
ତଥାପି ମୋ ଗାଆଁ ହସୁଛି ।

ଗାଆଁର ଦୋକାନ ଚାଟଶାଳୀ ମାନ
ଖାଆଁ ଖାଆଁ ଏବେ ଦିଶୁଛି,
ଧନ୍ଦା ପାଇଁ ଚାଷୀ ଦାଦନେ ବିଦେଶି
ଖଟଣିରୁ ପେଟ ପୋଷୁଛି,
ପଢ଼ାକୁ ସହରେ ଆସୁଛି,
ତଥାପି ମୋ ଗାଆଁ ହସୁଛି ।

ମିଳାମିଶା ଭାବ ନାହିଁ ତ ଅଭାବ
କୋଠ ପାଇଁ ଗୋଠ ମିଶୁଛି,
ଗାଆଁ ନାଚ ଗୀତ ପର୍ବ ଭୋଜିଭାତ
ମେଳିରେ ଉତ୍ସବ ହସୁଛି,
ଏବେ ରାଜନୀତି ପଶୁଛି,
ତଥାପି ମୋ ଗାଆଁ ହସୁଛି ।

ଶାନ୍ତ ପରିବେଶ କମନୀୟ ବେଶ
ସୁଷମା ସୌରଭ ବାସୁଛି,
ଗାଆଁ ବଞ୍ଚାଇଛି ପ୍ରକୃତି ସଜ୍ଜିଛି
ସରଗ ସନ୍ଦେଶ ପଶୁଛି,
ସତରେ କି ଶୋଭା ଦିଶୁଛି,
ତଥାପି ମୋ ଗାଆଁ ହସୁଛି ।

ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ଡେଙ୍ଗାଡି, ଗଞ୍ଜାମ।
୯୫୮୩୪୩୮୧୭୪

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଅବ୍ୟକ୍ତ ବେଦନା

ଏଲିନା ପାଣିଗ୍ରାହୀ



ଜୀବନରେ ପାଇବିକି ସାନ୍ତ୍ୱନା ମୁଁ ଆଜି
ଅଶାନ୍ତ ସାଗର ମୁଁ ଯେ ଯାଇଅଛି ହଜି ।

ଜୀବନର ରଣକ୍ଷେତ୍ରେ ନିଜେ ହିଁ ହାରିଛି
ଘୋଟିଆସେ ଅବସାଦ ମୁଁ ସତେ ମରିଛି ।

କଣ୍ଟକ ଗହନ ମୋର ଜୀବନର ପଥେ
ବଞ୍ଚିବାର ପ୍ରବଞ୍ଚନେ ବାଧା କେତେ ସତେ ।

ଜୀବନ ମୋ ବିତୁଅଛି ଲୋତକ ଝରାଇ
ପାରୁନାହିଁ ପ୍ରଭୁ ମୁଁ ଏ ଜୀବନ ବିତାଇ ।

ଏ ଜୀବନେ ପାଇବିକି ସୁଖ ଶାନ୍ତି ଆଉ
ଝୁଣ୍ଟୁଛି ମୁଁ ଜୀବନର ପଥେ ଯାଉ ଯାଉ ।

ଅବସର୍ଣ୍ଣ  ପ୍ରାଣ ମୋ ଯାଏ ନିଷ୍କ୍ରିୟ ହୋଇ
ଏ ଜୀବନ ମୃତ୍ୟୁ ପଥେ ସାହା ନାହିଁ କେହି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶ୍ମଶାନର ଶାନ୍ତ ପରିବେଶ  ପଥ ପ୍ରାନ୍ତେ
କୋଳାହଳପୂର୍ଣ୍ଣ ଲାଗେ ତାହା ଆଜି ମୋତେ

ମୋ ଦଗ୍ଧ ଶରୀରଟା ବି ମୋତେ ଇସାରାରେ
ଭିକ୍ଷା ମାଗୁଛି ଶୋଇବାକୁ ସୁଖ ନିଦ୍ରାରେ ।

ଏ ଜୀବନେ ଶାନ୍ତି ମୋର ଦୂର ପରାହତ
ଅଶାନ୍ତ ସାଗର ମୁଁ କି ବିକଳ ବିଦୃତ  ।

ପ୍ରଭୁ ତୁମେ ହିଁ ମୋର ଅନ୍ତିମ ସମ୍ଭାବନା
ତୁମ ପାଶେ ବ୍ୟକ୍ତ ମୋର ଅବ୍ୟକ୍ତ ବେଦନା ।


ବାଲେଶ୍ୱର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଆଜି ବି ଖୋଜୁଛି ମୋ ମନ ତୁମକୁ

ସସ୍ମିତା ପଣ୍ଡା



ପାଶୋରି ପାରୁନି ସେ ଅଭୁଲା ଅତୀତକୁ
ଯେଉଁ ଦିନ ମାନଙ୍କରେ ଫଗୁଣ ହସୁଥିଲା
କୁସୁମର ବାସ ଛୁଟୁ ଥିଲା ।
ତୁମ ଭଲ ପାଇବାର ଐଶ୍ୱର୍ଯ୍ୟ ପ୍ରୀତି କୁ ସାଉଁଟୁ ଥିଲି
ସଜ ସଞ୍ଜରେ ହାତ ଧରି ଚାଲୁ ଥିଲେ ବାଟ
ଆମକୁ ଦେଖି ଚନ୍ଦ୍ରମା ଖୁସିରେ ବିଭୋର ହୋଇ ।
ମୁରୁକି ହସୁଥିଲା ରହି ରହି
ଶେଫାଳୀ ବି କର ଯୋଡ଼ି ବିଭୁ ପାଶେ  କରୁ ଥିଲା ପ୍ରାର୍ଥନା
ସମୟ ଯାଉ ସ୍ଥିର ହୋଇ କିଛି କ୍ଷଣ ଆୟୁ ପାଇବି ମୁହିଁ
ଦେଖିବି
ପ୍ରେମ ପ୍ରଣୟର ମଧୁର ମୂହୁର୍ତ୍ତ ମାନ
ଦୂରେ ଗଲ ଚାଲି ପାରେ ନାହିଁ ଭୁଲି
ତୁମ କୋଳେ ମଥା ରଖି ଖୁସି ସାଉଁଟି ବାର ଆକାଂକ୍ଷା
ରହି ଗଲା ଅଧାରେ
ମୋ ଜୀବନ ତୁମେ, ମୋ ଦୁନିଆ ତୁମେ
ତୁମ ସ୍ମୃତିକୁ ସାଇତିଛି ହୃଦର ଭିତରେ ।
ଆଜିବି ଖୋଜୁଛି ମୋ ମନ ତୁମକୁ ବସି ଏକାନ୍ତରେ
ପବନକୁ ପରା ଦେଇଛି କହି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମୋ ପ୍ରିୟ କୁ ଆସିବୁ ଛୁଇଁ

ତତେ ଛୁଇଁ  ମୋ ପ୍ରିୟର ପରଶ ପାଇବି ମୁହିଁ।।

ଭସା ବାଦଲ ତୁ ଭାସି ଭାସି ଯିବୁ

ମୋ ପ୍ରିୟ ର ଘର ଦେଇ

ପ୍ରିୟର କାନେ ଚୁପ୍ ଚୁପ୍ ଦବୁ ରେ କହି

ଅଭିମାନେ ବସିଛି ଅଭାଗିନୀ ପ୍ରିୟା

ବୁଝାଇବେ ଆସି ସେହି ।।

ଯାଜପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଆଜି ବି ଖୋଜୁଛି ମୋ ମନ ତୁମକୁ

ଶୁଭଲକ୍ଷ୍ମୀ ସେଠୀ



ଭସା ମେଘ ପରି ଭାସୁଥିଲି ଦିନେ
ତୁମ ମନ ଆକାଶରେ
କାକଟସ ଗଛ କଣ୍ଟା ହୋଇ ତୁମେ
ଭିଜେଇ ଦେଲ ଲୁହରେ

ମହୁ ମଖା ତୁମ ମିଛ ସେ କଥାକୁ
ସତ ଭାବି ଗଲି ଠକି
ଆଖି ଲୁହ ଆଜି ଓଠ ରେ ପିଉଛି
ନାହିଁ  ଆଉ କିଛି ବାକି

ଛାଡି ଦେଲ ହାତ ଭାଙ୍ଗିଲ ହୃଦୟ
ମଥାରେ କଳଙ୍କ ବୋଲି
ସୁଖ ଆଞ୍ଜୁଳାଏ ଦେବ ବୋଲି କହି
ଜିଅନ୍ତା ଦେଲରେ ଜାଳି

ଭାଙ୍ଗି ଦେଲ ତୁମେ ଆଶାର ସଉଧ
ହୃଦକୁ କରି ପଥର
ଅତି ଯତନେ ଗଢିଥିଲେ ସମ୍ପର୍କ
ହେଲ କାହିଁ ହେ ନିଷ୍ଠୁର

ରଙ୍ଗର ଫଗୁଆ ଧରି ଆସିଥିଲ
ନିଃସଙ୍ଗ ଏଇ ଜୀବନେ
ଭଲ ପାଇ ତୁମେ ଭୁଲି ଯିବ ଦିନେ
ଭାବି ନ ଥିଲି ସପନେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅଙ୍କା ବଙ୍କା ଏଇ ଜୀବନ ରାସ୍ତାରେ
ଦେଲ ତୁମେ ଶକ୍ତ ଧକ୍କା
ସ୍ମୃତି କୁ ତୁମର ଛାତିରେ ଧରି ମୁଁ
ଚାଲୁଥିବି ଏକା ଏକା

ଆଜି ବି ଖୋଜୁଛି ମୋ ମନ ତୁମକୁ
ପାରୁନି ତାକୁ ବୁଝାଇ
ଅବୁଝା ସ୍ୱପ୍ନ କୁ ଆଖି ତଳେ ଚାପି
ମନ କାନ୍ଦେ କଇଁ କଇଁ

ଅଧା କାହାଣୀ କୁ ପୂରା କରିବାକୁ
ଆସିବ କି ତୁମେ ଫେରି
ଥରୁଟିଏ ତୁମକୁ ଦେଖିବାର ଇଛା
ଜୁଇ ରେ ନା ଯାଉ ସରି

ହାଉସିଂ ବୋର୍ଡ଼ କଲୋନୀ, ଷ୍ଟାଡିୟମ ନଗର,
ଆଠଗଡ, କଟକ
୮୯୭୨୩୬୦୯୩୪



Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଆଗନ୍ତୁକ

ରଞ୍ଜିତା ଦାଶ



ଏଇ ନୀରବତା ଭିତରେ କିଛି ଏକଲା ପଣକୁ ବାଣ୍ଟୁଥିଲି ତୁମ ସହ

କିଛି ସ୍ମୃତିକୁ ସ୍ୱପ୍ନ କରି ଆଙ୍କୁଥିଲି

ସମୟ ସାଥୀରେ

ନିର୍ଜନତାକୁ ଆଡେଇ ତୁମେ ଯେବେ

ପଶି ଆସିଲ !

ଜାଣିଛ ! ! କେତେ ରାତ୍ରିର ନୀରବ କୋହ ଜାବୁଡି ଧରିଥିଲା ସାରା ଦେହକୁ

ଲକ୍ଷେ ତାରାର ଭିଡ ଭିତରେ ଅଣନିଶ୍ୱାସୀ ଆକାଶଟା

କେଜାଣି କାହିଁକି ଗୁମୁରି କାନ୍ଦୁଥିଲା।

ହେଲେ ଆଜି ସବୁ ପରିଷ୍କାର

ଏ ଔଜ୍ଜ୍ୱଲ୍ୟତା ବୋଧେ କିଛି ବୋଧଗମ୍ୟର ଆବିଷ୍କାର

ହୁଏତ ଫେରିଛି ଫଗୁଣ

ଗାଇଛି କୋଇଲି

ଫୁଲବି ଆନମନା ମଳୟ ବାସ୍ନାରେ

ତଥାପି କାହିଁକି ଶ୍ରାବଣ ମଥା ପାଟେ

ଏ ଢୋ ଢୋ ନିରୋଳା ପଣରେ

ମାଟି ବି ଭିଜେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଗଛଲତା, ଫୁଲ, ଫଳ ସବୁଠି ତା ରାଜୁତି

ହେଲେ ଆଙ୍କି ପାରେନା ---

ଶୂନ୍ୟ ହୃଦୟର କାଚ ଆଇନାରେ ତା ଛବି

ଗଢି ପାରେନା ମମତାଜ୍ ର ସ୍ମୃତି

କେଦାର ଗୌରୀଙ୍କ ପ୍ରେମ କାହାଣୀ

ଲେଖି ପାରେନା---

ତା ହୃଦୟ କାନ୍ଥରେ

ବୋଧେ କର୍ତ୍ତବ୍ୟ ର ଚାରିକାନ୍ଥ ଆବୋରି ବସେ

କୋଉ ବଧୂ ନିରୁପମାର ଲାଜୁଆ ହସରେ

ବୁଡିଯାଏ ତା ଆଖିପତ୍ତା

ବାରମ୍ବାର ଫେରି ଚାହିଁବାକୁ ଇଛା ଥିଲେ ବି

ପଛରୁ ଭିଡିଧରେ ନିଜ କର୍ତ୍ତବ୍ୟବୋଧତା ।

ଏ କୋଳାହଳ ସ୍ୱର୍ଗର ଠିକଣା ହୋଇପାରେ

ହେଲେ ଭୁଲି ଯାଅନା ଆଗନ୍ତୁକ

ଛାଡି ଆସିଥିବା ଗୋଟେ ରାସ୍ତାର ଠିକଣା,,,

ଏବେ ବି ତୁମ ଅପେକ୍ଷାରେ ।

କେବେ ଶୁଣିଛ ଗୋଟେ ଅଳସୀ ନଈର

ସ୍ୱର

କେବେ ମଥା ପିଟିଛ ପାହାଡ ଛାତିରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଫେରିଆସେ କେମିତି ତା କଥା ତା ଦେହକୁ ବାରବାର ! ! ! !

ବୁଝି ପାରେନା ସେ ଅବୁଝା ଗଣିତ

ଚିରି ପାରେନା ଇତିହାସର ପୃଷ୍ଠା ସବୁ

ସେମିତି ଥାଉ ଶବ୍ଦ ହୋଇ ସେ ଅତୀତର ।

ନ ଲେଖା ହେଉ ଗୋଟେ କାହାଣୀ କିଛି

ସଫେଦ୍ ପୃଷ୍ଠାର ।

ଯାଜପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଯଶୋଦାଙ୍କ ଶୋକୋକ୍ତି

କୁଳମଣି ବାରିକ



ଆହେ ଶ୍ୟାମ ଗିରିଧାରୀ, ଗଲୁ ମଧୁ ପୁରି,

ପୂର୍ଣ୍ଣ ହେଲା ପାଞ୍ଚ ଦିନ, ଆସୁ ନାହୁଁ ଫେରି ।।

ଆହେ ମୋର ଦୁଃଖୀ ଧନ, ବାବୁ ବନମାଳି,

ଉଗ୍ରସେନ ଦୁହିତାଙ୍କୁ, ଦେଖି ଗଲୁ ଭୁଲି ।।

ଅନ୍ଧର ଲଉଡ଼ି ତୁହି, ମୋ'ଗଳାର ହାର,

ନଦେଖିଲେ ନୟନଯେ, ଫୁଟି ଯିବ ମୋର ।।

ଛଳରେ'ତୁ ଛଳ କରି, ଆସୁ ନାହୁଁ ଫେରି,

କି'ଅର୍ଥରେ ରହିଅଛୁ, ଆହେ ବଂଶୀଧାରୀ ।।

ଦେବକୀ ଯେ ବାଞ୍ଝ ନାରୀ, ଲୋଡ଼ା ତା'ର ସୁତ,

ମୋର ପୁତ୍ର କହି ତୋତେ, ରଖିବ ତୁରିତ ।।

କଂସ ମାମୁଁ ଦୁରାଚାରୀ, କରିବ ହୀନସ୍ଥା,

ମନେପଡୁ ନାହିଁକିତୋ, ଯେତେ ମୋର କଥା ।।

ଶୁଣିଛି ମୁଁ କଂସ କଥା, ଅଟେ'ସେ କଂସେଇଁ,

କାଳେ କ'ଣ କରିବ'ସେ, ଏକଥା ଭାଳଇଁ ।।

କେତେ କେତେ ଦୁଷ୍ଟାଚାରୀ, ଦୈତ୍ୟ ପଠାଇଛି,

ମାରିବାକୁ ତୋତେ ସିଏ, ଉପାୟ ପାଞ୍ଚିଛି ।।

ଧନୁଯାତ୍ରା କରୁଅଛି, ଲାଗୁଛି ସଂଶୟ,

ଧରି କାଳେ ବଧି ଦେବ, ଲାଗୁଅଛି ଭୟ ।।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବଳରାମ ଯାଇଛି ତୋ, ସାଥୀରେ କାହିଁକି,
ବେପରୁଆ ଭାତ୍ରା ସିଏ, ତୁ'ଜାଣି ନାହୁଁକି ?
ଚଗଲିଆ ପିଲାଟିଏ, ଅଟୁ' ତୁ କହ୍ନେଇ,
ଥଟ୍ଟା ମଜା ଖେଳ କରୁ, ଜାଣିଛିରେ ମୁହିଁ ।।
ଗେଲରୁ ତେଲ ବୁହଇ, ଜାଣିନୁରେ ତୁହି,
ଅଯଥାରେ ସର୍ପ ମୁଖେ, ହସ୍ତ ଦେବୁ ନାହିଁ ।।
ବେଗି ବେଗି ଫେରିଆସୁ, ଯାଉ ଯେଉଁ ସ୍ଥାନେ,
ସହଳଯେ ଫେରୁ ନାହୁଁ, କି ଭାଳୁଛୁ ମନେ ।।
ଧନୁଯାତ ସରିଲାଣି, କାହିଁ ଅଛୁ ସେଠି,
ମଧୁପୁର ବିରୁଡି ଯେ, ସେ କଂସ ଅଟନ୍ତି ।।
ଈଶ୍ୱରଙ୍କୁ ଡାକୁଅଛି, ଫେରି ଆସ ଭଲେ,
ନନ୍ଦ ରାଜ ବସିଛନ୍ତି, ହାତ ଦେଇ ଗାଲେ ।।
କ୍ଷୀର, ଦହି, ଲହୁଣୀ ଯେ, ଆମ୍ବିଳା ହେଲାଣି,
ଆସିଲେ ତୁ ଭୁଞ୍ଜିବୁରେ, ବାବୁ ନୀଳମଣି ।।

ଶିଶୁଆ, ସାଲେପୁର, କଟକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଦୁଃଖୀ ଜନ ବନ୍ଧୁ

ନଳିନୀ ଦାଶ



ବିଶ୍ୱାସର ଫୁଲ ଫୁଟାଇ ଦିଅ ହେ
ମନ ବଗିଚାରେ ମୋର
ନିତି ତୋଳି ଆଣି ଅରପି ଦେବି ମୁଁ
ଚରଣେ କଳାଠାକୁର ।
ବିଶ୍ୱାସରେ ତୁମେ ନିଶ୍ୱାସରେ ତୁମେ
ପ୍ରତି ରକ୍ତ କଣିକାରେ
ନିତି ମୁଁ ଡାକୁଛି ଡାକୁଥିବି ପ୍ରଭୁ
ଶ୍ରଦ୍ଧା ଓ ଭକତି ଭରେ ।
ତୁମ ନାମ ଧରି ଭଜନ ଗାଉଛି
ନିତି ସଞ୍ଜ ସକାଳରେ
ତୁମର କରୁଣା ପାଇବା ପାଇଁକି
ଭିଜାଉଛି ଆଖି ନୀରେ ।
ଆହେ ନିଳାଦ୍ରୀଶ ଭକ୍ତପ୍ରାଣ ବିନ୍ଦୁ
ଦୀନ ଦୁଃଖୀଜନ ବନ୍ଧୁ
ଭକ୍ତିରେ ଡାକିଲେ ବୁହାଇ ଦିଅ ହେ
ତୁମର କରୁଣା ସିନ୍ଧୁ ।
ତୁଳସୀ ଦୟଣା ଫୁଲମାଳ ପିନ୍ଧି
ଦିଶୁଅଛ ମନୋହର
ଲୁହରେ ଜାଳିବି ଜୀବନ ସଳିତା
ବିଶ୍ୱାସେ ଯୋଡ଼ି ମୁଁ କର ।
ତୁମ ଚକାଆଖି ଦରଶନେ ନିତି
ଆରଜିବି କୋଟି ପୂଣ୍ୟ
ହୃଦ ସିଂହାସନେ ବସାଇ ପୂଜିବି
ଜୀବନ ହୋଇବ ଧନ୍ୟ ।

ଭିକାରିପଡା, ଶରଣକୁଳ, ନୟାଗଡ଼ ।
ମୋ –—୯୨୩୮୯୯୬୬୪୯

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ରାଜରାସ୍ତାରେ ଜୀବନ

ସ୍ୱାଗତ ମିଶ୍ର



ବୟସର ଅପରାହ୍ଣରେ

ଭେଟ ହେଲା ଦିନେ ଜୀବନ ସହ

କୋଳାହଳ ପୂର୍ଣ୍ଣ ରାଜରାସ୍ତାରେ,

ଧଇଁସଇଁ ହୋଇ ଧାଉଁଥିଲା ସିଏ

ଏକ ମୁହାଁ ହୋଇ ଅସହାୟ ଭାବେ

ମୃତ୍ୟୁ ପଥର ଦୌଡ଼ ପ୍ରତିଯୋଗିତାରେ ।

ନିଜେ ବି ଜାଣିନି ସିଏ

ଜିତିବ କି ହାରିବ ଏହି ଦୌଡ଼ରେ,

ତଥାପି ସେ ସ୍ମୃତିକୁ ଜାବୁଡ଼ି ଧାଉଁଥାଏ

ସ୍ୱପ୍ନକୁ ସାକାର କରିବା ଆଶାରେ

ସମ୍ପର୍କ ମାନଙ୍କୁ ଭୁଲି ସମୟର ସାଥିରେ ।

କାହିଁ କେଉଁ ଆବାହମାନ କାଳରୁ

ଲାଗିରହିଛି ଏହି ଗଣଦୌଡ଼

ସ୍ୱପ୍ନମାନଙ୍କ ପଛରେ,

ମୃଗତୃଷ୍ଣା ଭଳି ସ୍ୱପ୍ନ ସବୁ ଉଭେଇ ଯାଏ

ଧରୁ ଧରୁ ହାତ ପାହାନ୍ତାରେ ।

ସ୍ୱପ୍ନର ସହରରେ ଏବେ ଅନେକ ଗହଳି

ହାଟ ବସେ ଏଠି ନିତିଦିନ,

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମୂଲଚାଲ ହୁଏ ନିଜ ସ୍ୱାର୍ଥ ପାଇଁ
କିଏ ଦେଉଥାଏ ଲୁହ ଆଉ ଲହୁ
ପୁଣି କେହି ଯାଚିଦିଏ ଦେହ ଆଉ ପ୍ରେମ ।
ଜୀବନ ଭାସିଯାଏ ସମୟର ସୁଅରେ
ଖରା, ବର୍ଷା, ଶୀତକୁ ଖାତିର୍ ନକରି
ସୂର୍ଯ୍ୟ, ଚନ୍ଦ୍ର ଓ ତାରା ମେଳରେ,
ଫୁଙ୍କି ଦେଲେ ଉଡ଼ିଯାଏ
ଜମିଥିବା ବହଳେ ଧୂଳିର ଆସ୍ତରଣ
ଅସ୍ତମିତ ଯୌବନର ଚେହେରା ଉପରେ ।
ସମୟର ପଶାପାଲିରେ
ସମ୍ପର୍କ ବନ୍ଧା ପଡ଼ିଛି ବାଜିରେ
ଅହରହ ଲାଗିରହିଛି ଯୁଦ୍ଧ ନିଜସହ ନିଜର,
ବିପକ୍ଷରେ ସବୁ ବନ୍ଧୁ ପରିବାର
ଋତୁ ପରି ବଦଳିଗଲେ
ଯେତେ ଥିଲେ ଆତ୍ମୀୟ ସୋଦର ।
ସମ୍ପର୍କର କୁରୁକ୍ଷେତ୍ରରେ
ଜୀବନ ସାଜିଛି ଆଜି ନିରବଦ୍ରଷ୍ଟା ବେଲାଳସେନ
ମିଛ ମୋହ ମାୟାର ମହାଭାରତରେ,
ଚିହ୍ନି ପାରେନା ସେ କିଏ ପର ଆପଣାର
ମୁଖାପିନ୍ଧି କରୁଥିଲେ ନିଖୁଣ ଅଭିନୟ
କିଏ ଶକୁନି ତ କିଏ କୃଷ୍ଣ ଚରିତ୍ରରେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପରିବର୍ତ୍ତିତ ମନର ମାନଚିତ୍ରରେ

ବିଗତ ଦିନ ସବୁ ଧାଡ଼ି ବାନ୍ଧି ଠିଆ ହୁଏ ପଛକୁ ପଛ

ଅବଶିଷ୍ଟ ଜୀବନର ଏକାକୀ ମୂହୁର୍ତ୍ତରେ,

ମନ ତଳେ ଶୋଇ ରହିଥିବା

ଅତୀତ ଏବେ ବି ଜୀବନ୍ତ ରହିଛି

ସ୍ମୃତି ସମାଧିର ତାଜମହଲରେ ।

କର୍ପୁର ଉଡ଼ିଯାଏ ହେଲେ

ବାକ୍ସର କୋଣରେ କପଡ଼ା ପଡ଼ି ରହିଥାଏ,

ସ୍ୱପ୍ନ ପୂରଣ ପାଇଁ ଏଠି ସମୟର ଅଭାବ

ସମ୍ପର୍କ ସହିତ ଜୀବନ ବି ମଉଳିଯାଏ

କିନ୍ତୁ ସ୍ମୃତି ସବୁ ଆଜୀବନ ସତେଜ ରହିଥାଏ ।

ପଦ୍ମାଦେଈପୁର, ନୟାଗଡ଼

୯୯୩୮୭୬୧୨୨୪

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ପିଏଚଡ଼ି

ନିହାର ରଞ୍ଜନ ସାବତ



ଅଟଇ ବହୁତ ବଡ ପାଠଟିଏ
ନାମ ତାର  ପିଏଚଡି
ଶିକ୍ଷା ଓ ଅନୁସନ୍ଧାନ କାର୍ଯ୍ୟକ୍ଷେତ୍ରେ
ଗୁରୁତ୍ୱ ଯାଉଛି ବଢି ।୧।

ଅଲଗା ଅଟଇ ଅନ୍ୟ ପାଠଠାରୁ
ଲୋଡାଅଟେ ଗବେଷଣା
ନବ ଉଦ୍ଭାବନ, ନୂଆ ଆବିଷ୍କାର
ନୂତନ ସୃଷ୍ଟି ସର୍ଜନା ।୨।

ଅଧ୍ୟବସାୟ ଓ ବୁଦ୍ଧିମତା ସହ
ସୃଜନର ପ୍ରୟୋଜନ
ଦରକାର ହୁଏ ଦକ୍ଷ ଗୁରୁଙ୍କର
ସଠିକ ମାର୍ଗଦର୍ଶନ ।୩।

ଜିଜ୍ଞାସା, ଅନୁସନ୍ଧିତ୍ସା ହୋଇଥାଏ
ଗବେଷଣା ଭିତ୍ତିଭୂମି
ଚିନ୍ତାଶୀଳତା ଓ ସୃଜନଶୀଳତା
କରିଥାଏ ଅଗ୍ରଗାମୀ ।୪।

ସାମ୍ପ୍ରତିକ, ପ୍ରାସଙ୍ଗିକ ବିଷୟରେ
ଆବଶ୍ୟକ ଗବେଷଣା
ସାଧନାରୁ ଲବ୍ଧ ଜ୍ଞାନ, ପରିଣାମ
ଅନ୍ୟକୁ ଦିଏ ପ୍ରେରଣା ।୫।

ମୌଳିକତା ପୂର୍ଣ୍ଣ ବିଷୟବସ୍ତୁର
ଆବଶ୍ୟକତା ପାଠରେ
ଆକର୍ଷକ ଲେଖା ହୁଅଇ ଜରୁରୀ
ଶୋଧପତ୍ର, ନିବନ୍ଧରେ ।୬।

ଅନିବାର୍ଯ୍ୟ ଅଟେ ପ୍ରକାଶନ କ୍ଷେତ୍ରେ
ସାଧୁତା ଅବଲମ୍ବନ
ବୌଦ୍ଧିକ ସର୍ଜନା, ରଚନା ଜଡ଼ିତ
ଅସାଧୁ କାର୍ଯ୍ୟ ବର୍ଜନ ।୭।

ନବୀନ ସୃଷ୍ଟିର ଅନୁସନ୍ଧାନରେ
କାଟିବା ସାରା ଜୀବନ
ପିଏଚଡି ପାଠ ଦିଏ ଏହି ଶିକ୍ଷା
ଜୀବନଦର୍ଶନ ଜ୍ଞାନ ।୮।

ଅଧ୍ୟାପକ, ସୂଚନା ପ୍ରୌଦ୍ୟୋଗିକ ଏବଂ ପ୍ରବନ୍ଧନ
ଶିକ୍ଷା ମହାବିଦ୍ୟାଳୟ (ସାଇମ୍)
ଭୁବନେଶ୍ୱର – ୧୦, ମୋ : ୯୭୭୭୦୧୧୯୬୮

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ହୃଦୟ

ହାସ୍ୟମୟୀ ରାଜ



ଏ ହୃଦୟକୁ ଥରେ
ବୁଝିଗଲା ପରେ
ଲୁହ ସବୁ ହସର ଉଚ୍ଛୁଳା
ନଦୀ ପାଲଟି ଯାଏ
ଆଉ ହୃଦୟ ଅବୁଝା ରହିଗଲେ
ହସ ସବୁ ଲୁହର ବନ୍ୟା ପାଲଟି ଯାଏ

ହୃଦୟକୁ ବୁଝିପାରେ ଯିଏ
ତା'ଠାରୁ ଭାଗ୍ୟବାନ୍
ଦୁନିଆରେ କିଏ
ହେଲେ କାହାପାଇଁ
ହୃଦୟ କେବେ କେବେ
ଅବୁଝା ରହିଯାଏ ।।

ହୃଦୟର କୋଠରୀକୁ
ରୁଦ୍ଧ କରିଦେଲେ
ଆତ୍ମା ବି ଉହଳ ବିକଳ ହୁଏ
ଆତ୍ମା ତ ଆତ୍ମାକୁ ସଦା
ଛୁଇଁବାକୁ ଚାହେଁ ।।

କେବେ କେବେ
ନିଜ ହୃଦୟ ସହ ଆତ୍ମା
ଦୁଃଖ ସୁଖ ବାଣ୍ଟେ
ଭାବ ଯୋଡିବାକୁ ଭଲପାଏ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଆଉ କିଏ

ତା କଥା ବୁଝୁ କି ନବୁଝୁ

ଦୁଃଖ କରେନି କି

ତା'ର ଅପେକ୍ଷା ନଥାଏ ।।

ହୃଦୟ ହସ ଚାହେଁ

ହେଲେ ଲୁହ

କ'ଣ ତା ପାଖ ଛାଡି ଯାଏ

ତଥାପି ତା ଖୋଜିବାର

ଶେଷ ନଥାଏ

ଏ ହୃଦୟଟା ଏମିତି

ତା ପରି କିଏ  ! !

ଓରାଳି, ହାଟଡିହି, କେନ୍ଦୁଝର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଶ୍ମଶାନର ସରଳାର୍ଥ

ଶଙ୍କର ବିଶ୍ୱାଳ



ଅଧା ଅର୍ଦ୍ଧ ପଟାସିୟମ୍ ଖୋଳର
କାଗଜରେ ଭର୍ତ୍ତିସିନ୍ଦୁରର ନାଲି ରଙ୍ଗ
ଅଭିଶିକ୍ତ ରଙ୍ଗ ବେରଙ୍ଗ ମଲାଟ ଓ ଚିଠି କାଗଜର
କିଛି ପୁରୁଣା ଟୁକୁରା ,
ସ୍ମୃତି ବୋଧେ ଜୀବନ୍ତ ,
ଜାଳିଦେବାକୁ ଚେଷ୍ଟା ,
ସେସବୁଆଉ ଫେରିବନି ,
ନିର୍ଦ୍ଧୋର ପ୍ରକାନ୍ତରଣ ମଧ୍ୟରେ ଲିପ୍ତ ହେଇସାରିଥିବା ଶବ
ଅସହାୟ ହୋଇ ଶୋଇରହିଛି ,
ସେ ଭାବୁଛି
ଦେଖୁଛି
କହୁଛି ,
କି ଏ ମଣିଷ ପରି ଦେଖାଯାଉଥିବା
ଅମଣିଷ ମାନେ
ସେ ମୃତମାନବର କଥାକୁ
ପ୍ରତିରୋଧ କରୁଛନ୍ତି ।

ସେମାନେ ବୁଝୁଥିବା ଶବ୍ଦ ବୋଧେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅଲିଭାଗାରର ଆକାଶ ତାରା
ଲୁଚିବା ଓ ଲୁଚାଇବା ଅବସ୍ଥାରେ
କାକପୋଇ ଓ ସାଗୁଆନ୍
ମାନେ ଆଜି ଏକତ୍ର
କିନ୍ତୁ ଏ ଭିତରୁ ତୁଳସୀ ବାଦ୍
ସେ କଣ ଏତେ ଅଦରକାରୀ ପାଲଟିଲା

ପ୍ରଶ୍ନ ଓ ଉତ୍ତରର
ଆଡୁଆଳ ଭିତରେ
ଯୌବନର ଆୟୁସହାଣ୍ଡି
କେତେ ବେଳେ
ନିଘୋଡ ଶକ୍ତପଥରେ ଛେଚି ହେଇଯାଏ
ନିଜ ଭାବନାରୁ ବାହାରେ
ଥାଉ , ଆଉ ପାଳ ଧୂଆଁର
ଆବଶ୍ୟକ ନାହିଁ
ଯେଉଁଠି ସାରା ଶରୀର
ବିନା ନିଆଁରେ ଜଳିସାରିଛି
ଅଗ୍ନି ଆଉ ଆକାଶମାନେ
ବୈଜ୍ଞାନିକ ମନୋବୃତ୍ତିରେ ଚାହିଁ ବସିଛନ୍ତି ।

ପଙ୍ଗୁ ଆଉ ଅପଙ୍ଗୁ ଶରୀର ଜଘଂହାଡ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବୋଧେ ହୁଏ

ଶିର ତାର ଫାସରେ ଝୁଲି ହେଇଛି ,

ରକ୍ତ ବିହୀନ ଶବଠାରୁ

ଆଉ କିଛି ଆଶା ନାହିଁ

ଫାସୀ ଖୁଣ୍ଟରେ ଚୀରଦୀନକୁ

ସ୍ଥାୟୀ ଶବକୁ ସମାଧିର ଜାଗାରେ ,

ଦବାଇ ଧଳାବର୍ଣ୍ଣ ସଜାଯାଉଛି

ଅଙ୍ଗୀକାର ଓ ଆତ୍ମିୟତା ମଧ୍ୟରେ ।

ବି.ଏ, ବି.ଏଡ୍ ଲୋକ ପ୍ରଶାସନ ବିଭାଗ

ଭୋପାଳ ବିଶ୍ୱବିଦ୍ୟାଳୟ



Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମୋ କୋରାପୁଟ

ବୈଶାଖୀ ଦୀପ



ସୁନେଲି ସକାଳେ ଦେଓମାଳୀ ହସେ
ସୁନେଲି କିରଣ କ୍ଷେତେ ତାର ପଡେ
ପବନ ବି ଏଠି ବୋହି ବୋହି କହେ
ଦେଖ ଆମ କୋରାପୁଟ ।

ଶବର ଜାତିର ଇଷ୍ଟ ଅଟେ ସେତ
ବୋଲାଏ ଏଠି ଶାବର ଶ୍ରୀକ୍ଷେତ୍ର
ଇତିହାସର ଛୋଟ ସାକ୍ଷୀ ଅଛି ଏଠି
ପ୍ରମାଣ ଦିଏ ବତିଶ ସିଂହାସନ

ମେଘ ମାଳ ମାଳ ଘେରି ବୁଲେ ଏଠି
ଜଙ୍ଗଲ, ପାହାଡ଼, ବିଲ
ଦେଶିଆ ମାନଙ୍କ ସରଗପୁର ସେ
ଦେଖ ଆମ କୋରାପୁଟ ।

କୁରେ ଫୁଲର ମହକ ଭରିଛି
ଏ ମାଟିରେ ଭରିଛି ତା ବାସ
ଦେଶିଆ ଆମେ ତ ଗରବେ କହୁଛୁ
ଦେଖ ଆମ କୋରାପୁଟ

ଅଳସୀ ଏଠି ସାଜେ ପାଟରାଣୀ
ମାଣ୍ଡିଆ ସାଜେ ତା ବର
ବର ବଧୂ କୁ ଆଶୀର୍ବାଦ ଦିଏ
ସୁଆଁ, ଜନା ଆଉ ଶିମ୍ବ ।

କୋରାପୁଟ ଖାଲି ଜିଲ୍ଲା ନାହିଁ ସେତ
ଆମ ପାଇଁ ସରଗ ପୁର
ଥରେ ବୁଲିଆସ ମୋ ଜନ୍ମ ଭୂମିକୁ
ଦେଖ ଆମ କୋରାପୁଟ ।

କୋରାପୁଟ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମୂର୍ତ୍ତି

କବିତା ମେହେର

ସମୟର ସ୍ରୋତ,
ଆଗକୁ ବହୁଛି,
ମୁଁ କିମ୍ବା ପଛରେ ରହିବି,
ଅତୀତକୁ ଦିନେ,
ବିଦାୟ ଦେଇ ମୁଁ,
ଭବିଷ୍ୟତ ଆଡେ ବଢିବି ।

ସୁଖକୁ ଯଦି ମୁଁ,
ବାନ୍ଧି ପାରିନାହିଁ,
ଦୁଃଖ କିଆଁ ସାଉଁଟିବି,
ଜୀବନର ଅନ୍ତ ,
ହେବ ନିଶ୍ଚେ ଦିନେ,
ଏବେ ମୁଁ ଜୀଇଁ ଦେଖିବି ।

ପଥରଟିକୁ ବି ,
ମୂର୍ତ୍ତି ସାଜିବାରେ,
ହୁଅଇ ନିଶ୍ଚିତ କଷ୍ଟ,
ମୁଁ ତ ମଣିଷଟେ,
ଟିକିଏ କଷ୍ଟରେ,
ହେବି କାଇଁ ଅସନ୍ତୁଷ୍ଟ ।

କାରିଗର ଯେବେ,
ସେ ଉପରବାଲା,
ଏ ମୂର୍ତ୍ତି ଭାଙ୍ଗିବ ନାହିଁ,
ହେବ ସର୍ବୋତ୍ତମ,
ଅଥବା ମନରେ,
ରହିବ ସେ ସ୍ମୃତି ହୋଇ ।

ଗମ୍ଭରିଗୁଡା, ସିନାପାଲି
ନୂଆପଡା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଲଘୁ ଯନ୍ତ୍ରଣା

ରୋହିତ କୁମାର ଗଡ଼ତ୍ୟା



ତୋ ପ୍ରତିଟି ଶବ୍ଦରେ ଘାଇଲା ହୋଇ ଲହୁଲୁହାନ ହେଇଯାଏ..

କିନ୍ତୁ,

ପୁଅମାନେ କାନ୍ଦନ୍ତିନି ବୋଲି ଚୁପ୍ ହେଇଯାଏ..

ତୋ ପ୍ରତିଟି କଟୁକ୍ତିରେ ନା ଥାଏ ସତ୍ୟତା

ତଥାପି ଦୃଢ଼ୋକ୍ତି କରୁ,

ଭୁଲଟା ତୁମରି ଏକା...

ମନେଇବା ଟା ଯେତେ କଷ୍ଟ

ତା ଠୁଁ ମାନିନେବା ଆହୁରି ସୁବିଧା..

ଜାଣୁ ଜାଣୁ ହାରିଯିବା ହୋଇପାରେ କି

ମୋର ଦୁର୍ବଳତା...

ସେଥିପାଇଁ ବୋଧେ ତୁ କରୁ,

ଆଉ ଗୋଟେ ସୁଯୋଗକୁ ଅପେକ୍ଷା ।

ଶିକ୍ଷକ

ଓଡ଼ିଶା ଆଦର୍ଶ ବିଦ୍ୟାଳୟ କେସିଙ୍ଗା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବାକିଖିଆ

ବିନୟ ମିଶ୍ର



କାଲି ବାସିଖିଆ ଜଗତେ ଅନେକ
ନାନା ମଧୁ ବାଣୀ କହି,
ଦୋକାନୀକୁ ଦାରୀ ଭାବି କଷ୍ଟ ଦେଇ
ଆଉ ସେ ସୁଝନ୍ତି ନାହିଁ
କାଲି ଦେଇଦେବି କହି,
ଦେଖା ଦେବା ତାଙ୍କ ଦୁର୍ଲ୍ଲଭ ହୁଅଇ
ଯାନ୍ତି ବାଟ ଭାଙ୍ଗି ଦେଇ ।

ଯେତେ ପ୍ରଲୋଭନ ଦେଖାଇଲେ ଆଉ
ଦୁଆର ମାଡ଼ିବେ ନାହିଁ,
ପୁଣି ଆଉ ଏକ ଦୋକାନ ଖୋଜିବେ
ବାକିରେ ଖାଇବା ପାଇଁ,
ମିଠା ମିଠେଇ ଖୁଆଇ,
ଘରକୁ ଡାକିକି ଅନ୍ଧାଦୁନି ଦେଲେ
ଲଙ୍କା ଧୁଆଁ କିଛି ଦେଇ ।
ଆଉ କେବେ ନେବେ ନାହିଁ,
ସାହସ ହେବନି ମୁହଁ ଦେଖେଇବେ
ଆଉ କେଉଁଠାରେ ଯାଇ ।

ନିଆଳ ଖୋର୍ଦ୍ଧା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଲେଖିକା

ସୀମାରାଣୀ ଦାସ

ଅଚିହ୍ନା, ଅପରିଚିତା ଲେଖିକାଟିଏ
ବେଶୀ ତ ଚିହ୍ନିନି, ହେଲେ
ତାର ବେଶଭୂଷା,
ଚାଲିଚଳନ କଥା ବାର୍ତ୍ତାରେ
ଥାଏ ଶାଳୀନତା ..... (୧)

ଫୁଲ ପରି କୋମଳ ହୃଦୟ ଥିବା
ନାୟିକାଟିଏ
ତାର ତୀକ୍ଷ୍ଣ କଲମ ମୁନରେ
ଅଙ୍କିଥିବା ଶବ୍ଦ ସବୁ
ମନରେ ଦିଏ ନୂତନ ପୁଲକତା ... (୨)

ସେ ହଜେ ଶବ୍ଦ ମାଳାର
କବିତା ରାଜ୍ୟରେ
ଆଉ ମୁଁ ତାକୁ ଖୋଜେ
ସେଇ କବିତା ଭିତରେ
ଏମିତି ନ ହେଉ କି,
ତାକୁ ଖୋଜିବା ଅଭିଳାଷରେ,
ମୁଁ ନିଜକୁ ହଜେଇ
ଦିଏ ତା 'ଭାବନାରେ.. (୩)

କବିୟତ୍ରୀ ନ ହେଲେ ସୁଦ୍ଧା
କଲମ ମୁନରେ ଆଙ୍କୁଥିବା
ସୁଗନ୍ଧ ଯୁକ୍ତ ସ୍ୱର୍ଶ
ମୋ ମନରେ ଆଣେ ଅସ୍ଥିରତା .. (୪)

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କାହା ନଜର ରେ ସେ କିପରି

ତାହା ତ ମୁଁ ଜାଣେନା....

ନୀଳ ଗୋଲାପଟେ ପରି

ସଜ୍ଜିତ ନୀଳ ଶାଢ଼ୀରେ

ତାର ସୁନ୍ଦରତା

ମୋ ମନରୁ ଲିଭେନା (୫)

ତାର ସବୁ ଲେଖାରେ ତ

ଥାଏ ମଧୁରତା (ଚଞ୍ଚଳତା)

ହେଲେ ଲେଖା ଠୁ ଅଧିକ

ବାରି ହୋଇପଡେ

ଲେଖିକାଙ୍କ ସରଳତା..| (୬)

ଅନୁଗୋଳ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବୋଉ ମଲା ପରେ

ଶିଶିର କୁମାର ପଣ୍ଡା



ବୋଉ ମଲା, ଭଲ ହେଲା କରୁଥିଲା ଅଡୁଆ
ଆମପାଇଁ ଏବେ ସିଏ ହେଲା ବଡ଼ ବଡୁଆ ।
ଆଠଦିନ ଭୋଗିହେଲା, ଭୋଗେଇଲା ଆମକୁ
ବୟସ ଗଡ଼ିଲା ପରେ ସିଏ କୋଉ କାମକୁ ?
ଭାଇଭାଇ ଅଲଗା ସେ ଦେଲାନାହିଁ କରେଇ
ମରିବାକୁ କହି ସଦା ରଖୁଥିଲା ଡରେଇ ।
ସାରା ରାତି କାଶୁଥିଲା ବୋଧେ ଜାଣି ଜାଣିକି
ଖୋଜୁଥିଲା ଭଲମନ୍ଦ ଦିଅନ୍ତା କେ ଆଣିକି ।
ବାପା କଥା କହି ସିଏ କାନ୍ଦୁଥିଲା ସକେଇ
ବାପା ଏବେ ଉପରକୁ ନେଇଗଲେ ଡକେଇ ।
ଦୁଃଖସୁଖ ହେଉଥାଆ ଆକାଶରେ ବସିକି
ଜୀବନ ଜୀଇଁବୁ ଆମେ ଏବେ ହସି ହସିକି ।
ଦଶଦିନ ସମସ୍ତଙ୍କୁ ଡାକି ଶୁଦ୍ଧି ହୋଇବୁ
ହଜାରେ ଲୋକଙ୍କୁ ଆମେ ବାରଦିନ ଖୋଇବୁ ।
ଝଲସାଇ ଦେବୁ ଆଖି ଗାଆଁ ସାଇ ଭାଇର
ମାମୁଁଘର ଯେମିତିକା କରିଥିଲେ ଆଇର ।

କୁଆଁସ, ମେରଦା କାଟିଆ, ଯାଜପୁର
ଆଳାପ:-୮୯୮୧୭୩୭୨୨୮

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଅର୍ଥ

ଆକୁଳାନନ୍ଦ ପୃଷ୍ଟି



ଆଇନ କାନୁନ କେଉଁ ପଟେ ଯାଏ
କିଛି ତ ପଡୁନି ଜଣା,
ଆଇନରେ ଅଛି ସତର ଫାଙ୍କ
ଅନେକ ଅଜଣା କଣା ।

ଦେଶରେ ଚାଲିଛି ଆଇନ ଶାସନ
ଅନ୍ଧ ପୁଟୁଳି ବାନ୍ଧି,
ଚୋର ଖସି ଯାଏ ଆଇନ ଫାଙ୍କରେ
ସାଧୁ ହୋଇଯାଏ ଛନ୍ଦି ।

ସମସ୍ତେ କୁହନ୍ତି ଆଇନର ଅଛି
ସବୁଠାରୁ ଲମ୍ବା ହାତ,
କିପରି ସେ ହାତ ହୁଏ ସଙ୍କୁଚିତ
ଅଣ୍ଟିରେ ପଶିଲେ ଅର୍ଥ ।

ଅର୍ଥ ଯେଉଁଠି ଅନର୍ଥ ଘଟାଏ
ଅର୍ଥ ପାଇବା ପାଇଁ,
ଅର୍ଥକୁ କଦର୍ଥ କଦର୍ଥକୁ ଅର୍ଥ
ଅର୍ଥ ଦେଉଛି କହି ।

ଅର୍ଥ ବଂଚାଏ ଅର୍ଥ ନଚାଏ
ଅର୍ଥ ଅଧୀନ ନର,
ଅର୍ଥ ଆଗରେ ପିତା ମାତା ବନ୍ଧୁ
କେହି ନୁହେଁ ଆପଣାର ।

ସବୁ ସେ ଅର୍ଥ ପାଇଁ
ରାଜାଠାରୁ ରଙ୍କ ସମସ୍ତେ ପଡନ୍ତି
ଅର୍ଥ ଆଗରେ ନଇଁ ।

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
ମହାଳପଡ଼ା କଖଡି କଟକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଚାହିଁଥିଲି ତୁମ ବାଟ

ତାରା ପ୍ରସାଦ ଜେନା



ଶେଷ ନିଶ୍ୱାସକୁ ଭରସାରେ ରଖି

ଚାହିଁଥିଲି ତୁମ ବାଟ

ଆସିବାରେ ଯାହା ହେଳା କରିଦେଲ

ଛାଡ଼ିଗଲା ପ୍ରାଣ ଘଟ

.......ଶେଷ ନିଶ୍ୱାସକୁ ଭରସାରେ ରଖି

ଚାହିଁଥିଲି ତୁମ ବାଟ ।୦ ।

ମରିଗଲା ପରେ ଦେଖିଯିବ ଆସି

ଢାଳିଦେବ କେତେ ଲୁହ

ଦେଖିବାକୁ ଆଉ ମୋ ଶରୀର ନାହିଁ

ବୁଝିବାକୁ ବାକି କୋହ

ଜୀବନକୁ ନେଇ ଦୁନିଆଟା ଥିଲା

ମାୟା ରଙ୍ଗ ଦୃଶ୍ୟପଟ

.......ଶେଷ ନିଶ୍ୱାସକୁ ଭରସାରେ ରଖି

ଚାହିଁଥିଲି ତୁମ ବାଟ ।୧ ।

ଭଲ ପାଇବାର ରାଣ ନିୟମକୁ

ଭାଙ୍ଗିଦେଲ କେଡ଼େ ବେଗେ

ବଡ଼ ହୋଇଲକି କହିଦିଅ ଖୋଲି

ମୋତେ କରି ସାନ ରାଗେ

ସତ ଅତୀତକୁ ପ୍ରେମ ଯୋଡ଼ିବାରେ

ହେଲ କିବା ନିଷ୍କପଟ

.......ଶେଷ ନିଶ୍ୱାସକୁ ଭରସାରେ ରଖି

ଚାହିଁଥିଲି ତୁମ ବାଟ ।୨ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ମନ ମାନିନେବା ଦାଉ ସାଧିବାରେ

ପ୍ରୟୋଗଟା କଲ ଭଲ

ସାତ ସପନରେ ରହିଗଲା ସିନା

ଭାବନାକୁ ପ୍ରାୟ ଗେଲ

ନୀରବରେ ରହି ଆଉ କେତେ କାଳ

ନିଜେ ହେବ ଛଟପଟ

.......ଶେଷ ନିଶ୍ୱାସକୁ ଭରସାରେ ରଖି

ଚାହିଁଥିଲି ତୁମ ବାଟ ! ୩ !

ସା.- ରଣପୁର (ଗୋଡ଼ିପାଟଣା ସାହି),

ଡାକ-ରାଜ ରଣପୁର, ଜିଲ୍ଲା-ନୟାଗଡ଼,

ପିନ୍-୭୫୨୦୨୬

ଦୂରଭାଷ-୯୩୪୮୦୫୪୩୦୦

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କାଶତଣ୍ଡୀ

ସନ୍ଦୀପ ଶେଖର ଜେନା



ସବୁ ଦିନ ହୁଏ ନିରୁଦ୍ଦିଷ୍ଟ କାହିଁ
ତବ ଶୁଭ୍ର ବିପଣୀ ରେ,
ଶୃଙ୍ଗାରେ ପ୍ରମଦା ଆକର୍ଷେ ଯେପରି
ପ୍ରେମୀ କୁ ମୋହିତ କରେ ।
ଦୂରୁ ଲାଗେ ଯେହ୍ନେ ତୁଷାର ପ୍ରସନ୍ନେ
ଅବତରି ଧରା କୋଳେ,
ବିରାଜି ହରଷେ ବିସ୍ତାରି ଭୁଜ ସେ
ଆଲିଙ୍ଗନ ବୋଧେ କରେ ।
ଅବା ଗିରିରାଜ ସ୍ୱୀକାରି ପ୍ରାର୍ଥନା
ଆବିର୍ଭାବ ନଦୀ ତୀରେ,
ଆଶିଷ ସୁମନେ ଆଚ୍ଛାଦିତ ଧରା
ଶୁଭ୍ର ହିମ କମ୍ବଳରେ ।
ସମୀରଣ ବୋଧେ ଆଳାପ ରଚଇ
ଶ୍ୱେତାଙ୍ଗକୁ ତବ ଛୁଇଁ,
ଅବା ପାଠକରେ ଶରତ ବନ୍ଦନା
ତୁମ ପ୍ରେମାଳୟେ ରହି ।
ନୀରବତା ମଧ୍ୟେ ଶୁଭୁଥାଏ ଦୁରୁଁ
କଲ୍ଲୋଳିନୀ ସ୍ମିତ ହାସ୍ୟ,
ଅବା ଆରପାରି ଗ୍ରାମ୍ୟ ତରୁଣୀ
ଜଳକ୍ରୀଡା ବ୍ୟଙ୍ଗାଭାଷ ।

ସଖୀ ସହୋଦରୀ ସହ ବର୍ତ୍ତାଳପେ
ପ୍ରଣୟ ପ୍ରୀତିର କଥା,
ସରମେ ଝାଉଁଳେ କୁଆଁରୀର ମୁହଁ
ଯେହ୍ନେ ଲାଜକୁଳୀ ଲତା ।
ନାହିଁ ଆଉ କାହିଁ ଭିଡ ଜଳଦର
କୃଷ୍ଣ ଭୀମ ରୂପ ରେଖ,
ଧବଳ କାର୍ପାଶ ସମ ଦିଶେ ଦୂରୁଁ
ଅନ୍ତରୀକ୍ଷେ ଆତଯାତ ।
କାଶତଣ୍ଡୀ ତୁମ ସୁଷମା ପ୍ଲାବନେ
ସୌନ୍ଦର୍ଯ୍ୟ ର ଉପତ୍ୟକା,
ମଧୁମୟ ଲାଗେ ନୀରସ ଜୀବନ
ତୁମ ସ୍ପର୍ଶେ ମଧୁ ଧୌତା ।

ସହକାରୀ ଆୟୁକ୍ତ (Assistant commissioner)
ବାଣିଜ୍ୟକର ଏବଂ ଦ୍ରବ୍ୟ ଓ ସେବାକର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# କର୍ମଯୋଗ

ଅମୃତ ନାରାୟଣ ଶତପଥୀ



କଥା କମ୍ ଯେବେ କାମ ବେଶି ହୁଏ ତାହା ଅଟେ କର୍ମଯୋଗ,
କର୍ମ କୋଢିଆ କର୍ମଯୋଗ ପ୍ରତି ହୁଏ ସର୍ବଦା ବିରାଗ ।(୧)
କର୍ମଯୋଗ ନୁହେଁ ସମୟ ନଷ୍ଟ କରି ପୁଣି ବନ୍ଧୁ ଖଟି,
ସେପରି କଲେ ମିଳେନି ସୁଫଳ ଜୀବନ ହୁଏ ମାଟି ।(୨)
କର୍ମଯୋଗ ଅଟେ ମାନବ ଧର୍ମ ବ୍ୟକ୍ତିତ୍ୱ କର୍ମଯୋଗୀର,
ସମର୍ପିତ ପ୍ରାଣ କର୍ତ୍ତବ୍ୟରେ ଜାଣ କାର୍ଯ୍ୟ ପୁଣି ନିରନ୍ତର ।(୩)
କର୍ତ୍ତବ୍ୟ ପାଳନ ତା କାର୍ଯ୍ୟାନ୍ୱୟନରେ କରେ ନାହିଁ ଅବହେଳା,
ନିଜ ପରିସ୍ଥିତି ଜ୍ଞାତ କରି ପାରେ ରଖି ସ୍ଥିରତା ସହ ଶୃଙ୍ଖଳା ।(୪)
କିନ୍ତୁ କର୍ମଯୋଗ ବୁଝିବା ପାଇଁକି ମନୁଷ୍ୟ ଏବେ ବ୍ୟସ୍ତ,
କାରଣ ଅନେକ ଅଯଥା କାର୍ଯ୍ୟରେ ବିଚାର ଥାଏ ନ୍ୟସ୍ତ ।(୫)
ପରନିନ୍ଦା ପରଚର୍ଚ୍ଚା ସହ ଚୁଗୁଲି ପ୍ରକୃତି ରଖି,
ନିଜେ ନିଜର ଚରିତ୍ର ସଂହାର ପାରେ ନାହିଁ ଯେ ପରଖି ।(୬)
ନିଜକୁ ଉତ୍ତମ ସଂସାର ଅଧମ ମନେ ଭାବେ ଯେଉଁ ବ୍ୟକ୍ତି,
ମହାଭାରତର ଦୁର୍ଯ୍ୟୋଧନ ସମ ପାଏ ନାହିଁ ସିଏ ମୁକ୍ତି ।(୭)
ଲୋକଦେଖାଣିଆ ଭାବେ ଅବା ଜାଣେ ଧରିଛି ଅନ୍ୟର ତ୍ରୁଟି,
କିନ୍ତୁ ନିଜ ତ୍ରୁଟି କାଟି ଦେଇଥାନ୍ତି ବିଶ୍ୱସ୍ତ ବ୍ୟକ୍ତି ଦରୋଟି ।(୮)
ଯୁଧିଷ୍ଠିର ସମ ମନ୍ଦ ଭିତରୁ ସଂଗ୍ରହ କରେ ଯେ ଭଲ,
ସେ ହିଁ କେବଳ ପ୍ରକୃତ କର୍ମଯୋଗୀ ବଢାଏ ଜୀବନ ମୂଲ ।(୯)
ସଂସାରରେ ସଭିଙ୍କର ଭିତରେ ଅଳ୍ପ ବହୁତେ କର୍ମକୋଢି କର୍ମଯୋଗୀ ଗୁଣ,
କୋଢିଆ ଗୁଣକୁ ଛାଡି ସମୁଚିତ କର୍ମେ କର୍ମଯୋଗ କର ତୀକ୍ଷ୍ଣ ।(୧୦)

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଗୁଣ ଚିହ୍ନେ ଗୁଣିଆ

ବିଶ୍ୱରଞ୍ଜନ ମହାନ୍ତି



ନିରୋଳା ଖରାବେଳେ ନଡରି ରୌଦ୍ରତାପକୁ
ଛୁଟି ହେଲା ପରେ ମହାବିଦ୍ୟାଳୟ
ଅସମାପ୍ତ ଖୁସିଗପରେ ଅତୃପ୍ତ,
ଖଣ୍ଡଗିରି ଅଭିମିଖେ ଆମ୍ଭେ ବନ୍ଧୁଦ୍ୱୟ

ଅଧବାଟରୁ ପୂର୍ବମୁଖା ହେଲୁ
ଛୁଇଁବାକୁ ଅନନ୍ୟା ଶୁଭ୍ର ଧଉଳି
ସବୁଦିନେ କିମ୍ପାଇ ସେଇ
ଏକା ଜାଗା ଯିବାପାଇଁ ବାଉଳି ।

ଆଉ ଇଛା ହେଉନି ଦେଖିବା ପାଇଁ
ସେହି ପାଖ  ପାହାଡରେ ଚଢି
ବୃକ୍ଷ ଆଢୁଆଳେ ଛନ୍ଦା ଛନ୍ଦି
ଯୁବକ ଯୁବତୀ ଯୋଡି ।

ସମ୍ରାଟ ଅଶୋକଙ୍କ ଅଶ୍ରୁ ଜର୍ଜରିତ
ନେତ୍ର ଯୁଗଳକୁ ମନରେ ଭରି
ଦେଖିବାକୁ, ସେଦିନ ଲାଲ ହୋଇଯାଇଥିବା
ଦୟା ନଦୀର ଧବଳ ବାରି ।

ବହୁଦୂର ଅତିକ୍ରମ କରି ଖାଇବାକୁ
ଲଙ୍କା ଲୁଣ ଭରା କାକୁଡି ମୋଟା
ଆଉ, ଲାଳସା ନେଇ ହେଲୁ ଅଗ୍ରସର
ଲାଲ ହଳଦୀ ଲଙ୍କାଆମ୍ବର ତୋଟା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ନଭାବି ତୋଳିଦେଲୁ ପର୍ଯ୍ୟାପ୍ତ ସୁନ୍ଦର ଫଳ
ସ୍ୱହସ୍ତେ ତଳକୁ କରି ଡାଳ
ଜାଣୁ ଆମ୍ଭେ ଖାଇହେବନି ଲଙ୍କାଆମ୍ବ
ନ ତୋଳିଲେ ପରିପକ୍ୱ ପୂର୍ଣ୍ଣ ଫଳ ।

ଧାଇଁ ଆସିଲା ଅନତି ଦୂରରେ ଥିବା
ଜାଗ୍ରତ ପ୍ରହରୀ ପ୍ରବର
ରଖିନେଲା ଆମପାଇଁ ଅସୁଆଦିଆ
ସବୁଜ ଚିକ୍କଣ ମଞ୍ଜି ଲଙ୍କାଆମ୍ବର ।

ଶୈଶବର ଚପଳତାରେ ବୁଝି ନଥିଲୁ
ଅର୍ଥକାରୀ କାଜୁର ମାହାତ୍ମ୍ୟ
ଆଜି ଭାବିଲେ ମନେପଡେ ହସମାଡ଼େ
ଗୁଣିଆ ହିଁ ଚିହ୍ନେ ମହିମା ଗୁଣର ।

ଚାଟାର୍ଡ ଆକାଉଣ୍ଟାଣ୍ଟ
ୟୁନିଟ ୮, ଭୁବନେଶ୍ୱର



Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମାତୃପୂଜା

ଦଣ୍ଡାସି ପ୍ରଧାନ



ମାଆକୁ ପଠାଇ     ବୃଦ୍ଧା ଆଶ୍ରମକୁ
ଦୁର୍ଗା ପୂଜା ପୁଅ  କରେ
ଜନ୍ମ ଦେଲା ଯିଏ     ମଣିଷ ବି କଲା
ବୁଲୁଛି ବାର ଦୁଆରେ ।

ପୁଅ ବିଦେଶରେ     ଝିଅ ଶାଶୁ ଘରେ
ମାତା  ଜଗି ଅଛି  ଘର
ପାଠ ବାହାନାରେ     ପିଲାପିଲି ଧରି
ବୋହୁ ଲୋଡଇ ସହର ।

ଯଦିଓ ବା କେହି     ପାଖରେ ରଖନ୍ତି
ମରିମରି ଥାଏ  ଜିଇଁ
ଜୀଇଁବାର ମାନେ     ଅର୍ଥ ହୀନ ସିନା
ସମ୍ମାନ ଯେଉଁଠି ନାହିଁ ।

ଶାରଦୀୟ ପୂଜା     ପାର୍ବଣ ପାଳନ
ନୂଆ ନୂଆ ବେଶଭୂଷା
ମାଆ ପାଇଁ ତିଳେ     ଦରଦ ବି ନାହିଁ
(ଆଜି) ବଦଳିଛି ପରିଭାଷା ।

ମୃଣ୍ମୟ ମୂରତି     ପୂଜା ଅରଚନା
ମନ୍ତ୍ର ପାଠ ଉପଚାର
ନିର୍ବାସିତା ସମ     ମାଆ ଦିନ କାଟେ
ନିଜେ ନିଜକୁ ପଚାର  ।

ମାଆର ଅନ୍ତର     ମାନ ସରୋବର
ପବିତ୍ର ନିର୍ମଳ ମନ
ସନ୍ତାନ ହିତେ     ସତତ ଜାଗ୍ରତ
ପ୍ରେମାପ୍ଲୁତ ବଳିଦାନ।

ଏ ଆଖି ଦେଖିଛି     ମାଆର ଅର୍ପଣ
ପୂଜା ତର୍ପଣ ପରଖି
ମୁଖ୍ୟ ଅଙ୍ଗ ଦାନେ     କେତେ ବଞ୍ଚିଛନ୍ତି
ଜୀବନକୁ ବାଜି ରଖି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସନ୍ତାନ ପାଇଁକି ଜନନୀର ତ୍ୟାଗ

ଉପମା ଯାହାର ନାହିଁ

ଶେଷ ସମୟରେ ସେବା କର ତା'ର

ଦୁର୍ଗତି ନାଶିନି ସେହି ।

ତା'ଭିତରେ ଦେଖ ଅଷ୍ଟ,ନବ ଦୁର୍ଗା

ସେହି ତୋ ସୁଖ ପସରା

ଇହ ପରକାଳ ନ ଛୁଇଁବ ଦୁଃଖ

ହସିବ ପଲ୍ଲବି ଧରା ।।

ସନାତନୀ ତୁମେ ପ୍ରକୃତି ପୂଜାରୀ

ମନା ନାହିଁ ମୂର୍ତ୍ତିପୂଜା

ମଙ୍ଗଳ ମୟି ତୋ ଜୀବନ୍ତ ଜନନୀ

କି ବିଚାରେ ପାଏ ସଜା ? ? ।।

ସାହିତ୍ୟ ସମ୍ପାଦକ,

ଉପାନ୍ତ ସାହିତ୍ୟ ସାସ୍କୃତିକ ସେବା ସଂସଦ

ପାତ୍ରପୁର ଗଞ୍ଜାମ

ଭ୍ରାମ୍ୟଭାଷ : ୮୭୬୦୧୯୪୯୬୭

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବୁଢ଼ାରଜା ଦଶହରା

ସଞ୍ଜୟ ନାଏକ



ବିରିମାନ ଘାଟି ତଳେ ଅଛେ ମନ୍ଦିର ।
ପୂଜା ପାଇ ଥାଆନ୍ତି ପ୍ରତି ଶନିବାର ।।
ଆସି ଯାଇଛେ ଇ ବଛର ଦଶହରା ।
ଦେଖିବାକୁ ଆସ ବୁଢ଼ାରଜା ଯାତ୍ରା ।।

କେତେଦୂରୁ ଲୋକ ଦେଖି ଆଏସଁନ ।
ପୂରଣ ହେସି ଲୋକର ସପନ ।।
ବାଟ ନେଇ ପଡେ ଆଏଜ ଖାଲି ।
ହାଟେ ଲୋକର କେତେ ଗହଲି ।।

ଗଦା ଗଦା ସେମଲିଆ କନ୍ଦା ।
ସକାଳେ ପୂଜା ସଞ୍ଜେ ଲାଖ ବିନ୍ଧା ।।
ଆଏସି କିନ ବଛର ମିନା ବଜାର ।
ଲୋକ ଆଏସଁନ ହଜାର ହଜାର ।।

ଦୁଃଖର ବେଲେ ହେସ ତମେ ସାହା ।
ଭୋଗ କିଏ ଦେସି ରକ୍ତ କିଏ ମହାଁ ।।
ତମେ ହେଉଛ ସବକର ବୁଢ଼ାରଜା ।
ଆମେମନେ ସବୁ ହେଲୁଁ ତମର ପ୍ରଜା ।।

ଆସେ ଲେଟକୁଟି ମହୁରୀ ନାଙ୍ଗରା ।
ଦୁଲକି ଯେସି ରାତି ନାଟ ଘୁମୁରା ।।
ସବକେ ଲୋକକେ ରକିଥା ବନେ କରି ।
ଏତିକି କହୁଛେଁ ତୋକେ ମୁଣ୍ଡିଆ ମାରି ।।

ରଏନଗୁଡା, କୋକସରା, କଲାହାଂଡି
ମୋ-୮୨୬୦୪୩୮୨୭୩

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ପ୍ରବନ୍ଧ ବିଭାଗ

ଯଦି ଆପଣ ଏହି ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଚାହୁଁଛନ୍ତି, ତା ହେଲେ ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର ଦ୍ୱାରା ଟାଇପ୍ କରନ୍ତୁ ଏବଂ ସେହି ଆଲେଖ୍ୟକୁ ଆମ ନିକଟକୁ ଇମେଲ୍ ଦ୍ୱାରା ପ୍ରେରଣ କରନ୍ତୁ । ଓଡ଼ିଆରେ ଆପଣ ଯେକୌଣସି ସଫଟ୍‌ୱେରରେ ଟାଇପ୍ କରି ପଠାଇ ପାରିବେ । ଧାରାବାହିକ କାହାଣୀ ପାଇଁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲ୍ କରି ଏକାଥରେ ପଠାଇବେ । ପ୍ରତ୍ୟେକ ଲେଖା ସହ ନିଜ ଛବି ଓ ଠିକଣା ଲେଖି ପଠାନ୍ତୁ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ମା ଦୁର୍ଗା : ଏକ ଅନନ୍ୟ ପ୍ରେରଣା

ସ୍ୱାତିଶ୍ରୀ ପଣ୍ଡିତ



ମା ଦୁର୍ଗା, ହିନ୍ଦୁ ସାହିତ୍ୟର ଏକ ପ୍ରମୁଖ ଦେବୀ, ସାର୍ବଜନୀନ ଶକ୍ତି, ସାହସ ଓ ସମ୍ରାଟ୍ୟର ପ୍ରତୀକ । ତାଙ୍କର ଧରା ଅବତରଣ, ତାଙ୍କର ଚରିତ୍ର ଓ କାର୍ଯ୍ୟରେ ନାରୀଙ୍କୁ ଦିଆଯାଇଥିବା ପ୍ରେରଣା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ମା ଦୁର୍ଗାଙ୍କୁ ସାଧାରଣତଃ ଯୁଦ୍ଧ ଓ ଶକ୍ତିର ଦେବୀ ଭାବରେ ଦେଖାଯାଏ । ସେ ନୃଶଂସ ବିଷକ୍ତରା ଶୁମ୍ଭ ଓ ନିମ୍ଭୁରର ସମ୍ରାଜ୍ୟରୁ ଭାରତକୁ ରକ୍ଷା କରିଛନ୍ତି । ତେଣୁ, ତାଙ୍କର ତାତ୍ତ୍ୱିକତା ଏବଂ ଦୃଢତା, ଏହି କାହାଣୀର ମାଧ୍ୟମରେ ମାନବ ସମ୍ପ୍ରଦାୟକୁ ଆଶା କରିଥାଏ ।

ନାରୀ ମାନଙ୍କ ପାଇଁ, ମା ଦୁର୍ଗା ଏକ ମୋଟିଭେସନ୍ ତଥା ପ୍ରେରଣାର ସ୍ରୋତ । ସେ ଏହା ସାଂକେତିକ ଦୃଷ୍ଟିକୋଣରୁ ଦେଖାଯାଏ, କାରଣ ସେ କେବଳ ଏକ ଦେବୀ ନୁହେଁ, ବରଂ ଏକ ଶକ୍ତିଶାଳୀ ପ୍ରତୀକ । ଯେତେବେଳେ ଏକ ନାରୀ ଅସୁବିଧାର ସମ୍ମୁଖୀନ ହୁଏ, ସେ ଦୁର୍ଗାର ପ୍ରେରଣା ନେଇ ଦୃଢ ଓ ସାହସୀ ହୋଇଥାଏ ।

ମା ଦୁର୍ଗା ନାରୀଙ୍କୁ ଶକ୍ତି ଓ ସ୍ୱାଧୀନତାର ଶିକ୍ଷା ଦେଇଛନ୍ତି । ତାଙ୍କର ଚରିତ୍ରରେ ନାରୀମାନେ ଦୃଢ, ସାହସୀ, ଓ ସମ୍ବେଦନଶୀଳ ହେବାକୁ ଶିଖିଛନ୍ତି । ସେମାନେ ଏହି ଶକ୍ତିକୁ ଅନୁଭବ କରି, ସମାଜରେ ସେମାନଙ୍କର ସ୍ଥାନକୁ ଦୃଢ କରିପାରିବେ ।

ଦୁର୍ଗା ପୂଜା, ସେପଟେ ଦେବୀଙ୍କର ପୂଜା ଏବଂ ସାଧନା କାଳରେ, ନାରୀମାନେ ସେମାନଙ୍କର ଶକ୍ତିର ଅନୁଭବ କରନ୍ତି । ଏହି ଅବସରରେ, ସେମାନେ ପ୍ରତିବାଦ, ସାମର୍ଥ୍ୟ ଓ ସେବାର ଶ୍ରେଷ୍ଠତାକୁ ସ୍ୱୀକାର କରନ୍ତି ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସେହିପରି, ମା ଦୁର୍ଗାର ଧରା ଅବତରଣ ମାନବ ଜୀବନର ନୂତନ ଅନୁଭବ, ଜୀବନ ପାଇଁ ଚେଷ୍ଟା, ଏବଂ ସ୍ୱାଧୀନତାର ଏକ ସ୍ଥାନ ବ୍ୟବସ୍ଥା କରିଥାଏ । ମା ଦୁର୍ଗାଙ୍କ ଶକ୍ତି ଓ ପ୍ରେରଣାରେ, ନାରୀମାନେ ସ୍ୱୟଂ ନିଜର ସମ୍ମାନ ବାଢ଼ାଇ ପାରିବେ ।

ସେହିପରି, ମା ଦୁର୍ଗାର ଏହି ପ୍ରେରଣା, ଆଜିର ସମାଜରେ ନାରୀଙ୍କୁ ସେମାନଙ୍କର ନିଜ ସ୍ଥାନକୁ ପାଇଁ ପ୍ରେରଣା ଦେଇଥାଏ । ତାଙ୍କର ଏହି ଦୃଢତାରୁ, ନାରୀ ମାନେ ଏକ ନୂତନ ସଂସ୍କୃତି ଓ ସାମାଜିକ ବିକାଶକୁ ଆଗୁଆଇଁ ଆସିଥିବା ଦୃଷ୍ଟିକୋଣରୁ ଅନ୍ତର୍ଦ୍ଦୃଷ୍ଟି ପାଇପାରିବେ ।

ଏହିଭଳି, ମା ଦୁର୍ଗା ନାରୀଙ୍କୁ ଦିଆଯାଇଥିବା ପ୍ରେରଣା, ସେମାନଙ୍କୁ ନୂତନ ଶକ୍ତି ଓ ସାହସ ଦେଇ, ସମାଜରେ ସ୍ଥାନ ପ୍ରାପ୍ତିର ଆଶା ସୃଷ୍ଟି କରେ ।

ସ୍ୱାତିଶ୍ରୀ ପଣ୍ଡିତ
ବ୍ରହ୍ମପୁର (ଗଂଜାମ )

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ସ୍କ୍ରବ୍ ଟାଇଫସ୍ ରୋଗ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ



ସ୍କ୍ରବ୍ ଟାଇଫସ୍ ରୋଗ : କାରଣ, ଲକ୍ଷଣ, ଚିକିତ୍ସା ଓ ନିରାକରଣ

## ସ୍କ୍ରବ୍ ଟାଇଫସ୍ କଣ ?

ଏହା ଗୋଟିଏ ପ୍ରକାର ବାକ୍ଟେରିଆ ଜନିତ ସଂକ୍ରମଣ ଯାହା ଅତି କ୍ଷୁଦ୍ର କୀଟ ବା ମାଇଟ୍ ମାନଙ୍କ କାମୁଡ଼ିବା ଦ୍ୱାରା ବ୍ୟାପିଥାଏ । ଏସୀୟ ମହାଦେଶର ଅନେକ ଦେଶରେ ତଥା ଉତ୍ତର ଆମେରିକାରେ ମଧ୍ୟ ଏହି ରୋଗର ପ୍ରାଦୁର୍ଭାବ ଦେଖିବାକୁ ମିଳିଥାଏ ।

## ରୋଗର ଲକ୍ଷଣ:

କ୍ଷୁଦ୍ର କୀଟ ବା ମାଇଟ୍ ଦ୍ୱାରା କାମୁଡ଼ା ଯିବାର ୬ରୁ ୨୧ ଦିନ ପରେ ଏହି ରୋଗ ଦେଖାଯାଏ ଏବଂ ପ୍ରାରମ୍ଭିକ ଅବସ୍ଥାରେ ଏହି ରୋଗର କୌଣସି ବିଶେଷ ଲକ୍ଷଣ ଦେଖାଯାଏ ନାହିଁ ତେଣୁ ଏହି ରୋଗର ନିରୁପଣ ଅସମ୍ଭବ ହୋଇଥାଏ ।

ଜ୍ୱର : ଅତି ଉଚ୍ଚ ତାପମାନର ଜ୍ୱର ଏହାର ପ୍ରାଥମିକ ଲକ୍ଷଣ ହୋଇପାରେ ।

ମୁଣ୍ଡ ବ୍ୟଥା ଓ ଶରୀର ପୀଡ଼ା : ମାଂସପେଶୀ ତଥା ଶାରୀରିକ ଦୁର୍ବଳତା ସହ ପ୍ରବଳ ପୀଡ଼ା ।

ଲାଲ୍ ଫୋକା : ରୋଗ ସଂକ୍ରମଣ ହେବାର ଅନେକ ଦିନ ପରେ ଶରୀରରେ ଲାଲ ରଙ୍ଗର ସାମାନ୍ୟ ଫୁଲିଥିବା ଦାଗ ସବୁ ପେଟ, ଛାତି ତଥା ହାତ ଓ ଗୋଡ଼ରେ ଦେଖା ଦେଇପାରେ ।



Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କାମୁଡ଼ା ଦାଗ : ସ୍କ୍ରବ୍ ଟାଇଫସ୍ ରୋଗର ଏକ ପ୍ରମୁଖ ଲକ୍ଷଣ ହେଉଛି, ଯେଉଁ ସ୍ଥାନରେ ରୋଗୀଙ୍କୁ ମାଇଟ୍ କାମୁଡ଼ିଥାଏ ସେଠାରେ ଗାଢ଼ ରଙ୍ଗର ଏକ ଦାଗ ସୃଷ୍ଟି ହୁଏ ଏବଂ ବକଳ ଦେଖାଯାଏ । ଅଧିକାଂଶ ରୋଗୀଙ୍କ କ୍ଷେତ୍ରରେ ଏହା ଦେଖାଯାଏ ନାହିଁ, କିନ୍ତୁ ଏହାର ଉପସ୍ଥିତି ରୋଗର ନିରୁପଣ ନିଶ୍ଚିତ କରିଥାଏ ।

ଲିମ୍ଫ୍ ନୋଡ଼ ଗ୍ରନ୍ଥି ଫୁଲିବା : ମାଇଟ୍ କାମୁଡ଼ିଥିବା ସ୍ଥାନ ନିକଟରେ ଥିବା ଲିମ୍ଫ୍ ଗ୍ରନ୍ଥି ସବୁ ଫୁଲିଥିବା ଦେଖାଯାଇପାରେ ।

ଅନ୍ୟ ସାଧାରଣ ଲକ୍ଷଣ ମଧ୍ୟରେ କମ୍ପଜ୍ୱର, ଦୁର୍ବଳତା ଏବଂ ପେଟ ବେମାରୀ ଯଥା ବାନ୍ତି ଲାଗିବା ଏବଂ ହେବା ଇତ୍ୟାଦି ଅନ୍ତର୍ଭୁକ୍ତ । ଅତି ଗୁରୁତର ରୋଗୀଙ୍କ କ୍ଷେତ୍ରରେ କାଶ, କଫ, ଶ୍ୱାସ ନେବାରେ ଅସୁବିଧା ଏବଂ ମାନସିକ ଭ୍ରମ ଆଦି ଦେଖା ଦେଇପାରେ ।

## ରୋଗ ନିଦାନ ଏବଂ ନିରୂପଣ :

ରୋଗର ଲକ୍ଷଣ ଦେଖିବା ସହ ଏହିଭଳି ରୋଗ ହେଉଥିବା ଅଞ୍ଚଳରେ ରୋଗୀ ରହୁଥିଲେ, ସନ୍ଦେହ କରାଯାଇ ରକ୍ତ ପରୀକ୍ଷା କରାଯାଇ ପାରେ ।

## ଚିକିତ୍ସା :

ରୋଗ ନିରୂପଣ ହେବାପରେ ତ୍ୱରିତ ପ୍ରକ୍ରିୟାରେ ରୋଗର ଚିକିତ୍ସା କରିବା ଅନିବାର୍ଯ୍ୟ ହୋଇଥାଏ ନଚେତ୍ ରୋଗୀର ଅବସ୍ଥା ଗୁରୁତର ହୋଇପାରେ । ଏଥିପାଇଁ ମୁଖ୍ୟତଃ ଡକ୍ସିସାଇକ୍ଲିନ୍, ଆଜିଥ୍ରୋମାଇସିନ୍ ଇତ୍ୟାଦି ଆଣ୍ଟିବାୟୋଟିକ୍ ବ୍ୟବହାର କରାଯାଏ ।

ଚିକିତ୍ସା ଆରମ୍ଭ ହେବାର ୪୮ ଘଣ୍ଟା ମଧ୍ୟରେ ରୋଗୀ ସୁସ୍ଥ ଅନୁଭବ କରନ୍ତି ।

ଯଦି ସ୍କ୍ରବ୍ ଟାଇଫସ୍ ରୋଗୀଙ୍କ ଚିକିତ୍ସାରେ ବିଳମ୍ବ କିମ୍ବା ଅନିୟମିତତା ରହେ ତା'ହେଲେ ରୋଗୀ ଗୁରୁତର ହୋଇପାରେ ଏବଂ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଥିବା ରୋଗ ଯଥା ନିମୋନିଆ, ମସ୍ତିଷ୍କ ସଂକ୍ରମଣ, ଯକୃତ ଏବଂ ବୃକକ୍ ସଂକ୍ରମଣ, ସେପ୍ଟିକ୍ ସକ୍

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଇତ୍ୟାଦି ଦେଖା ଦେଇପାରେ ।

ଅଣଚିକିତ୍ସିତ ରୋଗୀଙ୍କ କ୍ଷେତ୍ରରେ ମୃତ୍ୟୁହାର ଅଧିକ କିନ୍ତୁ ନିୟମିତ ଚିକିତ୍ସା ଦ୍ୱାରା ରୋଗୀ ସମ୍ପୂର୍ଣ୍ଣ ସୁସ୍ଥ ହୋଇପାରିବେ ।

**ପ୍ରତିଷେଧକ :**



ସ୍କ୍ରବ୍ ଟାଇଫସ୍ ରୋଗ ପାଇଁ କୌଣସି ଟୀକା ନାହିଁ, ତେଣୁ ନିଜର ସୁରକ୍ଷା କରିବା ହିଁ ଶ୍ରେଷ୍ଠ ଉପାୟ ।

ଏହି ରୋଗ ଦେଖାଯାଉଥିବା ଅଞ୍ଚଳରେ ଘଞ୍ଚ ଅରଣ୍ୟ ତଥା ଘାସ ପଡ଼ିଆ ଇତ୍ୟାଦିକୁ ଯାଆନ୍ତୁ ନାହିଁ । ମାଇଟ୍ ବା କୀଟ କାମୁଡ଼ାରୁ ରକ୍ଷା ପାଇବା ପାଇଁ ହାତ ଓ ଗୋଡ଼କୁ ଭଲ ଭାବରେ ଘୋଡ଼େଇ ରଖିବା ଭଳି ପୋଷାକ ପିନ୍ଧନ୍ତୁ । ଯଦି ଏହିଭଳି କୌଣସି ଅଞ୍ଚଳକୁ ଯାଇଥାନ୍ତି ତା ହେଲେ ଦେହରେ କୌଣସି ସ୍ଥାନରେ ଲାଖି ରହିଥିବା କ୍ଷୁଦ୍ର କୀଟ ବା ମାଇଟ୍ ଦେଖିଲେ ତୁରନ୍ତ ତାହାକୁ ବାହାର କରିଦେଇ ସେଇ ସ୍ଥାନକୁ ସଫା କରିଦିଅନ୍ତୁ ।

ଶେଷରେ, ସ୍କ୍ରବ୍ ଟାଇଫସ୍ ଏକ ଗୁରୁତର କିନ୍ତୁ ଚିକିତ୍ସା ଦ୍ୱାରା ସୁସ୍ଥ ହୋଇ ପାରୁଥିବା ରୋଗ । ରୋଗର ଶୀଘ୍ର ନିଦାନ ଓ ନିରୂପଣ ଏବଂ ଆଣ୍ଟିବାୟୋଟିକ୍ ଚିକିତ୍ସା ଦ୍ୱାରା ସମ୍ପୂର୍ଣ୍ଣ ସୁସ୍ଥ ହୋଇପାରିବେ । ଯଦି ଆପଣଙ୍କୁ ଏହି ରୋଗର କୌଣସି ଲକ୍ଷଣ ଦେଖାଯାଏ ଏବଂ ଆପଣ ଏହିଭଳି କୌଣସି ଅଞ୍ଚଳ ଗସ୍ତରେ ଯାଇଥାନ୍ତି ତା ହେଲେ ତୁରନ୍ତ ନିଜର ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର କିମ୍ବା ଚିକିତ୍ସକଙ୍କ ସହାୟତା ନିଅନ୍ତୁ ।

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ
ଏମ୍.ବି.ବି.ଏସ୍, ପି.ଜି.ଡି.ଏମ୍.ସି.ଏଚ୍, ପି.ଜି.ଡି.ଏଚ୍.ଏମ୍
ସିନିୟର୍ ରେସିଡେଣ୍ଟ୍ ମେଡ଼ିକାଲ୍ ଅଫିସର୍,
ସମ୍ ହସ୍ପିଟାଲ୍ - ୩, ଶୀତଳାପଲ୍ଲି, ବ୍ରହ୍ମପୁର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବିପ୍ଳବୀ ଭଗତ୍ ସିଂହ

ଅକ୍ଷୟ କୁମାର ରାଉତ



ପବିତ୍ର ବୀରଭୂମି ଭାରତ ଯାହାର ପ୍ରାଚୀନ ଐତିହ୍ୟ ସଂସ୍କୃତି, ଗୌରବ ସମ୍ବଳିତ, ଯେଉଁଠାରେ ଜନ୍ମ ନେଇଥିଲେ ପର୍ଶୁରାମ, ରାମ ଓ ବଳରାମ । ସେହି ପୂଣ୍ୟ ଭୂମିରେ ଦେଶପ୍ରେମ ମାନବର ଏକ ମହନୀୟ ପ୍ରବୃତ୍ତି । ଦେଶପ୍ରେମ ଏକ ଦିବ୍ୟ ଚେତନା । ଯେଉଁ ଦେଶପ୍ରେମରେ ଉଦ୍‌ବୁଦ୍ଧ ହୋଇ ଚବିଶ ବର୍ଷର ସାହସୀ ଯୁବକଟିଏ ହସି ହସି ଫାଶୀଖୁଣ୍ଟରେ ଝୁଲି ସହିଦ ହୋଇଗଲା ତାର ନାମ ଭଗତ୍ ସିଂ । ୧୯୦୭ ମସିହା ସେପ୍ଟମ୍ବର ମାସ ୨୭ ତାରିଖରେ ପଞ୍ଜାବର ଲୟାଲପୁର ଜିଲ୍ଲା (ବର୍ତମାନର ପାକିସ୍ତାନ) ବଙ୍ଗାଗ୍ରାମର ସର୍ଦ୍ଦାର କିଷନ୍ ସିଂ ଓ ବିଦ୍ୟାବତୀ କୋଳ ମଣ୍ଡନ କଲେ ଦେଶ ପ୍ରେମୀ ସାହାସୀ ଭଗତ୍ ସିଂ ।

ଭଗତ୍ ସିଂ ଜେଜେବାପା ଅର୍ଜ୍ଜୁର୍ନ ସିଂ ଇଂରେଜ ଶାସନକୁ ଘୃଣା କରୁଥିଲେ । ତାଙ୍କର ପ୍ରଭାବ ପିଲମାନଙ୍କ ଉପରେ ପଡିଥିଲା । ବିଦ୍ରୋହରେ ଯୋଗଦେଇ ସର୍ଦ୍ଦାର କିଷନ୍ ସିଂ ଓ ତାଙ୍କର ଦୁଇଭାଇ ଜେଲ୍ ଭୋଗିଲେ । ସେମାନେ ବନ୍ଦୀଶାଳାରେ ଥିବା ସମୟରେ ଭଗତ୍ ସିଂ ଜନ୍ମ ଗ୍ରହଣ କରିଥିଲେ । ଭଗତ୍ ସିଂ ପ୍ରଥମେ ଖାଲସା ସ୍କୁଲ, ପରେ ଲାହୋରର ଆଂଗ୍ଲୋବେଦିକ୍ ସ୍କୁଲରେ ପାଠ ପଢିଲେ । ସେହି ସ୍କୁଲରେ ମାଟ୍ରିକୁଲେଶନ ପାଶ୍ କରିବା ପରେ ଲାହୋର ନ୍ୟାସନାଲ କଲେଜରେ ପାଠ ପଢିଲେ । ସେ କଲେଜରେ ବିପ୍ଳବୀ ଛାତ୍ର ସୁଖଦେବ ଓ ଯଶ ପାଲଙ୍କ ସହିତ ତାଙ୍କର ପରିଚୟ ହେଲା ।

ଭଗତ୍ ସିଂ ନବମ ପଢୁଥିବା ସମୟରେ କାନପୁରଠାରେ ବସିଥିବା କଂଗ୍ରେସ ଅଧିବେଶନରେ ଯୋଗଦେଲେ । ୧୪ ବର୍ଷର ପିଲାଟି ଇଂରେଜ ସରକାରଙ୍କ ଅତ୍ୟାଚାର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ସହି ନପାରି ପଞ୍ଜାବର ବିପ୍ଳବୀ ଦଳରେ ମିଶି ପ୍ରତିବାଦ ଆରମ୍ଭ କରିଦେଲେ । ସେ କହୁଥିଲେ ‘ ରକ୍ତ ବଦଳରେ ରକ୍ତ’ ନ୍ୟାସନାଲ କଲେଜର ବାତାବରଣ ଥିଲା ଦେଶପ୍ରେମ ଓ ଦେଶଭକ୍ତିର ପରିବେଶ । ଏହି କଲେଜର ଉଦ୍ଦେଶ୍ୟ ଥିଲା । ସ୍ୱରାଜ୍ୟ ଲାଭ ପାଇଁ କର୍ମୀ ତିଆରି କରିବା । ଏହି କଲେଜର ଛାତ୍ରମାନେ ସରଳ ନିଡାମ୍ବର ଜୀବନଯାପନ ସାଙ୍ଗକୁ ନିଜ କାମ ନିଜେ କରୁଥିଲେ ।

ଦିନେ ଭଗତ୍ ସିଂ, ଯଶପାଲଙ୍କ ସାଥିରେ ରାବି ନଦୀରେ ସନ୍ଧ୍ୟା ସମୟରେ ନୌକା ବିହାର କରୁଥିଲେ । ହଠାତ୍ ଯଶପାଲ କହିଲେ ଭଗତ୍ ଆମେ ଆଜି ଉଭୟ ଦେଶ ପାଇଁ ଜୀବନ ଦେବାକୁ ପଣ କରିବା । ଭଗତ୍ ସିଂ ପ୍ରତିଜ୍ଞା କଲେ ଉଭୟ ଦେଶ ପାଇଁ ଲଢ଼ିବା, ଇଂରେଜ ଶାସନ କବଳରୁ ଦେଶକୁ ମୁକ୍ତ କରିବା । ଦେଶ ମାତୃକା ପାଇଁ ଜୀବନ ଦେଇ ଦେବା । ଉଭୟ ବନ୍ଧୁଙ୍କର ରାବି ନଦୀର ଜଳରାଶି ଉପରେ ପ୍ରତିଜ୍ଞା ଦିନେ ଫଳବତୀ ହେଲା ।

ପରାଧୀନତାର ଶୃଙ୍ଖଳରେ ଶୋଇଥିବା ଦେଶକୁ ଉଠାଇବ କିଏ? ଭଗତ୍ ସିଂ ଓ ତାଙ୍କର କିଛି ବନ୍ଧୁ ମିଶି ‘କୃଷ୍ଣ ବିଜୟ’ ନାମରେ ଏକ ନାଟକ ଅଭିନୟ କଲେ । ଏହି ନାଟକରେ ଇଂରେଜମାନଙ୍କୁ କୌରବ ଓ କଂଗ୍ରେସକୁ ପାଣ୍ଡବ ଭାବରେ ବର୍ଣ୍ଣନା କରାଗଲା । ଏହି ନାଟକଟି ସରକାରଙ୍କ ବିରୋଧି ହେଲା । ଇଂରେଜ ସରକାର ନାଟକଟିକୁ ବେଆଇନ ଘୋଷଣା କଲେ । ୧୯୨୬ ମସିହାରେ ଭଗତ୍ ସିଂ ଏଫ.ଏ ପାଶ କରି ବି.ଏ ଶ୍ରେଣୀରେ ନାମ ଲେଖାଇଲେ । ଏଠାରେ ପ୍ରସିଦ୍ଧ ବିପ୍ଳବୀ ଶଚୀନ୍ଦ୍ର ନାଥ ସାନ୍ୟାଲଙ୍କର ସେଥିଲେ ଅତି ବିଶ୍ୱସ୍ତ । ଶଚୀନ୍ଦ୍ର ତାଙ୍କ ବହି ‘ବନ୍ଦୀ ଜୀବନ’ରେ ଭଗତ୍ ସିଂଙ୍କ ବିଷୟରେ ଲେଖିଛନ୍ତି ।

ଭଗତ୍ ସିଂଙ୍କ ଛାତ୍ର ଜୀବନର ପୂର୍ଣ୍ଣଛେଦ ପଡିଲା । ପିତା କିଷନ୍ ସିଂ ବଡ ପୁଅ ଜଗତ୍ ସିଂଙ୍କର ମୃତ୍ୟୁପରେ ବୋହୂଟିଏ ଆଣିବାକୁ ମନସ୍ଥ କରିଥିଲେ । କିନ୍ତୁ ତାହା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହୋଇପାରିଲା ନାହିଁ । ଭଗତ ସିଂ ଦେଶ ମାତୃକାର ସେବା ପାଇଁ ବିବାହ ବନ୍ଧନକୁ ଆଡେଇ ଦେଇଥିଲେ । ସେ ବିଭା ହୁଅନ୍ତେ କିପରି ? ଦେଶ ପାଇଁ ଜୀବନ ଦେବାକୁ ପଣ କରିଛନ୍ତି । ବିବାହ ବନ୍ଧନକୁ ଆଡେଇ ଦେଇ ନିଖୋଜ ହୋଇଗଲେ । ପିତାଙ୍କ ନିକଟକୁ ଲେଖିଥିବା ଚିଠିରେ ଦେଶ ମାତୃକାର ସେବା ଥିଲା ତାଙ୍କର ପ୍ରଧାନ ଆଭିମୁଖ୍ୟ । ଦେଶଭକ୍ତ ପିତା ଚିଠିଟି ପଢି ଖୁସିରେ ଆଖିରୁ ଦୁଇଟୋପା ଲୁହ ନିଗାଡି ଦେଇଥିଲେ । କିଛି ଦିନପରେ କିଷନ୍ ସିଂ ପୁତ୍ର ନିକଟକ ଚିଠି ଲେଖିଲେ । ଜେଜେମାଙ୍କ ଦେହ ଖରାପ ଓ ତୋତେ ବିଭାଦେବାକୁ ବାଧ୍ୟ କରାଯିବ ନାହିଁ । ଛମାସ ପରେ ଭଗତ୍ ସିଂ ଘରକୁ ଫେରି ଜେଜେମାର ସେବା କଲେ ।

ଗଙ୍ଗାନଦୀରେ ବନ୍ୟା ଆସିଥାଏ । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହିତ ଭଗତ୍ ସିଂ ବନ୍ୟାଦ୍ୱାରା କ୍ଷତି ହୋଇଥିବା ଲୋକମାନଙ୍କ ସେବାରେ ଲାଗିପଡଲେ । ଏହି ସମୟରେ ତାଙ୍କର ବିପ୍ଳବୀ ଚନ୍ଦ୍ରଶେଖର ଆଜାଦ୍ଙ୍କ ସହିତ କାନପୁର ଠାରେ ସାକ୍ଷାତହେଲା । ଏହି ସାକ୍ଷାତ ଏକ ଗୁରୁତ୍ୱପୂର୍ଣ୍ଣ ମୂହୂର୍ତ୍ତଥିଲା । ସତେ କଣ ମଣୀକାଂଚନର ଅପୂର୍ବ ମିଳନ ଘଟିଲା । ଦଶହରା ପର୍ବ, ମା ଦୁର୍ଗାଙ୍କ ପୂଜା ଚାଲିଯାଏ । ଲାହୋରରେ 'ରାମଲୀଳା' ଉତ୍ସବରେ ଲୋକମାନଙ୍କ ଉପରେ ବୋମାମାଡ ହେଲା । ପଞ୍ଜାବ ପୋଲିସ୍ ବାହିନୀର ଅତ୍ୟାଚାରରେ ଗିରଫ ହେଲେ ୧୯ ବର୍ଷର ଭଗତ ସିଂ । ବିନାଦୋଷରେ ବନ୍ଦୀ ଜୀବନ କଟାଇଲେ ବ୍ରୋଷ୍ଟଲ ଜେଲର ଅନ୍ଧକାର ଗୃହ ମଧ୍ୟରେ । ମାଜିଷ୍ଟ୍ରେଟ ଷାଠିଏ ହଜାର ଟଙ୍କା ବନ୍ଧକ ଦେଇ ଜାମିନରେ ଛାଡିଦେବାକୁ ରାୟ ଦେଲେ । ତାଙ୍କର ପଇସାର ଅଭାବ ନଥିଲା । ଅନ୍ୟାୟକୁ ପ୍ରଶୟ ଦେଲେ ନାହିଁ । ଶେଷରେ ଉଚ୍ଚ ଅଦାଲତରେ ନିର୍ଦୋଷରେ ଖଲାସ ହେଲେ ।

୧୯୨୮ ମସିହାରେ "ସାଇମନ କମିଶନ" ଭାରତ ଆସିଥିଲେ । ଏହି କମିଶନରେ ସାତଜଣ ସଭ୍ୟ କେହି ଭାରତୀୟ ନଥିଲେ । ଭାରତୀୟମାନେ ଏହାକୁ ବିରୋଧ କଲେ ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଲାଲା ଲଜପତ୍ ରାୟଙ୍କ ନେତୃତ୍ୱରେ ଲୋକମାନେ ଆନ୍ଦୋଳନ କଲେ । ବିକ୍ଷୋଭକାରୀମାନଙ୍କ ଉପରେ ପୋଲିସ୍ ସୁପରିନ୍‌ଟେଣ୍ଡେଣ୍ଟ୍ ସ୍କଟ୍ ଓ ଯେ.ପି ସାଣ୍ଡର୍ସ ସାହେବ ଲାଠି ଚଳାଇଲେ । ଏହି ଲାଠି ମାଡରେ ଲାଲା ଲଜପତ୍ ରାୟ ୧୯୨୮ ମସିହା ନଭେମ୍ବର ୧୭ ତାରିଖରେ ପ୍ରାଣ ହରାଇଥିଲେ । ଦେଶରେ ଶୋକର ଛାୟା ଖେଳିଗଲା । ଭଗତ୍ ସିଂ କାନ୍ଦି ଉଠିଲେ । ପ୍ରତିଶୋଧ ନେବା ପାଇଁ "ହିନ୍ଦୁସ୍ଥାନ ସୋସାଲିଷ୍ଟ ରିପବ୍ଲିକାନ୍ ଆର୍ମି" ନାମକ ଏକ ସଙ୍ଗଠନ ଗଢାହେଲା । ଏଥିରେ ଚନ୍ଦ୍ରଶେଖର ଆଜାଦ୍, ସୁଖଦେବ, ଦୁର୍ଗାଦେବୀ ଓ ଭଗତ ସିଂ ଆଦି ବିପ୍ଲବୀ ଯୋଗଦେଲେ । ୧୯୨୮ ଡିସେମ୍ବର ୨୭ ତାରିଖ ଦିନ ପଞ୍ଜାବ ସଚିବାଳୟ ସାମ୍ନାରେ ଯେ.ପି ସାଣ୍ଡର୍ସ ଓ ଜଣେ ଗୋରା କନେଷ୍ଟବଳଙ୍କୁ ହତ୍ୟା କରାଗଲା । ଏହାର ମୁଖ୍ୟନାୟକ ଥିଲେ ଭଗତ୍ ସିଂ । ରାଜଗୁରୁ, ସୁକଦେବ, ଦୁର୍ଗାଦେବୀ ଓ ଭଗତ୍ ସିଂ ଛଦ୍ମବେଶରେ ପୋଲିସ୍ ଆଖିରେ ଧୂଳିଦେଇ କଲିକତା ପଳାଇଗଲେ । ଖଟିଖିଆ ଶ୍ରମିକମାନଙ୍କ ବିରୁଦ୍ଧରେ ଏକ ବିଲ୍ ବିଧାନସଭାରେ ଆଗତହେଲା । ଏହାକୁ ବିରୋଧ କରି ଭଗତ୍ ସିଂ ବିପ୍ଲବୀ ବନ୍ଧୁମାନଙ୍କୁ ନେଇ ବିଧାନସଭାରେ ଦୁଇଟି ବୋମା ପକାଇଦେଲେ । ଗୋରାସାହେବମାନେ ଜୀବନ ବିକଳରେ ପଳାଇଗଲେ । ବିପ୍ଲବୀମାନଙ୍କ "ଇନ୍‌କିଲାବ ଜିନ୍ଦାବାଦ୍" ଧ୍ୱନିରେ ବିଧାନସଭା ପ୍ରକମ୍ପିତ ହେଲା । ଭଗତ୍ ସିଂ ଓ ଅନ୍ୟାନ୍ୟ ବିପ୍ଲବୀମାନେ ପୋଲିସ ହାତରେ ଧରାପଡି ଗିରଫ ହେଲେ । ଜେଲର ଚାରିକାନ୍ଥ ଭିତରେ ଭଗତ ସିଂଙ୍କ ଉପରେ ହେଲା ଅତ୍ୟାଚାର ।

ବନ୍ଦୀ ଜୀବନରେ ଭଗତ୍ ସିଂ ବହୁତ ବହି ପଢୁଥିଲେ । ୧୯୩୦ ମସିହାରେ ତିନି ବିପ୍ଲବୀ ବନ୍ଧୁ ସୁଖଦେବ ଓ ଶିବରାମ ସହିତ ଭଗତ୍ ସିଂଙ୍କୁ ଫାଶୀଦଣ୍ଡ ଆଦେଶହେଲା । ଫାଶୀଦଣ୍ଡ କଥା ଶୁଣି ଦେଶର ଲୋକମାନେ ଆନ୍ଦୋଳନ ଆରମ୍ଭ କରିଦେଲେ । ୧୯୩୧ ମସିହା ମାର୍ଚ୍ଚ ୩ ତାରିଖ ଦିନ ଭଗତ୍ ସିଂଙ୍କ ବାପାମାଆ ଓ ଅନ୍ୟମାନେ ଭଗତ୍ ସିଂଙ୍କୁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଦେଖାକଲେ । ଭଗତ୍ ସିଂ ତାଙ୍କ ମାଙ୍କୁ କହିଲେ "ଫାଶୀ ପରେ ମୋର ଶବକୁ ନେବା ପାଇଁ ଆସିବ ନାହିଁ । ଜଣେ ବିପ୍ଲବୀ ବୀରର ମାଆ ହିସାବରେ କାନ୍ଦିବ ନାହିଁ ।" ଏହା କହି ହସି ଉଠିଥିଲେ । ୧୯୩୧ ମସିହା ମାର୍ଚ୍ଚ ୨୩ ତାରିଖ ଦିନ ଭଗତ୍ ସିଂ, ସୁଖଦେବ, ରାଜଗୁରୁଙ୍କର ଥିଲା ଶେଷ ଦିନ । ଭଗତ୍ ସିଂ କହିଲେ, "ମାଜିଷ୍ଟ୍ରେଟ ସାହେବ । ଆଜି ଆପଣ ନିଜ ଆଖିରେ ଦେଖିବାକୁ ସୁଯୋଗ ପାଇଛନ୍ତି ବିପ୍ଲବୀ କିପରି ନିଜ ଆଦର୍ଶ ରକ୍ଷା କରୁଛି । ହସି ହସି ମୃତ୍ୟୁକୁ ଆଲିଙ୍ଗନ କରୁଛି" ଭଗତ୍ ସିଂ ସାଥିମାନଙ୍କ ସହ ଫାଶୀ ମଂଚ ଉପରକୁ ଉଠି ପଡିଲେ । ଫାଶୀ ଦଉଡିକୁ ଚୁମ୍ବନଦେଇ "ଇନକିଲାବ୍ ଜିନ୍ଦାବାଦ ସାମ୍ରାଜ୍ୟବାଦ ମୁର୍ଦ୍ଦାବାଦ ।" ଭଗତ୍ ସିଂ ଓ ଦୁଇ ବନ୍ଧୁ ନିଜ ବେକରେ ଫାଶୀ ଦଉଡି ଗଳେଇ ଦେଇ ଘାତକୁ କହିଲେ, "ଦୟାକରି ତୁମେ ଏ ଫାଶୀକୁ ଠିକ କରିଦିଅ ।" ସେଠାରେ ଥିବା ସମସ୍ତ ଗୋରାସାହେବ ଏହି ତିନି ବନ୍ଧୁଙ୍କର ସାହସ ଦେଖି କାନ୍ଦି ପକାଇଥିଲେ । ଭାରତମାତାର ଏହି ତିନି ବୀର ଦେଶ ମାତୃକାର ଚରଣ ତଳେ ଅର୍ପିତ ହୋଇଗଲେ ।

ତାଙ୍କର ଆଦର୍ଶ, ଦେଶପ୍ରେମ ଓ ଆତ୍ମବଳିର ପଟାନ୍ତର ନାହିଁ । ଭଗତ୍ ସିଂ ମରି ମଧ୍ୟ ଆଜି ଅମର, ଆଜି ଭାରତର ମାଟି, ପାଣି,ପବନରେ ତାଙ୍କର ବଳିଦାନର ଅପୂର୍ବଗାଥା ଗୁଞ୍ଜରିତ ହୋଉଛି ଓ ଭବିଷ୍ୟତରେ ହେଉଥିବ ।

ପାରାଦ୍ୱୀପଗଡ, କୁଜଙ୍ଗ, ଜଗତ୍ସିଂହପୁର

ମୋ-୯୯୩୭୬୬୯୧୪୭୫

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଆତଙ୍କବାଦୀଙ୍କ ସମୂହ ବିନାଶ ଅପରିହାର୍ଯ୍ୟ

ଆଶୁତୋଷ ନାୟକ



ଏକବିଂଶ ଶତାବ୍ଦୀରେ ଆତଙ୍କବାଦ ଏକ ଗମ୍ଭୀର ସମସ୍ୟା ଭାବେ ଦଣ୍ଡାୟମାନ । ବିଶ୍ୱବ୍ୟାପୀ ସମସ୍ୟା ଭାବେ ଏହା ଉଭା ହୋଇଛି । ଆନ୍ତଜାତୀୟ ଶାନ୍ତି ଏବଂ ନିରାପତ୍ତା ପାଇଁ ଏହା ମୁଖ୍ୟ ପ୍ରତିବନ୍ଧକ । ଆତଙ୍କବାଦୀଙ୍କ ମୁଖ୍ୟ ଲକ୍ଷ୍ୟ ନିଜର ସଂକୀର୍ଣ୍ଣ ସ୍ୱାର୍ଥ ହାସଲ ପାଇଁ ଧ୍ୱଂସର ତାଣ୍ଡବଲୀଳା ରଚିବା ଏବଂ ହିଂସା ମାଧ୍ୟମରେ ବର୍ବରତା ଓ ନିଷ୍ଠୁରତାର ସହ ନିରୀହ ମନୁଷ୍ୟକୁ ହତ୍ୟା କରିବା । ଆତଙ୍କବାଦୀ ମାନେ ସମଗ୍ର ମାନବ ଜାତି ପାଇଁ କଳଙ୍କ । ସେମାନଙ୍କ ପାଖରେ ମନୁଷ୍ୟତ୍ୱ ନଥାଏ । ଆତଙ୍କବାଦୀଙ୍କ ପାଖରେ କୌଣସି ମାନବୀୟ ଗୁଣ ନଥାଏ । ଦୟା, କ୍ଷମା, ସହନଶୀଳତା, ସାଧୁତା, ନମ୍ରତା, ଭଳି ମହନୀୟ ଗୁଣ ତାଙ୍କ ପାଖରେ ଆଶା କରିବା ସୈତାନର ବେଦ ପାଠ ସଦୃଶ । ଆତଙ୍କବାଦର ଫରାସୀ ଶବ୍ଦ "ଟେରୋରିଜମେ" ଯାହା ଲାଟିନ କ୍ରିୟା ଟେରେର୍‌ରୁ ଆସୁଅଛି । ଏହାର ଅର୍ଥ ଭୟ ଦେଖାଇବା । ଆତଙ୍କବାଦ ଏକ ପନ୍ଥା ଯାହାଦ୍ୱାରା ଏକ ସଂଗଠିତ ଗୋଷ୍ଠୀ ବା ଦଳ ନିଜର ଲକ୍ଷ୍ୟ ସାଧନ ପାଇଁ ହିଂସାର ପଦ୍ଧତି ଅବଲମ୍ବନ କରନ୍ତି । "ହାନସ ଯେ ମୋଙ୍ଗେଥାଉ" ମତରେ "ଖରାପ ଲୋକମାନେ ଯାହା କରନ୍ତି ତାହା ହେଉଛି ଆତଙ୍କବାଦ ।" ଜଣେ ଚୀନ ଦାର୍ଶନିକଙ୍କ ମତରେ ଆତଙ୍କବାଦର ମୁଖ୍ୟ ଲକ୍ଷ୍ୟ ହେଉଛି ଜଣକୁ ହତ୍ୟା କରି ଅନେକଙ୍କୁ ଭୟଭୀତ କରାଇବା ।

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଈଶ୍ୱରଙ୍କ ସୁନ୍ଦର ସୃଷ୍ଟିରେ ମନୁଷ୍ୟ ଶ୍ରେଷ୍ଠ ଜୀବ । ମାନବ ଜନ୍ମର ସାର୍ଥକତା ଥାଏ ସୁନ୍ଦର ସମାଜ ଗଠନରେ । ମାତ୍ର ଅନେକ ସମୟରେ ନିର୍ବୋଧ ସ୍ୱାର୍ଥପର ମାନବ ପରିବେଶ ଓ ପରିସ୍ଥିତିର ପ୍ରଭାବରେ ପାଶବିକ ଆଚରଣ କରିଥାଏ ଏବଂ ନିଜ ପ୍ରାଣରେ ଭରିଦିଏ ପଶୁତ୍ୱ । ଏହି ପଶୁତ୍ୱରୁ ଜନ୍ମ ହୁଏ ଆତଙ୍କବାଦ । ମନୁଷ୍ୟ ନିଜର ସଂକୀର୍ଣ୍ଣ ସ୍ୱାର୍ଥବାଦୀ ଅଭିଳାଷା ଚରିତାର୍ଥ କରିବା ନିମନ୍ତେ ବାଛିନିଏ ଆତଙ୍କର ପଥ, ଖେଳେ ରକ୍ତର ପୈଶାଚିକ ହୋଲି । ସେ କେବଳ ବୁଝେ ବନ୍ଧୁକ ଗୁଳିଗୋଳା ଓ ରକ୍ତର ପରିଭାଷା । ହିଂସା ହୁଏ ତାର ଅଳଙ୍କାର । ଏହି ଆତଙ୍କବାଦ ଭାରତବର୍ଷ ତଥା ସମଗ୍ର ବିଶ୍ୱର ଅନେକ ଦେଶକୁ କବଳିତ କରିଛି । ଏହିଭଳି ପରିସ୍ଥିତିକୁ ଲକ୍ଷ୍ୟ କରି କୁହାଯାଇଛି "ମାନବ ପିଶାଚ କରିଅଛି ଆଜି ଭାରତ ମା'କୁ ବନ୍ଦୀ କେତେ ନରହନ୍ତା କରନ୍ତି ତାଣ୍ଡବ ନେତ୍ରରେ ପୁଟୁଳୀ ବାନ୍ଧି ।" ମୁମ୍ବାଇର ୨୬/୧୧ ଆତ୍ମଘାତୀ ଆକ୍ରମଣରେ ୨୫୦ରୁ ଅଧିକ ନିରୀହ ବ୍ୟକ୍ତିଙ୍କ ଜୀବନ ପ୍ରଦୀପ ଲିଭିଯାଇଥିଲା । ଆମେରିକାର ବିଶ୍ୱବାଣିଜ୍ୟ କେନ୍ଦ୍ର ଉପରେ ୯/୧୧ରେ ଅପହୃତ ବିମାନକୁ ଧକ୍କା କରାଇବା ଫଳରେ ୩୦୦୦ରୁ ଅଧିକ ବ୍ୟକ୍ତି ଚିରନିଦ୍ରାରେ ଶୋଇଗଲେ । ଆମେରିକା ଏହାର ପ୍ରତିଶୋଧ ନେଇ ଉକ୍ତ ଆକ୍ରମଣର ମାଷ୍ଟରମାଇଣ୍ଡ କୁହାଯାଉଥିବା ଓସାମା ବିନ ଲାଡେନକୁ ମୃତ୍ୟୁର ସ୍ୱାଦ ଚଖାଇଥିଲେ । ମୁମ୍ବାଇ ଆକ୍ରମଣରେ ଧରାପଡିଥିବା ମୁଖ୍ୟ ଖଳନାୟକ କସାବକୁ ଭାରତ ସରକାର ଫାଶୀ ଖୁଣ୍ଟରେ ଝୁଲାଇ ଦେଇଥିଲେ ।

ପୁଲୱାମାରେ ହୋଇଥିବା ଆତ୍ମଘାତୀ ବିସ୍ଫୋରଣରେ ୪୦ରୁ ଉର୍ଦ୍ଧ ଆମ ଦେଶର ଲଢୁଆ ସାହସୀ ବୀର ଯବାନ ସହୀଦ ହୋଇଥିଲେ । ଏହାର ପ୍ରତିଶୋଧ ସ୍ୱରୂପ ଭାରତୀୟ ବାୟୁସେନା ଆତଙ୍କବାଦୀଙ୍କ ଉପରେ ସର୍ଜିକାଲ ଷ୍ଟ୍ରାଇକ କରି ୧୪୦କୋଟି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଭାରତୀୟଙ୍କ ଦୁଃଖ ଓ କ୍ରୋଧ ଜର୍ଜରିତ ହୃଦୟରେ ଆନନ୍ଦର ଲହରୀ ସୃଷ୍ଟି କରିଥିଲେ ।

"ସେଣ୍ଟର ଫୋ୍ର ରିସର୍ଚ୍ଚ ଷ୍ଟଡି" ପାକିସ୍ଥାନ ପକ୍ଷରୁ ଆସିଥିବା ରିପୋର୍ଟ ଅନୁସାରେ ଆତଙ୍କବାଦୀଙ୍କ ପୃଷ୍ଟପୋଷାକତା ଓ ହର୍ତ୍ତାକର୍ତ୍ତା ଦୈବ୍ୟବିଧାତା ସାଜିଥିବା ପାକିସ୍ଥାନରେ ଆତଙ୍କବାଦୀଙ୍କ ଆକ୍ରମଣ ଯୋଗୁଁ ୨୦୨୩ରେ ୭୦୦ରୁ ଊର୍ଦ୍ଧ ନିରୀହ ବ୍ୟକ୍ତିଙ୍କ ଜୀବନ ପ୍ରଦୀପ ଲିଭିଯାଇଛି । ଭାରତ ସରକାରଙ୍କ ତଥ୍ୟ ଅନୁସାରେ ୧୯୭୦ରୁ ୨୦୧୫ ମଧ୍ୟରେ ଭାରତରେ ୯୯୮୨ଟି ଆତଙ୍କବାଦୀ ହମଲା ହୋଇଥିଲା ବେଳେ, ୧୮,୮୪୨ରୁ ଊର୍ଦ୍ଧ ନିରୀହ ଜନତାଙ୍କ ମୃତ୍ୟୁ ହୋଇଥିଲା । ୨୦୧୬ ସେପ୍ଟେମ୍ବର ୧୮ରେ କାଶ୍ମୀରର ଉରୀରେ ସବୁଠୁ ଭୟାନକ ହମଲା ହୋଇଥିବା ବେଳେ ଆମ ଦେଶର ୧୯ଜଣ ସାହସୀ ବୀର ଯବାନ ସହୀଦ ହୋଇଥିଲେ । ୨୦୧୯ ଫେବୃଆରୀ ୧୪ରେ ବିଶ୍ୱ ଭାଲେଣ୍ଟାଇନସ ଦିବସ ପାଳୁଥିବା ବେଳେ ଆମ ଦେଶର ବୀର ଯବାନ ୪୨ଜଣ ସହୀଦ ହୋଇଥିଲେ । ଦୁର୍ଦାନ୍ତ ଆତଙ୍କବାଦୀ ସଂଗଠନ ହମାସ ୨୦୦୭ରେ ଆତଙ୍କୀ ଗତିବିଧି କାର୍ଯ୍ୟକଳାପ ଦ୍ୱାରା ନିଜର  ଉପସ୍ଥିତ ଜାହିର କରିଆସିଛି । ଗାଜା ଷ୍ଟ୍ରିପକୁ ନିଜ ନିୟନ୍ତ୍ରଣରେ ରଖିଥିବା ପାଲେଷ୍ଟାଇନ ଆତଙ୍କବାଦୀ ଗୋଷ୍ଠୀ ହମାସ ଏବେ ନିକଟରେ ଇସ୍ରାଏଲ ଉପରେ ଭୟଙ୍କର ଆକ୍ରମଣ କରିଛି । ସମଗ୍ର ବିଶ୍ୱରେ ଏଭଳି ଆତଙ୍କବାଦୀ ଆକ୍ରମଣ ପୂର୍ବରୁ କେବେ ଦୃଶ୍ୟମାନ ହୋଇନଥିଲା ।

ବିଶ୍ୱର ଦ୍ୱିତୀୟ ବୃହତ୍ତ ଆତଙ୍କବାଦୀ ଆକ୍ରମଣ ବୋଲି ଏହାକୁ ଦାବି କରାଯାଉଛି । ଏହି ଭୟଙ୍କର ଆତଙ୍କବାଦୀ ଆକ୍ରମଣ ପାଇଁ ୧୪୦୦ରୁ ଊର୍ଦ୍ଧ ନିରୀହ ଇସ୍ରାଏଲ ଜନତାଙ୍କ ଜୀବନ ପ୍ରଦୀପ ଲିଭିଯାଇଛି । ଏଥିରେ ଅନେକ ବ୍ୟକ୍ତି ପଙ୍ଗୁ ଏବଂ ଗୁରୁତର ଆହତ ହୋଇଛନ୍ତି । ଏହାସହିତ ଅନେକ କୋମଳମତି ଶିଶୁ ଅନାଥ ହୋଇଯାଇଛନ୍ତି । ଏହି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ବର୍ବରୋଚିତ ନରସଂହାର ପାଇଁ ହମାସ ନିଜକୁ ଦାୟୀ କରିଛି । ଏହି ହମାସ ଆତଙ୍କବାଦୀ ସଂଗଠନ ଏବେବି ୨୦୦ରୁ ଊର୍ଦ୍ଧ ନିରୀହ ଇସ୍ରାଏଲ ବ୍ୟକ୍ତିଙ୍କୁ ପଣବନ୍ଦୀ କରିରଖିଛି । ଇସ୍ରାଏଲ ଉପରକୁ ହଜାର ହଜାର ରକେଟ ମାଡ଼ ଏବଂ ପାଲଷ୍ଟାଇନ ଆତଙ୍କବାଦୀମାନେ ଇସ୍ରାଏଲରେ ଅନୁପ୍ରବେଶ କରି ବିଭତ୍ସ ସଂହାରଲୀଳା ଘଟାଇବା ଘଟଣା ଅତ୍ୟନ୍ତ ହୃଦୟ ବିଦାରକ ଏବଂ ଲୋମହର୍ଷଣକାରୀ । ଏହି ବର୍ବରୋଚିତ ନରସଂହାର ଆତଙ୍କବାଦୀ ସଂଗଠନ ହମାସ ୨୦ମିନିଟରେ ୫୦୦୦ ରକେଟ ମାଡ଼କରି ଇସ୍ରାଏଲରେ ଧ୍ୱଂସର ତାଣ୍ଡବଲୀଳା ଘଟାଇଥିଲେ । ଏହାକୁ ଶବ୍ଦରେ ପ୍ରକାଶ କରିବା ଅସମ୍ଭବ । ଇସ୍ରାଏଲ ପ୍ରଧାନମନ୍ତ୍ରୀ ଜନତାଙ୍କ ଉଦ୍ଦେଶ୍ୟରେ ଦେଇଥିବା ବାର୍ତ୍ତା ଅନୁସାରେ ପାଲେଷ୍ଟାଇନ ଆତଙ୍କବାଦୀ ଗୋଷ୍ଠୀ ହମାସର ମୂଳଉତ୍ପାଟନ କରିବାପାଇଁ ଏବଂ ସେଇ ଆତଙ୍କବାଦୀ ଗୋଷ୍ଠୀଙ୍କ ସମୂହ ବିନାଶ ପାଇଁ ଶପଥ ନେଇଛନ୍ତି । ଏହା ସହିତ ସେ କହିଛନ୍ତି ହମାସ ଆତଙ୍କବାଦୀ ମାନେ ଯୁଦ୍ଧ ଆରମ୍ଭ କରିଥିଲେ, ଆଉ ଯୁଦ୍ଧର ଅନ୍ତ ଇସ୍ରାଏଲ ସେନା କରିବ ଯାହାକୁ ସାରା ବିଶ୍ୱ ଦେଖିବ । ପାଲେଷ୍ଟାଇନ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ମନ୍ତବ୍ୟ ଅନୁସାରେ ଆଜି ପର୍ଯ୍ୟନ୍ତ ୪୪୬୯ ଜଣ ନିରୀହ ପାଲେଷ୍ଟାଇନ ଜନତାଙ୍କର ଜୀବନ ପ୍ରଦୀପ ଲିଭିଯାଇଛି ଏବଂ ୧୪୦୦ଜଣ ନିରୀହ ଇସ୍ରାଏଲ ଜନସାଧାରଣଙ୍କ ଅକାଳ ବିୟୋଗ ଘଟିଛି ଏହି ରକ୍ତାକ୍ତ ସଙ୍ଘର୍ଷ ହେବା ଦ୍ୱାରା । ଏଥିପାଇଁ ଏବେ ସମୟ ଆସିଛି ଜାତି, ଧର୍ମ, ବର୍ଣ୍ଣ, ନିର୍ବିଶେଷରେ ନିଜର ପୂର୍ବ ଶତ୍ରୁତା ଭୁଲି ବିଶ୍ୱର ସମସ୍ତ ରାଷ୍ଟ୍ର ଏହି ବିଜୟା ଦଶମୀରେ ଶପଥ ନିଅନ୍ତୁ ଯେପରିକି ସବୁ ଛୋଟ, ବଡ ଆତଙ୍କବାଦୀ ଗୋଷ୍ଠୀଙ୍କ ସମୂହ ବିନାଶ କରିବେ ।

ସାରା ବିଶ୍ୱରେ ଶାନ୍ତି ଓ ଏକତା ପାଇଁ ଆତଙ୍କବାଦୀ ମାନଙ୍କର ସମୂହ ବିନାଶ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅପରିହାର୍ଯ୍ୟ । ପାକିସ୍ଥାନ ଓ କାନାଡ଼ା ଭଳି କିଛି ରାଷ୍ଟ୍ର ନିଜର ରାଜନୈତିକ ସ୍ୱାର୍ଥ ପାଇଁ ଆତଙ୍କବାଦୀ ମାନଙ୍କୁ ନିଜ ଦେଶରେ ପ୍ରଶ୍ରୟ ଦେଉଛନ୍ତି । ଆତଙ୍କବାଦୀମାନଙ୍କୁ ନିଜ ଦେଶରେ ପ୍ରଶୟ ଦେବା ଅର୍ଥ ବିଷଧର ସର୍ପକୁ ଦଂଶନ ପାଇଁ ଆମନ୍ତ୍ରଣ କରିବା ସଦୃଶ । ଭସ୍ମାସୁର ପରି ପରିସ୍ଥିତି ସୃଷ୍ଟି ହେବ,  ରକ୍ଷା କରିବା ପାଇଁ କେହି ନଥିବେ । ସେଥିପାଇଁ ଆମ ଭାଗବତରେ କୁହାଯାଇଛି

"ଆପଣା ହସ୍ତେ ଜିହ୍ୱା ଛେଦି,

କେ ଅଛି ତାର ପ୍ରତିବାଦୀ "

ବିଶ୍ୱର ସମସ୍ତ ରାଷ୍ଟ୍ରଙ୍କ ମିଳିତ ଉଦ୍ୟମ ଓ ପ୍ରଚେଷ୍ଟା ବଳରେ ଆତଙ୍କବାଦୀଙ୍କ ସମୂହ ବିନାଶ ସମ୍ଭବ ହୋଇପାରିବ । ଏଥିରେ ସନ୍ଦେହର କୌଣସି ଅବକାଶ ନାହିଁ ।

ଗୋପାଳପୁର, ବାଲେଶ୍ୱର

ମୋବାଇଲ : ୭୦୨୦୬୧୧୩୦୦

Listen to Odia Podcast Original at https://youtube.com/@drjyotiprasad

Magazine Downloaded from https://www.aahwaan.com

# ବାସ୍ତବ ଉପଲବ୍ଧି

ଡଃ ଆର୍ଯ୍ୟକୁମାରୀ ପ୍ରଜ୍ଞା ପାରମିତା



ଅତି ନିଷ୍ଠୁର ଭାବନାଟିକୁ ଅତି ପାଖରୁ ଅନୁଭବ କଲାପରେ ଜୀବନର ଅଳିକତାକୁ ମର୍ମେ ମର୍ମେ ଉପଲବ୍ଧି କରିବାପରେ ଭେଣ୍ଟିଲେଟରରେ ପଡ଼ି ପଡ଼ି ମର ଶରୀରଟି ମଧ୍ୟରେ ଆତ୍ମାନୁଭୂତି ଗୁଡ଼ିକ ବିଗତ ଦିନରେ ଅତିକ୍ରାନ୍ତ କରିଥିବା ସମୟ ଗୁଡ଼ିକର ପାଦଚିହ୍ନକୁ ସ୍ମୃତିପଟଳର ଏ କଡ଼ରୁ ସେ କଡ଼କୁ କରି ଚାଲିଛି । ଲାଭକ୍ଷତିର ହିସାବ ତ କେବେ ରଖିନି ତଥାପି ନିଃସଙ୍ଗମୁହୂର୍ତ୍ତ ଗୁଡ଼ିକ ଦୁନିଆର ଫମ୍ପାପଣାକୁ ପ୍ରତି ସମୟରେ ଅନୁଭବ କରାଉଥିଲା । ଅକ୍ସିଜେନ୍ ପାଇପ୍ ଦ୍ୱାରା ନେଉଥିବା ପ୍ରତିଟି ନିଃଶ୍ୱାସ, ଶିରା ପ୍ରଶିରାରେ ନେଉଥିବା ସାଲାଇନର ସୋଡ଼ିୟମ୍ କ୍ଲୋରାଇଡ୍ ଆତ୍ମା ଓ ଶରୀରକୁ ବଞ୍ଚାଇ ରଖିବାର ପ୍ରାଣପଣେ ଚେଷ୍ଟା କରିଚାଲିଛି । ମୋର ଚତୁଃପାଶ୍ୱର୍ରେ ଥିବା ମଣିଷଗୁଡ଼ାକ ବିଷୟରେ ଚିନ୍ତା କରି ମସ୍ତିଷ୍କର ପ୍ରତିଟି ରକ୍ତକଣିକା ମୋର ସ୍ଥିତିକୁ ବଜାୟ ରଖିବାର କାକୁତି ମିନତି କରୁଥାଏ । ଚରମ ବ୍ୟର୍ଥତା ଓ ନୈରାଶ୍ୟ ଭିତରେ ଆତ୍ମପ୍ରତ୍ୟୟ ହରାଇ ମାନସିକ ଦ୍ୱନ୍ଦ୍ୱରେ ପଡ଼ି ଚିନ୍ତା କରୁଛି ମୃତ୍ୟୁର ପରଶ ଯଦି ଏତେ ଶୀତଳ ତା'ହେଲେ ଚତୁଃପାଶ୍ୱର୍ରେ କାହିଁକି ଲାଭାରୁ ଉଦ୍ଗୀରଣ ହେଉଥିବା ତତଲା ପବନ ନିଃଶ୍ୱାସ ବାଟେ ଯିବା ଆସିବା କରୁଛି । ଥାଇ ନ ଥିବାର, ପାଇ ନ ପାଇବାର ଦୋଦୁଲ୍ୟମାନ ସ୍ଥିତିରେ ଶରୀରଟି ଆପେ ଆପେ ପଙ୍ଗୁ ହେବାରେ ଲାଗିଛି ।

ହାସପାତାଳର ଚାରି କାନ୍ଥ, ଅହରହ ରୋଗୀଙ୍କ ଯିବା ଆସିବା ସେ ମଧ୍ୟରେ କିଛି ସଂସାର ତ୍ୟାଗ କରିବା ଭଳି ସ୍ଥିତିକୁ ଆଖିରେ ଦେଖି କାନରେ ଶୁଣି ଛାତି ଭିତରଟା କ'ଣ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହୋଇଯାଏ । କେଜାଣି କାହିଁକି ପ୍ରତିଦିନ ମାଗୁଥିବା ମୃତ୍ୟୁଟିକୁ ଆଜି ଅଳି କରୁଛି ମୋ ବାଟ କାଟି ଚାଲିଯିବା ପାଇଁ । ନଖାଇ ନପିଇ ଯୋଗୀ ଭଳି ଠିଆ ହୋଇଥିବା ମଣିଷଟି ଯେତେବେଳେ ଆସେ, ତାକୁ ଭେଟିଦେବା ପରେ ଯମ ଦୁଆରରୁ ଚାଲିଆସିବା ପାଇଁ ଆତ୍ମାଟା ଭାରି ଛଟପଟ ହୁଏ । ଜାଣିନି କ'ଣ ଚାଲିଛି ମୋ ଚତୁଃପାଶ୍ୱର୍ରେ । କିଏ ନା କିଏ ଆସି କିଛି ନା କିଛି ସଜାଡ଼ି ଦେଇ ଯାଏ । କେତେବେଳେ ଆଖିର ପତାଟି ଟେକିଦିଏ ତ କେତେବେଳେ ଶରୀରର ପ୍ରତିଟି ଅଙ୍ଗରେ ଲାଗିଥିବା ପାଇପ୍ ଟିକୁ ସଜାଇ ଦିଏ । ଭୀଷ୍ମ ପିତାମହଙ୍କ ନିଶ୍ଚଳ ଶରୀରଟି ଶରଶଯ୍ୟାରେ ଶୟନ କଲାପରି ଠିକ୍ ମୋ ଶରୀରଟି ପଡ଼ି ରହିଛି । ପ୍ରତିଦିନ ରାତ୍ରର ମଧ୍ୟମ ପ୍ରହରରେ ଶୂନ୍ୟତାକୁ ନେଇ ମନଟା ଛଟପଟ ହୋଇଯାଏ । ବିଷାଦ ଓ ବିକଳ ଭାବ ନାହିଁ ଏକମାତ୍ର ଧ୍ରୁବ ସତ୍ୟ ଭାବେ ଗ୍ରହଣ କରିଦିଏ । କିନ୍ତୁ ଯେ, ପ୍ରାତ୍ୟହିକ ଜୀବନର ନିତିଦିନିଆ ଅନୁଭୂତିର ଅତି ବାସ୍ତବ ଉପଲବ୍ଧି ଗୁଡ଼ିକ ଧୀରେ ଧୀରେ ବ୍ୟଥିତ ଜୀବନର ସମୁଦ୍ରରୂପୀ ବିଶାଳକାୟ ଯନ୍ତ୍ରଣାରେ ଖୁସିଗୁଡ଼ିକ ଝଡ଼ାଫୁଲ ପରି ମଉଳି ଯାଏ । କୃଷ୍ଣପକ୍ଷ, ଶୁକ୍ଳପକ୍ଷ ପୁଣି ପକ୍ଷ ପରେ ପକ୍ଷ ବିତିଯାଇଥିଲେ ମଧ୍ୟ ମୋ ଜୀବନରେ ଲାଗିଥିବା କାଳିମାଗୁଡ଼ିକ ସତେ ଯେମିତି ଢାଙ୍କି ହୋଇ ରହିଯାଇଛି । ମନରେ ଉଠୁଥିବା ପ୍ରତିଧ୍ୱନିଗୁଡ଼ିକ ଅପ୍ରାପ୍ତିର ବ୍ୟାକୁଳତାକୁ ପାର୍ଥିବ ଜଗତରେ ସ୍ୱଷ୍ଟ ପରିପ୍ରକାଶ କରିବାର ପଣ ନେଇଥିଲେ ମଧ୍ୟ ପାଟିରେ ଭାଷା ନଥିଲା ବ୍ୟକ୍ତ କରିବାକୁ । ମିଳୁଥିବା ଯନ୍ତ୍ରଣାଗୁଡ଼ିକୁ ଅଙ୍ଗେ ଅଙ୍ଗେ ଉପଲବ୍ଧି କଲାପରେ ଏତିକି ପ୍ରତୀୟମାନ ହେଉଥିଲା ଯେ ମୁଁ ଜୀବିତ, କିନ୍ତୁ ଯେ ଜୀବନର ଅପରିକଳ୍ପିତ ଅଭିଳାଷଗୁଡ଼ିକ ସାମ୍ନାକୁ ଆସି ଦେଖାଦେଇ ଚାଲିଗଲା ପରେ ଏ ଅର୍ଥହୀନ, ରଙ୍ଗହୀନ ଜୀବନର ପୁଣିଥରେ ଇଚ୍ଛାର ଜୁଆର ଗୁଡ଼ିକ ମାଡ଼ିଯାଏ । ନିରୁତ୍ସାହ ନିଷିଦ୍ଧ ପ୍ରତିକ୍ରିୟାହୀନ ଶରୀରଟି ମଧ୍ୟରେ ଥିବା ପ୍ରାଣଟି ସବୁଛାଡ଼ି ସଂସାର ପ୍ରତ୍ୟାଶୀ ହେବା ପାଇଁ ଦୀର୍ଘଶ୍ୱାସ ଘେନୁଥାଏ । ମନ ଉଦାସ ରହିବରା ଅଗଣିତ ବାହାନା ମଧ୍ୟରେ ଏଇ କିଛି ମୁହୂର୍ତ୍ତର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଶୀତଳତା ସନ୍ତାନ ପ୍ରାଣକୁ ଆନନ୍ଦ ପ୍ରଦାନ କରୁଥାଏ ।

ବାହାରର ଆକର୍ଷଣ ଭିତରର ବିକର୍ଷଣ ଜୀବନର ମୂଲ୍ୟବାନ ସମୟକୁ ତୁଚ୍ଛ କରି କଣ୍ଟକିତ ଶଯ୍ୟାରେ ନେଉଥିବା ପ୍ରତିଟି ନିଃଶ୍ୱାସ ଗଣୁଥିବା ଆୟୁଷର ଅହରହ ସଂଗ୍ରାମ ଉଦାସୀନତାର ଶୀର୍ଷକୁ ନେଇ ପୁଣିଥରେ ମପାଚୁପା ସଂସାରର ଦୁର୍ଦ୍ଦଷା ମଧ୍ୟରେ ମାନବିକ ଦୁର୍ବଳତାଗୁଡ଼ିକ ହିସାବ ନିକାଶ କଲାବେଳକୁ ସମୟର ଅନ୍ଧାରୀ ମୂଲକରେ ଖସି ପଡୁଥାଏ ନୀରବତା ମଧ୍ୟରେ ଗୁଞ୍ଜରି ଉଠୁଥିବା ପ୍ରେମ, ଦୁଃଖ, ଖୁସି, ଅସହାୟତା ଓ ସର୍ବୋପରି ବିତାଇଥିବା ଅନ୍ତରଙ୍ଗତା ସତେ ଯେମିତିକି ସ୍ଥିତିକୁ ପରଖି ନେଇ ଅସହାୟ ଦୁଇ ଚକ୍ଷୁ ମଧ୍ୟରେ ଜୀବନ ମଧ୍ୟାହ୍ନର ପ୍ରଖରତାକୁ ହିସାବ କରୁଥାଏ ସ୍ମୃତିର ତୁଳପାତ୍ର ଧରି । ଉତ୍ତୀର୍ଣ୍ଣ ବାସ୍ତବତା ଗୋଡ଼ର ବେଡ଼ି କଡ଼ି ଖୋଲି ଏକ ନୂଆ ରୂପରେ ଜୀବନର ମୂଲ୍ୟବୋଧକୁ ଆହ୍ୱାନ କରିଚାଲିଥାଏ । ନିରୀହ ମନଟି ମଧ୍ୟରେ ଥିବା ଅସୁମାରୀ ଆଶା ଓ କରିଥିବା ଅତୀତର ନିର୍ବୋଧତା, ବିନିମୟରେ ତୃଷାର୍ତ୍ତ ଓଠରେ ଆଶା ଜଡ଼ିତ ହୋଇ ଶୂନ୍ୟ ହସ୍ତକୁ ଯୋଡ଼ି ଚାଲିଛି  ସମର୍ପଣ ମନୋଭାବ ନେଇ; ସହସ୍ରାର ଠାରୁ ମୂଳାଧାର ପର୍ଯ୍ୟନ୍ତ ପ୍ରତିଟି ଚକ୍ରକୁ ସନ୍ତୁଳନ ରକ୍ଷା କରି ଆଗତ ସମୟର ପ୍ରତିଟି ସ୍ଥିତିକୁ ଆୟତ୍ତ କରିବା ପାଇଁ । କୁହାଯାଏ ସବୁଠାରୁ ଘନ ଅନ୍ଧକାର ସୂର୍ଯ୍ୟୋଦୟ ପୂର୍ବରୁ ହୋଇଥାଏ ; କେବଳ ମାତ୍ର ଉଜ୍ଜ୍ୱଳତାର ହାତ ଧରି ଏକ ନୂତନ ସକାଳର ଅପେକ୍ଷାକୁ ନେଇ ।

ଡକ୍ଟର ଆର୍ଯ୍ୟ କୁମାରୀ ପ୍ରଜ୍ଞା ପାରମିତା, ଅଧ୍ୟାପିକା
କେଶପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କେଶପୁର, ଗଂଜାମ
smartrupa2012@gmail.com

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଅନ୍ତରାଷ୍ଟ୍ରୀୟ ବୃଦ୍ଧଜନ ଦିବସ

ସଞ୍ଜୀବ କୁମାର ଦାସ



ଅକ୍ଟୋବର ୧ ତାରିଖକୁ ପ୍ରତ୍ୟେକ ବର୍ଷ ଅନ୍ତରାଷ୍ଟ୍ରୀୟ ବୃଦ୍ଧଜନ ଦିବସ ରୂପେ ପାଳନ କରାଯାଉଛି । ୨୦୨୪ରେ ଏହା ୩୪ ବର୍ଷରେ ପଦାର୍ପଣ କରିଛି । ଜାତିସଂଘର ୪୫/୧୦୬ ସଂକଳ୍ପ ଭିତ୍ତିରେ ୧୯୯୧ ମସିହାରେ ପ୍ରଥମେ ଏହି ଦିବସ ପାଳିତ ହୋଇଥିଲା । ଦିବସ ପାଳନର ଉଦ୍ଦେଶ୍ୟ ଥିଲା ବୟସ୍କ ବ୍ୟକ୍ତିଙ୍କ ପାଇଁ ଯତ୍ନ ଏବଂ ସେମାନଙ୍କୁ ସବୁ ସ୍ତରରେ ସମର୍ଥନ କରିବାକୁ ବିଶେଷ ପ୍ରାବଧାନ ଏବଂ ସେହି ସମର୍ଥନ ପ୍ରଣାଳୀକୁ ଅଧିକ ମଜବୁତ କରିବା ।

ଅବଶ୍ୟ ଏହା ପୂର୍ବରୁ ଭିଏନା ଇଣ୍ଟେରନେଶନାଲ ପ୍ଲାନ ଅଫ ଆକ୍ସନ ଅନ ଏଜିଙ୍ଗ ଭଳି ପଦକ୍ଷେପ ନିଆଯାଇଥିଲା ଯାହା ୧୯୮୨ରେ ୱାର୍ଲଡ ଆସେମ୍ବ୍ଲି ଅନ ଏଜିଙ୍ଗ ଦ୍ୱାରା ସ୍ୱୀକୃତି ଲାଭ କରି ସଂଯୁକ୍ତ ରାଷ୍ଟ୍ର ମହାସଭା (ୟୁନାଇଟେଡ଼ ନେସନସ)ର ସମର୍ଥନ ହାସଲ କରିଥିଲା ।

ଏହି ପାଳନ ବାର୍ଦ୍ଧକ୍ୟ ସଂଗଠନ ଏବଂ ବାର୍ଦ୍ଧକ୍ୟ ଉପରେ ମିଳିତ ଜାତିସଂଘର କାର୍ଯ୍ୟକ୍ରମର ଅନ୍ୟତମ କେନ୍ଦ୍ରବିନ୍ଦୁ ଭାବେ ପରିଗଣିତ । ଏକ ପରିସଂଖ୍ୟାନ ଅନୁସାରେ ବୟସ୍କ ବ୍ୟକ୍ତିଙ୍କ ସଂଖ୍ୟା (୬୫ ବର୍ଷ କିମ୍ବା ତଦୁର୍ଦ୍ଧ୍ୱ ବୟସ୍କ ଭାବରେ ପରିଭାଷିତ) ୧୯୮୦ ରେ ପ୍ରାୟ ୨୬୦ ନିୟୁତରୁ ୨୦୨୧ରେ ୭୬୧ ନିୟୁତକୁ ବୃଦ୍ଧି ପାଇଛି । ୨୦୨୧ ରୁ ୨୦୫୦ ମଧ୍ୟରେ ବୟସ୍କ ଜନସଂଖ୍ୟା ସାରା ବିଶ୍ୱରେ ୧୦%ରୁ ପ୍ରାୟ ୧୭% ବୃଦ୍ଧି ହେବ ବୋଲି ଆକଳନ କରାଯାଇଛି ।

ତେଣୁ ଉଲ୍ଲିଖିତ ବୟସ୍କ ବୟସରେ ପହଞ୍ଚୁଥିବା ଲୋକଙ୍କ ସଂଖ୍ୟାରେ ଦ୍ରୁତ ଅଭିବୃଦ୍ଧି

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କାରଣରୁ ସେମାନଙ୍କ ସ୍ୱାସ୍ଥ୍ୟର ଯତ୍ନ, ରୋଗର ପ୍ରତିରୋଧ ଏବଂ ସମଗ୍ର ଜୀବନସାରା ରୋଗର ଚିକିତ୍ସା କରିବାର ମହତ୍ତ୍ୱ ବଢିଯିବା ସ୍ୱାଭାବିକ ।

ସଂଯୁକ୍ତ ରାଷ୍ଟ୍ର ମହାସଭାର ଆଭିମୁଖ୍ୟ ଏ ସମ୍ବନ୍ଧରେ ସମ୍ପୂର୍ଣ୍ଣ ସ୍ୱଷ୍ଟ । ବର୍ତ୍ତମାନ ସ୍ଥିତିରେ ମହାସଭାର ପର୍ଯ୍ୟବେକ୍ଷଣ କହେ, "ଅଧୁନା ବୟସ୍କଙ୍କ ସଂଖ୍ୟାବୃଦ୍ଧି ବିଶ୍ୱରେ ଏକ ପ୍ରମୁଖ ଧାରା ଭାବେ ପରିଲକ୍ଷିତ । ଜନ୍ମ ସମୟରେ ଆୟୁଷ ବର୍ତ୍ତମାନ ବିଶ୍ୱରର ଅଧା ଦେଶରେ ୭୫  ବର୍ଷରୁ ଅଧିକ, ଯାହା ୧୯୫୦ ତୁଳନାରେ ୨୫ ବର୍ଷ ଅଧିକ । ୨୦୩୦ ସୁଦ୍ଧା ବୟସ୍କ ବ୍ୟକ୍ତିମାନେ ସମଗ୍ର ପୃଥିବୀର ଯୁବକମାନଙ୍କ ତୁଳନାରେ ଅଧିକ ହେବେ ବୋଲି ଆକଳନ କରାଯାଇଛି ଏବଂ ବିଶେଷକରି ବିକାଶଶୀଳ ଦେଶମାନଙ୍କରେ ଏହି ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଇବ । ଅତଏବ ଏହି ଜନସାଂଖ୍ୟିକ ପରିବର୍ତ୍ତନ ଯତ୍ନପ୍ରଦାନ ପରିଦୃଶ୍ୟକୁ ଯଥେଷ୍ଟ ପରିବର୍ତ୍ତନ କରିଛି । ତେଣୁ ଆନୁଷ୍ଠାନିକ ଏବଂ ଅଣ ଆନୁଷ୍ଠାନିକ ବ୍ୟବସ୍ଥାରେ ଉଭୟ ଦେୟଯୁକ୍ତ ଏବଂ ଅନାଦାୟ ସହାୟତା ପାଇଁ ବିଭିନ୍ନ ପ୍ରକାରର ଆବଶ୍ୟକତାକୁ ଅନ୍ତର୍ଭୁକ୍ତ କରାଯାଇପାରିଛି । ଏହି ବର୍ଗର ଜନସଂଖ୍ୟା ବୃଦ୍ଧି ସହିତ ବ୍ୟାପକ ସ୍ୱାସ୍ଥ୍ୟ ସେବା, ଯତ୍ନ ନେବା ପ୍ରକ୍ରିୟା ଏବଂ ସାମାଜିକ ସହାୟତା ସେବାର ଚାହିଦା ଯଥେଷ୍ଟ ବୃଦ୍ଧି ପାଇଛି, ବିଶେଷକରି ଡିମେନ୍‌ସିଆ ବା ମନୋଭ୍ରଂଶ ଭଳି ଅବସ୍ଥା ଥିବା ବୟସ୍କ ବ୍ୟକ୍ତିଙ୍କ ପାଇଁ ।"

ସମାଜରେ କ୍ରମବର୍ଦ୍ଧିଷ୍ଣୁ ବୃଦ୍ଧ ବ୍ୟକ୍ତିବିଶେଷଙ୍କ ସଂଖ୍ୟା ବୃଦ୍ଧି ପ୍ରେକ୍ଷାପଟରେ ସେମାନଙ୍କୁ ସହଯୋଗ କରିବା ଏକାନ୍ତ ଆବଶ୍ୟକ । ଯେଉଁମାନଙ୍କର କାର୍ଯ୍ୟକ୍ଷମ କ୍ଷମତା ଅଛି ସେମାନଙ୍କୁ ମାର୍ଗଦର୍ଶନ କରିବାର ଅଛି । ଅତ୍ୟାବଶ୍ୟକ କାର୍ଯ୍ୟ କରିବା ଏବଂ ଦୈନନ୍ଦିନ କାର୍ଯ୍ୟକଳାପରେ ଅଂଶଗ୍ରହଣ କରିବାର କ୍ଷମତା କେବଳ ଜଣେ ବ୍ୟକ୍ତିର ଅନ୍ତର୍ନିହିତ କ୍ଷମତା ଦ୍ୱାରା ନୁହେଁ ବରଂ ସେମାନେ ରହୁଥିବା ସାମାଜିକ ଏବଂ ଶାରୀରିକ ପରିବେଶ ଦ୍ୱାରା ମଧ୍ୟ ପ୍ରଭାବିତ ହୋଇଥାଏ । ବୃଦ୍ଧ ବ୍ୟକ୍ତିମାନଙ୍କୁ ସେମାନଙ୍କର

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କାର୍ଯ୍ୟକଳାପ ସ୍ତର ଏବଂ ସ୍ୱାଧୀନତା ବଜାୟ ରଖିବାରେ ସାହାଯ୍ୟ କରିବାର ସହାୟକ ପରିବେଶ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ସେମାନଙ୍କ ଅତୀତରେ ସାମାଜିକ ପ୍ରତିବଦ୍ଧତାକୁ ସମ୍ମାନଦେଇ ବର୍ତ୍ତମାନର ସମାଜ ତାଙ୍କୁ ନ୍ୟାଯ୍ୟ ପ୍ରାପ୍ୟ ଦେବା ସମୀଚିନ ମନେ ହୁଏ ।

ଦିବସ ପାଳନ ପୂର୍ବ ବର୍ଷ ମାନଙ୍କରେ ବାର୍ଷିକ ବିଷୟବସ୍ତୁ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଧ୍ୟାନ କେନ୍ଦ୍ରିତ କରି ଆସିଛି । ସେଗୁଡିକ ହେଲା, ସବୁ ବୟସର ବ୍ୟକ୍ତିପାଇଁ ସମାଜ, ଏକ ଇଣ୍ଟରଜେନେରେସନ୍ ସୋସାଇଟିରେ ବୟସ୍କ ବ୍ୟକ୍ତି, ନୂତନ ସହସ୍ର ବର୍ଷରେ ବାର୍ଦ୍ଧକ୍ୟ, ବୟସ୍କ ବ୍ୟକ୍ତିଙ୍କ ଜୀବନର ଗୁଣରେ ଉନ୍ନତି, ବାର୍ଦ୍ଧକ୍ୟର ଆହ୍ୱାନ ଏବଂ ସୁଯୋଗକୁ ସମାଧାନ କରିବା, ବୟସ୍କ ବ୍ୟକ୍ତିଙ୍କ ଅଧିକାର, ଦୀର୍ଘାୟୁ: ଭବିଷ୍ୟତକୁ ଆକୃଷ୍ଟ କରିବା, ଆମେ ଚାହୁଁଥିବା ଭବିଷ୍ୟତ: ବୃଦ୍ଧ ବ୍ୟକ୍ତିମାନେ କ'ଣ କହୁଛନ୍ତି, ସହରୀ ପରିବେଶରେ ସ୍ଥିରତା ଏବଂ ବୟସ ଅନ୍ତର୍ଭୂକ୍ତତା, ଭବିଷ୍ୟତରେ ପାଦ ଦେବା: ସମାଜରେ ବୟସ୍କ ବ୍ୟକ୍ତିଙ୍କ ପ୍ରତିଭା, ଅବଦାନ ଏବଂ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା, ବୟସ ସମାନତା ଯାତ୍ରା, ମହାମାରୀ: ସେମାନେ ବୟସ ଏବଂ ବାର୍ଦ୍ଧକ୍ୟକୁ କିପରି ସାମନା କରନ୍ତି, ସମସ୍ତଙ୍କ ପାଇଁ ଡିଜିଟାଲ୍ ଇକ୍ୱିଟି, ଏକ ପରିବର୍ତ୍ତନଶୀଳ ଦୁନିଆରେ ବୟସ୍କ ବ୍ୟକ୍ତିଙ୍କ ସ୍ଥିରତା, ବୟସ୍କ ବ୍ୟକ୍ତିଙ୍କ ପାଇଁ ମାନବିକ ଅଧିକାରର ବୈଶ୍ୱିକ ଘୋଷଣାର ପ୍ରତିଶୃତି ପୂରଣ କରିବା ଇତ୍ୟାଦି ।

ଉପରୋକ୍ତ ବହୁବିଧ ଆହ୍ୱାନ ଏବଂ ସୁଯୋଗକୁ ସ୍ୱୀକୃତି ଦେଇ ମିଳିତ ଜାତିସଂଘର ଆନ୍ତର୍ଜାତୀୟ ବୟସ୍କ ଦିବସ ୨୦୨୪ ର ୩୪ ତମ ସଂସ୍କରଣର ବାର୍ତ୍ତା ରହିଛି "ସମ୍ମାନ ସହିତ ବୃଦ୍ଧାବସ୍ଥା : ବିଶ୍ୱବ୍ୟାପୀ ବୟସ୍କ ବ୍ୟକ୍ତିଙ୍କ ପାଇଁ ଯତ୍ନ ଏବଂ ସହାୟତା ପ୍ରଣାଳୀକୁ ମଜବୁତ କରିବା" ।

କେତେକାଂଶରେ ଏହି ବର୍ଗର ଅନେକ ବ୍ୟକ୍ତି ଆର୍ଥିକ ଅନାଟନ ମଧ୍ୟରେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

କାଳାତିପାତ କରୁଥିବାବେଳେ କେତେକ ସୁରକ୍ଷା ଅବହେଳାରୁ ହିଂସା ଏବଂ ମୃତ୍ୟୁର ଶିକାର ହେଉଛନ୍ତି । ସମାଜର ଏହି ନାଗରିକ ଗୋଷ୍ଠୀଙ୍କୁ ସମ୍ମାନ ସହିତ ବଂଚିବାକୁ ଦିଆଯିବା ସମସ୍ତଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱ । କେନ୍ଦ୍ର ଓ ରାଜ୍ୟ ସରକାର ଅନେକ ପଦକ୍ଷେପ ନେଉଛନ୍ତି ,ଯାହା ସ୍ୱାଗତଯୋଗ୍ୟ । ତେବେ ପ୍ରଶ୍ନ ଉଠେ ,ଏହା ପର୍ଯ୍ୟାପ୍ତ କି ! ଏହି ପରିପ୍ରେକ୍ଷୀରେ ଗୋଟିଏ କଥା କହିବା ପ୍ରୟୋଜନ ଯେ ସେମାନଙ୍କ ଅତୀତରେ ସାମାଜିକ ପ୍ରତିବଦ୍ଧତାକୁ ସମ୍ମାନଦେଇ ବର୍ତ୍ତମାନର ସମାଜ ତାଙ୍କୁ ନ୍ୟାଯ୍ୟ ପ୍ରାପ୍ୟ ଦେବା ସମୀଚିନ ହେବ ।

ସଞ୍ଜୀବ କୁମାର ଦାସ

ମର୍କତ ନଗର

କଟକ -୭୫୩୦୧୪

୬୩୭୬୧୬୧୯୦୦୫

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ଅନେକ ସମସ୍ୟାର ସମାଧାନ : ଗାନ୍ଧୀ ବିଚାର

ପ୍ରଭାସ କୁମାର ମହାପାତ୍ର



ଗାନ୍ଧୀ ଏକ ବ୍ୟକ୍ତି ନୁହଁନ୍ତି, ଏକ ବିଚାର । ମଣିଷ ଦୈନନ୍ଦିନ ଜୀବନରେ ଅନେକ ସମସ୍ୟାଦେଇ ଗତି କରେ ଆଉ ତାର ସମାଧାନର ବାଟ ମଧ୍ୟ ଖୋଜିବୁଲେ । ମାତ୍ର ସମସ୍ୟାର କାରଣ ଅତଃପ୍ରତ ଭାବରେ ସେ ନିଜେ ଜମାରୁ ବୁଝିବାକୁ ଚେଷ୍ଟା କରେ ନାହିଁ । ଗୋଟିଏ ସୁସ୍ଥ ସମାଜ ଗଠନ କରିବାପାଇଁ ଗାନ୍ଧୀଙ୍କ ବିଚାର ନିହାତି ଆବଶ୍ୟକ । ଗାନ୍ଧିଜୀଙ୍କ ତିନି ମାଙ୍କଡକୁ ଦେଖିଲେ ଅନେକ ସମସ୍ୟାର ସମାଧାନ ମିଳିଯାଏ । ଆଉ ନିଜ ଜୀବନରେ ପାଳନ କଲେ ଅନେକ ସମସ୍ୟା ପାଖକୁ ଆସେ ନାହିଁ । ଯେମିତି କି ଖରାପ କଥା ଶୁଣ ନାହିଁ, ଖରାପ କଥା କୁହ ନାହିଁ, ଖରାପ କଥା ଦେଖ ନାହିଁ । ଆମେ କାହାଠାରୁ ଖରାପ କଥା ନଶୁଣିବା ଦ୍ୱାରା ଆମେ କାହା ବିରୁଦ୍ଧରେ ଖରାପ କଥା କହି ନଥାଉ କି କାହା ପ୍ରତି ଖରାପ ଭାବନା ଆସିନଥାଏ । ଖରାପ ଜିନିଷ ନ ଦେଖିବା ଦ୍ୱାରା ଆମ ମଧ୍ୟରେ ଖରାପ ଚିନ୍ତାଧାରା ଆସିନଥାଏ । ଯାହା ଫଳରେ ଆମେ ନା କାହା ବିରୁଦ୍ଧରେ ଖରାପ ଭାବିଥାଉ ନା ଚିନ୍ତା କରିଥାଉ । ନା କାହାର କିଛି ଖରାପ କରିଥାଉ ନା ଆମର କିଏ ଖରାପ କରେ । ଗାନ୍ଧୀଜୀଙ୍କ ଏକାଦଶ ବ୍ରତ ମଣିଷ ଜୀବନ ପାଇଁ ନିତ୍ୟାନ୍ତ ଆବଶ୍ୟକ । ଅହିଂସା, ସତ୍ୟ, ଅସ୍ତେୟ, ବ୍ରହ୍ମଚର୍ଯ୍ୟ, ଅସଂଗ୍ରହ, ଶରୀର ଶ୍ରମ, ଅସ୍ୱାଦ, ସର୍ବତ୍ର ଭୟବର୍ଜନ, ସର୍ବଧର୍ମ ସମାନତ୍ୱ, ସ୍ୱଦେଶୀ, ସ୍ପର୍ଶଭାବନା । (ଅହିଂସା)ର ଅର୍ଥ ହେଲା ହିଂସା ନକରିବା । ସତ୍ୟ ହିଁ ଈଶ୍ୱର ଅଟନ୍ତି ଆଉ ଈଶ୍ୱରଙ୍କୁ ସାକ୍ଷାତ କରିବାର ଗୋଟିଏ ମାଧ୍ୟମ ହେଲା ଅହିଂସା । ଆଉ ଅହିଂସାକୁ ଛାଡିଦେଲ ସତ୍ୟକୁ ଖୋଜିବା ଅସମ୍ଭବ । ମନ, ବଚନ ଓ କର୍ମରେ କୌଣସି ପ୍ରାଣୀ ପ୍ରତି ହିଂସା ନ କରିବା । ସେ ମଣିଷ ହେଉ ଅବା

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପଶୁ । କାରଣ ସଂସାରରେ ଯେତେବି ଜୀବ ଅଛନ୍ତି ତାହା ଈଶ୍ୱରଙ୍କ ସ୍ୱରୂପ ଅଟନ୍ତି । ଏହା ହିଁ ଅହିଂସାର ମୂଳ ଉଦେଶ୍ୟ । ଅହିଂସାର ସକ୍ରିୟ ଭାଗ ପ୍ରେମ ଅଟେ, ପ୍ରେମର ନିୟମ ଅନୁସାରେ ସବୁଠୁ ଛୋଟ କୀଟ ଠୁ ନେଇ ସବୁଠୁ ବଡ଼ ମନୁଷ୍ୟ ପର୍ଯ୍ୟନ୍ତ ସବୁ ଜୀବ ପ୍ରତି ସମାନ ଭାବ ରଖିବା ଆବଶ୍ୟକ । ଯାହା ଦ୍ୱାରା ହିଂସା ଦୂର ହୋଇ ପ୍ରେମର ବିକାଶ ହୋଇ ପାରିବ । ଉଦାହରଣ - ଯେମିତିକି ଜଣେ ଆମକୁ ହିଂସା କରୁଛି ଯଦି ଆମେ ତାକୁ ହିଂସା କରିବା ତେବେ ହିଂସା ବୃଦ୍ଧି ପାଇବ ଯାହା ଫଳରେ ହିଂସା ବଢ଼ି ଦୁଇ ବ୍ୟକ୍ତି ତଥା ସମାଜର ଅନେକ କ୍ଷତି ହେବ । ଯଦି ଆମେ ହିଂସା ଜାଗାରେ ଅହିଂସାକୁ ଆପଣେଇବା ପ୍ରେମ ଭାବ ପୋଷଣ କରିବା ତେବେ ହିଂସା ଭାବ ଦୂର ହୋଇଛି ଅହିଂସା ସ୍ଥାପନ ହୋଇ ପାରିବ । (ସତ୍ୟ)ହିଁ ଈଶ୍ୱର ଆଉ ସତ୍ୟ ହିଁ ପରମେଶ୍ୱର ଅଟନ୍ତି । ସତ୍ୟ ବିଚାର, ସତ୍ୟ ବାଣୀ, ସତ୍ୟ କର୍ମ ଏଇ ସବୁ ଈଶ୍ୱରଙ୍କ ଅଙ୍ଗ ଅଟନ୍ତି । ଯେଉଁଠି ସତ୍ୟ ଅଛି ସେଇଠି ଶୁଦ୍ଧ ଜ୍ଞାନ ଅଛି । ଆଉ ତାହା ହିଁ ଆନନ୍ଦ ହୋଇପାରେ । ସତ୍ୟ ଯାହା ମଣିଷର ମନରେ ଅଛି ତାହା ବାଣୀରେ ପ୍ରକାଶ ହେବା ଆବଶ୍ୟକ । କାରଣ ସତ୍ୟ ହିଁ ଈଶ୍ୱର ଏକ ମାତ୍ର ସତ୍ୟ । ସତ୍ୟ ଦ୍ୱାରା ମିଥ୍ୟାକୁ ଦୂରେଇ ଦିଆଯାଇ ପାରିବ । ଉଦାହରଣ - ସତ କେବେ ଲୁଚି ରହେନି, ଆମେ ଗୋଟିଏ ସତ କଥାକୁ ଲୁଚେଇବାକୁ ଯାଇ ହଜାରେ ମିଛ କଥା କହି ମାତ୍ର ତାହା ଦିନେ ନା ଦିନେ ସତ ଧାରା ପଡ଼ିଥାଏ ଏବଂ ଏ ସମାଜ ଆଗରେ ଅପମାନିତ ହେବାକୁ ପଡିଥାଏ । ତେଣୁ ସର୍ବଦା ସତ୍ୟ କହିବା ଆବଶ୍ୟକ । (ଅସ୍ତେୟ) ଚୋରୀ ନ କରିବା ଯେଉଁ ବସ୍ତୁ ଉପରେ ଆପଣଙ୍କ ଅଧିକାର ନାହିଁ, ସେହି ବସ୍ତୁର ଉପଯୋଗ ନ କରିବା । ଅର୍ଥାତ ଯାହା ଆମର ନୁହେଁ ତାକୁ ଆମେ ବ୍ୟବହାର କଲେ ଚୋରୀ ସହିତ ସମାନ । ଅନ୍ୟର ଜିନିଷକୁ ତାର ପରାମର୍ଶ ବିନା ନେବା ଚୋରୀ ସହିତ ସମାନ ଅଟେ । ଉଦାହରଣ - ଆପଣ ଆପଣଙ୍କ ସାଙ୍ଗର କଲମଟିକୁ ତା ବିନା ପରାମର୍ଶରେ ନେଲେ ଯାହା ଚୋରୀ ସହିତ ସମାନ ଏବଂ ଯଦି ସେ ଆସି ଆପଣଙ୍କୁ ଅପମାନିତ କରେ ତେବେ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ଅପମାନିତ ହେବାର ମଧ୍ୟ ସମ୍ଭାବନା ରହିଛି ତେଣୁ ଅନ୍ୟ ଜିନିଷକୁ ତୁଚ୍ଛ ମନେ କରିବା ଆବଶ୍ୟକ । (ବ୍ରହ୍ମଚର୍ଯ୍ୟ) ବୀର୍ଯ୍ୟ ରକ୍ଷା କରିବା । ନିଜର ଇନ୍ଦ୍ରିୟକୁ ବଶରେ ରଖିବା । କାମ ଭାବନାଠାରୁ ଦୂରେଇ ରହିବା । ଉଦାହରଣ - ଆପଣ ଯଦି ବୀର୍ଯ୍ୟ ରକ୍ଷା କରୁଛନ୍ତି । କାମନା ବାସନା ଠାରୁ ଦୂରେଇ ରହୁଛନ୍ତି ତେବେ ଆପଣଙ୍କ ଶାରୀରିକ ବିକାଶ ହେବା ସହିତ ଆପଣଙ୍କୁ ଫୁର୍ତ୍ତି ଲାଗିବ । ଶରୀର ସୁନ୍ଦରତା ବୃଦ୍ଧି ପାଇବ । ଆପଣ ଶକ୍ତିମାନ ହୋଇ ପାରିବେ । (ଅସଂଗ୍ରହ) ନିଜର ଜରୁରୀ ଠାରୁ ଅଧିକ ସଂଚୟ ନ କରିବା । ଅର୍ଥାତ ନିଜର ଆବଶ୍ୟକ ଠାରୁ ଅଧିକ ଜିନିଷ ସଂଚୟ ଦୁଃଖର କାରଣ ଅଟେ । ଉଦାହରଣ - ଆପଣ ଗୋଟିଏ ଜାଗାକୁ ବୁଲିବାକୁ ଯାଉଛନ୍ତି ସାଙ୍ଗରେ ଯେତିକି ନିତ୍ୟାନ୍ତ ଆବଶ୍ୟକ ଜିନିଷ ଦରକାର ସେତିକି ନ ନେଇ ଅନାବଶ୍ୟକ ଜିନିଷକୁ ନେଇଛନ୍ତି ଯାହା ଫଳରେ ଆପଣଙ୍କ ଯାତ୍ରାଟି କଷ୍ଟଦାୟକ ହେବ କାରଣ ଆପଣ ସେ ଜିନିଷକୁ ବୋହି ବୋହି ଥକି ଯିବେ ବୁଲିବେ କେତେବେଳେ । କିମ୍ବା ଚୋରୀ ହେବାର ଭୟ ଆପଣଙ୍କ ପାଖରେ ଥିବ । ତେଣୁ ଆବଶ୍ୟକ ଠାରୁ ଅଧିକ ସଂଚୟ ଅନାବଶ୍ୟକ । (ଶରୀର ଶ୍ରମ) ଅର୍ଥାତ ଶାରୀରିକ ଶ୍ରମ କରିବା । ଯେଉଁ ମଣିଷ କାମ କରିବା ପାଇଁ ଉପଯୁକ୍ତ ସେ ସ୍ତ୍ରୀ ହେଉ ଅବା ପୁରୁଷ ନିଜ କାମ ନିଜେ କରିବା ଆବଶ୍ୟକ । ବିନା କାରଣରେ ଅନ୍ୟଠାରୁ ସେବା ଗ୍ରହଣ କରିବା ଅନାବଶ୍ୟ । ଉଦାହରଣ - ଆପଣ ଆପଣଙ୍କ ପୋଷାକ ସଫା ନିଜେ କରି ପାରିବେ ମାତ୍ର ପୋଷାକ ସଫା କରିବାପାଇଁ ଆପଣ ଆପଣଙ୍କ ପରିବାରର ସଦସ୍ୟଙ୍କ ଉପରେ ନିର୍ଭର କରିବେ, ଯଦି କେହି ନକଲେ ନିଜେ ହଇରାଣ ହେବେ । ତେଣୁ ନିଜ କାମ ନିଜେ କରିଦେଲେ ଆଉ କେହି କଷ୍ଟ ପାଇବେନି ବରଂ ସହଜ ହୋଇଯିବ । ସେଥିପାଇଁ ତ ଗାନ୍ଧୀ କୁଟି ଖାଅ କାଟି ପିନ୍ଧର ଡାକରା ଦେଇଥିଲେ । (ଅସ୍ୱାଦ) ନିଜ ଜିହ୍ୱା ଉପରେ ନିୟନ୍ତ୍ରଣ ରଖିବା ଅର୍ଥାତ ଅତି ସ୍ୱାଦିଷ୍ଟ ଭୋଜନଠୁ ଦୂରେଇ ରହିବା । ସର୍ବତ୍ର ଭୟ ବର୍ଜନ, ସବୁଠାରେ ଭୟ ବର୍ଜନ କରିବା ଆବଶ୍ୟକ । ଭୋଜନ କେବଳ ଶରୀର ପୋଷଣ ପାଇଁ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ହେବା ଆବଶ୍ୟକ ସ୍ୱାଦ କିମ୍ବା ଭୋଗ ପାଇଁ ନୁହେଁ । ଭୋଜନ ସେତିକି ଗ୍ରହଣ କରିବା ଆବଶ୍ୟକ ଯେତିକି ଆପଣଙ୍କ ଶରୀର ପୋଷଣ ପାଇଁ ଆବଶ୍ୟକ । ଔଷଧ ଖାଇବା ଭଳି ଖାଦ୍ୟ ଏଠାରେ ନ ଖାଇବା ଆବଶ୍ୟକ । ଉଦାହରଣ - ଆବଶ୍ୟକ ତା ଠାରୁ ଅଧିକ ଖାଦ୍ୟ ଓ ଅନୁପଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ଶରୀରରେ ଚର୍ବି ବୃଦ୍ଧି ପାଇବା ସହିତ ବିଭିନ୍ନ ପ୍ରକାରର ରୋଗ ଗ୍ରାସ କରିଥାଏ । ଯାହା ଫଳରେ ମଣିଷ ଖାଦ୍ୟ ବଦଳରେ ଔଷଧକୁ ଖାଦ୍ୟ ଭଳି ଗ୍ରହଣ କରିଥାଏ । ତେଣୁ ଆବଶ୍ୟକ ଅନୁସାରେ ଖାଦ୍ୟ ଖାଇବା ଆବଶ୍ୟକ ଯେମିତି ଆପଣଙ୍କୁ ଔଷଧ ଖାଇବାକୁ ପଡ଼ିବନି । (ସର୍ବ ଧର୍ମ ସମାନତ୍ୱ)ସବୁ ଧର୍ମ ପ୍ରତି ସମାନ ସଂମ୍ମାନ ରହିବା ଆବଶ୍ୟକ । ଏହା ଏକ ଆଧ୍ୟାତ୍ମିକ ଅନ୍ତରଦୃଷ୍ଟି ଅଟେ । ସବୁ ଧର୍ମ ମାନନ୍ତି ଈଶ୍ୱର ହିଁ ସତ୍ୟ ଅଟନ୍ତି । ଆମକୁ ଶାନ୍ତିରେ ରହିବା ଆବଶ୍ୟକ । ମାନବ ଧର୍ମ ଶ୍ରେଷ୍ଠ ଧର୍ମ ଅଟେ । ଆମକୁ ଭାଇଚାରା ସହିତ ରହିବା ଆବଶ୍ୟକ । କାରଣ ସବୁ ଧର୍ମ ଶାନ୍ତି, ପ୍ରେମ, ଭାଇଚାରାର ବାର୍ତ୍ତା ଦେଇଥାନ୍ତି । ଉଦାହରଣ - ଯଦି ଆମେ ଏଇ ହିନ୍ଦୁ, ସିଏ ମୁସଲିମ, ଇଏ ଶିଖ, ସିଏ ଜୈନ ଏମିତି କହି ବୁଲିବୁ ଏବଂ ନିଜ ନିଜର ଦୋଷ ତ୍ରୁଟିକୁ ଦେଖି ଚାଲିବୁ ତେବେ ହଣାକଟା ଛଡା ଆଉ କିଛି ହେବ ନାହିଁ ଯଦି ଆମେ ପରସ୍ପର ଭାଇଚାରା ସହିତ ସ୍ନେହ, ଶ୍ରଦ୍ଧା, ପ୍ରେମ, ଭଲ ପାଇବାର ସହକାରେ ପରସ୍ପରର ସୁଖରେ ଦୁଃଖରେ ଛିଡା ହେବା । ପରସ୍ପର ନିଜ ଦୋଷ ତ୍ରୁଟିକୁ ସଂଶୋଧନ କରିଦେବା ତେବେ ହିଂସା ବଦଳରେ ଭାଇଚାରା ସ୍ଥାପନ ହେଇ ପାରିବ । ଏବଂ ଆମେ ଯେତିକି ଦିନ ପାଇଁ ପୃଥିବୀ କୁ ଆସିଛୁ ଶାନ୍ତିରେ ରହି ପାରିବୁ । (ସ୍ୱଦେଶୀ) ନିଜ ଦେଶ ନିଜ ଅଂଚଳରେ ତିଆରି ହେଇଥିବା ଜିନିଷକୁ କିଣିବା ଆବଶ୍ୟକ ଯାହା ଦ୍ୱାରା ନିଜ ଅଂଚଳର ବ୍ୟବସାୟୀ ଙ୍କର ଆର୍ଥିକ ବିକାଶ ହେବା ସହିତ ଦେଶର ବିକାଶ ହୋଇପାରିବ । ସେଥିପାଇଁ ତ ଗାନ୍ଧିଜୀ ଖୋଦୀ ଚରଖାକୁ ଆପଣେ ଡାକ ଦେଇଥିଲେ କୁଟୀ ଖାଅ କାଟି ପିନ୍ଧ । ଅର୍ଥାତ ନିଜେ ଚାଷ କରି ଧାନକୁ କୁଟୀ ଚାଉଳରୁ ଭାତ ଖାଅ ଓ ନିଜେ ସୂତା କାଟି ପୋଷାକ

Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

ପିନ୍ଧିବାକୁ କହୁଥିଲେ । ଠିକ ସେହିପରି ଏବେ ମଧ୍ୟ ସେହି ନିୟମ ମଣିଷ ଆପଣେଇବା ଆବଶ୍ୟକ । (ସ୍ୱର୍ଶଭାବନା)ଅସ୍ପୃଶ୍ୟତା ଦୂରୀକରଣ ଅର୍ଥାତ ଛୁଆଁ, ଅଛୁଆଁ ଭେଦଭାବ ଦୂର ହେବା ଆବଶ୍ୟକ । କାରଣ ସବୁ ମଣିଷ ଜୀବିତ ଅଛନ୍ତି । ସମସ୍ତଙ୍କ ରକ୍ତ ସମାନ ଅଟେ ତେଣୁ କୌଣସି ଉଚ୍ଚ, ନୀଚ ଭାବନା ନ ହେବା ଆବଶ୍ୟକ । ଉଦାହରଣ - ଯଦି ଜଣେ ମଣିଷ ଆଉ ଜଣେ ମଣିଷକୁ ନେଇ ଜାତି, ଧର୍ମ, ବର୍ଣ୍ଣକୁ ନେଇ ନୀଚା ଦେଖେଇବ ତେବେ ଜୀବନଟା କଟିଯିବ ପଛେ । ସମାଜର ଉନ୍ନତି ହେଇ ପାରିବ ନାହିଁ ଉଚ୍ଚ, ନୀଚ ଭାବନା ହେବା ଦ୍ୱାରା କେବଳ କଳହ ସୃଷ୍ଟି ହେବ ତା ଛଡା ମାନବ ସମାଜ ଆଗକୁ ଯାଇ ପାରିବ ନାହିଁ । ତେଣୁ ଛୁଆଁ ଛୁତି ଠାରୁ ଦୂରରେ ରହି ମାନବତାର ପରିଚୟ ଦିଅନ୍ତୁ । ଗାନ୍ଧୀଜୀଙ୍କ ଏହି ଏକାଦଶ ବ୍ରତକୁ ପାଳନ କଲେ ସମାଜରୁ ଅନେକ ସମସ୍ୟା ଦୂର ହେବା ସହିତ ମଣିଷ ମଧ୍ୟ ଆଗକୁ ଯାଇ ପାରିବ । ଏମିତି ଗାନ୍ଧିଜୀଙ୍କ ଅନେକ ବିଚାର ରହିଛି ଯାହା ସମାଜ ପାଇଁ ନିତ୍ୟାନ୍ତ ଆବଶ୍ୟକ । ବାସ୍ତବରେ ଗାନ୍ଧିଜୀଙ୍କ ଏ ସମାଜ ପାଇଁ ଅବଦାନ ଅତୁଳନୀୟ । ସେ ସର୍ବଦା ପ୍ରାତଃ ସ୍ମରଣୀୟ, ପୂଜନୀୟ, ବନ୍ଦନୀୟ ହୋଇ ରହିବେ ।

ପ୍ରଭାସ କୁମାର ମହାପାତ୍ର

ମୟୁରଭଞ୍ଜ, ଓଡିଶା

ଦୂରଭାଷ -୯୮୬୧୬୦୮୩୦

Listen to Odia Podcast Original at https://youtube.com/@drjyotiprasad

**Search for Odia e-Patrika or e-Magazine and you will find Aahwaan e-Patrika at the top of the Search Page. We are indeed at Number 1 in Google Search because we deliver every month without fail. Join our Group and Publish your articles.**

Google

odia e patrika

All Videos Images Shopping News ⋮ More Tools

Aahwaan e-Patrika
https://www.aahwaan.com · Translate this page

Aahwaan e-Patrika : ଓଡ଼ିଆ ଇ-ପତ୍ରିକା, ଇ ...

Aahwaan **e-Patrika** : **e-Patrika**, **Patrika**, Magazine, Online Magazine in **Odia**, First | aahwaan.com.

ସଂଗ୍ରହାଳୟ
Aahwaan e-Patrika : e-Patrika, Patrika, Magazine, Online ...

Google

odia e magazine

All Images Videos Shopping News ⋮ More Tools

Aahwaan e-Patrika
https://www.aahwaan.com · Translate this page

Aahwaan e-Patrika : ଓଡ଼ିଆ ଇ-ପତ୍ରିକା, ଇ ...

Aahwaan **e**-Patrika : **e**-Patrika, Patrika, **Magazine**, Online **Magazine** in **Odia**, First | aahwaan.com.

ସଂଗ୍ରହାଳୟ · ମତାମତ · ଆହ୍ୱାନ ଇ-ପତ୍ରିକା ସହାୟତା ପୃଷ୍ଠା · ସମ୍ପାଦକ




PODCAST

**Bhagabata Geeta Katha**

Available on Spotify and 4 other platforms >
8 episodes

Share Profile page

**Podcast overview**

| Plays | Audience size | Spotify followers |
|---|---|---|
| 20,750 | 40 | 624 |
| All-time | Last 7 days | |

**Latest episode**

Plays
1,924
ଓଡ଼ିଆ ଭାଗବତ ଗୀତା ବ୍ୟାଖ୍ୟା :...



Listen to Odia Podcast Original at https://youtube.com/@drjyotiprasad

 Magazine Downloaded from https://www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାରେ ନିଜ ଲେଖା ପ୍ରକାଶିତ କରିବାକୁ ଇଚ୍ଛୁକ ବନ୍ଧୁମାନେ, ନିଜ ଲେଖାକୁ ଓଡ଼ିଆ ଭାଷାରେ କମ୍ପ୍ୟୁଟର (ଆକୃତି / ଶ୍ରୀଲିପି / ଆଇଲିପ୍ / ଅପ୍ରାନ୍ତ) କିମ୍ବା ମୋବାଇଲରେ ଟାଇପ୍ କରି ଆମ ଇମେଲ୍ ଠିକଣାରେ ପଠାଇ ପାରିବେ । ଛବି, ହାତଲେଖା କିମ୍ବା ଅତ୍ୟଧିକ ବ୍ୟାକରଣତ୍ରୁଟି ଥିବା ଲେଖାକୁ ଗ୍ରହଣ କରାଯିବ ନାହିଁ ।

**ମୋବାଇଲ୍ କିମ୍ବା ହ୍ୱାଟ୍ସଆପ୍ ଦ୍ୱାରା ଲେଖା ପଠାନ୍ତୁ ନାହିଁ ।**

ପ୍ରତ୍ୟେକ ମାସରେ କେବଳ ଗୋଟିଏ ହିଁ ଲେଖା ପଠାଇବେ । ଏକାଧିକ ଲେଖା ପଠାଇଲେ, ଶେଷରେ ପ୍ରାପ୍ତ ହୋଇଥିବା ଲେଖାକୁ ପ୍ରକାଶିତ ପାଇଁ ନିର୍ବାଚିତ କରାଯିବ । ଧାରାବାହିକ ଲେଖା ପ୍ରକାଶନ ହେତୁ ସମସ୍ତ ଭାଗକୁ ଅଲଗା ଅଲଗା ଫାଇଲରେ ଟାଇପ୍ କରି ଏକାସଙ୍ଗେ ପଠାଇବେ । ହାତ ଲେଖା କିମ୍ବା ସ୍କାନ୍ ହୋଇଥିବା କିମ୍ବା ପିଡ଼ିଏଫ୍ ଫର୍ମାଟରେ ଥିବା ଲେଖାକୁ ଗ୍ରହଣ କରାଯିବ ନାହିଁ । ପ୍ରତ୍ୟେକ ସଂସ୍କରଣ ନିମନ୍ତେ ମାସର ତିନି ତାରିଖ ସୁଦ୍ଧା ଲେଖା ପଠାଇବେ ଏବଂ ପତ୍ରିକା ପ୍ରକାଶିତ ହେବାପରେ ଆମ ୱେବ୍ସାଇଟରୁ ସଂଗ୍ରହ କରି ପାରିବେ । ଲେଖା ସହ ନିଜର ଛବି ଏବଂ ଠିକଣା ଲେଖି ପଠାଇବେ । ପ୍ରତ୍ୟେକ ଥର ନୂଆ ଛବି ପଠାଇବା ଆବଶ୍ୟକ ନାହିଁ । ପତ୍ରିକା ପ୍ରକାଶିତ ହୋଇଥିବା ଖବର ତୁରନ୍ତ ପାଇବା ପାଇଁ ଆମର ହ୍ୱାଟସଆପ୍ ଗ୍ରୁପ୍ ଯୋଗ ଦିଅନ୍ତୁ । ସହାୟତା ପାଇଁ ଆମ ହ୍ୱାଟ୍ସଆପ୍ ନମ୍ବର ୯୦୪୦୯୮୫୪୭୩ରେ ଯୋଗାଯୋଗ କରି ପାରିବେ ।

**ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।**

ଆମ ଇମେଲ୍ ଠିକଣା :

**aahwaan@gmail.com**

Listen to Odia Podcast Original at https://youtube.com/@drjyotiprasad